# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଫେବୃୟାରୀ ୯/୨୦୨୦ (୨୦ ପୃଷ୍ଠା+ଛୁଟିଦିନ) Sambalpur, Sunday, February 9 / 2020 ★★

୧୬ଶ ଭାଗ ୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**‘ଶିକାରା’ଦେଖି କାନ୍ଦି ପକାଇଲେ ଆଡ଼ଭାନୀ**

କଶ୍ମୀର ପଣ୍ଡିତଙ୍କ କାହାଣୀକୁ ନେଇ ତିଆରି ହୋଇଥିବା ବଲିଉଡ୍ ଫିଲ୍ମ ‘ଶିକାରା’ ଦେଖି ବରିଷ୍ଠ ଭାଜପା ନେତା ଲାଲ୍ କୃଷ୍ଣ ଆଡ଼ଭାନୀ ସିନେମା ହଲ୍‌ରେ କାନ୍ଦି ପକାଇଥିଲେ।

୧୩

୧୮

**ମନ୍ଧାନାଙ୍କ ଅର୍ଦ୍ଧଶତକ**

ମହିଳା ଟି୨୦ ତ୍ରିରାଷ୍ଟ୍ରୀୟ ସିରିଜ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚରେ ଭାରତର ସ୍ମୃତି ମନ୍ଧାନା ଅର୍ଦ୍ଧଶତକ ହାସଲ କରିଛନ୍ତି।



# ବିଶ୍ୱ ଚାମ୍ପିୟନକୁ ହରାଇଲା ଭାରତ




ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି)

ବର୍ଷା, ପ୍ରତିକୂଳ ପାଗ, ପ୍ରତିଦ୍ୱନ୍ଦ୍ୱୀ ବିଶ୍ୱର ନମ୍ବରୱାନ ତଥା ବିଶ୍ୱ ଚାମ୍ପିୟନ ବେଲଜିୟମ ଥିଲେ ହେଁ ଚଳିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଭାରତୀୟ ହକି ଦଳର ଜୟ ଯାତ୍ରା ଅବ୍ୟାହତ ରହିଛି। ଶନିବାର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଷାଭିଜା ମ୍ୟାଚରେ ଭାରତ ରେଡ୍ ଲାୟନ୍ସ ବେଲଜିୟମକୁ ୨-୧ ଗୋଲରେ ପରାସ୍ତ କରିଛି। ଚମତ୍କାର ପ୍ରଦର୍ଶନ ପାଇଁ ଭାରତ ଗୋଲକିପର କ୍ରିଷ୍ଣନ ବାହାଦୁର ପାଠକ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନ୍ତର୍ଜାତୀୟ ହକି ଫେଡେରେଶନ(ଏଫଆଇଏଚ୍) ସଭାପତି ନରିନ୍ଦର ବାତ୍ରା ଅତିଥିଭାବେ ଯୋଗଦେଇ ମ୍ୟାଚର ଶୁଭାରମ୍ଭ କରିଥିଲେ ଏବଂ ଶେଷରେ ପୁରସ୍କାର ପ୍ରଦାନ କରିଥିଲେ। ପ୍ରକାଶ ଯୋଗ୍ୟ ଯେ, ଗତ ଜାନୁୟାରୀରେ ନେଦରଲାଣ୍ଡକୁ ହରାଇ ଅଭିଯାନ ଆରମ୍ଭ କରିଥିଲା ଭାରତ। ଅନ୍ୟ ପକ୍ଷରେ ଗତ ୨ ମୁକାବିଲାରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ହରାଇଥିବା ବେଲଜିୟମର ବିଜୟରେ ପ୍ରଥମଥର ପାଇଁ ବ୍ରେକ୍ ଲଗାଇଛି ମନପ୍ରୀତ ସିଂ ବାହିନୀ। ଦୁଇ ଦଳ ମଧ୍ୟରେ ଦ୍ୱିତୀୟ ମ୍ୟାଚ ରବିବାର କଳିଙ୍ଗରେ ଅନୁଷ୍ଠିତ ହେବ।

ଝିପିଝିପି ବର୍ଷା ସତ୍ତ୍ୱେ ଘରୋଇ ପରିବେଶ ଏବଂ ଦର୍ଶକ ସମର୍ଥନରେ ଉତ୍ସାହୀ ପ୍ରଦର୍ଶନ କରିଥିଲା ଭାରତ। ଦ୍ୱିତୀୟ ମିନିଟରେ ମନଦୀପ ସିଂ ଏକ ଫିଲ୍ଡ ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିଲେ। ଏହାପରେ ପ୍ରତ୍ୟାବର୍ତ୍ତନ କରିବାକୁ ଆକ୍ରମଣକୁ ଜୋରଦାର କରିଥିଲା ବେଲଜିୟମ। ପ୍ରଥମାର୍ଦ୍ଧର ଅଧିକାଂଶ ସମୟ ବଲ୍ ଭାରତ ହାଫ୍‌ରେ ରଖି ସୁଯୋଗ ସୃଷ୍ଟି ପାଇଁ ଉଦ୍ୟମ କରିଥିଲା ଏହି ଦଳ। ମାତ୍ର ଭାରତର ଦୁଇ ଗୋଲକିପର ପି.ଆର. ଶ୍ରୀଜେଶ ଓ ପାଠକ ଚମତ୍କାର ସେଭ୍ କରି ପ୍ରତିପକ୍ଷ ଦଳକୁ ଲକ୍ଷ୍ୟ ପଥରେ ଆଗେଇବାରେ ପ୍ରତିବନ୍ଧକ ସାଜିଥିଲେ। ୪ର୍ଥ ମିନିଟରେ କ୍ରମାଗତ ୪ଟି ☞ପୃଷ୍ଠା-୪

**ଗୋଲ ସ୍କୋରର**

ମନଦୀପ ସିଂ (ଭାରତ): ୨ୟ ମିନିଟ

ଗାଥିର ବୋକାର୍ଡ (ବେଲଜିୟମ): ୩୩ତମ ମିନିଟ

ରମଣଦୀପ ସିଂ (ଭାରତ): ୪୭ତମ ମିନିଟ

# ପୁଣି କେଜ୍‌ରିୱାଲ ସରକାର



ନୂଆଦିଲ୍ଲୀ,୮।୨

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପୁଣିଥରେ କ୍ଷମତାସୀନ ହେବେ। ତାଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ୪୯ ଆସନ ଦଖଲ କରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ଦିଲ୍ଲୀ ଦରବାରକୁ ପୁଣି ଅକ୍ତିଆର କରିବ। ଭାଜପାକୁ ୨୦ ଆସନରେ ସଫଳତା ମିଳିବାକୁ ଥିବାବେଳେ କଂଗ୍ରେସ କେବଳ ଖାତା ଖୋଲିବାରେ ସକ୍ଷମ ହୋଇପାରେ ବୋଲି ଅଧିକାଂଶ ଜନମତ ସଂଗ୍ରହକାରୀ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ଶନିବାର ସନ୍ଧ୍ୟାରେ ଭବିଷ୍ୟବାଣୀ କରାଯାଇଛି।

ଦିଲ୍ଲୀ ବିଧାନସଭାର ୭୦ ଆସନରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ଭୋଟ ସରିବା ଯାଏ ଏକ୍‌ଜିଟ୍ ପୋଲ୍ (ବୁଥ୍ ଫେରନ୍ତା ମତ) ଆକଳନ ପ୍ରକାଶ ନ କରିବା ପାଇଁ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଉପରେ ନିର୍ବାଚନ କମିଶନ (ଇସି)ଙ୍କ ପକ୍ଷରୁ କଟକଣା ଜାରି କରାଯାଇଥିଲା। ଭୋଟଗ୍ରହଣ ଶେଷ ହେବା ପରେ ବିଭିନ୍ନ ଜନମତ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ସମ୍ଭାବ୍ୟ ଆସନ ସଂଖ୍ୟା ଆକଳନ କରାଯାଇଛି । ସନ୍ଧ୍ୟା ୬ଟା ୩୦ରେ ପ୍ରକାଶିତ ଆକଳନ ଅନୁସାରେ ଶାସକ ଏଏପି ଏଥର ମଧ୍ୟ କ୍ଷମତା ଦଖଲ କରିବ। କିନ୍ତୁ ପୂର୍ବାପେକ୍ଷା ୨୦୨୦ ବିଧାନସଭା ନିର୍ବାଚନରେ କେଜ୍‌ରିୱାଲଙ୍କ ଦଳ ଦୁର୍ବଳ ହେବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ୍ ସଂସ୍ଥା ଅନୁମାନ କରିଛନ୍ତି। ସଂଖ୍ୟାଗରିଷ୍ଠତା ପାଇଁ ୩୬ ଆସନ ଆବଶ୍ୟକ ଥିବାବେଳେ ଏଏପି ୪୮ରୁ ୬୧ ନିର୍ବାଚନମଣ୍ଡଳୀରେ ସଫଳତା ପାଇବ ବୋଲି ରିପବ୍ଲିକ୍-ଜନ୍ କୀ ବାତ୍ ପକ୍ଷରୁ ଆକଳନ କରାଯାଇଛି। ଏହି ସଂସ୍ଥା ଅନୁସାରେ ଭାଜପା ୯-୨୧ ଏବଂ କଂଗ୍ରେସ ୦-୧ ପାଇବେ। ନ୍ୟୁଜ୍ ଏକ୍ସ-ପୋଲ୍‌ଷ୍ଟାର୍ଟର ଆକଳନ ହେଉଛି ଏଏପି ହାତରେ ୫୦-୫୬ ଓ ଭାଜପାକୁ ୧୦-୧୪ ଆସନ ମିଳିବ। ସୁଦର୍ଶନ ନ୍ୟୁଜ୍‌ର ରିପୋର୍ଟ ଅନୁସାରେ ଏଏପି ୪୦ରୁ ୪୫ ଆସନ ଦଖଲ କରିବ। ଭାଜପା ୨୪-୨୮ ଏବଂ କଂଗ୍ରେସ ୨-୩ ଆସନରେ ସଫଳତା ପାଇବେ। ଟାଇମ୍ସ ନାଓ-ଆଇପିଏସ୍‌ଓଏସ୍ ଏବଂ ଇଣ୍ଡିଆ ଟିଭି ସମାନ ଭବିଷ୍ୟବାଣୀ କରିଛନ୍ତି। ଏହି ଦୁଇ ସଂସ୍ଥା ଅନୁଯାୟୀ ଏଏପିକୁ ୪୪ ଓ ଭାଜପାକୁ ୨୬ ଆସନ ମିଳିବ। ଟିଭି ୯ ଭାରତବର୍ଷ-ସିସେରୋ ପକ୍ଷରୁ କରାଯାଇଥିବା ସର୍ଭେରେ ଏଏପିକୁ ସର୍ବାଧିକ ୫୪ ଆସନ ମିଳିବା ନେଇ ଅନୁମାନ କରାଯାଇଛି। ଭାଜପା ୧୫ ଆସନରେ ସନ୍ତୁଷ୍ଟ ହେବ ଓ କଂଗ୍ରେସ ମାତ୍ର ଗୋଟିଏ ସିଟ୍ ଦଖଲ କରି ସମ୍ମାନ ବଞ୍ଚାଇବ ବୋଲି ଏହାର ରିପୋର୍ଟରେ ଦର୍ଶାଯାଇଛି। ଇଣ୍ଡିଆ ନ୍ୟୁଜ୍-ନେତାର ଅଙ୍କକଷା ହେଲା ଏଏପି ୫୩ରୁ ୫୭ ଏବଂ ଭାଜପା ୧୧ରୁ ୧୭ ଆସନ ଅକ୍ତିଆର କରିବାରେ ସକ୍ଷମ ହେବେ। କଂଗ୍ରେସକୁ ଗୋଟିଏ ହେଲେ ଆସନ ମିଳି ନ ପାରେ। ଯଦି ମିଳିବ ଏହି ଦଳ ସର୍ବାଧିକ ୨ ଆସନରେ ସୀମିତ ରହିବ।

ଅନ୍ୟପକ୍ଷରେ ନ୍ୟୁଜ୍ ଏଜେନ୍ସି ଆଇଏଏନ୍ଏସ୍ ଏବଂ ସିଭୋଟର ପକ୍ଷରୁ ମିଳିତ ☞ପୃଷ୍ଠା-୪



**ଦିଲ୍ଲୀ ବିଧାନସଭା**

ଆସନ ସଂଖ୍ୟା: ୭୦

କୁହୁକ ସଂଖ୍ୟା: ୩୬

| ସର୍ବେକ୍ଷଣ ସଂସ୍ଥା | AAP | ଭାଜପା | କଂଗ୍ରେସ |
|---|---|---|---|
| ରିପବ୍ଲିକ୍-ଜନ୍ କୀ ବାତ୍ | ୪୮-୬୧ | ୯-୨୧ | ୦-୧ |
| ନ୍ୟୁଜ୍ ଏକ୍ସ-ପୋଲ୍‌ଷ୍ଟାର୍ଟ | ୫୦-୫୬ | ୧୦-୧୪ | ୦ |
| ସୁଦର୍ଶନ ନ୍ୟୁଜ୍ | ୪୦-୪୫ | ୨୪-୨୮ | ୨-୩ |
| ଟାଇମ୍ସ ନାଓ-ଆଇପିଏସ୍‌ଓଏସ୍ | ୪୪ | ୨୬ | ୦ |
| ଇଣ୍ଡିଆ ଟିଭି | ୪୪ | ୨୬ | ୦ |
| ଟିଭି ୯ ଭାରତବର୍ଷ-ସିସେରୋ | ୫୪ | ୧୫ | ୧ |
| ଇଣ୍ଡିଆ ନ୍ୟୁଜ୍-ନେତା | ୫୩-୫୭ | ୧୧-୧୭ | ୦-୨ |
| ପୋଲ୍ ଅଫ୍ ଦି ଏକ୍‌ଜିଟ୍ ପୋଲ୍ସ | ୪୯(-୧୮) | ୨୦(+୧୭) | ୧(+୧) |

**ଏକ୍‌ଜିଟ୍ ପୋଲ୍ ଭବିଷ୍ୟବାଣୀ**

- ଏଏପି ୪୯ ଆସନ ଦଖଲ କରି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବ, କିନ୍ତୁ ପୂର୍ବାପେକ୍ଷା ସ୍ଥିତି ଦୁର୍ବଳ ହେବ
- ଭାଜପା ୨୦ ଆସନରେ ସଫଳତା ସହ ୧୭ ସିଟ୍ ଲାଭବାନ ହେବ
- କଂଗ୍ରେସ ଏଥର ଖାତା ଖୋଲିପାରେ
- ଭାଜପାର ଜାତୀୟତାବାଦୀ କାର୍ଯ୍ୟସୂଚୀ ଅପେକ୍ଷା ଏଏପିର ବିକାଶମୂଳକ କାର୍ଯ୍ୟକୁ ଭୋଟରଙ୍କ ପସନ୍ଦ

**ପୁରୀ-ଅନୁଗୋଳ ମଧ୍ୟରେ ଦୀର୍ଘତମ ମେମୁ ସେବା**

**ଯୁକ୍ତ୨ ପରୀକ୍ଷା କେନ୍ଦ୍ର ବିଭ୍ରାଟର ଭିଜିଲାନ୍ସ ତଦନ୍ତ ଦାବି**

........୪.........

# ଚିଲିକା ମଝିରେ ଅଟକିଲା ଭସାପୋଲ

**୨ଘଣ୍ଟା ଧରି ୧୦୦ ଯାତ୍ରୀ ଜଳବନ୍ଦୀ**



କୃଷ୍ଣପ୍ରସାଦ,୮।୨ (ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦା-ସାତପଡା ଚିଲିକା ମଝିରେ ଶନିବାର ଏକ ଯାତ୍ରୀବାହୀ ଭେସେଲ (ଭସାପୋଲ) ୨ ଘଣ୍ଟା ଧରି ଅଟକି ରହିଥିଲା। ଫଳରେ ଭେସେଲରେ ଥିବା ୧୦୦ ଯାତ୍ରୀ ଜଳବନ୍ଦୀ ହୋଇ ଆତଙ୍କିତ ଅବସ୍ଥାରେ ସମୟ କଟାଇଥିଲେ।

କୃଷ୍ଣପ୍ରସାଦ ବ୍ଲକ ଜହ୍ନିକୁଦାଠାରୁ ସାତପଡା ପର୍ଯ୍ୟନ୍ତ ଚିଲିକାରେ ଯାତାୟାତ କରୁଛି ଯାତ୍ରୀବାହୀ ଭେସେଲ। ତୀର୍ଥକ୍ଷେତ୍ର ପୁରୀକୁ ଏହା ହେଉଛି ଏକ ପ୍ରମୁଖ ପଥ। ଏହି ପଥଦେଇ ପ୍ରତିଦିନ କୃଷ୍ଣପ୍ରସାଦ ବ୍ଲକ ସମେତ ଗଞ୍ଜାମ ଜିଲା ତଥା ଦକ୍ଷିଣ ଓଡିଶାର ପର୍ଯ୍ୟଟକ ଯାତାୟାତ କରିଥାନ୍ତି। ଭେସେଲରେ ଯାତ୍ରୀଙ୍କ ସହ ବଡ ବଡ ଯାନବାହନକୁ ମଧ୍ୟ ଲୋକେ ନେବାଆଣିବା କରନ୍ତି। ଏହାବ୍ୟତୀତ ଶହ ଶହ ଯାତ୍ରୀ ଡଙ୍ଗାରେ ଯାତାୟାତ କରିଥାନ୍ତି। ଶନିବାର ଅପରାହ୍ନ ୨ଟା ୩୦ମିନିଟ ସମୟରେ ଭେସେଲଟି ଏକ ଯାତ୍ରୀବାହୀ ବସ୍, ୨ କାର୍, ୨ ଅଟୋ, ୨୦ ମୋଟରସାଇକେଲ ସହ ୧୦୦ ଜଣ ଯାତ୍ରୀଙ୍କୁ ନେଇ ଜହ୍ନିକୁଦାରୁ ସାତପଡା ଅଭିମୁଖେ ବାହାରିଥିଲା । ଯାତ୍ରା ଆରମ୍ଭ କରିବାର ୨୦ ମିନିଟ ପରେ ହଠାତ୍ ଚିଲିକାର ଏକ ଢିପରେ ତାହା ଅଟକି ରହିଥିଲା। ଯାତ୍ରୀମାନେ ଝିପିଝିପି ବର୍ଷା, କୋହଲା ପବନରେ ଥରି ଥରି ଆତଙ୍କିତ ଅବସ୍ଥାରେ ସମୟ କାଟିଥିଲେ। ଏହିଭଳି ୨ ଘଣ୍ଟା ବିତିବା ପରେ ସାତପଡାଠାରୁ ଅନ୍ୟ ଏକ ଭସାପୋଲରେ ଡ୍ରେଜର ଆସି ଅଟକିଥିବା ଭେସେଲକୁ ଟାଣି ବାହାର କରିଥିଲା। ପରେ ଭେସେଲଟି ଯାତ୍ରୀଙ୍କୁ ନେଇ ଅପରାହ୍ନ ୩ଟା ପରିବର୍ତ୍ତେ ୫ଟାରେ ସାତପଡାଠାରେ ପହଞ୍ଚିଥିଲା। ଭସାପୋଲ ଯାତାୟାତ କରୁଥିବା ଚିଲିକାର ଚାନେଲକୁ ୧୦ବର୍ଷ ଧରି ଖୋଲାଯାଇ ନାହିଁ। ଏହି କାରଣରୁ ବିଭିନ୍ନ ସମୟରେ ଯାତ୍ରୀମାନେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଥିବା କୁହାଯାଉଛି। ଏ ନେଇ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ନନ୍ଦଙ୍କୁ ପଚାରିବାରୁ ସେ କହିଥିଲେ, ଚିଲିକାର ଚାନେଲ ପୋତିହେବାରେ ଲାଗିଛି। ଏହାକୁ ଖୋଳିବା ପାଇଁ ଇନ୍‌ଲ୍ୟାଣ୍ଡ ୱାଟର ବିଭାଗକୁ ଜଣାଇଛୁ। ସେମାନେ କେନ୍ଦ୍ର ସରକାରଙ୍କ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି। ସେଠାରୁ ଅନୁମତି ମିଳିଲେ ଖୋଲାଯିବ।

**ଆଜିର ସମ୍ପାଦକୀୟ**

**ନ୍ୟାୟ ମିଳୁଛି କି**

**ଆଜିର ମନ୍ତବ୍ୟ**

“ଶ୍ରୀଲଙ୍କା ତାମିଲମାନଙ୍କ ଆକାଂକ୍ଷା ପୂରଣ କରିବ ବୋଲି ଭାରତ ଆଶାବାଦୀ।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ


Vencobb FRESH CHICKEN — Taste the difference!

08.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 64 | 111 | 121 |
| DKL | 68 | 116 | 126 |
| BDK | 69 | 118 | 128 |
| BLS | 71 | 120 | 130 |
| ANG | 69 | 128 | 128 |
| BHM | 63 | 110 | 120 |

*Conditions Apply

Issued in the Interest of Consumers


# ଆଉ ୨୪ ଘଣ୍ଟା ବର୍ଷା

- ବର୍ଷା, କୋହଲା ପବନ ଥରାଇଲା
- ପଶ୍ଚିମ, ଆଭ୍ୟନ୍ତରୀଣ ଓଡ଼ିଶାରେ କୁହୁଡ଼ି, ଶୀତଲହରି
- ୧୦ରୁ ବଢ଼ିବ ଶୀତ

ଭୁବନେଶ୍ୱର, ୮।୨ (ବ୍ୟୁରୋ)

କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ଦେହ ମୁଣ୍ଡ ଥରେଇ ଦେଉଛି। ଦିନରେ ମଧ୍ୟ ଶୀତରୁ ତ୍ରାହି ମିଳୁ ନାହିଁ। ବର୍ଷା ସହିତ ଥଣ୍ଡା ପବନ ବାଜିବା ମାତ୍ରେ ଦେହ ମୁଣ୍ଡ କାଲୁଆ ହୋଇଯାଉଛି। ଉପକୂଳ ଠାରୁ ଆରମ୍ଭ କରି ଆଭ୍ୟନ୍ତରୀଣ ସବୁଠି ବର୍ଷା ସାଙ୍ଗକୁ ଦେହଥରା ଶୀତ ଜାରି ରହିଛି। ଗତ ଦୁଇ ତିନିଦିନ ହେବ ରାଜ୍ୟରେ କୋହଲା ପାଗ ସାଙ୍ଗକୁ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଛି।

ଦକ୍ଷିଣ ତାମିଲନାଡୁରୁ ଛତିଶଗଡ଼ ଓ ବିଦର୍ଭ ମଧ୍ୟରେ ଏକ ଟ୍ରଫ୍ ଲାଇନ ସୃଷ୍ଟି ହୋଇଛି। ଏଥିସହିତ ବିହାର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ଯାଏ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ୧୦ ତାରିଖ ଯାଏ ରାଜ୍ୟରେ ବିଭିନ୍ନ ଭାଗରେ ବର୍ଷା ସାଙ୍ଗକୁ ଥଣ୍ଡା ବାୟୁ ପ୍ରବାହ ହେବ ବୋଲି ସତର୍କ କରାଯାଇଛି । ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ପୁରୀ ଏବଂ କନ୍ଧମାଳ ଜିଲାରେ ବର୍ଷା ହେବା ସହ ୩୦ରୁ ୪୦ କି.ମି ବେଗରେ ପବନ ବହିବା ସମ୍ଭାବନା ରହିଛି। ☞ପୃଷ୍ଠା-୪






# ପର୍ଯ୍ୟଟନ ବିକାଶ ପଥେ ଓଡ଼ିଶା




## ସ୍ପୋର୍ଟସ ଟୁରିଜମ୍ ପାଇଁ ନୂଆ ସୁଯୋଗ

ଓଡ଼ିଶା ସହ ଏବେ ଯୋଡିହୋଇଯାଇଛି କ୍ରୀଡା ପର୍ଯ୍ୟଟନ। ବିଶ୍ୱସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରିବାପରେ ଓଡ଼ିଶାକୁ ପର୍ଯ୍ୟଟନ ମାନଚିତ୍ରରେ ମିଳିଛି ସ୍ୱତନ୍ତ୍ର ପରିଚୟ। ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରି ଓଡ଼ିଶା ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଥିବା ବେଳେ ବିଶ୍ୱକପ୍ ହକି ଟୁର୍ନାମେଣ୍ଟର ଆୟୋଜକଭାବେ ରାଜ୍ୟ ଇତିହାସ ରଚିଛି। ୧୬ଟି ଦେଶର କ୍ରୀଡାବିତ୍, ସେମାନଙ୍କ ଅଫିସିଆଲ ଏବଂ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ହୋଷ୍ଟ କରି ଭବିଷ୍ୟତ ବିଶ୍ୱକପ୍ ହୋଷ୍ଟଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। କେବଳ ଏତିକି ନୁହେଁ, ଗତ ୪ବର୍ଷ ମଧ୍ୟରେ ଭୁବନେଶ୍ୱର ୧୦ଟି ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ଆୟୋଜନ କରି ରେକର୍ଡ ସୃଷ୍ଟି କରିଛି। ଯାହାମଧ୍ୟରେ ଚମ୍ପିଆନ୍ସ ଟ୍ରଫି ହକି ଟୁର୍ନାମେଣ୍ଟ, ହକି ଇଣ୍ଡିଆ ଲିଗ୍, ହକି ୱାର୍ଲଡ ଲିଗ୍ ଫାଇନାଲ, ହିରୋ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍) ଫୁଟବଲ୍ ମ୍ୟାଚ୍, ଇଣ୍ଟରନ୍ୟାଶନାଲ ଟେନିସ ଫେଡେରେଶନ (ଆଟିଏଫ୍) ଟୁର୍ନାମେଣ୍ଟ, ଅଲ୍ ଇଣ୍ଡିଆ ଫୁଟ୍‌ବଲ୍ ଫେଡେରେଶନ ପକ୍ଷରୁ ସୁପର୍ କପ୍‌ର ପ୍ରଥମ ସଂସ୍କରଣ, ଏସିଆନ୍ ଅଣ୍ଡର୍-୧୮ ଗର୍ଲସ ଚାମ୍ପିୟନଶିପ୍ ଆଦି ରହିଛି। କଟକରେ ଟେନିସ୍ ବିଶ୍ୱକପ୍ ଆୟୋଜନ ଦ୍ୱାରା ଆଉଏକ ମାଇଲଷ୍ଟୋନ୍ ପ୍ରତିଷ୍ଠା ହୋଇପାରିଛି। ଆଉ ଏଥିପାଇଁ ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏସନର ସଭାପତି ନରିନ୍ଦର ବାତ୍ରା ଭୁବନେଶ୍ୱରକୁ ଦେଶର କ୍ରୀଡା ରାଜଧାନୀ ବୋଲି ଅଭିହିତ କରିଛନ୍ତି। କେବଳ ଏତିକି ନୁହେଁ, ବିଶ୍ୱର ଶ୍ରେଷ୍ଠ ୫ ହକି ଷ୍ଟାଡିୟମ୍ ମଧ୍ୟରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ନିଶ୍ଚିନ୍ତଭାବେ ରହିବ ବୋଲି ସେ କହିଛନ୍ତି। କେବଳ ଏତିକି ନୁହେଁ, ଭୁବନେଶ୍ୱରରେ ଆର୍ଚେରି, ୱେଟ୍‌ଲିଫ୍ଟିଂ, ବ୍ୟାଡ୍‌ମିଣ୍ଟନ୍, ଫୁଟ୍‌ବଲ୍ ଭଳି କ୍ରୀଡାର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ବହୁ ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥା ସହ ହାତ ମିଳାଇଛନ୍ତି। ଆଗାମୀ ଦିନରେ ଓଡ଼ିଶାକୁ କିଭଳି ସ୍ପୋର୍ଟସ ଟୁରିଜମ୍ ଡେଷ୍ଟିନେଶନରେ ପରିଣତ କରାଯାଇପାରିବ ତା'ଉପରେ ଫୋକସ୍ ରହିଛି। କ୍ରୀଡାର ପ୍ରଚାର ପ୍ରସାର କରିବାରେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟ ଭାବେ କେନ୍ଦ୍ର ଯୁବ ବ୍ୟାପାର ମନ୍ତଣାଳୟ ଏବଂ କନ୍‌ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି ପକ୍ଷରୁ ମାନ୍ୟତା ପାଇଛି।

## ମ୍ୟୁଜିୟମ୍ ଟୁରିଜମ୍

ରାଜ୍ୟରେ ସଂଗ୍ରହାଳୟ ପର୍ଯ୍ୟଟନର ବିକାଶ କରିବା ସହ ଏଥିପ୍ରତି ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ଏଥିପାଇଁ ସହରରେ ଥିବା ରାଜ୍ୟ ସଂଗ୍ରହାଳୟ, ଆଦିବାସୀ ସଂଗ୍ରହାଳୟ, ଆଞ୍ଚଳିକ ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ, ହସ୍ତଶିଳ୍ପ ଓ ହସ୍ତକଳା ସଂଗ୍ରହାଳୟ, ରିଜିଓନାଲ ସାଇନ୍ସ ସେଣ୍ଟର, ରିଜିଓନାଲ ପ୍ଲାଣ୍ଟ ରିସୋର୍ସ ସେଣ୍ଟର, ପଠାଣି ସାମନ୍ତ ପ୍ଲାନେଟାରିୟମ୍ ପରି ୧୨ଟି ସଂଗ୍ରହାଳୟ ସହ ଆଲୋଚନା କରାଯାଇଛି। ଭୁବନେଶ୍ୱରରେ ଥିବା ଆଦିବାସୀ ସଂଗ୍ରହାଳୟର କେତେକ କଟକଣାକୁ ହଟାଇ ଦିଆଯାଇଛି। ସେହିଭଳି ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ଓ ହସ୍ତତନ୍ତ ସଂଗ୍ରହାଳୟ 'କଳାଭୂମି' ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ସଂଗ୍ରହାଳୟ ପଦଯାତ୍ରା ବା ମ୍ୟୁଜିୟମ୍ ୱାକ୍ ଆରମ୍ଭ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରକାର ୱାର୍କଶପ୍‌ର ଆୟୋଜନ ଏଠାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି। ଏହାବ୍ୟତୀତ ରାଜ୍ୟରେ ଥିବା ସଂଗ୍ରହାଳୟ, ପ୍ଲାନେଟାରିୟମ୍, ବିଜ୍ଞାନ କେନ୍ଦ୍ରର ଅଧିକ ପ୍ରଚାର ପ୍ରସାର କରିବାସହ ପର୍ଯ୍ୟଟକଙ୍କ ଉପଯୋଗୀ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।



## ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ପାଇଁ ୧୧୦ କୋଟି




ରାଜ୍ୟରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ ସହ ପର୍ଯ୍ୟଟନ କ୍ଷେତ୍ରର ଭିତ୍ତିଭୂମି ବିକାଶ ପାଇଁ ରାଜ୍ୟ ସରକାର ୧୧୦ କୋଟି ଟଙ୍କାର ବଜେଟ୍ ପ୍ରସ୍ତୁତ କରିଛନ୍ତି। ୯ଟି ଟୁରିଷ୍ଟ ସର୍କିଟ୍ ପ୍ରସ୍ତୁତ କରାଯିବା ସହ ୧୩ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀର ଚିହ୍ନଟ କରାଯାଇ ପ୍ରାଥମିକ ପର୍ଯ୍ୟାୟରେ ଏହି ସ୍ଥାନଗୁଡ଼ିକର ଭିତ୍ତିଭୂମି ବିକାଶ କରିବାକୁ ସ୍ଥିର ହୋଇଛି। ସେହିଭଳି ଚଳିତ ଆର୍ଥିକବର୍ଷରେ ବୁଦ୍ଧିଷ୍ଟ ସର୍କିଟ୍ ସହ ରମ୍ଭା କ୍ଲଷ୍ଟର୍‌ର ବିକାଶ କରାଯିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଓଡ଼ିଶାରେ ୱାଟର୍ ସ୍ପୋର୍ଟସ ଭିତ୍ତିଭୂମି ବିକାଶକୁ ବିଭାଗ ସର୍ବାଧିକ ଗୁରୁତ୍ୱ ଦେଇଥିବା ବେଳେ ୨୦୧୯-୨୦ ଆର୍ଥିକବର୍ଷରେ ୫କୋଟି ଟଙ୍କା ବିନିମୟରେ ହାଉସ୍‌ବୋଟ୍ ଏବଂ ଏହାର ଚଳାଚଳ ପାଇଁ ଭିତ୍ତିଭୂମି ବିକାଶ କରିବାକୁ ସ୍ଥିର ହୋଇଛି।

## ଗେମ୍‌ଚେଞ୍ଜର 'ଶାମୁକା ପ୍ରକଳ୍ପ'

ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ପାଇଁ ଗେମ୍‌ଚେଞ୍ଜର ହେବ ଶାମୁକା ବିଚ୍ ପ୍ରକଳ୍ପ। ରାଜ୍ୟ ସରକାରଙ୍କ ଏହି ବହୁ ପ୍ରତୀକ୍ଷିତ ପ୍ରକଳ୍ପ ଖୁବ୍‌ଶୀଘ୍ର ବାସ୍ତବ ରୂପ ନେବ। ପୁରୀ ସହରଠାରୁ ୧୦ କିମି ଦୂରରେ ହେବାକୁ ଥିବା ଏହି ପ୍ରକଳ୍ପକୁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ମଞ୍ଜୁରୀ ମିଳିସାରିଥିବା ବେଳେ ଏହାର ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବ ଏକ ଅନ୍ତର୍ଜାତୀୟ ସଂସ୍ଥା। ୨୦୦୮ରେ ପ୍ରକଳ୍ପ ପାଇଁ ଯେଉଁ ମାଷ୍ଟର୍‌ପ୍ଲାନ୍ ପ୍ରସ୍ତୁତ ହୋଇଥିଲା ବିଭିନ୍ନ କାରଣବଶତଃ ତାହାକୁ ବାତିଲ କରାଯାଇଥିବା ବେଳେ ଏବେ ଅନ୍ତର୍ଜାତୀୟସ୍ତରୀୟ ଆର୍କିଟେକ୍ ଏହାର ଡିଜାଇନ୍ ପ୍ରସ୍ତୁତ କରିବେ। ପ୍ରାୟ ୪ ହଜାର କୋଟିର ପୁଞ୍ଜିନିବେଶରେ ହେବାକୁ ଥିବା ଏହି ପ୍ରକଳ୍ପରେ ପଞ୍ଚତାରକା ହୋଟେଲ, ବୁଟିକ୍ ହୋଟେଲ, ସ୍ପା, ୱେଲ୍‌ନେସ୍ ସେଣ୍ଟର, ଏଣ୍ଟରଟେନ୍‌ମେଣ୍ଟ ଜୋନ୍, କନ୍‌ଭେନସନ୍ ସେଣ୍ଟର ଏବଂ ବିଭିନ୍ନ ପ୍ରକାର କ୍ରୀଡା ଉପଲବ୍ଧ ହେବ। ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱକୁ ଉପଲବ୍ଧି କରି ଶାମୁକାକୁ ରାଜ୍ୟ ସରକାର ଫାଷ୍ଟ୍‌ଟ୍ରାକ୍‌ରେ ରଖିବେ ବୋଲି ରାଜ୍ୟ ପର୍ଯ୍ୟଟନ ସଚିବ ବିଶାଲ ଦେବ କହିଛନ୍ତି।



## ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍



'ରୟାଲ ହେରିଟେଜ୍ ଟୁର୍ ପ୍ୟାକେଜ୍' ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନକୁ ଆଉପାଦେ ଆଗକୁ ନେବାକୁ ରାଜ୍ୟ ସରକାର 'ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍' ଯୋଜନା ଆରମ୍ଭ କରିଥିବା ବେଳେ ଏହାର ବିଶେଷ ଚାହିଦା ଦେଖିବାକୁ ମିଳୁଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ ଆଦି ରାଜ୍ୟଭଳି ରୟାଲ ଟୁରିଜିମ୍ ଉପରେ ଏବେ ଓଡ଼ିଶା ଫୋକସ୍ କରିଛି। ଫଳରେ ରାଜ୍ୟରେ ରହିଥିବା ଐତିହାସିକ ରାଜପ୍ରାସାଦଗୁଡିକରେ ରହିବା ସହ ପର୍ଯ୍ୟଟକମାନେ ରାଜକୀୟ ଅନୁଭୂତି ସାଉଁଟି ପାରୁଛନ୍ତି। ଓଡ଼ିଶାରେ ଏବେ ୫୧ଟି ହେରିଟେଜ୍ ପ୍ରପଟି ତଥା ରାଜପ୍ରାସାଦ ରହିଥିବା ବେଳେ ସେଥିମଧ୍ୟରୁ ୧୯ଟି ପ୍ରାସାଦକୁ ଆଗାମୀ ଦୁଇବର୍ଷ ମଧ୍ୟରେ ବୁଟିକ୍ ହେରିଟେଜ୍ ହୋଟେଲ ଏବଂ ହେରିଟେଜ୍ ହୋମ୍ ଷ୍ଟେ' ଭାବେ ବିକଶିତ କରିବାକୁ ଯୋଜନା ରହିଛି। ଢେଙ୍କାନାଳ, ଆଳି ଓ ନୀଳଗିରି ଭଳି ଏବେ ୬ଟି ପ୍ରାସାଦରେ ପର୍ଯ୍ୟଟକ ରହୁଥିବା ବେଳେ ଆଉ ୩ଟିକୁ ଆସନ୍ତା ଡିସେମ୍ବର ମାସସୁଦ୍ଧା ହେରିଟେଜ୍ ହୋଟେଲରେ ଏବଂ ହୋମ୍ ଷ୍ଟେ'ରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ଅବଶିଷ୍ଟ ୧୦ଟି ପ୍ରାସାଦକୁ ୨୦୨୧ ସୁଦ୍ଧା ହୋଟେଲ ରୂପ ଦିଆଯିବ ବୋଲି ପର୍ଯ୍ୟଟନ ବିଭାଗ ପକ୍ଷରୁ କୁହାଯାଇଛି।

## ଫୋକସରେ ଯୁବ ପର୍ଯ୍ୟଟକ

୨୦୧୯-୨୦ ବର୍ଷରେ ଓଡ଼ିଶାକୁ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ନୂଆ ଯୋଜନାର କାର୍ଯ୍ୟକାରୀ ଉପରେ ଗୁରୁତ୍ୱ ଦିଆଯାଇଛି। ରାଜ୍ୟରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ସ୍ପୋର୍ଟସ ତଥା ଜିପ୍-ଲାଇନିଂ, ରିଭର ରାଫ୍ଟିଂ, ମାଉଣ୍ଟେନିଂ, ଟ୍ରେକିଂ, ପାରା ରାଇଡିଂ, ସର୍ଫିଙ୍ଗ୍ ଆଦି ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ଯୋଜନା ହୋଇଛି। କେବଳ ପୁରୀ-ଭୁବନେଶ୍ୱର-କୋଣାର୍କରେ ପର୍ଯ୍ୟଟନକୁ ସୀମିତ ନରଖି ଏହାକୁ କିଭଳି ବ୍ୟାପକ କରିହେବ ତା'ଉପରେ ବିଭାଗ ଗୁରୁତ୍ୱ ଦେଇଛି। ଚିଲିକା ଓ ଟାମ୍ପରା ହ୍ରଦରେ ବାନାନା ରାଉଡ୍‌ସ, ପାରାସେଲିଂ, ୱାଟର ସ୍କି ଆଣ୍ଡ ଫନ୍ ରାଇଡିଂ ଭଳି ଜଳକ୍ରୀଡାର ବିକାଶ କରାଯିବା ସହ ଅନ୍ତର୍ଜାତୀୟସ୍ତରୀୟ ଜଳକ୍ରୀଡା ଇଭେଣ୍ଟ ଆୟୋଜନ କରାଯିବା ଯୋଜନା ରହିଛି। ଇଣ୍ଟିଗ୍ରେଟେଡ୍ କୋଷ୍ଟାଲ୍ ଜୋନ୍ ମ୍ୟାନେଜମେଣ୍ଟ ପ୍ରୋଜେକ୍ଟ (ଆଇସିଜେଡ୍ଏମ୍‌ପି) ଚିଲିକାରେ କ୍ରୁଜ୍ ସର୍ଭିସ୍ ବା ଜାହାଜ ପର୍ଯ୍ୟଟନ ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଏହାଉପରେ ଏବେ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ବର୍ତ୍ତମାନର ଯୁବ ପର୍ଯ୍ୟଟକମାନେ ଐତିହ୍ୟ ଓ ଧାର୍ମିକ ପର୍ଯ୍ୟଟନ ଅପେକ୍ଷା ଆଡ୍‌ଭେଞ୍ଚର ଟୁରିଜମ୍ ଓ ୱାଟର୍ ସ୍ପୋର୍ଟସକୁ ଅଧିକ ପସନ୍ଦ କରୁଥିବାରୁ ରାଜ୍ୟରେ ଆଡ୍‌ଭେଞ୍ଚର ଟୁରିଜମ୍‌କୁ ବ୍ୟାପକ କରାଯିବାର ଆବଶ୍ୟକତା ରହିଥିବା ଟୁର୍ ଓ ଟ୍ରାଭେଲ ଏଜେଣ୍ଟମାନେ ମତପ୍ରକାଶ କରିଛନ୍ତି।



## ଭୁବନେଶ୍ୱରରେ ନୋଭୋଟେଲ୍, ଭିଭାନ୍ତ

ଓଡ଼ିଶାରେ ରହିଆସିଥିବା ହୋଟେଲ ଅଭାବ ସମସ୍ୟା ଦୂର ହେବ। ଏକାଧିକ ତାରକା ତଥା ଷ୍ଟାର୍ ହୋଟେଲ ଏବଂ ବଜେଟ୍ ହୋଟେଲ ଓଡ଼ିଶାରେ ନିଜର ଉପସ୍ଥିତି ଜାହିର କରିବେ। ଚଳିତବର୍ଷ ଏବଂ ଆସନ୍ତାବର୍ଷ ମଧ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ବହୁ ଚେନ୍ ହୋଟେଲ୍ ଓଡ଼ିଶାରେ ପ୍ରତିଷ୍ଠା ହେବ। କେବଳ ଭୁବନେଶ୍ୱର ନୁହେଁ, ଗୋପାଳପୁର, ଟାମ୍ପରା ଭଳି ଆଭ୍ୟନ୍ତରୀଣ ପର୍ଯ୍ୟଟନ ସ୍ଥଳୀଗୁଡ଼ିକରେ ମଧ୍ୟ ବଡ଼ ବଡ଼ ହୋଟେଲ ଖୋଲିବ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ପର୍ଯ୍ୟଟକଙ୍କ ହୋଟେଲ ଚାହିଦା ପୂରା କରିବାକୁ ୨୦୨୩ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ତାରକା ହୋଟେଲ ପ୍ରତିଷ୍ଠା ହେବ। ସ୍ୱର୍ଣ୍ଣ ତ୍ରିଭୁଜ ପୁରୀ-ଭୁବନେଶ୍ୱର-କୋଣାର୍କରେ ସର୍ବାଧିକ ହୋଟେଲ ପ୍ରତିଷ୍ଠା ହେବାକୁ ଥିବା ବେଳେ ତଳସାରୀ-ଉଦୟପୁର ବେଳାଭୂମି ନିକଟରେ ଉଭୟ ଲକ୍‌ଜରୀ ଓ ବଜେଟ୍ ହୋଟେଲ ପ୍ରତିଷ୍ଠା ହେବ। 'ମେଫେୟାର' ଗ୍ରୁପ୍ ପକ୍ଷରୁ ଚିଲିକା ସାତପଡ଼ା ଠାରେ ଏକ ଫାଇଭ୍ ଷ୍ଟାର୍ ଡିଲକ୍ସ ରିଜର୍ଟ ଏବଂ ଗଲ୍ଫ କୋର୍ସ ପ୍ରତିଷ୍ଠା ହେବ। ଏହାବ୍ୟତୀତ ଭୁବନେଶ୍ୱରଠାରେ ଏକ ବିଶ୍ୱସ୍ତରୀୟ କନ୍‌ଭେନ୍‌ସନ ସେଣ୍ଟର ଏବଂ ୨୫୦ ରୁମ୍ ବିଶିଷ୍ଟ ସ୍ୱତନ୍ତ୍ର କମ୍ପ୍ଲେକ୍ସ ପ୍ରତିଷ୍ଠା ହେବ। ସେହିଭଳି ସ୍ୱସ୍ତି ଗ୍ରୁପ୍ ପକ୍ଷରୁ ୨୦୨୩ ସୁଦ୍ଧା ଗୋପାଳପୁରଠାରେ ଏକ 'ପାମ୍ ବିଚ୍ ରିଜର୍ଟ' ପ୍ରତିଷ୍ଠା ହେବ। ପ୍ରମୁଖ ରିୟଲ ଇଷ୍ଟେଟ୍ ସଂସ୍ଥା 'ଡିଏନ୍ ହୋମ୍‌ସ' ଦ୍ୱାରା ଗୋପାଳପୁର ଏବଂ ଟାମ୍ପରାଠାରେ ଦୁଇଟି ଲକ୍‌ଜରୀ ରହଣୀସ୍ଥଳୀ ୨୦୨୩ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଭୁବନେଶ୍ୱରରେ 'ତାଜ୍ ହୋଟେଲ୍‌ସ' ଗ୍ରୁପ୍‌ର ଚେନ୍ ହୋଟେଲ 'ଭିଭାନ୍ତ' ୨୦୨୦ ମଧ୍ୟଭାଗ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିଭଳି ବହୁ ପ୍ରତିକ୍ଷିତ ଆଇଟିସି ଗ୍ରୁପ୍‌ର ଚେନ୍ 'ୱେଲ୍‌କମ୍ ହୋଟେଲ' ଚଳିତବର୍ଷ ସୁଦ୍ଧା ଭୁବନେଶ୍ୱରରେ ପର୍ଯ୍ୟଟକଙ୍କ ପାଇଁ ଉନ୍ମୁକ୍ତ ହେବ। ଆକର୍ ଗ୍ରୁପ୍‌ର ମେଡେନ୍ ବ୍ରାଣ୍ଡ 'ନୋଭୋଟେଲ ହୋଟେଲ' ଆଗାମୀ ଅଢେଇ ବର୍ଷ ମଧ୍ୟରେ ଭୁବନେଶ୍ୱରରେ ପ୍ରତିଷ୍ଠା ହେବ। ଏହାବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରେ ଫୋର୍ ଷ୍ଟାର୍ ଏବଂ ଲକ୍‌ଜରୀ ହୋଟେଲ ପ୍ରତିଷ୍ଠା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ଆଇଟିସି ଗ୍ରୁପ୍‌ର ୱେଲ୍‌କମ୍ ହେରିଟେଜ୍ ହୋଟେଲ, ତାଜ୍ ହୋଟେଲ, ଲେମନ୍ ଟ୍ରୀ ଗ୍ରୁପ୍, ୱିନ୍ଧାମ୍ ହୋଟେଲ, ମ୍ୟାରିଅଟ୍ ହୋଟେଲ୍‌ସ ଆଣ୍ଡ ରିଜର୍ଟ ଭଳି ପ୍ରମୁଖ ବ୍ରାଣ୍ଡ ସହ ଆଲୋଚନା କରୁଥିବା ସୂଚନା ମିଳିଛି।




ବଦଳିବ ହୋଟେଲ ଶିଳ୍ପ

ଧରିତ୍ରୀ DHARITRI
# ଓଡ଼ିଶା ପର୍ଯ୍ୟଟନ
ରବିବାର, ୯ ଫେବୃୟାରୀ, ୨୦୨୦





# ଫୋକସ୍‌ରେ ଇକୋ-ଟୁରିଜମ୍

## ୧୫ଜିଲାରେ ୪୦ ନେଚର କ୍ୟାମ୍ପ୍
## ଶିମିଳିପାଳରେ ଆରମ୍ଭହେବ ଜଙ୍ଗଲ ସଫାରି

ସଷ୍ଟେନେବୁଲ୍ ଟୁରିଜମ୍ ବା ନିରନ୍ତର ପର୍ଯ୍ୟଟନର ପ୍ରଚାର ପ୍ରସାର ଏବଂ ପରିବେଶ ପର୍ଯ୍ୟଟନ ମାଧ୍ୟମରେ ଓଡ଼ିଶାକୁ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ରାଜ୍ୟ ସରକାର ଇକୋ-ଟୁରିଜମ୍‌ର ବିକାଶ ଉପରେ ପ୍ରାଥମିକତା ଦେଉଛନ୍ତି। ଇକୋ ଟୁରିଜମ୍‌ର ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ ଓ ପରିବେଶ ବିଭାବ ମିଳିତଭାବେ କାର୍ଯ୍ୟ କରୁଥିବା ବେଳେ ଓଡ଼ିଶାକୁ ଦେଶର ଇକୋ-ଟୁରିଜମ୍ ହବ୍‌ରେ ପରିଣତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଜଙ୍ଗଲ ଓ ପରିବେଶ ବିଭାଗ ଇକୋ ଟୁରିଜିମ୍ ନିମନ୍ତେ ଭିତ୍ତିଭୂମିର ବିକାଶ କରୁଥିବା ବେଳେ ପର୍ଯ୍ୟଟନ ବିଭାଗ ତାହାର ପ୍ରଚାର ପ୍ରସାର ଦାୟିତ୍ୱରେ ରହିଛି। ମିଳିଥିବା ସୂଚନା ମୁତାବକ ଜଙ୍ଗଲ ଓ ପରିବେଶ ବିଭାଗ ଦ୍ୱାରା ବର୍ତ୍ତମାନ ରାଜ୍ୟର ୧୫ଟି ଜିଲାରେ ୪୦ଟି ପରିବେଶ ପର୍ଯ୍ୟଟନସ୍ଥଳୀ ବା ନେଚର୍ କ୍ୟାମ୍ପ୍ ପରିଚାଳିତ ହେଉଛି।

ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକର ବିକାଶ ପାଇଁ ବିଭାଗ ପକ୍ଷରୁ ୨୦୧୬-୧୭ ଆର୍ଥିକବର୍ଷରୁ ୨୦୨୦-୨୧ ଆର୍ଥିକବର୍ଷ ପର୍ଯ୍ୟନ୍ତ ମୋଟ ୫୬କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ବିଭିନ୍ନ ସ୍ଥାନରେ ନେଚର ଟ୍ରେଲ୍, ୱାଚ୍ ଟାୱାର ଏବଂ ଇଣ୍ଟରପ୍ରିଟେଶନ ସେଣ୍ଟର ଆଦି ନିର୍ମାଣ କରାଯିବା ସହ ସ୍ଥାନୀୟ ଲୋକଙ୍କ ଦ୍ୱାରା ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ଆକ୍ଟିଭିଟିର ଆୟୋଜନ କରାଯାଉଛି। ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ସହ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜଙ୍ଗଲ ଟ୍ରେକିଂ, ଜଙ୍ଗଲ ସଫାରି(ଖୋଲା ଜିପ୍‌ରେ ଜଙ୍ଗଲ ପରିଭ୍ରମଣ), ବୋଟିଂ, ଆଡ୍‌ଭେଞ୍ଚର ସ୍ପୋର୍ଟସ, ବାର୍ଡିଂ, ନିକଟସ୍ଥ ଫାର୍ମ ଭିଜିଟ୍, ସାଇକ୍ଲିଂ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦିର ବ୍ୟବସ୍ଥା କରାଯାଇଛି। କେବଳ ଏତିକି ନୁହେଁ, ସନ୍ଧ୍ୟା ସମୟରେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ପାଠାଗାର ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ରହିଛି। ଚନ୍ଦକା ଅଭୟାରଣ୍ୟ ଏବଂ ସମ୍ବଲପୁରରେ ଥିବା ଦେବ୍ରିଗଡ଼ ଅଭୟାରଣ୍ୟରେ ଏବେ ଜଙ୍ଗଲ ସାଫାରି ଚାଲିଥିବା ବେଳେ ଚଳିତବର୍ଷ ଶିମିଳିପାଳ ଅଭୟାରଣ୍ୟରେ ଏହି ବ୍ୟବସ୍ଥା ଆରମ୍ଭ କରାଯିବା ଯୋଜନା ଅଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାହେଲା ସମସ୍ତ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପର୍ଯ୍ୟଟକଙ୍କ ରୁମ୍ ଚାର୍ଜରେ ଅନ୍ତର୍ଭୁକ୍ତ କରାଯାଇଛି।



ଜଙ୍ଗଲ ସମ୍ପଦର ସୁରକ୍ଷା, ନିରନ୍ତର ଓ ଦାୟିତ୍ୱସମ୍ପନ୍ନ ପର୍ଯ୍ୟଟନ ତଥା ସଷ୍ଟେନେବୁଲ୍ ଟୁରିଜମ୍‌ର ବିକାଶ ପାଇଁ ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକର ପରିଚାଳନା ଦାୟିତ୍ୱ ଜଙ୍ଗଲ ନିକଟସ୍ଥ ଗ୍ରାମବାସୀମାନଙ୍କୁ ଦିଆଯାଇଛି। ପର୍ଯ୍ୟଟନସ୍ଥଳୀର ପରିଚାଳନା ପାଇଁ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ମାଧ୍ୟମରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯାଉଥିବା ବେଳେ ଇକୋଗାଇଡ୍ ଭାବେ କାର୍ଯ୍ୟ କରିବା ପାଇଁ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ସେମାନେ ପର୍ଯ୍ୟଟକମାନଙ୍କୁ ସେଠାକାର ଜୀବଜନ୍ତୁ ଏବଂ ଗଛଲତା ସମ୍ପର୍କରେ ବହୁ ଅଜଣା

## ସଷ୍ଟେନେବୁଲ୍ ଟୁରିଜମ୍‌କୁ ଗୁରୁତ୍ୱ

ତଥ୍ୟ ଦେଇପାରୁଛନ୍ତି। ଗତ ୨ବର୍ଷରେ ମୋଟ ୨୯୭ଜଣଙ୍କୁ ସ୍ୱତନ୍ତ୍ର 'ଇକୋ ଗାଇଡ୍'ଭାବେ ପ୍ରଶିକ୍ଷଣ ଦିଆଯାଇଛି। ସେହିଭଳି ୨୨୯ଜଣ ବଣ ସଂରକ୍ଷଣ ସମିତି(ଭିଏସ୍ଏସ୍) ଏବଂ ଇକୋ ଡେଭଲପ୍‌ମେଣ୍ଟ କମିଟି(ଇଡିସି)ର ସଦସ୍ୟଙ୍କ ଜୀବନଜୀବିକାକୁ ଉନ୍ନତ କରାଯାଇପାରିଛି। ଏହାବ୍ୟତୀତ ୧୦ଜଣ ହସ୍ପିଟାଲିଟି ଏକ୍ସପର୍ଟ ବା ବିଶେଷଜ୍ଞଙ୍କୁ ସାଇଟ୍ ମ୍ୟାନେଜରଭାବେ ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ନିଯୁକ୍ତ ଦିଆଯାଇଛି। ଇକୋଟୁରିଜମ୍ ପ୍ରକଳ୍ପ ଦ୍ୱାରା ଜଙ୍ଗଲ ଉପରେ ନିର୍ଭରଶୀଳ ଗ୍ରାମବାସୀଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ହେବାସହିତ ଜଙ୍ଗଲରୁ ଶିକାର ବହୁମାତ୍ରାରେ କମିଛି। ଆଗରୁ ଜଙ୍ଗଲ ପୋଡ଼ି ସ୍ଥାନୀୟ ଲୋକେ ଚାଷକାର୍ଯ୍ୟ କରୁଥିବା ବେଳେ ତାହା ମଧ୍ୟ ଏବେ କମିଛି।

## 'ମେରାଇନ୍ ଡ୍ରାଇଭ୍ ଇକୋ-ରିଟ୍ରିଟ୍'




ଓଡ଼ିଶା ପର୍ଯ୍ୟଟନକୁ ଏକ ନୂଆ ସ୍ତରକୁ ନେବାକୁ ରାଜ୍ୟ ସରକାର କୋଣାର୍କରେ ପ୍ରଥମଥର ପାଇଁ ଆୟୋଜନ କରିବାକୁ ଯାଉଛନ୍ତି ଅନ୍ତର୍ଜାତୀୟସ୍ତରୀୟ ବେଳାଭୂମି ମହୋତ୍ସବ 'ମେରାଇନ୍ ଡ୍ରାଇଭ୍ ଇକୋ-ରିଟ୍ରିଟ୍'। ବିଶ୍ୱପ୍ରସିଦ୍ଧ କୋଣାର୍କକୁ ଦିନିକିଆ ପର୍ଯ୍ୟଟନସ୍ଥଳୀରୁ ରହଣି ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଥିବା ବେଳେ ଯୁବ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହାର ପ୍ରମୁଖ ଲକ୍ଷ୍ୟ ରହିଛି। ଡିସେମ୍ବର ୧୪ରୁ ଜାନୁୟାରୀ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବ ଗୁଜରାଟ କଚ୍ଛରେ ହେଉଥିବା ରାନ୍ ଉତ୍ସବ ଶୈଳୀରେ କରାଯିବ। ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନରୁ ବାହାରି ଏହି ସ୍ଥାନକୁ କିଭଳି ଆଡ୍‌ଭେଞ୍ଚର୍, ୱାଟର୍ ସ୍ପୋର୍ଟସ ଓ ଆମ୍ୟୁଜମେଣ୍ଟ ଟୁରିଜମ୍ ପାଇଁ ଲୋକପ୍ରିୟ କରାଇହେବ ତାହାକୁ ଗୁରୁତ୍ୱ ଦିଆଯାଇଛି। ନିର୍ମିତ ହେବାକୁ ଥିବା ଏହି ଅସ୍ଥାୟୀ ଟେଣ୍ଟ ସହରରେ ପର୍ଯ୍ୟଟକଙ୍କ ରହଣି ପାଇଁ ଲକ୍‌ଜରି କଟେଜ୍ ସହ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ରହିବ। ଓଡ଼ିଶାର କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ ପରିବେଷଣ ସହ ବିଭିନ୍ନ ପ୍ରକାର ଆକ୍ଟିଭିଟିର ଆୟୋଜନ କରାଯିବ। ସେହିଭଳି ଫୁଡ୍ ଫେଷ୍ଟିଭାଲ ଏଠାକାର ଆଉଏକ ଆକର୍ଷଣ ରହିବ। କୁମ୍ଭମେଳା ଓ ରାନ୍ ଫେଷ୍ଟିଭାଲ ଆୟୋଜନ କରୁଥିବା ସଂସ୍ଥା ଏହାର ଆୟୋଜନ କରିବ। ଏହାବ୍ୟତୀତ କୋଣାର୍କ ଚନ୍ଦ୍ରଭାଗାରେ ପୁଣିଥରେ ସର୍ଫ ଫେଷ୍ଟିଭାଲ ଆରମ୍ଭ କରିବାକୁ ଯୋଜନା ରହିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ଖୁବ୍‌ଶୀଘ୍ର ଓଡ଼ିଶାରେ ୭ଟି ନୂଆ ଇକୋଟୁରିଜମ୍ ସେଣ୍ଟର ତଥା ନେଚର୍ କ୍ୟାମ୍ପ୍ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ସୁନ୍ଦରଗଡ଼ ଜିଲାର ବଣେଇ ବନଖଣ୍ଡ ଟେନସା, କୋରାପୁଟର ପାଇନ୍ ଜଙ୍ଗଲ ଏବଂ ନୂଆପଡ଼ା ଜିଲାର ଖରିଆର ବନଖଣ୍ଡ ଅଧୀନସ୍ଥ ପତୋରା ଡ୍ୟାମ୍‌ଠାରେ ୩ଟି ନୂଆ ପରିବେଶ ପର୍ଯ୍ୟଟନସ୍ଥଳୀ ଏବେ ନିର୍ମାଣାଧୀନ ଅବସ୍ଥାରେ ଥିବାବେଳେ ଖୁବ୍‌ଶୀଘ୍ର ଏହାକୁ ପର୍ଯ୍ୟଟକଙ୍କ ପାଇଁ ଉନ୍ମୁକ୍ତ କରାଯିବ। ସେହିଭଳି ବାଲେଶ୍ୱର ଜିଲାର ଚାନ୍ଦିପୁର, ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଓ ସତିଗୁଡ଼ା ଏବଂ ବରଗଡ଼ ଜିଲାର ନୃସିଂହନାଥଠାରେ ୪ଟି ନୂଆ ନେଚର୍ କ୍ୟାମ୍ପ୍ ଆଗାମୀ ୧ ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି। ବର୍ତ୍ତମାନ ଭିତରକନିକା, ଶିମିଳିପାଳ, ଚିଲିକା, ପୁରୀ ନୂଆନଈ, ଦାରିଙ୍ଗବାଡି, ଓଳାଶୁଣୀ, ସିଧାମୂଳା, ରିସିଆ, ସାତକୋଶିଆ, ହୀରାକୁଦ, ସାନଘାଗରା, ଫୁଲବାଣୀ, ବେଲଘର, ଚନ୍ଦକା, ଅଂଶୁପା, ସପ୍ତଶଯ୍ୟା, ମହାବିନାୟକ ଭଳି ସ୍ଥାନରେ ପର୍ଯ୍ୟଟକଙ୍କ ରାତିରହଣି ପାଇଁ ନେଚର କ୍ୟାମ୍ପର ବ୍ୟବସ୍ଥା ରହିଛି।

## ୭ ନୂଆ ପରିବେଶ ପର୍ଯ୍ୟଟନସ୍ଥଳୀ



## କ୍ୟାମ୍ପେନ୍ 'ଓଡ଼ିଶା ଆଃ'




ଓଡ଼ିଶା-ବେଷ୍ଟ କେପ୍ଟ ସିକ୍ରେଟ୍', 'ଓଡ଼ିଶା ବାଇ ମର୍ନିଂ, ହକି ବାଇ ଇଭିନିଂ' କ୍ୟାମ୍ପେନ୍ କରି ଚର୍ଚ୍ଚାରେ ଥିବା ଓଡ଼ିଶା ପର୍ଯ୍ୟଟନ ନିଜର ବ୍ରାଣ୍ଡ୍ ନୂଆ କ୍ୟାମ୍ପେନ୍ ପାଇଁ ପୁଣିଥରେ ଚର୍ଚ୍ଚାକୁ ଆସିଛି। ରାଜ୍ୟ ଏବଂ ଦେଶ ବାହାରେ ବ୍ରାଣ୍ଡ୍ ଓଡ଼ିଶାର ପ୍ରଚାର ପ୍ରସାର କରିବା ତଥା ଓଡ଼ିଶାକୁ ଭାରତର ଏକ ପ୍ରମୁଖ ପର୍ଯ୍ୟଟନ ହବ୍‌ରେ ପରିଣତ କରିବାକୁ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆରମ୍ଭ ହୋଇଛି ନୂଆ କ୍ୟାମ୍ପେନ୍ 'ଓଡ଼ିଶା ଆଃ'। ଏକ ଅଭିନବ ଢଙ୍ଗରେ ଡିଜାଇନ୍ ହୋଇଥିବା ଏହି କ୍ୟାମ୍ପେନ୍ ଏବେ ଦିଲ୍ଲୀ ଏବଂ ବମ୍ବେର ମେଟ୍ରୋ ଷ୍ଟେଶନ ଏବଂ ବିମାନ ବନ୍ଦରରେ ଦେଖିବାକୁ ମିଳୁଛି। ଧୀରେ ଧୀରେ ଏହାକୁ ଦେଶ ଏବଂ ଦେଶ ବାହାରର ପ୍ରମୁଖ ବିମାନବନ୍ଦରରେ ପ୍ରଦର୍ଶିତ କରାଯିବ। ଏହାସହ ଖବରକାଗଜ, ଇଲେକ୍ଟ୍ରୋନିକ୍ସ ଏବଂ ଡିଜିଟାଲ ମିଡ଼ିଆରେ ମଧ୍ୟ ପ୍ରମୋଟ କରିବାକୁ ବିଭାଗ ଯୋଜନା କରିଛି। ତେବେ କେରଳ, ଗୋଆ, ଆସାମ ଭଳି ଟୁରିଜମ୍ ବ୍ରାଣ୍ଡ୍ ସହ ତାଳଦେବାକୁ ଓଡ଼ିଶା ଏହି କ୍ୟାମ୍ପେନ୍ ଆରମ୍ଭ କରିଛି। ଓଡ଼ିଶାର କୋଣ ଅନୁକୋଣରେ ଥିବା ଏହାର କଳା, ସଂସ୍କୃତି, ପ୍ରାକୃତିକ ସୌନ୍ଦର୍ଯ୍ୟ, ଚାଲିଚଳଣି, ନୃତ୍ୟ, ସଙ୍ଗୀତ ଜଣେ ପର୍ଯ୍ୟଟକକୁ ଆଃ ଅନୁଭୂତି ଦେଉଥିବା ବେଳେ ନୂଆ ଅଭିଯାନକୁ ସେହି ଅନୁଯାୟୀ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସହ ଅର୍ଥନୀତି ସମୃଦ୍ଧିରେ ସହାୟକ ହୋଇପାରିବ।

## ପର୍ଯ୍ୟଟକଙ୍କ ପସନ୍ଦ ପୁରୀ

ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ପୁରୀ ଏକ ପ୍ରମୁଖ ସ୍ଥାନଭାବେ ପରିଗଣିତ ହେଉଥିବା ବେଳେ ଦିନକୁ ଦିନ ଏଠାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧିପାଉଛି। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ନିକଟରେ ବିଧାନସଭାରେ ଦେଇଥିବା ତଥ୍ୟ ମୁତାବକ ୨୦୧୪ରେ ପୁରୀକୁ ମୋଟ ୩୭,୩୨,୪୯୧ ପର୍ଯ୍ୟଟକ ଆସିଥିବା ବେଳେ ସେମାନଙ୍କ ମଧ୍ୟରେ ୩୭,୦୫,୧୮୯ ଜଣ ଦେଶୀୟ ଏବଂ ୨୭,୩୦୨ ବିଦେଶୀ ପର୍ଯ୍ୟଟକ ରହିଥିଲେ। ସେହିଭଳି ୨୦୧୫ରେ ମୋଟ ୪୧,୪୩,୩୯୫ ପର୍ଯ୍ୟଟକ, ୨୦୧୬ରେ ୪୩,୦୮,୮୪୨, ୨୦୧୭ରେ ମୋଟ ୪୭,୨୨,୧୫୯ ପର୍ଯ୍ୟଟକ ପୁରୀ ଆସିଥିଲେ। ୨୦୧୮ରେ ପୁରୀକୁ ପର୍ଯ୍ୟଟକଙ୍କ ଆଗମନରେ ୧୧.୪୮ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ମୋଟ ୫୨,୬୪,୩୦୬ଜଣଙ୍କ ମଧ୍ୟରୁ ୫୨,୨୩,୯୬୭ ଦେଶୀୟ ଏବଂ ୪୦,୩୩୯ ବିଦେଶୀ ପର୍ଯ୍ୟଟକ ରହିଥିଲେ। ଟ୍ରାଭେଲ ଏଜେନ୍ସି 'ଇକ୍ସିଗୋ' ପକ୍ଷରୁ କରାଯାଇଥିବା ଏକ ସର୍ଭେ ରିପୋର୍ଟ ଅନୁଯାୟୀ ପ୍ରତି ମାସରେ ପୁରୀରେ ହୋଟେଲ ବୁକିଂ ସଂଖ୍ୟା ପ୍ରାୟ ୬୦ ପ୍ରତିଶତ ବୃଦ୍ଧିପାଉଥିବା ବେଳେ ଦେଶର ଆଧ୍ୟାତ୍ମିକ ପର୍ଯ୍ୟଟନସ୍ଥଳୀ ତାଲିକାରେ ଉତ୍ତରପ୍ରଦେଶର ବାରାଣସୀ ଏବଂ ଓଡ଼ିଶାର ପୁରୀ ସବୁଠାରେ ଆଗରେ ରହିଛି।

## ଚାଇନା, ଜାପାନରୁ ଆସୁଛନ୍ତି ସର୍ବାଧିକ ପର୍ଯ୍ୟଟକ

୨୦୧୬ରୁ ୨୦୧୮ ମସିହା ମଧ୍ୟରେ ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ଆଶାତୀତ ବୃଦ୍ଧ ଘଟିଛି। ୨୦୧୬ରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରରୁ ଓଡ଼ିଶାକୁ ୭୬,୩୬୧ ବିଦେଶୀ ପର୍ଯ୍ୟଟକ ଆସିଥିବା ବେଳେ ୨୦୧୭ରେ ଆସିଥିଲେ ୧,୦୦,୦୧୪ ଜଣ ପର୍ଯ୍ୟଟକ। ସେହିଭଳି ୨୦୧୮ରେ ଓଡ଼ିଶାକୁ ମୋଟ ୧,୧୦,୮୧୮ଜଣ ବିଦେଶୀ ପର୍ଯ୍ୟଟକ ଆସିଥିବା ପର୍ଯ୍ୟଟନ ବିଭାଗ ସୂତ୍ରରୁ ଜଣାପଡ଼ିଛି। ୨୦୧୮ରେ ଚାଇନା ଓ ଜାପାନରୁ ସର୍ବାଧିକ ପର୍ଯ୍ୟଟକଙ୍କୁ ଓଡ଼ିଶା ଆକୃଷ୍ଟ କରିଥିବାବେଳେ ଚାଇନାରୁ



୧୦,୫୩୧ ଏବଂ ଜାପାନରୁ ୧୦,୧୬୧ଜଣ ଆସିଥିଲେ। ସେହିଭଳି ବ୍ରିଟେନରୁ ୯୬୫୨, ଆମେରିକାରୁ ୮୭୪୭, ନେଦରଲ୍ୟାଣ୍ଡରୁ ୫୯୫୭, ମାଲେସିଆରୁ ୫୮୨୮, ଫ୍ରାନ୍ସରୁ ୫୩୮୨, ଇଟାଲୀରୁ ୫୦୫୨, ଜର୍ମାନୀରୁ ୪୫୮୮ ଏବଂ ଅଷ୍ଟ୍ରେଲିଆରୁ ୩୬୨୬ଜଣ ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି। ତେବେ ପଶ୍ଚିମ ୟୁରୋପୀୟ ରାଷ୍ଟ୍ରଗୁଡ଼ିକରୁ ସର୍ବାଧିକ ପର୍ଯ୍ୟଟକ ଓଡ଼ିଶା ଆସୁଥିବା ବେଳେ ୨୦୧୮ରେ ୪୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ ଆସିଛନ୍ତି।

## ଅନ୍‌ଲାଇନ ବୁକିଂର ଡିମାଣ୍ଡ

୨୦୧୭-୧୮ ବର୍ଷରେ ଓଡ଼ିଶାର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ମୋଟ ୯,୩୦୦ ପର୍ଯ୍ୟଟକ ରାତ୍ରୀଯାପନ କରିଥିବା ବେଳେ ୨୦୧୮-୧୯ବର୍ଷରେ ତାହା ଯଥେଷ୍ଟ ଅଧିକ ହୋଇଛି। ୨୦୧୮-୧୯ରେ ୧୯,୯୩୧ ଜଣ ପର୍ଯ୍ୟଟକ ରାଜ୍ୟର ବିଭିନ୍ନ ପରିବେଶ ପର୍ଯ୍ୟଟନସ୍ଥଳୀରେ ରାତ୍ରୀଯାପନ କରିଛନ୍ତି। 'ଇକୋଟୁର୍ ଓଡ଼ିଶା' ୱେବ୍‌ସାଇଟ୍ ମାଧ୍ୟମରେ ହେଉଥିବା ଅନ୍‌ଲାଇନ ବୁକିଂ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ବିଶେଷଭାବେ ସହାୟ ହେଉଛି। ଏଥିପାଇଁ ଚଳିତବର୍ଷ ଓଡ଼ିଶା ସର୍ବଭାରତୀୟସ୍ତରରେ ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ୍ ଇଣ୍ଡଷ୍ଟ୍ରି(ଫିକି) ଦ୍ୱାରା 'ସର୍ବଶ୍ରେଷ୍ଠ ପରିବେଶ ପର୍ଯ୍ୟଟନ ପ୍ରେରଣା' ପୁରସ୍କାର ପାଇବାରେ ସଫଳ ହୋଇଛି। ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକର ଅନ୍‌ଲାଇନ ବୁକିଂ ଇକୋଟୁର୍ ଓଡ଼ିଶା ୱେବ୍‌ସାଇଟ୍ ମାଧ୍ୟମରେ କରାଯାଉଥିବା ବେଳେ ଏଥିରୁ ହେଉଥିବା ଲାଭାଂଶର ୧୦ ପ୍ରତିଶତ ସ୍ଥାନୀୟ ଗ୍ରାମର ଇକୋ ଡେଭଲପ୍‌ମେଣ୍ଟ କମିଟି ହାତକୁ ଯାଉଛି। ଏହି ଅର୍ଥରେ ସମ୍ପୃକ୍ତ ଗ୍ରାମରେ ପରିବେଶ ଉପଯୋଗୀ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହାବ୍ୟତୀତ ୧୦ ପ୍ରତିଶତ ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶରେ ଖର୍ଚ୍ଚ କରାଯାଉଛି।



**କିଛି ତଥ୍ୟ**
ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୪.୬ ବିଲିୟନ ଡଲାର ବୃଦ୍ଧି ଘଟି ୪୭୧.୩ ବିଲିୟନ ଡଲାର ଛୁଇଁଛି।
– ରିଜର୍ଭ ବ୍ୟାଙ୍କ


**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ: ......................................
ଜନ୍ମ ତାରିଖ: ..................................


ଚଞ୍ଚଳା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁକ୍ତ୨ ପରୀକ୍ଷା କେନ୍ଦ୍ର ବିଭ୍ରାଟର ଭିଜିଲାନ୍ସ ତଦନ୍ତ ଦାବି

- ଆନ୍ଦୋଳନ ଚେତାବନୀ ଦେଲା ଓଡ଼ିଶା ଅଭିଭାବକ ମହାସଂଘ
- ପରିଚାଳନା କମିଟିରୁ ରାଜନୈତିକ ବ୍ୟକ୍ତିଙ୍କୁ ହଟାଯାଉ
- ସ୍ୱଚ୍ଛତା ପାଇଁ ବରିଷ୍ଠ ଶିକ୍ଷାବିତ୍‌ଙ୍କୁ ସାମିଲ କରାଯାଉ

ଭୁବନେଶ୍ୱର, ୮।୨(ବ୍ୟୁରୋ)

ରାଜ୍ୟରେ ଯୁକ୍ତ୨ ପରୀକ୍ଷା କେନ୍ଦ୍ର ବିଭ୍ରାଟକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏହି ପ୍ରସଙ୍ଗ ଉପରେ ବିଭାଗୀୟ ମନ୍ତ୍ରୀ ତୁରନ୍ତ ଉଚ୍ଚସ୍ତରୀୟ ଭିଜିଲାନ୍ସ ତଦନ୍ତର ନିର୍ଦ୍ଦେଶ ଦିଅନ୍ତୁ ବୋଲି ଓଡ଼ିଶା ଅଭିଭାବକ ମହାସଂଘ ଦାବି କରିଛି। ଏଥିସହ ୭ଦିନ ଭିତରେ ତଦନ୍ତ ରିପୋର୍ଟ ପ୍ରଦାନ ଓ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ଶନିବାର ମହାସଂଘ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସରକାରଙ୍କ ନିକଟରେ ଏହି ଦାବି ଉପସ୍ଥାପନା କରାଯାଇଛି। ମହାସଂଘ ଅଧ୍ୟକ୍ଷ ବାସୁଦେବ ଭଟ୍ଟ କହିଲେ, ପ୍ରକ୍ରିୟା ଆରମ୍ଭ ନ ହେଉଣୁ ପରୀକ୍ଷା କେନ୍ଦ୍ର ଘୋଷଣାରେ ଦୁର୍ନୀତିର ଗନ୍ଧ ପଦାକୁ ଆସିଲାଣି। ରାଜ୍ୟର ଦୁଇଜଣ ବରିଷ୍ଠ ବିଧାୟକ ଏହି ସମ୍ପର୍କରେ ଅଭିଯୋଗ ଆଣିଛନ୍ତି। ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଏକପ୍ରକାରର ଦ୍ୱନ୍ଦ୍ୱ ଓ ସନ୍ଦିହାନ ଅବସ୍ଥାରେ ଅଛନ୍ତି। ପରୀକ୍ଷା କେନ୍ଦ୍ର ପରିଚାଳନା ଓ ପରୀକ୍ଷା ନିୟନ୍ତ୍ରଣରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଲାଣି। ଯୁକ୍ତ୩ ପରି ଯୁକ୍ତ୨ କଲେଜ ପରିଚାଳନା କମିଟିରୁ ରାଜନୈତିକ ବ୍ୟକ୍ତିଙ୍କୁ ହଟାଯାଉ। ଏପରି କି ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନକୁ ରାଜନୈତିକ ସମ୍ପୃକ୍ତିରୁ ମୁକ୍ତ କରାଯାଉ ବୋଲି ମଧ୍ୟ ମହାସଂଘ ପକ୍ଷରୁ କୁହାଯାଇଛି। ବ୍ୟବସ୍ଥାରେ ସ୍ୱଚ୍ଛତା ପାଇଁ ବରିଷ୍ଠ ଶିକ୍ଷାବିତ୍, ପରୀକ୍ଷା ପରିଚାଳନାରେ ଅଭିଜ୍ଞ ବ୍ୟକ୍ତିବିଶେଷ ଓ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷକ, ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କୁ ନେଇ ପରୀକ୍ଷା ସମ୍ପର୍କିତ କମିଟି ଗଠନ କରାଯାଉ। ଯଦି ରାଜ୍ୟ ସରକାର ଏହି ଘୋଟାଲାରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନ କରାଯିବ ବୋଲି ମହାସଂଘ ଚେତାବନୀ ଦେଇଛି। ଏହି ସମ୍ମିଳନୀରେ ମହାସଂଘ ସହ-ଅଧ୍ୟକ୍ଷ ପ୍ରସନ୍ନ ବିଷୋୟୀ, ସତ୍ୟବ୍ରତ ପରିଜା ଓ ଶଙ୍କର ସାମନ୍ତରାୟ ଉପସ୍ଥିତ ଥିଲେ।

**ନିନ୍ଦାକଲା କଂଗ୍ରେସ**

ଆଗୁଆ ଯୁକ୍ତ୨ ପରୀକ୍ଷା କେନ୍ଦ୍ର ଘୋଷଣା ଓ କେତେକ ଅନିୟମିତତାକୁ ମଧ୍ୟ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ନିନ୍ଦା କରିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ଅଧିକାରୀ ଓ କର୍ମଚାରୀମାନେ ଦୁର୍ନୀତିରେ ଲିପ୍ତ ରହି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଗଠିତ କମିଟିର ନିଷ୍ପତ୍ତିକୁ ଉପେକ୍ଷା କରି କିଛି ଶିକ୍ଷାନୁଷ୍ଠାନକୁ ଅନୁକମ୍ପା ଦେଖାଇ ପରିଷଦ ବେଆଇନ ଭାବେ ପରୀକ୍ଷା କେନ୍ଦ୍ର ଚୟନ କରିଛି। ପରୀକ୍ଷା ପରିଚାଳନା କମିଟିର ସୁପାରିସ ଅନୁସାରେ ପରୀକ୍ଷା କେନ୍ଦ୍ର ନିର୍ଦ୍ଧାରଣ କରିବା ପାଇଁ କଂଗ୍ରେସ ଦୃଢ଼ ଦାବି କରିଛି। ଆସନ୍ତା ସାତଦିନ ମଧ୍ୟରେ ଯଦି ପରିଷଦ ନିଷ୍ପତ୍ତିରେ ପରିବର୍ତ୍ତନ ନ କରେ, ତେବେ ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଓଡ଼ିଶା ଯୁବ କଂଗ୍ରେସ ପକ୍ଷରୁ ପରିଷଦ ବିରୋଧରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ପ୍ରଦେଶ କଂଗ୍ରେସ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ବିଶ୍ୱ ଚାମ୍ପିୟନଙ୍କୁ...

ପେନାଲ୍ଟି କର୍ନର ପାଇଥିଲା ବେଲଜିୟମ। ମାତ୍ର ଭାରତୀୟ ରକ୍ଷଣଭାଗ ଓ ଗୋଲକିପରଙ୍କୁ ଭେଦ କରିବାରେ ସକ୍ଷମ ହୋଇପାରି ନ ଥିଲା। ୮ମ ଓ ୧୫ତମ ମିନିଟରେ ମଧ୍ୟ ଦଳ ୨ଟି ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଫଳାଫଳ ପୂର୍ବପରି ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଖେଳ ବେଶ୍ ରୋମାଞ୍ଚକ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୨୦ତମ ମିନିଟରେ ବେଲଜିୟମ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଗୋଲ ପରିଶୋଧରେ ଏହା ସହାୟକ ହୋଇପାରି ନ ଥିଲା। ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୧-୦ରେ ଆଗୁଆ ରହିଥିଲା।

ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୩୩ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରକୁ ବେଲଜିୟମର ଗାଥିର ବୋକାର୍ଡ ଗୋଲରେ ପରିଣତ କରି ମ୍ୟାଚକୁ ସମାନ ସ୍ତରକୁ ନେଇ ଆସିଥିଲେ। ଫଳରେ ବର୍ଷାଯୋଗୁ ଥଣ୍ଡା ବଢ଼ିଥିଲେ ହେଁ ପଡ଼ିଆ ଭିତରେ ଉଷ୍ମତା ବୃଦ୍ଧି ପାଇଥିବା ସ୍ପଷ୍ଟ ବାରି ହୋଇ ପଡ଼ିଥିଲା। ୪୧ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା ମନପ୍ରୀତ ବଲ୍‌କୁ ପ୍ରତିପକ୍ଷ ଗୋଲପୋଷ୍ଟ ଭିତରକୁ ପଠାଇ ଦେଇଥିଲେ ମଧ୍ୟ। ମାତ୍ର ବଲ୍ ଷ୍ଟପ୍ ସମୟରେ ଡି ଏରିଆ ବାହାରକୁ ନ ଆଣି ବଲ୍ ମାରିଥିବାରୁ ଅମ୍ପାୟର ତାହାକୁ ନାକଚ କରି ଦେଇଥିଲେ। ମ୍ୟାଚ ୧-୧ ସ୍ଥିତିରେ ରହିବାରୁ ସ୍ୱାଭାବିକ ଅନ୍ତିମ କ୍ୱାର୍ଟର ସଂଘର୍ଷପୂର୍ଣ୍ଣ ହୋଇଥିଲା। ତେବେ ୪୬ତମ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ରମଣଦୀପ ସିଂ ଗୋଲରେ ପରିଣତ କରି ପୁଣି ଭାରତକୁ ଅଗ୍ରଣୀ କରାଇଥିଲେ। ବେଲଜିୟମ ୪୭, ୫୮ତମ ମିନିଟରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ରକ୍ଷଣଭାଗ ସଫଳତାର ସହିତ ତାହାକୁ ପ୍ରତିହତ କରିଥିଲା। ୫୯ତମ ମିନିଟରେ ଭାରତ ପେନାଲ୍ଟି କର୍ନର ମିସ୍ କରିଥିବାବେଳେ ମ୍ୟାଚ ଶେଷ ହେବାକୁ ୪ ସେକେଣ୍ଡ ଥିବାବେଳେ ବେଲଜିୟମ ପେନାଲ୍ଟି କର୍ନର ପାଇବାରୁ ଭାରତୀୟ ସମର୍ଥକଙ୍କ ଆଶଙ୍କା ବଢ଼ି ଯାଇଥିଲା। ମାତ୍ର ଭାଗ୍ୟଦେବୀ ସହାୟ ହୋଇଥିଲେ ଏବଂ ଗୋଲକିପର ପାଠକ ଏହାକୁ ରୋକିବା ସହ ଭାରତର ବିଜୟ ଉତ୍ସବ ଆରମ୍ଭ ହୋଇ ଯାଇଥିଲା। ମ୍ୟାଚରେ ବେଲଜିୟମ ୧୩ଟି ଏବଂ ଭାରତ ୪ଟି ପେନାଲ୍ଟି କର୍ନର ପାଇଥିଲେ। ଏଥିରୁ ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଏହି ବିଜୟ ସହ ଭାରତ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତ ୩ ମ୍ୟାଚରୁ ୨ ବିଜୟ ଓ ୧ ଶୁଟ୍ ଆଉଟ ବିଜୟ ସହ ୮ ପଏଣ୍ଟ ପାଇଥିବାବେଳେ ବେଲଜିୟମ ୫ ମ୍ୟାଚରୁ ୧୧ ପଏଣ୍ଟ ପାଇ ଶୀର୍ଷରେ ଅପରିବର୍ତ୍ତିତ ରହିଛି।

### ପୁଣି...

ଭାବେ କରାଯାଇଥିବା ସର୍ଭେ ଅନୁଯାୟୀ ଏଏପିର 'ଉନ୍ନୟନମୂଳକ କାର୍ଯ୍ୟକ୍ରମ' ଭାଜପାର 'ଜାତୀୟତାବାଦୀ କାର୍ଯ୍ୟସୂଚୀ'କୁ ପରାଜିତ କରିବ। ଏଏପି ୫୦.୬% ଭୋଟ ପାଇଥିବାବେଳେ ଭାଜପା ଉପରେ ୩୬% ମତଦାତା ଭରସା କରିଛନ୍ତି। କଂଗ୍ରେସ ମାତ୍ର ୯% ଭୋଟ ଯୋଗାଡ଼ କରିବାରେ ସକ୍ଷମ ହୋଇଛି। ଏହି ଭୋଟ ହାରକୁ ଆସନରେ ପରିବର୍ତ୍ତିତ କରି ହିସାବ କଲେ ଜଣାପଡୁଛି ଯେ ଏଏପି ସର୍ବନିମ୍ନ ୪୯ ଓ ସର୍ବାଧିକ ୬୩ ଆସନ ଦଖଲ କରିବ, ଯାହାକି ପୂର୍ବ ତୁଳନାରେ ୪ କମ୍। ସେହିପରି ଭାଜପା ୫-୧୯ ଏବଂ କଂଗ୍ରେସ ପ୍ରାର୍ଥୀ ସର୍ବାଧିକ ୪ ଆସନରେ ବିଜୟୀ ହେବେ। ଆଇଏଏନ୍‌ଏସ୍-ସିଭୋଟର ପକ୍ଷରୁ ଦିଲ୍ଲୀର ୭ ସଂସଦୀୟ ଆସନର ୧୧,୮୩୯ ବୁଥ୍ ଫେରନ୍ତା ମତଦାତାଙ୍କ ମତାମତ ନିଆଯାଇଥିଲା।

ତେବେ ସମସ୍ତ ଏକ୍‌ଜିଟ୍ ପୋଲ୍ ରିପୋର୍ଟକୁ ନେଇ ସାମଗ୍ରିକ ଆକଳନ ହେଲା ଏଏପି ୪୯ ଆସନ ଦଖଲ କରିବ, ଯାହାକି ପୂର୍ବ ନିର୍ବାଚନ ତୁଳନାରେ ୧୮ କମ୍। ସେହିପରି ଭାଜପାର ପ୍ରଦର୍ଶନରେ ଉନ୍ନତି ଆସିବ। ଗୈରିକ ଦଳ ୨୦୧୫ରେ ମାତ୍ର ୩ଟି ଆସନରେ ସନ୍ତୁଷ୍ଟ ହୋଇଥିବାବେଳେ ଏଥର ୨୦ ନିର୍ବାଚନମଣ୍ଡଳୀରେ ସଫଳତା ପାଇବ, ଯାହାକି କୁହୁକ ସଂଖ୍ୟାଠାରୁ ୧୬ କମ୍। ସେହିପରି ପୂର୍ବ ନିର୍ବାଚନରେ ଖାତା ଖୋଲିବାରେ ସକ୍ଷମ ହୋଇ ନ ଥିବା କଂଗ୍ରେସ ଏଥର ମାତ୍ର ଗୋଟିଏ ଆସନ ଜିତିପାରେ ବୋଲି କୁହାଯାଇଛି। ତେବେ କେଉଁ ସର୍ଭେ ସଂସ୍ଥାର ଆକଳନ କେତେ ନିର୍ଭୁଲ ରହିବ ତାହା ଫେବୃୟାରୀ ୧୧ (ମଙ୍ଗଳବାର) ଭୋଟ ଗଣତି ପରେ ଜଣାପଡ଼ିବ।

### ଆଉ ୨୪...

ଏହି ସମୟରେ ଦିନ ଓ ରାତ୍ରିର ତାପମାତ୍ରାରେ ୫ରୁ ୬ ଡିଗ୍ରୀ ସେଲ୍‌ସିୟସ ହ୍ରାସ ପାଇବା ସମ୍ଭାବନା ରହିଛି। ଏପରି କି କେତେକ ସ୍ଥାନରେ ପ୍ରବଳ ଶୀତଳହରି ହେବ ବୋଲି ସତର୍କ ସୂଚନା ଜାରି କରାଯାଇଛି। ଏଥିସହିତ ଏହି ସମୟ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ଝାରସୁଗୁଡ଼ା, ବରଗଡ଼, କଳାହାଣ୍ଡି, ସୋନପୁର ଏବଂ ବଲାଙ୍ଗୀର ଜିଲାରେ ପ୍ରବଳ କୁହୁଡ଼ି ହେବ ବୋଲି ଅନୁମାନ କରାଯାଇଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଏଲୋୱାର୍ନିଂ ଜାରି କରାଯାଇଛି। ବର୍ଷା ଛାଡ଼ିଯିବା ପରେ ୧୦ ତାରିଖରୁ ଶୀତର ପ୍ରକୋପ ବଢ଼ିବ । ବିଶେଷ କରି ଅନୁଗୋଳ, ସୋନପୁର, କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାର କେତେକ ସ୍ଥାନରେ ଶୀତଳହରି ସାଙ୍ଗକୁ ପ୍ରବଳ କୁହୁଡି ହେବ। ପରିସ୍ଥିତି ପ୍ରତି ନଜର ରଖିବାକୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବର୍ଷା ଦାଉରୁ ମୁଗ ବିରି ଓ ପନିପରିବା ଫସଲକୁ କିପରି ସୁରକ୍ଷିତ ରଖାଯାଇ ପାରିବ ସେ ନେଇ ମଧ୍ୟ ପରାମର୍ଶ ଦିଆଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ରେଢ଼ାଖୋଲରେ ସର୍ବାଧିକ ୬ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ ବିନିକା ୫, ସମ୍ବଲପୁର ୪, ବିଜେପୁର ୪, ବରଗଡ଼, ଡୁଙ୍ଗୁରିପାଲିରେ ୪ ସେଣ୍ଟିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ବଲାଙ୍ଗୀରରେ ୩୩ ମିଲିମିଟର ବର୍ଷା ହୋଇଥିବା ବେଳେ ବାଲେଶ୍ୱର ୧୦, ଭୁବନେଶ୍ୱର ୯.୩, ପୁରୀ ୭, ଅନୁଗୋଳ ୬, ଝାରସୁଗୁଡା ୯.୩, କେନ୍ଦୁଝର ୧୬.୩, ସମ୍ବଲପୁର ୨୪, ସୁନ୍ଦରଗଡ଼ ୧୦, ହୀରାକୁଦ ୨୧.୨, ତାଳଚେର ୮, ନୟାଗଡ ୧୫.୨ ଏବଂ ବୌଦ୍ଧରେ ୧୫.୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ପୁରୀ-ଅନୁଗୋଳ ମଧ୍ୟରେ ଦୀର୍ଘତମ ମେମୁ ସେବା

ଭୁବନେଶ୍ୱର,୮।୨




ଅନୁଗୋଳ ଏବଂ ପୁରୀ ମଧ୍ୟରେ ଚଳାଚଳ କରୁଥିବା ପୁରୀ-ଅନୁଗୋଳ-ପୁରୀ ମେମୁ ଟ୍ରେନରେ ଅତିରିକ୍ତ ୪ ବଗି ସଂଯୋଗ କରାଇବାକୁ ସ୍ଥିର କରାଯାଇଛି। ଯାତ୍ରୀଙ୍କ ଚାହିଦାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ପୁରୀଠାରୁ ଚଳିତ ମାସ ୧୧ ଏବଂ ଅନୁଗୋଳଠାରୁ ୧୨ ତାରିଖରେ ଗଡିବ। ଏହାର ପୂର୍ବଗଠନ ୧୨ କୋଚ୍ ବଦଳରେ ୧୬ଟି କୋଚ୍‌ରେ ଚଳାଚଳ କରିବାକୁ ନିଷ୍ପତ୍ତି ହୋଇଛି। ଏହା ଓଡ଼ିଶାର ଦୀର୍ଘତମ ମେମୁ ବୋଲି ଜଣାପଡିଛି। ସେହିଭଳି ଚଳିତ ମାସ ୧୨ ତାରିଖଠାରୁ ଭୁବନେଶ୍ୱର ଏବଂ କେନ୍ଦୁଝରଗଡ ମଧ୍ୟରେ କେନ୍ଦୁଝରଗଡ-ଭୁବନେଶ୍ୱର-କେନ୍ଦୁଝରଗଡ ପାସେଞ୍ଜର ଟ୍ରେନ ବଦଳରେ ମେମୁ ଟ୍ରେନ ଚଳାଚଳ କରିବାକୁ ନିଷ୍ପତ୍ତି ହୋଇଛି। ଏହି ମାର୍ଗରେ ମେମୁ ଟ୍ରେନ ଚଳାଚଳ କରିବା ପରେ ପୂର୍ବରୁ ଚଳାଚଳ କରୁଥିବା ପାସେଞ୍ଜର ଟ୍ରେନକୁ ଅପସାରିତ କରାଯିବ। ଏହି ମେମୁ ଟ୍ରେନ କେନ୍ଦୁଝରଗଡ-ଭୁବନେଶ୍ୱର-କେନ୍ଦୁଝରଗଡ ମେମୁ ଭାବେ ଭୁବନେଶ୍ୱରଠାରୁ ଚଳିତ ମାସ ୧୨ ଏବଂ କେନ୍ଦୁଝରଗଡରୁ ୧୩ ତାରିଖରୁ ଚଳାଚଳ କରିବ। ଏହି ମେମୁ ପୂର୍ବ ପାସେଞ୍ଜର ଟ୍ରେନର ସ୍ଥିରୀକୃତ ଷ୍ଟେଶନ ଓ ସମୟ ସାରଣୀ ଅନୁଯାୟୀ ଭୁବନେଶ୍ୱର ଓ କେନ୍ଦୁଝରଗଡ ମଧ୍ୟରେ ଚଳାଚଳ କରିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି।

# ଓଡ଼ିଶା-ଜାପାନ ମହୋତ୍ସବ ଉଦ୍‌ଘାଟିତ

ପୁରୀ ଅଫିସ, ୮।୨

ପୁରୀରେ ଆରମ୍ଭ ହୋଇଛି ଦୁଇଦିନିଆ ଓଡ଼ିଶା ଜାପାନ ମହୋତ୍ସବ। ଶନିବାର ଅପରାହ୍ଣରେ ସାନ୍ତନା ହୋଟେଲରେ ଏହି ମହୋତ୍ସବକୁ କୋଲକାତାସ୍ଥିତ ଜାପାନ କନ୍‌ସୁଲ ଜେନେରାଲ ମାସାୟୁକି ତାଗା ଉଦ୍‌ଘାଟନ କରିଛନ୍ତି। ଏଥିରେ ପ୍ରମୁଖ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ପର୍ବ ପରେ ଆରମ୍ଭ ହୋଇଥିଲା ନୃତ୍ୟ, ଗୀତ ଓ ସଙ୍ଗୀତ କାର୍ଯ୍ୟକ୍ରମ। ଜାପାନର କଳାକାରମାନେ ସେମାନଙ୍କ ପାରମ୍ପରିକ, ନୃତ୍ୟ, ଗୀତ ଓ ବାଦ୍ୟର ଯାଦୁ ଦେଖାଇଥିଲେ। ବିଶେଷକରି ଏହି ବିଦେଶୀ କଳାକାରଙ୍କ ଡ୍ରମ୍ ବାଦନ ଏବଂ ବଇଁଶୀର ମୂର୍ଚ୍ଛନା ଖାସ୍ ଆକର୍ଷଣ ସାଜିଥିଲା। ଜାପାନ-ଇଣ୍ଡିଆ କ୍ଲବ, ଚନ୍ଦ୍ରଶେଖର ଏକାଡେମୀ ଏବଂ ଇଣ୍ଡିଆ-ଜାପାନ ଫ୍ରେଣ୍ଡ୍‌ଶିପ୍ ସେଣ୍ଟର ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ ପେଣ୍ଠକଟାସ୍ଥିତ ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ଆୟୋଜନ କରାଯିବା ଲାଗି ପୂର୍ବରୁ ସ୍ଥିର ହୋଇଥିଲା। ମାତ୍ର ପ୍ରତିକୂଳ ପାଗ ଯୋଗୁ ଶେଷ ମୁହୂର୍ତ୍ତରେ ଏହା ହୋଟେଲ ପରିସରରେ ଆୟୋଜିତ ହୋଇଛି। ହୋଟେଲ ପ୍ରବେଶ ପଥରୁ ହିଁ ଜାପାନର କଳା କାରିଗରିର ନିଦର୍ଶନ ଦେଖିବାକୁ ମିଳୁଛି। ଉଭୟ ପାର୍ଶ୍ୱରେ ଗାଢ ରଙ୍ଗର କନାରେ ତିଆରି ମାଛର ପ୍ରତିକୃତିଗୁଡ଼ିକ ପବନରେ ତରଙ୍ଗାୟିତ ହେବାର ଦୃଶ୍ୟ ମହୋତ୍ସବକୁ ଆହୁରି ଚିତ୍ତାକର୍ଷକ କରୁଛି। ସେହିପରି ଜାପାନର ପାରମ୍ପରିକ ଲାଇଟ୍ ବି ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜାପାନିଜ ରକ୍ ବ୍ୟାଣ୍ଡ, ମିକ୍ସ ବ୍ୟାଣ୍ଡ, ଡ୍ରମ୍, ଭାଓଲିନ, ବଇଁଶୀ, ଗିଟାର ଆଦି ବାଦ୍ୟର ମୂର୍ଚ୍ଛନା ଶୁଣିବାକୁ ମିଳିଥିଲା। ସେହିପରି ଜାପାନିଜ ନୃତ୍ୟ ପରିବେଷଣ କରାଯାଇଥିବାବେଳେ ସେମାନଙ୍କ କମେଡ଼ି ଓ ସଙ୍ଗୀତ ବି ଶୁଣିବାକୁ ମିଳିଥିଲା।

**ଜେଡିସିଏ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ଉତ୍ସବ**

# 'ଗୁରୁମୁଲ'ରୁ 'ଡିକୋଡିଂ ଶଙ୍କର'

ଭୁବନେଶ୍ୱର,୮।୨(ବ୍ୟୁରୋ)


ଫିଲ୍ମ 'ଗୁରୁମୁଲ'ର ଏକ ଦୃଶ୍ୟ

ଜିଓଫ୍ରୀ ଗୁରୁମୁଲ ୟୁନୁପିଙ୍ଗୁ। ଅଷ୍ଟ୍ରେଲୀୟ ସଙ୍ଗୀତ ଜଗତରେ ବହୁଚର୍ଚ୍ଚିତ ଚେହେରା। ଅଷ୍ଟ୍ରେଲିଆର ପାରମ୍ପରିକ ଆଦିମ ସଙ୍ଗୀତକୁ ସମଗ୍ର ବିଶ୍ୱର ନଜରକୁ ଆଣିଥିବା ଏହି ଖ୍ୟାତାନାମା ସଙ୍ଗୀତଜ୍ଞ ଏକାଧାରାରେ ବହୁ ପ୍ରତିଭାର ଅଧିକାରୀ। ଡ୍ରମ୍, କିବୋର୍ଡ, ଗିଟାର୍ ଭଳି ଏକାଧିକ ବାଦ୍ୟ ବଜାଇ ପାରୁଥିବା ଏହି ମଲ୍ଟିଇନ୍‌ଷ୍ଟ୍ରୁମେଣ୍ଟାଲିଷ୍ଟ ନିଜର କଣ୍ଠସ୍ୱର ପାଇଁ ପ୍ରସିଦ୍ଧ ଥିଲେ। ନିଜ ଜନ୍ମମାଟିର କଥାକୁ ସଙ୍ଗୀତର ରୂପଦେଇ ସେ ଲୋକଲୋଚନକୁ ଆଣିଥିଲେ। ୨୦୦୮ରେ ରିଲିଜ ହୋଇଥିବା ତାଙ୍କ ପ୍ରଥମ ସୋଲୋ ଆଲ୍‌ବମ୍ 'ଗୁରୁମୁଲ୍' କେବଳ ଅଷ୍ଟ୍ରେଲିଆ ନୁହେଁ, ସବୁଠି ଲୋକପ୍ରିୟତା ହାସଲ କରିଥିଲା। ଜିଓଫ୍ରୀ ଗୁରୁମୁଲଙ୍କ ସେହି ସଂଘର୍ଷମୟ କାହାଣୀ ଓ ସଫଳତାର ଯାତ୍ରା ଶନିବାର ଇଉ୍‌କଲ ଅଡିଟୋରିଅମ୍‌ଠାରେ ଚାଲିଥିବା ତ୍ରୟୋଦଶ ଅନ୍ତର୍ଜାତୀୟ କଳା ଓ କଳାକାର ପ୍ରାମାଣିକ ଚଳଚ୍ଚିତ୍ର ଉତ୍ସବରେ ଦେଖିବାକୁ ମିଳିଥିଲା। ଜେ.ଡି. ସେଣ୍ଟର ଅଫ୍ ଆର୍ଟ(ଜେଡିସିଏ) ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିଥିବାବେଳେ ଶନିବାର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ଅଷ୍ଟ୍ରେଲିଆନ୍ ଫିଲ୍ମମେକର ପଲ୍ ଡାମିଏନ୍ ୱିଲିଅମ୍ସଙ୍କ ଡକ୍ୟୁମେଣ୍ଟାରୀ ଫିଲ୍ମ 'ଗୁରୁମୁଲ'ରୁ। ଏହି ଅବସରରେ କୋଲକାତାସ୍ଥିତ ଅଷ୍ଟ୍ରେଲିଆନ୍ କନ୍‌ସୁଲେଟ୍ ଜେନେରାଲର ଡାନିଏଲ୍ ସିମ୍ ଉପସ୍ଥିତ ରହିଥିଲେ।

ପ୍ରଦର୍ଶିତ ଆଉକିଛି ଆଦୃତ ଫିଲ୍ମ ମଧ୍ୟରେ ରହିଥିଲା ଓଡ଼ିଶାର ଟେକ୍ସଟାଇଲ ଡିଜାଇନର୍ ତଥା ଗବେଷିକା ପଙ୍କଜା ସେଠୀଙ୍କ 'କବୀର କେ ଜୁଲାହେ' ଏବଂ 'ନିୟମ କୁ ନିୟମ'। ଓଡ଼ିଶାର କୋଟପାଡ଼ ଏବଂ ଛତିଶଗଡ଼ ବସ୍ତରର ପାଣିକ ବୁଣାକାରଙ୍କ ଉପରେ ନିର୍ମିତ 'କବୀର କେ ଜୁଲାହେ' କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରରେ ଶହ ଶହ ବର୍ଷ ପୂର୍ବେ ଏହି ଅଞ୍ଚଳକୁ ବିସ୍ଥାପିତ ହୋଇ ଆସିଥିବା କବୀରଙ୍କ ପାଣିକ ଅନୁଗାମୀ ଏବଂ ସ୍ଥାନୀୟ ଆଦିବାସୀ ପରମ୍ପରାର କିଭଳି ମିଳନ ଘଟିଛି ତାହା ଦେଖିବାକୁ ମିଳିଥିଲା। ସେହିଭଳି 'ନିୟମ କୁ ନିୟମ'ରେ ଓଡ଼ିଶାର ଆଉଏକ ଜନଜାତି ତଥା ନିୟମଗିରି ପାହାଡ଼ର ଆଦିମ ଗୋଷ୍ଠୀଙ୍କ ଦୈନନ୍ଦିନ ଜୀବନ ସମ୍ପର୍କରେ ଜାଣିବାକୁ ମିଳିଥିଲା। ଏଥିସହ ଓଡ଼ିଶାର ଯୁବ ଫିଲ୍ମନିର୍ମାତା ଅଭିଷେକ ସ୍ୱାଇଁଙ୍କ ଫିଲ୍ମ 'ଥ୍ରୋ ଦି ଆଇଜ୍ ଅଫ୍ ଆନ୍ ଆର୍ଟିଷ୍ଟ' ଓଡ଼ିଶାର ପ୍ରାଚୀନ ନୃତ୍ୟକଳା 'ଗୋଟିପୁଅ' ପରମ୍ପରାକୁ ଉଜ୍ଜୀବିତ ରଖିଥିବା ନୃତ୍ୟଗୁରୁ ବୀରବର ସାହୁଙ୍କ ଜୀବନୀ ପର୍ଯ୍ୟବସିତ ଥିଲା। ଗୋଟିପୁଅ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିବା ଏହି ସ୍ୱର୍ଗତ ଗୁରୁଙ୍କ କଳା ପ୍ରତି ରହିଥିବା ଅବଦାନକୁ ଏଥିରେ ନିଖୁଣ ଉପସ୍ଥାପନ କରାଯାଇଥିଲା। ବହୁ କମ୍ ବଜେଟ୍‌ରେ ହୋଇଥିବା ଏହି ଫିଲ୍ମ ଏକ ଛୋଟ ଡିଏସ୍‌ଏଲ୍‌ଆର୍ କ୍ୟାମେରାରେ ଶୁଟିଂ ହୋଇଥିବା ନିର୍ମାତା ଅଭିଷେକ ଏହି ଅବସରରେ କହିଥିଲେ।

ମୁଖ୍ୟ ପ୍ରେକ୍ଷାଳୟରେ ପ୍ରଦର୍ଶିତ ଅନ୍ୟ କେତେକ ପ୍ରମୁଖ ଫିଲ୍ମ ମଧ୍ୟରେ ରହିଥିଲା ଓଡ଼ିଶାର ଆଶୁତୋଷ ପଟ୍ଟନାୟକଙ୍କ 'ଶ୍ରୀକ୍ଷେତ୍ରର ସାହିଜାତ' ଏବଂ ଦୀପ୍ତି ଶିବନଙ୍କ 'ଡିକୋଡିଂ ଶଙ୍କର'। ସଫ୍ଟୱେର୍ ଇଞ୍ଜିନିୟରରୁ ମ୍ୟୁଜିସିଆନ୍ ପାଲଟିଥିବା ଲୋକପ୍ରିୟ ଶଙ୍କର ମହାଦେବନଙ୍କ ଜୀବନ କାହାଣୀକୁ ଅତି ନିଖୁଣଭାବେ ବର୍ଣ୍ଣନା କରିଥିଲା ଫିଲ୍ମ 'ଡିକୋଡିଂ ଶଙ୍କର'। ସେହିଭଳି ଦ୍ୱିତୀୟ ଦିନରେ ପ୍ରଦର୍ଶିତ ବିଦେଶୀ ଫିଲ୍ମ ମଧ୍ୟରେ ଆଣ୍ଡ୍ରୁ ଗୋଲ୍ଡସ୍ମିଥ୍ ଏବଂ ବ୍ରାଡ୍‌ଲି ସ୍ଲେକ୍‌ଙ୍କ 'ଲଷ୍ଟ ଆଣ୍ଡ୍ ଫାଉଣ୍ଡ୍', ମେକ୍ସିକୋର ମାରିଆନୋ ରେଣ୍ଟେରିଆ ଗାର୍ନିକାଙ୍କ 'କାରା ଦେ ଡିଆବ୍ଲୋ', କାନାଡାର ହିଥର୍ କଣ୍ଟୋଙ୍କ 'ମାଇ ଫାଦର୍ସ; ଟୁଲ୍‌ସ', ଚାଇନାର ୟୁ ହାଓଜିଆଙ୍ଗଙ୍କ 'ଚାଇନିଜ୍ ପେଣ୍ଟିଂ' ସନ୍ ଜୁନ୍‌ଙ୍କ 'ମାଇଥୋଲୋଜିକାଲ ଟାଇମ୍' ଇତ୍ୟାଦି ରହିଥିଲା। ଏହାବ୍ୟତୀତ ମନୋରଞ୍ଜନ ବାଡ୍‌ତ୍ୟାଙ୍କ 'ସ୍ୟାଣ୍ଡ ସେଜ୍ ସମ୍‌ଥିଙ୍ଗ୍', କେ. ହରପ୍ରିୟାଙ୍କ 'କଲମକରୀ: ମ୍ୟାଜିକ୍ ଅଫ୍ କ୍ରିଏଶନ୍', ସନ୍ତୋଷ ଗୌରଙ୍କ 'ସାକ୍ଷୀ ପିଲା(ବୟ ଓଡ଼ିଶୀ ଡ୍ୟାନ୍ସର)', ପ୍ରମୋଦ ମାଥୁରଙ୍କ 'ସୋହମ୍ ଆସ୍ମୀ: ଆଇ ଆମ୍ ଦ୍ୟାଟ୍' ଭଳି କେତେକ ଉତ୍କୃଷ୍ଟ ଫିଲ୍ମ ଦେଖିବାକୁ ପାଇଥିଲେ ଦର୍ଶକ।


ଜାତୀୟ ଚଳଚ୍ଚିତ୍ର ନିର୍ମାତା ପୁରସ୍କାରପ୍ରାପ୍ତ ନନ୍ଦନ ସାକ୍‌ସେନାଙ୍କ ଦ୍ୱାରା ୪-କେ ଡିଜିଟାଲ ଚଳଚ୍ଚିତ୍ର ନିର୍ମାଣ ସମ୍ପର୍କିତ କର୍ମଶାଳା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଚନ୍ଦ୍ର ପୁଷ୍ୟା ନକ୍ଷତ୍ରସ୍ଥ ଚନ୍ଦ୍ର ହେତୁ ସ୍ୱାସ୍ଥ୍ୟ ଭଲ ରହି ନ ପାରେ, କିନ୍ତୁ କୌଣସି କାମ ଅଟକି ରହିବ ନାହିଁ। ସଭାସମିତିରେ ନିଜର ସୀମା ଭିତରେ ରହିବା ଭଲ ନତୁବା ସାଧାରଣ କଥାରେ ମଧ୍ୟ ସମସ୍ୟା ଆସିବ। ମଧ୍ୟାହ୍ନ ପରେ ପରେ ଦେଇଥିବା ଜିନିଷ ଫେରି ପାଇବେ କିମ୍ବା ଆଶା କରିଥିବା ଦିଗରୁ ଅର୍ଥପ୍ରାପ୍ତି ହେବ।

**ବୃଷ** ବୁଧ ମିତ୍ର ନକ୍ଷତ୍ରରେ ରହିଥିବାରୁ ବିଭିନ୍ନ କ୍ଷେତ୍ରରୁ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ମାଙ୍ଗଳିକ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ମଧ୍ୟାହ୍ନରେ ଟେନସନ୍ ଦୂର ହେବ। କଳା ସାହିତ୍ୟ ଓ ସାମ୍ବାଦିକତା, ଚୁକ୍ତିପତ୍ର କ୍ଷେତ୍ରରୁ ସୁଫଳ ମିଳିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସୁଫଳ ପାଇବେ।

**ମିଥୁନ** ରାଶି ଓ ଚତୁର୍ଥାଧିପ ନବମସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ କମିପାରେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ମନକଥା ମନରେ ରଖିପାରିବେ ନାହିଁ, ବନ୍ଧୁଙ୍କ ନିକଟରେ ପ୍ରକାଶ କରିବାକୁ ବାଧ୍ୟ ହେବେ। ବନ୍ଧୁମାନଙ୍କ ପରାମର୍ଶରେ କେତେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ।

**କର୍କଟ** ସ୍ୱଗୃହୀ ଚନ୍ଦ୍ର ହେତୁ ଦେହ ଭଲ ରହିବ ଏବଂ ଭାବପ୍ରବଣତାରେ ଭାସିଯାଇ ଗୁରୁତ୍ୱପୂର୍ଣ୍ଣ କଥାଟିକୁ ପାସୋରି ଦେବେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ନିର୍ମାଣ, ଯୋଗାଯୋଗ, ପ୍ରେସ୍, ପବ୍ଲିକେଶନ, ଆଲୋଚନା ଓ ସଭାସମିତିରେ କାମଗୁଡ଼ିକ ସୁରୁଖୁରୁରେ ସମ୍ପନ୍ନ ହେବ।

**ସିଂହ** ଧନକର୍ମାଧିପ ରାଶିକୁ ଅବଲୋକନ କରୁଥିବାରୁ ଆର୍ଥିକ ଉନ୍ନତି ସହ କର୍ମକ୍ଷେତ୍ର ସୁରୁଖୁରୁରେ ଚାଲିବ। କିନ୍ତୁ ଉତ୍ତରାଫାଲଗୁନୀ ନକ୍ଷତ୍ର ସକାଶେ ସମସ୍ତ ପ୍ରକାରର ସୁବିଧା ଥିଲେ ମଧ୍ୟ ସହଯୋଗ ଅଭାବରୁ ତାହା ମଉଳି ଯିବାକୁ ବସିପାରେ।ବ୍ୟବସାୟ, ନିର୍ମାଣ, ଯାତ୍ରା, କଚେରି ମାମଲା ସମ୍ପର୍କୀୟ କ୍ଷେତ୍ରରୁ ଆଶାନୁରୂପ ଫଳ ପାଇବେ।

**କନ୍ୟା** ଶୁକ୍ରଙ୍କ ଶୁଭଦୃଷ୍ଟି ଅର୍ଥନୈତିକ ଅଭିବୃଦ୍ଧି ସହ ନୂତନ କର୍ମାରମ୍ଭ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଆପଣ ଅନ୍ୟମନସ୍କ ରହି ନୀରବତା ଅବଲମ୍ବନ କରିବା ଦ୍ୱାରା ଅନ୍ୟମାନେ ବିଭିନ୍ନ ପ୍ରକାରର ଟିକାଟିପଣୀ ଦେଇପାରନ୍ତି। ନିର୍ମାଣ ଓ ବ୍ୟବସାୟିକ କ୍ଷେତ୍ର ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବାର ଆଶଙ୍କା ରହିଛି ।

**ତୁଳା** ରାହୁଙ୍କ ପାପଦୃଷ୍ଟିର କୁପ୍ରଭାବରେ ବାରମ୍ବାର ଚେଷ୍ଟା କରି ମଧ୍ୟ କେତେକ ଅପୂରଣୀୟ ଆଶା ମନରେ ଆଲୋଡ଼ନ ସୃଷ୍ଟି କରିବ। କୌଣସି ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ପରିସ୍ଥିତିକୁ ସମ୍ଭାଳି ନେବାର ଆଶା ରହିଛି। କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ସହକର୍ମୀ ଅବଶ୍ୟ ସାହାଯ୍ୟ କରିବେ ।

**ବିଛା** ଆଜି ଅର୍ଥପାଇବେ ସତ କିନ୍ତୁ କଥାବାର୍ତ୍ତା ଓ ବ୍ୟବହାରରେ କୌଣସି ବ୍ୟତିକ୍ରମ କାର୍ଯ୍ୟକ୍ଷେତ୍ରକୁ ପ୍ରଭାବିତ କରିପାରେ। ଯାହାକୁ ନିଜର ମନେ କରୁଛନ୍ତି ସେହିମାନେ ହିଁ ଆପଣଙ୍କ ପ୍ରଶଂସା ଓ ପ୍ରତିଷ୍ଠାକୁ ସହିପାରିବେ ନାହିଁ। ଅଫିସ୍‌ରେ କେତେକ ବ୍ୟକ୍ତି ମଧ୍ୟ ନିଜର ଭଳି ଅଭିନୟ କରି ପଛରେ ବିଭିନ୍ନ ପ୍ରକାରର କଥା କହିବେ।

**ଧନୁ** ବାକ୍‌ଭାବାଧିପତି ସ୍ୱଗୃହସ୍ଥ ଯୋଗୁ ରୁକ୍ଷ ଓ କଠୋର ବାକ୍ୟାଳାପରେ ଅନ୍ୟମାନଙ୍କୁ ଚୁପ୍ କରାଇଦେଇପାରନ୍ତି। ଯେତେ ପ୍ରକାରର ସମସ୍ୟା ଆସିଲେ ମଧ୍ୟ ତାହାର ଠିକ୍ ସାମନା କରିବା ପାଇଁ ଦୃଢ଼ତା ଅକ୍ଷୁଣ୍ଣ ରହିବ। ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। କିନ୍ତୁ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**ମକର** ଆଜି ଧନାଧିପତି ରାଶିରେ ଅବସ୍ଥାନ କରି ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବା ଆଶାରେ ବନ୍ଧୁଙ୍କୁ ବିଭିନ୍ନ ପ୍ରକାରର କଥା କହିପାରନ୍ତି। ସରକାରୀସ୍ତରରୁ ପ୍ରତୀକ୍ଷା କରିଥିବା କୌଣସି ଖବର ପାଇ ଖୁସି ହେବେ। ଶିଳ୍ପ,ପରିବହନ ଓ ବାଣିଜ୍ୟରେ ପ୍ରତିକୂଳ ପରିସ୍ଥିତିରେ ଚାପ କ୍ରମଶଃ ବଢ଼ିପାରେ। ନିଜର ପ୍ରତିବେଶୀଙ୍କ ସହ ସମ୍ପର୍କ ଯୋଡ଼ିବା ସକାଶେ ଚେଷ୍ଟା କରିପାରନ୍ତି।

**କୁମ୍ଭ** ନିଜକୁ ସଂକୁଚିତ ମନେକରି ପରିବାରର ଅକୁହାକଥାକୁ ବନ୍ଧୁଙ୍କ ମୁହଁ ସାମ୍ନାରେ ପ୍ରକାଶ କରିପାରିବେ ନାହିଁ। ଅଧସ୍ତନ କର୍ମଚାରୀମାନଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଆପଣଙ୍କୁ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ । ବାଣିଜ୍ୟ ଓ ବ୍ୟବସାୟିକ ସଫଳତା ମିଳିବ। ଶିକ୍ଷା, ପରୀକ୍ଷା,ଆଲୋଚନା, ଲେଖାପଢ଼ା ଓ ରଚନାତ୍ମକ କାମରେ ସଫଳତା ହାସଲ କରିବେ।

**ମୀନ** କର୍ମକ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କରି କୌଣସି କାମ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବେଖାତିର ମନୋଭାବ ଯୋଗୁ ଚିନ୍ତାପ୍ରକଟ କରିବେ। ପାରିବାରିକ କ୍ଷେତ୍ରରେ କିମ୍ବା ସଭାସମିତିରେ ଆଲୋଚନା ଅବସରରେ ଅପ୍ରିୟ ସତକଥା କହିବିରୋଧୀ ହୋଇପାରନ୍ତି। ତଥାପି ନିଜର କାର୍ଯ୍ୟ ଦକ୍ଷତା ହେତୁ ବନ୍ଧୁମାନଙ୍କ ଗହଣରେ ପ୍ରଶଂସିତ ହେବେ।

ଆଜି ମାଘ ପୂର୍ଣ୍ଣିମା ଯୁକ୍ତ ପ୍ରତିପଦା ରବିବାର,ମାଘବ୍ରତ ସମାପନ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗଜ ଉଦ୍ଧାରଣ ବେଶ, ଫେବୃୟାରୀ ୯ ତାରିଖ, ବିଶ୍ୱ ବିବାହ ଦିବସ,(ଫେବୃୟାରୀ ଦ୍ୱିତୀୟ ରବିବାର), ରାଶି ନକ୍ଷତ୍ର- ଅଶ୍ଳେଷା/କର୍କଟ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ମେଷ ରାଶିର ଘାତବାର, ଦିବା ଘ୭।୦୭ମି. ଗତେ ଘ୧୦।୦୮ମି. ମଧ୍ୟେ ଅମୃତବେଳା। ଦିବା ଘ୯।୧୩ମି. ଗତେ, ଘ୧୦।୧୩ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ନ ଘ୪।୧୪ମି. ଗତେ ଘ୫।୨୮ମି. ମଧ୍ୟେ ମାହେନ୍ଦ୍ର ବେଳା।

କଥା କହିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମ କଥା ଶୁଣିବାକୁ ବ୍ୟାକୁଳ ହେବେ।
କଥା ଶୁଣିବାର ଶୈଳୀ ଏମିତି ରଖ ଯେ, ଅନ୍ୟମାନେ ତୁମକୁ ପ୍ରତ୍ୟେକ କଥା କହିବେ।
- ଚାଣକ୍ୟ




# ଚାର୍ଜଶିଟ ପ୍ରଦାନରେ ଅବହେଳା: ଏଏସ୍‌ଆଇ ନିଲମ୍ବିତ


ସମ୍ବଲପୁର ଅଇଁଠାପାଲି ଥାନା ନିଲମ୍ବିତ ଏଏସ୍‌ଆଇ ଯୁଗଳ କିଶୋର ସା ।

- ନିଲିମା ଦାସ ହତ୍ୟା ମାମଲା
- ଅଭିଯୁକ୍ତଙ୍କୁ ମିଳିଲା ଜାମିନ
- ଏସ୍‌ପିଙ୍କୁ ଭେଟି ପରିବାର ଲୋକଙ୍କ ଅଭିଯୋଗ

**ସମ୍ବଲପୁର,୮।୨(ବ୍ୟୁରୋ)**

ଚାର୍ଜଶିଟ ପ୍ରଦାନରେ ବିଳମ୍ବ ତଥା କାର୍ଯ୍ୟରେ ଅବହେଳା ଯୋଗୁ ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଏଏସ୍‌ଆଇ ଯୁଗଳ କିଶୋର ସାଙ୍କୁ ଚାକିରିରୁ ଶନିବାର ନିଲମ୍ବନ କରାଯାଇଛି । ସୂଚନାଯୋଗ୍ୟ, ୨୦୧୯ ଜୁନ ୧୫ ତାରିଖରେ ବୁଢାରଜା ଅଞ୍ଚଳରେ ରହୁଥିବା ନିଲିମା ଦାସଙ୍କ ଘରେ ପଶି ସୌରଭ ଭଟ୍ଟାଚାର୍ଯ୍ୟ ନାମକ ଜଣେ ଯୁବକ ଚୋରି କରୁଥିଲେ। ସେତିକିବେଳେ ନିଲିମା ଉଠି ପଡିବାରୁ ସୌରଭ ତାଙ୍କୁ ଆକ୍ରମଣ କରିବା ସହିତ ତଣ୍ଟି ଚିପି ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଅଇଁଠାପାଲି ଥାନାରେ ଏକ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଅଇଁଠାପାଲି ଥାନା ପୋଲିସ ଦଫା ୩୮୦, ୫୧୧ରେ ଏକ ମାମଲା(ନଂ.୨୪୬/୧୯) ରୁଜୁକରି ଅଭିଯୁକ୍ତ ସୌରଭଙ୍କୁ ଗିରଫ କରିଥିଲା। ହେଲେ ଜୁଲାଇ ୧୦ ତାରିଖରେ ଚିକିତ୍ସିତ ଅବସ୍ଥାରେ ନିଲିମାଙ୍କ ବୁର୍ଲା ମେଡିକାଲରେ ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ପରବର୍ତ୍ତୀ ସମୟରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମାମଲାର ତଦନ୍ତ ଏଏସ୍‌ଆଇ ଯୁଗଳ କିଶୋର ସାଙ୍କୁ ଦିଆଯାଇଥିଲା। ହେଲେ ମାମଲା ରୁଜୁ ହେବାର ୧୨୦ଦିନ ମଧ୍ୟରେ ପୋଲିସ ଚାର୍ଜଶିଟ ପ୍ରଦାନ କରିବା କଥା। ହେଲେ ୧୨୧ ଦିନ ଅର୍ଥାତ ଦିନକ ବିଳମ୍ବରେ ଏଏସ୍‌ଆଇ ଯୁଗଳ କୋର୍ଟରେ ଚାର୍ଜସିଟି ଦାଖଲ କରିଥିଲେ। ଫଳରେ କୋର୍ଟ ଅଭିଯୁକ୍ତ ସୌରଭଙ୍କୁ ଜାମିନ ପ୍ରଦାନ କରିଥିଲେ। ଅନ୍ୟପକ୍ଷେ ପୋଲିସ କାର୍ଯ୍ୟରେ ଅବହେଳା କରିବା ସହ ବିଳମ୍ବରେ ଚାର୍ଜଶିଟ ପ୍ରଦାନ କରିଥିବାରୁ ଅଭିଯୁକ୍ତଙ୍କୁ ଜାମିନ ମିଳିଥିବା ନିଲିମାଙ୍କ ପରିବାର ଲୋକେ ସମ୍ବଲପୁର ଏସ୍‌ପି କନୱର ବିଶାଳ ସିଂଙ୍କୁ ଭେଟି ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ପରେ ମାମଲାର ତଦନ୍ତ ଅଧିକାରୀ ଏଏସ୍‌ଆଇ ଯୁଗଳ କାର୍ଯ୍ୟରେ ଅବହେଳା କରିଥିବା ଏସ୍‌ପି ସିଂ ଜାଣିବାକୁ ପାଇଥିଲେ। ଏନେଇ ଯୁଗଳଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ଅଇଁଠାପାଲି ଥାନା ଅଧିକାରୀ ଯୋଗେଶ ପଣ୍ଡା ସୂଚନା ଦେଇଛନ୍ତି।

# କକା, ପୁତୁରା ଗିରଫ : ୨ ହାତୀଦାନ୍ତ ଉଦ୍ଧାର

- ବିଦ୍ୟୁତ୍ ତାର ବିଛାଇ ଦନ୍ତାହାତୀ ଶିକାର କରିଥିଲେ
- କ୍ରେତା ସାଜି ଅଭିଯୁକ୍ତଙ୍କୁ ଧରିଲେ ବନପାଳ

**ସୋନପୁର, ୮।୨(ନି.ପ୍ର.)**

ସୁବର୍ଣ୍ଣପୁର ବନ ବିଭାଗକୁ ଶନିବାର ବଡ ସଫଳତା ମିଳିଛି। ଉଲୁଣ୍ଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସାରସଦାଦର ଜଙ୍ଗଲରେ ଶିକାର ହୋଇଥିବା ହାତୀର ୨ ଦାନ୍ତକୁ ବନ ବିଭାଗ ଉଦ୍ଧାର କରିଛି। ଏହି ଘଟଣାର ମଧ୍ୟସ୍ଥି ଉଲୁଣ୍ଡା ଥାନା ମେଘନାଦ ଗ୍ରାମର ସୁରେନ୍ଦ୍ର କର୍ଣ୍ଣ(୪୬) ଓ ତାଙ୍କ ପୁତୁରା କାଳିଆ କର୍ଣ୍ଣ(୨୩)ଙ୍କୁ ଶନିବାର ଗିରଫ କରାଯାଇଛି। ସେମାନଙ୍କଠାରୁ ଦୁଇଟି ସମାନ ଲମ୍ବ ଓ ଓସାରର ହାତୀ ଦାନ୍ତ ଓ ଏକ ବାଇକ ନଂ ଓଡି୩୧ଏ-୨୧୬୦ ଜବତ ହୋଇଛି। ଗୋଟିଏ ଦାନ୍ତର ଲମ୍ବ ୬୫ ସେଣ୍ଟିମଟର, ମୋଟେଇ ୧୮ ସେଣ୍ଟିମିଟର ଓ ଓଜନ ଦେଢ କିଲୋ। ସୂଚନା ଅନୁଯାୟୀ ହାତୀ ଶିକାରୀ ଦାନ୍ତ ବିକ୍ରି କରି ଦେଇ ଥିବାରୁ ସେଗୁଡିକୁ ଉଦ୍ଧାର ପାଇଁ ବନବିଭାଗ ଜାଲ ବିଛାଇ ଥିଲା। ଜଣେ ବନପାଳ ସାଦା ପୋଷାକରେ ମଧ୍ୟସ୍ଥିଙ୍କ ସହିତ କଥା ହୋଇ ୨ ଲକ୍ଷ ଟଙ୍କାରେ ଦାନ୍ତ କିଣିବା ପାଇଁ କଥା ଛିଡାଇଥିଲେ। କକା, ପୁତୁରା ବାଇକ୍‌ରେ ଏକ ଜରି ବସ୍ତାରେ ୨ଟି ଦାନ୍ତ ବିକ୍ରି କରିବାକୁ ଶନିବାର ଆଣିଥିଲେ। ପୂର୍ବ ଯୋଜନା ଅନୁସାରେ ବନ ବିଭାଗର କର୍ମଚାରୀମାନେ ଉଲୁଣ୍ଡା ବ୍ଲକର ରାଧାନଗର-ଢେଲେଇ ରାସ୍ତାରେ ଅଭିଯୁକ୍ତଙ୍କୁ ଧରିଥିଲେ। ଉଲୁଣ୍ଡା ରେଞ୍ଜର ଶିବ ପ୍ରସାଦ ନାଏକ, ବନପାଳ ଦୀନେଶ ପ୍ରସାଦ ମାଝୀ, ଭକ୍ତବନ୍ଧୁ ମିଶ୍ର, ବନରକ୍ଷୀ ବନମାଳୀ ପାଣ୍ଡେ ଓ ଚୌଧୁରୀ ଦଳପତି ପ୍ରମୁଖ ଏହି ଚଢାଉରେ ସାମିଲ ଥିଲେ। ଅଧିକ ତଦନ୍ତ ଜାରି ରହିଛି। ରବିବାର ଉଭୟଙ୍କୁ କୋର୍ଟ ଚାଲାଣ କରାଯିବ। ଆବଶ୍ୟକ ପଡିଲେ ଅଧିକ ତଦନ୍ତ ପାଇଁ ସେମାନଙ୍କୁ ରିମାଣ୍ଡରରେ ଅଣାଯିବ ବୋଲି ଡିଏଫଓ ସୁଶାନ୍ତ କୁମାର ସାମନ୍ତରାୟ ସୂଚନା ଦେଇଛନ୍ତି। ଗତ ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ କୋଟସମଲାଇ ଫରେଷ୍ଟ ବିଟ୍‌ଠାରୁ ୫ କିଲୋମିଟର ଦୂରରେ ବିଦ୍ୟୁତ୍ ତାର ବିଛାଇ ହାତୀ ଶିକାର କରାଯାଇଥିଲା। ଏହି ଘଟଣାରେ ଡିଏଫଓ ସାମନ୍ତରାୟ କର୍ତ୍ତବ୍ୟରେ ଅବହେଳା ପାଇଁ ସ୍ଥାନୀୟ ବନପାଳ ଜନାର୍ଦ୍ଦନ ସ୍ୱାଇଁ ଓ ବନରକ୍ଷୀ ପ୍ରଜ୍ଞାପରମିତା ମିଶ୍ରଙ୍କୁ ନିଲମ୍ବନ କରିଥିଲେ। ସେହିପରି ଏହି ଘଟଣାରେ ବନ ବିଭାଗ ପୂର୍ବରୁ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ହାତୀ ଶିକାର କରି ଦାନ୍ତ କାଟିଥିବା ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି।


ଡିଏଫଓ ଓ ବନ କର୍ମଚାରୀଙ୍କ ସହିତ ଜବତ ହାତୀ ଦାନ୍ତ ଏବଂ ଗିରଫ ଅଭିଯୁକ୍ତ ।

# ଖରାପ ପାଗ: ବିମାନ ଉଡାଣ ବାତିଲ



ଝାରସୁଗୁଡ଼ା ବିମାନ ବନ୍ଦର।

**ଝାରସୁଗୁଡ଼ା ଅଫିସ,୮।୨**

ଝାରସୁଗୁଡ଼ାରେ ଶୁକ୍ରବାର କୋହଲା ପାଗ ସହିତ ବର୍ଷା ଲାଗି ରହିଥିଲା। ପାଗ ଖରାପ ଯୋଗୁ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରୁ ବିଭିନ୍ନ ସ୍ଥାନକୁ ଚଳାଚଳ କରୁଥିବା ସମସ୍ତ ବିମାନକୁ ବାତିଲ କରାଯାଇଥିଲା। ଏନେଇ ଆଲାଏନ୍ସ ଏୟାରର ଷ୍ଟେଶନ ମାଷ୍ଟର ଅଭିଜିତ ଶତପଥୀ ସୂଚନା ଦେଇଛନ୍ତି। ଷ୍ଟେଶନ ମାଷ୍ଟର ଅଭିଜିତଙ୍କ କହିବା ମୁତାବକ ଶନିବାର କୋଲକାତା, ଭୁବନେଶ୍ୱର, ରାୟପୁର, ଦିଲ୍ଲୀ ଆଦି ସ୍ଥାନକୁ ଚଳାଚଳ କରୁଥିବା ବିମାନଗୁଡିକ ବାତିଲ କରାଯାଇଥିଲା। ଶୁକ୍ରବାର ଭୁବନେଶ୍ୱର ଓ ରାୟପୁରକୁ ବିମାନ ଚଳାଚଳ କରିଥିବା ବେଳେ ପାଗ ଖରାପ ଯୋଗୁ କୋଲକାତା ଏବଂ ଦିଲ୍ଲୀକୁ ଯିବାକୁ ଥିବା ବିମାନ ବାତିଲ କରାଯାଇଥିଲା। ପ୍ରକାଶଥାଉ କି, ଝାରସୁଗୁଡ଼ାରେ ଗୁରୁବାରଠାରୁ କୋହଲା ପାଗ ସାଙ୍ଗକୁ ଝିପି ଝିପି ବର୍ଷା ଲାଗି ରହିଛି।


## କରୋନା ଭାଇରସ୍ ସଚେତନତା

Brought to you by: Apollo HOSPITALS BHUBANESWAR

**ଭ୍ରମଣ ସମ୍ବନ୍ଧୀୟ ପରାମର୍ଶ**

- ଅସୁସ୍ଥ କିମ୍ବା କାଶ, ନାକରୁ ପାଣି ବୋହିବା ଆଦି ଭଳି ଅସୁସ୍ଥତାର ଲକ୍ଷଣ ଭୋଗୁଥିବା ବ୍ୟକ୍ତିମାନଙ୍କ ସହ ନିକଟ ସଂସ୍ପର୍ଶକୁ ଏଡ଼ାନ୍ତୁ ।
- ଜୀବନ୍ତ ପ୍ରାଣୀଙ୍କ ସଂସ୍ପର୍ଶ ଏବଂ କଞ୍ଚା/ଦରରନ୍ଧା ମାଂସ ସେବନକୁ ଏଡ଼ାନ୍ତୁ ।
- ଫାର୍ମ, ଜୀବନ୍ତ ପ୍ରାଣୀ ବଜାର କିମ୍ବା କଂସେଇଖାନାକୁ ଭ୍ରମଣ କରିବାରୁ ବିରତ ରୁହନ୍ତୁ ।
- କାଶ କିମ୍ବା ନାକରୁ ବୋହିବା ଭଳି ଶ୍ୱାସକ୍ରିୟାଗତ ଲକ୍ଷଣ ଦେଖାଦେଲେ ମାସ୍କ ପିନ୍ଧନ୍ତୁ ।

**ଚାଇନା (ବିଶେଷକରି ଉହାନ୍ ସହରକୁ) ଭ୍ରମଣରେ ଯାଉଥିବା ସମସ୍ତ ଯାତ୍ରୀ ନିଜ ସ୍ୱାସ୍ଥ୍ୟ ଉପରେ ବିଶେଷ ନଜର ରଖିବା ଜରୁରୀ।**

**ଯଦି ଆପଣଙ୍କ ଦେହ ଖରାପ ଲାଗେ ଓ ଆପଣଙ୍କୁ ଜ୍ୱର ଓ କାଶ ହୁଏ:**

- କାଶିବା କିମ୍ବା ଛିଙ୍କିବା ସମୟରେ ନିଜର ପାଟିକୁ ଘୋଡ଼ାଇଦିଅନ୍ତୁ।
- ଅସୁସ୍ଥ ଥିଲେ ଭ୍ରମଣର ଯୋଜନା କରନ୍ତୁ ନାହିଁ ।
- ତୁରନ୍ତ ଚିକିତ୍ସା ଲୋଡ଼ନ୍ତୁ ।

**ଭାରତ ଫେରିବା ସମୟରେ ଯଦି ଆପଣ ବିମାନରେ ଅସୁସ୍ଥ ଅନୁଭବ କରନ୍ତି**

- ଅସୁସ୍ଥତା ସମ୍ପର୍କରେ ଏୟାରଲାଇନ୍ କର୍ମଚାରଙ୍କୁ ସୂଚିତ କରନ୍ତୁ ।
- ଏୟାରଲାଇନ୍ କର୍ମଚାରୀଙ୍କଠାରୁ ମାସ୍କ ମାଗନ୍ତୁ ।
- ପରିବାର ସଦସ୍ୟ କିମ୍ବା ସହଯାତ୍ରୀମାନଙ୍କର ନିକଟ ସଂସ୍ପର୍ଶକୁ ଏଡ଼ାନ୍ତୁ ।
- ବିମାନରୁ ଓହ୍ଲାଇବା ସମୟରେ ଏୟାରଲାଇନ୍ କର୍ମଚାରୀଙ୍କ ନିର୍ଦ୍ଦେଶ ଅନୁସରଣ କରନ୍ତୁ ।

**ବିମାନରେ କିମ୍ବା ବିମାନରୁ ଓହ୍ଲାଇବା ପରେ ଯଦି ଆପଣ ଅସୁସ୍ଥ ଅନୁଭବ କରନ୍ତି:**

- ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ/ଇମିଗ୍ରେଶନ୍‌କୁ ସୂଚିତ କରନ୍ତୁ ।
- ଦିଲ୍ଲୀ, କୋଲକାତା ଏବଂ ମୁମ୍ବାଇ ବିମାନବନ୍ଦରରେ ସ୍ୱତନ୍ତ୍ର କାଉଣ୍ଟର ଖୋଲଯାଇଛି ।
- ବିମାନବନ୍ଦର ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସରଣ କରନ୍ତୁ।

**ଚାଇନାରୁ ଫେରିବାର ଏକ ମାସ ଅବଧିରେ ଯଦି ଆପଣ ଅସୁସ୍ଥ ହୁଅନ୍ତି:**

- ଅସୁସ୍ଥତା ସମ୍ପର୍କରେ ନିକଟତମ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସୂଚିତ କରନ୍ତୁ ଏବଂ ନିଜର ଭ୍ରମଣ ଇତିହାସ ବିଷୟରେ ମଧ ଚିକିତ୍ସକଙ୍କୁ ସୂଚିତ କରନ୍ତୁ ।

(କ୍ରମଶଃ...)




ଡା. ସୁନୀତା ସାହୁ, ଏମ୍‌ଡି (ମାଇକ୍ରୋବାୟୋଲୋଜି)
ଭାରପ୍ରାପ୍ତ ବରିଷ୍ଠ ପରାମର୍ଶଦାତା - ମାଇକ୍ରୋବାୟୋଲୋଜି ଏବଂ ହସ୍ପିଟାଲ୍ ଇନ୍‌ଫେକ୍ସନ୍ କଣ୍ଟ୍ରୋଲ୍
ଆପୋଲୋ ହସ୍ପିଟାଲ୍ସ - ଭୁବନେଶ୍ୱର
ଆପଏଣ୍ଟମେଣ୍ଟ : ୦୬୭୪ ୬୬୬୧୦୧୬ । ଇମର୍ଜେନ୍ସି: ୦୬୭୪ ୬୬୬୦୬୬୬


# ଉତ୍ସବମୁଖର ହେବ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ


ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ଛାତ୍ର ସଂଗଠକମାନେ।

- ଯୁବ, ଛାତ୍ର ସଙ୍ଗଠନ ପକ୍ଷରୁ ପ୍ରସ୍ତୁତି ବୈଠକ
- ସାମାଜିକ, ସଚେତନତା କାର୍ଯ୍ୟକ୍ରମକୁ ଗୁରୁତ୍ୱ
- ସପ୍ତାହେ ବ୍ୟାପୀ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୮।୨(ବ୍ୟୁରୋ)**

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ମାର୍ଚ୍ଚ ୫ରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକର ଦଳର ୨ ପ୍ରମୁଖ ଛାମୁଆ ସଙ୍ଗଠନ (ଛାତ୍ର ଓ ଯୁବ) କର୍ମକର୍ତ୍ତା ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି। ଦଳୀୟ କାର୍ଯ୍ୟାଳୟରେ ଛାତ୍ର ବିଜେଡି ପକ୍ଷରୁ ପ୍ରସ୍ତୁତି ବୈଠକ ହୋଇଥିଲା। ଅନୁରୂପଭାବେ କ୍ୟାପିଟାଲ ହସ୍ପିଟାଲ ନିକଟସ୍ଥ ଯୁବ ଜନତା କାର୍ଯ୍ୟାଳୟରେ ମଧ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯାଜପୁର ବିଧାୟକ ତଥା ବିଜେଡି ସାଧାରଣ ସମ୍ପାଦକ(ସଙ୍ଗଠନ) ପ୍ରଣବ ପ୍ରକାଶ ଦାସ ଓ ଦଳୀୟ ସାଧାରଣ ସମ୍ପାଦକ(ମୁଖ୍ୟାଳୟ) ସଞ୍ଜୟ ଦାସବର୍ମା ଯୋଗ ଦେଇ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଥିଲେ।

ଯୁବ ଜନତା କାର୍ଯ୍ୟାଳୟରେ ଯୁବ ବିଜେଡି ସଭାପତି ଅମରେଶ ପତ୍ରୀ, ମହାସଚିବ ଶିଶିର ପରିଜା, କାର୍ଯ୍ୟକାରୀ ଯୁବ ବିଜେଡି ସଭାପତି ସଞ୍ଜିତ ମହାନ୍ତି, ପୂର୍ବତନ କର୍ପୋରେଟର ଅମରେଶ ଜେନା ପ୍ରମୁଖ ବିଭିନ୍ନ ଗଠନଧର୍ମୀ ପ୍ରସ୍ତାବ ଦେଇଥିଲେ। ଏତଦ୍‌ବ୍ୟତୀତ ବୈଠକକୁ ଆମନ୍ତ୍ରିତ ହୋଇଥିବା ଯୁବ ବିଜେଡି ରାଜ୍ୟ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସମସ୍ତ ସାଙ୍ଗଠନିକ ଜିଲା ସଭାପତିମାନେ ବିଭିନ୍ନ ପ୍ରସ୍ତାବ ରଖିଥିଲେ। କିଛିଦିନ ପୂର୍ବରୁ ଦଳର ବରିଷ୍ଠ ନେତାମାନଙ୍କର ମଧ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୫ରୁ ସପ୍ତାହେ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ମଧ୍ୟରେ କଟକ ଏବଂ ସମ୍ବଲପୁରରେ ବିରାଟ ଜନସଭା ଆୟୋଜନ କରାଯିବା ନେଇ ଚିନ୍ତା କରାଯାଇଛି। ଖୁବ୍‌ଶୀଘ୍ର ଏନେଇ ଆନୁଷ୍ଠାନିକ ଘୋଷଣା କରାଯିବ ବୋଲି ଜଣାପଡିଛି। ସେହିପରି କେତେକ ଯୁବ କର୍ମୀ ଏହି ଦିନ ସାମାଜିକ କାର୍ଯ୍ୟକ୍ରମ ଯଥା-ରକ୍ତଦାନ ଶିବିର, ବିଜେଡି ଏବଂ ରାଜ୍ୟ ସରକାରଙ୍କ ସଫଳତା ନେଇ ସେମିନାର, ସାଇକେଲ ଶୋଭାଯାତ୍ରା, ପଦଯାତ୍ରା, ଫଟୋ ପ୍ରଦର୍ଶନୀ, ସରକାରୀ ଯୋଜନା ସମ୍ପର୍କିତ ଆଶଙ୍କା ଦୂରୀକରଣ କାର୍ଯ୍ୟକ୍ରମ ହାତକୁ ନେବାକୁ ପ୍ରସ୍ତାବ ରଖିଥିଲେ। ଏହି ସବୁ ପ୍ରସ୍ତାବ ଖୁବ୍‌ଶୀଘ୍ର ଆଲୋଚନା କରାଯାଇ ଦଳର ଶୀର୍ଷ ନେତୃତ୍ୱଙ୍କ ନିକଟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ଜଣାପଡିଛି। ସେହିଭଳି ଛାତ୍ର ବିଜେଡି ପକ୍ଷରୁ ମଧ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଯାଇଛି। ସମସ୍ତ ପ୍ରସ୍ତାବକୁ ତର୍ଜମା କରି ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ପାଇଁ ଏକ କମିଟି ଗଠନ କରାଯାଇଛି। ଏହି କମିଟି ବଛା ଯାଇଥିବା ପ୍ରସ୍ତାବ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବ ବୋଲି ଜଣାପଡିଛି। ଛାତ୍ର ବିଜେଡି ପକ୍ଷରୁ ହୋଇଥିବା ବୈଠକରେ ଦଳର ୨ ବରିଷ୍ଠ ସମ୍ପାଦକଙ୍କ ସମେତ ସଙ୍ଗଠନ ସଭାପତି ରାଣାପ୍ରତାପ ପାତ୍ର ଏବଂ ଉପଦେଷ୍ଟା ତଥା ଓଏସ୍‌ଆଇସି ଅଧକ୍ଷ ଚିନ୍ମୟ ସାହୁ , ବିଧାୟକ ସୌଭିକ ବିଶ୍ୱାଳ, ଦେବୀ ତ୍ରିପାଠୀ ପ୍ରମୁଖ ଯୋଗ ଦେଇ ମୂଲ୍ୟବାନ ପ୍ରସ୍ତାବ ଦେଇଥିଲେ। ଜିଲାସ୍ତରରୁ ଏବଂ ଛାତ୍ର ବିଜେଡିର ରାଜ୍ୟ କର୍ମକର୍ତ୍ତା ମଧ ଅନେକ ପ୍ରସ୍ତାବ ଦେଇଥିଲେ। ଆଗାମୀ ଦିନରେ ବିଜେଡି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଏବଂ ତୃଣମୂଳସ୍ତରରେ ବିଭିନ୍ନ ପ୍ରତିଭା,ବର୍ଷୀୟାନ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିବା ପାଇଁ ଯୋଜନା କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଏହି ୨ ପୃଥକ୍ ବୈଠକରେ ରଞ୍ଜିତ ମହାପାତ୍ର, ହରିଶଙ୍କର ରାଉତ, ଦେବାଶିଷ ସିଟ୍, ତନ୍ମୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।


## ଜାତୀୟ କୃମିନାଶ ଦିବସ

DSPL-268

୧୦ ଫେବୃଆରୀ, ୨୦୨୦ (ସୋମବାର)

ଏହିଦିନ ୧ -୧୯ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ନିରାପଦ କୃମି ନାଶକ ଔଷଧ ବିନାମୂଲ୍ୟରେ ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଖାଇବାକୁ ଦିଆଯିବ । ଅଙ୍ଗନୱାଡି କେନ୍ଦ୍ରରେ ପଞ୍ଜୀକୃତ ହୋଇନଥିବା କିମ୍ବା ବିଦ୍ୟାଳୟ ଯାଉନଥିବା ପିଲାମାନଙ୍କୁ ମଧ୍ୟ ଏହି ଔଷଧ ଖାଇବାକୁ ଦିଆଯିବ ।

ଏହା ସହିତ ନିମ୍ନ ପ୍ରଦତ୍ତ ଉପାୟ ଦ୍ୱାରା ନିଜକୁ କୃମି ସଂକ୍ରମଣରୁ ରକ୍ଷା କରନ୍ତୁ ।




ଏଣୁ, ସମସ୍ତ ପିଲାଙ୍କୁ (୧-୧୯ ବର୍ଷ) ତା ୧୦ ଫେବୃଆରୀ ୨୦୨୦ ରିଖରେ କୃମିନାଶକ ଔଷଧ ନିଶ୍ଚୟ ଖୁଆଇ ସେମାନଙ୍କୁ ପୁଷ୍ଟିହୀନତା, ରକ୍ତହୀନତାରୁ ଦୂରେଇ ରଖିବା ସହିତ ସେମାନଙ୍କ ମାନସିକ ତଥା ଶାରୀରିକ ଅଭିବୃଦ୍ଧିରେ ସହାୟକ ହୁଅନ୍ତୁ ।

**ଧ୍ୟାନ ଦିଅନ୍ତୁ :**
ଅନୁଗୁଳ, ଭଦ୍ରକ ଓ ଗଞ୍ଜାମ ଜିଲ୍ଲା ବ୍ୟତୀତ ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯିବ । ତା ୧୦ ଫେବୃଆରୀ ୨୦୨୦ ରିଖରେ କୃମିନାଶକ ଔଷଧ ଖାଇପାରି ନଥିବାପିଲାମାନେ ତା ୧୭ ଫେବୃଆରୀ ୨୦୨୦ ରିଖରେ ଖାଇପାରିବେ । ଉପରୋକ୍ତ ୩ ଟି ଜିଲ୍ଲାରେ ଏହି ଔଷଧ ୧ରୁ ୨ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ଟୀକାକରଣ କେନ୍ଦ୍ରରେ ଖାଇବାକୁ ଦିଆଯିବା ।

ଅଧିକ ସୂଚନା ପାଇଁ ଆଶାଦିଦି /ଅଙ୍ଗନୱାଡି କର୍ମୀ କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10003/13/0077/1920







# ଆଜି ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ

**ପୁରୀ ଅଫିସ, ୮।୨**

ପବିତ୍ର ମାଘ ପୂର୍ଣ୍ଣିମା ତିଥିରେ ରବିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ଅନୁଷ୍ଠିତ ହେବ। ଦ୍ୱିପ୍ରହର ଧୂପ ସରିବା ପରେ ପୁଷ୍ପାଳକ ସେବକମାନେ ଦାରୁବିଗ୍ରହଙ୍କୁ ଏହି ବେଶ କରିବେ। ଏହି ବେଶ ଥାଇ ମହାପ୍ରଭୁଙ୍କ ସନ୍ଧ୍ୟା ଆଳତି ଏବଂ ସନ୍ଧ୍ୟାଧୂପ ନୀତି ହେବ। ଏହାପରେ ବେଶ ଓଲାଗି ହୋଇ ଅନ୍ୟାନ୍ୟ ନୀତି କରାଯିବ। ଗଜ ଉଦ୍ଧାରଣ ବେଶରେ ଠାକୁରଙ୍କୁ ଖିରି ଏବଂ ଅମାଲୁ ଭୋଗ ଲାଗିହୋଇଥାଏ।

# ନ୍ୟାୟ ମିଳୁଛି କି



ଆକାର ପଟେଲ

ଶାହିନବାଗ ପ୍ରତିବାଦସ୍ଥଳକୁ ଅଣାଯିବା ପରେ ଜଣେ ଶିଶୁର ମୃତ୍ୟୁ ହେବା ଘଟଣାର ଶୁଣାଣି କରିବାକୁ ସୁପ୍ରିମ୍‌କୋର୍ଟ ନିଜ ତରଫରୁ ଇଚ୍ଛା ପ୍ରକାଶ କରିଛନ୍ତି। ପ୍ରତିବାଦ ଯୋଗୁ ଗାଡ଼ି ଚଳାଚଳ ଅବରୁଦ୍ଧ ହେବା ଘଟଣାର ମଧ୍ୟ ଅଲଗା ଭାବେ ଫେବୃୟାରୀ ୧୦ ତାରିଖ ସୋମବାର ଶୁଣାଣି ହେବାକୁ ଯାଉଛି। ସୁପ୍ରିମ୍‌କୋର୍ଟ ପୋଲିସ ଦ୍ୱାରା ୨୫ ଜଣ ପ୍ରତିବାଦକାରୀଙ୍କ ମୃତ୍ୟୁ ହେବା ମାମଲାର ଶୁଣାଣି କରିନାହାନ୍ତି। ଉତ୍ତରପ୍ରଦେଶ ସରକାର ସିଏଏ (ନାଗରିକତ୍ୱ ସଂଶୋଧନ ଆଇନ) ବିରୋଧୀ ପ୍ରତିବାଦକାରୀଙ୍କ ସମ୍ପତ୍ତି ଜବତ କରିବାକୁ ଆରମ୍ଭ କରିଥିବା ବେଳେ ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରିନାହାନ୍ତି। ବିଦାରଠାରେ ଏକ ସ୍କୁଲରେ ସିଏଏ-ବିରୋଧୀ ନାଟକ ପରିବେଷଣ କରାଯିବା ମାମଲାରେ ପୋଲିସ ପିଲାମାନଙ୍କୁ ବାରମ୍ବାର ଜେରା କରିବା ଘଟଣାରେ ସୁପ୍ରିମ୍‌କୋର୍ଟ ହସ୍ତକ୍ଷେପ କରିନାହାନ୍ତି। ସର୍ବୋଚ୍ଚ କୋର୍ଟ ମଧ୍ୟ କଶ୍ମୀରରେ ବିନା ଅଭିଯୋଗରେ ନେତାମାନଙ୍କୁ ଅଟକ ରଖାଯିବା ମାମଲାର ଶୁଣାଣି କରିନାହାନ୍ତି। ସିଏଏ ଯୋଗୁ ଦେଶ ସାରା ଦଙ୍ଗାଗୋଳ ଓ ଅସ୍ଥିରତା ସୃଷ୍ଟି ହେଉଛି ବୋଲି ବିଚାରପତିମାନଙ୍କୁ କୁହାଯାଇଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ଏହି ଆଇନ ଉପରେ ସ୍ଥଗିତାଦେଶ ଜାରି କରିନାହାନ୍ତି। ଆସାମର ଅଟକ ଶିବିରଗୁଡ଼ିକରେ ରଖାଯାଇଥିବା ୧୦୦୦ ଲୋକଙ୍କୁ ଏବଂ ପରିବାରରୁ ବିଚ୍ଛିନ୍ନ କରିଦିଆଯାଇଥିବା ଲୋକମାନଙ୍କୁ ସୁପ୍ରିମ୍‌କୋର୍ଟ ନ୍ୟାୟ ପ୍ରଦାନ କରିନାହାନ୍ତି। ଏହି ଶିବିରଗୁଡ଼ିକରେ ରଖାଯାଇଥିବା ସମସ୍ତ ଅଣମୁସଲମାନଙ୍କୁ ମୁକ୍ତ କରିଦିଆଯିବ ବୋଲି ମୋଦି ସରକାର ଚଳିତ ସପ୍ତାହରେ ଘୋଷଣା କରିଥିବା ବେଳେ ସୁପ୍ରିମ୍‌କୋର୍ଟ ତାହା ଉପରେ ହସ୍ତକ୍ଷେପ କରିନାହାନ୍ତି। କେବଳ ମୁସଲମାନଙ୍କୁ ହିଁ ଜେଲରେ ରଖାଯିବ। ସୁପ୍ରିମ୍‌କୋର୍ଟ ଆସାମର ଜାତୀୟ ନାଗରିକ ପଞ୍ଜିକାରୁ ବାଦ୍ ପଡ଼ିଥିବା ୧୯ ଲକ୍ଷ ଲୋକଙ୍କ ମଧ୍ୟରୁ ମୁସଲମାନମାନଙ୍କୁ ନିଜ ନାଗରିକତ୍ୱର ପ୍ରମାଣ ଦେବାର ସୁଯୋଗ ଦିଆଯିବା ଲାଗି ଆଗତ ମାମଲାର ଶୁଣାଣି କରିନାହାନ୍ତି। ଆସାମ ଏନ୍‌ଆର୍‌ସିରେ ହୋଇଥିବା ଗୁରୁତର ଅନିୟମିତତା ନେଇ ଅଭିଯୋଗ ହୋଇଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟ ତାହାର ଶୁଣାଣି କରିନାହାନ୍ତି। ଯେଉଁ କର୍ମଚାରୀମାନେ ସର୍ବାଧିକ ଲୋକଙ୍କୁ ବେଆଇନ ଘୋଷଣା କରିଛନ୍ତି ଭାଜପା ସରକାର ସେମାନଙ୍କ କାର୍ଯ୍ୟକାଳ ୨ ବର୍ଷ ବଢ଼ାଇଛନ୍ତି ଏବଂ ପ୍ରଦତ୍ତ ଦଲିଲଗୁଡ଼ିକରେ ବନାନ ଅଶୁଦ୍ଧି ଓ ତାରିଖ ଅଲଗା ରହିବା ଯୋଗୁ ଯେଉଁମାନଙ୍କୁ ବିଦେଶୀ ଘୋଷଣା କରାଯାଇଛି, ସୁପ୍ରିମ୍‌କୋର୍ଟ ସେମାନଙ୍କ ମାମଲାର ଶୁଣାଣି କରିନାହାନ୍ତି। ଯେଉଁ ଜମିରେ ବାବ୍ରି ମସ୍‌ଜିଦ ଛିଡ଼ା ହୋଇଥିଲା ସୁପ୍ରିମ୍‌କୋର୍ଟ ତାକୁ ଛଡ଼ାଇନେଇ ଯେଉଁମାନେ ମସ୍‌ଜିଦକୁ ଭାଙ୍ଗିଥିଲେ ସେଇମାନଙ୍କୁ ଦେଇଛନ୍ତି। ମସ୍‌ଜିଦ ଭାଙ୍ଗିଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଶୁଣାଣିକୁ କୋର୍ଟ ଗୁରୁତ୍ୱ ଦେଇନାହାନ୍ତି। ଏଲ୍.କେ. ଆଡ୍‌ଭାନୀଙ୍କ ବିରୋଧରେ ଏବେ ବି ମାମଲା ରହିଛି। ଏବେ ତାଙ୍କର ବୟସ ୯୦ ହେଲାଣି ଏବଂ ବାବ୍ରି ଭଙ୍ଗା ଘଟଣା ବି ତିନି ଦଶନ୍ଧିର ପୁରୁଣା ହେଲାଣି। ଏନ୍‌ଆର୍‌ସି ଓ ଏନ୍‌ପିଆର୍‌କୁ ବେଆଇନଭାବେ ପରସ୍ପର ସହ ସମ୍ପୃକ୍ତ କରାଯାଇଛି ଏବଂ ସୁପ୍ରିମ୍‌କୋର୍ଟ ଏ ବାବଦରେ କିଛି ଶୁଣାଣି କରିନାହାନ୍ତି। ଏହିପରି ଲେଖିଲେ ତାଲିକା ଆହୁରି ଲମ୍ବା ହେବ, କିନ୍ତୁ ମୁଁ ଏତିକିରେ ରଖୁଛି।

ସତକଥା ହେଲା ସୁପ୍ରିମ୍‌କୋର୍ଟ ପକ୍ଷପାତଦୁଷ୍ଟ ହୋଇଥିବା ଅନେକେ ମନେକରୁଛନ୍ତି। ସୁପ୍ରିମ୍‌କୋର୍ଟ କେଉଁସବୁ ମାମଲାର ଶୁଣାଣି କରିବାକୁ ପ୍ରାଥମିକତା ଦେଉଛନ୍ତି ଓ କାହାର ଶୁଣାଣି କରିବାକୁ ଚାହୁଁନାହାନ୍ତି, ତାକୁ ଦେଖିଲେ ଏହା ସ୍ପଷ୍ଟ ବୁଝାପଡୁଛି। ସାଧାରଣ ସମୟରେ ଏହା ଏତେ ଉଦ୍‌ବେଗର ବିଷୟ ହୋଇ ନ ପାରେ। କିନ୍ତୁ ଯେତେବେଳେ ସାରା ବିଶ୍ୱ ଭାରତର କାର୍ଯ୍ୟଧାରାକୁ ନେଇ ଅସନ୍ତୁଷ୍ଟ, ଯେତେବେଳେ କୋଟି କୋଟି ଲୋକ ବଞ୍ଚିବା ପାଇଁ ରାସ୍ତା ଉପରକୁ ଆସି ଆନ୍ଦୋଳନ କରୁଛନ୍ତି ଏବଂ ଯେତେବେଳେ ସରକାର ନିଜ ଆଦର୍ଶବାଦୀ କାର୍ଯ୍ୟସୂଚୀକୁ ନେଇ ବ୍ୟସ୍ତ ରହୁଛନ୍ତି, ସେତେବେଳେ ସୁପ୍ରିମ୍‌କୋର୍ଟ ମଧ୍ୟ ସରକାରଙ୍କର ସଂଖ୍ୟାଗୁରୁବାଦକୁ ବଳବତ୍ତର ରଖିବା ବିପଜ୍ଜନକ। ଭାରତରେ ସଂଖ୍ୟାଲଘୁମାନେ ସୁରକ୍ଷିତ ବୋଲି ସୁନାମ ରହିଆସିଥିବା ବେଳେ ମୋଦି ଓ ତାଙ୍କ ସରକାର ଏହାକୁ ବିଘ୍ନିତ କରିଚାଲିଛନ୍ତି। ୟୁରୋପ ପାର୍ଲାମେଣ୍ଟର ସଂଖ୍ୟାଗରିଷ୍ଠ ସଦସ୍ୟ ଭାରତର ଏକ ଆଇନ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିବା ଅଭାବନୀୟ। କିନ୍ତୁ ଆଉ କିଛି ଦିନ ଭିତରେ ବିଦେଶ ମନ୍ତ୍ରୀ ଜୟଶଙ୍କର ଯେତେବେଳେ ବ୍ରସେଲ୍‌ସ ଯିବେ ସେତେବେଳେ ତାଙ୍କୁ ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ଓମାର ଅବ୍‌ଦୁଲ୍ଲା ଓ ମେହବୁବା ମୁଫ୍‌ତିଙ୍କୁ ଅଟକମୁକ୍ତ କରିବା ଓ କଶ୍ମୀରବାସୀଙ୍କୁ ତାଙ୍କ ଇଣ୍ଟରନେଟ ସେବା ଫେରାଇଦେବା ପାଇଁ ଏକ ପ୍ରସ୍ତାବକୁ ଆମେରିକା କଂଗ୍ରେସର ୫୯ ସଦସ୍ୟ ସମର୍ଥନ କରିବା ମଧ୍ୟ ଏକ ଅଭାବନୀୟ ଘଟଣା। କିନ୍ତୁ ତାହା ମଧ୍ୟ ଘଟିଛି।

ସୁପ୍ରିମ୍‌କୋର୍ଟର ବିଚାରପତିଙ୍କ ସଂଖ୍ୟା ୧୯୫୦ରେ ୮ ଥିବାବେଳେ ୨୦୦୮ ସୁଦ୍ଧା ତାକୁ ୩୧କୁ ବୃଦ୍ଧି କରାଯାଇଥିଲା ଏବଂ ବର୍ତ୍ତମାନ ୩୩ ଜଣ ବିଚାରପତି ଅଛନ୍ତି। ସୁପ୍ରିମ୍‌କୋର୍ଟରେ ଏବେ ପ୍ରଧାନବିଚାରପତିଙ୍କୁ ନେଇ ଏକ ତିନିଜଣିଆ ବେଞ୍ଚ୍ ରହିଥିବା ବେଳେ ୧୩ ବା ୧୪ଟି ଦୁଇଜଣିଆ ବିଚାରପତିଙ୍କ ବେଞ୍ଚ୍ ରହିଛି। ଏହି ବେଞ୍ଚ୍‌ଗୁଡ଼ିକ ୧୩ ବା ୧୪ଟି କୋର୍ଟରୁମ୍‌ରେ ନିୟମିତ ବସନ୍ତି। ଅନ୍ୟ କୌଣସି ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ଦୁଇଜଣିଆ ବିଚାରପତିଙ୍କୁ ନେଇ ୧୩ ବା ୧୪ଟା କୋର୍ଟ ଚାଲେ ନାହିଁ, ଯେପରି ଭାରତରେ ଚାଲିଛି। ଆମେରିକାର ସୁପ୍ରିମ୍‌କୋର୍ଟ, ଯାହାର ଢାଞ୍ଚାରେ ଭାରତର ସୁପ୍ରିମ୍‌କୋର୍ଟ ଗଢ଼ା ହୋଇଛି, ସେଥିରେ ୧୨ ଜଣ ବିଚାରପତିଙ୍କୁ ନେଇ ମାତ୍ର ଗୋଟିଏ ବେଞ୍ଚ୍ ରହିଛି। କିନ୍ତୁ ଭାରତର ସୁପ୍ରିମ୍‌କୋର୍ଟରେ ଏତେ ବେଞ୍ଚ୍ ଥାଇ ଲୋକଙ୍କୁ ନ୍ୟାୟ ମିଳୁଛି କି? ଏହାର ଉତ୍ତର ସେହି ଲୋକମାନଙ୍କଠାରୁ ମିଳିବ, ଯେଉଁମାନେ ସରକାରଙ୍କ ନୃଶଂସତାର ଶିକାର ହେଉଛନ୍ତି। ଭାରତର ମୁସଲମାନମାନେ କ'ଣ ଭାବୁଛନ୍ତି ଯେ ସେମାନଙ୍କୁ ଉପଯୁକ୍ତ ନ୍ୟାୟ ମିଳୁଛି? ମୁଁ ସେମାନଙ୍କ ତରଫରୁ କିଛି କହିପାରିବି ନାହିଁ କିନ୍ତୁ ମୋର ଯାହା ଅନୁମାନ ସେମାନଙ୍କଠାରୁ ଯେଉଁ ଉତ୍ତର ଆସିବ ତାହା ହେବ 'ନା'।

Email: aakar.patel@gmail.com

# ପଞ୍ଚମ ସ୍ତମ୍ଭର ଅଭ୍ୟୁଦୟ



ପ୍ରକାଶ ତ୍ରିପାଠୀ

ଗତ ସତୁରି ଦଶକ ଶେଷ ପର୍ଯ୍ୟନ୍ତ ରେଡିଓ ଓ ଖବରକାଗଜ ଥିଲା ଖବର ଜାଣିବାର ଏକମାତ୍ର ଉତ୍ସ। ରେଡିଓରୁ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଦେଶବିଦେଶର ଖବର ଶୁଣୁଥିଲୁ। ରେଡିଓରେ ଖବର ଶୁଣିବାକୁ ଅପେକ୍ଷାକରି ବସି ରହୁଥିଲୁ। ସେହିପରି ଖବରକାଗଜରେ କି କି ଖବର ବାହାରିଛି, ତାକୁ ପଢ଼ିବାକୁ ଉତ୍ସୁକତାର ସହ ହକରକୁ ଚାହିଁ ରହୁଥିଲୁ। ଟିଭି ଆସିବା ପରେ ଅଶୀ ଦଶକ ପରଠାରୁ ରେଡିଓର ଆକର୍ଷଣ କମି କମି ଆସିଲା। ଘଟଣାର ଦୃଶ୍ୟ ସବୁ ଟିଭି ପରଦାରେ ଦେଖିଲୁ। ଦିନଯାକର କାର୍ଯ୍ୟବ୍ୟସ୍ତତାରୁ ମୁକୁଳି ସନ୍ଧ୍ୟାରେ ଘରେ ବସି ଖବର ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଦେଖିଲୁ। ଏବେ ସେ ସମୟ ଆଉ ନାହିଁ। ଏବେ ଟିଭିରୁ ଖବର ଦେଖିଲା ବେଳେ ମନେହୁଏ ସତେ ଯେପରି ଖବରଗୁଡ଼ିକ କେଉଁଠି ଦେଖିସାରିଛୁ। ସକାଳେ ଖବରକାଗଜ ଖୋଲିବା ପରେ ମନେହୁଏ ସତେଯେମିତି ସବୁ ଖବର କେଉଁଠି ପଢ଼ିସାରିଛି। ସବୁ ଖବର ବାସି ବାସି ଲାଗୁଛି। ଆମ୍ଭମାନଙ୍କୁ ଏବେ ପ୍ରତି ମୁହୂର୍ତ୍ତରେ ସବୁ ଜଣେଇ ପାରୁଥିବା, ସବୁ ଦେଖାଇ ପାରୁଥିବା ଓ ସବୁ ପଢ଼ାଇ ପାରୁଥିବା ମାଧ୍ୟମଟି ହେଉଛି ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ। ଆମେ ପଢ଼ିଥିଲୁ ଗଣତନ୍ତ୍ରର ତିନୋଟି ସ୍ତମ୍ଭ ସମ୍ପର୍କରେ। ସ୍ତମ୍ଭ ତିନୋଟି ହେଲା ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। ଏହା ସହ କ୍ରମେ ଯୋଡ଼ି ହୋଇଗଲା ଅଲିଖିତ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ। କିନ୍ତୁ ଏବେ ଆମ ସମସ୍ତଙ୍କ ଅଜାଣତରେ ଗଣତନ୍ତ୍ରରେ ଆଉ ଏକ ସ୍ତମ୍ଭ ଯୋଡ଼ି ହୋଇଗଲାଣି ଓ ତାହା ହେଉଛି ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ। ଏହି ଅଲିଖିତ ପଞ୍ଚମ ସ୍ତମ୍ଭଟି କ୍ରମଶଃ ଏତେ ଶକ୍ତିଶାଳୀ ହେବାକୁ ବସିଲାଣି ଯେ ଏହାକୁ ନିୟନ୍ତ୍ରଣ କରିବା କାଠିକରପାଠ।

ଦି ରଏଟର୍ସ ଇନ୍‌ଷ୍ଟିଚ୍ୟୁଟ ଡିଜିଟାଲ ନ୍ୟୁଜ ରିପୋର୍ଟ ପକ୍ଷରୁ ପ୍ରକାଶିତ ସର୍ବେକ୍ଷଣରୁ ଜଣାପଡ଼େ ଯେ, ୨୦୧୩ରୁ ୨୦୧୬ ମଧ୍ୟରେ ଆମେରିକା, ବ୍ରିଟେନ, ଜର୍ମାନୀ, ଫ୍ରାନ୍ସ ଓ ଜାପାନ ଆଦି ଦେଶରେ ମୋବାଇଲ ଫୋନ୍‌ରେ ସୋସିଆଲ ମିଡିଆର ବହୁଳ ଭାଗୀଦାରି ଯୋଗୁ ଟିଭି ଓ ଖବରକାଗଜ ପ୍ରତି ଲୋକଙ୍କ ସ୍ପୃହା କମି କମି ଆସୁଛି। ଏ ଦିଗରେ ଯୁକ୍ତରାଷ୍ଟ୍ର ଆମେରିକା ବହୁ ଆଗରେ। ଏହିସବୁ ଦେଶର ନେଟିଜେନ (ଇଣ୍ଟରନେଟ ବ୍ୟବହାର କରୁଥିବା ମଣିଷ)ଙ୍କ ପାଖରେ ଏତିକି ଫୁର୍‌ସତ୍ ମିଳୁନାହିଁ ଯେ ସେମାନେ ନିଜ ନିଜ ଆତ୍ମୀୟଙ୍କ ସହ ଦୁଇପଦ କଥା ହୋଇପାରୁଛନ୍ତି ନା ନିଜର ପର୍ସନାଲ କମ୍ପ୍ୟୁଟର ଖୋଲିପାରୁଛନ୍ତି। ଏପରି କି ଘରକୁ ଆସୁଥିବା ଦୈନିକ ଖବରକାଗଜ ଓ ମାଗାଜିନ ଖୋଲା ନ ହୋଇ କବାଡିଆଙ୍କୁ ବିକ୍ରି କରିଦିଆଯାଉଛି। ବିକଶିତ ଦେଶଗୁଡ଼ିକରେ ସୋସିଆଲ ମିଡିଆର ଅଭ୍ୟୁଦୟର ମାୟା ଅନ୍ୟାନ୍ୟ ଦେଶକୁ ଆକ୍ରାନ୍ତ କରିବାକୁ ଲାଗିଲାଣି। ଭାରତ ଏଥିରୁ ବାଦ୍ ନୁହେଁ। ତଥ୍ୟରୁ ଜଣାପଡ଼େ ଭାରତରେ ଏବେ ପ୍ରାୟ ୫୬ କୋଟି ଲୋକ ସକ୍ରିୟ ଭାବେ ଇଣ୍ଟରନେଟ ସହ ଯୋଡ଼ିହୋଇ ରହିଛନ୍ତି। ଅର୍ଥାତ୍ ପ୍ରାୟ ସମାନସଂଖ୍ୟକ ଲୋକ ସୋସିଆଲ ମିଡିଆରେ ବି ସମ୍ପୃକ୍ତ ଅଛନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ଏହା ୬୦ କୋଟି ଅତିକ୍ରମ କରିବାର ସମ୍ଭାବନା ରହିଛି। ଭାରତର ଅଢ଼େଇ ଲକ୍ଷ ଗ୍ରାମପଞ୍ଚାୟତରେ ହାଇସ୍ପିଡ ଇଣ୍ଟରନେଟ ବ୍ୟବସ୍ଥା ପହଞ୍ଚାଯିବାକୁ ସରକାରଙ୍କ ଲକ୍ଷ୍ୟ ଥିବାରୁ ଭାରତରେ ଶହେ କୋଟିରୁ ଊର୍ଦ୍ଧ୍ୱ ଲୋକ ସୋସିଆଲ ମିଡିଆରେ ଯଦି ସାମିଲ ହୋଇଯିବେ ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଭାରତରେ ୩୫ ବର୍ଷରୁ କମ୍ ବୟସର ଯୁବତୀଯୁବକଙ୍କ ମଧ୍ୟରୁ ପ୍ରାୟ ୫୬ ଭାଗ ଦେଶବିଦେଶରେ ଘଟୁଥିବା ଘଟଣାବଳୀ ସମ୍ପର୍କରେ ନିଜ ମୋବାଇଲ ଫୋନ୍‌ରୁ ଖବର ଜାଣିଥାନ୍ତି। ମାତ୍ର ୧୬ ଭାଗ ଯୁବତୀଯୁବକ ପ୍ରିଣ୍ଟ ମିଡିଆ ଓ ୨୬ ଭାଗ ଇଲେକ୍ଟ୍ରୋନିକ ମିଡିଆ ବା ଟିଭିରୁ ଖବର ଜ୍ଞାତ ହୋଇଥାନ୍ତି। ଯଦି ଏହି ହାର ଅବ୍ୟାହତ ରୁହେ, ତେବେ ଆଗାମୀ ଦିନରେ ଉଭୟ ଛାପା ଓ ଟିଭି ଗଣମାଧ୍ୟମ ନିଶ୍ଚିତ ଦୁଃସମୟ ଦେଇ ଗତିକରିବେ। ଏବେଠାରୁ ତ ଅନେକ ଖବରକାଗଜ ପାଠକମାନଙ୍କୁ ବାନ୍ଧି ରଖିବା ପାଇଁ ବା ଅଧିକ ପାଠକ ସୃଷ୍ଟି କରିବା ପାଇଁ ଅନେକ ମାଗଣା ଯୋଜନା ହାତକୁ ନେଲେଣି। "ନିୟମିତ ଖବରକାଗଜ ପଢ଼ନ୍ତୁ ଓ ମାସ ଶେଷରେ ନିଶ୍ଚିତ ଉପହାର ପାଆନ୍ତୁ।" ସେହିଭଳି ବିଭିନ୍ନ ଟିଭି ଚ୍ୟାନେଲ ମଧ୍ୟ ଦର୍ଶକ ବୃଦ୍ଧି ଲକ୍ଷ୍ୟରେ ବିଭିନ୍ନ ଯୋଜନା ପ୍ରସ୍ତୁତିରେ ଲାଗିପଡ଼ିଲେଣି। କେବଳ ଭାରତରେ ନୁହେଁ, ବିଶ୍ୱବ୍ୟାପୀ ସମାନ ଅବସ୍ଥା ପରିଲକ୍ଷିତ ହେଲାଣି। କାନାଡା ଓ ଆମେରିକାରେ କିଛି ପ୍ରମୁଖ ଖବରକାଗଜ ସଂସ୍ଥା ମାଗଣାରେ ପାଠକମାନଙ୍କୁ ଖବରକାଗଜ ଯୋଗାଇ ଦେଉଥିଲେ ମଧ୍ୟ ପାଠକମାନେ ଆଉ ଆଗଭଳି ଗ୍ରହଣ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଆମେରିକା ଓ ୟୁରୋପର ପ୍ରାୟ ୨୪ଟି ଦେଶରେ ପ୍ରିଣ୍ଟ ମିଡିଆ ଓ ଇଲେକ୍ଟ୍ରୋନିକ ମିଡିଆର ଅବସ୍ଥା ଏଭଳି ସ୍ତରକୁ ଆସିଯାଉଥିବାରୁ ଉଭୟ ଗଣମାଧ୍ୟମ ସୋସିଆଲ ମିଡିଆ ଅନ୍ତର୍ଗତ ଫେସ୍‌ବୁକ, ଟୁଇଟର, ସ୍ନାପଚାଟ, ୟୁଟ୍ୟୁବ ଆଦି ସୋସିଆଲ ଆପ୍‌ର ସହାୟତା ନେବା ସହ ସେଠାରେ ନିଜର ସ୍ଥିତି ଜାହିର କଲେଣି। କାରଣ ସେଠାକାର ପାଠକମାନେ ସୋସିଆଲ ମିଡିଆ ଆପ୍ ଉପରେ ଅଧିକ ଭରସା କରୁଛନ୍ତି।

ସୋସିଆଲ ମିଡିଆର କ୍ରମବର୍ଦ୍ଧିଷ୍ଣୁ ପରିସରକୁ ଦେଖି ଏହା ମାଧ୍ୟମରେ ମିଥ୍ୟା ଖବର, ମିଥ୍ୟା ଭିଡିଓ ତଥା ମିଥ୍ୟା ସୂଚନା ପ୍ରସାରଣ ବି ବୃଦ୍ଧି ଘଟୁଛି। ମଣିଷ ଏବେ ସେମାନଙ୍କର ଜୀବନଶୈଳୀ ବଦଳାଇ ଚାଲିଛନ୍ତି। ସେମାନଙ୍କ ଦୈନନ୍ଦିନ ଜୀବନରୁ ଟିଭି, ସିନେମା, ସଙ୍ଗୀତ, ଖବରକାଗଜର ଆବଶ୍ୟକତା କମି କମି ଆସିଲାଣି ଓ ସେହି ସ୍ଥାନ ନେଉଛି ସାମାଜିକ ଗଣମାଧ୍ୟମ। ବହୁଳ ଆଦୃତ ହେଉଥିବା ସୋସିଆଲ ମିଡିଆର ପଛପଟର ଅନ୍ଧାରକୁ କେହି ଦେଖୁ ନ ଥିବା ଦୁଃଖର ବିଷୟ। ଫେସ୍‌ବୁକର ସୂଚନା ଅନୁଯାୟୀ ନଭେମ୍ବର ୨୦୧୯ ଭିତରେ ପ୍ରାୟ ୩୦୦ କୋଟି ମିଥ୍ୟା ଫେସ୍‌ବୁକ ଆକାଉଣ୍ଟକୁ ହଟାଇ ଦିଆଯାଇ ସାରିଲାଣି, ଯାହା ମାଧ୍ୟମରେ କି ମିଥ୍ୟା ଖବର ଓ ଭିଡିଓମାନ ପ୍ରସାରଣ ଘଟୁଥିଲା। ଏହାଠାରୁ ଅଧିକ ଫେକ୍ ବା ମିଥ୍ୟା ଆକାଉଣ୍ଟ ଏବେ ବି ବିଦ୍ୟମାନ ଓ ପ୍ରତି ମୁହୂର୍ତ୍ତରେ ଏହାର ସଂଖ୍ୟା ବଢ଼ି ବଢ଼ି ଚାଲିଛି ଯାହା ସାଧାରଣ ଲୋକଙ୍କୁ ବିଭ୍ରାନ୍ତ କରିଚାଲିଛି। ଇଣ୍ଟର୍‌ନେଟ ଓ ସୋସିଆଲ ମିଡିଆର ଅପବ୍ୟବହାର ରୋକିବା ନିମନ୍ତେ ଅନେକ ରାଷ୍ଟ୍ର ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ଏହାର ଆଶାନୁରୂପ ସୁଫଳ ମିଳିପାରୁନାହିଁ। ଗୋଟିଏ ପଟେ ସୋସିଆଲ ମିଡିଆ ସାମ୍ପ୍ରତିକ ସମୟରେ ସାମାଜିକ ଓ ଅର୍ଥନୈତିକ ପ୍ରଗତିର ସୂତ୍ରଧର ହେଉଥିଲାବେଳେ ଅନ୍ୟପଟେ ଅସତ୍ୟ ଖବର, କୁତ୍ସାରଟନା, ବିଶୃଙ୍ଖଳା ତଥା ଦେଶଦ୍ରୋହ ଆଦି ବେନିୟମ କାର୍ଯ୍ୟକଳାପରେ ବ୍ୟବହୃତ ହେଉଛି। ଉଦାହରଣ ଭାବେ କଶ୍ମୀର ଘଟଣାକୁ ନିଆଯାଇପାରେ। ଗତ ଅଗଷ୍ଟରେ ଜମ୍ମୁ-କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ ପରେ ସୋସିଆଲ ମିଡିଆରେ ଏ ସଂକ୍ରାନ୍ତରେ ଏକ ଭିଡିଓ ଦେଖିବାକୁ ମିଳିଥିଲା। ଶ୍ରୀନଗର ଓ ବାରମୂଲାରେ ପ୍ରାୟ ଦଶହଜାର ମୁସଲିମ ୩୭୦ ଧାରା ଉଚ୍ଛେଦ ବିରୋଧରେ ଆନ୍ଦୋଳନ କରୁଥିବାର ଦୃଶ୍ୟ ଏହି ଭିଡିଓରେ ସ୍ଥାନିତ ଥିଲା। ତୁରନ୍ତ ଏହି ଭିଡିଓଟିକୁ ଇଣ୍ଡିଆ ଟୁଡେ ଆଣ୍ଟିଫେକ୍ ନ୍ୟୁଜ୍ ୱାର୍ ରୁମ୍‌ରେ ପରୀକ୍ଷା କରାଯିବା ପରେ ଜଣାପଡ଼ିଥିଲା ଯେ ଏହି ଭିଡିଓଟି ୟୁଟ୍ୟୁବ୍ ଓ ଟୁଇଟରରେ ଡିସେମ୍ବର ୧୨, ୨୦୧୮ରେ ଅପ୍‌ଲୋଡ୍ ହୋଇଥିଲା, ଯାହାର କି ୩୭୦ ଧାରା ଉଚ୍ଛେଦ ସହ କୌଣସି ସମ୍ପର୍କ ନ ଥିଲା। ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି ଲକ୍ଷ୍ୟରେ ଏହିପରି ଅସଂଖ୍ୟ ଭିଡିଓ ସେ ସମୟରେ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା, ଯାହାର କି ଲେଶମାତ୍ର ସତ୍ୟତା ନାହିଁ। ସେହିପରି ଗତ ସାଧାରଣ ନିର୍ବାଚନ ପ୍ରଚାର ସମୟରେ ସୋସିଆଲ ମିଡିଆରେ ଏତେସଂଖ୍ୟକ ଫେକ୍ ଭିଡିଓ ଓ ନ୍ୟୁଜ୍ ସ୍ଥାନ ପାଇଥିଲା ଯେ କେଉଁଟା ସତ୍ୟ ଓ କେଉଁଟା ମିଥ୍ୟା ତାହା ଜାଣିବାକୁ ଉଚ୍ଚଶିକ୍ଷିତ ଲୋକ ମଧ୍ୟ ସକ୍ଷମ ହୋଇପାରି ନ ଥିଲେ। ଫେସ୍‌ବୁକରେ ଅପ୍‌ଲୋଡ୍ ହେଉଥିବା ମିଥ୍ୟା ଖବର, ସୂଚନା ଓ ଭିଡିଓକୁ ତନଖି କରିବା ପାଇଁ ଏହା ସହ ସମ୍ପୃକ୍ତ ଥିବା ଏକ ୱେବ୍‌ସାଇଟ 'ବୁମ୍'ର ମ୍ୟାନେଜିଂ ଡାଇରେକ୍ଟର ଜେନ୍‌ସି ଜାକବଙ୍କ ବକ୍ତବ୍ୟ ହେଉଛି, ଜନସାଧାରଣଙ୍କ ଭାବପ୍ରବଣତାକୁ ପରଖି ମିଥ୍ୟା ତଥ୍ୟ ଓ ଭିଡିଓ ସୋସିଆଲ ମିଡିଆରେ କ୍ରମାଗତ ଭାବେ ବୃଦ୍ଧି ପାଉଛି। ବର୍ତ୍ତମାନ ଭାରତରେ ୧୦ଟି ଭାଷାର ମିଥ୍ୟା ତଥ୍ୟ ସମ୍ବଳିତ ଲେଖା ଓ ଚିତ୍ରକୁ ହଟାଇବା ପାଇଁ ଆଠଟି ଟିମ୍ ଦିନରାତି କାର୍ଯ୍ୟ କରୁଛନ୍ତି। ତଥାପି ଏହା ଆୟତ୍ତ ବାହାରେ। ଅଭିଯୋଗ ଉଠେ ଯେ, ରାଜନୈତିକ ଦଳର ଆଇଟି ସେଲ୍ ପକ୍ଷରୁ ଅନେକ ସଂଖ୍ୟାରେ ଫେକ୍ ଆକାଉଣ୍ଟ ଖୋଲାଯାଉଛି। ଏଭଳି କ୍ଷେତ୍ରରେ ସୋସିଆଲ ମିଡିଆର ପ୍ରତ୍ୟେକ ଆକାଉଣ୍ଟକୁ ଆଧାର ସହ ସଂଯୋଗ କରାଯାଇପାରିଲେ ଅନେକ କିଛି ସୁଫଳ ମିଳିପାରନ୍ତା। ଏ ସଂକ୍ରାନ୍ତରେ ପ୍ରସ୍ତାବ ଆସୁଛି, ମାତ୍ର ଚାପି ଦିଆଯାଉଛି। କାରଣ ଏହା କାର୍ଯ୍ୟକାରୀ ହେଲେ ଆବଶ୍ୟକ ବେଳେ ଏଥିରୁ ଫାଇଦା ଉଠାଇବା ଆଉ ସମ୍ଭବ ହେବ ନାହିଁ। ନିଜ ପାଇଁ ତାଳି ଓ ବିରୋଧୀଙ୍କ ପାଇଁ ଗାଳି ହୋଇଯାଇଛି ପଞ୍ଚମ ସ୍ତମ୍ଭ ସୋସିଆଲ ମିଡିଆରେ କିଛି ଗୋଷ୍ଠୀଙ୍କର ମୁଖ୍ୟ ଉଦ୍ଦେଶ୍ୟ। ବ୍ୟକ୍ତିଗତ ଅଧିକାର, ଦେଶର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷାକୁ ଦୃଷ୍ଟିରେ ରଖି ସୋସିଆଲ ମିଡିଆ ବ୍ୟବହୃତ ହୋଇପାରିଲେ ଗଣତନ୍ତ୍ର ପ୍ରତି ଏହା ଅଧିକ ଲାଭଦାୟକ ହୋଇପାରନ୍ତା।

ଇମେଲ-prakastripathy09@gmail.com

# ଅନ୍ତରୀକ୍ଷ ପରୀ

ବ୍ୟକ୍ତିତ୍ୱ



ଖ୍ରୀଷ୍ଟିନା କୋଚ୍

ପିଲାଟିଏ କାନ୍ଦିଲେ ମାତାପିତା ତାକୁ ଆକାଶ ଦେଖାଇଥାଆନ୍ତି। ଜହ୍ନ ମାମୁ ଓ ପରି ରାଇଜର କଥା କୁହାଯାଇ ତାକୁ ତୁନି କରାଯାଇଥାଏ। କିନ୍ତୁ ବଡ଼ ହେଲା ପରେ ମହାକାଶ ଓ ମହାଜାଗତିକ ବସ୍ତୁ ବିଷୟରେ ଜାଣିବାକୁ ଆଗ୍ରହ ରଖେ। ବିଜ୍ଞାନମନସ୍କ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେତେକେ ଏ ଦିଗରେ ବହୁପାଦ ଆଗକୁ ଯାଇ ଅନ୍ତରୀକ୍ଷରେ ପହଞ୍ଚିବାକୁ ଚେଷ୍ଟା କରନ୍ତି। ଏବେ ୪୧ ବର୍ଷୀୟା ଖ୍ରୀଷ୍ଟିନା କୋଚ୍ ମହାକାଶରେ ମହିଳା ମହାକାଶଚାରୀ ଭାବେ ୩୨୮ ଦିନ ରହିବାର ଗୌରବ ଅର୍ଜନ କରି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ୬ ଫେବୃୟାରୀ ୨୦୨୦ରେ ଏହି ଆମେରିକୀୟ ମହିଳା ପୃଥିବୀକୁ ଫେରିବା ପରେ ସେ ଯୁବ ମହାକାଶଚାରୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି।

ଆମେରିକା ମିଚିଗାନ୍‌ର ଗ୍ରାଣ୍ଡ୍ ରାପିଡ୍ସଠାରେ ଖ୍ରୀଷ୍ଟିନା ୨୯ ଜାନୁୟାରୀ ୧୯୭୯ରେ ଜନ୍ମଗ୍ରହଣ କରିଥିଲେ। ମହାକାଶଚାରୀ ହେବା ଥିଲା ତାଙ୍କ ପିଲା ବେଳର ଲକ୍ଷ୍ୟ। ସେଥିପାଇଁ ସେ ପ୍ରାଥମିକ ଶିକ୍ଷା ଗ୍ରହଣ ସମୟରୁ ନିଜକୁ ପ୍ରସ୍ତୁତ କରିଥିଲେ। ଡୁର୍‌ହାମସ୍ଥିତ ନର୍ଥ କରୋଲିନା ସ୍କୁଲ ଅଫ୍ ସାଇନ୍ସ ଆଣ୍ଡ୍ ମାଥ୍‌ମେଟିକ୍ସରୁ ସେ ସ୍ନାତକ ଡିଗ୍ରୀ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ନର୍ଥ କରୋଲିନା ଷ୍ଟେଟ୍ ୟୁନିଭର୍ସିଟିରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ ପଦାର୍ଥ ବିଜ୍ଞାନରେ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀ ଅର୍ଜନ କରିଥିଲେ। ୨୦୦୧ରେ ସେ ନାସା (ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡମିନିଷ୍ଟ୍ରେଶନ)ର ଅନ୍ତରୀକ୍ଷ ଗବେଷଣା ପରୀକ୍ଷାଗାର ଜିଏସ୍‌ଏଫ୍‌ସିର ଏକାଡେମୀ ପ୍ରୋଗ୍ରାମ୍‌ର ଗ୍ରାଜୁଏଟ୍ ହୋଇଥିଲେ। ପରେ ସ୍ପେସ୍ ସାଇନ୍ସ ଇନ୍‌ଷ୍ଟ୍ରୁମେଣ୍ଟ ଡେଭଲପ୍‌ମେଣ୍ଟ ଆଣ୍ଡ୍ ରିମୋଟ୍ ସାଇଣ୍ଟିଫିକ୍ ଫିଲ୍ଡ ଇଞ୍ଜିନିୟରିଂରେ ଖ୍ରୀଷ୍ଟିନା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ଆଷ୍ଟ୍ରୋଫିଜିକ୍ସ ଓ କସ୍‌ମୋଲୋଜୀ ଉପରେ ବେଶ୍ ଅଧ୍ୟୟନ କରିବା ସହ ମେରୀଲାଣ୍ଡସ୍ଥିତ ମଣ୍ଟେଗୋମେରୀ କଲେଜରେ ଅଧ୍ୟାପନା କରିଥିଲେ। ୨୦୦୪ରୁ ୨୦୦୭ ମଧ୍ୟରେ ୟୁନାଇଟେଡ୍ ଷ୍ଟେଟ୍‌ସ ଆଣ୍ଟାର୍କଟିକ୍ ପ୍ରୋଗ୍ରାମ୍‌ରେ ରିସର୍ଚ୍ଚ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟ କଲା ବେଳେ ଅଭିଜ୍ଞତା ଅର୍ଜନ କରିଥିଲେ। ଏପରି କି ଆମୁଣ୍ଡସେନ୍‌ସ୍କଟ ସାଉଥ୍ ପୋଲ୍ ଷ୍ଟେଶନରେ ମାଇନସ୍ ୧୧୧ ଡିଗ୍ରୀ ତାପମାତ୍ରାରେ ୱିଣ୍ଟର ଓଭର ସିଜିନ୍ କାର୍ଯ୍ୟକ୍ରମରେ ଭାଗ ନେଇ କଠିନ ସମୟକୁ ସମ୍ମୁଖୀନ ହୋଇ ଖ୍ରୀଷ୍ଟିନା ନିଜ ମନୋବଳ ଦୃଢ଼ କରିପାରିଥିଲେ। ସାଉଥ୍ ପୋଲ୍‌ରେ ଥିବା ବେଳେ ସେ ମାସ ମାସ ଧରି ସୂର୍ଯ୍ୟକୁ ଦେଖିବାର ସୁଯୋଗ ପାଇ ନ ଥିବା କହିଥାଆନ୍ତି। ତାଙ୍କର ଏକନିଷ୍ଠ କାର୍ଯ୍ୟଶୈଳୀ ବରିଷ୍ଠ ବୈଜ୍ଞାନିକଙ୍କୁ ଖୁବ୍ ପ୍ରଭାବିତ କରିଥିଲା। ୨୦୦୭ରୁ ୨୦୦୯ ଯାଏ ସେ ଜନ୍ ହପ୍‌କିନ୍ସ ବିଶ୍ୱବିଦ୍ୟାଳୟରେ ସ୍ପେସ୍ ଡିପାର୍ଟମେଣ୍ଟ ଅଫ୍ ଦି ଆପ୍ଲାଏଡ୍ ଫିଜିକ୍ସ ଲାବରେଟୋରୀରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ କରିଥିଲେ। ସେତେବେଳେ ଖ୍ରୀଷ୍ଟିନା ମହାକାଶ ବିଜ୍ଞାନ ଉପକରଣ ବିକଶିତ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସେହି ସମୟରେ ସେ ଆଣ୍ଟାର୍କଟିକାର ପାଲମେର୍ ଷ୍ଟେଶନ ଏବଂ ଗ୍ରୀନ୍‌ଲାଣ୍ଡ ବୁଲିବାର ସୁଯୋଗ ପାଇଥିଲେ। ୨୦୧୨ରେ ନ୍ୟାଶନାଲ ଓସେନିକ୍ ଆଣ୍ଡ୍ ଆଟ୍‌ମୋସ୍ଫିୟରିକ୍ ଆଡ୍‌ମିନିଷ୍ଟ୍ରେଶନ (ଏନ୍‌ଓଏଏ)ରେ ସେ କାର୍ଯ୍ୟ କରିଥିଲେ। ତେବେ ୨୦୧୩ରେ ୨୧ ଜଣିଆ ମହାକାଶଚାରୀଙ୍କ ଗୋଷ୍ଠୀରେ ଖ୍ରୀଷ୍ଟିନାଙ୍କୁ ସାମିଲ କରାଯିବା ପରେ ସେ ଅନ୍ତରୀକ୍ଷ ଯାତ୍ରା ଲାଗି ସ୍ୱପ୍ନ ଦେଖିଲେ। ଜୁଲାଇ ୨୦୧୫ରେ ସେ ଏଥିଲାଗି ପ୍ରଶିକ୍ଷଣ ଶେଷ କରିଥିଲେ। ୧୪ ମାର୍ଚ୍ଚ ୨୦୧୯ରେ ସେ ମହାକାଶକୁ ସୋୟୁଜ ୧୨ରେ ଆଲେକ୍ସ ଓଭ୍‌ଚିନିନ୍ ଏବଂ ନିକ୍ ହଗ୍‌ଙ୍କ ସହ ଯାଇଥିଲେ। ହେଲେ ହଗ୍ ଏବଂ ଓଭ୍‌ଚିନିନ୍ ବେଶି ଦିନ ଖ୍ରୀଷ୍ଟିନାଙ୍କ ଭଳି ସେଠାରେ ରହି ନ ପାରି ଫେରି ଆସିଥିଲେ। ଫଳରେ ୧୮ ଅକ୍ଟୋବର ୨୦୧୯ରେ ଖ୍ରୀଷ୍ଟିନା ଓ ଅନ୍ୟ ଜଣେ ମହିଳା ମହାକାଶଚାରୀ ଜେସିକା ମୈର ମହିଳା ପଦଚାରୀ ଭାବେ ମହାକାଶରେ ବୁଲିଥିଲେ। ହେଲେ ମହାକାଶରେ ରହିବାରେ ଖ୍ରୀଷ୍ଟିନା ସେହି ଆମେରିକାର ମହିଳା ମହାକାଶଚାରୀ ପେଗୀ ହ୍ୱିଟ୍‌ସନ୍‌ଙ୍କ ପୂର୍ବର ୨୮୯ ଦିନର ରେକର୍ଡକୁ ଭାଙ୍ଗି ୩୨୮ ଦିନର କୀର୍ତ୍ତିମାନ ସ୍ଥାପନ କରିପାରିଛନ୍ତି।

ବ୍ୟକ୍ତିଗତ ଜୀବନ କହିଲେ ଖ୍ରୀଷ୍ଟିନା ତାଙ୍କ ସ୍ୱାମୀ ରବର୍ଟ କୋଚ୍‌ଙ୍କ ସହ ଟେକ୍ସାସ୍‌ରେ ରହୁଛନ୍ତି। ବୃତ୍ତିରେ ମହାକାଶଚାରୀ ଭାବେ ସେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ତେବେ ପାହାଡ଼ ଚଢ଼ିବା, ସାଇକ୍ଲିଂ, ନୌବିହାର, ଦୌଡ଼ିବା, ଯୋଗ କରିବା, ଫଟୋ ଉଠାଇବା ସହ ଗୋଷ୍ଠୀଗତ ସେବାରେ ନିଜକୁ ନିୟୋଜିତ କରିବାରେ ସେ ଅଧିକ ଆନନ୍ଦ ପାଇଥାଆନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଅନ୍ୟର ଉପକାର କରିବା ପାଇଁ ବେଳେବେଳେ ମଣିଷ କିଛି ନିଆରା କାମ କରିଥାନ୍ତି ଯାହା କରୁଛନ୍ତି ରାଜସ୍ଥାନ ଉଦୟପୁର ନିବାସୀ ଅଶୋକ ପାଲିୱାଲ। କ୍ୟାନ୍‌ସର ରୋଗୀଙ୍କଠାରେ ସକାରାତ୍ମକ ଭାବନାର ଆବଶ୍ୟକତାକୁ ଉପଲବ୍ଧି କରି ସେ ଏଥିପାଇଁ ଆରମ୍ଭ କରିଛନ୍ତି 'କେଶ ଦାନ ଅଭିଯାନ'। କେମୋଥେରାପିରେ କ୍ୟାନ୍‌ସର ପୀଡିତଙ୍କ ମୁଣ୍ଡରୁ କେଶ ଝଡ଼ିଯାଏ। ମୁଖ୍ୟତଃ ମହିଳାମାନେ ଏହି ପରିସ୍ଥିତିରେ ମାନସିକ ବିଷାଦର ଶିକାର ହୋଇଥାନ୍ତି। ଏଣୁ ସେମାନଙ୍କ ସମସ୍ୟା ଦୂରକରିବା ଲାଗି ପାଲିୱାଲ ଏହି ଅଭିଯାନ ଆରମ୍ଭ କରିଛନ୍ତି। ଏଥିରେ ମିଳୁଥିବା କେଶକୁ ମାଗଣାରେ କ୍ୟାନ୍‌ସର ରୋଗୀଙ୍କ ନିକଟରେ ପହଞ୍ଚାଉଛନ୍ତି। ଏବେ ସୁଦ୍ଧା ୭୦ରୁ ଊର୍ଦ୍ଧ୍ୱ ଲୋକ କେଶ ଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ସ୍କୁଲ ଛାତ୍ରୀଙ୍କ ସଂଖ୍ୟା ସବୁଠୁ ବେଶି। ଦାନରେ ମିଳୁଥିବା କେଶକୁ ଅଶୋକ ୱିଗ୍ ପ୍ରସ୍ତୁତ କରୁଥିବା ସଂସ୍ଥାକୁ ଦେଉଛନ୍ତି ଓ ପରେ ତାକୁ କ୍ୟାନ୍‌ସର ରୋଗୀଙ୍କୁ ବିନା ଦେୟରେ ଉପଲବ୍ଧ କରାଉଛନ୍ତି। ଏହି ଅଭିଯାନରେ ଅଶୋକ ଉଦୟପୁର ରୋଟାରି କ୍ଲବ୍, ସର୍ବଭାରତୀୟ ହେୟାର ବ୍ୟୁଟି ଆସୋସିଏଶନ, ଲେକ୍‌ସିଟି ବ୍ୟୁଟି ମଣ୍ଡଳ ସମେତ ଗୀତାଞ୍ଜଳି ମେଡିକାଲ କଲେଜକୁ ସାମିଲ କରିବାରେ ସକ୍ଷମ ହୋଇପାରିଛନ୍ତି।

## ଚିରନ୍ତନୀ

ସଧୀର ଗତିରେ ବଉଦ ଚଳଇ ଶଇଳ-ଚୂଳେ
କରୁଣ କାକୁତି ଢାଳଇ କପୋତ କଦମ-ମୂଳେ
ତୁମେ କହ ତା'ର ନାହିଁ କିଛି ମୂଲ ଭୁବନହାଟେ
ମୁକ୍ତା କଣିକା ଝରାଏ ସେ ମୋର ପରାଣ ତୁଳେ।
(ମାନସୀ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୯ ଫେବୃୟାରୀ ୧୯୯୫

- ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନର ମିଆଦକୁ ଆଉ ୬ ମାସ ବୃଦ୍ଧିକରିବା ନିଷ୍ପତ୍ତିକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ।
- ଦେଶରେ ମ୍ୟାଲେରିଆ ବୃଦ୍ଧିପାଉଥିବା ଦୃଷ୍ଟିରୁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ବିଶ୍ୱବ୍ୟାଙ୍କର ସହାୟତା ନେବାକୁ ସ୍ଥିର କରିଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 5 | A | | 2 | | | 6 | | 8 | | | | |
| | D | 7 | | | | | E | 5 | 0 | | | | | |
| | | | B | D | | | | | | C | | | 0 | |
| A | 8 | | 7 | | | | 0 | | 6 | E | D | | | |
| | E | 6 | | | | | | | | | | 5 | | 9 |
| 7 | B | | | | | | | 4 | | | | | | |
| | 1 | D | | | | | 5 | B | 8 | 3 | C | | | |
| | 3 | | | | | | | | | D | 0 | 2 | 1 | |
| 9 | | 0 | D | | C | | | 3 | | 4 | | | A | 5 |
| | | | 0 | | | 8 | 2 | | | A | 9 | | B | 3 |
| | | 2 | | | 0 | | B | | 4 | | | | 8 | |
| | | 9 | 1 | | | | 7 | | C | | A | | 4 | |
| 6 | 5 | B | 9 | 7 | 4 | | 3 | | | | | C | | |
| C | | | | | A | 5 | 8 | | | 9 | 7 | | E | 2 |
| | | 3 | 2 | | | | | | | | | B | | |

ଏହାର ଉତ୍ତର ଗତକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | B | C | 5 | D | 3 | 8 | 2 | A | 9 | 6 | 1 | E | 4 | 7 |
| 3 | D | 1 | 4 | 0 | 9 | 6 | C | 7 | A | E | B | 8 | 2 | 5 |
| 6 | 9 | 2 | A | B | 8 | 1 | E | 4 | 7 | C | 5 | D | 3 | 0 |
| 5 | E | 8 | 2 | 1 | 7 | 9 | 0 | B | D | 3 | 4 | C | 6 | A |
| 4 | 7 | A | C | 6 | E | 5 | D | 3 | 8 | 0 | 2 | B | 1 | 9 |
| 8 | 3 | 9 | D | E | 5 | 4 | A | 0 | 2 | 7 | C | 6 | B | 1 |
| D | A | E | 6 | 8 | 4 | 3 | 7 | 2 | 1 | B | 0 | 9 | 5 | C |
| 7 | 4 | 6 | 0 | C | 1 | E | B | 8 | 5 | 9 | 3 | A | D | 2 |
| B | 2 | 5 | 7 | 9 | A | C | 1 | 6 | E | 8 | D | 3 | 0 | 4 |
| 1 | C | 0 | B | 3 | 2 | D | 5 | 9 | 6 | 4 | A | 7 | E | 8 |
| 9 | 5 | 4 | 1 | 7 | D | 2 | 6 | C | B | A | E | 0 | 8 | 3 |
| E | 6 | 3 | 8 | 5 | C | A | 4 | D | 0 | 1 | 7 | 2 | 9 | B |
| 2 | 1 | D | 9 | A | 0 | B | 3 | E | C | 5 | 8 | 4 | 7 | 6 |
| C | 0 | B | E | 4 | 6 | 7 | 8 | 5 | 3 | 2 | 9 | 1 | A | D |
| A | 8 | 7 | 3 | 2 | B | 0 | 9 | 1 | 4 | D | 6 | 5 | C | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଢଳେଇ ରାସ୍ତାର ସ୍ଥାୟିତ୍ୱ

ମହାଶୟ,

ରାଜ୍ୟ ସରକାରଙ୍କ ତରଫରୁ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ଯୋଜନାରେ ଢଳେଇ ରାସ୍ତା ନିର୍ମାଣ କରାଯାଉଛି। ଏଥିପାଇଁ ରାଜ୍ୟ ତହବିଲରୁ ପ୍ରତିବର୍ଷ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ଅନେକ ସ୍ଥାନରେ ରାସ୍ତାର ମାନ ନିମ୍ନମାନର ଥିବାରୁ ବର୍ଷେ ନ ପୂରୁଣୁ ଏହା ଫାଟି ଦୁଇଫାଳ ହୋଇଯାଉଛି। ଢଳେଇ ରାସ୍ତା ନଷ୍ଟହେବାର ମୁଖ୍ୟ କାରଣ ହେଉଛି ଶସ୍ତା ସିମେଣ୍ଟର ବ୍ୟବହାର, ବାଲି, ଗୋଡ଼ି ଓ ସିମେଣ୍ଟର ଅନୁପାତ ଠିକ୍ ନ ରହିବା, ଢଳେଇ ପରେ ପର୍ଯ୍ୟାପ୍ତ ପାଣି ନ ଦେବା, ରାସ୍ତାର ଦୁଇକଡ଼ରେ ବାଲି ଫିଲିଂ ନ କରିବା, ଢଳେଇ ମୋଟେଇ କମ୍ ରହିବା ଓ ନିର୍ଦ୍ଦିଷ୍ଟ ବ୍ୟବଧାନରେ କଟ୍ ନ ରଖିବା ଇତ୍ୟାଦି। ଏ ସଂକ୍ରାନ୍ତରେ ସରକାରଙ୍କର କି ମାର୍ଗଦର୍ଶିକା ବା ସର୍ତ୍ତାବଳୀ ରହିଛି ସେ ସମ୍ପର୍କରେ ଜନସାଧାରଣ ଅଜ୍ଞ। ଏଣୁ ସରକାରଙ୍କ ମାର୍ଗଦର୍ଶିକା ସାର୍ବଜନୀନ ହେବା ଆବଶ୍ୟକ। ସାଧାରଣ ଲୋକଙ୍କ ଟିକସ ଟଙ୍କାରେ ଯେଉଁ ଯୋଜନା ହେଉଛି ସେଥିରେ ଲୋକଙ୍କ ସହଭାଗିତା ରହିବା ଆବଶ୍ୟକ। ଲୋକମାନେ ସରକାରୀ ନିୟମାବଳୀ ଜାଣିଲେ ରାସ୍ତା ନିର୍ମାଣରେ ସେମାନଙ୍କର ସହଭାଗିତା ରହିବ ଓ ରାସ୍ତାର ସ୍ଥାୟିତ୍ୱକୁ ସୁନିଶ୍ଚିତ କରିବାରେ ଏହା ସହାୟକ ହୋଇପାରିବ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

### ଆବର୍ଜନା ବିଭକ୍ତୀକରଣ

ରାଜଧାନୀ ଭୁବନେଶ୍ୱରର ପରିମଳ ପରିଚାଳନା ପାଇଁ ବିଏମ୍‌ସିର ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମ୍‌ସିସି) ଏକ ମହନୀୟ ପରିକଳ୍ପନା। ସମୁଦାୟ ୱାର୍ଡ ମଧ୍ୟରୁ ୪୩ ଗୋଟି ସ୍ଥାନରେ ଏହି ଏମ୍‌ସିସି ପ୍ଲାଣ୍ଟ ପ୍ରତିଷ୍ଠା ବର୍ଷକ ମଧ୍ୟରେ ଶେଷ ହେବ। ସେ ଯାବତ୍ ଦାରୁଠେଙ୍ଗ ଭୁଆସୁଣୀ ଡମ୍ପିଂୟାର୍ଡରେ ଆବର୍ଜନା ପଡୁଥିବ। ଏବେ କିଛି କିଛି ଆବର୍ଜନା ସୈନିକ ସ୍କୁଲ ପାଖରେ ପକାଯାଉଛି। ବାସ୍ତବିକ ଏହି ଆବର୍ଜନା ବିଭକ୍ତୀକରଣ ଏକ ଯଥାର୍ଥ ପଦକ୍ଷେପ। ଏହାଦ୍ୱାରା ନିର୍ଦ୍ଦିଷ୍ଟ କୌଣସି ଅଞ୍ଚଳବାସୀଙ୍କ ଅସନ୍ତୋଷ ରହିବ ନାହିଁ। ଏହି ପଦ୍ଧତିକୁ ରାଜ୍ୟରେ ଥିବା ସମସ୍ତ ମ୍ୟୁନିସିପାଲିଟି ବା ବିଜ୍ଞାପିତ ଅଞ୍ଚଳରେ କାର୍ଯ୍ୟକାରୀ କରାଯିବା ହିଁ ଠିକ୍ ପ୍ରାବଧାନ।

ମନୋରଞ୍ଜନ ସ୍ୱାଇଁ, ତାପସ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଘରେ ପଶି ନାବାଳିକାଙ୍କୁ ଅସଦାଚରଣ, ଆକ୍ରମଣ

ବାରିପଦା ଅଫିସ, ୮।୨: ବାରିପଦା ପୌରପରିଷଦ ୨୪ ନମ୍ବର ୱାର୍ଡର କାଳିକାପୁର ଅଞ୍ଚଳରେ ଶୁକ୍ରବାର ରାତିରେ ୪ ଯୁବକ ଏକ ଘରେ ପଶି ଜଣେ ନାବାଳିକାଙ୍କୁ ଅସଦାଚରଣ କରିବା ସହ ଆକ୍ରମଣ କରିଛନ୍ତି। ଏ ନେଇ ଅଭିଯୋଗ ହେବା ପରେ ବାରିପଦା ଟାଉନ ପୋଲିସ ସମ୍ପୃକ୍ତ ୨ ଯୁବକଙ୍କୁ ଗିରଫ କରିଥିବାବେଳେ ଅନ୍ୟ ୨ ଜଣ ଫେରାର ଅଛନ୍ତି। ଗିରଫ ଯୁବକଦ୍ୱୟ ହେଲେ ଉକ୍ତ ଅଞ୍ଚଳର ଭାନୁ ଦାସ ଓ ରମେଶ ଟୁଡୁ। ସୂଚନା ଅନୁସାରେ, ଉକ୍ତ ଅଞ୍ଚଳର ଜଣେ ମହିଳାଙ୍କଠାରୁ ୪ ଜଣ ଯୁବକ କିଛି ଟଙ୍କା ଧାର ନେଇଥିଲେ। ମହିଳା ଜଣଙ୍କ ସେମାନଙ୍କୁ ଟଙ୍କା ମାଗୁଥିଲେ ମଧ ସେମାନେ ଦେଉ ନ ଥିଲେ। ଓଲଟା ବିଭିନ୍ନ ସମୟରେ ତାଙ୍କୁ ଗାଳିଗୁଲଜ କରୁଥିଲେ। ଶୁକ୍ରବାର ରାତି ପ୍ରାୟ ସାଢ଼େ ୮ଟା ବେଳେ ସେହି ୪ ଯୁବକ ମହିଳାଙ୍କ ଘରେ ପଶି ତାଙ୍କୁ ମାଡ଼ ମାରିବା ସହିତ ତାଙ୍କ ନାବାଳିକା ଝିଅକୁ ଅସଦାଚରଣ କରିଥିଲେ। ନାବାଳିକାଙ୍କୁ ମଧ ସେମାନେ ମାଡ଼ ମାରିଥିଲେ। ଏଥିରେ ଗୁରୁତର ନାବାଳିକାଙ୍କୁ ପରିବାର ଲୋକ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଇଥିଲେ। ପରେ ଏ ନେଇ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଟାଉନ ପୋଲିସ ଏକ ମାମଲା(ନଂ.୬୬/୨୦) ରୁଜୁ କରି ଭାନୁ ଓ ରମେଶଙ୍କୁ ଗିରଫ କରିଛି। ଫେରାର ଥିବା ଅନ୍ୟ ଦୁଇ ଯୁବକଙ୍କୁ ଧରିବା ପାଇଁ ତନାଘନା ଚାଲିଥିବା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି କହିଛନ୍ତି।

# ଜାତିଭିତ୍ତିକ ଜନଗଣନାକୁ ଅଠାୱଲେଙ୍କ ସମର୍ଥନ

ଭୁବନେଶ୍ୱର,୮।୨(ବ୍ୟୁରୋ)



ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱଲେ।

- ଏସ୍‌ସି/ଏସ୍‌ଟିଙ୍କ ବିରୋଧରେ ହେଉଥିବା ନିର୍ଯାତନାକୁ ନେଇ ଉଦ୍‌ବେଗ
- ସିଏଏ ନାଗରିକତ୍ୱ ଦେବ, ଛଡ଼ାଇବ ନାହିଁ
- ଦଳିତ ନିର୍ଯାତନା ଆଇନକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯିବା ଆବଶ୍ୟକ
- ଆନ୍ତଃ ଜାତି ବିବାହକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ
- ବାର୍ଷିକ ୧ ଲକ୍ଷରୁ ଊର୍ଦ୍ଧ୍ୱ ଆନ୍ତଃ ବିବାହ ହେଉଛି

ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ନିର୍ଯାତନା ନିବାରଣ ଆଇନ ୧୯୮୯କୁ କଡ଼ାକଡ଼ି ଲାଗୁ କରାଗଲେ ଦଳିତମାନଙ୍କ ଉପରେ ହେଉଥିବା ଅତ୍ୟାଚାର କମିବ। ଓଡ଼ିଶାରେ ୨୦୧୮ରେ ୨୩୨୦ ଓ ୨୦୧୯ ବର୍ଷରେ ୨୪୬୯ଟି ଦଳିତ ନିର୍ଯାତନା ମାମଲା ରୁଜୁ ହୋଇଛି। ବ୍ୟାପକ ସାମାଜିକ ସଚେତନତା ସତ୍ତ୍ୱେ ଏପରି ମାମଲା ବୃଦ୍ଧି ପାଇବାକୁ ନେଇ ସେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ ଉଦ୍‌ବେଗ ପ୍ରକାଶ କରିଛନ୍ତି । ଶନିବାର ରାଜ୍ୟ ଅତିଥି ଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ସାମାଜିକ ସମତା ଆଣିବା ପାଇଁ ସବର୍ଣ୍ଣ-ଅସବର୍ଣ୍ଣ ବିବାହକୁ ପ୍ରୋତ୍ସାହନ ଦେବା ଆବଶ୍ୟକ । ଆନ୍ତଃ ଜାତି ବିବାହ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଢ଼େଇ ଲକ୍ଷ ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଉଥିବା ସ୍ଥଳେ ବିଧିବଦ୍ଧ ଆବେଦନ କରାଗଲେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଅତିରିକ୍ତ ଅଢ଼େଇ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦିଆଯିବ। ସାରା ଦେଶରେ ବାର୍ଷିକ ୧ ଲକ୍ଷରୁ ଅଧିକ ଆନ୍ତଃ ଜାତି ବିବାହ ହେଉଛି ବୋଲି ସେ କହିଛନ୍ତି । ତେବେ କେତେକ କ୍ଷେତ୍ରରେ କେବଳ ଅର୍ଥ ହାସଲ କରିବା ଲାଗି ଆନ୍ତଃ ଜାତି ବିବାହ କରାଯାଉଥିବା ଦେଖିବାକୁ ମିଳିଛି। ଏପରି ମାମଲା ପ୍ରତି ରାଜ୍ୟ ସରକାର ବିଶେଷ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। ଆସନ୍ତା ଜନଗଣନା ବେଳେ ଜାତିଭିତ୍ତିକ ଜନଗଣନା ହେବା ଦରକାର । ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହାକୁ ମୋର ସମର୍ଥନ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ୧ଲକ୍ଷ ୩୯ ହଜାରରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ପ୍ରାକ୍ ମାଟ୍ରିକ ଛାତ୍ରବୃତ୍ତି ଦିଆଯାଉଥିବା ବେଳେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ଯୋଗାଇ ଦିଆଯାଉଛି। ଅନୁସୂଚିତଜାତି ଓ ଜନଜାତିଙ୍କ କଲ୍ୟାଣ ପାଇଁ ଗତ ଦୁଇଟି ଆର୍ଥିକ ବର୍ଷରେ ୮୩କୋଟି ଟଙ୍କା ଲେଖାଏ ଅନୁଦାନ ଯୋଗାଇ ଦିଆଯାଇଛି। ରାଜ୍ୟରେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କ ପାଇଁ ୬ ହଜାର ଛାତ୍ରାବାସ ନିର୍ମାଣ କରାଯାଇଛି। କେନ୍ଦ୍ର ସରକାର ଦିବ୍ୟାଙ୍ଗ ସଶକ୍ତୀକରଣ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଅଠାୱଲେ କହିଛନ୍ତି। ସରକାର ଦିବ୍ୟାଙ୍ଗଙ୍କ ପାଇଁ ଚାକିରି କ୍ଷେତ୍ରରେ ସଂରକ୍ଷଣକୁ ୩ରୁ ୪% ଏବଂ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣକୁ ୪ରୁ ୫%କୁ ବୃଦ୍ଧି କରିଛନ୍ତି। ଦିବ୍ୟାଙ୍ଗଙ୍କ କଲ୍ୟାଣ ଉଦ୍ଦେଶ୍ୟରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ସୁଗମ୍ୟ ଭାରତ ଯୋଜନା ଆରମ୍ଭ କରାଯାଇଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ନାଗରିକତା ସଂଶୋଧନ ଆଇନ (ସିଏଏ) ନାଗରିକତ୍ୱ ଛଡ଼ାଇବା ପାଇଁ ନୁହେଁ ବରଂ ପ୍ରଦାନ ପାଇଁ ଉଦ୍ଦିଷ୍ଟ। ଏହା ନାଗରିକମାନଙ୍କ ସ୍ୱାର୍ଥ ପାଇଁ ହୋଇଥିଲେ ମଧ କଂଗ୍ରେସ ସମେତ ଅନ୍ୟ କେତେକ ବିରୋଧୀ ଦଳ ଲୋକଙ୍କୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିବା ଯୋଗୁ ଦେଶରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହେଉଛି। ଏନଆରସି କିମ୍ବା ଜାତୀୟ ନାଗରିକ ପଞ୍ଜିକା କେବଳ ଆସାମ ପାଇଁ ଉଦ୍ଦିଷ୍ଟ, ଏଥିନେଇ କୌଣସି ଦ୍ୱିମତ ନାହିଁ ବୋଲି ସେ କହିଛନ୍ତି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସବ୍‌କା ସାଥ, ସବ୍‌କା ବିକାଶ ଓ ସବ୍‌କା ବିଶ୍ୱାସ ଭାବନା ନେଇ କାମ କରୁଛନ୍ତି। ମୁସଲମାନମାନେ କେନ୍ଦ୍ର ସରକାରଙ୍କ ପ୍ରତି ବିଶ୍ୱାସ ରଖିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।୨୦୨୨ରେ ଦେଶ ସ୍ୱାଧୀନତାର ୧୫୦ ବର୍ଷ ପୂର୍ତ୍ତି ହେଉଥିବାରୁ ସମସ୍ତଙ୍କୁ ପକ୍କାଘର ଯୋଗାଇବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଅଧିକ ସଂଖ୍ୟକ ପଛୁଆବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସବର୍ଣ୍ଣଙ୍କ କଲ୍ୟାଣ ପାଇଁ ମଧ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଆର୍ଥିକ ଦୁର୍ବଳ ଶ୍ରେଣୀର ସାଧାରଣବର୍ଗଙ୍କ ପାଇଁ ମଧ ୧୦% ସଂରକ୍ଷଣ ଘୋଷଣା କରାଯାଇଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

# ବ୍ରହ୍ମପୁରରେ ପୋଲିସ ଡିଜି



ଡିଜିଙ୍କ ସମୀକ୍ଷା।

## ଅପରାଧ ସ୍ଥିତି, ମାଓବାଦୀ ଗତିବିଧି ଉପରେ ସମୀକ୍ଷା

ବ୍ରହ୍ମପୁର ଅଫିସ,୮।୨

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ଶନିବାର ବ୍ରହ୍ମପୁର ଗସ୍ତରେ ଆସି ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ୫ ପୋଲିସ ଜିଲାର ଏସ୍‌ପିଙ୍କୁ ନେଇ ବୈଠକ କରିଛନ୍ତି। ଦକ୍ଷିଣାଞ୍ଚଳ ପୋଲିସ ରେଞ୍ଜର ଆଇନ ଶୃଙ୍ଖଳା ପରିସ୍ଥିତିର ସମୀକ୍ଷା କରିବା ସହିତ ମାଓବାଦୀ ଗତିବିଧି, ଅପରାଧ ସ୍ଥିତି ଓ ମୋ' ସରକାର କାର୍ଯ୍ୟକ୍ରମ ଅନ୍ତର୍ଗତ ୫ଟିର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ। ସେହିପରି ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ମାଓବାଦୀ ମୁକାବିଲା, ଗୋଇନ୍ଦା ସଂସ୍ଥା କାର୍ଯ୍ୟକାରିତାକୁ ନେଇ ଡିଜିପି ଅଭୟ ଆଲୋଚନା କରିଥିଲେ। ଅନ୍ୟପଟେ ବିଭିନ୍ନ ଥାନାରେ ରୁଜୁ ହୋଇଥିବା ମାମଲାଗୁଡିକର ଠିକ୍ ତଦନ୍ତ କରିବା ସହିତ ଦଣ୍ଡବିଧାନ କିପରି ବୃଦ୍ଧି କରାଯିବ ସେ ନେଇ ମଧ ଆଲୋଚନା ହୋଇଥିଲା। ବିଶେଷକରି କନ୍ଧମାଳ ଓ ଗଜପତି ଜିଲାରେ ମାଓବାଦୀ ଗତିବିଧି ନିୟନ୍ତ୍ରଣ ଉପରେ ମଧ ସମୀକ୍ଷା କରାଯାଇଥିଲା। ଏଥିରେ ଏଡିଜେ (ଗୋଇନ୍ଦା) ରାଧାକୃଷ୍ଣ ଶର୍ମା, ଡ଼ିଆଇଜି ସ୍ପେସାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଜୟନାରାୟଣ ପଙ୍କଜ, ଡିଆଇଜି ସ୍ପେସାଲ ଇଣ୍ଟିଲିଜେନ୍ସ(ଏସ୍‌ଆଇଡବ୍ଲ୍ୟୁ) ଅନିରୁଦ୍ଧ ସିଂ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଗଞ୍ଜାମ ଏସ୍‌ପି ବ୍ରିଜେଶ ରାୟ, ଗଜପତି ଏସ୍‌ପି ସାରା ଶର୍ମା, ବୌଦ୍ଧ ଏସ୍‌ପି ଭି.ରଘୁନାଥ ରାଓ ଓ ଏଏସ୍‌ପି ପ୍ରୋବେଶନ ଅଭିଲାଷ ଜି. ପ୍ରମୁଖ ଉପସ୍ଥିତ ଥିଲେ।

## ୫ ଚୋରା ମଦ ବେପାରୀ ଗିରଫ

**ଜଳେଶ୍ୱର, ୮।୨(ସ୍ୱ.ପ୍ର.):** ବାଲେଶ୍ୱର ଜିଲା ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକଙ୍କ ସୂଚନା ଅନୁଯାୟୀ ଜଳେଶ୍ୱର ଅବକାରୀ ଓଆଇସି ହରପ୍ରସାଦ ରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ଏକ ୫ଜଣିଆ ଟିମ୍ ଜଳେଶ୍ୱର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲେ। ଚଢାଉ ବେଳେ ୫ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କୁବାଡ଼ିଆ (ଜଳେଶ୍ୱରପୁରର) ଦୁବାୟ କିସ୍କୁ, ଚାଲନ୍ତିର ପଦ୍ମିନୀ ସିଂ, ସେକ୍‌ସରାଇର ବିଶ୍ୱଜିତ୍ ଅଣ୍ଡିଆ, ଗୋପର ବାସନ୍ତୀ ଦେହୁରୀ, ବିରିଶପୁରର ବିମ୍ବାଧର ସିଂ।



## ଜିଲା ଚିଠି
### ବରଗଡ଼

### ଡାକ୍ତର ଦରକାର

ସ୍ୱାସ୍ଥ୍ୟସେବା ଏକ ମୌଳିକ ଅଧିକାର। ଜନତାଙ୍କ ପାଖକୁ ଏହି ସେବା ପହଞ୍ଚାଇବା କେବଳ ସରକାରଙ୍କ କର୍ତ୍ତବ୍ୟ, ତାହା ନୁହେଁ; ଏଥିପାଇଁ ସରକାରଙ୍କ ଦାୟିତ୍ୱବୋଧ ମଧ୍ୟ ରହିଛି। ମାତ୍ର ଅନେକସ୍ଥଳେ ଏହା ଲୋକଙ୍କ ପାଖକୁ ଅପହଞ୍ଚ ହୋଇ ପଡ଼ିଛି। ବରଗଡ଼ ଜିଲାରେ ବର୍ତ୍ତମାନ ଏଭଳି ପରିସ୍ଥିତି ଉପୁଜିଛି। ଏଠାରେ ସ୍ୱାସ୍ଥ୍ୟସେବା ପାଇଁ ଆଖିଦୃଶିଆ ଭିତ୍ତିଭୂମି ରହିଛି, ହେଲେ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହୋଇଛି। ଫଳସ୍ୱରୂପ ଜିଲାବାସୀ ଆବଶ୍ୟକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ଗୋଟିଏ ଜିଲା ମୁଖ୍ୟ ଡାକ୍ତରଖାନା (ଡିଏଚ୍‌ଏଚ୍), ପଦ୍ମପୁରରେ ଗୋଟିଏ ଉପଖଣ୍ଡ ଡାକ୍ତରଖାନା(ଏସଡିଏଚ୍), ୪୮ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ପିଏଚ୍‌ସି), ୧୫ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚ୍‌ସି) ଏବଂ ୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ଅର୍ବାନ୍ ପିଏଚସି) ରହିଛି। ଗତମାସ ୨୧ତାରିଖରେ ସହରଠାରୁ ପ୍ରାୟ ୮କି.ମି ଦୂର ଟୁକୁର୍ଲା(ଖେଦାପାଲି)ରେ ନିର୍ମିତ ୭ମହଲା ତଥା ୩୦୦ ଶଯ୍ୟା ବିଶିଷ୍ଟ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହାପରେ ସହର ମଧ୍ୟରେ ରହିଥିବା ପୁରୁଣା ଡାକ୍ତରଖାନା ଜିଲା ମୁଖ୍ୟ ଡାକ୍ତରଖାନା ମାନ୍ୟତା ହରାଇ ଥିବାବେଳେ ଖେଦାପାଲିରେ ନବନିର୍ମିତ ଡାକ୍ତରଖାନାକୁ ସେହି ମାନ୍ୟତା ମିଳିଛି। ତେବେ ଜିଲାରେ ରହିଥିବା ଦୁଇଟିଯାକ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର (ହାଟପଦା, ରେଲୱେ ଷ୍ଟେଶନପଡ଼ା) ବରଗଡ଼ ସହର ମଧ୍ୟରେ ରହିଥିବାବେଳେ ନିକଟରେ ଜନ ଆନ୍ଦୋଳନ ଚାପରେ ଏଠାରେ ଥିବା ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ମୁଖ୍ୟମନ୍ତ୍ରୀ ସହରାଞ୍ଚଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର (ଅର୍ବାନ ସିଏଚସି)ଭାବେ ଘୋଷଣା କରିଛନ୍ତି। ଫଳସ୍ୱରୂପ ବରଗଡ଼ ସହର ତଥା ଜିଲାରେ ଆଉ ଏକ ସ୍ୱାସ୍ଥ୍ୟକେନ୍ଦ୍ର ଯୋଡ଼ି ହୋଇଯାଇଛି। ଏହାପରେ ଜିଲାରେ ଡାକ୍ତରଖାନା ସଂଖ୍ୟା ବଢ଼ିଛି ସତ, କିନ୍ତୁ ଡାକ୍ତରଙ୍କ ସଂଖ୍ୟା ଯେଉଁ ତିମିରେକୁ ସେହି ତିମିରରେ ରହିଛି। ବର୍ତ୍ତମାନ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ସମେତ ମଞ୍ଜୁରୀପ୍ରାପ୍ତ ଡାକ୍ତରଙ୍କ ସଂଖ୍ୟା ୨୯୯। କିନ୍ତୁ ଏବେ ସେମାନଙ୍କ ମଧ୍ୟରୁ କେବଳ ୧୨୫ଜଣ ଅବସ୍ଥାପିତ ଅଛନ୍ତି ଏବଂ ମଞ୍ଜୁରୀପ୍ରାପ୍ତ ସଂଖ୍ୟାର ଅଧାରୁ ଅଧିକ ତଥା ଆହୁରି ୧୭୪ଟି ପଦବୀ ଖାଲି ପଡ଼ିଛି। ସେତିକିରେ ଜିଲାରେ ସ୍ୱାସ୍ଥ୍ୟସେବା କିଭଳି ଚାଲୁଥିବ, ତାହା ସହଜରେ ଅନୁମାନ କରାଯାଇପାରେ। ତଥାପି ଏଥିପ୍ରତି ଉଭୟ ଶାସକ, ବିରୋଧୀ ନୀରବଦ୍ରଷ୍ଟା। ସ୍ୱାସ୍ଥ୍ୟସେବା ବିଗିଡ଼ିଲେ ପରିଣାମ କ'ଣ ହୁଏ, ତାହା ଜିଲାରେ ଉପୁଜିଥିବା ସାମ୍ପ୍ରତିକ ପରିସ୍ଥିତିରୁ ସହଜରେ ଅନୁମେୟ। ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର ହେବା ପରେ ବରଗଡ଼ ସହରରେ ଜନତାଙ୍କ ସ୍ୱର ତେଜି ଉଠିଥିଲା ଏବଂ ଶେଷରେ ଜନତାଙ୍କ ସମ୍ମୁଖରେ ସରକାରଙ୍କୁ ମୁଣ୍ଡ ନୂଆଁଇବାକୁ ପଡ଼ିଛି। ଗତ ସପ୍ତାହରେ ଏଠାରେ ହୋଇଥିବା ଜନ ଆନ୍ଦୋଳନ ପରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟରୁ ତାହା ବାରି ହୋଇ ପଡ଼ିଛି। ତେବେ କେବଳ ଡାକ୍ତରଖାନା ବର୍ତ୍ତମାନ ଏକ ପ୍ରସଙ୍ଗ ନୁହେଁ। ଜିଲାରେ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ଦିଗରେ ଚେଇଁ ଶୋଇଥିବା ଶାସକ, ବିରୋଧୀଙ୍କ ନିଦ ଭାଙ୍ଗୁଛି ନା ରାଜନେତାଙ୍କ ପ୍ରତି ଆସ୍ଥା ହରାଇଥିବା ଜନତାଙ୍କୁ ଏଥିପାଇଁ ପୁଣି ରାସ୍ତାକୁ ଓହ୍ଲାଇବାକୁ ପଡ଼ିବ, ତାହା ସମୟ କହିବ।

– ପ୍ରେମାନନ୍ଦ ଖମାରୀ

# ପଥର ଖୋଲରୁ ବାହାରୁଛି ଡିଜେଲ



ଲୋକେ ଡିଜେଲ ସଂଗ୍ରହ କରୁଛନ୍ତି।

**ଦାରିଙ୍ଗବାଡ଼ି,୮।୨(ଡି.ଏନ୍.ଏ):** କନ୍ଧମାଳ ଜିଲା ଦାରିଙ୍ଗବାଡ଼ିର ଲଦପାଙ୍ଗା ଅଞ୍ଚଳରେ ଏକ ପଥର ଖୋଲ ଭିତରୁ ଶନିବାର ଡିଜେଲ ବାହାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏକ ଚାଷ ଜମିରେ ଥିବା ଏହି ପଥରଖୋଲରୁ ସ୍ୱତଃପ୍ରବୃତ୍ତ ପାଣି ଆସୁଥିବା ବେଳେ ଏବେ ସେଥିରେ ଡିଜେଲ ମିଶି ବାହାରୁଛି। ଡିଜେଲ୍ ସଂଗ୍ରହ କରିବା ଲାଗି ଲୋକେ ବୋତଲ, ଜାର୍ ଧରି ଭିଡ଼ ଲଗାଇଛନ୍ତି। ଡିଜେଲ ବାହାରୁଥିବା ସ୍ଥାନଠାରୁ ମାତ୍ର ୪ ଶହ ମିଟର ଦୂରରେ ଏକ ପେଟ୍ରୋଲ ଟାଙ୍କି ରହିଛି। ଉକ୍ତ ଟାଙ୍କିରୁ ଲିକେଜ ହୋଇ ଡିଜେଲ ଆସୁଥିବା ସନ୍ଦେହ କରାଯାଉଛି। ବିପିସିଏଲର୍ ସେଲ୍‌ସ ଅଫିସର ଦୀପକ ରଜକଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଟାଙ୍କିରୁ ପେଟ୍ରୋଲ, ଡିଜେଲ ବନ୍ଦ କରାଯାଇଛି। ଟାଙ୍କିରେ ପ୍ରେସର ଟେଷ୍ଟିଂ ପାଇଁ ରବିବାର ଭୁବନେଶ୍ୱରରୁ ଇଞ୍ଜିନିୟର ଯିବେ ବୋଲି ଜଣାପଡ଼ିଛି। ଶନିବାର ସକାଳେ ପଥରଖୋଲ ନିକଟରେ ରହିଥିବା ଏକ ଗୁଆଁକୁ ଲୋକେ ଗାଧୋଇବାକୁ ଯାଇଥିବା ବେଳେ ଡିଜେଲ ଗନ୍ଧ ଆସୁଥିବା ଜାଣିପାରିଥିଲେ। ପରେ ଉକ୍ତ ପାଣିକୁ ଛାଣିବାରେ ସେଥିରୁ ଡିଜେଲ ବାହାରୁଥିବା ଜଣାପଡ଼ିଥିଲା। ଏହାକୁ ସଂଗ୍ରହ କରିବା ଲାଗି ଘଟଣାସ୍ଥଳକୁ ଲୋକଙ୍କ ସୁଅ ଛୁଟିଥିଲା। ଭିଡ଼କୁ ଦେଖି ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝି ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ନିକଟରେ ଥିବା ପେଟ୍ରୋଲ ଟାଙ୍କିରୁ ଲିକେଜ ଚର୍ଚ୍ଚାକୁ ଟାଙ୍କି ମାଲିକ ଅରୂପ କୁମାର ସାହୁ ପ୍ରଥମେ ଖଣ୍ଡନ କରିଥିଲେ। ତାଙ୍କ ଟାଙ୍କିରେ ପେଟ୍ରୋଲ ଏବଂ ଡିଜେଲ ମହଜୁଦ ଠିକ୍ ରେକର୍ଡ ରହିଥିବା ସେ କହିଥିଲେ। ଅନ୍ୟପକ୍ଷରେ ଜମିରେ ଡିଜେଲ ଯୋଗୁ ପୂର୍ବରୁ ପକାଯାଇଥିବା ଧାନତଳି ନଷ୍ଟ ହୋଇଯାଇଥିବା ଜମି ମାଲିକ ଦୈତାରୀ ପତ୍ରା କହିଛନ୍ତି।

## ପଟ୍ଟନାୟକ ମିନେରାଲ୍‌ସକୁ ମିଳିଲା ମହୁଲଶୁଖା ଖଣି

ଭୁବନେଶ୍ୱର,୮।୨(ବ୍ୟୁରୋ)

ସୁନ୍ଦରଗଡ ଜିଲା ଲହୁଣୀପଡା ତହସିଲ ଅନ୍ତର୍ଗତ ରଣ୍ଡା,ରନ୍ଥା ଏବଂ ଭୁତୁଡାରେ ଥିବା ଲୁହାପଥର ଏବଂ ମାଙ୍ଗାନିଜ୍ ଖଣିକୁ ପଟ୍ଟନାୟକ ମିନେରାଲ୍ସ ହାତେଇଛି। ଶନିବାର ହୋଇଥିବା ନିଲାମୀ ପ୍ରକ୍ରିୟାରେ ଏହି କମ୍ପାନୀ ଖଣିଜ ବିକ୍ରି ମୂଲ୍ୟର ୯୨.୭ପ୍ରତିଶତର ପ୍ରିମିୟମ୍ ବଦଳରେ ଖଣିଟିକୁ ଲିଜ୍ ଆକାରରେ ପାଇଛି। ଏହାକୁ ହାତେଇବା ପାଇଁ ଟିପି ସାଓ, ଏଲ୍‌ଟିଏ, ଜି.ଭି. ମାଇନ୍ସ, ଫ୍ରିଗ୍ରେଡ୍, ୟାଜଦାନୀ ଏବଂ ଶ୍ୟାମ ଓର୍‌ସ ପ୍ରଭୃତି ନିଲାମ ପ୍ରକ୍ରିୟାରେ ଭାଗ ନେଇଥିଲେ। ଏହି ଖଣିରେ ୩୨.୮୧ ମିଲିୟନ ଟନ୍ ଲୁହାପଥର ଏବଂ ୦.୭୩୧ ମାଙ୍ଗାନିଜ୍ ମହଜୁଦ୍ ରହିଛି। ଆଇପିଓ ବିଡିଂ ପ୍ରକ୍ରିୟାରେ ଟିପି ସାଓ(୭୭), ଏଲ୍‌ଟିଏ(୭୬.୭୦), ଜି.ଭି. ମାଇନ୍ସ(୭୬.୭୦), ଫ୍ରି ଗ୍ରେଡ୍(୭୬.୧୫), ୟାଜଦାନୀ(୫୭.୫୫), ପଟ୍ଟନାୟକ ମିନେରାଲ୍ସ(୫୭)ଏବଂ ଶ୍ୟାମ ଓର୍‌ସ(୫୬) ପ୍ରତିଶତର ପ୍ରିମିୟମ୍ ଦେବା ପାଇଁ ପ୍ରସ୍ତାବ ଦାଖଲ କରିଥିଲେ। ବର୍ତ୍ତମାନ ଏହି ଖଣିଟି ଦ ଆସୋସିଏଟେଡ୍ ସିମେଣ୍ଟ କମ୍ପାନିଜ୍ ଲିଃ(ପ୍ରାଃ) ହାତରେ ରହିଛି। ଆଗାମୀ ମାର୍ଚ୍ଚ ୩୧ରେ ଏହାର ଲିଜ୍ ଅବଧି ସମାପ୍ତ ହେଉଛି।

## ଜ୍ୱରରେ ଆଦର୍ଶ ବିଦ୍ୟାଳୟ ଛାତ୍ର ମୃତ

**ପାତ୍ରପୁର, ୮।୨(ଡ଼ି.ଏନ.ଏ.)**–ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ବାଦପୁର ଆଦର୍ଶ ବିଦ୍ୟାଳୟ ଦଶମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କର ଶନିବାର ଜ୍ୱରରେ ମୃତ୍ୟୁ ଘଟିଛି। ମୃତକ ହେଲେ ତୁମ୍ବାର ବିକାଶ ବେହେରା(୧୫)। ଗତ ସପ୍ତାହେ ହେଲା ବିକାଶଙ୍କୁ ଜ୍ୱର ହୋଇଥିବା ବେଳେ ଶନିବାର ଘରୁ ଔଷଧ ଖାଇ ପ୍ରିବୋର୍ଡ଼ ପରୀକ୍ଷା ଦେଉଥିଲେ । ପରୀକ୍ଷା ଚାଲିଥିବା ସମୟରେ ବିକାଶ ଅସୁସ୍ଥ ଅନୁଭବ କରି ଅଚେତ ହୋଇ ପଡ଼ି ଯାଇଥିଲେ। ଅଧକ୍ଷ ଏ ନେଇ ବିକାଶଙ୍କ ପରିବାର ଲୋକଙ୍କୁ ଜଣାଇବା ସହ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


## ଉତ୍କଳ ଗ୍ରାମୀଣ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ବାହାଦୁରବଗିଚାପଡା, ଭବାନୀପାଟଣା, ଜି- କଳାହାଣ୍ଡି

**ସ୍ଥାବର ସମ୍ପତ୍ତିର ଦଖଲ ନୋଟିସ (ରୁଲ-୮(୧))**

ନିମ୍ନ ସ୍ୱାକ୍ଷରକାରୀ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟେରେଷ୍ଟ ଆକ୍ଟ-୨୦୦୨ ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟେରେଷ୍ଟ (ଏନଫୋର୍ସମେଣ୍ଟ) ରୁଲସ୍-୨୦୦୨ ର ରୁଲ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣ ଗ୍ରହୀତା (ମାନେ) ଏବଂ ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ ଜାରିକରି ସେମାନଙ୍କୁ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ରାଶି ନୋଟିସ ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣ ଗ୍ରହୀତାମାନେ ସେମାନଙ୍କର ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଏହି ନୋଟିସ ମାଧ୍ୟମରେ ବିଶେଷକରି ଋଣ ଗ୍ରହୀତା ଓ ଜାମିନଦାର ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩ (୪) ସହିତ କଥିତ ରୁଲ୍‌ସର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗକରି ନିମ୍ନଲିଖିତ ସମ୍ପତ୍ତିକୁ ସାରଣୀରେ ପ୍ରଦତ୍ତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦଦ୍ୱାରା ସତର୍କ କରାଇଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ତଥା ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଉତ୍କଳ ଗ୍ରାମୀଣ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।**ଏତତ୍‌ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।**

| ଋଣଗ୍ରହୀତା ମାନଙ୍କ ନାମ ଓ ଠିକଣା ଏବଂ ଆକାଉଣ୍ଟ ନମ୍ବର | ଦଖଲକୁ ନିଆଯାଇଥିବା ବନ୍ଧକ ସମ୍ପତ୍ତିର ବିବରଣୀ | ଦଖଲ ନୋଟିସ ଅନୁଯାୟୀ ବକେୟା ଦେୟ | ନୋଟିସ ତାରିଖ ଧାରା ୧୩ (୨) / ୧୩ (୪) |
|---|---|---|---|
| **ଜୁନାଗଡ ଶାଖା** | | | |
| ଆକାଉଣ୍ଟ ନଂ. ୧୨୧୭୧୦୨୭୩୭୧ (ଏଚବିଏଲ) ଋଣଗ୍ରହିତା- ଅଜିତ କୁମାର ମେହେର, ପି- କିଶୋର ଚନ୍ଦ୍ର ମେହେର, ନି- ତାଲବନ୍ଧପଡା ଏସବିଆଇ ପଛ, ପୋ- ଜୁନାଗଡ, ଜି- କଳାହାଣ୍ଡି, ପିନ୍- ୭୬୬୦୧୪ | ଅଜିତ କୁମାର ମେହେରଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା ଜୁନାଗଡ, ଜି- କଳାହାଣ୍ଡି, ପ୍ଲଟ ନଂ. ୧୩୩୧, ଖାତା ନଂ.- ୧୪୫, କ୍ଷେତ୍ର. ଏ. ୦.୧୧ ଡି., କିସମ- ଘରବାରି, | ଟ.୬,୯୩,୭୦୩ (ଛଅ ଲକ୍ଷ ତେୟାନବେ ହଜାର ସାତ ଶହ ତିନି ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୮.୦୮.୨୦୧୮ / ୦୧.୦୨.୨୦୧୯ |
| ଆକାଉଣ୍ଟ ନଂ. ୧୨୧୭୧୦୨୭୭୮୯ (ଏଚବିଏଲ) ଋଣଗ୍ରହିତା- ରଞ୍ଜିତ ତ୍ରିପାଠୀ ,(ପୂର୍ବତନ) ରାଜେଶ୍ୱରୀ ତ୍ରିପାଠୀ, ପି- ବିଶେଶ୍ୱର ତ୍ରିପାଠୀ , ନି- ସାନଡୁମେରବାହାଲ, ପୋ- କାଳୀଗାଁ, ଜି- କଳାହାଣ୍ଡି, ପିନ୍- ୭୬୬୦୧୪ | ରାଜେଶ୍ୱରୀ ତ୍ରିପାଠୀ ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା ଜୁନାଗଡ, ଜି- କଳାହାଣ୍ଡି, ପ୍ଲଟ ନଂ. ୫୨୮, ଖାତା ନଂ.- ୬୯, କ୍ଷେତ୍ର. ଏ. ୧.୧୦ ଡି., କିସମ- ଘରବାରି, | ଟ.୫,୩୪,୦୪୦ (ପାଞ୍ଚ ଲକ୍ଷ ଚଉତିରିଶ ହଜାର ୪୦ ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୬.୦୯.୨୦୧୮ / ୨୪.୦୪.୨୦୧୯ |
| ଆକାଉଣ୍ଟ ନଂ. ୧୨୧୭୧୦୦୨୨୪୩ (କ୍ୟାସ କ୍ରେଡିଟ୍) ଋଣଗ୍ରହିତା- ଏମଏସ୍ ଭିକି ମୋଟର୍ସ , ପ୍ରୋ- ଅଶୋକ କୁମାର ପଣ୍ଡା, ପି- ନିତ୍ୟାନନ୍ଦ ପଣ୍ଡା , ନି/ପୋ- ଜୁନାଗୋଡ, ଜି- କଳାହାଣ୍ଡି, ପିନ୍- ୭୬୬୦୧୪ | ସୁମିତ୍ରା ପଣ୍ଡା ଓ ଅଶୋକ କୁମାର ପଣ୍ଡାଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୫୫୧, ଖାତା ନଂ.-୩୮, କ୍ଷେତ୍ର. ଏ. ୦.୦୫ ଡି., କିସମ- ଘରବାରି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୫୫୨, ଖାତା ନଂ.-୩୮, କ୍ଷେତ୍ର. ଏ. ୦.୦୭ ଡି., କିସମ- ଘରବାରି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୪, ଖାତା ନଂ.-୩୮, କ୍ଷେତ୍ର. ଏ. ୨.୯୮ ଡି., କିସମ- ବାହାଲପାଣି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୫, ଖାତା ନଂ.- ୩୮, କ୍ଷେତ୍ର. ଏ. ୦.୫୩ ଡି., କିସମ- ବାହାଲ ମାମୁଲି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୬, ଖାତା ନଂ.-୩୮, କ୍ଷେତ୍ର. ଏ. ୦.୮୪ ଡି., କିସମ- ବାହାଲମାମୁଲି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୭, ଖାତା ନଂ.-୩୮, କ୍ଷେତ୍ର. ଏ. ୦.୨୨ ଡି., କିସମ- ଘରବାରି, ମୌଜା- ଆରବେଡା , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୮, ଖାତା ନଂ.-୩୮, କ୍ଷେତ୍ର. ଏ. ୦.୮୭ ଡି., କିସମ- ଆଟଖରି, | ଟ.୮,୨୭,୦୧୨ (ଆଠ ଲକ୍ଷ ସତେଇଶ ହଜାର ବାର ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୧୭.୦୧.୨୦୧୯ / ୨୪.୦୪.୨୦୧୯ |
| **କେସିଙ୍ଗା ଶାଖା** | | | |
| ଆକାଉଣ୍ଟ ନଂ. ୮୪୦୧୦୦୯୦୩୨୮ (ଏଚବିଏଲ) ଋଣଗ୍ରହିତା- ନମଶ୍ୟ ସାହା ଏବଂ ମଧୁସୂଦନ ସାହା, ପି- ଭଗବାନ ସାହା, ନି/ପୋ- ବୋରିଙ୍ଗପଦର, ଜି- କଳାହାଣ୍ଡି, ପିନ୍- ୭୬୬୦୧୪ | ଭଗବାନ ସାହା ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୧୭, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୮ ଡି., କିସମ- ଘରବାରି-୨, ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୨୦, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୨ ଡି., କିସମ- ଘରବାରି-୨,ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୨୨, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୧ ଡି., କିସମ- ଘରବାରି-୨, ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୩୫, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୧ ଡି., କିସମ- ଘରବାରି-୨, ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୩୭, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୨ ଡି., କିସମ- ଘରବାରି-୨, ମୌଜା- ବୋରିଙ୍ଗପଦର, ଜି- କଳାହାଣ୍ଡି, ପ୍ଲଟ ନଂ. ୧୮୪୦, ଖାତା ନଂ.- ୨୨୫, କ୍ଷେତ୍ର. ଏ. ୦.୦୧ ଡି., କିସମ- ଘରବାରି-୨, | ଟ.୮,୪୬, ୦୨୪ (ଆଡ ଲକ୍ଷ ଛୟାଳିଶ ହଜାର ଚୋବିଶ ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୨୦.୦୬.୨୦୧୮ / ୧୫.୧୧.୨୦୧୯ |
| **ଭବାନିପାଟଣା ଶାଖା** | | | |
| ଆକାଉଣ୍ଟ ନଂ. ୧୨୧୬୮୦୩୫୭୦୬ (ରାଇସ ମିଲିଂ ଟିଏଲ) ଋଣଗ୍ରହିତା- ମାଁ ଡୋକରି ରାଇସମିଲ୍, ପ୍ରୋ- ରୀନା ବିଶ୍ୱାଳ, ସ୍ୱା- ସରୋଜ ପ୍ରଧାନ, ନି- ସୁହାଗପୁର, ପୋ- ଦେପୁର, ଜି- କଳାହାଣ୍ଡି, ପିନ୍- ୭୬୬୦୦୧ | ରୀନା ବିଶ୍ୱାଳ ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ସୁହାଗପୁର , ଜି- କଳାହାଣ୍ଡି, ପ୍ଲଟ ନଂ. ୨୦୫, ଖାତା ନଂ.- ୧୯, କ୍ଷେତ୍ର. ଏ. ୦.୦୫ ଡି., କିସମ- ଘରବାରି, ମୌଜା- ସୁହାଗପୁର , ଜି- କଳାହାଣ୍ଡି, ପ୍ଲଟ ନଂ. ୨୦୭, ଖାତା ନଂ.- ୧୯, କ୍ଷେତ୍ର. ଏ. ୦.୦୪ ଡି., କିସମ- ଘରବାରି, ମୌଜା- ସୁହାଗପୁର , ଜି- କଳାହାଣ୍ଡି, ପ୍ଲଟ ନଂ. ୨୧୦, ଖାତା ନଂ.- ୧୯, କ୍ଷେତ୍ର. ଏ. ୦.୪୪ ଡି., କିସମ- ଘରବାରି, | ଟ.୧୨,୦୩, ୮୬୬ (ବାର ଲକ୍ଷ ତିନି ହଜାର ଆଠ ଶହ ଷଡଶଠି ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୯.୦୮.୨୦୧୮ / ୦୧.୦୨.୨୦୧୯ |
| ଆକାଉଣ୍ଟ ନଂ. ୮୪୦୦୮୮୮୬୦୫ (ଏଚବିଏଲ) ଋଣଗ୍ରହିତା- ଆଣ୍ଡ୍ରିଆ ଦୀପ ଓ ପ୍ରେମଲତା ଦୀପ, ପିତା ଏବଂ ସ୍ୱା- ଦୟା ଦୀପ, ନି- ଜଗନ୍ନାଥପୁର, ପୋ- ମେଦିନିପୁର, ଜି- କଳାହାଣ୍ଡି, ପିନ୍- ୭୬୬୦୦୧ | ପ୍ରେମଲତା ଦୀପଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ଜଗନ୍ନାଥପୁର , ଜି- କଳାହାଣ୍ଡି, ପ୍ଲଟ ନଂ. ୬୫୨/୭୩୦, ଖାତା ନଂ.- ୧୫୯/୭୯, କ୍ଷେତ୍ର. ଏ. ୦.୦୫ ଡି., କିସମ- ଘରବାରି, | ଟ.୪,୨୯, ୧୦୮ (ଚାରି ଲକ୍ଷ ଅଣତିରିଶ ହଜାର ଏକ ଶହ ଆଠ ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୧.୦୭.୨୦୧୯ / ୧୫.୧୧.୨୦୧୯ |
| **ସିନ୍ଧିଗୁଡା ଶାଖା** | | | |
| ଆକାଉଣ୍ଟ ନଂ. ୧୨୩୨୯୦୪୨୨୪୭ (ଏଚବିଏଲ) ଋଣଗ୍ରହିତା- ମିହିର କୁମାର ବେନିଆ, ପି- ଅସାନନ୍ଦ ବେନିଆ, ନି/ ପୋ- ମଝିଗୁଡା , ଜି- ନବରଙ୍ଗପୁର, ପିନ୍- ୭୬୪୦୫୯ | ମିହିର କୁମାର ବେନିଆ ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ପୋଡାଲଗୁଡା , ଜି- ନବରଙ୍ଗପୁର, ପ୍ଲଟ ନଂ. ୮୦୧, ଖାତା ନଂ.- ୪୯୩, କ୍ଷେତ୍ର. ଏ. ୦.୨୧ ଡି., କିସମ- ଘରବାରି, | ଟ.୪,୬୯, ୫୭୫ (ଚାରି ଲକ୍ଷ ଅଣସ୍ତୋରି ହଜାର ପାଞ୍ଚ ଶହ ପଞ୍ଚସ୍ତରି ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୦୪.୦୯.୨୦୧୯ / ୨୧.୧୨.୨୦୧୯ |
| **ନବରଙ୍ଗପୁର ଶାଖା** | | | |
| ଆକାଉଣ୍ଟ ନଂ. ୮୪୦୦୧୧୪୦୭୨ (ଏଚବିଏଲ) ଋଣଗ୍ରହିତା- ସିଏଚ ଭେଙ୍କଟରମଣ ପଟ୍ଟନାୟକ, ପି- ସ୍ୱର୍ଗତ ସିଏଚ ସତ୍ୟନାରାୟଣ ପଟ୍ଟନାୟକ, ନି- ମଙ୍ଗରାଜ ଷ୍ଟ୍ରିଟ୍, ପୋ/ ଜି- ନବରଙ୍ଗପୁର, ପିନ୍- ୭୬୪୦୫୯ | ଚନ୍ଦ୍ର ଭେଙ୍କଟ ରମଣ ପଟ୍ଟନାୟକ ଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ସଦାଶିବପୁର , ଜି- ନବରଙ୍ଗପୁର, ପ୍ଲଟ ନଂ. ୧୧୯୩, ଖାତା ନଂ.- ୨୮୫, କ୍ଷେତ୍ର. ଏ. ୦.୩୪ ଡି., କିସମ- ଘରବାରି, | ଟ.୨,୫୩, ୧୦୯ (ଦୁଇ ଲକ୍ଷ ତେପନ ହଜାର ଏକଶହ ନଅ ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୧୬.୦୧.୨୦୧୯ / ୦୮.୦୮.୨୦୧୯ |
| ଆକାଉଣ୍ଟ ନଂ. ୮୪୦୧୯୮୭୧୮୨୫ (କ୍ୟାସ କ୍ରେଡିଟ୍) ଋଣଗ୍ରହିତା- ମୁସକାନ୍ ଷ୍ଟିଲ ଇଣ୍ଡଷ୍ଟ୍ରିଜ୍ ,ପୋ- ମହମ୍ମଦ ସାଫିକ୍ କ୍ୟୁରେସି, ପି- ମହମ୍ମଦ ରଜାକ୍ କ୍ୟୁରେସି, ନି- ପଠାଣ ଷ୍ଟ୍ରିଟ୍, ପୋ/ ଜି- ନବରଙ୍ଗପୁର, ପିନ୍- ୭୬୪୦୫୯ | ମହମ୍ମଦ ସାଫିକ୍ କ୍ୟୁରେସିଙ୍କ ନାମରେ ଥିବା ସଂମ୍ପତ୍ତି ଯାହାକି ମୌଜା- ନବରଙ୍ଗପୁର , ଜି- ନବରଙ୍ଗପୁର, ପ୍ଲଟ ନଂ. ୮୪୧, ଖାତା ନଂ.-୩୩୯୫, କ୍ଷେତ୍ର. ଏ. ୦.୧୮ ଡି., କିସମ- ଘରବାରି, | ଟ.୩,୪୫, ୦୭୩ (ତିନି ଲକ୍ଷ ପଏଁଚାଳିଶ ହଜାର ତେସ୍ତରି ଟଙ୍କା ) ମାତ୍ର ତା.୧୫.୦୧.୨୦୨୦ ପର୍ଯ୍ୟନ୍ତ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ | ୨୬.୦୩.୨୦୧୯ / ୦୮.୦୮.୨୦୧୯ |

ତା: ୦୭.୦୨.୨୦୨୦
ସ୍ଥାନ-ଭବାନିପାଟଣା

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଉତ୍କଳ ଗ୍ରାମୀଣ ବ୍ୟାଙ୍କ, ଭବାନିପାଟଣା



ପିଡିପିର ବରିଷ୍ଠ ନେତା ନଇମ୍ ଅଖତରଙ୍କ ବିରୋଧରେ ଜମ୍ମୁ-କଶ୍ମୀର ପ୍ରଶାସନ ସାଧାରଣ ନିରାପତ୍ତା ଆଇନ (ପିଏସ୍ଏ)ରେ ମାମଲା ରୁଜୁ କରିଛି। ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ପିଏସ୍ଏରେ ମାମଲା ରୁଜୁ ହେବାରେ ଅଖତର ହେଉଛନ୍ତି କଶ୍ମୀରର ଷଷ୍ଠ ନେତା। ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବ୍ଦୁଲ୍ଲା, ଓମାର ଅବ୍ଦୁଲ୍ଲା, ମେହବୁବା ମୁଫ୍ତି, ଏନ୍‌ସି ନେତା ଅଲି ମହମ୍ମଦ ସାଗର ଏବଂ ପିଡିପି ନେତା ସାରା ମଦାନିଙ୍କ ବିରୋଧରେ ପିଏସ୍ଏରେ ମାମଲା ରୁଜୁ ହୋଇଥିଲା।

## ଭୋଟ ଦେଲେ



ଦିଲ୍ଲୀରେ ମତଦାନ ପରେ ଅଙ୍ଗୁଳିର କାଳି ଚିହ୍ନ ଦେଖାଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ।



ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ଧର୍ମପତ୍ନୀ ସବିତା କୋବିନ୍ଦ।



ବରିଷ୍ଠ ଭାଜପା ନେତା ଲାଲ୍‌କୃଷ୍ଣ ଆଡଭାନୀଙ୍କ ସହ ଝିଅ ପ୍ରତିଭା।



କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ପୁଅ ରେହାନ (ନୂଆ ଭୋଟର) ଓ ସ୍ୱାମୀ ରବର୍ଟ ଭଦ୍ରା।



ଭୋଟ ଦେବାପରେ ବିଜୟ ସଂକେତ ଦେଖାଉଛନ୍ତି ଉପମୁଖ୍ୟମନ୍ତ୍ରୀ ମନିଷ୍ ସିସୋଡିଆ। ସାଙ୍ଗରେ ସ୍ତ୍ରୀ ସୀମା ।

# ଇଭିଏମ୍‌ରେ ଭାଗ୍ୟ, ୧୧କୁ ଅପେକ୍ଷା

## ଦିଲ୍ଲୀରେ ୫୭.୬% ମତଦାନ

ନୂଆଦିଲ୍ଲୀ,୮।୨

କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଦିଲ୍ଲୀ ବିଧାନସଭାର ୭୦ ଆସନରେ ନିର୍ବାଚନ ଶେଷ ହୋଇଛି। ଶନିବାର ସକାଳ ୮ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିବାବେଳେ ୧.୪୭ କୋଟି ଭୋଟରଙ୍କ ମଧ୍ୟରୁ ୫୭.୬% ସେମାନଙ୍କ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଏଥିସହ ସହ ୬୭୨ ପ୍ରାର୍ଥୀଙ୍କ ଭାଗ୍ୟ ଇଲେକ୍ଟ୍ରୋନିକ୍ସ ଭୋଟିଂ ମେଶିନ (ଇଭିଏମ୍)ରେ ସିଲ୍ ହୋଇଯାଇଛି। ୨୦୧୫ରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ୬୭.୫% ମତଦାନ ହୋଇଥିଲା। ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ୫୪.୩% ଭୋଟ ମିଳିଥିବାବେଳେ ଭାଜପା ୩୨% ଓ କଂଗ୍ରେସ ମାତ୍ର ୯.୬% ଭୋଟ ପାଇଥିଲେ। ଏଏପି ୬୭ ଆସନ ଦଖଲ କରି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। ଭାଜପାକୁ ମାତ୍ର ୩ ଆସନରେ ସଫଳତା ମିଳିଥିବାବେଳେ କଂଗ୍ରେସ ଖାତା ଖୋଲିପାରି ନ ଥିଲା। ଏଥର ୧୧ଟି ଜିଲାର ୭୦ ଆସନରେ ୧,୪୭, ୮୬,୩୮୨ ଭୋଟରଙ୍କ ମଧ୍ୟରୁ ୫୭.୬% ମତଦାତା ଭୋଟ ଦେଇଛନ୍ତି। ମଇଦାନରେ ୬୭୨ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଥିଲେ। ସୁରୁଖୁରୁରେ ଭୋଟଗ୍ରହଣ କରାଇବା ପାଇଁ ୧୩,୭୫୦ ପୋଲିଂ ବୁଥ୍‌ର ବ୍ୟବସ୍ଥା କରାଯାଇଥିଲା। ଏହାବାଦ୍ ୨,୬୮୯ ସ୍ଥାନରେ ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ପ୍ରତ୍ୟେକ ଜିଲାର ଗୋଟିଏ ଲେଖାଏ ନିର୍ବାଚନ ମଣ୍ଡଳୀରେ ଅତ୍ୟାଧୁନିକ ଟେକ୍ନୋଲୋଜି ବ୍ୟବସ୍ଥା କରାଯାଇଥିଲା।

## ଶାହିନବାଗ୍‌ରେ ପାଳିକରି ଭୋଟ ଦେଲେ




ସିଏଏ ବିରୋଧରେ ବିକ୍ଷୋଭ କରୁଥିବା ମହିଳା ମତଦାତାମାନେ ଭୋଟ ଦେବା ପରେ ଅଙ୍ଗୁଳିର କାଳିଚିହ୍ନ ଦେଖାଉଛନ୍ତି।

ମତଦାନ ପାଇଁ ଶାହିନବାଗରେ ଦେଢ଼ମାସ ହେଲା ଚାଲିଥିବା ସିଏଏ ବିରୋଧୀ ଆନ୍ଦୋଳନ ପ୍ରଭାବିତ ହୋଇନାହିଁ। ଶନିବାର ମହିଳା ବିକ୍ଷୋଭକାରୀମାନେ ପାଳିକରି ଯାଇ ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଥିଲେ। କେତେଜଣ ସକାଳେ ଯାଇ ଭୋଟ ଦେଇଥିବାବେଳେ ଅନ୍ୟମାନେ ଅପରାହ୍ନରେ ଓ ଅବଶିଷ୍ଟ ସନ୍ଧ୍ୟାରେ ମତଦାନ କରିଥିଲେ। ଆନ୍ଦୋଳନ ଯେପରି ପ୍ରଭାବିତ ନ ହେବ ସେଥିପାଇଁ ସେମାନେ ପାଳିରେ ଯାଇ ଭୋଟ ଦେବାକୁ ନିଷ୍ପତ୍ତି ନେଇଥିଲେ ବୋଲି ଜାହିଦା ଖାନ୍ ନାମ୍ନୀ ବିକ୍ଷୋଭକାରୀ କହିଛନ୍ତି।

## କେଜ୍‌ରିଓ୍ୱାଲ-ଇରାନୀ କଥା କଟାକଟି



ମତଦାନକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ଏବଂ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କ ମଧ୍ୟରେ ଟୁଇଟର୍‌ରେ କଥା କଟାକଟି ହୋଇଛି। ମହିଳା ଭୋଟରମାନେ ଠିକ୍ ପ୍ରାର୍ଥୀ ଚୟନ ଲାଗି ପୁରୁଷମାନଙ୍କ ସହ ଆଲୋଚନା କରିବା ଲାଗି ଏଏପି ନେତା କେଜ୍‌ରିଓ୍ୱାଲ ଟୁଇଟର୍‌ରେ ଅନୁରୋଧ କରିବା ପରେ ଭାଜପା ନେତ୍ରୀ ଇରାନୀ ଏହାର ପ୍ରତିବାଦ କରିଥିଲେ। ମହିଳା ଭୋଟର ନିଜ ଭୋଟ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସକ୍ଷମ ବୋଲି ଇରାନୀ ଟୁଇଟ୍ କରିଛନ୍ତି। ମତଦାନ ଆରମ୍ଭ ହେବା ପୂର୍ବରୁ ମହିଳା ଭୋଟରମାନଙ୍କୁ ଭୋଟଦେବା ପାଇଁ ନିବେଦନ କରିବା ସହ ପରିବାରର ପୁରୁଷମାନଙ୍କୁ ଭୋଟ ଦେବା ଲାଗି ସାଙ୍ଗରେ ନେବାକୁ କହିଥିଲେ। ସେମାନେ ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟଦେବା ପାଇଁ ପୁରୁଷ ଭୋଟରଙ୍କ ସହ ଆଲୋଚନା କରିବା ଆବଶ୍ୟକ ବୋଲି କେଜ୍‌ରିଓ୍ୱାଲ କହିଥିଲେ। ତାଙ୍କର ଏଭଳି ପରାମର୍ଶକୁ ନେଇ ଇରାନୀ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ମହିଳା ବିରୋଧୀ ବୋଲି କହିଛନ୍ତି। ଏହାର ଜବାବରେ କେଜ୍‌ରିଓ୍ୱାଲ କହିଥିଲେ, ଦିଲ୍ଲୀ ମହିଳା ନିଜ ଭୋଟ ସମ୍ପର୍କରେ ନିଷ୍ପତ୍ତି ନେବା ସହ ଏଥର ପରିବାରର ଅନ୍ୟ ସଦସ୍ୟମାନଙ୍କ ଭୋଟ ସମ୍ପର୍କରେ ସ୍ଥିର କରିବେ। ଯାହା ହେଲେ ବି ସେମାନେ ପରିବାର ଚଳାଉଛନ୍ତି ବୋଲି ସେ ଟୁଇଟର୍‌ରେ ଜବାବ ରଖିଥିଲେ।

## ୧୧୧ ବର୍ଷୀୟା ମତଦାତା



କାଳୀତାରା ମଣ୍ଡଳ

ଦିଲ୍ଲୀର ସି.ଆର୍. ପାର୍କ ବୁଥ୍‌ରେ ୧୧୧ ବର୍ଷୀୟା କାଳୀତାରା ମଣ୍ଡଳ ମତଦାନ କରିବା ସହ ଅନ୍ୟମାନଙ୍କୁ ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଛନ୍ତି। ସେ ଦିଲ୍ଲୀର ସବୁଠୁ ବରିଷ୍ଠ ଭୋଟର। କାଳୀତାରା ତାଙ୍କ ପୁଅ, ନାତି ଓ ପରିବାରର ଅନ୍ୟ ସଦସ୍ୟମାନଙ୍କ ସହ ଭୋଟ ଦେବାକୁ ଆସିଥିଲେ। ଭୋଟ ଦେଇସାରିବା ପରେ ସେ ଫଟୋ ପାଇଁ ପୋଜ୍ ଦେଇଥିଲେ। ଜଣେ ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ସେ ପ୍ରତି ନିର୍ବାଚନରେ ଭୋଟ ଦେଇ ଆସୁଛନ୍ତି। ଏଥିରେ ସେ ବହୁତ ଖୁସି। ସମସ୍ତେ ନିଶ୍ଚୟ ଭୋଟ ଦେବା ଉଚିତ ବୋଲି କାଳୀତାରା କହିଛନ୍ତି। ୧୯୦୮ରେ ବରିଶାଲ (ବର୍ତ୍ତମାନ ବାଂଲାଦେଶରେ)ରେ ତାଙ୍କର ଜନ୍ମ। ଦିଲ୍ଲୀରେ ମୋଟ ୧୩୨ ଜଣ ଶତାୟୁ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୬୮ ଜଣ ପୁରୁଷ ଓ ୬୪ ମହିଳା ଭୋଟର।

## ଏଏପି କର୍ମୀଙ୍କୁ ଅଲକା ଲାମ୍ବାଙ୍କ ଚାପୁଡ଼ା

ମତଦାନ ବେଳେ କଂଗ୍ରେସ ପ୍ରାର୍ଥୀ ଅଲକା ଲାମ୍ବା ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ଜଣେ କର୍ମୀଙ୍କୁ ଚାପୁଡ଼ା ମାରିବା ପରେ ଏହାକୁ ନେଇ ଉତ୍ତର ଦିଲ୍ଲୀର ମଜ୍‌ନୁ କା ଟିଲ୍ଲା ବୁଥ୍ ବାହାରେ ଉଭୟ ଦଳର କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଏପି କର୍ମୀ କଂଗ୍ରେସ ପ୍ରାର୍ଥୀ ଲାମ୍ବାଙ୍କୁ ଗାଳିଗୁଲଜ କରିଥିଲେ। ଏଥିରେ ରାଗିଯାଇ କଂଗ୍ରେସ ପ୍ରାର୍ଥୀ ତାଙ୍କୁ ଚାପୁଡ଼ା ମାରିବାକୁ ହାତ ଉଠାଇଥିବା ଏକ ମୋବାଇଲ ଭିଡିଓରୁ ଦେଖିବାକୁ ମିଳିଛି। ତେବେ ସେ ପଛକୁ ଘୁଞ୍ଚିଯିବାରୁ ଲାମ୍ବାଙ୍କ ଚାପୁଡ଼ା ମାଡ଼ରୁ ବର୍ତ୍ତିଯାଇଛନ୍ତି। ସେ ଏଏପି ପ୍ରାର୍ଥୀଙ୍କ ପୁଅ ବୋଲି ଜଣାପଡିଛି। ପୋଲିସ ତାଙ୍କୁ ସୁରକ୍ଷା ବଳୟ ମଧ୍ୟରେ ନେଇଯାଉଥିବାବେଳେ କଂଗ୍ରେସ କର୍ମୀମାନେ ଆକ୍ରମଣ ଉଦ୍ୟମ କରିଥିଲେ। ପୂର୍ବରୁ ଏଏପି ବିଧାୟକ ଥିବା ଲାମ୍ବା ଦଳ ଛାଡ଼ି ଗତବର୍ଷ ଅକ୍ଟୋବରରେ କଂଗ୍ରେସରେ ଯୋଗଦେଇଥିଲେ।



## ଶାହା ଡାକିଲେ ଭାଜପା ବୈଠକ

ଦିଲ୍ଲୀ ନିର୍ବାଚନ ସମ୍ପର୍କରେ ଆଲୋଚନା ପାଇଁ ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଶନିବାର ରାତିରେ ଦଳର ଏକ ରୁଦ୍ଧଦ୍ୱାର ବୈଠକ ଡାକିଛନ୍ତି। ଏଥିରେ ଦିଲ୍ଲୀର ୭ ଜଣ ଭାଜପା ଏମ୍‌ପି, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ପ୍ରମୁଖ ଯୋଗ ଦେଉଥିବା ଜଣାପଡିଛି। ଏହି ବୈଠକରେ ଦଳୀୟ ପ୍ରଦର୍ଶନର ସମୀକ୍ଷା କରାଯିବା ସହ ଫଳାଫଳ ପରବର୍ତ୍ତୀ ସ୍ଥିତିକୁ ନେଇ ରଣନୀତି ପ୍ରସ୍ତୁତ ହେବ ବୋଲି କୁହାଯାଉଛି। ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ନେତୃତ୍ୱରେ ଆମ୍ ଆଦ୍‌ମୀ ପାର୍ଟି ପୁଣି ଥରେ କ୍ଷମତାକୁ ଫେରିବ ବୋଲି ଅଧିକାଂଶ ଏକ୍‌ଜିଟ ପୋଲ୍ ଅନୁମାନ କରିଥିବାବେଳେ ଭାଜପା ଦ୍ୱିତୀୟ ସ୍ଥାନରେ ରହିବ ବୋଲି କହିଛନ୍ତି।

## ବୁଲେଟ ନୁହେଁ ବାଲଟ

### ନିଯୁକ୍ତି ଉପରେ ନୂଆ ଭୋଟରଙ୍କ ପ୍ରାଥମିକତା

ପ୍ରଥମ ଥର ପାଇଁ ଭୋଟ ଦେବାକୁ ଆସି ଧାଡ଼ିରେ ଛିଡ଼ାହୋଇଥିବା ନୂଆ ଭୋଟରମାନେ ବୁଲେଟ ଅପେକ୍ଷା ବାଲଟକୁ ପସନ୍ଦ କରିଛନ୍ତି। ସେହିପରି ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ରାଜନୈତିକ ଦଳ ମାଗଣା ସୁବିଧା ଯୋଗାଇବା ପରିବର୍ତ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ସେମାନେ ପ୍ରାଥମିକତା ଦେଇଛନ୍ତି। ଶନିବାର ମତଦାନ କରିଥିବା ନୂଆ ଭୋଟରଙ୍କ ମଧ୍ୟରେ ଥିଲେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ପୁଅ ରେହାନ, ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ପୁଅ ପୁଲକିତ୍, କଂଗ୍ରେସ ନେତା ଅଜୟ ମାକେନ୍‌ଙ୍କ ପୁଅ ଔଜସ୍ୱୀ ପ୍ରମୁଖ। ନୂଆ ଭୋଟରମାନେ ସମାନତା, ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ବିଶୁଦ୍ଧ ବାୟୁ ପାଇଁ ଭୋଟ ଦେବା ଉଚିତ ବୋଲି ୨୧ ବର୍ଷୀୟ ଅକ୍ଷୟ ସିଂ କହିଛନ୍ତି। ପ୍ରବୀଣ ପୁଞ୍ଜ ନାମରେ ଅନ୍ୟଜଣେ ନୂଆ ଭୋଟର କହିଛନ୍ତି, ଯେଉଁମାନେ ଗୁଳି ଚଳାଉଛନ୍ତି ସେମାନଙ୍କୁ ବୁଲେଟ ନୁହେଁ ବାଲଟରେ ଜବାବ ଦିଆଯାଇପାରିବ। ନିଯୁକ୍ତିକୁ ପ୍ରତ୍ୟେକ ଭୋଟର ସର୍ବାଧିକ ପ୍ରାଥମିକତା ଦେବା ଉଚିତ ବୋଲି ଅଧିକାଂଶ ମତ ଦେଇଛନ୍ତି।

## ସଂଖ୍ୟାଲଘୁ ବହୁଳ ଆସନରେ ମତଦାନ ହାର ଅଧିକ

ଦିଲ୍ଲୀର ସଂଖ୍ୟାଲଘୁ ବହୁଳ ତିନୋଟି ଆସନ ମୁସ୍ତାଫାବାଦ, ମାଟିଆ ମହଲ ଏବଂ ସିଲମପୁରରେ ସର୍ବାଧିକ ମତଦାନ ହୋଇଥିବା ଜଣାପଡିଛି। ନିର୍ବାଚନ ଅଧିକାରୀଙ୍କ ତଥ୍ୟ ଅନୁଯାୟୀ ଦକ୍ଷିଣପୂର୍ବ ଦିଲ୍ଲୀର ମୁସ୍ତାଫାବାଦରେ ଅପରାହ୍ନ ୫ଟା ସୁଦ୍ଧା ସର୍ବାଧିକ ୬୬.୨୯ ପ୍ରତିଶତ ମତଦାନ ହୋଇଥିବାବେଳେ ପୁରୁଣା ଦିଲ୍ଲୀର ମାଟିଆ ମହଲା ଆସନରେ ୬୫.୬୨ ପ୍ରତିଶତ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି। ସେହିପରି ଉତ୍ତରପୂର୍ବ ଦିଲ୍ଲୀର ସିଲମପୁର ଆସନରେ ୬୪.୯୨ ପ୍ରତିଶତ ମତଦାନ ହୋଇଥିବା ଜଣାପଡିଛି।



ମତଦାନ ପରେ ବର ଓ ତାଙ୍କ ପରିବାର।

## ୧୭ ଜଣଙ୍କୁ ଗୁଳିକଲେ ସୈନ୍ୟ

### ଥାଇଲାଣ୍ଡରେ ଗଣହତ୍ୟା

ବ୍ୟାଙ୍କକ,୮।୨



ଥାଇଲାଣ୍ଡର ଜଣେ ସୈନ୍ୟ ଶନିବାର ମେଶିନ୍ ଗନ୍‌ରେ ନିରୀହ ଲୋକମାନଙ୍କ ଉପରକୁ ଆଖିବୁଜା ଗୁଳି ଚଳାଇବା ଫଳରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଅନେକ ଆହତ ହୋଇଥିବା ଜଣାପଡିଛି। ଉତ୍ତରପୂର୍ବ ଥାଇଲାଣ୍ଡର ନଖୋନ ରାଟଚାସିମାରେ ଏହି ଗୁଳିକାଣ୍ଡ ଘଟିଥିବା ପୋଲିସ କହିଛି। ଆକ୍ରମଣକାରୀ ଏକ ସପିଙ୍ଗ୍ ମଲ୍ ସମ୍ମୁଖରେ କାର୍‌ରୁ ବାହାରି ଗୁଳି କରୁଥିବା ଓ ଲୋକେ ଭୟରେ ଦୌଡୁଥିବା ଭିଡିଓରେ ଦେଖିବାକୁ ମିଳିଛି। ତାଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଚଳାଇଛି।

ଆକ୍ରମଣକାରୀ ଜାକ୍ରଫନ୍ଥ ଥୋମ୍ମା ସୈନ୍ୟବାହିନୀର ଜଣେ ଜୁନିୟର ଅଫିସର। ସେ କମାଣ୍ଡିଂ ଅଫିସରଙ୍କୁ ଗୁଳି କରିବା ପରେ ସେନା କ୍ୟାମ୍ପରୁ ବନ୍ଧୁକ ଓ ଗୁଳି ଚୋରାଇ ଆଣିଥିଲେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ପରେ ସେ ବୌଦ୍ଧମନ୍ଦିର ଓ ସପିଙ୍ଗ୍ ମଲ୍ ନିକଟରେ ଗୁଳି ଚଳାଇଥିଲେ। ଆକ୍ରମଣକାରୀ ଜଣକ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଆକ୍ରମଣ ସମ୍ପର୍କରେ ପୋଷ୍ଟ କରିବା ସହ ସେ ଆତ୍ମସମର୍ପଣ କରିବେ କି ନାହିଁ, ସେନେଇ ମତାମତ ଲୋଡ଼ିଛନ୍ତି। ଏହା ପୂର୍ବରୁ ସେ ଗୋଟିଏ ପିସ୍ତଲ ଓ ୩ ରାଉଣ୍ଡ ଗୁଳିର ଫଟୋ ପୋଷ୍ଟ କରିଥିଲେ। ଏହା ଭାବପ୍ରବଣ ହେବାର ସମୟ ବୋଲି ସେଥିରେ ଲେଖାଯାଇଥିଲା।

## ଶୋଭାଯାତ୍ରା ବେଳେ ବାଣ ବିସ୍ଫୋରଣ

### ୨ ମୃତ, ୯ ଆହତ

ଚଣ୍ଡିଗଡ଼,୮।୨; ପଞ୍ଜାବର ତରନ୍ ତାରନ୍ ଜିଲା ଅନ୍ତର୍ଗତ ପହୱିନ୍ଦ୍ ଗ୍ରାମରେ ଶନିବାର ଅନୁଷ୍ଠିତ ଏକ ଧାର୍ମିକ ଶୋଭାଯାତ୍ରା ବେଳେ ବାଣ ବିସ୍ଫୋରଣ ହୋଇ ୨ ଜଣ ମୃତ୍ୟୁବରଣ କରିଥିବାବେଳେ ୯ ବ୍ୟକ୍ତି ଆହତ ହୋଇଛନ୍ତି। ନଗର ସଂକୀର୍ତ୍ତନ ବେଳେ ବାଣ ଫୁଟାଯିବାରୁ ଟ୍ରାକ୍ଟର ଟ୍ରଲିରେ ଥିବା ସବୁ ବାଣରେ ନିଆଁ ଲାଗି ଭୟଙ୍କର ବିସ୍ଫୋରଣ ହୋଇଥିଲା। ପ୍ରାଣ ହରାଇଥିବା ଦୁଇ ଯୁବକ ମନପ୍ରୀତ୍ ସିଂ(୧୭) ଓ ଗୁର୍‌ପ୍ରୀତ୍ ସିଂ(୧୨) ବୋଲି ଏସ୍ଏସ୍‌ପି ଧ୍ରୁବ ଦହ୍ୟା ପ୍ରକାଶ କରିଛନ୍ତି। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଏହି ଦୁର୍ଘଟଣାର ବିଚାର ବିଭାଗୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବା ଲାଗି ଘୋଷଣା କରିଛନ୍ତି।

## ଭୁଶୁଡ଼ିଲା ୩ ମହଲା କୋଠା

ଚଣ୍ଡିଗଡ଼,୮।୨: ପଞ୍ଜାବର ମୋହାଲିସ୍ଥିତ ଖରାର୍-ଲନ୍ଦ୍ରାନ୍ ରୋଡ୍ ନିକଟରେ ଥିବା ଏକ ୩ ମହଲା ବିଲ୍ଡିଂ ଭୁଶୁଡ଼ି ଅନେକ ଲୋକ ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା ଆଶଙ୍କା କରାଯାଉଛି। ଲୋକମାନଙ୍କୁ ଉଦ୍ଧାର କରିବା ଲାଗି ଘଟଣାସ୍ଥଳରେ ଏନ୍‌ଡିଆର୍‌ଏଫ୍ ଟିମ୍ ପହଞ୍ଚିଛି। ନିକଟରେ ଏକ ଜେସିବି ମେଶିନ୍ ଖୋଳୁଥିବାବେଳେ ଏହି ବିଲ୍ଡିଂଟି ଭୁଶୁଡ଼ି ପଡ଼ିଥିଲା। ଚାପିହୋଇ ରହିଥିବା ୨ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଥିବାବେଳେ ଏବେ ବି ୭ ଜଣ ଭଗ୍ନାବଶେଷ ତଳେ ରହିଥିବା ମୋହାଲି ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ହିମାଂଶୁ ଜୈନ କହିଛନ୍ତି।

## ଇତିହାସର ଆଇନାରେ

### ଫେବୃୟାରୀ ୯ର ପ୍ରମୁଖ ଘଟଣା

୧୯୭୧ ଫେବୃୟାରୀ ୯ରେ ଆମେରିକାର ଗ୍ରେଟର ଲସ୍ ଆଞ୍ଜେଲ୍ସରେ ଭୟଙ୍କର ଭୂକମ୍ପ ଅନୁଭୂତ ହୋଇଥିଲା। ଏଥିରେ ୬୪ ଜଣ ପ୍ରାଣ ହରାଇଥିବାବେଳେ ପ୍ରାୟ ୨ ହଜାର ବ୍ୟକ୍ତି ଆହତ ହୋଇଥିଲେ। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୭ ଥିଲା।

୨୦୧୬ ଫେବୃୟାରୀ ୯ରେ ଜର୍ମାନରେ ଦୁଇ ଯାତ୍ରୀବାହୀ ଟ୍ରେନ୍ ମଧ୍ୟରେ ଧକ୍କା ହେବାରୁ ୧୨ ଜଣଙ୍କ ପ୍ରାଣହାନି ଘଟିଥିଲା। ଏଥିରେ ପ୍ରାୟ ୮୫ ଜଣ ଆହତ ହୋଇଥିଲେ। ୨୪ ଯାତ୍ରୀଙ୍କ ଅବସ୍ଥା ସଂକଟାପନ୍ନ ହୋଇପଡ଼ିଥିଲା। ଦୁଇଟି ଟ୍ରେନ୍‌ରେ ପ୍ରାୟ ୧୫୦ ଯାତ୍ରୀ ଥିଲେ।

# ୨୭ ଦେଶକୁ ମାଡ଼ିଲାଣି କରୋନା

■ମୃତ୍ୟୁସଂଖ୍ୟା ୭୨୩କୁ ବୃଦ୍ଧି

■ଚାଇନାରେ ୩୪,୮୦୦ ବ୍ୟକ୍ତି ଆକ୍ରାନ୍ତ

■ଉହାନରେ ଖୋଲିଲା ଦ୍ୱିତୀୟ ହସ୍ପିଟାଲ

ବେଜିଂ, ୮।୨: ଚାଇନାରେ କରୋନା ଭାଇରସ୍ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶନିବାର ସୁଦ୍ଧା ଏହି ମୃତ୍ୟୁସଂଖ୍ୟା ୭୨୩ରେ ପହଞ୍ଚିଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୩୪, ୮୦୦କୁ ବୃଦ୍ଧିପାଇଛି। ଚାଇନାର ହୁବେଇ ପ୍ରଦେଶ ପରିସ୍ଥିତି ସାଂଘାତିକ ହୋଇପଡ଼ିଛି। ଏଠାରେ ଶନିବାର ୮୧ ଜଣଙ୍କ ମୃତ୍ୟୁ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସାର୍ସ(ସିଭିୟର ଆକ୍ୟୁଟ୍ ରେସ୍ପିରେଟୋରି ସିଣ୍ଡ୍ରୋମ) ଠାରୁ ଏହା ଅଧିକ ଭୟଙ୍କର ହେବାରେ ଲାଗିଛି। ୨୦୦୨-୦୩ରେ ସାର୍ସ ଯୋଗୁ ବିଶ୍ୱବ୍ୟାପୀ ମୋଟ ୭୭୪ ଲୋକ ପ୍ରାଣ ହରାଇଥିଲେ। କିନ୍ତୁ କରୋନା ଭାଇରସ୍ ସଂକ୍ରମଣ ସ୍ଥିତି ଯେଉଁଭଳି ଭାବେ ବଢ଼ିଚାଲିଛି, ତାହା ବିଶ୍ୱବାସୀଙ୍କୁ ଆତଙ୍କିତ କରିପକାଇଛି। ବର୍ତ୍ତମାନ ସୁଦ୍ଧା ୨୭ ଦେଶକୁ କରୋନା ଭାଇରସ୍ ସଂକ୍ରମଣ ହୋଇସାରିଛି।



ଜାପାନର କ୍ରୁଜ୍ ଲାଇନର ଜାହାଜରେ ଥିବା ୩,୭୦୦ ଯାତ୍ରୀଙ୍କୁ କରୋନା ଭାଇରସ୍ ଯୋଗୁ ଅଲଗା ରଖାଯାଇଛି। ଏଥିରେ ଭାରତର ୧୩୮ ଜଣ ଥିବା ଜଣାପଡ଼ିଛି। ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସେମାନଙ୍କ ପ୍ରତି ଦୃଷ୍ଟି ଦିଆଯାଉଥିବା ଜଣାପଡ଼ିଛି। କେରଳରେ ୧୫ ଛାତ୍ର ଆସି ପହଞ୍ଚିଥିବାବେଳେ ସେମାନଙ୍କୁ ଡାକ୍ତରୀ ପରୀକ୍ଷା କରାଯାଇଛି। ଅନ୍ୟପକ୍ଷରେ ହଂକଂରେ ଜଣେ ଓ ଫିଲିପାଇନ୍ସରେ ଜଣେ ବ୍ୟକ୍ତି ଏଥିରେ ଆକ୍ରାନ୍ତ ହୋଇ ପ୍ରାଣ ହରାଇଥିବାବେଳେ ଚାଇନାକୁ ଛାଡ଼ି ବିଶ୍ୱବ୍ୟାପୀ ସଂକ୍ରମିତଙ୍କ ସଂଖ୍ୟା ୩୩୨ରେ ପହଞ୍ଚିଛି। ଚାଇନା ପକ୍ଷରୁ ସ୍ଥିତି ସୁଧାରିବା ଲାଗି ଜୋର୍‌ଦାର ପ୍ରୟାସ କରାଯାଉଛି। ଶନିବାର ପୁଣି ୧୫ଶହ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲ ଉହାନ୍‌ରେ ଖୋଲାଯାଇଛି। କରୋନାକୁ ରୋକିବା ଲାଗି ଆମେରିକା ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି। ପ୍ରକାଶଥାଉ କି, ଏହି ରୋଗରେ ଆକ୍ରାନ୍ତ ୬୦ ବର୍ଷୀୟ ଜଣେ ଆମେରିକୀୟ ମହିଳାଙ୍କ ଗୁରୁବାର ଉହାନ୍‌ରେ ମୃତ୍ୟୁ ହୋଇଥିଲା। ଆମେରିକୀୟ ଦୂତାବାସ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି। ସେହିଭଳି ଜାପାନର ଜଣେ ବ୍ୟକ୍ତି ମଧ୍ୟ ସନ୍ଦିଗ୍ଧ କରୋନା ଭାଇରସ୍‌ରେ ସଂକ୍ରମିତ ହୋଇ ପ୍ରାଣ ହରାଇଥିବା ଜଣାପଡ଼ିଛି। ଚାଇନାକୁ ଛାଡ଼ି ବର୍ତ୍ତମାନ ସୁଦ୍ଧା ଜାପାନରେ ସର୍ବାଧିକ ୮୯, ସିଙ୍ଗାପୁରରେ ୩୩, ଥାଇଲାଣ୍ଡରେ ୩୨, ଦକ୍ଷିଣ କୋରିଆରେ ୨୪ ରୋଗୀ କରୋନା ଭାଇରସ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଛି।



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।

-ସନ୍ଥ କବୀର ଦାସ



## ସଂକ୍ଷେପରେ...

### ଇମ୍ପେରିଆଲ କଲେଜରେ ସଙ୍ଗୀତ ସନ୍ଧ୍ୟା

ବରଗଡ଼ ଅଫିସ୍,୮।୨

ସୋସିଆଲ ମିଡ଼ିଆର ଲୋକପ୍ରିୟତା ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଏଥିରେ ଲୋକେ ନିଜର ବିଭିନ୍ନ ପାରଦର୍ଶିତାକୁ ପ୍ରଦର୍ଶନ କରୁଛନ୍ତି । ଏହି କ୍ରମରେ ଅନେକ ଅଣପେଶାଦାର ଗାୟିକା, ଗାୟକଙ୍କୁ ଏଥିରେ ଦେଖିବାକୁ ମିଳୁଛି । ସେହିପରି କେବଳ ନିଜର ସଉକ ପାଇଁ ଗାଉଥିବା କଳାକାରମାନଙ୍କ ଏକ ସଙ୍ଗୀତ ସନ୍ଧ୍ୟା ବରଗଡ଼ ସହର ଉପକଣ୍ଠ ବିଦ୍ୟାବିହାରସ୍ଥିତ ଇମ୍ପେରିଆଲ କଲେଜଠାରେ ଆୟୋଜିତ ହୋଇଥିଲା । କଲେଜର ଅଧ୍ୟକ୍ଷ ଦୀପକ ଗୋୟଲ ସ୍ୱାଗତ ଭାଷଣ ଦେଇଥିଲେ। ପରେ ସଙ୍ଗୀତା ଅଗ୍ରୱାଲାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ସେନ, ସୁଶୀଲ କେଜ୍ରିୱାଲ, ନିର୍ମଳ କ୍ରିଷ୍ଣା, ଅର୍ପିତ ଅଗ୍ରୱାଲ, ଅଙ୍କିତ ଦାଶ, ହରିପ୍ରିୟା ସାହୁ, ଜୟ ଶର୍ମା, ପ୍ରଦୀପ ଅଗ୍ରୱାଲ, ନିବେଦିତା ଅଗ୍ରୱାଲ, ଶିଖା ଅଗ୍ରୱାଲ, ନିତୁ ଲାଠ, ରଞ୍ଜନା ଅଗ୍ରୱାଲ ବିନା କୌଣସି ବାଦ୍ୟଯନ୍ତ୍ରରେ କମ୍ପ୍ୟୁଟରରେ ରହିଥିବା ସଙ୍ଗୀତ ସହାୟତାରେ ଗୀତ ପରିବେଷଣ କରିଥିଲେ ।

### ଅସହାୟଙ୍କୁ ଉଦ୍ଧାର କଲେ ସ୍ୱେଚ୍ଛାସେବୀ

ବରଗଡ଼ ଅଫିସ୍,୮।୨

ବରଗଡ଼ ସହରର ଭଟଲି ରୋଡ୍ ଛକ ନିକଟରେ ଅସହାୟ ଅବସ୍ଥାରେ ରହିଥିବା ଜଣେ ଯୁବକଙ୍କୁ ଶୁକ୍ରବାର ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ଉଦ୍ଧାର କରିଛନ୍ତି। ତାଙ୍କ ପରିଚୟ ମିଳିପାରି ନାହିଁ । ସ୍ୱେଚ୍ଛାସେବୀମାନେ ଉଦ୍ଧାର ଯୁବକଙ୍କୁ ନୂତନ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁଯାୟୀ, ଉଦ୍ଧାର ହୋଇଥିବା ଯୁବକ ଜଣକ ବର୍ଷାରେ ଭିଜି ଅସହାୟ ଅବସ୍ଥାରେ ରହିଥିଲେ। ତାଙ୍କୁ ଦେଖି ସ୍ୱେଚ୍ଛାସେବୀ ବିକାଶ ଅଗ୍ରୱାଲ, ରୋହିତ ଜୟସ୍ୱାଲ, ଆଲୋକ ପ୍ରଧାନ, ଶେଷଦେବ ପ୍ରଧାନ ଉଦ୍ଧାର କରିଥିଲେ । ତାଙ୍କ ନିଶ, ଦାଢ଼ି ବଢ଼ିଯାଇଥିବାରୁ ସ୍ୱେଚ୍ଛାସେବୀମାନେ ତାହା କାଟିବା ସହିତ ତାଙ୍କୁ ଗାଧୋଇ ଦେଇଥିଲେ । ଏହାପରେ ନୂତନ ବସ୍ତ୍ର ପ୍ରଦାନ କରି ଖାଇବାକୁ ଦେଇଥିଲେ ।

### ସତ୍‌ସଙ୍ଗ ପ୍ରବଚନ ସମ୍ପନ୍ନ

ବିଜେପୁର, ୮।୨ (ଡି.ଏନ.ଏ)

ବିଜେପୁର ସହର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସପ୍ତଦିବସୀୟ ସତ୍‌ସଙ୍ଗ ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି । ଏଥିରେ ଗୁଲିହାପଦରର ବ୍ୟାସଦେବ ସାହୁ, ବିନିକାର କୃଷ୍ଣଚନ୍ଦ୍ର ସାହୁ, ଏସ. ମହଦାର ଅଇଁଠୁ ସାହୁ, ପିପିଲିପାଲିର ଦେବକୀ ସାହୁ ପ୍ରମୁଖ ପ୍ରବଚକ ଭାବେ ଯୋଗ ଦେଇଥିଲେ । ସାଂସାରିକ କର୍ମମୟ ଜୀବନରେ କିପରି ଈଶ୍ୱର ପ୍ରାପ୍ତି ସମ୍ଭବ ସେ ସମ୍ପର୍କରେ ପ୍ରବଚକଗଣ ପ୍ରବଚନ ପ୍ରଦାନ କରିଥିଲେ। ସଂସାର ପଣ୍ଡା, ଜନାର୍ଦ୍ଦନ ତନସନା, ସନ୍ତୋଷ ପଧାନ, ବାହାଦୁର ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜେପୁର ସମେତ ଆଖପାଖ ଅଞ୍ଚଳରୁ ଶତାଧିକ ମହିଳା ପୁରୁଷଙ୍କ ସମାଗମ ପରିଲକ୍ଷିତ ହୋଇଥିଲା ।

### ତୁହାକୁ ତୁହା ବର୍ଷା, ଚିନ୍ତାରେ ଚାଷୀ

ବିଜେପୁର, ୮।୨ (ଡି.ଏନ.ଏ)

ସପ୍ତାହେ ବ୍ୟାପୀ ମେଘୁଆ ଓ କୋହଲା ପାଗ ସହିତ କିଛି ଦିନ ଧରି ତୁହାକୁ ତୁହା ବର୍ଷା ଲାଗି ରହିଛି । ଫଳରେ ବରଗଡ ଜିଲା ବିଜେପୁର ବ୍ଲକ ଅଞ୍ଚଳର ଚାଷୀ ଚିନ୍ତିତ ହୋଇପଡିଛନ୍ତି । ମେଘୁଆ ପାଗ ଯୋଗୁ ପନିପରିବା ଫୁଲ କଷି ଝଡି ଯାଉଛି । ଅଦିନିଆ ବର୍ଷା ପାଣିରେ ବନ୍ଧାକୋବି ଫାଟି ଯାଇ ନଷ୍ଟ ହୋଇଯାଉଥିବା ଅଭିଯୋଗ ହେଉଛି । ଫୁଲକୋବି ମଧ ଅଧିକ ଫୁଟି ନଷ୍ଟ ହୋଇଯାଉଛି । ବର୍ଷାରେ ଟମାଟୋ ଫସଲ ନଷ୍ଟ ହୋଇଯାଉଛି । ଏହି ବ୍ଲକର ଗୁଡିମୁଣ୍ଡା, କନଡିହି, ଜାରିଂ, ଲେମଧର, ଏମ. ଗଣ୍ଡପାଲି ଆଦି ବିଭିନ୍ନ ଗ୍ରାମରେ ପରିବା ଫସଲ ହେଉଛି । ଅଣଜଳସେଚିତ ବିଜେପୁର ବ୍ଲକରେ ଧାନ ଅପେକ୍ଷା ପନିପରିବା ଫସଲ ପ୍ରତି ଚାଷୀମାନେ ଅଧିକ ଆଗ୍ରହୀ ହେଉଥିବା ପରିଲକ୍ଷିତ ହେଉଛି । ହେଲେ ଦୀର୍ଘ ଦିନରୁ ଏଠି ଶୀତଳଭଣ୍ଡାର ଖୋଲିବାକୁ ଦାବି ହୋଇ ଆସୁଥିଲେ ମଧ ଏହା ପୂରଣ ହୋଇପାରୁ ନ ଥିବାରୁ ଚାଷୀମାନେ କ୍ଷତି ସହୁଛନ୍ତି । ଚାଷୀ ଟମାଟୋ ୨ ଟଙ୍କା, ବନ୍ଧାକୋବି ୫ ଟଙ୍କା ଓ ଫୁଲକୋବି ୧୦ ଟଙ୍କାରେ ବେପାରୀମାନଙ୍କୁ ବିକ୍ରି କରୁଛନ୍ତି । ଆଉ ସପ୍ତାହେ ଏପରି ପାଗ ଲାଗି ରହିଲେ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ସୃଷ୍ଟି ହୋଇଛି। ଅପରପକ୍ଷେ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି ।

# ଏଥର ୧୭,୩୩୩ ମାଟ୍ରିକ ପରୀକ୍ଷାର୍ଥୀ

ବରଗଡ଼ ଅଫିସ୍,୮।୨

**ବରଗଡ଼ ଜିଲାରେ ମାଟ୍ରିକ ପରୀକ୍ଷା**
- ୮୮ କେନ୍ଦ୍ରରେ ହେବ ପରୀକ୍ଷା
- ୬ ପରୀକ୍ଷାକେନ୍ଦ୍ର ଏଥର ବାଦ୍ ପଡ଼ିଲା
- ଖୋଲିବ ୨ଟି ନୂତନ ପରୀକ୍ଷାକେନ୍ଦ୍ର
- ହ୍ରାସ ପାଉଛି ପରୀକ୍ଷାର୍ଥୀଙ୍କ ସଂଖ୍ୟା

ଆସନ୍ତା ୧୯ ତାରିଖରୁ ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ବରଗଡ଼ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଜିଲାରେ ଏଥର ୮୮ଟି କେନ୍ଦ୍ରରେ ସମୁଦାୟ ୧୭ହଜାର ୩୩୩ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ । ସେମାନଙ୍କ ମଧ୍ୟରେ ୧୬ହଜାର ୮୨୬ଜଣ ରେଗୁଲାର ଓ ଏକ୍ସ ରେଗୁଲାର, ୧୨୫ଜଣ ମଧ୍ୟମା ଏବଂ ୩୮୨ଜଣ ଏସଆଇଓଏସ୍ ପରୀକ୍ଷାର୍ଥୀ ରହିଛନ୍ତି ।

ଜିଲା ଶିକ୍ଷା ବିଭାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ବରଗଡ଼ ବ୍ଲକ/ପୌରାଞ୍ଚଳରେ ସର୍ବାଧିକ ୧୩ ଏବଂ ଅମ୍ବାଭୋନା ବ୍ଲକରେ ସର୍ବନିମ୍ନ ୪ଟି ପରୀକ୍ଷାକେନ୍ଦ୍ର ରହିଛି । ସେହିପରି ଅତାବିରା ବ୍ଲକ/ପୌରାଞ୍ଚଳରେ ୯, ବରପାଲି ବ୍ଲକ/ପୌରାଞ୍ଚଳରେ ୭, ଭଟଲି ବ୍ଲକରେ ୫, ଭେଡ଼େନ ବ୍ଲକରେ ୭, ବିଜେପୁର ବ୍ଲକ/ପୌରାଞ୍ଚଳରେ ୭, ଗାଇସିଲେଟ ବ୍ଲକରେ ୬, ଝାରବନ୍ଧ ବ୍ଲକରେ ୬, ପାଇକମାଳ ବ୍ଲକରେ ୫, ରାଜବୋଡ଼ାସମ୍ବର ବ୍ଲକରେ ୧୨ ଏବଂ ସୋହେଲା ବ୍ଲକରେ ୭ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଗତବର୍ଷର ପରୀକ୍ଷାକେନ୍ଦ୍ର ଗୁଡ଼ିକ ମଧ୍ୟରୁ ବିଭିନ୍ନ କାରଣରୁ ଅମ୍ବାଭୋନା ବ୍ଲକର କଣ୍ଡପଲା ହାଇସ୍କୁଲ, ଅତାବିରା ବ୍ଲକର ସିଂହପାଲି ହାଇସ୍କୁଲ, ବରପାଲି ବ୍ଲକର କଟାପାଲି ବିଡି ନୋଡ଼ାଲ ହାଇସ୍କୁଲ, ଭେଡ଼େନ ବ୍ଲକର ରୁଷୁଡ଼ା ହାଇସ୍କୁଲ, ଚିଚିଣ୍ଡା ହାଇସ୍କୁଲ ଏବଂ ସୋହେଲା ବ୍ଲକର ଗ୍ରୀଞ୍ଜେଲ ହାଇସ୍କୁଲକୁ ଏଥର ବାଦ୍ ଦିଆଯାଇଛି। ସେହିପରି ବରଗଡ଼ର ରାଣାପ୍ରତାପ ହାଇସ୍କୁଲ, ସୋହେଲାର କନଗାଁ ହାଇସ୍କୁଲକୁ ନୂତନ ପରୀକ୍ଷାକେନ୍ଦ୍ର ଭାବେ ନିରୂପଣ କରାଯାଇଛି ।

ତେବେ ବିଗତବର୍ଷ ଗୁଡ଼ିକର ପରୀକ୍ଷାର୍ଥୀ, ପରୀକ୍ଷାକେନ୍ଦ୍ରକୁ ତୁଳନା କରାଗଲେ ଦିନକୁ ଦିନ ଜିଲାରେ ଉଭୟ ମାଟ୍ରିକ ପରୀକ୍ଷାର୍ଥୀ ଓ ପରୀକ୍ଷାକେନ୍ଦ୍ରର ସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ୨୦୧୮ ମସିହାରେ ଜିଲାରେ ୯୭ଟି ପରୀକ୍ଷାକେନ୍ଦ୍ରରେ ୧୮ହଜାର ୮୨୪ଜଣ ପରୀକ୍ଷାର୍ଥୀ ରହିଥିଲେ । ୨୦୧୯ ମସିହାକୁ ଏହା ୯୨ଟି ପରୀକ୍ଷାକେନ୍ଦ୍ର ଓ ୧୮ହଜାର ୫୧୩ ପରୀକ୍ଷାର୍ଥୀକୁ ହ୍ରାସ ପାଇଥିଲା। ସେହିପରି ଚଳିତବର୍ଷ ପୂର୍ବବର୍ଷ ତୁଳନାରେ ୪ଟି ପରୀକ୍ଷାକେନ୍ଦ୍ର ଏବଂ ୧ହଜାର ୧୮୦ଜଣ ପରୀକ୍ଷାର୍ଥୀ କମ୍ ରହିଛନ୍ତି । ଜିଲାରେ ଏଭଳି ଭାବେ ମାଟ୍ରିକ ପରୀକ୍ଷାର୍ଥୀଙ୍କ ସଂଖ୍ୟା ହ୍ରାସ ପାଇବା ଚର୍ଚ୍ଚାର ବିଷୟ ହୋଇଛି ।



କଳାକାରମାନଙ୍କୁ ସମ୍ମାନିତ କରାଯାଉଛି ।

## ରାଜବୋଡାସମ୍ବର ଧନୁଯାତ୍ରା ଉଦ୍‌ଯାପିତ

ପଦ୍ମପୁର, ୮।୨ (ଡି.ଏନ.ଏ)

ପାଇକମାଲ ବ୍ଲକ ଅନ୍ତର୍ଗତ ଗୋଇବାହାଲିଠାରେ ୭ଦିନ ଧରି ଚାଲିଥିବା ରାଜବୋଡାସମ୍ବର ଧନୁଯାତ୍ରା କଂସ ବଧ ସହିତ ଉଦ୍‌ଯାପିତ ହୋଇଯାଇଛି। ଧନୁଯାତ୍ରାରେ ମନୋରଞ୍ଜନ ପାଇଁ ଅପେରା, ମୀନାବଜାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜଦରବାରରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା, ବୃନ୍ଦାବନ ସାହୁ, ଯୁଗଳ କିଶୋର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ । ପରେ ରାଦରବାରରେ ଲୋଇସିଂହାର ଶଙ୍କର ବେହେରା ଏବଂ ଦଳର କଳାକାରମାନେ ପାରମ୍ପରିକ ଲୋକନୃତ୍ୟ ପରିବେଷଣ କରିଥିଲେ। ହରିଚରଣ ସାହୁ, ଜୟଦେବ ବଜ ଗୁଛିଆ, ଜୟକୃଷ୍ଣ ସାହୁ, ବିଜୟ ବିଶି, ଦୁଷ୍ମନ୍ତ କାଲୁ, କାନ୍ତିଲାଲ ଲୁହାର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସରବ୍‌ନାଶ କଲା ଅଦିନିଆଁ ବରଷା

ଗୁଡ଼ଭେଲିପଦର, ୮।୨ (ଡି.ଏନ୍.ଏ.)

**ମଣ୍ଡିରେ ପଡ଼ିଛେ ଶହ ଶହ କୁଇଣ୍ଟାଲ ଧାନ**



ବରଗୋଛା ମଣ୍ଡିରେ ବରଷାରେ ଭିଜି ଧାନ ପଡ଼ିରହିଛେ।

ଏହେଦେ ଦିନାକେତେ ହେଲା ରାଏଜ୍ ସାରା ଭିନେ ଭିନେ ଜିଲାରେ ଅଦିନିଆଁ ବରଷା ଲାଗି ରହିଛେ। ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅଂଚଲରେ ବି ୪ ଦିନ୍ ହେଲା ଅଦିନିଆଁ ବରଷା ଲାଗି ରହିଛେ। ଇ ବ୍ଲକର ୮୦ ଭାଗ୍ ଲୋକ୍ ଚାଷ୍‌ବାସ ଉପରେ ନିରଭର କରି ଚଲୁଛନ୍। ଚାଷୀ ନିଜର ଖାଏବାର ଧାନକେ ଛାଡ଼ି ବଲକା ଧାନ ବିକବାକେ ଏହେଦେ ମଣ୍ଡିମାନକେ ଗଦେଇଛନ୍। ହେଲେ ଦୁଖର କଥା ପାଖାପାଖି ୧୦ ଦିନ୍ ହେଲା ମଣ୍ଡିରୁ ଧାନ ନାଇଁ ଉଠ୍‌ବାର। ଡିସେମ୍ବର ମାସ ଶେଷ ହପ୍‌ତାରେ ଟୋକନ ଲିଷ୍ଟ ବାହାରିଥିଲା। ସେ ହିସାବେ ଚାଷୀ ଧାନ ମଣ୍ଡିରେ ଆନି ରଖିଥିଲେ। ହେଲେ ମଣ୍ଡିରୁ ଧାନ ନାଇଁ ଉଠୁଥିଲାବେଳେ ଅଦିନିଆଁ ବରଷାରେ ଧାନ୍ ସବୁ ଭିଜି ଗଜା ହେଲାନ। ଇ ବାବ୍‌ଦେ ଜିଲା ଯୋଗାଣ ଅଧିକାରୀ ଆର ଆର୍‌ଏମ୍‌ସି ଅଧିକାରୀକିଁର ସଂଗେ ଯୋଗାଯୋଗ କଲେ ବି କିଛି ଲାଭ ନାଇଁ ହେବାର ବଲି ଚାଷୀମାନେ ଅଭିଯୋଗ କରିଛନ୍। ଅଂଚଲର ବରଗୋଛା ମଣ୍ଡିରେ ୨୯ ଜାନୁୟାରୀ ୨୦୨୦ରୁ ଧାନ ବିକ୍‌ବାର ଲାଗି ଚାଷୀ ଟୋକନ ପାଇଛନ୍। ହେଲେ ମଣ୍ଡିରେ ଆଏଜ୍‌ତକ ଧାନ ଅବିକ୍‌ରି ହେଇ ପଡ଼ିରହିଛେ। ମଣ୍ଡିକେ ମିଲର୍ସ ନାଇଁ ଆଏବାର ବଲି ଟୋକନ ପାଇଥିବାର ଚାଷୀ ଦିଲୀପ ସିଂ, ଭୀମସେନ ସିଂ, ସୁବାସ ମହାକୁଡ଼ ପରମୁଖ ଚାଷୀ ଅଭିଯୋଗ କରିଛନ୍। ବଛରକୁତା ପରିଶ୍ରମ କରି ଅମଲ କରିଥିବାର ଧାନ ବିକ୍‌ବାର ଲାଗି ଚାଷୀକେ ଏହେଦେ ଯୁଝିବାକେ ପଡୁଛେ। ଇ ଦିଗେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ଚାଷୀ କେନ୍‌ଥେଇ ସୁବିଧାରେ ଧାନ ବିକିପାରବେ ତାର ବେବସ୍‌ତା କରବାକେ ଚାଷୀମାନେ ଦାବି କରିଛନ୍।

## କୃମିନାଶକ ଦିବସ ପାଇଁ କର୍ମଶାଳା

ବରଗଡ଼ ଅଫିସ୍,୮।୨

ଆସନ୍ତା ୧୦ତାରିଖରେ ବରଗଡ଼ ଜିଲାରେ ଜାତୀୟ କୃମିନାଶକ ଦିବସ ପାଳନ କରାଯିବ। ଜିଲାରେ ୧ରୁ ୧୯ବର୍ଷ ପର୍ଯ୍ୟନ୍ତ ରହିଥିବା ସମସ୍ତଙ୍କୁ ସ୍କୁଲ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ ମାଗଣାରେ କୃମିନାଶକ ବଟିକା ଦିଆଯିବ। ଅଣପଞ୍ଜିକୃତ ଏବଂ ବିଦ୍ୟାଳୟ ଯାଉ ନ ଥିବା ପିଲାମାନଙ୍କୁ ମଧ୍ୟ ଅଙ୍ଗନୱାଡ଼ି କେନ୍ଦ୍ରରେ ବଟିକା କିମ୍ବା ସିରପ୍ ଦିଆଯିବ। ଯେଉଁ ଶିଶୁମାନେ ଜାତୀୟ କୃମିନାଶକ ଦିବସରେ ଏହି ବଟିକା ଖାଇ ପାରି ନ ଥିବେ, ସେମାନେ ଫେବୃୟାରୀ ୧୭ ତାରିଖରେ ମପ୍-ଅପ୍ ଦିବସରେ ଏହି ଔଷଧ ଖାଇ ପାରିବେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବରଗଡ଼ ସହରାଞ୍ଚଳରେ ରହିଥିବା ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲ ଗୁଡ଼ିକର ଶିକ୍ଷୟିତ୍ରୀ, ଶିକ୍ଷକ, ସ୍ୱାସ୍ଥ୍ୟ ବିଭାଗର ମହିଳା ସ୍ୱାସ୍ଥ୍ୟକର୍ମୀ, ମହିଳା ଓ ଶିଶୁ ବିକାଶ ବିଭାଗର ମହିଳା ପର୍ଯ୍ୟବେକ୍ଷକମାନଙ୍କୁ ନେଇ ଶନିବାର ସ୍ଥାନୀୟ ନିଶାମଣି ସ୍କୁଲ ପରିସରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଥିବା ଡା. ସନ୍ଦୀପ ତ୍ରିପାଠୀ କୃମି ଦ୍ୱାରା ସଂକ୍ରମିତ ଶିଶୁମାନେ ଅପପୃଷ୍ଟି ଯୋଗୁ ସର୍ବଦା କ୍ଲାନ୍ତ ଅନୁଭବ କରନ୍ତି ଏବଂ ସେମାନଙ୍କର ଶାରୀରିକ, ବୌଦ୍ଧିକ ଅଭିବୃଦ୍ଧିରେ ବାଧା ହୋଇପାରେ ବୋଲି କହିଥିଲେ। ।

## ମରନ୍‌ଯଁତା ପାଲଟିଛେ ବିଲାସପୁର-ଜାମପାଲି ରାସ୍‌ତା

ଗୁଡଭେଲିପଦର, ୮।୨ (ଡି.ଏନ୍.ଏ.)



ବିଲାସପୁର-ଜାମପାଲି ରାସ୍‌ତାର ଅବସ୍‌ତା।

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ବିଲାସପୁର-ଜାମପାଲି ରାସ୍‌ତା ଏହେଦେ ମରନ୍‌ଯଁତା ପାଲଟିଛେ। ରାସ୍‌ତାଟା ଜାତୀୟ ରାଜପଥ ୫୭ ସଂଗେ ଯୁଡ଼ି ହେଇଛେ। ସେନ୍‌ତା ଇ ରାସ୍‌ତାରେ ଫିଦିନ ବିଲାସପୁର, ଖଇରରଣା, ଟିକାଟିଙ୍ଗା, ନୂଆଁଗାଁ, ରାକ୍ଷାସକୁଟି, ରାହାଯୁର, ଜାମପାଲି, ଡୁଙ୍ଗୁରିପାଲି ଗାଁର ଶହ ଶହ ଲୋକ୍ ଯିବାର ଆଏବାର କରୁଛନ୍। ହେଲେ ଏହେଦେ ଇ ରାସ୍‌ତା ଅବସ୍‌ତା ଏନ୍‌ତା ହେଇଛେ ଯେ, ମୋଟରସାଇକେଲ, ସାଇକେଲ ତ ଦୂରର କଥା ଝନେ ଲୋକ୍ ଚାଲିକରି ଯିବାକେ ହଦ୍‌ରି ଦେବା। ଏନ୍‌ତାଥି ଫେନ୍ ଅଦିନିଆଁ ବରଷାରେ ରାସ୍‌ତାଟା ଆଁଠେ କାଦୋରେ ଭରିଯାଇଛେ। ଯେନ୍‌ଥିରଲାଗି ଅଂଚଲବାସୀ ଯିବାର ଆଏବାରେ ବଡ଼ଭାରି ସମସିଆର ସାମନା କରୁଛନ୍। ଇ ଦିଗେ ଜିଲା ପରଶାସନ ଦୁରୁଷ୍‌ଟି ଦେଇ ନୂତନ ଭାବେ ରାସ୍‌ତା ତିଆରି କରବାକେ ଅଂଚଲବାସୀ ଦାବି କରିଛନ୍। ଯେତେ ଜଲ୍‌ଦି ହେବା ରାସ୍‌ତା ତିଆର କରାଯାଉ, ନାଇଁହେଲେ ଆଏବାର ଦିନେ ଅଂଚଲବାସୀ ଉଲଗୁଲାନକେ ଉତିରମୁ ବଲି ସାମାଜିକ କରମୀ ରାଜେନ୍ଦ୍ର ଦେହୁରୀ, କୈଳାସ ଦେହୁରୀ, ହରେଶ ଜଗଦଲା ପରମୁଖ କହିଛନ୍।

# ବୌଦ୍ଧରେ ଜାତୀୟ ଲୋକ ଅଦାଲତ

ବୌଦ୍ଧ,୮।୨(ସ୍ୱ.ପ୍ର)

**୨୭ ମାମଲାର ଫଇସଲା**

ବୌଦ୍ଧ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର କୋର୍ଟ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ମୋଟ ୨୭ଟି ବିଚାରାଧୀନ ଓ ପ୍ରାକ୍ ମକଦ୍ଦମା ଯଥା କ୍ରିମିନାଲ କମ୍ପାଉଣ୍ଡେବୁଲ, ଚେକ ବାଉନସ, ମନିରିକଭରି, ମୋଟର ଦୁର୍ଘଟଣା, ପାରିବାରିକ ଓ ବ୍ୟାଙ୍କ ଆଦି ମାମଲା ଗୁଡିକ ଫଇସଲା ହୋଇଥିଲା। ମାମଲା ଗୁଡିକ ଫଇସଲା କରାଯାଇ ଜରିମାନା ବାବଦକୁ ୨୫ଲକ୍ଷ ୧୩ ହଜାର ୩୯୨ ଟଙ୍କା ଆଦାୟ କରାଯାଇଥିଲା। ଜିଲା ଦୌରାଜଜ୍ ଅରବିନ୍ଦ କୁମାର ଗୁରୁ, ଅତିରିକ୍ତ ଜିଲା ଦୌରାଜଜ୍ ସତ୍ୟନାରାୟଣ ଷଡଙ୍ଗୀ, ପରିବାର ଅଦାଲତ ଜଜ୍ ଗୌରିମାଳି ମହାରଣା, ସିଜେଏମ ହୃଷିକେଶ ଆଚାର୍ଯ୍ୟ, ରେଜିଷ୍ଟ୍ରାର ପ୍ରୀତିଶ କୁମାର ରାଉତରାୟ, ଏସଡିଜେମ ସୂର୍ଯ୍ୟ ଦାସ, ଆଇନସେବା ପ୍ରାଧିକରଣ ସଚିବ ପ୍ରଭୁରାମ ଦାସ ଅଧିକାରୀ, ସବଜଜ୍ ଦୁର୍ବାଶା ଦୁର୍ଗା, ଜେଏମଏଫସି ଶିବାନୀ ମିଶ୍ର ଓ ସୁନୀତା ବିଶ୍ୱାଳ ଯୋଗ ଦେଇ ମାମଲା ଗୁଡିକର ଫଇସଲା କରିଥିଲେ। ଲୋକ ଅଦାଲତରେ ସ୍ପେଶାଲ ପିପି ଯୋଗେଶ ପ୍ରସାଦ ନାୟକ, ସରକାରୀ ଓକିଲ ଜୁଲିୟସ ମହାକୁରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।



ବିଚାରପତି ମାମଲାଗୁଡିକର ଫଇସଲା କରୁଛନ୍ତି ।

## ରାସ୍ତାରେ ଆଣ୍ଠୁଏ ବର୍ଷା ପାଣି

ଜହ୍ନାପଙ୍କ, ୮।୨ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ବଡଦାଣ୍ଡର ସାହୁ ଗଳିଠାରୁ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତାରେ ଅଦିନିଆ ବର୍ଷାରେ ଆଣ୍ଠୁଏ ପାଣି ଜମିଛି। ଏପରିକି ଜମୁଥିବା ପାଣି ଲୋକଙ୍କ ଘର ଭିତରକୁ ପଶିବା ସମ୍ଭାବନା ରହିଛି। ଫଳରେ ଲୋକେ ଯିବା ଆସିବା କରିପାରୁନାହାନ୍ତି। ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ପାଣି ନିଷ୍କାସନ ହୋଇପାରୁନାହିଁ ବୋଲି ସାହିବାସୀ କହିଛନ୍ତି । ପ୍ରତ୍ୟେହ ଏହି ରାସ୍ତାଦେଇ ଛାତ୍ରୀଛାତ୍ର ସ୍କୁଲ, କଲେଜକୁ ଯିବାଆସିବା ସହିତ ଲୋକମାନେ ଦୈନିକ ବଜାରକୁ ଯାଇଥାନ୍ତି । ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ମେହେରଙ୍କୁ ପଚାରିବାରୁ ଏ ନେଇ ଆଗକୁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

## ରେଳ ବଜେଟରେ ଅଣଦେଖା ନେଇ ଉଦ୍‌ବେଗ

ବରଗଡ଼ ଅଫିସ୍,୮।୨

୨୦୨୦-୨୦୨୧ ରେଳ ବଜେଟ୍‌ରେ ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ପ୍ରକଳ୍ପକୁ ପୁଣି ଅଣଦେଖା କରାଯାଇଥିବାରୁ ବରଗଡ଼ ଜିଲା ରେଳ ଉପଭୋକ୍ତା ସଂଘ ଉଦ୍‌ବେଗ ପ୍ରକାଶ କରିଛନ୍ତି । ସଂଘ ସଭାପତି ପ୍ରଦୀପ ଦେବତା ଏକ ବିବୃତିରେ କହିଛନ୍ତି, ପୂର୍ବତଟ ରେଳପଥ ପାଇଁ ଆବଣ୍ଟିତ ହୋଇଥିବା ୫୮୬୫ କୋଟିରୁ ଓଡ଼ିଶା ପାଇଁ ୪୩୭୩ କୋଟି ଟଙ୍କାର ବରାଦ କରାଯାଇଛି । ଏହି ବଜେଟ୍‌ରେ ଓଡ଼ିଶାର ନୂତନ ରେଳ ଲାଇନ ଭାବେ ସମ୍ବଲପୁର-ଫୁଲବାଣୀ-ଗୋପାଳପୁର ପ୍ରକଳ୍ପକୁ ସ୍ୱୀକୃତି ମିଳିଛି । ଏହା ଏକ ସ୍ୱାଗତଯୋଗ୍ୟ ନିଷ୍ପତ୍ତି । ଏହା ପଶ୍ଚିମ ତଥା ଦକ୍ଷିଣ ଓଡ଼ିଶାକୁ ଯୋଡ଼ିବାରେ ସହାୟକ ହେବ। କିନ୍ତୁ ଦୁଃଖର ବିଷୟ, ଏହି ପ୍ରକଳ୍ପର ଦାବି ଅପେକ୍ଷା ଦୀର୍ଘଦିନର ପୁରୁଣା ଦାବି ବରଗଡ଼-ନୂଆପଡ଼ା ଭାୟା ପଦ୍ମପୁର ପ୍ରକଳ୍ପକୁ ଏଥର ମଧ୍ୟ ଏଡ଼ାଇ ଦିଆଯାଇଛି। ଗତବର୍ଷ ହୋଇଥିବା ଏହାର ସର୍ଭେରେ ଆୟର ହାର(ଆରଓଆର୍) ଉପଯୁକ୍ତ ସୂଚାଉ ଥିବାବେଳେ ଏହାକୁ ସ୍ୱୀକୃତି ନ ଦେବା ସମସ୍ତଙ୍କୁ ଚକିତ କରିଛି । ଚିର ଅବହେଳିତ ପଦ୍ମପୁର ଉପଖଣ୍ଡର ଅନେକ ଦିନର ଦାବିକୁ ଏଭଳି ଅବହେଳା କେନ୍ଦ୍ର ସରକାର ତଥା ରେଳ ମନ୍ତ୍ରଣାଳୟର ସବ୍‌କା ବିକାଶ ଏକ ଧୂଆଁବାଣ ବୋଲି ପ୍ରମାଣିତ କରିଛି । ଦ୍ୱିତୀୟତଃ ବରଗଡ଼ ଲୋକସଭା ଏମ୍‌ପି ସୁରେଶ ପୂଜାରୀ ଏବଂ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ଯଦି ଆନ୍ତରିକତାର ସହିତ ଏହି ପ୍ରକଳ୍ପ ପାଇଁ ଉଦ୍ୟମ କରିଥାନ୍ତେ, ତେବେ ନିଶ୍ଚିତ ଭାବେ ଏବର୍ଷର ବଜେଟରେ ଏହା ସ୍ଥାନ ପାଇ ବରଗଡ଼ବାସୀଙ୍କୁ ଖୁସି ମନାଇବାର ସୁଯୋଗ ଦେଇଥାନ୍ତା ବୋଲି ଦେବତା ଏକ ବିବୃତିରେ କହିଛନ୍ତି ।

## ଭତାରୁ ବଁଚିତ୍ ନିସାହା ଛଉଣୀ

ଅତାବିରା, ୮।୨ (ଡି.ଏନ୍.ଏ.)



ବୁରୁଧ୍ ଛଉଣୀ ଦନ୍ତା।

ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଅଧୀନ ଉଦେପୁର ଗାଁର ବିଧବା ମହିଲା ଛଉଣୀ ଦନ୍ତା(୬୦)। ବଏସ୍ ହେଇଥିଲେ ସେ ଭତା ପାଏବାରୁ ବଁଚିତ୍ ଥିବାର ଅଭିଯୋଗ କରିଛନ୍। ଏନ୍‌ତାକି ସେ ୨ରୁ ୩ ଥର ଭତା ପାଏବାର ଲାଗି ଦରକାରି କାଗଜପତର ସଂଗେ ଫର୍ମ ପୂରନ କରି ପଁଚେତ୍‌ରେ ଦେଇଛନ୍। ହେଲେ ଆଏଜ୍‌ତକ ଭତା ପାଏବାରୁ ବଁଚିତ୍ ଥିବାର କହିଛନ୍। ସେନ୍‌ତା ଭଲ ଘରଖଁଡ଼େ ଅଭାବୁ ଗୁଟେ ଦଦ୍‌ରା ନଡ଼ାଛପର ଘରେ ରହୁଛନ୍। ଇ ଦିଗେ ଥାନୀଅ ବ୍ଲକ ପରଶାସନ ଦୁରୁଷ୍‌ଟି ଦେଇ ଛଉଣୀକୁଁ ଭତା ଆର ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ସାଧାରନରେ ଦାବି ହେଉଛେ।

# ବରଗଡ଼ରେ କେନଷ୍ଟାର ଡିଲର୍ସ ମିଟ୍

ବରଗଡ଼ ଅଫିସ୍,୮।୨

ବରଗଡ଼ ସହର ଉପକଣ୍ଠ ବାଇପାସ୍ ରୋଡ୍ ନିକଟ ହୋଟେଲ ଅନୁରାଗରେ ଶୁକ୍ରବାର ସନ୍ଧ୍ୟାରେ କେନଷ୍ଟାର ଡିଲର୍ସ ମିଟ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନଷ୍ଟାର ଓଡ଼ିଶା ଶାଖା ପରିଚାଳକ ବିଦ୍ୟାଧର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନଷ୍ଟାରର ଏରିଆ ମ୍ୟାନେଜର ଅରବିନ୍ଦ ପଟ୍ଟନାୟକ, ସର୍ଭିସ ମ୍ୟାନେଜର ଭବାନୀ ମିଶ୍ର, ସ୍ଥାନୀୟ ଡିଷ୍ଟ୍ରିବ୍ୟୁଟର ଦିଲୀପ ସାଓଡ଼ିଆ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।




ମୁଖ୍ୟଅତିଥି କେନଷ୍ଟାର ଡିଲର୍ସ ମିଟ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି ।

ମୁଖ୍ୟତଃ ଖରାଦିନ ପାଇଁ ଆବଶ୍ୟକ କୁଲର, ଫ୍ୟାନ, ଅନ୍ୟ ଉପକରଣର ଚାହିଦା, ବିକ୍ରି ଉପରେ ଆଲୋଚନା କରାଯିବା ସହିତ ଏକ ନୂତନ ଫ୍ୟାନର ଲୋକାର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନଷ୍ଟାରର।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସମୀର



ସୁଚିକାନ୍ତ



ନିର୍ମଳ



ଜ୍ଞାନ



ବିଶ୍ୱଜିତ୍



ଯୁଧିଷ୍ଠିର



ଏନ.କେ ପଟେଲ

ସେଲ୍ଫି ଉଠାନ୍ତୁ ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ୧୦ରୁ ଉତ୍ସବ ପ୍ରଧାନପାଟ

- ଜିଲା ପ୍ରଶାସନର ଚୂଡ଼ାନ୍ତ ପ୍ରସ୍ତୁତି
- ଅଂଶଗ୍ରହଣ କରିବେ ୭୫୦ରୁ ଊର୍ଦ୍ଧ୍ୱ କଳାକାର
- କୃଷକଙ୍କୁ ନେଇ ହେବ କୃଷକ ପାଠଶାଳା

ଦେବଗଡ଼, ୮।୨(ଡି.ଏନ.ଏ.)

ଆଗାମୀ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୫ଦିନ ଧରି ପ୍ରଧାନପାଟ ଜଳପ୍ରପାତ ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚରେ ପାଳିତ ହେବାକୁ ଥିବା ଉତ୍ସବ ପ୍ରଧାନପାଟ -୨୦୨୦ ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ସମ୍ପର୍କରେ ଶନିବାର ଓସ୍ୱାନ ପ୍ରକୋଷ୍ଠରେ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆନୁଷ୍ଠାନିକ ଭାବେ ସୂଚନା ପ୍ରଦାନ କରାଯାଇଛି। ଏହି ସୂଚନା ଅନୁଯାୟୀ ଚଳିତବର୍ଷ ଏହି ଉତ୍ସବ ପାଳନ ନିମନ୍ତେ ୧୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରଖାଯାଇଛି। ୧୦ତାରିଖ ଉଦ୍‌ଘାଟନୀ ଦିବସରେ ସ୍ଥାନୀୟ କନକଦୁର୍ଗା ମନ୍ଦିର ପରିସରରୁ ଏକ ସାଂସ୍କୃତିକ ମଶାଲ ଶୋଭାଯାତ୍ରା ବାହାରି ପ୍ରଧାନପାଟ ପର୍ଯ୍ୟନ୍ତ ଯିବା ସହ ଅଧିଷ୍ଠାତ୍ରୀ ମା' ପ୍ରଧାନପାଟେଶ୍ୱରୀଙ୍କ ପୀଠରେ ପହଞ୍ଚିବ। ସେଠାରୁ ଆଜ୍ଞାମାଳ ଅଣାଯିବା ପରେ ମୁକ୍ତାକାଶ ସାଂସ୍କୃତିକ ମଞ୍ଚରେ ମଶାଲ ସ୍ଥାପନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବରେ ରାଜ୍ୟ ବାହାରୁ ୩ଟି ଖ୍ୟାତନାମା ସାଂସ୍କୃତିକ ଦଳ, ରାଜ୍ୟର ୨୦ଟି ଓ ଜିଲାର ୯ଟି ଦଳ ସମେତ ମୋଟ ୩୨ଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏମାନଙ୍କ ମଧ୍ୟରେ କୋଲକାତାର ସୋମା କୁଣ୍ଡୁ ଓ ଗ୍ରୁପ, ଛତିଶଗଡର ସରସ୍ୱତୀ କଳା ନିକେତନ ରହିଥିବା ଜଣାପଡିଛି। ସେହିପରି ବଲାଙ୍ଗୀରର ଢାପ ନୃତ୍ୟ, ଜଟଣୀର କଥକ ଓ ମଣିପୁରୀ, ଝାରସୁଗୁଡାର ଝୁମେର ନୃତ୍ୟ, ବାଙ୍କୀର ଫ୍ୟୁଜନ, କେନ୍ଦ୍ରାପଡାର ପାଟୁଆ ନାଚ, ତୁଷୁରାର ଘୁଡକା ନାଚ, କଳାହାଣ୍ଡିର ସିଙ୍ଗାରୀ ଚାଙ୍ଗୁ ଓ ଘୁମୁରା, ବରଗଡର ପରଭା ନୃତ୍ୟ, ଗଜପତି, କୁଚିଣ୍ଡା,ସମ୍ବଲପୁର ଓ ଦେବବଗଡ ଜିଲାର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଆଦି ୩୨ ଗୋଟି ସାଂସ୍କୃତିକ ଦଳ ଅଂଶଗ୍ରହଣ କରି ଲୋକ ନୃତ୍ୟ ପ୍ରଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଓରମାସ ପକ୍ଷରୁ ପଲ୍ଲିଶ୍ରୀ ମେଳା ଅନୁଷ୍ଠିତ ହେବ ଓ ଏଥିରେ ୨୩୦ ଟି ଷ୍ଟଲ ଖୋଲାଯିବ। ଏଥିସହ ଫୁଡପ୍ଲାଜା ଓ କୃଷିବିଭାଗ ପକ୍ଷରୁ କୃଷିମେଳା ଓ କୃଷକ ପାଠଶାଳା ଓ ପୁସ୍ତକ ମେଳାସହ କବି ସମ୍ମିଳନୀର କାର୍ଯ୍ୟକ୍ରମ ରହିଛି ବୋଲି ଜିଲାପାଳ ସାମାଲ ଏହି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ, ସହକାରୀ ଜିଲାପାଳ କୈବଲ୍ୟ କର, ଦେବଗଡ ପୌରପରିଷଦ ଅଧିକାରୀ କୁଞ୍ଜବନ ପ୍ରଧାନ ଏବଂ ଓରମାସ୍‌ର ଡିଏସ୍‌ଏମଏସ୍ ସୁବଳ ଜେନାମଣି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଜୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଉତ୍ସବ ପ୍ରଧାନପାଟ ସମ୍ପର୍କରେ ଖବରଦାତା ସମ୍ମିଳନୀରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ।

# ଅଦିନିଆ ବର୍ଷା: ପରିବା, ଡାଲିଜାତୀୟ ଫସଲ ନଷ୍ଟ

ରିଆମାଳ, ୮।୨ (ଡି.ଏନ.ଏ.)

ଦେବଗଡ଼ ଜିଲା ରିଆମାଳ ବ୍ଲକ ଅଞ୍ଚଳରେ ଗତ ଦୁଇଦିନ ହେଲା ବର୍ଷା ଲାଗି ରହିଛି। ଏଥିଯୋଗୁ ବ୍ୟାପକଭାବରେ ପନିପରିବା ଓ ଡାଲିଜାତୀୟ ଫସଲ ନଷ୍ଟ ହୋଇଛି। ଅଦିନିଆ ବର୍ଷା ହେତୁ ଜମିରେ ପାଣି ଜମି ରହିଛି। ଚାଷୀମାନେ ଜମିରୁ ପାଣି ନିଷ୍କାସନ କରିବାରେ ଲାଗିଛନ୍ତି। ହେଲେ ବର୍ଷା ସବୁକିଛି ଉଜାଡି ଦେବା ଆଶଙ୍କା ସୃଷ୍ଟି କରିଛି। ଖରିଫ ଧାନଚାଷ ପରେ ରିଆମାଳ ଅଞ୍ଚଳର ଚାଷୀ ପିଆଜ, ଟମାଟୋ, କୋବି, ସୋରିଷ, ମୁଗ, ବିରି, ଚଣା, ହରଡ଼ ଆଦି ବହୁ ସଂଖ୍ୟାରେ କରିଥାନ୍ତି। ସେହି ଅନୁସାରେ ଚଳିତ ବର୍ଷ ମଧ୍ୟ ହଜାର ହଜାର ଟଙ୍କା ଖର୍ଚ୍ଚ କରି ସେମାନେ ଫସଲ କରିଥିଲେ। ବର୍ଷାରେ ଏବେ ସେସବୁ ଉଜୁଡି ଯିବାରେ କିଭଳି ଋଣ ପରିଶୋଧ କରିବେ ଓ ପରିବାର ଚଳାଇବେ ସେହି ଚିନ୍ତା ଏବେ ଚାଷୀଙ୍କୁ ଘାରିଛି। ପ୍ରଶାସନ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି ହେଉଛି।



ପିଆଜ ଖେତରେ ବର୍ଷା ପାଣି ଜମି ରହିଛି।

# ମୋବାଇଲ ଦୋକାନ କାନ୍ଥ ଭାଙ୍ଗି ଚୋରି

ରେଢାଖୋଲ,୮।୨(ଡି.ଏନ.ଏ.)

ଚାରମାଲ ପୋଲିସକୁ ଚୋରଙ୍କ ଖୋଲାଖୋଲି ଚ୍ୟାଲେଞ୍ଜ। ଚାରମାଲ ଥାନା କାନ୍ଥକୁ ଲାଗି ରହିଥିବା ଏକ ମୋବାଇଲ ଦୋକାନରୁ ଶୁକ୍ରବାର ରାତିରେ ଲକ୍ଷାଧିକ ଟଙ୍କାର ମୋବାଇଲ ଫୋନ ଚୋରି ହୋଇଯାଇଛି। ଚୋରମାନେ ଦୋକାନ ପଛପାଖ କାନ୍ଥ ଭାଙ୍ଗି ଦୋକାନରେ ଥିବା ବିଭିନ୍ନ କମ୍ପାନୀର ଦାମୀ ମୋବାଇଲ ଫୋନ ଚୋରିକରି ନେଇଛନ୍ତି। ଏ ନେଇ ଦୋକାନ ମାଲିକ ବାବୁଲି ମହାକୁଡ଼ ଚାରମାଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୨୪/୧୯) ରୁଜୁ କରିଛି। ଖବରପାଇ ରେଢାଖୋଲ ଡିଏସ୍‌ପି ହାଡିବନ୍ଧୁ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ହେଲେ ପୋଲିସ କାହାରିକୁ ଗିରଫ କରିପାରି ନାହିଁ। ସୂଚନା ଯୋଗ୍ୟ, ଶୁକ୍ରବାର ଚାରମାଲ ଥାନା ନିକଟ ୫୫ ନମ୍ବର ଜାତୀୟ ରାଜପଥ କଡରେ ନାମଯଜ୍ଞ ଚାଲିଥିଲା। ଏନେଇ ଜନଗହଳି ଲାଗି ରହିଥିଲା। ଏଭଳିସ୍ଥିତିରେ ଚୋରମାନେ ଦୋକାନ ପଛପଟ କାନ୍ଥ ଭାଙ୍ଗି ଚୋରି କରିବା ଘଟଣା ପୋଲିସର କାର୍ଯ୍ୟ ଦକ୍ଷତା ନେଇ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ଏନେଇ ଚାରମାଲ ଥାନା ଅଧିକାରୀ ବସନ୍ତ ଦଲାଇଙ୍କୁ ପଚାରିବାକୁ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଖୁବ ଶିଘ୍ର ଚୋରମାନଙ୍କୁଧରାଯିବ ବୋଲିକହିଥିଲେ।

## ଶ୍ରେଷ୍ଠ ନବାଗତ ସମୀର ଓ ସାୟଲ



ଅଭିନେତ୍ରୀ ଭୂମିକାଙ୍କୁ ପୁରସ୍କୃତ କରାଯାଉଛି।

# ବାବୁସାନ ଶ୍ରେଷ୍ଠ ଅଭିନେତା, ଭୂମିକା ଶ୍ରେଷ୍ଠ ଅଭିନେତ୍ରୀ

**ପୁରୀ ଅଫିସ, ୮।୨:** ୱିନିଂ ଏବଂ ସ୍ପୋର୍ଟିଂ କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୋଲ୍ଡେନ ବିଚ୍‌ରେ ଦୁଇଦିନିଆ ୧୫ତମ ଓଡ଼ିଆ ଫିଲ୍ମ ଓ ଟିଭି ଆୱାର୍ଡ ଶୋ' ଟାଇମ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମିଷ୍ଟର ମଜ୍‌ନୁ ଚଳଚ୍ଚିତ୍ର ଲାଗି ବାବୁସାନ୍ ଶ୍ରେଷ୍ଠ ଅଭିନେତା, ନାୟକର ନାଁ ଦେବଦାସ ଚଳଚ୍ଚିତ୍ର ପାଇଁ ଭୂମିକା ଶ୍ରେଷ୍ଠ ଅଭିନେତ୍ରୀ ଟାଇଟଲ ହାସଲ କରିଛନ୍ତି। ଶ୍ରୀତମ ଦାସ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା (ଗୋଲମାଲ ଲଭ୍) ଏବଂ ପ୍ରତିଭା ପଣ୍ଡା ପାର୍ଶ୍ୱ ଅଭିନେତ୍ରୀ (ପ୍ରେମ ପାଇଁ ମହାଭାରତ), ପ୍ରେମାନନ୍ଦ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ଅଜବ ସଞ୍ଜୁର ଗଜବ ଲଭ୍), ସୁଧାକର ବସନ୍ତ ଶ୍ରେଷ୍ଠ କୋରିଓଗ୍ରାଫର (ବୋବାଲ ଟୋକା), କଣ୍ଠଶିଳ୍ପୀ ସତ୍ୟଜିତ ଏବଂ ଅନ୍ତରା ଚକ୍ରବର୍ତ୍ତୀ ଶ୍ରେଷ୍ଠ ସଙ୍ଗୀତ, ଅସିତ ପତି ଶ୍ରେଷ୍ଠ ଖଳ ଅଭିନେତା (ଅଜବ ସଞ୍ଜୁର ଗଜବ ଲଭ୍) ଅଶୋକ ପତି ଶ୍ରେଷ୍ଠ ନିର୍ଦ୍ଦେଶକ (ମିଷ୍ଟର ସଞ୍ଜୁ) ଏବଂ ଶ୍ରେଷ୍ଠ ଫିଲ୍ମ ଭାବେ ତରଙ୍ଗ ସିନେ ପ୍ରଡକ୍ସନ ପ୍ରାୟୋଜିତ ମିଷ୍ଟର ସଞ୍ଜୁ ପୁରସ୍କୃତ ହୋଇଛନ୍ତି। ଫିଲ୍ମ 'ବାଳ' ଲାଗି ସମୀର ଶତପଥୀ ଶ୍ରେଷ୍ଠ ନବାଗତ ଏବଂ ସାୟଲ (ଟାଲ୍ ଟିକେ ଦୁଷ୍ଟ ହେବା) ଶ୍ରେଷ୍ଠ ନବାଗତ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ଦେବୀଦତ୍ତ ମହାନ୍ତି (ଟାଲ୍ ଟିକେ ଦୁଷ୍ଟ ହେବା) ଶ୍ରେଷ୍ଠ ସଂଳାପ ଲେଖକ, ସଞ୍ଜୟ ମହାକୁଡ଼ ଶ୍ରେଷ୍ଠ ସଂଳାପ, ସୁଶାନ୍ତ ମଣି ଚଳଚ୍ଚିତ୍ର ନିମ୍‌କୀ ଲାଗି ଶ୍ରେଷ୍ଠ ସମ୍ପାଦକ, ବାପା ତମେ ଭାରି ଦୁଷ୍ଟ ଚଳଚ୍ଚିତ୍ର ଲାଗି ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଶ୍ରେଷ୍ଠ ଫିଲ୍ମ ସାମ୍ବାଦିକ ଭାବେ ଆଦିକନ୍ଦ ରାଉତଙ୍କୁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅତିଥି ଭାବେ ଅନୁଷ୍ଠାନର ଚେୟାରମ୍ୟାନ ଇଂ. ସୂର୍ଯ୍ୟ ରଥ, ସାଧାରଣ ସମ୍ପାଦକ ଯୁବ ସାଂସ୍କୃତିକ ସଙ୍ଗଠକ ନବକିଶୋର ପ୍ରଧାନ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଜୀବନ କୁମାର ବଡୁ, ଗୌରହରି ପ୍ରଧାନ, ଅଭିନେତା ଉତ୍ତମ ମହାନ୍ତି, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ଏବଂ ଅନିରୁଦ୍ଧ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୃତ୍ୟଶିଳ୍ପୀ ନନ୍ଦିତା ଓ ଟିମ୍ ଓଡ଼ିଶୀ ଯୁଗଳବନ୍ଦୀ, ବ୍ରାସ୍ ଅର୍କେଷ୍ଟ୍ରା, ଶ୍ରୀକ୍ଷେତ୍ର ନୃତ୍ୟ କଳା ବିକାଶ ପରିଷଦ ଆଧୁନିକ ନୃତ୍ୟ, କୃଷ୍ଣମଣି ନୃତ୍ୟ କଳାପୀଠ ପକ୍ଷରୁ ଭଜନ ନୃତ୍ୟ ପରିବେଷଣ କରାଯାଇଥିଲା।

# ପ୍ରଥା ଦାୟରେ ଏବେ ବି ବଳି ପଡୁଛନ୍ତି ବାଳିକା

## ଅଥୁନି ବାଲ୍ୟ ବିବାହ ଧାରା

- ପ୍ରଶାସନ ପାଖରେ ପ୍ରଭାବୀ ଯୋଜନା ନାହିଁ
- ସଭାସମିତିରେ ସୀମିତ ରହିଛି ସଚେତନତା

ପବନ ପାଣିଗ୍ରାହୀ
ଜୟପୁର,୮।୨

ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲାରେ ଏବେ ବି ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ରହିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ବାଲ୍ୟ ବିବାହ ରୋକାଯିବା ଘଟଣା ଦର୍ଶାଉଛି ଯେ ଏଯାବତ୍ ଏହି ପ୍ରଥା ଲୋପ ପାଇନାହିଁ। ନିରକ୍ଷରତା ଓ ସଚେତନତାର ଅଭାବ ସହ ପରମ୍ପରାକୁ ଆବୋରି ବସିବା ଯୋଗୁ ଏବେ ବି ବଳି ପଡୁଛନ୍ତି ବାଳିକା। ବାଲ୍ୟ ବିବାହ ବିରୋଧରେ ପ୍ରଶାସନର ସଚେତନତା କେବଳ ଜିଲାସ୍ତରୀୟ ସଭାସମିତି, ସମୀକ୍ଷା ବୈଠକରେ ସୀମିତ ରହିଥିବା ବେଳେ ତୃଣମୂଳ ସ୍ତରରେ ଏହାର ପ୍ରକୃତ ପ୍ରଭାବ ପଡୁନାହିଁ। ଚାଇଲ୍ଡ ଲାଇନ ବିଭାଗ ସହଯୋଗ ନ କଲେ ଏହାକୁ ରୋକିବା ଦିଗରେ ସଫଳତା ନେଇ ଆଶଙ୍କା ପ୍ରକାଶ ପାଇଛି।

ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲାରେ ୬୦ ପ୍ରତିଶତରୁ ଅଧିକ ଆଦିବାସୀ ଲୋକ ରହୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବହୁ ପ୍ରଚଳିତ ପରମ୍ପରା ସହ ଦାରିଦ୍ର୍ୟତା ଯୋଗୁ କମ୍ ବୟସରେ ଝିଅମାନେ ବିବାହ କରିଥାନ୍ତି। ବାଲ୍ୟ ବିବାହ ଓ କମ୍ ବୟସରେ ମାତୃତ୍ୱ ଲାଭ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥିବା ବେଳେ ଏହା ସାଂସାରିକ ଭବିଷ୍ୟତ ଗଢ଼ିବାରେ ଏକ ବାଧକ ଭାବେ ରହିଆସିଛି। ଯେଉଁ ସମୟରେ କିଶୋରୀମାନେ ବିଦ୍ୟାଳୟରେ ପାଠ ପଢ଼ିବା କଥା, ସେହି ସମୟରେ ବିବାହ ସେମାନଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦିଏ। ଆଦିବାସୀ ଝିଅ ୧୨ରୁ ୧୩ ବର୍ଷ ବୟସରେ ବିବାହ କରୁଛନ୍ତି। ଅଳ୍ପ ବୟସରେ ଗର୍ଭଧାରଣ କରି ପ୍ରସବକାଳୀନ ମୃତ୍ୟୁମୁଖରେ ପଡୁଛନ୍ତି। ପରିସଂଖ୍ୟାନ ଅନୁଯାୟୀ, ବାଲ୍ୟବିବାହ କ୍ଷେତ୍ରରେ ରାଜ୍ୟରେ ମାଲକାନଗିରି ଜିଲା ପ୍ରଥମ ଓ କୋରାପୁଟ ଜିଲା ଚତୁର୍ଥ ସ୍ଥାନରେ ରହିଛି। ନିରକ୍ଷରତା ଓ ସଚେତନତାର ଅଭାବ ଯୋଗୁ ବାଲ୍ୟ ବିବାହ ପ୍ରଥା ଆଶାନୁରୂପ ଭାବେ ବନ୍ଦ ହୋଇପାରି ନ ଥିବା ୟୁନିସେଫ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ସରକାର ଏ ଦିଗରେ ପ୍ରଭାବୀ ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣଭା ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲ୍ୟ ବିବାହ ରୋକିବା ପାଇଁ ଜିଲାପାଳଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ଉଦ୍ୟମ ଜାରି ରହିଛି।

### ୨୦୧୯-୨୦ରେ କୋରାପୁଟ ଜିଲାରେ ଅଟକିଛି ୪୯ ବାଲ୍ୟ ବିବାହ

୨୦୧୯-୨୦ରେ ଜିଲାରେ ୪୯ଟି ବାଲ୍ୟ ବିବାହ ରୋକିଥିଲା କୋରାପୁଟ ପ୍ରଶାସନ। ଗତ ଜାନୁଆରୀ ୧୮ରେ ବୈପାରିଗୁଡ଼ା ଥାନା ଲିମା ଗ୍ରାମରେ ବାଲ୍ୟ ବିବାହ ରୋକାଯାଇଥିଲା। ୩୦ ଜାନୁଆରୀରେ ଗୋଟିଏ ଦିନରେ ୫ଟି ବାଲ୍ୟ ବିବାହ ବନ୍ଦ କରିବାରେ ସଫଳ ହୋଇଥିଲା ପ୍ରଶାସନ। ବୈପାରିଗୁଡ଼ା ବ୍ଲକ ଦଣ୍ଡାବାଡ଼ି, ଚିପାକୁର, କୋଲାର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ବିବାହ ହେବାର ଥିଲା। ଦଣ୍ଡାବାଡ଼ି ଛତାଆମରେ ୨ ଜଣ ନାବାଳିକା, କୋଲାର ଜି. ମାଳିଗୁଡ଼ାରେ ଜଣେ ନାବାଳକ, ଚିପାକୁର ଓ କେନ୍ଦୁକୁଣ୍ଡରେ ୨ ଜଣ ନାବାଳିକାଙ୍କ ବିବାହ ରୋକାଯାଇଥିଲା। ଫେବୃଆରୀ ୫ରେ ଲକ୍ଷ୍ମୀପୁର ଓ ୬ରେ କୋଟପାଡ଼ ଓ ଲକ୍ଷ୍ମୀପୁରରେ ବାଲ୍ୟ ବିବାହରେ ହସ୍ତକ୍ଷେପ କରି ଅଟକାଇଥିଲା ପ୍ରଶାସନ।

# ଛତାବର ସିଏଚ୍‌ସିକୁ ନୂଆ ୧୦୮ ଆମ୍ବୁଲାନ୍ସ



ନୂଆ ଆମ୍ବୁଲାନ୍ସର ଉଦଘାଟନ କରାଯାଉଛି।

ରିଆମାଳ, ୮।୨ (ଡି.ଏନ.ଏ.)

ରିଆମାଳ ବ୍ଲକ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର ଏକ ନୂଆ ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଛି। ୨୦୧୩ରେ ଦିଆଯାଇଥିବା ଆମ୍ବୁଲାନ୍ସ ଅଚଳ ହୋଇ ପଡିଥିଲା। ତେଣୁ ନୂଆ ଆମ୍ବୁଲାନ୍ସ ପାଇଁ ଦାବି ହୋଇଆସୁଥିଲା। ନୂତନ ଆମ୍ବୁଲାନ୍ସକୁ ଡାକ୍ତର ରଞ୍ଜନ ନାୟକ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ଦେବଗଡ଼ ଜିଲା ଆମ୍ବୁଲାନ୍ସ ସଂଯୋଜକ ପ୍ରଦୀପ କୁମାର ପ୍ରଧାନ, ଇଏମ୍‌ଟି ବାବୁଲା ବେହେରା, ଆମ୍ବୁଲାନ୍ସ ସେବା ସଦସ୍ୟ ଉତ୍କଳ ଗୌରବ ପ୍ରଧାନ, ପାଇଲଟ ଜିତେନ୍ଦ୍ର ବେହେରା, ଲୁଲୁ ବେହେରା, ଚନ୍ଦନ କିଶାନ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତ୍ୟେକ ଲୋକ ଯଦି ନିଜ ଜମି ଖଣ୍ଡିକର ଯତ୍ନ ନିଅନ୍ତା, ଏ ପୃଥିବୀଟି କେତେ ସୁନ୍ଦର ହୋଇ ଯାଆନ୍ତା।

- ରବର୍ଟ ୱାଲ୍‌ପୋଲ୍

# ୧୨ରୁ ଟ୍ରେଡ୍ ଫେୟାର

- ୧୧୪ଟି ଷ୍ଟଲ ଲାଗିବ
- ପ୍ରତିଦିନ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର, ୮।୨ (ବ୍ୟୁରୋ)

ରୋଟାରି କ୍ଲବ ଅଫ୍ ସମ୍ବଲପୁର ସେଣ୍ଟ୍ରାଲ ପକ୍ଷରୁ ଆୟୋଜିତ ଟ୍ରେଡ୍ ଫେୟାର ଚଳିତ ମାସ ୧୨ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅଇଁଠାପାଲି ପିଏଚ୍‌ଡି ପଡ଼ିଆଠାରେ ହେବ। ୧୧୪ଟି ଷ୍ଟଲରେ ଘରୋଇ ସାମଗ୍ରୀ, ବିଭିନ୍ନ କମ୍ପାନୀର ସାମଗ୍ରୀ ବିକ୍ରୟ ହେବ । ପ୍ରତିଦିନ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରର ସୁବିଧା ଜନସାଧାରଣ ପାଇପାରିବେ । ସେହିପରି ପୁରୁଣା ଓ ଚିରା ନୋଟ ବଦଳି କରିବାକୁ ଏକ ସ୍ୱତନ୍ତ୍ର ଷ୍ଟଲ ଖୋଲାଯିବ । ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟା ୪ଟା ରୁ ୯ଟା ପର୍ଯ୍ୟନ୍ତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହେବ। ଏପରି କି ବେକାରୀ ଶିକ୍ଷିତ ଯୁବକମାନେ ନିଯୁକ୍ତି ସକାଶେ ବିଭିନ୍ନ କମ୍ପାନୀ ଲାଗି ଆବେଦନ ପତ୍ର ପଞ୍ଜୀକରଣ କରିପାରିବେ । ଏନେଇ ସ୍ୱତନ୍ତ୍ର ଷ୍ଟଲର ବ୍ୟବସ୍ଥା କରାଯାଇଛି। ଶନିବାର ସମ୍ବଲପୁର ଶିଳା ଟାୱାର ସଭା କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ଏହି ସୂଚନା ଦେଇଛନ୍ତି । ଖବରଦାତା ସମ୍ମିଳନୀରେ ଟ୍ରେଡ୍ ଫେୟାର ଅଧ୍ୟକ୍ଷ ଦିନେଶ ସିଙ୍ଘାନିଆଁ, ଜନସମ୍ପର୍କ ଅଧିକାରୀ ପ୍ରମୋଦ ରଥ, ଉପଦେଷ୍ଟା ଇଂ. ଶମ୍ଭୁ ଜଗତରାମକା ଓ ପ୍ରଦୀପ ଲାଠ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ସଭାପତି ଅରୁଣ ଟିବ୍ରିୱାଲ, ସମ୍ପାଦକ ଚନ୍ଦ୍ରଶେଖର ସାହା ଉପସ୍ଥିତ ଥିଲେ ।



ଶନିବାର ସମ୍ବଲପୁରରେ ଟ୍ରେଡ୍ ଫେୟାର ସମ୍ପର୍କରେ ଆୟୋଜକମାନେ ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

## ସଂକ୍ଷେପରେ

### ଥାନାରେ ଅଭିଯୋଗ ନେଇ ବୈଠକରେ ନିଷ୍ପତ୍ତି

**ପ୍ରଧାନମନ୍ତ୍ରୀ ଫସଲ ବୀମା ବିଭ୍ରାଟ**

ସମ୍ବଲପୁର,୮।୨(ବ୍ୟୁରୋ)

ସମ୍ବଲପୁର ଜିଲାରେ ୨୦୧୮ ଖରିଫ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ଚାଷୀଙ୍କୁ ମିଳିପାରୁ ନାହିଁ। ଏନେଇ ଦୀର୍ଘ ଦିନ ହେଲା ଆନ୍ଦୋଳନ ଜାରି ରହିଛି। ହେଲେ ଏଥିପ୍ରତି ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏନେଇ ରିଲାଇନ୍ସ ବୀମା କମ୍ପାନୀ ବିରୋଧରେ ଚାଷୀମାନେ ଥାନାରେ ଅଭିଯୋଗ କରିବାକୁ ବରେଇପାଲି ମାର୍କେଟୟାର୍ଡ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ପଶ୍ଚିମ ଓଡ଼ିଶା କୃଷକ ସଂଗଠନ ଆବାହାକ ଅଶୋକ ପ୍ରଧାନ, ହରିଶଙ୍କର ପୁରୋହିତ, ମୁରାରୀ ପୁରୋହିତ, କୁଶଧ୍ୱଜ ଚୌଧୁରୀ ପ୍ରମୁଖଙ୍କ ସହ ଶତାଧିକ ଚାଷୀ ବୈଠରେ ଉପସ୍ଥିତ ଥିଲେ। ଚାଷୀଙ୍କ ସମସ୍ୟାର ସମାଧାନ ନେଇ ଫେବ୍ରୁୟାରୀ ୭ ତାରିଖ ପଯ୍ୟନ୍ତ ପ୍ରଶାସନ ସମୟ ମାଗିଥିଲା। ହେଲେ ଚାଷୀମାନେ ଫେବ୍ରୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ପ୍ରଶାସନକୁ ସମୟ ଦେଇଛନ୍ତି। ଏହାରି ମଧ୍ୟରେ ଚାଷୀଙ୍କ ତାଲିକା ଘୋଷଣା କରାଯାଇ ଓ ଟଙ୍କା ଜମା ନ ହୁଏ ତେବେ ୧୧ ତାରିଖରେ କମ୍ପାନୀ ବିରୋଧରେ ଠକେଇ ଅଭିଯୋଗ କରାଯିବ ବୋଲି ଚାଷୀମାନେ ବୈଠକରେ ଚେତବାନୀ ଦେଇଛନ୍ତି । ସୂଚନା ଯୋଗ୍ୟ, ୨୦୧୮ ଖରିଫ ଫସଲ ବୀମା ବିଭ୍ରାଟ ଯୋଗୁ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି । ଏପରି କି କୁଚିଣ୍ଡା ଉପଖଣ୍ଡର ୫୫ଟି ପଞ୍ଚାୟତରେ ତାଲା ପଡିଛି। ଏପରି କ ଜାନୁୟାରୀ ୩ ତାରିଖରେ ଚାଷୀମାନେ କୁଚିଣ୍ଡା ଉପଜିଲାପାଳଙ୍କ ଅଫିସ ଘେରାଉ କରିଥିଲେ। ସେତିକିବେଳେ ପ୍ରଶାସନ ପକ୍ଷରୁ ୬ ତାରିଖ ପର୍ଯ୍ୟନ୍ତ ସମୟ ମଗାଯାଇଥିଲା। ଚାଷୀମାନେ ଫେବ୍ରୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ।

# ଜିଏମ୍‌ୟୁରେ ଜାତୀୟ ଆଲୋଚନାଚକ୍ର

ସମ୍ବଲପୁର,୮।୨(ବ୍ୟୁରୋ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ଶିକ୍ଷା ବିଭାଗ ପକ୍ଷରୁ ଏକବିଂଶ ଶତାବ୍ଦିରେ ଗାନ୍ଧୀ ଚିନ୍ତନର ପ୍ରାସଙ୍ଗିକତା ଶୀର୍ଷକ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଅମୃତବିହାରସ୍ଥିତ ଅଧ୍ୟାପନା ପ୍ରକୋଷ୍ଠ-୧ରେ ପ୍ରଫେସର ଶ୍ରୀବନ୍ତ ଦାଶଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଏନ୍‌ସିଇଆରଟି ନିର୍ଦ୍ଦେଶକ ପ୍ରଫେସର ହୃଷୀକେଶ ସେନାପତି ମୁଖ୍ୟଅତିଥି, କୁରୁକ୍ଷେତ୍ର ଶିକ୍ଷା ବିଭାଗ ପ୍ରାଧ୍ୟାପକ ରୀତା ଚୌପ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଉପକୁଳସଚିବ ଉମାଚରଣ ପତି ସ୍ୱାଗତ ଭାଷଣ ଓ ଶିକ୍ଷା ବିଭାଗ ସହକାରୀ ଅଧ୍ୟାପକ ଡ. ମହେନ୍ଦ୍ର ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଭାଗୀୟ ମୁଖ୍ୟ ତଥା ଆଲୋଚନାଚକ୍ର ଅବାହକ ଡ. ହରିହର ଷଡଙ୍ଗୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିଥିଲେ । ପୁନେସ୍ଥିତ ଜାତୀୟ ଆରକ୍ଷୀ ଏକାଡେମୀ ଇତିହାସ ବିଭାଗ ପ୍ରଫେସର ହରିହର ପଣ୍ଡା ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ପ୍ରଫେସର ଭଗବାନ ଜୟସିଂ, ପ୍ରଫେସର ମୀନକେତନ ପାଠି, ପ୍ରଫେସର ସୁଦର୍ଶନ ପାଣିଗ୍ରାହୀ, ପ୍ରଫେସର ଧିରେନ୍ଦ୍ର କୁମାର ମହାପାତ୍ର ଆଲୋଚନାଚକ୍ରରେ ଭାଗ ନେଇଥିଲେ । ଏହି ଅବସରରେ ଅତିଥିମାନେ ସ୍ମରଣୀକା ଉନ୍ମୋଚନ କରିଥିଲେ । ଶିକ୍ଷା ବିଭାଗ ଅଧ୍ୟାପକ ଗଜାନନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।




ଶନିବାର ଜିଏମୟୁଠାରେ ଆୟୋଜିତ ଜାତୀୟ ଆଲୋଚନାଚକ୍ରରେ ଅତିଥି ଓ ବକ୍ତାମାନେ।

## ବ୍ରୁକ୍ସହିଲ୍‌ରେ ହନୁମାନ ମହାଯଜ୍ଞ

ସମ୍ବଲପୁର,୮।୨(ବ୍ୟୁରୋ)

ବିଶ୍ୱଶାନ୍ତି ଲାଗି ବ୍ରୁକ୍ସହିଲ୍ ରାମ ମନ୍ଦିର ପରିସରରେ ଶ୍ରୀଶ୍ରୀ ହନୁମାନ ମହାଯଜ୍ଞ ଶନିବାର ସମ୍ପନ୍ନ ହୋଇଯାଇଛି। ହନୁମାନ ମନ୍ଦିର ପରିଚାଳନା କମିଟି ଆୟୋଜିତ ମହାଯଜ୍ଞ ସକାଳ ସାଢ଼େ ୭ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ପୂଜା, ହବନ, ପୂର୍ଣ୍ଣାହୂତି ନୀତି ହୋଇଥିଲା । ପଣ୍ଡିତ ବ୍ୟାସଦେବ ପଣ୍ଡା ପୂଜାକାର୍ଯ୍ୟ ସମ୍ପାଦନା କରିଥିଲେ। ସନ୍ତୋଷ ଦାଶ ସହଯୋଗ କରିଥିଲେ। ବାଣି ମହାପାତ୍ର ଓ ସଞ୍ଜୟ ମହାନ୍ତି, ରାଜୀବ ଶତପଥୀ, ରାଜୀବ ପାଢ଼ୀ, ଅନନ୍ତ ମହାନ୍ତି, କ୍ଷୀରୋଦ ବେହେରା, ବସନ୍ତ ମହାରଣା, ହର୍ଷ ସାନବଡ କର୍ତ୍ତା ଥିଲେ । ହନୁମାନ ମନ୍ଦିର ପୂଜକ ହରିଶ୍ଚନ୍ଦ୍ର ମିଶ୍ର ସହଯୋଗ କରିଥିଲେ ।



ଶନିବାର ସମ୍ବଲପୁର ବ୍ରୁକ୍ସହିଲ୍ ରାମ ମନ୍ଦିରରେ ହନୁମାନ ମହାଯଜ୍ଞ ଚାଲିଛି ।

## ଭିସୁଟରେ ଗଣିତ ସମ୍ମିଳନୀ ଉଦ୍‌ଘାଟିତ

ସମ୍ବଲପୁର,୮।୨(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଗଣିତ ବିଭାଗରେ ଜାତୀୟ ଗଣିତ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି । ଗଣିତ ଓ ଟିଇକ୍ୟୁଆଇପି-୩ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା । କୁଳପତି ପ୍ରଫେସର ଅଟଳ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଆମେରିକା ଫ୍ଲୋରାଇଡ ବିଶ୍ୱ ବିଦ୍ୟାଳୟର ପ୍ରଫେସର ରାମନାରାୟଣ ମହାପାତ୍ର, ମୁଖ୍ୟବକ୍ତା ଭାବେ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାଥମେଟିକ୍ସ ଆଣ୍ଡ ଆପ୍ଲିକେସନ ପୂର୍ବତନ ନିର୍ଦ୍ଦେଶକ ସୁଦର୍ଶନ ପାଢୀ ଯୋଗ ଦେଇଥିଲେ। ସମ୍ମାନିୟ ଅତିଥି ଭାବେ ତୁର୍କିର ଉଏଡାଗ ବିଶ୍ୱବିଦ୍ୟାଳୟ ପ୍ରଫେସର ଆଇ ଏନ ଚାଙ୍ଗୁଲ, ଆମେରିକା ଆଲାସ୍କା ବିଶ୍ୱବିଦ୍ୟାଳୟ ପ୍ରଫେସର ଦେବେନ ଦାସ, ନେପାଳ ତ୍ରିଭୁବନ ବିଶ୍ୱବିଦ୍ୟାଳୟ ପ୍ରଫେସର ଟି.ଏନ୍ ଆମଲା, ଭୀସୁଟ ପ୍ରଫେସର ଅମରନାଥ ନାୟକ, ପ୍ରଫେସର ଉମାରଞ୍ଜନ ଜେନା ଉପସ୍ଥିତ ରହିଥିଲେ। ଅତିଥିମାନେ ଗଣିତର ବିଭିନ୍ନ ଦିଗ ଏବଂ ଗବେଷଣା ସମ୍ପର୍କରେ ଆଲୋକପାତ କରିଥିଲେ । ଦେଶ ତଥା ଦେଶ ବାହାରୁ ୧୩୦ରୁ ଅଧିକ ଗବେଷଣାପତ୍ର ଉପରେ ଆଲୋଚନା ହୋଇଥିଲା । ଡ.ସରୋଜ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଯୋଗଦେଇଛନ୍ତି ।

## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦ ପ୍ରସ୍ତୁତି ବୈଠକ

ସମ୍ବଲପୁର, ୮।୨ (ବ୍ୟୁରୋ)

ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୧୧ ତାରିଖ ଦୁର୍ଗାପାଲି ସ୍ଥିତ ଗୁଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପରିଷଦର ବାର୍ଷିକଉତ୍ସବ କରିବାକୁ ସ୍ଥିର କରାଯାଇଛି । କନ୍ଧମାଳ ଜିଲା ସମେତ ପଶ୍ଚିମ ଓଡ଼ିଶାର ୧୦ଟି ଜିଲାର ସହସ୍ରାଧିକ କୀର୍ତ୍ତନ କଳାକାର ଯୋଗ ଦେବେ କାଯର୍‌ୟକ୍ରମ ରହିଛି ବୋଲି ପରିଷଦର ସମ୍ପାଦକ ଲୋକନାଥ ମିଶ୍ର ସୂଚନା ଦେଇଛନ୍ତି ।

## ଯୁବକଙ୍କୁ ମାଡ଼: ଥାନାରେ ଅଭିଯୋଗ

ସମ୍ବଲପୁର,୮।୨(ବ୍ୟୁରୋ)

ସମ୍ବଲପୁର ଜିଲା ହରାକୁଦ ଥାନା ହନୁମାନ ମନ୍ଦିର ନିକଟରେ ଇସମାଇଲ ତାଣ୍ଡି ନାମକ ଯୁବକଙ୍କୁ ମାଡ ମରାଯାଇଥିବା ଅଭିଯୋଗ ହୋଇଛି। ଇସମାଲିଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୬/୨୦)ରୁଜୁ କରିଛି। ଅଭିଯୋଗ କ୍ରମେ ମନ୍ଦିର ନିକଟରେ ସେ ଛିଡା ହୋଇଥିବା ସମୟରେ ଦୁଇଜଣ ଯୁବକ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାରପିଟ କରିଥିଲେ। ମୁଣ୍ଡରେ ଆକ୍ରମଣ କରିବାକୁ କ୍ଷତ ହୋଇଯାଇଛି ବୋଲି ଅଭିଯୋଗ କରିଥିଲେ ।

# ଆତଙ୍କବାଦ ବିରୋଧରେ ଏକାଠି ଲଢ଼ିବେ ଭାରତ-ଶ୍ରୀଲଙ୍କା

ନୂଆଦିଲ୍ଲୀ,୮।୨(ପି.ଟି.)

ଦକ୍ଷିଣ ଏସିଆରେ ଆତଙ୍କବାଦ ନିରୋଧୀ ଲଢ଼େଇରେ ପରସ୍ପର ସହଯୋଗ ବଢ଼ାଇବାକୁ ଭାରତ ଓ ଶ୍ରୀଲଙ୍କା ଶନିବାର ସହମତ ହୋଇଛନ୍ତି। ଭାରତ ଗସ୍ତରେ ଆସିଥିବା ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେ ଓ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଆତଙ୍କବାଦ ସମେତ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଦକ୍ଷିଣ ଏସିଆ ପାଇଁ ଆତଙ୍କବାଦ ସବୁଠୁ ବଡ଼ ବିପଦ ହୋଇଥିବାରୁ ଏଥିପାଇଁ ଏକାଠି ଲଢ଼ିବାକୁ ହେବ ବୋଲି ଉଭୟ ନେତା କହିଛନ୍ତି। ଗତବର୍ଷ ଏପ୍ରିଲରେ ହୋଇଥିବା ଇଷ୍ଟର ଆକ୍ରମଣ କେବଳ ଶ୍ରୀଲଙ୍କା ନୁହେଁ ସମଗ୍ର ମାନବଜାତି ଉପରେ ଆକ୍ରମଣ ଥିଲା। ଶ୍ରୀଲଙ୍କାର ପୋଲିସ ଅଧିକାରୀମାନଙ୍କୁ ଭାରତ ଆତଙ୍କବାଦ ନିରୋଧୀ ଲଢ଼େଇ ପାଇଁ ପ୍ରଶିକ୍ଷଣ ଦେଉଥିବା ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ସେହିପରି ଶ୍ରୀଲଙ୍କାରେ ଥିବା ତାମିଲ ସମ୍ପ୍ରଦାୟର ସବୁ ଆଶା ଆକାଂକ୍ଷା ରାଜପାକ୍‌ସେ ସରକାର ପୂରଣ କରିବା ନେଇ ଭାରତ ଆଶାବାଦୀ। କେବଳ ଶ୍ରୀଲଙ୍କା ନୁହେଁ ସମଗ୍ର ଭାରତ ମହାସାଗର ଅଞ୍ଚଳରେ ସ୍ଥିରତା, ସୁରକ୍ଷା ଓ ବିକାଶ ଭାରତ ଚାହେଁ ବୋଲି ଆଲୋଚନା ଅବସରରେ ମୋଦି କହିଥିଲେ। ଶ୍ରୀଲଙ୍କା ବିକାଶରେ ଭାରତ ବିଶ୍ୱସ୍ତ ସହଯୋଗୀ ରହିଆସିଛି ଓ ରହିବ ବୋଲି ସେ ଗଣମାଧ୍ୟମକୁ କହିଥିଲେ।



ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପାକ୍‌ସେଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ବୈଷ୍ଣୋଦେବୀ ମନ୍ଦିରରେ ଜାଗରଣ

ସମ୍ବଲପୁର,୮।୨(ବ୍ୟୁରୋ)

କ୍ଷେତରାଜପୁର ମା' ବୈଷ୍ଣୋଦେବୀ ମନ୍ଦିର ପରିସରରେ ଜାଗରଣ ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ମହାନଦୀ ସମଲେଶ୍ୱରୀ ଘାଟରୁ ଭକ୍ତମାନେ କଳସ ମୁଣ୍ଡେଇ ସହର ପରିକ୍ରମା କରି ଜାଗରଣ ସ୍ଥଳରେ ପହଞ୍ଚି ଥିଲେ । ସନ୍ଧ୍ୟାରେ ରୀତିନୀତି ଓ ପରମ୍ପରାରେ ପୂଜାର୍ଚ୍ଚନା କରାଯାଇଥିଲା । ମଥୁରାର ପ୍ରିୟଙ୍କା ଚୌଧୁରୀ, ପ୍ରୟାଗରାଜର ଜୁଲି ସିଂ ଏବଂ ଦିଲ୍ଲୀର ଶିବମ୍ ଓ ଦଳ ଭଜନ ପରିବେଷଣ କରିଥିଲେ। ମନ୍ଦିର ଟ୍ରଷ୍ଟି ଦିନଦୟାଲ ବରେଲିଆ, ମଙ୍ଗତୁରାମ ଅଗ୍ରୱାଲ, ଅଶୋକ ଅରୋରା, କେୱଲ ନୈନ ସେହେଗଲ, ଶିବଶଙ୍କର ରାଠି, ମାଧବ ଡାଲମିଆଁ, ଜ୍ଞାନପ୍ରକାଶ ଅଗ୍ରୱାଲ, ପ୍ରଦୀପ କୁମାର କାଶ୍ମୀର, ଅଜୟ କୁମାର ପୌଦ୍ଦାର, ରମେଶ ଭାଇ ପଟେଲ, ପ୍ରହଲ୍ଲାଦ ରାୟ ଫରମାନିଆଁ, ପ୍ରେମକୁମାର ମୁର୍ଝାନିଙ୍କ ତତ୍ତ୍ୱାବଧାନରେ କାଯର୍‌ୟକ୍ରମ ହୋଇଥିଲା । ବରଗଡ, ସମ୍ବଲପୁର, ରାଉରକେଲା, ଛତିଶଗଡ, ଝାରସୁଗୁଡା ପ୍ରଭୃତି ଅଞ୍ଚଳରୁ ଭକ୍ତଙ୍କ ସମାଗମ ହୋଇଥିଲା ।



ଶନିବାର ସମ୍ବଲପୁର ବୈଷ୍ଣୋଦେବୀ ମନ୍ଦିରରେ ବିଶାଳ ଜାଗରଣ ଲାଗି ମହିଳାମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି ।

## ଲୁଟ୍ ଉଦ୍ୟମ: ୨ ଯୁବକ ଗିରଫ

ବାମରା,୮।୨(ଡି.ଏନ.ଏ.)

ବାମରା ଅଞ୍ଚଳରେ ଶୁକ୍ରବାର ରାତ୍ରିରେ ଲୁଟ ଉଦ୍ୟମ କରୁଥିବା ୨ଜଣ ଯୁବକଙ୍କୁ ଗୋବିନ୍ଦପୁର ଥାନା ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡଡୁମେରମୁଣ୍ଡାର ସୁଜିତ ବଗାର(୨୮) ଏବଂ ଗୋବିନ୍ଦପୁର ନ୍ୟୁକଲୋନୀର ପ୍ରିନ୍ସ କୁମାର ପାତ୍ର (୩୧)। ମିଳିଥିବା ସୂଚନା ମୁତାବକ, ଶୁକ୍ରବାର ଟେନସା ଅଞ୍ଚଳରୁ ବାମରା (ବେଲାପଡ଼ା) ସ୍ଥିତ ଏକ ସ୍ପଞ୍ଜ ଆଇରନ୍ କାରଖାନାକୁ ମାଲ ବୋଝେଇ ୨ଟି ୧୪ଚକିଆ ଟ୍ରକ୍(ନଂ.ଓଡି ୧୪ଏସ-୫୧୬୧ ଏବଂ ଓଡି୧୪ଏସ୍-୧୫୬୧) ଆସିଥିଲା। ମାଲ ଅନ୍‌ଲୋଡ କରି ଟ୍ରକ୍ ଦ୍ୱୟ ଫେରୁଥିବା ବେଳେ ରାତ୍ରି ପ୍ରାୟ ସାଢ଼େ ୧୨ଟାରେ ଡୁମେରମୁଣ୍ଡା ଗାଁ ନିକଟରେ ୨ଜଣ ଯୁବକ ଟ୍ରକକୁ ଅଟକାଇଥିଲେ। ପରେ ସେମାନେ ଟ୍ରକ ଡ୍ରାଇଭରଙ୍କୁ ଗାଳିଗୁଲଜ କରିବା ସହ ଟଙ୍କା ଦେବାକୁ ଧମକ ଦେଇଥିଲେ। ଏପରି କି ଟ୍ରକକୁ ଭଙ୍ଗାରୁଜା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ଘଟଣାରେ ସମ୍ପୃକ୍ତ ସୁଜିତ ଏବଂ ପ୍ରିନ୍ସଙ୍କୁ ଗିରଫ କରିଥିଲା। ପୋଲିସ ଦଫା ୩୯୩, ୪୨୭, ୨୯୪ ଓ ୩୪ରେ ଏକ ମାମଲା(ନଂ.୨୩/୨୦)ରୁଜୁ କରି ଗିରଫ ଦୁଇ ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ସବ୍‌ଇନ୍‌ସପେକ୍ଟର ଥୋମାସ କେର୍କେଟା ପ୍ରକାଶ କରିଛନ୍ତି ।

## ରୋଗୀ ସମ୍ପର୍କୀୟଙ୍କଠାରୁ ଟଙ୍କା ଲୁଟ୍

ସମ୍ବଲପୁର,୮।୨(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭୀମସାରରେ ଚିକତ୍ସିତ ରୋଗୀ ସମ୍ପର୍କିୟ ରେଢାଖୋଲ ଥାନା ଖଲିଆମାଲର ଶରତ ଗଡୁଆଙ୍କଠାରୁ ଟଙ୍କା ଲୁଟ ହୋଇଛି । ଅଭିଯୋଗକ୍ରମେ ଶରତ ସମ୍ପର୍କୀୟମାନଙ୍କ ସହ ନଦୀ ଘାଟକୁ ଗାଧୋଇବାକୁ ଯାଇଥିଲେ । ସେ ସମୟରେ ୩ ଜଣ ଦୁର୍ବୃତ୍ତ ବାଇକରେ ଆସି ଭୁଜାଲି ଦେଖାଇ ୩୦ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ବୁର୍ଲା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ କରିବା ସହ ଘଟଣାର ଅଧିକ ତଦନ୍ତ ଚଳାଇଛି। ହେଲେ ପୋଲିସ ଦୁର୍ବୃତ୍ତମାନଙ୍କୁ ଧରାଇବାରେ ବିଫଳ ହୋଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନାର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଶରତଙ୍କ ସ୍ତ୍ରୀ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି।

## ସ୍ୱାଧୀନତା ସଂଗ୍ରାମୀ ସ୍ମୃତିଭବନରେ ବଜେଟ ଆଲୋଚନାଚକ୍ର

ସମ୍ବଲପୁର, ୮।୨ (ବ୍ୟୁରୋ)

ଓଡିଶା ସାଂସ୍କୃତିକ ସମାଜ ଓ ଭାରତ ବିକାଶ ପରିଷଦ ମିଳିତ ଆୟୋଜନରେ ବଜେଟ-୨୦୨୦ ଶୀର୍ଷକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍ୱାଧିନତା ସଂଗ୍ରାମୀ ସ୍ମୃତି ଭବନଠାରେ ପ୍ରଫୁଲ୍ଲ କୁମାର ହୋତାଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଅର୍ଥନୈତିଜ୍ଞ ଡ. ଦିଲୀପ କୁମାର ପଣ୍ଡା ଆଲୋଚକଭାବେ ଯୋଗଦେଇ କେନ୍ଦ୍ରୀୟ ବଜେଟ ଉପରେ ଆଲୋଚନା କରିଥିଲେ। ଭାରତ ବିକାଶ ପରିଷଦ ସଭାପତି ଡା. ବିନୋଦ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ସତ୍ୟବ୍ରତ ପତି ସୂଚନା ପ୍ରଦାନ କରିଥିଲେ। ଶ୍ୟାମସୁନ୍ଦର ଶର୍ମା ଅତିଥି ସ୍ୱାଗତ କରିଥିଲେ। ସରୋଜ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସୁମାହିକ ସଂଗୀତ ଗାନ କରାଯାଇଥିଲା। ଜେ. ଗିରିଜାଦେବୀ ମନ୍ତ୍ରପାଠ କରିଥିଲେ। ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ନନ୍ଦଲାଲ ଅଗ୍ରୱାଲ ନୂଆ ବଜେଟରେ ଆୟକର ବିଷୟରେ ସୂଚନା ଦେଇଥିଲେ। ଶେଷରେ ପ୍ରଶ୍ନଉତ୍ତର କାର୍ଯ୍ୟକ୍ରମ ହୋଇଥିଲା ।




ସମ୍ବଲପୁରରେ ଡ. ଦିଲୀପ କୁମାର ପଣ୍ଡା ବଜେଟ ଉପରେ ବକ୍ତବ୍ୟ ପ୍ରଦାନ କରୁଛନ୍ତି ।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି ସିଏ ହିଁ ସବୁଠାରୁ ଶକ୍ତିଶାଳୀ।

- ସେନେକା



## ସଂକ୍ଷେପରେ...

### ଅଜଣା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବରଗଡ଼ ଅଫିସ୍,୮।୨

ବରଗଡ଼ ଘରୋଇ ବସଷ୍ଟାଣ୍ଡ ନିକଟରେ ଶନିବାର ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବୃଦ୍ଧଙ୍କ ପରିଚୟ ମିଳିପାରିନାହିଁ । ସ୍ଥାନୀୟ ଟାଉନ ଥାନା ପୋଲିସ ମୃତଦେହ ଜବତ କରିବା ସହ ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ବୋଲି ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଝାରୀ କହିଛନ୍ତି ।

### ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପଦ୍ମପୁର, ୮।୨ (ଡି.ଏନ.ଏ)

ପଦ୍ମପୁର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଛି । ଅଧକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଉପଜିଲାପାଳ ତନ୍ମୟ କୁମାର ଦରୱାନ ମୁଖ୍ୟଅତିଥି, ଅବସରପ୍ରାପ୍ତ ଅଧକ୍ଷ କେଶରଞ୍ଜନ ପ୍ରଧାନ ମୁଖ୍ୟବକ୍ତା, ହାସ୍ୟକବି ଗୁଣନିଧି ସାଲମା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅଧାପିକା ଡ. ସ୍ୱାଗତିକା ଦଳପତ ଅତିଥି ପରିଚୟ କରିଥିବା ବେଳେ ଉତ୍ସବକୁ ସୁଧାରାଣୀ ହୋତା ସଂଯୋଜନା କରିଥିଲେ। ସାଂସ୍କୃତିକ ପରିଷଦ ଉପସଭାପତି ଅଧାପିକା ସସ୍ମିତା ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ। କେଶରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶିତ ନାଟକ 'ନାରୀ ଖାଲି ଦିହି ନୁହେଁ' ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ମମତା ସାହୁ, ଉର୍ମିଳା ପଣ୍ଡା, ସୁମତି ସାହୁ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶେଷରେ ବିଷ୍ଣୁ ପ୍ରସାଦ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଣ୍ଡିରୁ ଧାନ ଉଠୁନି, ବର୍ଷାରେ ଭିଜୁଛି

ଜହ୍ନାପଙ୍କ, ୮।୨ (ଡି.ଏନ.ଏ)

ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ଓ ତେଲିବନ୍ଧ ପ୍ୟାକ୍ସ ଦ୍ୱାରା ପରିଚାଳିତ ଅସ୍ଥାୟୀ ଲକ୍ଷ୍ମୀପ୍ରସାଦ ମଣ୍ଡିରେ ସପ୍ତାହେ ହେଲା ଚାଷୀଙ୍କ ଧାନ ଉଠାଣ ନ ହୋଇ ପଡିରହିଛି। ଅଦିନିଆ ବର୍ଷାରେ ଏହି ଧାନ ଭିଜିଯାଇଥିବା ବେଳେ ମିଲର୍ସଙ୍କ ଦେଖାନାହିଁ। ଗତ ୧ ତାରିଖରୁ ଲକ୍ଷ୍ମୀପ୍ରସାଦ ମଣ୍ଡିରେ ଚାଷୀ ନବୀନ କର୍ଣ୍ଣ, ଅନିରୁଦ୍ଧ ନାଏକ, ସୁରେଶ ନାଏକ, ଦିବାକର ସାହୁ, ଝୁମୁରୁ ପୃଷ୍ଟି, ଗଣେଷ ଜେନା, ଖଗେଶ୍ୱର ପ୍ରଧାନ, ସୁରେଶ କଲତା ପ୍ରମୁଖ ଚାଷୀଙ୍କ ପ୍ରାୟ ୧୨୦୦ ବସ୍ତା ଧାନ ଗଦା ହୋଇ ରହିଛି। ଅଧିକାଂଶ ଚାଷୀ ଗତ ୨୪ ତାରିଖ ଓ ୩୧ ତାରିଖରୁ ଧାନ ବିକିବା ପାଇଁ ଟୋକନ ପାଇଛନ୍ତି । ମାତ୍ର ଏଯାଏ ସେମାନଙ୍କ ଧାନ ବିକ୍ରି ହୋଇପାରିନାହିଁ ।

ସୂଚନାଯୋଗ୍ୟ, ସପ୍ତାହରେ ଗୋଟିଏ ଦିନ ଏଠାରୁ ଧାନକ୍ରୟ ପାଇଁ ବ୍ୟବସ୍ଥା ରହିଛି। ଗୋଟିଏ ଗାଡିରେ ଯେତିକି ଧାନ ଲୋଡ ହୁଏ ସେତିକି ମିଲର୍ସ ଉଠାଇଥାନ୍ତି। ବଳକା ଧାନ ପାଇଁ ପରଦିନ ମିଲର୍ସ ଗାଡି ପଠାଇବା କଥା । କିନ୍ତୁ ବର୍ଷାର ଆଳ ଦେଖାଇ ମିଲର୍ସ ଗାଡି ପଠାଉ ନ ଥିବାରୁ ଧାନ ଗୁଡିକ ବର୍ଷାରେ ଭିଜୁଛି । ଧାନ ଘୋଡାଇ ରଖିବାକୁ ପ୍ୟାକ୍ସ ପକ୍ଷରୁ କୌଣସି ତାରପୋଲିନର ବ୍ୟବସ୍ଥା ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ଚାଷୀମାନେ ଯୋଗାଣ ଅଧିକାରୀ ଓ ପ୍ୟାକ୍ସ କର୍ମଚାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନି । ଗତ ବର୍ଷଠାରୁ ଲକ୍ଷ୍ମୀପ୍ରସାଦ ଅସ୍ଥାୟୀ ମଣ୍ଡି ଖୋଲାଯାଇଥିଲେ ମଧ ମଣ୍ଡିରେ ଧାନକ୍ରୟ ନିମନ୍ତେ ଯେଉଁ ସୁବିଧା ଚାଷୀଙ୍କୁ ଯୋଗାଇ ଦେବା କଥା ତାହା ହୋଇନାହିଁ । ଟାର୍ଗେଟ ଶେଷ ହୋଇଯାଉଥିବାରୁ ଧାନକ୍ରୟ ନେଇ ମନ୍ଥରତା ପ୍ରକାଶ ପାଇଥିବା ପ୍ୟାକ୍ସ ସୂତ୍ରରୁ ଜଣାପଡିଛି । ଏ ନେଇ ଖୁଣ୍ଟବନ୍ଧ ସେବା ସମବାୟ ସମିତିର ସମ୍ପାଦକ ଦେବାଶିଷ ମିଶ୍ରଙ୍କୁ ପଚାରିବାରୁ ମିଲର୍ସ ଗାଡି ପଠାଉ ନ ଥିବାରୁ ଏ ସମସ୍ୟା ଦେଖାଦେଇଛି ବୋଲଇ କହିଛନ୍ତି । ତୁରନ୍ତ ଏହି ସମସ୍ୟାର ସମାଧାନ କରା ନ ଗଲେ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।



ଲକ୍ଷ୍ମୀପ୍ରସାଦ ମଣ୍ଡିରେ ଚାଷୀଙ୍କ ଧାନ ଗଦା ହୋଇଛି ।

## ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ଦେଓଗାଁ, ୮।୨(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନି ଷ୍ଟାଡିୟମରେ ଚାଲିଥିବା ୧୦ ମ ପାଟଖଣ୍ଡା ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା । ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା ବଲାଙ୍ଗୀର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଶାନ୍ତ ସିଂ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ବଲାଙ୍ଗୀର ଜିଲାରେ କଳା ଓ ସଂସ୍କୃତିର ଉତ୍କର୍ଷତା ରହିଛି ବୋଲି କହିଥିଲେ । ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ବ୍ଲକ ଅଧକ୍ଷା ରୀନା ମେହେର, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ କୁମାର ମେହେର, ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ, ପ୍ରମୋଦ କୁମାର ବହିଦାର, କରୁଣାକର ମେହେର. ସମ୍ପାଦକ କୈଳାସ କର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ ।

## ସ୍ଥିତି ପରଖିଲା ଜିଲା ଶିଶୁ ମଙ୍ଗଳ ୟୁନିଟ, ସିଡବ୍ଲୁସି ଟିମ୍

ଦେଓଗାଁ, ୮।୨(ଡି.ଏନ.ଏ.)

ଦେଓଗାଁ ଥାନା ସିଲେଟକାନୀରେ ଏକ ୧୧ବର୍ଷର ଶିଶୁ ୧୪ ଦିନ ନିଖୋଜ ପରେ ଗାଁ ନିକଟସ୍ଥ ନଦୀପଠାରୁ ପୋଲିସ ଅସ୍ଥି କଙ୍କାଳ ଉଦ୍ଧାର କରିଥିଲା । ଶୁକ୍ରବାର ସନ୍ଧ୍ୟାରେ ଜିଲା ଶିଶୁ ମଙ୍ଗଳ ୟୁନିଟ ଓ ସିଡବ୍ଲୁସିର ଏକ ଦଳ ଗାଁକୁ ଯାଇ ନିଖୋଜ ଶିଶୁ ବାବୁଲାଲର ପରିବାର ସହ ଆଲୋଚନା କରିଛନ୍ତି। ମୃତ ଶିଶୁର ବାପା ଉଗ୍ରସେନ ବରୀ୍ତ ଓ ତାଙ୍କ ସହ ଇଟାଭାଟିରେ କାମ କରୁଥିବା ଦାସ ବାରିକଙ୍କ ସହ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ତଦନ୍ତ ଅବସରରେ ମୃତ ଶିଶୁର ବାପା ଉଗ୍ରସେନ ତାଙ୍କ ସହ କାହାରି ଶତ୍ରୁତା ନ ଥିବା କହିଥିଲେ। ତେବେ ଗାଁର ଜନୈକ ବ୍ୟକ୍ତି ଶିଶୁ ନିଖୋଜର କିଛିଦିନ ତଳେ ହଣ୍ଡା(ଗୁପ୍ତଧନ) ପାଇଁ ତାନ୍ତ୍ରିକ ଡାକୁଥିବାରୁ ସେଥିପ୍ରତି ତାଙ୍କର ସନ୍ଦେହ ରହିଥିବା ପ୍ରକାଶ କରିଥିଲେ । ଉକ୍ତ ଟିମରେ ଜିଲା ଶିଶୁ ମଙ୍ଗଳ ୟୁନିଟର ଅଧିକାରୀ ଲକ୍ଷ୍ମୀ ସିଂ, ସିଡବ୍ଲୁସି ଅଧକ୍ଷ ଯୋଗେଶ୍ୱର ମହାନ୍ତି, ଶିଶୁ ସୁରକ୍ଷା ଅଧିକାରୀ ଭଗବତୀ ଗୁରୁ, ସାମାଜିକ କର୍ମୀ ଅରୁଣ ଖୁଆସ, ବିଦ୍ୟୁତଲତା ଖମାରୀ, ଦେଓଗାଁ ଥାନା ଏସଆଇ କିଶୋର ଚନ୍ଦ୍ର ପତି, ବଡବନ୍ଧ ସରପଞ୍ଚ ଧ୍ରୁବଳେ ରାଉତ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିଲେ । ଅନ୍ୟପକ୍ଷେ ତୁରନ୍ତ ଅଭିଯୁକ୍ତଙ୍କୁ ଖୋଜି ବାହାର କରିବାକୁ ଯାଦବ ସମାଜ ଦାବି କରିଛି। ଏଦିଗରେ ଅବହେଳା କଲେ ଆଗାମୀ ଦିନରେ ଥାନା ଘେରାଉ ସହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## କାମଧନ୍ଦା ଅଭାବୁ ବଢୁଛେ ଦାଦନ ସମସିଆ

କାମଟିକ୍ରା, ୮।୨ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ଉଭଏ ସରକାର ଗରିବ୍ ଦୁଖି, ଖଟିଖିଆଙ୍କର ଲାଗି ଅନେକ ଯୋଜନା କାଯ୍‌କାରୀ କରୁଛନ୍। ସେମାନେ କେନ୍‌ଥେଇ ନିଜର ଅଂଚଲରେ କାମ୍‌ଧନ୍ଦା ପାଇପାରବେ ସେଥିର ବେବସ୍ତା କରୁଛନ୍। ହେଲେ ଅନେକ ଜାଗାରେ ସରକାରଙ୍କର ଇ ମହତ୍ ଯୋଜନାର ଲାଭ୍ ହକ୍‌ଦାର ହିତାଧିକାରୀମାନକର ପାସ୍‌କେ ପୁହୁଁଚି ନାଇଁପାରବାର। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଲୋକସଭା ମଣ୍ଡଳୀ ଅଧୀନ ଅତାବିରା ନିରବାଚନ ମଣ୍ଡଳୀରେ।

ସୂଚନା ଅନ୍‌ସାରେ ଅତାବିରା ନିରବାଚନ ମଣ୍ଡଳୀର ଅନେକ ଗାଁରେ ସରକାରଙ୍କର ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆମ ଗାଁ ଆମ ବିକାଶ ଯୋଜନା ବାଟବନା ହେଇଛେ। ଏନ୍‌ତାଥି ଇ ନିରବାଚନ ମଣ୍ଡଳୀ ଅଧୀନ ଗୁର୍ଖାପାଲି, ଝରାପାଲି, କୁସନପୁରି, ବର୍କଟ, ମହୁଲେ, ପତ୍ରାପାଲି, ତୁରୁମ, ବାଦୀ ଲେଖେଁ ଗାଁମାନକେ ଲୋକ୍ କାମ୍‌ଧନ୍ଦା ଅଭାବୁ ପେଟ୍‌ପାଟନା ଲାଗି ଦାଦନ ଖଟି ଯାଉଛନ୍। ହେଲେ ଦାଦନ ଶ୍ରମିକ ଘରକେ ଫିରବା କି ନାଇଁ ତାର କିଛି ଠିକ୍‌ଠିକାନା ନାଇଁ। ଦାଦନ ଶ୍ରମିକ କେତେବେଲେ ନିଜର ଗୋଡ଼ହାତ ହରେଇ ଅକରମା ହେଇ ଘରକେ ଫିରୁଚେ ତ ଆର କେତେବେଲେ ଲାସ ହେଇ ଫିରୁଛେ। ମାସକେତେ ତଲେ ଏନ୍‌ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଳିଥିଲା ଭେଡ଼େନ ବ୍ଲକ କୁସନପୁରି ଗାଁରେ। ଇ ଗାଁର ମେଙ୍ଗରାଜ ସୁନା(୫୦) ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଚନ୍ଦାବରନର ଗୁଟେ ଇଟାଭାଟିଥି କାମ୍ କରୁଥିଲେ। ସେଠାନେ ତାକର ଦିହପା ଖରାପ ହେଲା। ହେଲେ ଭାଟି ମାଲିକ ତାକର ଉଷୋକଷା ନାଇଁ କଲାରୁ ସେଠାନେ ତାକର ମୁରତୁ ହେଇଥିଲା। ଇ ଅଂଚଲରୁ ପାଖାପାଖି ସବୁ ଘରୁ ଝନେ ଦୁଇଝନ୍ ଲେଖେଁ ଦାଦନ ଖଟି ଯାଉଛନ୍। ଅଂଚଲରେ ଏନ୍‌ତା ବି କେତେ ପରିବାର ଅଛନ୍ ଯେନ୍‌ମାନେ କୁଟୁମବସିଆ ଦାଦନ ଖଟିଯାଉଛନ୍। ସେମାନକର ଘରେ ବଛର ବଛର ହେଲା ଆଏଜ୍ ବି ତାଲା ପଡ଼ିଛେ। ଇଆଡ଼େ କେନ୍ଦ୍ର ଆର ରାଏଜ୍ ସରକାର ଦାଦନ ସମସିଆ ସଂଗେ ଯୁଝିବାର ଲାଗି ଯୋଜନା ଉପରେ ଯୋଜନା ତିଆର କରି କୋଟି କୋଟି ଟଁକା ଖରଚ୍ କରୁଛନ୍। ଗାଁଗଁଲି, ଗରିବ୍ ଦୁଖିକର ବିକାଶ କଥା କହୁଛନ୍। ଗାଁଗଁଲି ବିକାଶ ତ ଅଲଗ କଥା, ଦାଦନ ସମସିଆରୁ ଫଟିକ ବୁଝାପଡୁଛେ ଯେ ସରକାରଙ୍କର ଯୋଜନା ହକ୍‌ଦାର ହିତାଧିକାରୀଙ୍କର ପାସେ ପୁହୁଁଚି ନାଇଁପାରବାର। ଗାଁର ବିକାଶ ସେଦିନ ହେବା, ଯେନ୍‌ଦିନ ଗାଁର ଗରିବ୍ ଦୁଖି ଫିଦିନ କାମ୍ ପାଏବେ। ସବୁଦିନ ପଏସା ରୁଜଗାର କରବାର ସୁଯୋଗ ପାଏବେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଲା ମଞ୍ଚ

ବୌଦ୍ଧ/ବାଉଁଶୁଣୀ,୮।୨(ସ୍ୱପ୍ର)

ବାଉଁଶୁଣୀ ଠାରେ ଆୟୋଜିତ ଦିତୀୟ ଲୋକ ମହୋତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା । ଏହି ସନ୍ଧ୍ୟାରେ ସାମ୍ବାଦିକ ଉମାକାନ୍ତ ମହାକୁଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସମାଜସେବୀ ତଥା ନାଟ୍ୟକାର ନାରାୟଣ ଦେହୁରୀ ମୁଖ୍ୟଅତିଥି ଓ ବାଉଁଶୁଣୀ ଅଗ୍ନିଶମ ଅଧିକାରୀ ଏଚ. କେ. ପଟ୍ଟନାୟକ, ଥାନାଧିକାରୀ ରାମ ସୁବ୍ରମଣ୍ୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀର ତୁଷୁରାର କୃଷ୍ଣପ୍ରିୟା କଳାପରିଷଦ ପକ୍ଷରୁ ଘୁଡୁକା ନାଚ, ପୁରୀର ଗୋଟି ପୁଅ, ବୌଦ୍ଧ ପ୍ରଣାମ ଅନୁଷ୍ଠାନର ଓଡିଶୀ ନୃତ୍ୟ, ଝାଇଁରେ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଞ୍ଚରସୀ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ମେଘୁଆ ପାଗ ସତ୍ତ୍ୱେ ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଦର୍ଶକମାନେ ମହୋତ୍ସବରେ ୭୦ରୁ ଉର୍ଦ୍ଧ୍ୱ ଷ୍ଟଲରେ ଘରକରଣା ସାମଗ୍ରୀ ଓ ମିନା ବଜାରରୁ ବିଭିନ୍ନ ସମାଗ୍ରୀ କିଣାବିକା କରିବା ସହ ଓ ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ । ଚକ୍ରଧର ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଙ୍ଗୁରବାଳା ମେହେର ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ ।



ଲୋକ ମହୋତ୍ସବରେ ସମ୍ମାନିତ ପ୍ରତିଭା ।

**ବାଉଁଶୁଣୀ ଲୋକ ମହୋତ୍ସବ ଚତୁର୍ଥ ସନ୍ଧ୍ୟା**

## ଡବ୍ଲ୍ୟୁଓଡିସିର ୫ ଲକ୍ଷ ଟଙ୍କା ବରବାଦ

**କନ୍ଧମାଳ ମିନି ଷ୍ଟାଡିୟମ ପାଚେରି ଭାଙ୍ଗିବା ଘଟଣା**

କଣ୍ଟମାଳ,୮।୨(ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ମିନି ଷ୍ଟାଡିୟମର ପାଚେରି ଭୁଶୁଡିବା ପରେ ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ୫ଲକ୍ଷ ଟଙ୍କା ପାଣିରେ ପଡିଛି। ଏ ନେଇ ଅଭିଯୋଗ ହେବା ପରେ ପ୍ରଶାସନିକ ତଦନ୍ତ ହୋଇଛି। ମାତ୍ର ଦୀର୍ଘ ୫ ମାସ ହେବ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଭଲିବଲ ଓ ଫୁଟବଲ ଖେଳ ପାଇଁ ବୌଦ୍ଧ ଜିଲା କଣ୍ଟାମାଳର ନାଁ କରିଛି। କଣ୍ଟାମାଳର ବହୁ ଖେଳାଳି ରାଜ୍ୟସ୍ତରରେ ଖେଳିଛନ୍ତି । ତେବେ ଏହି ଅଞ୍ଚଳର ଏକମାତ୍ର ଖେଳ ପଡିଆ ଭାବେ ମିନି ଷ୍ଟାଡିୟମ ଖେଳାଳିଙ୍କ ଆଶାକୁ କେତେକାଂଶରେ ପୂରଣ କରୁଛି। ଏହି ମିନି ଷ୍ଟାଡିୟମରେ ଖେଳ ପାଇଁ ସେମିତି କିଛି ଆନୁସଙ୍ଗିକ ସୁବିଧା ନ ଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦର ୫ ଲକ୍ଷ ଟଙ୍କା ଅନୁଦାନରୁ ଏହାର ପାଚେରୀ କିୟଦଂଶ ନିର୍ମାଣ ହୋଇଥିଲା। କାମର ଦେଢବର୍ଷ ନ ପୂରୁଣୁ ଗତ ସେପ୍ଟେମ୍ବର ମାସରେ ଏହି ନବ ନିର୍ମିତ ପାଚେରୀ ଭୁଷୁଡି ପଡିଥିଲା। ଏ ନେଇ ପ୍ରଶାସନ ତଥା ଭିଜିଲାନ୍ସ ଠାରେ ଅଭିଯୋଗ ହେବା ପରେ ଡିଆରଡିଏ ନିର୍ବାହୀ ଯନ୍ତ୍ରୀ ଘଟଣାର ତଦନ୍ତ କରିଥିଲେ। ତେବେ ଏହି ତଦନ୍ତର କାର୍ଯ୍ୟାନୁଷ୍ଠାନ ବର୍ତ୍ତମାନ ସୁଦ୍ଧା ନାଲିଫିତା ତଳେ ବନ୍ଧା ହୋଇ ରହିଛି । ଏ ନେଇ ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଡିଆରଡିଏର ଏକଜିକ୍ୟୁଟିଭ ଇଞ୍ଜିନିୟର ଜ୍ଞାନଦା ପ୍ରସାଦ ସାହୁଙ୍କୁ ପଚାରିବାରୁ ସେ କହିଲେ, ମୁ ଘଟଣାର ତଦନ୍ତ କରି ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲାପାଳଙ୍କୁ ରିପୋର୍ଟ ଦେଇସାରିଛି । ତେବେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି, ଜାଣିନାହିଁ ।

## ଦଶମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଭାଗ ନେଲେ ୩୦ ଯୋଡି ଖେଳାଳି

ବୌଦ୍ଧ,୮।୨(ସ୍ୱ.ପ୍ର)

ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଇନଡୋର ଷ୍ଟାଡିୟମ ଠାରେ ଶନିବାର ଦଶମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟାରେ ବୌଦ୍ଧ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ସାମାଜିକ କର୍ମୀ ସଞ୍ଜୀବ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ୭ଟି ଜିଲାରୁ ୩୦ ଯୋଡି ବଛାବଛା ଖେଳାଳି ଅଂଶଗ୍ରହଣ କରିଛନ୍ତି। ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏଶନର ସଭାପତି ଜୁଲିୟସ ସିଜର ମହାକୁଲ, ସମ୍ପାଦକ ହୃଦାନନ୍ଦ ମିଶ୍ର ଓ ସଙ୍ଗଠନ ସମ୍ପାଦକ ସୁନ୍ଦର ପ୍ରକାଶ ଅଗ୍ରୱାଲାଙ୍କ ନେତୃତ୍ୱରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଉପସଭାପତି ପ୍ରଦୋଷ କୁମାର ମହାରଣା, କାର୍ଯ୍ୟକାରୀ ସଦସ୍ୟ ବିଭୁପ୍ରସାଦ ପଣ୍ଡା, ବଦ୍ରିନାରାୟଣ ମିଶ୍ର, ଆଲୋକ ରଥ, ବିଘ୍ନେଶ ଅଗ୍ରୱାଲା, ଜିତେନ୍ଦ୍ର ସରାଫ, ପରେଶ ବେହେରା, ଗଣେଷ ମହାପାତ୍ର, ହେମନ୍ତ ଚମ୍ପତି, ଶେଖ ସାହାଜାହାନ, ଶିବାନନ୍ଦ ସାହୁ ଓ ଉପଦେଷ୍ଟା ଶ୍ରୀନିବାସ ଦାନୀ, ଧର୍ମେଶ ନାୟକ, ଚନ୍ଦ୍ର ମହାରଣା ଓ ଲମ୍ବୋଦର ପୁରୋହିତ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି । ଏହି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହେବ ।




ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଭବାନୀ ଶଙ୍କର ପୃଷ୍ଟି ମିଷ୍ଟର ବରଗଡ଼ ମନୋନିତ

**ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦଯାପିତ**

ବରଗଡ଼ ଅଫିସ୍,୮।୨

ବରଗଡ଼ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ (ବଡି ବିଲଡ଼ିଂ) ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୌଖୀନ କଳାକାର ସଂଘ ପରିସରରେ ହୋଇଥିବା ଏହି ପ୍ରତିଯୋଗିତାକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ପ୍ରତିଯୋଗିତାରେ ମେନ୍‌ସ ଫିଟନେସରେ ଲକ୍ଷ୍ମଣ ପ୍ରସାଦ ପଣ୍ଡା ପ୍ରଥମ, ଅଭିଷେକ ସିଂ ଦ୍ୱିତୀୟ, ଶୁଭମ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୬୦କି.ଗ୍ରା ବର୍ଗରେ ଟିକେଲାଲ ବାଗ ପ୍ରଥମ, ଦେବବ୍ରତ ସାହୁ ଦ୍ୱିତୀୟ, ହରି ଭୋଇ ତୃତୀୟ ହୋଇଥିଲେ । ସେହିପରି ୬୦ କି.ଗ୍ରାରୁ ଉର୍ଦ୍ଧ୍ୱ ବର୍ଗରେ ଭବାନୀ ଶଙ୍କର ପୃଷ୍ଟି ପ୍ରଥମ, ଆନନ୍ଦ ପଟ୍ଟନାୟକ ଦ୍ୱିତୀୟ ଏବଂ ଦିବ୍ୟଜ୍ୟୋତି ଷଡ଼ଙ୍ଗୀ ତୃତୀୟ ହୋଇଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଭବାନୀ ଶଙ୍କର ପୃଷ୍ଟି ମିଷ୍ଟର ବରଗଡ଼ ଆଖ୍ୟା ଅର୍ଜନ କରିଥିଲେ। ଆର୍ତ୍ତତ୍ରାଣ ପ୍ରଧାନ, ଡୋଲାମଣି ମେହେର, ସନ୍ତୋଷ ବିଶୋୟୀ ବିଚାରକ ଭାବେ ଯୋଗ ଦେଇଥିଲେ । ନନ୍ଦ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲକ୍ଷ୍ମୀନାରାୟଣ ମିଶ୍ର, ସୁଜିତ ମହାନ୍ତି, ଆଶିଷ ତ୍ରିପାଠୀ ସହଯୋଗ କରିଥିଲେ। ଜିଲା କ୍ରୀଡ଼ା ସଂସଦର ସମ୍ପାଦକ କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବରଗଡ଼ ବିଧାୟକ ଆଚାର୍ଯ୍ୟ ମୁଖ୍ୟଅତିଥି, ଓଡ଼ିଶା ଏଣ୍ଟରପ୍ରାଇଜେସର ମୁଖ୍ୟ ଚନ୍ଦ୍ରଶେଖର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଉଟଡୋର ସମ୍ପାଦକ ସୁରେଶ ଦାଶ, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ହକି ସମ୍ପାଦକ ଶ୍ୟାମ ସୁନ୍ଦର ଅଦାବର ପ୍ରମୁଖ ଉପସ୍ଥିତ ଥିଲେ ।




ଅତିଥିମାନେ ପୁରସ୍କାର ବିତରଣ କରୁଛନ୍ତି ।



ଗୁଗୁଲ ମ୍ୟାପ୍‌କୁ ଶନିବାର ୧୫ ବର୍ଷ ପୂରିଛି। ଗୁଗୁଲ ଦ୍ୱାରା ବିକଶିତ ହୋଇଥିବା ୱେବ୍ ମ୍ୟାପିଂ ସର୍ଭିସ୍ ୨୦୦୫ ଫେବୃୟାରୀ ୮ରେ ଶୁଭାରମ୍ଭ ହୋଇଥିଲା। ଏହାକୁ ଜିନ୍ସ ଇଲଷ୍ଟ୍ରପ୍ ରାସମୁସେନ୍ ଏବଂ ଲାର୍ସ୍ ରାସମୁସେନ୍ ଡିଜାଇନିଂ କରିଥିଲେ। ଏହା ଇଂଲିଶ୍, ଚାଇନିଜ୍ ସମେତ ଅନ୍ୟ ଭାଷାରେ ମଧ୍ୟ ଉପଲବ୍ଧ ହେଉଛି। ଗୁଗୁଲ ମ୍ୟାପ୍ ପ୍ରସ୍ତୁତିରେ ସି ++, ଜାଭା ସ୍କ୍ରିପ୍ଟ, ଏକ୍ସଏମ୍ଏଲ୍, ଆଜକ୍ସର ବ୍ୟବହାର କରାଯାଇଥିଲା। ଗୁଗୁଲ ମ୍ୟାପ୍ ସାଟେଲାଇଟ୍ ଫଟୋଚିତ୍ର ଆଧାରରେ ଏରିଆଲ୍ ଫଟୋଗ୍ରାଫି, ଷ୍ଟ୍ରିଟ୍ ମ୍ୟାପ୍, ରିୟଲ-ଟାଇମ୍ ଟ୍ରାଫିକ୍ ସ୍ଥିତି, ରୁଟ୍ ପ୍ଲାନିଂ ଆଦି ଉପଲବ୍ଧ କରାଇଥାଏ।

# ୭୮ ବର୍ଷ ପରେ ଏକାଠି ହେଲେ ଦୁଇ ଭଉଣୀ

**ମସ୍କୋ:** ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ପରସ୍ପରଠାରୁ ଅଲଗା ହୋଇଯାଇଥିବା ୨ ଭଉଣୀ ଦୀର୍ଘ ୭୮ ବର୍ଷ ପରେ ପୁଣି ଏକାଠି ହୋଇଛନ୍ତି। ଏନେଇ ସେମାନେ ଟିଭି ଏବଂ ପୋଲିସକୁ କୃତଜ୍ଞତା ଜଣାଇଛନ୍ତି। ଏବେ ବଡ଼ଭଉଣୀ ରୋଜଲିନା ସ୍ୱାରିଟୋନୋଭାଙ୍କୁ ୯୪ ବର୍ଷ ହୋଇଥିବାବେଳେ ସାନଭଉଣୀ ୟୁଲିୟା ସ୍ୱାରିଟୋନୋଭାଙ୍କୁ ୯୨ ବର୍ଷ ହୋଇଛି। ୧୯୪୨ରେ ବିଶ୍ୱଯୁଦ୍ଧ ସମୟରେ ସେମାନଙ୍କ ପରିବାର ଷ୍ଟେଲିନ୍‌ଗ୍ରାଡ୍‌ରେ ବାସ କରୁଥିଲେ। ତେବେ ଜର୍ମାନୀ ସୈନ୍ୟ ଏଠାରେ ଆକ୍ରମଣ କରିବା ଯୋଗୁ ୨ ଭଉଣୀ ଅଲଗା ହୋଇଯାଇଥିଲେ। ୟୁଲିୟା



୧୯୨୮ରେ ଜନ୍ମ ହୋଇଥିବାବେଳେ ରୋଜଲିନା ୧୯୨୬ରେ ଜନ୍ମ ହୋଇଥିଲେ। ଦୁହେଁ ପରସ୍ପରଠାରୁ ୧୯୦୦ କିମି ଦୂରରେ ବାସ କରୁଥିଲେ। ତେବେ ପୋଲିସ ପ୍ରବକ୍ତା ଇରିନା ୱୋଫଙ୍କ ଉଦ୍ୟମ ଯୋଗୁ ସେମାନଙ୍କ ମିଳନ ସମ୍ଭବ ହୋଇପାରିଛି। ଏବେ ସେମାନେ ବହୁତ୍ ଖୁସି ଅନୁଭବ କରୁଥିବା ପ୍ରକାଶ କରିଛନ୍ତି।

## ଭାଲେଣ୍ଟାଇନ୍ସ ୱିକ୍‌ର ତୃତୀୟ ଦିନ

# ଚକୋଲେଟ୍ ଡେ’



**ନୂଆଦିଲ୍ଲୀ:** ଫେବୃୟାରୀ ମାସଟି ପ୍ରେମୀଯୁଗଳଙ୍କ ପାଇଁ ବହୁତ ଖାସ୍। କାରଣ ଏହି ମାସରେ ପ୍ରେମୀଯୁଗଳଙ୍କ ଉପରେ ଖାଲି ପ୍ରେମର ବର୍ଷା ହିଁ ବର୍ଷା ହୋଇଥାଏ। ବିଶେଷକରି ପ୍ରେମକୁ ସ୍ମରଣୀୟ ତଥା ଉଜ୍ଜୀବିତ କରିବା ପାଇଁ ଯୁବବର୍ଗ ଏହାକୁ ସପ୍ତାହେ ଧରି ପାଳନ କରିଥାନ୍ତି। ବର୍ତ୍ତମାନ ଏହି ଭାଲେଣ୍ଟାଇନ୍ସ ୱିକ୍ ବା ପ୍ରେମ ସପ୍ତାହ ଚାଲିଛି। ଏହା ଫେବୃୟାରୀ ୭ ଅର୍ଥାତ୍ ରୋଜ୍ ଡେ’ରୁ ଆରମ୍ଭ ହୋଇ ୧୪ ପର୍ଯ୍ୟନ୍ତ ଚାଲେ। ପାର୍ଟନରମାନେ ଏହା ପୂର୍ବରୁ ରୋଜ୍ ଡେ’, ପ୍ରପୋଜ୍ ଡେ’ ପାଳନ କରିସାରିଥିବା ବେଳେ ପ୍ରେମ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ପାଇଁ ସପ୍ତାହର ତୃତୀୟ ଦିନକୁ ‘ଚକୋଲେଟ୍ ଡେ’ ଭାବେ ପାଳନ କରିଥାନ୍ତି। ପ୍ରେମ ପାଇଁ ଏହା ଏକ ଗୋଲ୍‌ଡେନ୍ ଚାନ୍ସ। ଏହି ସୁଯୋଗରେ ଚକୋଲେଟ୍ ଦେଇ ସାଥୀଙ୍କ ମନ କିଣିବା ସହ ହୃଦୟର କଥା ପରିପ୍ରକାଶ କରିହୁଏ। ଚକୋଲେଟ୍ ଖାଇ ପାଟି ମିଠାକରିବା ସହିତ ଜୀବନ ମଧୁମୟ ହେବା ବିଶ୍ୱାସ ନେଇ ପରସ୍ପରକୁ ଚକୋଲେଟ୍ ପ୍ରଦାନ କରାଯାଇଥାଏ। ଏଥିସହିତ ବିଭିନ୍ନ ଉପହାର ମଧ୍ୟ ଦିଆଯାଇଥାଏ। ବଜାରରେ ମିଳୁଥିବା ଚକୋଲେଟ୍ ଦେବା ଅପେକ୍ଷା ସାଥୀଙ୍କୁ ହାତ ତିଆରି ଚକୋଲେଟ୍ ଦେଲେ ସେ ଆହୁରି ଖୁସି ହୋଇଯିବେ। ଘରେ ଚକୋଲେଟ୍ ତିଆରି କରିବା ଅତି ସହଜ। ୟୁଟ୍ୟୁବ୍ ଦେଖି ଖୁବ୍ କମ୍ ସମୟ ଏବଂ ଅଳ୍ପ ଖର୍ଚ୍ଚରେ ଚକୋଲେଟ୍ ପ୍ରସ୍ତୁତ କରିପାରିବେ।

## ଖୋଲିବ ୨୦୦ ବର୍ଷ ପୁରୁଣା ମନ୍ଦିର

# ପାକିସ୍ତାନରେ ପାଳନ ହେବ ମହାଶିବରାତ୍ରି

**ଇସଲାମାବାଦ:** ପାକିସ୍ତାନରେ ଥିବା ଏକ ୨୦୦ ବର୍ଷ ପୁରୁଣା ଶିବ ମନ୍ଦିରରେ ଚଳିତ ଥର ମହାଶିବରାତ୍ରି ବେଶ୍ ଧୁମ୍‌ଧାମ୍‌ରେ ପାଳନ କରାଯିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ୭୩ ବର୍ଷ ଧରି ଏହି ମନ୍ଦିର ବନ୍ଦ ରହିଥିଲା। ପଞ୍ଜାବ ପ୍ରଦେଶରେ ଥିବା କଟାସରାଜ୍ ମନ୍ଦିର ପ୍ରଥମ ଥର ପାଇଁ ଦେଶ ବିଭାଜନ ପରେ ଖୋଲାଯାଉଛି। ଫେବୃୟାରୀ ୨୧ରେ ଏଠାରେ ସାମ୍ପ୍ରଦାୟିକ ସଦ୍‌ଭାବ ଅନ୍ତର୍ଗତ ଶିବରାତ୍ରି



ପାଳନ କରାଯିବ ବୋଲି ଏକ୍ୟୁ ଟ୍ରଷ୍ଟ ପ୍ରପର୍ଟି ବୋର୍ଡର ଅତିରିକ୍ତ ସଚିବ ଫରାଜ ଅବାସ୍ ସୂଚନା ଦେଇଛନ୍ତି। କଟାସରାଜ୍ ମନ୍ଦିର ସହିତ ଚଳିତ ଥର ପେଶାୱର, ମୁଜାଫରାବାଦ୍, ଲାହୋର ଏବଂ ରାଓ୍ୱଲପିଣ୍ଡିରେ ଥିବା ଶିବମନ୍ଦିରରେ ମଧ୍ୟ ଶିବରାତ୍ରି ପାଳନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି।

# ସବୁଠୁ ତତଲା ଆଣ୍ଟାର୍କଟିକା

**ଅର୍ଜେଣ୍ଟିନା ରିସର୍ଚ୍ଚ ବେସ୍:** ଜଳବାୟୁ ପରିବର୍ତ୍ତନର ଅନବରତ ଚାପରେ ସର୍ବାଧିକ ପ୍ରଭାବିତ ହେଉଛି ସମ୍ବେଦନଶୀଳ ମେରୁ ଅଞ୍ଚଳ। ମେରୁ ଅଞ୍ଚଳରେ ଲଗାତର ବଢୁଥିବା ତାପମାତ୍ରା ସମଗ୍ର ଜୀବଜଗତ ପ୍ରତି ଘନେଇବାରେ ଲାଗିଛି ବିପଦ। ଆଣ୍ଟାର୍କଟିକାରେ ୪ବର୍ଷର ରେକର୍ଡ ଭାଙ୍ଗିଛି ତାପମାତ୍ରା। ଅର୍ଜେଣ୍ଟିନା ରିସର୍ଚ୍ଚ ବେସ୍ ପକ୍ଷରୁ ମେରୁ ଅଞ୍ଚଳରେ ଗତ ଗୁରୁବାର ସର୍ବାଧିକ ତାପମାତ୍ରା ୧୮.୩ ଡିଗ୍ରୀ ରେକର୍ଡ କରାଯାଇଛି। ଜେନିଭାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୱାର୍ଲ୍ଡ ମେଟିଓରୋଲୋଜିକାଲ ଅର୍ଗାନାଇଜେଶନର



ପ୍ରବକ୍ତା କ୍ଲେୟର ନାଲିସ କହିଛନ୍ତି, ଆଣ୍ଟାର୍କଟିକାର ତାପମାତ୍ରା ବଢ଼ିବାରେ ଲାଗିଛି। ଏହା ଅନୁଭବ ହେଉଛି। ହେଲେ ସଦ୍ୟତମ ରେକର୍ଡ କରାଯାଇଥିବା ତାପମାତ୍ରା ଖରାଦିନକୁ ବି ବଳିଯାଇଛି।

କ୍ଲେୟର ଆହୁରି ମଧ୍ୟ କହିଛନ୍ତି, ଆଣ୍ଟାର୍କଟିକାର ତାପମାତ୍ରା ଗତ ୫୦ବର୍ଷରେ ହାରାହାରି ୩ ଡିଗ୍ରୀ ବଢ଼ିଛି। ଏହି କାରଣରୁ ୮୭% ଗ୍ଲେସିୟର ତରଳିବା ଆରମ୍ଭ କରିଛି। ଗତ ୧୨ବର୍ଷରେ ଏହି ପ୍ରକ୍ରିୟା ଅଧିକ କ୍ଷିପ୍ର ହୋଇଛି। ଏହାର କାରଣ ଜଳବାୟୁ ପରିବର୍ତ୍ତନ। ତରଳୁଥିବା ବରଫ କାରଣରୁ ଚଳିତ ଶତାବ୍ଦୀର ଶେଷ ଆଡକୁ ସମୁଦ୍ରର ଜଳସ୍ତର ୧୦ ଫୁଟ ଯାଏ ବୃଦ୍ଧି ପାଇବ। ଏହାର ପ୍ରଭାବରେ ପୃଥିବୀର ଅନେକ ସହର ଜଳମଗ୍ନ ହୋଇପଡ଼ିବ। ୧୯୭୯ରୁ ୨୦୧୭ ଯାଏ ଆଣ୍ଟାର୍କଟିକାର ଆଇସ୍ ଶିଟ୍ ବର୍ଷକୁ ପ୍ରାୟ ୬ଗୁଣ ହାରରେ ହ୍ରାସ ପାଇବାରେ ଲାଗିଛି। ୧୯୮୨ ଜାନୁୟାରୀରେ ଏଠାକାର ତାପମାତ୍ର ବିଯୁକ୍ତ ୧୯.୮ ରହିଥିଲା। ହେଲେ ୨୦୨୦ ପ୍ରଥମାର୍ଦ୍ଧରେ ଏହା ୧୮.୩ ଡିଗ୍ରୀରେ ପହଞ୍ଚି ସାରିଲାଣି। ଏଥିପୂର୍ବରୁ ୨୦୧୯ ଜୁଲାଇରେ ଉତ୍ତର ମେରୁ ଅଞ୍ଚଳର କାନାଡ଼ାସ୍ଥିତ ଏଲ୍ସମେୟର ଦ୍ୱୀପର ତାପମାତ୍ରା ୨୧ ଡିଗ୍ରୀ ପାର୍ କରିଥିଲା, ଯାହା ଏକ ରେକର୍ଡ।

## ଭାଙ୍ଗିଲା ୪ ବର୍ଷର ରେକର୍ଡ

# ‘ଶିକାରା’ ଦେଖି କାନ୍ଦି ପକାଇଲେ ଆଡଭାନୀ



**ନୂଆଦିଲ୍ଲୀ:** ବଲିଉଡ୍‌ର ନାମୀ ନିର୍ଦ୍ଦେଶକ ବିଧୁ ବିନୋଦ ଚୋପ୍ରାଙ୍କ ଫିଲ୍ମ ‘ଶିକାରା’ ରିଲିଜ୍ ହୋଇ ସାରିଛି। କଶ୍ମୀର ପଣ୍ଡିତଙ୍କ କାହାଣୀକୁ ନେଇ ତିଆରି ହୋଇଥିବା ଏହି ଫିଲ୍ମ ପ୍ରଥମ ଦିନରେ ୭୫ ଲକ୍ଷ ଟଙ୍କା ଆୟ କରିଛି। ଏହି ଫିଲ୍ମକୁ ଦେଖିବାକୁ ବରିଷ୍ଠ ଭାଜପା ନେତା ଲାଲ୍ କୃଷ୍ଣ ଆଡଭାନୀ ସିନେମା ହଲରେ ପହଞ୍ଚିଥିଲେ। ଆଉ ଫିଲ୍ମ ଦେଖିବା ପରେ ସେ ନିଜର କୋହକୁ ସମ୍ବରଣ କରିପାରି ନ ଥିଲେ। ସିନେମା ହଲରେ ହିଁ କାନ୍ଦି ପକାଇଥିଲେ ଆଡଭାନୀ। ଏହାର ଏକ ଭିଡିଓ ଏବେ ନିଜେ ବିଧୁ ବିନୋଦ ଚୋପ୍ରା ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ସ୍ପେଶାଲ୍ ସ୍କ୍ରିନିଂ ସମୟରେ ଆଡଭାନୀଙ୍କର ଏହି ଭିଡିଓଟିକୁ ଶୁଟ୍ କରାଯାଇଛି। ତେବେ ଆଡଭାନୀ କାନ୍ଦୁଥିବା ଦେଖିବା ପରେ ତୁରନ୍ତ ବିଧୁ ବିନୋଦ ଚୋପ୍ରା ତାଙ୍କ ନିକଟରେ ପହଞ୍ଚି ଯାଇଥିଲେ। ଏହି ଭିଡିଓ ଶେୟାର କରି ବିଧୁ ବିନୋଦ ଚୋପ୍ରା ଲେଖିଛନ୍ତି, ଆପଣଙ୍କ ଆଶୀର୍ବାଦ ଓ ଶୁଭେଚ୍ଛା ପାଇ ଆମେ ବହୁତ ଖୁସି। ଏହା ପୂର୍ବରୁ ‘ଶିକାରା’କୁ ନେଇ ବଲିଉଡ୍ ମିଷ୍ଟର ପର୍‌ଫେକ୍ସନିଷ୍ଟ ଆମିର ଖାଁ ଟୁଇଟ୍ କରିଥିଲେ, ଏହା ଏମିତି ଏକ ଫିଲ୍ମ ଯାହାକୁ ସମସ୍ତେ ଦେଖିବା ଉଚିତ୍।

# ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଅଭିନବ ପଦକ୍ଷେପ

**ଅହମଦାବାଦ:** ଗୁଜରାଟର ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ୍ ଅନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ବୁଲୁଛି ଏକ ବିଶାଳ ଭାଲୁ। ତେବେ ଏହାକୁ ଦେଖି ଭୟ କରିବେନି। କାରଣ ଏହା ସତ ଭାଲୁ ନୁହେଁ। ମାଙ୍କଡ଼ ଘଉଡ଼ାଇବା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଏହା ଏକ ଅଭିନବ ଉପାୟ। ଏହି ବିମାନବନ୍ଦର ଚତୁଃପାର୍ଶ୍ୱରେ ଗଛପତ୍ର ଘେରି ରହିଥିବାବେଳେ ରନ୍‌ୱେ ଏବଂ ବିମାନବନ୍ଦର ପରିସରରେ ମାଙ୍କଡ଼ଙ୍କ ଉତ୍ପାତ ଦେଖିବାକୁ ମିଳୁଛି। ଫଳରେ ଯାତ୍ରୀମାନେ ଭୟଭୀତ ହେବା ସହ ବିମାନ ଚଳାଚଳରେ ମଧ୍ୟ ସମସ୍ୟା ଉପୁଜୁଛି। ହେଲେ ଏତେ ସଂଖ୍ୟାରେ ଏହି ବଡ଼ ମାଙ୍କଡ଼ମାନଙ୍କୁ ଘଉଡ଼ାଇବା କଷ୍ଟକର ହୋଇପଡ଼ିଛି। ଫଳରେ ବିମାନବନ୍ଦର କର୍ତ୍ତୃପକ୍ଷ ଭାଲୁ ବେଶଧାରୀ ଜଣେ କର୍ମଚାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ଭାଲୁ ପୋଷାକରେ ଥିବା କର୍ମଚାରୀଙ୍କୁ ଦେଖି ମାଙ୍କଡ଼ମାନେ ମଧ୍ୟ ଭୟରେ ଚାଲିଯାଉଛନ୍ତି। ଗତ ଏକ ସପ୍ତାହ ହେଲା ଏଠାରେ କର୍ମଚାରୀ ଜଣକ ଭାଲୁ ବେଶରେ ମାଙ୍କଡ଼ଙ୍କୁ ଘଉଡ଼ାଉଥିବାବେଳେ ଏହି ଉପାୟ ସଫଳ ହୋଇଥିବା ବିମାନବନ୍ଦର ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ମାଙ୍କଡ଼ଙ୍କୁ ଘଉଡ଼ାଉଥିବା ଭାଲୁ ବେଶଧାରୀ କର୍ମଚାରୀଙ୍କ ଭିଡିଓ ଭାଇରାଲ୍ ହୋଇଛି।

# ମାଙ୍କଡ଼ ଘଉଡ଼ାଇବାକୁ ଭାଲୁ ବେଶଧାରୀ



## କନ୍ୟାଙ୍କ ଶାଢ଼ି ପସନ୍ଦ ନ ଆସିବାରୁ

# ବେଦିରୁ ଉଠି ଚାଲିଗଲେ ବର

ବେଙ୍ଗାଲୁରୁ : ବିବାହ ସମୟରେ କନ୍ୟାପକ୍ଷ ଯାନିଯୌତୁକ ଦେଇ ନ ପାରିଲେ ବେଦିରୁ ବର ଉଠି ଚାଲିଯିବା ଖବର ଶୁଣିଥିବେ। ମାତ୍ର କନ୍ୟାଙ୍କ ଶାଢ଼ି ପସନ୍ଦ ହେଲା ନାହିଁ ବୋଲି ବର ଉଠି ଚାଲିଯିବା ଖବର ଶୁଣିଲେ ଯେତିକି ହାସ୍ୟାସ୍ପଦ ସେତିକି ଆଶ୍ଚର୍ଯ୍ୟ ମଧ୍ୟ ଲାଗୁଛି। ମାତ୍ର ଏମିତି ଏକ ଘଟଣା ଦେଖିବାକୁ ମିଳିଛି କର୍ଣ୍ଣାଟକର ହାସନ ଜିଲାରେ। ୨୯ ବର୍ଷୀୟ ବର ବିଏନ୍ ରଘୁକୁମାର କନ୍ୟାଙ୍କ ଶାଢ଼ି ପସନ୍ଦ ନ ଆସିବାରୁ ଉଠି ଚାଲିଯାଇଥିବା କହିଛନ୍ତି ହାସନ୍‌ର ଏସ୍‌ପି ଶ୍ରୀନିବାସ ଗୌଡ଼ା। ସେ କହିଛନ୍ତି, ରଘୁକୁମାର ଏବଂ ସଂଗୀତା ନାମ୍ନୀ ଜଣେ ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିବା ପରେ ପରିବାର ସହମତିରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାତ୍ର ସଂଗୀତା ବେଦିରେ ପିନ୍ଧିଥିବା ଶାଢ଼ି ରଘୁକୁମାରଙ୍କ ମାତାପିତାଙ୍କ ପସନ୍ଦ ଆସି ନ ଥିଲା। ଶାଢ଼ି ଖରାପ ଦିଶୁଛି ବୋଲି କହିବା ସହ ଏହାକୁ ବଦଳାଇବାକୁ କହିଥିଲେ। ଏହି ଛୋଟକଥାକୁ ନେଇ କଳିଝଗଡ଼ା ଆରମ୍ଭ ହେବା ସହ ସଂଗୀତାଙ୍କ ମାତାପିତା ଶାଢ଼ି ବଦଳାଇବାକୁ ରାଜି ହୋଇ ନ ଥିଲେ। ତେଣୁ ସେମାନେ ବିବାହ ବନ୍ଦ କରି ଦେଇଥିଲେ। ରଘୁକୁମାର ସେହିଦିନଠାରୁ ଫେରାର ହୋଇ ଯାଇଥିବା ବେଳେ ପୋଲିସ ତାଙ୍କ ନାମରେ ଏକ ମାମଲା ରୁଜୁ କରିଛି।



# ଗୋମୂତ୍ରରେ ରହିଛି ଅଧିକ ପୋଷକ ତତ୍ତ୍ୱ

ଇନ୍ଦୋର: ଗୁଜରାଟର ଜୁନାଗଡ଼ସ୍ଥିତ କୃଷି ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଗବେଷଣା ରିପୋର୍ଟରେ ଗାଈ କ୍ଷୀର ତୁଳନାରେ ଗୋମୂତ୍ରରେ ଅଧିକ ପୋଷକ ତତ୍ତ୍ୱ ରହିଥିବା ଜଣାପଡ଼ିଛି। କ୍ଷୀରରେ ୫୧୦୦ ପୋଷକତତ୍ତ୍ୱ ଥିବାବେଳେ ଗୋମୂତ୍ରରେ ୫୬୦୦ ପୋଷକ ତତ୍ତ୍ୱ ରହିଛି। ଗୋବର ଏବଂ ଗୋମୂତ୍ରରୁ ହେଉଥିବା ଆୟ କ୍ଷୀର ବିକ୍ରିକରି ହେଉଥିବା ଆୟ ତୁଳନାରେ ୧୦ ଗୁଣା ଅଧିକ ବୋଲି ଜୈବିକ ଚାଷ ବିଶେଷଜ୍ଞ ରମେଶ ଭାଇ ରୁପାରେଲିୟା ସୂଚନା ଦେଇଛନ୍ତି। ଗୋପାଳନ କରୁଥିବା ଲୋକେ ଜୈବିକ ଚାଷକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେ କହିଛନ୍ତି। ଜୈବିକ ସାର ପ୍ରୟୋଗ କରି ହେଉଥିବା ଖାଦ୍ୟଶସ୍ୟରେ ଅଧିକ ପରିମାଣର ସ୍ୱାସ୍ଥ୍ୟ ଉପଯୋଗୀ ପୋଷକ ତତ୍ତ୍ୱ ରହିଥାଏ। ଏସବୁ ଖାଦ୍ୟଶସ୍ୟ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ଦୂର କରିବାକୁ ସକ୍ଷମ ହୋଇଥାଏ ବୋଲି ସେ କହିଛନ୍ତି।



# ଏଇ ବୋଧେ ପ୍ରେମ



ଟୁକୁ – ରଶ୍ମିତା




ସରୋଜ – ପ୍ରମୋଦିନୀ

ଗୋପୀନାଥ – ନେହା





ଲିପିକା – ଜୟନ୍ତ



**ବାହ୍ୟ ସୌନ୍ଦର୍ଯ୍ୟର ମାପକାଠି ନୁହେଁ ପ୍ରେମ:** କୁହାଯାଏ ପ୍ରେମ ହେଉଛି ଅନ୍ଧ। ଯେଉଁଠି ନା ଦେଖାଯାଏ ବାହ୍ୟ ସୌନ୍ଦର୍ଯ୍ୟ ନା ଜାତି ନା ଧନ। କେବଳ ବିନା ସ୍ୱାର୍ଥରେ ଥାଏ ପରସ୍ପର ପ୍ରତି ଭଲପାଇବା। ସେମିତି ଏକ ନିଃସ୍ୱାର୍ଥ ପ୍ରେମ କାହାଣୀ ହେଉଛି ସରୋଜ ଏବଂ ପ୍ରମୋଦିନୀଙ୍କର। ୨୦୦୯ ମସିହାରେ ଯୁକ୍ତ ଦୁଇରେ ପଢ଼ିବା ବେଳେ ଏକତରଫା ପ୍ରେମ ଆବେଦନକୁ ଅସ୍ୱୀକାର କରି ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ ପ୍ରମୋଦିନୀ। ବିକୃତ ଚେହେରା ସାଙ୍ଗକୁ ଦୃଷ୍ଟିଶକ୍ତି ହରାଇ ବସିଥିବାରୁ କେବଳ ମା'ଙ୍କୁ ଛାଡ଼ି ଅନ୍ୟମାନେ ତାଙ୍କଠୁ ଦୂରେଇ ଯାଇଥିଲେ। ହେଲେ ଡାକ୍ତରଖାନାରେ ଚିକିତ୍ସା ସମୟରେ ତାଙ୍କର ଦେଖା ହୋଇଥିଲା ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ଭାବେ କାର୍ଯ୍ୟ କରୁଥିବା ସରୋଜଙ୍କ ସହ। ସେ ଥିଲେ ପ୍ରମୋଦିନୀଙ୍କ ଫିଜିଓଥେରାପି କରାଉଥିବା ନର୍ସଙ୍କ ବନ୍ଧୁ। ସେ ପ୍ରମୋଦିନୀଙ୍କ ଅସୁନ୍ଦର ଚେହେରାକୁ ନୁହେଁ ତାଙ୍କ ଭିତରେ ଥିବା ଭଲ ମଣିଷକୁ ଚିହ୍ନି ପାରିଥିଲେ ଆଉ ଭଲପାଇ ବସିଥିଲେ। କିନ୍ତୁ ନିଜ ପରିସ୍ଥିତିକୁ ନେଇ ତାଙ୍କ ପ୍ରସ୍ତାବରେ ଅରାଜି ଥିଲେ ପ୍ରମୋଦିନୀ। ହେଲେ ସରୋଜଙ୍କ ସ୍ନେହ, ଆଦର ଆଉ ଭଲପାଇବା ଆଗରେ ହାର୍ ମାନିଥିଲା ତାଙ୍କ ଜିଦ୍ ଆଉ ଦୁହେଁ ପରସ୍ପରର ପ୍ରେମ ସ୍ୱୀକାର କରିଥିଲେ ଏବଂ ପରବର୍ତ୍ତୀ ସମୟରେ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରମୋଦିନୀ କୁହନ୍ତି, ଏସିଡ୍ ଆକ୍ରମଣ ପରେ ପୁରୁଷଙ୍କ ପ୍ରତି ମୋ' ମନରେ ଘୃଣା ଆସିଯାଇଥିଲା, ହେଲେ ସରୋଜଙ୍କୁ ଭେଟିବା ପରେ ମୋର ଧାରଣା ସମ୍ପୂର୍ଣ୍ଣ ବଦଳିଯାଇଥିଲା। ମୋତେ ଠିକ୍ ହେବାକୁ ଅତିକମ୍‌ରେ ୬ ବର୍ଷ ଲାଗିବ ଡାକ୍ତର କହିଥିବା ବେଳେ ସରୋଜଙ୍କ ପ୍ରଚେଷ୍ଟାରେ ମୁଁ ମାତ୍ର ୪ ମାସରେ ଧୀରେ ଧୀରେ ଠିଆହେବା ଆରମ୍ଭ କରିଥିଲି। ମୋ' ବିକୃତ ଚେହେରାକୁ ଭଲପାଇବା ତ ଦୂରର କଥା ଘୃଣାରେ କେହି ମୋ' ଆଡ଼କୁ ଚାହିଁବେ ନାହିଁ ବୋଲି ଥିବା ଭ୍ରାନ୍ତ ଧାରଣାକୁ ସେ ଭୁଲ ପ୍ରମାଣିତ କଲେ ଆଉ ମୋ ଉଜୁଡ଼ା ଜୀବନକୁ ସଜାଡ଼ିଦେଲେ। ସେ ମୋ' ପାଇଁ ସେଠାକୁ ଦେବଦୂତ ହୋଇଆସିଥିଲେ। ଧୀରେଧୀରେ ଚିକିତ୍ସା ପରେ ମୋ' ଦୃଷ୍ଟିଶକ୍ତି ଫେରିଲା ଏବଂ ମୁଁ ନିଜେ ନିଜ କାର୍ଯ୍ୟ ଲାଗି ମା'ଙ୍କ ଉପରେ ନିର୍ଭର କରିବା ଛାଡ଼ିବା ପରେ ସରୋଜଙ୍କ ପ୍ରସ୍ତାବରେ ରାଜି ହେଲି। ସେବେଠୁ ଆମେ ଦୁହେଁ ଏହି ସମ୍ପର୍କକୁ ନେଇ ବେଶ୍ ଖୁସି ଅଛୁ ଏବଂ ଖୁବ୍ ଶୀଘ୍ର ବିବାହ କରିବାକୁ ଯାଉଛୁ।

ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

> ଇଣ୍ଡିଆନ ସୁପର ଲିଗ୍‌ରେ ମୁମ୍ବାଇ ସିଟି ଏଫ୍‌ସି ତରଫରୁ ଖେଳିବା ଦ୍ୱାରା ରକ୍ଷଣାତ୍ମକ ବିଭାଗରେ ଉନ୍ନତି ଘଟିଛି ।
> –ରୋଲିନ୍ ବୋର୍ଗେସ
> ଭାରତର ଅନ୍ତର୍ଜାତୀୟ ଫୁଟ୍‌ବଲର



> ବର୍ତ୍ତମାନର ପିଢିରେ ବିରାଟ କୋହଲି ଏକମାତ୍ର ବ୍ୟାଟ୍ସମ୍ୟାନ ଯିଏକି, ଭବିଷ୍ୟତରେ ଜଣେ କିମ୍ବଦନ୍ତୀ ହୋଇ ବାହାରିବେ ।
> –ମୋଇନ ଖାଁ, ପୂର୍ବତନ ପାକିସ୍ତାନ କ୍ରିକେଟର



## ସଂକ୍ଷେପରେ

### କୋହଲିଙ୍କ ବିପକ୍ଷରେ ସୌଦି ସବୁଠୁ ସଫଳତମ ବୋଲର

ଅକ୍‌ଲାଣ୍ଡ,୮।୨- ଭାରତୀୟ ଅଧିନାୟକ ବିରାଟ କୋହଲି ବିଶ୍ୱର ସବୁଠୁ ସଫଳତମ ବ୍ୟାଟ୍ସମ୍ୟାନ। ତାଙ୍କ ବିପକ୍ଷରେ ନ୍ୟୁଜିଲାଣ୍ଡ ପେସର ଟିମ ସୌଦି ସବୁଠୁ ସଫଳତମ ବୋଲର ହୋଇପାରିଛନ୍ତି। ଦ୍ୱିତୀୟ ଦିନିକିଆରେ କୋହଲିଙ୍କୁ ବ୍ୟକ୍ତିଗତ ସ୍କୋର ୧୫ ରନ୍‌ରେ କ୍ଲିନ ବୋଲ୍ଡ କରିଥିଲେ ସୌଦି। ଦିନିକିଆ କ୍ରିକେଟରେ ୬ଷ୍ଠ ଓ ମୋଟ ଉପରେ ୯ମ ଥର ପାଇଁ କୋହଲି ସୌଦିଙ୍କ ବଲରେ ଆଉଟ୍ ହୋଇଛନ୍ତି। ସର୍ବାଧିକ ଥର କୋହଲିଙ୍କ ଉଇକେଟ ନେବାରେ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ଓ ଗ୍ରେମ ସ୍ୱାନ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନେ ଦିନିକିଆ, ଟି୨୦ ଓ ଟେଷ୍ଟ ଫର୍ମାଟରେ ୮ ଥର କୋହଲିଙ୍କ ଉଇକେଟ ହାତେଇଛନ୍ତି। ତାଲିକାରେ ଦକ୍ଷିଣ ଆଫ୍ରିକାର ମର୍ନି ମୋର୍କେଲ, ଅଷ୍ଟ୍ରେଲିଆର ନାଥନ ଲିଓନ, ଆଡାମ ଝମ୍ପା ଓ ୱେଷ୍ଟଇଣ୍ଡିଜର ରବି ରାମ୍‌ପଲ ୭ ଥର ଭାରତୀୟ ଅଧିନାୟକଙ୍କ ଉଇକେଟ ହାସଲ କରିଛନ୍ତି।

### ଜାତୀୟ ଦଳକୁ ଫେରିଲେ ଷ୍ଟେଇନ

**ଜୋହାନ୍ସବର୍ଗ,୮।୨:** ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଶନିବାର ଦକ୍ଷିଣ ଆଫ୍ରିକା ଦଳ ଘୋଷିତ ହୋଇଛି। ଦଳକୁ ଦକ୍ଷ ପେସର ଡେଲ ଷ୍ଟେଇନ ଫେରିଛନ୍ତି। କାନ୍ଧ ଜନିତ ସମସ୍ୟା ଯୋଗୁ ପ୍ରାୟ ଏକବର୍ଷ ହେଲା ଦଳରୁ ବାଦ୍ ପଡ଼ିଛନ୍ତି। ସେ ଏପର୍ଯ୍ୟନ୍ତ ୪୪ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୬୧ ଉଇକେଟ ହାସଲ କରିଛନ୍ତି। ନିୟମିତ ଅଧିନାୟକ ଫାଫ ଡୁପ୍ଲେସି ଓ କାଗିସୋ ରବାଡା ଇଂଲଣ୍ଡ ବିପକ୍ଷ ଅବଶିଷ୍ଟ ସିରିଜ୍‌ରେ ମଧ ଅଂଶଗ୍ରହଣ କରିବେ ନାହିଁ। ସେମାନଙ୍କୁ ବିଶ୍ରାମ ଦିଆଯାଇଛି। ଡୁପ୍ଲେସିଙ୍କ ଅନୁପସ୍ଥିତିରେ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ଦଳର ନେତୃତ୍ୱ ନେବେ।

# ସିରିଜ ଜିତିଲା ନ୍ୟୁଜିଲାଣ୍ଡ

**ଅକଲାଣ୍ଡ,୮।୨(ପି.ଟି.)**

ଟି୨୦ ସିରିଜ ପରାଜୟର ପ୍ରତିଶୋଧ ଦିନିକିଆରେ ନେଇଛି ଘରୋଇ ନ୍ୟୁଜିଲାଣ୍ଡ। ୫–୦ ବ୍ୟବଧାନରେ ଟି୨୦ ସିରିଜରେ ହ୍ୱାଇଟ୍‌ୱାଶ୍‌ର ସମ୍ମୁଖୀନ ହୋଇଥିବା ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିନିକିଆରେ ଭାରତକୁ ୨୨ ରନରେ ପରାସ୍ତ କରିଛି। ଏଥିସହିତ ୩ ମ୍ୟାଚ୍‌ବିଶିଷ୍ଟ ଏହି ସିରିଜରେ ନ୍ୟୁଜିଲାଣ୍ଡ ୨–୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ସ୍ଥାନୀୟ ଇଡେନ ପାର୍କ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଭାରତର ବୋଲିଂ ଆଶାନୁରୂପ ହୋଇଥିଲେ ମଧ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କ ଦୁର୍ବଳତା ପଦାରେ ପଡିଛି। ଦୁର୍ବଳ ଶଟ ଚୟନ ଭାରତ ପାଇଁ କାଳ ହୋଇଛି। ଟସ୍ ଜିତି ଭାରତ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବୋଲରମାନେ ଏହି ନିଷ୍ପତ୍ତିର ଯଥାର୍ଥତା ପ୍ରତିପାଦନ କରି ଘରୋଇ ଦଳକୁ ବଡ଼ ସ୍କୋର କରିବାକୁ ସୁଯୋଗ ଦେଇ ନ ଥିଲେ। ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୨୭୩ ରନ ସ୍କୋର କରିଥିଲା। ଜବାବରେ ଭାରତ ୪୮.୩ ଓଭରରେ ୨୫୧ ରନକରି ଅଲଆଉଟ ହାଇଥିଲା। ଦିନିକିଆ ପଦାର୍ପଣ କରିଥିବା ୬ ଫୁଟ୍ ୮ ଇଞ୍ଚ୍ ଉଚ୍ଚତାବିଶିଷ୍ଟ ନ୍ୟୁଜିଲାଣ୍ଡ ବୋଲିଂ ଅଲରାଉଣ୍ଡର ୨୫ ବର୍ଷୀୟ କାଏଲ ଜେମିଶନ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେ ୨୪ ବଲରୁ ୧ ଚୌକା ଓ ୨ ଛକା ସହ ୨୫ ରନ କରି ଅପରାଜିତ ରହିବା ସହ ମୂଲ୍ୟବାନ ୨ ଉଇକେଟ ନେଇ ଦଳକୁ ବିଜୟୀ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ଦିନିକିଆରେ ଭାରତ ୪ ଉଇକେଟରେ ପରାସ୍ତ ହୋଇଥିଲା। ତୃତୀୟ ତଥା ଅନ୍ତିମ ଦିନିକିଆ ମଙ୍ଗଳବାର ମାଉଣ୍ଟ ମାଉନଗାନୁଇରେ ଖେଳାଯିବ।

୨୭୪ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରିଥିବା ଭାରତୀୟ ଦଳ ଟପ୍ ଅର୍ଡରର ବିପର୍ଯ୍ୟୟ ଘଟିଥିଲା। ଭାରତ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ୭୧ ରନରେ ଭାରତ ତା'ର ପ୍ରଥମ ୪ ଉଇକେଟ ହରାଇଥିଲା। ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର, ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ନବଦୀପ ସଇନି ଲଢୁଆ ବ୍ୟାଟିଂ କରିଥିଲେ ମଧ ବିଜୟ ପାଇଁ ଏହା ଯଥେଷ୍ଟ ହୋଇ ନ ଥିଲା। ଓପନର ମୟଙ୍କ ଅଗ୍ରୱାଲ ୩ ରନକରି ପ୍ରଥମେ ଆଉଟ ହେବା ପରେ ପୃଥ୍ୱୀ ଶ ୨୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ ବିରାଟ କୋହଲି ପୁଣି ଥରେ ଚକ୍‌ମା ଖାଇ ଅଭିଜ୍ଞ ଦ୍ରୁତ ବୋଲର ଟିମ୍ ସୌଦିଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ସେ ମାତ୍ର ୧୫ ରନ ସଂଗ୍ରହ କରିଥିଲେ। ଇନ୍‌ଫର୍ମ ଲୋକେଶ ରାହୁଲ ଦୀର୍ଘଦିନ ପରେ ଫେଲ ମାରିଥିଲେ। ସେ ମାତ୍ର ୪ ରନ କରିଥିବା ବେଳେ ଲାଇନ୍ ମିସ୍ କରି କଲିନ ଡି ଗ୍ରାଣ୍ଡହୋମଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। କେଦାର ଯାଦବ ମଧ ବିଫଳ ହୋଇ ମାତ୍ର ୯ ରନକରି ଆଉଟ ହୋଇଥିଲେ। ଶାର୍ଦ୍ଦୂଳ ଠାକୁର ୩ ଚୌକା ସହ ୧୫ ବଲରୁ ୧୮ ରନ କରି ଆଉଟ ହୋଇଥିଲେ। ଭାରତ ୨୦୦ ରନ ମଧ୍ୟରେ ଅଲଆଉଟ ହେବା ମନେହେଉଥିଲା। ତେବେ ଅଷ୍ଟମ ଉଇକେଟରେ ଜାଡେଜା ଓ ସଇନି ୭୬ ରନ କରି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ସଇନି ୪୯ ବଲରୁ ୫ ଚୌକା ଓ ୨ ଛକା ସହ ୪୫ ରନ କରି ଜେମିଶନଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ୧୦ ରନ କରିଥିବା ୟୁଜବେନ୍ଦ୍ର ଚହଲ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଶେଷରେ ବଡ଼ ଶଟ୍ ଖେଳିବାକୁ ଯାଇ ଜାଡେଜା ଜିମ୍ମି ନିଶାମଙ୍କ ବଲ୍‌ରେ ଲଙ୍ଗ୍‌ଅଫ୍‌ରେ ଗ୍ରାଣ୍ଡହୋମଙ୍କୁ କ୍ୟାଚ୍ ଆଉଟ ହେବା ପରେ ଭାରତ ଇନିଂସର ପରିସମାପ୍ତି ଘଟିଥିଲା। ଭୁଲ ଶଟ୍ ଚୟନ କରି ଭାରତୀୟ ବ୍ୟାଟ୍ସମ୍ୟାନ ଉଇକେଟ ଫୋପାଡି ଆଉଟ ହୋଇଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ହାମିଶ ବେନେଟ, ସୌଦି, ଜେମିଶନ ଓ ଗ୍ରାଣ୍ଡହୋମ ଦୁଇଟି ଲେଖାଏ, ନିଶାମ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

### ଟି୨୦ ପରାଜୟର ପ୍ରତିଶୋଧ ଦିନିକିଆରେ

### ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ୫୦ ଓଭରରେ ୨୭୩/୮ (ଗୁପ୍ଟିଲ- ୭୯, ଟେଲର- ୭୩*, ନିକୋଲ୍ସ- ୪୧, ଜେମିଶନ- ୨୫*, ବ୍ଲଣ୍ଡେଲ-୨୨, ଚହଲ- ୩/ ୫୮, ଠାକୁର- ୨/୬୦, ଜାଡେଜା- ୧/୩୫)।
ଭାରତ ୪୮.୩ ଓଭରରେ ୨୫୧ ଅଲଆଉଟ (ଜାଡେଜା - ୫୫, ଆୟାର- ୫୨, ସଇନି- ୪୫, ପୃଥ୍ୱୀ- ୨୪, ବେନେଟ- ୨/୫୮, ସୌଦି- ୨/୪୧, ଜେମିଶନ- ୨/୪୨, ଗ୍ରାଣ୍ଡହୋମ- ୨/୫୪)।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ଗୁପ୍ଟିଲ ଓ ନିକୋଲ୍ସ ପ୍ରଥମ ଉଇକେଟରେ ୯୩ ରନ ସଂଗ୍ରହ କରିଥିଲେ। ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ ଭଲ ଖେଳିଥିଲେ ମଧ ମିଡଲ ଓ ଲୋୟର ଅର୍ଡର ବ୍ୟାଟ୍ସମ୍ୟାନ ଫେଲ ମାରିଥିଲେ। ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲ ୭୯ ରନ କରି ରନ୍ ଆଉଟ ହୋଇଥିଲେ। ସେହିପରି ହେନେରୀ ନିକୋଲ୍ସ ୪୧, ଟମ୍ ବ୍ଲଣ୍ଡେଲ ୨୨, ଜେମିଶନ ୨୫ ରନର ଉପଯୋଗୀ ପାଳି ଖେଳିଥିଲେ। ଅଭିଜ୍ଞ ରସ୍ ଟେଲର ପୁଣିଥରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ଇନିଂସ ଗଢିଥିଲେ। ୭୪ଟି ବଲ ଖେଳି ସେ ୬ ଚୌକା ଓ ୨ ଛକା ସହ ୭୩ ରନ କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିବା ସହ ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ଅନ୍ୟମାନେ ବିଫଳ ହୋଇଥିଲେ। ନବମ ଉଇକେଟରେ ଟେଲର ଓ ଜେମିଶନ ୫୧ ବଲରୁ ଅପରାଜିତ ୭୬ରନ ସଂଗ୍ରହ କରିଥିଲେ। ବୋଲିଂରେ ଭାରତ ତରଫରୁ ଚହଲ ୩, ଠାକୁର ୨ ଓ ଜାଡେଜା ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



### ପଦାର୍ପଣରେ ଶ୍ରେଷ୍ଠ ଖେଳାଳି

ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆରେ ପଦାର୍ପଣ କରିଥିବା କାଏଲ ଜେମିଶନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଛନ୍ତି। ବ୍ୟାଟିଂରେ ସେ ଅପରାଜିତ ୨୫ ରନ୍ ଓ ବୋଲିଂରେ ଦୁଇଟି ଉଇକେଟ୍ ନେଇଛନ୍ତି। ୬ ଫୁଟ୍ ୮ ଇଞ୍ଚ୍ ଉଚ୍ଚତା ବିଶିଷ୍ଟ କାଏଲଙ୍କୁ ବର୍ତ୍ତମାନ ନ୍ୟୁଜିଲାଣ୍ଡର ଡେଙ୍ଗା କ୍ରିକେଟର କୁହା ଯାଉଛି।



ଓଡ଼ିଶା ଏଫ୍‌ସି ବିପକ୍ଷରେ ଗୋଲ୍‌ସ୍କୋର ପରେ ଖୁସି ମନାଉଛନ୍ତି ଏଟିକେ ଖେଳାଳି।

# ପ୍ଲେ–ଅଫ୍‌ରେ ଏଟିକେ

**କୋଲକାତା, ୮।୨ (ପି.ଟି.):** ରୟ କ୍ରିଷ୍ଣାଙ୍କ ହ୍ୟାଟ୍ରିକ ବଳରେ ଏଟିକେ ଇଣ୍ଡିଆ ସପୁର ଲିଗ (ଆଇଏସ୍‌ଏଲ୍)ରେ ଶନିବାର ଓଡ଼ିଶା ଏଫ୍‌ସିକୁ ୩–୧ ଗୋଲରେ ପରାସ୍ତ କରିଛି। ଘରୋଇ ପରିବେଶରୁ ଫାଇଦା ଉଠାଇ ଏଟିକେ ପ୍ରଭାବୀ ପ୍ରଦର୍ଶନ କରିଥିଲା। ଏଥିସହିତ ଏଟିକ ୧୬ଟି ମ୍ୟାଚ୍ ଖେଳି ୧୦ ବିଜୟ, ୩ ଡ୍ର ଓ ୩ ପରାଜୟ ସହ ମୋଟ ୩୩ ପଏଣ୍ଟ ହାସଲ କରି ତାଲିକାର ଶୀର୍ଷରେ ରହିବା ସହ ପ୍ଲେ– ଅଫ୍‌ରେ ସ୍ଥାନ ପକ୍କା କରିଛି। ଅନ୍ୟପଟେ ଓଡ଼ିଶା ୧୬ଟି ମ୍ୟାଚ୍ ଖେଳି ୬ ବିଜୟ, ୩ ଡ୍ର ଓ ୭ ପରାଜୟ ସହ ୨୧ ପଏଣ୍ଟ ପାଇ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଏହା ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା। କ୍ରିଷ୍ଣା ୪୯, ୬୦ ଓ ୬୩ତମ ମିନିଟ୍‌ରେ ୩ଟି ଗୋଲ ସ୍କୋର କରିଥିଲେ। ଅନ୍ୟପଟେ ଓଡ଼ିଶା ତରଫରୁ ମାନୁଏଲ ଓନ୍‌ୱକ ୬୭ତମ ମିନିଟ୍‌ରେ ଦଳ ତରଫରୁ ଏକମାତ୍ର ଗୋଲ ସ୍କୋର କରି ପରାଜୟ ବ୍ୟବଧାନକୁ କମାଇଥିଲେ। ଓଡ଼ିଶା ତା'ର ପରବର୍ତ୍ତୀ ମୁକାବିଲାରେ ୧୪ ତାରିଖରେ ନର୍ଥଇଷ୍ଟ ୟୁନାଇଟେଡକୁ ହୋମ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଭେଟିବ।

# ଜାମ୍‌ସେଦଙ୍କୁ ୧୭ ମାସ ଜେଲ



**ଲଣ୍ଡନ,୮।୨:** ପୂର୍ବତନ ପାକିସ୍ତାନ ବ୍ୟାଟ୍ସମ୍ୟାନ ନାସିର ଜାମଶେଦ ସ୍ପଟ୍ ଫିକ୍ସିଂରେ ଜଡ଼ିତ ଥିଲେ। ତାଙ୍କୁ ଶୁକ୍ରବାର ୧୭ ମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଛି। ୩୦ ବର୍ଷୀୟ ଜାମଶେଦଙ୍କ ସହ ଅନ୍ୟ ଦୁଇ କ୍ରିକେଟର ୟୁସେଫ ଅନୱାର (୩୬) ଓ ମହମ୍ମଦ ଇଜାଜ (୩୪)ଙ୍କୁ ଗତ ଫେବୃୟାରୀରେ ନ୍ୟାଶନାଲ କ୍ରାଇମ ଏଜେନ୍ସି ଦ୍ୱାରା ଗିରଫ କରାଯାଇଥିଲା। ଏହି ଘଟଣାରେ ମୁଖ୍ୟ ଅନୱାରଙ୍କୁ ୩ ବର୍ଷ ଓ ୪ ମାସ ଏବଂ ଇଜାଜଙ୍କୁ ଅଢ଼େଇ ବର୍ଷ ପାଇଁ ଜେଲ ଦଣ୍ଡାଦେଶରେ ଦଣ୍ଡିତ କରାଯାଇଛି। ସେଣ୍ଟ୍ରାଲ ଇଂଲଣ୍ଡ ବାସିନ୍ଦା ଜାମଶେଦ୍ ପାକିସ୍ତାନ ପକ୍ଷରୁ ସମସ୍ତ ଫର୍ମାଟରେ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛନ୍ତି। ସ୍ପଟ୍ ଫିକ୍ସିଂ ଷଡ଼ଯନ୍ତ୍ରରେ ସାମିଲ ଥିବା ଏହି ତିନି କ୍ରିକେଟର ଗତ ଶୁଣାଣିରେ ସ୍ୱୀକାର କରି ନେଇଥିଲେ। ମାଞ୍ଚେଷ୍ଟର କ୍ରାଉନ କୋର୍ଟ ଜଜ୍ ରିଚାର୍ଡ ମାନଶେଲ କହିଛନ୍ତି, ଅନୱାର ଓ ଇଜାଜ ଅପରାଧରେ ଜଡ଼ିତ ଥିଲେ। କିନ୍ତୁ ଜାମଶେଦ୍ ଅର୍ଥ ପ୍ରୋଲୋଭନର ଶିକାର ହୋଇଥିଲେ।

# ଅନ୍ତିମ ମ୍ୟାଚ୍ ଜିତିଲା ଭାରତ

**ମେଲବୋର୍ନ, ୮।୨:** ଚଳିତ ମହିଳା ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଭାରତ ବିଜୟୀ ହୋଇଛି। ଘରୋଇ ଅଷ୍ଟ୍ରେଲିଆ ଦ୍ୱାରା ଧାର୍ଯ୍ୟ ୧୭୪ ରନ୍‌ର ଟାର୍ଗେଟ୍‌କୁ ଟିମ୍ ଇଣ୍ଡିଆ ୨ ବଲ ପୂର୍ବରୁ ୭ ଉଇକେଟ ହାତରେ ରଖି ହାସଲ କରିନେଇଥିଲା। ଶତକରୁ ଅଳ୍ପକେ ବଞ୍ଚିତ ହୋଇଥିବା ଅଷ୍ଟ୍ରେଲିଆର ଆଶ୍‌ଲେ ଗାର୍ଡନରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

### ମହିଳା ତ୍ରିରାଷ୍ଟ୍ରୀୟ ଟି୨୦ ସିରିଜ୍

ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ପ୍ରଥମରୁ ଦୁଇ ଓପନର ଆଶଲେ ହେଲି(୦) ଓ ବେଥ ମୁନି (୧୬)ଙ୍କ ଉଇକେଟ ହରାଇଥିଲା। ଏହାପରେ ଅଧିନାୟିକା ମେଗ ଲାନ୍ନିଂ ଓ ଗାର୍ଡନର ତୃତୀୟ ଉଇକେଟ ଲାଗି ୭୯ ରନ୍‌ର ଭାଗୀଦାରି କରିଥିଲେ। ଏହି ଯୋଡ଼ିକୁ ଭାଙ୍ଗିବା ସହ ସ୍ପିନର ଦୀପ୍ତି ଶର୍ମା ଭାରତକୁ ଗୁରୁତ୍ୱପୂର୍ଣ୍ଣ ବ୍ରେକ ଥ୍ରୁ ଦେଇଥିଲେ। ଶତକ ଆଡ଼କୁ ଅଗ୍ରସର ହେଉଥିବା ଗାର୍ଡନର ୯୩ ରନ୍‌ରେ ଆଉଟ୍ ହୋଇଥିଲେ। ଫଳରେ ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୧୭୩ ରନ୍ କରିଥିଲା। ଭାରତ ପକ୍ଷରୁ ଦୀପ୍ତି ଶର୍ମା ୨, ରାଜେଶ୍ୱରୀ ଗାଏକ୍ୱାଡ, ରାଧା ଯାଦବ ଓ ହର୍ଲିନ ଦେଓଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଭାରତୀୟ ଓପନର ଶେଫାଳି ବର୍ମା ଓ ସ୍ମୃତି ମନ୍ଧାନା ପ୍ରଥମ ଉଇକେଟ ପାଇଁ ୮.୨ ଓଭରରେ ୮୫ ରନ୍ କରି ଦୃଢ଼ ମୂଳଦୁଆ ପକାଇଥିଲେ। ତେବେ ଶେଫାଳି (୪୯) ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ପରେ ମନ୍ଧାନା ୫୫, ଜେମିମା ରୋଡ୍ରିଗୁଏଜ ୩୦ ଓ ଅଧିନାୟିକା ହରମନପ୍ରୀତ କୌର(୨୦)ଙ୍କ ଯୋଗୁ ଟିମ୍ ଇଣ୍ଡିଆ ୧୯.୪ ଓଭରରେ ୩ ଉଇକେଟ ହରାଇ ୧୭୭ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ପରବର୍ତ୍ତୀ ଲିଗ୍ ମ୍ୟାଚ୍‌ରେ ଘରୋଇ ଅଷ୍ଟ୍ରେଲିଆକୁ ଇଂଲଣ୍ଡ ହରାଇ ଦେଲେ ଭାରତ ଫାଇନାଲରେ ପ୍ରବେଶ କରିବ।



ଶେଫାଳି ବର୍ମା

# ପଞ୍ଚମ ଟାଇଟଲ ଲକ୍ଷ୍ୟରେ ଭାରତ

**ପୋଚେଫ୍‌ଷ୍ଟ୍ରୁମ୍,୮।୨(ପି.ଟି.)**

ଦକ୍ଷିଣ ଆଫ୍ରିକାରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲ ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଭାରତ ଓ ବାଂଲାଦେଶ ରବିବାର ପରସ୍ପରକୁ ଭେଟିବେ। ସ୍ଥାନୀୟ ସେନୱେଜ୍ ପାର୍କ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ପ୍ରିୟମ ଗର୍ଗଙ୍କ ନେତୃତ୍ୱାଧୀନ ଭାରତ ହଟ୍ ଫେଭରାଇଟ ବିବେଚିତ ହେଉଥିଲେ ମଧ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଥିବା ବାଂଲାଦେଶ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଟାଇଟଲ ମୁକାବିଲାରେ ଏଥର ଦକ୍ଷିଣ ଏସିଆର ଦୁଇଟି ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ।

ଭାରତ କ୍ୱାର୍ଟର ଓ ସେମିଫାଇନାଲରେ ଯଥାକ୍ରମେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ଭଳି ଦଳକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ପୂର୍ବରୁ ଭାରତ ସର୍ବାଧିକ ୪ଥର ଟାଇଟଲ ହାସଲ କରିସାରିଛି। ଅପରପକ୍ଷରେ ବାଂଲାଦେଶ ପ୍ରଥମଥର ପାଇଁ ଫାଇନାଲ ଖେଳିବାକୁ ଯାଉଥିଲେ ମଧ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି। ବାଂଲାଦେଶ ମଧ କ୍ୱାର୍ଟର ଓ ସେମିଫାଇନାଲରେ ଯଥାକ୍ରମେ ଆୟୋଜକ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ଭଳି ଶକ୍ତିଶାଳୀ ଦଳକୁ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛି।

ଗତ ୨୦୧୮ ସଂସ୍କରଣରେ ପୃଥ୍ୱୀ ଶ ଓ ଶୁବମନ ଗିଲଙ୍କ ଭଳି ଖେଳାଳି ଦମ୍‌ଦାର ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପୃଥ୍ୱୀ ସିନିୟର ଦଳ ପାଇଁ ଖେଳିଛନ୍ତି ଓ ଶୁବମନ ଖେଳିବାର ସମ୍ଭାବନା ସୃଷ୍ଟି କରିଛନ୍ତି। ଏଥର ଓପ୍‌ନର ଯଶସ୍ୱୀ ଜୟସୁଆଲ, ସ୍ପିନର ରବି ବିଷ୍ଣୋଇ ଓ ଦ୍ରୁତ ବୋଲର କାର୍ତ୍ତିକ ତ୍ୟାଗୀ ଜବରଦସ୍ତ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଫାଇନାଲରେ ମଧ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବ। ୧୯ ବର୍ଷରୁ କମ୍ କ୍ରିକେଟରେ ଭାରତ ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ଉଭା ହୋଇଛି।

ସେମିଫାଇନାଲରେ ଭାରତ ୧୦ ଉଇକେଟରେ ପାକିସ୍ତାନକୁ ହରାଇଥିଲା। ୨୦୦୦ରେ ଭାରତ ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଏହାପରେ ଭାରତ ସପ୍ତମ ଫାଇନାଲ ଖେଳିବାକୁ ଯାଉଛି।

ଅନ୍ୟପଟେ ୨୦୧୮ରେ ବାଂଲାଦେଶ ଗତ ସଂସ୍କରଣର କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଥିଲା। ଗତ ଦୁଇବର୍ଷ ହେବ ବାଂଲାଦେଶ ତାର ପ୍ରସ୍ତୁତି ନିରବଚ୍ଛିନ୍ନ ଭାବେ ଚାଲୁ ରଖିଥିଲା। ଭାରତ ଇଂଲଣ୍ଡରେ ତ୍ରିରାଷ୍ଟ୍ରୀୟ ସିରିଜ ଓ ଗତବର୍ଷ ଏସିଆ କପ୍ ଜିତିଥିଲେ ମଧ ବାଂଲାଦେଶ ଲଢୁଆ ଖେଳ ପ୍ରଦର୍ଶନ କରିଛି। ବାଂଲାଦେଶ ଏକ ଲଢୁଆ ଦଳ। ଏହି ଦଳ ପ୍ରତି ଆମର ଯଥେଷ୍ଟ ସମ୍ମାନ ରହିଛି ବୋଲି ଭାରତୀୟ ଫିଲ୍ଡିଂ କୋଚ୍ ଅଭୟ ଶର୍ମା କହିଛନ୍ତି। ତେବେ ଅବାଞ୍ଛିତ ଚାପ ନେବାକୁ ଆମେ ଚାହୁଁନାହୁଁ ବୋଲି ବାଂଲାଦେଶ ଅଧିନାୟକ ଆକବର ଅଲି କହିଛନ୍ତି।

ଟପ୍ ଅର୍ଡରରେ ଜୈସୁଆଲ, ପ୍ରିୟମ ଓ ଦିବ୍ୟାଂଶ ସାକସେନା ଦାୟିତ୍ୱରେ ରହିବେ। ସୁପର ଫର୍ମରେ ଥିବା ଜୈସୁଆଲ ଏପର୍ଯ୍ୟନ୍ତ ଟୁର୍ନାମେଣ୍ଟରେ ୩୧୨ ରନ ସଂଗ୍ରହ କରିସାରିଲେଣି। ୫ଟି ମ୍ୟାଚ୍ ଖେଳି ସେ ୧୫୬ ରନ ହାରରେ ରନ୍ ସଂଗ୍ରହ କରିଛନ୍ତି। ସେମିଫାଇନାଲରେ ସେ ପାକିସ୍ତାନ ବିପକ୍ଷରେ ଶତକୀୟ ପାଳି ଖେଳି ଅପରାଜିତ ରହିଥିଲେ। ଦ୍ରୁତ ବୋଲିଂରେ ସୁଶାନ୍ତ ମିଶ୍ର, କାର୍ତ୍ତିକ ତ୍ୟାଗୀ, ଆକାଶ ସିଂ ନୂଆ ବଲ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଲେଗ୍ ସ୍ପିନର ରବି ବିଷ୍ଣୋଇ ମଧ ନିର୍ଣ୍ଣାୟକ ପ୍ରଦର୍ଶନ କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି। ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ଭାରତ ବିପକ୍ଷରେ ୨୦୭ ରନ ସଂଗ୍ରହ କରିଥିଲା। ଚଳିତ ବିଶ୍ୱକପ୍‌ରେ ଏକମାତ୍ର ଦଳ ଭାବେ ଶ୍ରୀଲଙ୍କା ଭାରତ ବିପକ୍ଷରେ ୨୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛି।



ଭାରତୀୟ ୧୯ ବର୍ଷରୁ କମ୍ ଦଳର ଖେଳାଳିମାନେ।

### ୧୯ ବର୍ଷରୁ କମ୍ ବିଶ୍ୱକପ୍ ଫାଇନାଲ ଆଜି

- **ଭାରତୀୟ ଦଳ:** ପ୍ରିୟମ ଗର୍ଗ (ଅଧିନାୟକ), ଯଶସ୍ୱୀ ଜୟସୁଆଲ, ଦିବ୍ୟାଂଶ ସାକସେନା, ତିଲକ ବର୍ମା, ଧ୍ରୁବ ଜୁରେଲ (ଉଇକେଟ କିପର), ସିଦ୍ଧେଶ ବୀର, ଅଥର୍ବ ଅଙ୍କୋଲେକର, ରବି ବିଷ୍ଣୋଇ, ସୁଶାନ୍ତ ମିଶ୍ରା, କାର୍ତ୍ତିକ ତ୍ୟାଗୀ, ଆକାଶ ସିଂ, ବିଦ୍ୟାଧର ପାଟିଲ, ଶୁଭାଙ୍ଗ ହେଗ୍‌ଡେ, ଶାଶ୍ୱତ ରାୱତ୍ ଓ କୁମାର କୁଶଗ୍ରା।
- **ବାଂଲାଦେଶ ଦଳ:** ଆକବର ଅଲି (ଅଧିନାୟକ), ଅଭିଷେକ ଦାସ, ହାସନ ମୁରାଦ, ମହମୁଦୁଲ ହାସନ ଜୟ, ଏସ୍.ଏମ. ମେହେରୋବ, ପରଭେଜ ହୋସେନ ଇମୋନ, ପ୍ରାନ୍ତିକ ନୋରୋଜ ନାବିଲ, ରାକିବୁଲ ହାସନ, ଶାହାଦତ ହୋସେନ, ଶହିନ ଆଲମ, ସାମିମ୍ ହୋସେନ, ସୋରିଫୁଲ ଇସ୍‌ଲାମ, ତାନଜିଦ୍ ହାସନ, ତାନ୍‌ଜିମ ହାସନ ସାକିବ ଓ ତୌହିଦ ହୃଦୟୋ।

**ମ୍ୟାଚ୍ ଆରମ୍ଭ** ଅପରାହ୍ଣ ୧.୩୦ | **ପ୍ରସାରଣ** ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ

# ବର୍ଷାରେ ଭିଜିଲେ, ମ୍ୟାଚ ଉପଭୋଗ କଲେ

**ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି)**

ଚଳିତ ଏଫଆଇଏଚ୍ ହକି ପ୍ରୋ ଲିଗ୍‌ରେ ଶନିବାର ଭାରତ ଓ ବେଲଜିୟମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଛି। ଥଣ୍ଡାଜନିତ କୋହଲା ପାଗ ଏବଂ ଝିପିଝିପି ବର୍ଷା ସତ୍ତ୍ୱେ ହକି ପ୍ରତି ସମର୍ଥନ ଜଣାଇଛନ୍ତି ଓଡ଼ିଶା ଦର୍ଶକ। ପ୍ରତିକୂଳ ପାଗ ଯୋଗୁ ଷ୍ଟାଡିୟମ ଭରି ନ ଥିଲେ ହେଁ ଛତା ଧରି ନିଜ ପ୍ରିୟ ଖେଳାଳିଙ୍କୁ ସମର୍ଥନ ଜଣାଇବା ପାଇଁ ବେଶ୍ କିଛି ଦର୍ଶକ ଷ୍ଟାଡିୟମରେ ଉପସ୍ଥିତ ଥିଲେ। ଦର୍ଶକଙ୍କ ଉପସ୍ଥିତିରେ ଉତ୍ସାହୀ ପ୍ରଦର୍ଶନ ମଧ୍ୟ କରିଥିଲା ଭାରତ। ସମ୍ମୁଖରେ ବିଶ୍ୱ ଚାମ୍ପିୟନ ଏବଂ ବିଶ୍ୱର ନମ୍ବରଓ୍ୱାନ ଦଳ ଥିଲେ ହେଁ ଚାପରେ ନ ରହି କଡ଼ା ଟକ୍କର ଦେବା ସହ ୨-୧ ଗୋଲରେ ବିଜୟ ହାସଲ କରିଥିଲା ଘରୋଇ ଦଳ। ଭାରତ ପକ୍ଷରୁ ୨ୟ ମିନିଟରେ ମନଦୀପ ସିଂ ଓ ୪୭ତମ ମିନିଟରେ ରମଣଦୀପ ସିଂ ଗୋଲ ଦେଇଥିବାବେଳେ ବେଲଜିୟମ ପକ୍ଷରୁ ଗାଥିର ବୋକାର୍ଡ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପୂରା ମ୍ୟାଚରେ ବେଲଜିୟମ ଦକ୍ଷତା ଅନୁସାରେ ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ଘରୋଇ ଗ୍ରାଉଣ୍ଡରେ ବିଶ୍ୱ ଚାମ୍ପିୟନକୁ ରୋକିବାରେ ସକ୍ଷମ ହୋଇଥିଲା ମନପ୍ରୀତ ସିଂ ବାହିନୀ।



ବର୍ଷା ଓ ଥଣ୍ଡା ପାଗ ସତ୍ତ୍ୱେ ଛତା ଧରି ମ୍ୟାଚ ଉପଭୋଗ କରୁଛନ୍ତି ହକି ପ୍ରଶଂସକ।

## ହକି ପ୍ରୋ ଲିଗ୍ ପଏଣ୍ଟ ଟେବୁଲ

| ଦଳ | ଖେଳିଛି | ଜିତିଛି | ଶୁ.ବିଜୟ | ଶୁ.ପରାଜୟ | ପରାଜୟ | ପଏଣ୍ଟ |
|---|---|---|---|---|---|---|
| ବେଲଜିୟମ | ୫ | ୩ | ୧ | ୦ | ୧ | ୧୧ |
| ଭାରତ | ୩ | ୨ | ୧ | ୦ | ୦ | ୮ |
| ନେଦରଲାଣ୍ଡସ୍ | ୪ | ୨ | ୦ | ୧ | ୧ | ୭ |
| ଅଷ୍ଟ୍ରେଲିଆ | ୪ | ୧ | ୧ | ୧ | ୧ | ୬ |
| ଜର୍ମାନୀ | ୨ | ୧ | ୧ | ୦ | ୦ | ୫ |
| ସ୍ପେନ | ୫ | ୧ | ୦ | ୧ | ୩ | ୪ |
| ଗ୍ରେଟ ବ୍ରିଟେନ | ୩ | ୦ | ୦ | ୨ | ୧ | ୨ |
| ନ୍ୟୁଜିଲାଣ୍ଡ | ୩ | ୦ | ୧ | ୦ | ୨ | ୨ |
| ଆର୍ଜେଣ୍ଟିନା | ୧ | ୦ | ୦ | ୦ | ୧ | ୦ |

କଳିଙ୍ଗ କର୍ନର

## ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ଭାରତ ୪ ନମ୍ବରକୁ ଉନ୍ନୀତ

**ଭୁବନେଶ୍ୱର, ୮।୨(କ୍ରୀଡ଼ା ପ୍ରତିନିଧି):** ବିଶ୍ୱର ନମ୍ବରଓ୍ୱାନ ବେଲଜିୟମ ବିପକ୍ଷ ମ୍ୟାଚ ଜିତିବାପରେ ଭାରତ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୪ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛି। ୨୦୦୩ରେ ର୍ୟାଙ୍କିଙ୍ଗ୍ ପ୍ରଥା ପ୍ରଚଳନ ହେବାପରେ ଭାରତ ପ୍ରଥମଥରପାଇଁ ଏହି ସଫଳତା ଅର୍ଜନ କରିଛି। ପୂର୍ବରୁ ଭାରତ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୫ ନମ୍ବର ସ୍ଥାନରେ ଥିଲା। ଏହା ପୂର୍ବରୁ ପ୍ରୋ ଲିଗ୍‌ରେ ଭାରତ ୨ଟି ମ୍ୟାଚରେ ନେଦରଲାଣ୍ଡସ୍‌କୁ ହରାଇଥିଲା। ପ୍ରଥମ ମ୍ୟାଚକୁ ଦଳ ୫-୨ ଗୋଲରେ ଜିତିଥିବାବେଳେ ଦ୍ୱିତୀୟ ମ୍ୟାଚ ୩-୩ ସ୍ଥିତିରେ ଶେଷ ହେବାରୁ ଶୁଟ୍ ଆଉଟରେ ଭାରତ ୩-୧ ଗୋଲରେ ବିଜୟ ହାସଲ କରିଥିଲା। ବେଲଜିୟମ ବିପକ୍ଷରେ ଭାରତର ଏହା ୫୦ତମ ବିଜୟ ଥିଲା। ଏହା ଭାରତକୁ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୪ ନମ୍ବର ସ୍ଥାନକୁ ନେଇ ଯାଇଥିବାବେଳେ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନା ୫ ନମ୍ବର ସ୍ଥାନକୁ ଖସିଛି।




## ରାଜ୍‌ଙ୍କ କ୍ୟାରିୟର ଆରମ୍ଭ

ଭାରତୀୟ ହକି ଦଳର ଯୁବ ପ୍ରତିଭା ମିଡ୍‌ଫିଲ୍ଡର ରାଜ କୁମାର ପାଲଙ୍କ ଅନ୍ତର୍ଜାତୀୟ କ୍ୟାରିୟର ଶନିବାର ଆରମ୍ଭ ହୋଇଛି। ବେଲଜିୟମ ପରି ଶକ୍ତିଶାଳୀ ଦଳ ବିପକ୍ଷରେ କ୍ୟାରିୟର ଆରମ୍ଭ କରିଥିଲେ ହେଁ ନିଜର ପ୍ରଥମ ମ୍ୟାଚ ସ୍ମୃତି ମଧୁର ହୋଇଛି। କାରଣ ଏହି ମ୍ୟାଚରେ ବେଲଜିୟମକୁ ପରାସ୍ତ କରିଛି ଭାରତ। ଭାରତୀୟ ଯୁବ ଦଳର ସଦସ୍ୟଭାବେ ସୁଲତାନ ଜୋହର କପ୍‌ରେ ନିଜ ପ୍ରତିଭା ଦେଖାଇ ସିନିୟର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ରାଜ। ଟୋକିଓ ଅଲିମ୍ପିକ୍ସ ପାଇଁ ଦଳ ଗଠନ ଲକ୍ଷ୍ୟରେ ଥିବା କୋଚ୍ ଗ୍ରାହାମ ରିଡ୍ ମଧ୍ୟ ରାଜଙ୍କୁ ବେଲଜିୟମ ବିପକ୍ଷରେ ଷ୍ଟାର୍ଟିଂ-୧୧ରେ ଖେଳାଇଥିଲେ। ଏଥିରେ ଉତ୍ସାହିତ ହୋଇ ରାଜ ମଧ୍ୟ ଭଲ ଖେଳିଥିଲେ। ମାଲେସିଆରେ ଅନୁଷ୍ଠିତ ସୁଲତାନ ଜୋହର କପ୍‌ରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ ରାଜ। ତାଙ୍କ ସ୍ପିଡ୍ ଓ ଦକ୍ଷତାରେ ପ୍ରଭାବିତ ହୋଇ ପୁରସ୍କାର ସ୍ୱରୂପ ରିଡ୍ ରାଜଙ୍କୁ ସିନିୟରରେ ଖେଳାଇବାକୁ ନିଷ୍ପତ୍ତି ନେଇଥିଲେ।



### ସୁଯୋଗକୁ ଗୋଲ୍‌ରେ ପରିଣତ କରି ନ ପାରିବା ଦୁଃଖଦାୟକ

**ବେଲଜିୟମର ପରାଜୟ ପରେ ଜଣେ ଖେଳାଳିଙ୍କ ପ୍ରତିକ୍ରିୟା**

''ଏହା ଏକ କଷ୍ଟସାଧ୍ୟ ମ୍ୟାଚ ଥିଲା। ଘରୋଇ ପରିବେଶରେ ଭାରତ ବିପକ୍ଷରେ ଖେଳିବା ସହଜ ନୁହେଁ। ତେବେ ଆମେ ଅନେକ ସୁଯୋଗ ପାଇଥିଲେ ହେଁ ତାହାକୁ ଗୋଲରେ ପରିଣତ କରି ନ ପାରିବା ଦୁଃଖଦାୟକ ଥିଲା। ଏହି ମ୍ୟାଚରେ ଭାରତୀୟ ଗୋଲକିପର ଚମତ୍କାର ସେଭ୍ କରିଥିଲେ। ଫଳରେ ଆମେ ଅନେକ ପେନାଲ୍ଟି କର୍ନର ପାଇଥିଲେ ହେଁ ମାତ୍ର ଗୋଟିଏ ଗୋଲ ଦେଇ ପାରିଥିଲୁ। ତେବେ ରବିବାର ଆମେ ପରାଜୟର ମଧୁର ପ୍ରତିଶୋଧ ନେଇପାରିବୁ ବୋଲି ଆଶା ରଖିଛୁ'' ବୋଲି ବେଲଜିୟମ ଅଧିନାୟକ ଥୋମାସ ବ୍ରିଲ୍ସ ପ୍ରକାଶ କରିଛନ୍ତି। ଶନିବାର ମ୍ୟାଚରେ ବେଲଜିୟମର ବଲ୍ ପୋଜିସନ ଚମତ୍କାର ରହିଥିଲା। ୩୮ ଥର ଏହି ଦଳ ଭାରତ ସର୍କଲରେ ପ୍ରବେଶ କରିଥିଲା। ୨୪ଟି ଶୁଟ୍ କରିଥିଲେ ହେଁ କେବଳ ଗୋଟିଏ ଗୋଲ ଦେବାକୁ ସକ୍ଷମ ହୋଇଥିଲା।




ଏଫଆଇଏଚ୍ ପ୍ରୋ ଲିଗ୍: ବେଲଜିୟମ ବିପକ୍ଷରେ ବିଜୟୀ ଭାରତୀୟ ଦଳ। (ଫଟୋ: ବିକାଶ ନାୟକ)



ଅତିଥି ଏଫଆଇଏଚ୍ ସଭାପତି ନରିନ୍ଦର ବାତ୍ରା ହକି ଇଣ୍ଡିଆର କର୍ମକର୍ତ୍ତାଙ୍କ ସହ।

## ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶା ବିଜୟୀ



ପ୍ରତିଯୋଗୀମାନେ ଚେସ୍ ଖେଳରେ ନିମଗ୍ନ।

**ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି):** ଗୁଜରାଟର ଅହମ୍ମଦାବାଦଠାରେ ଚାଲିଥିବା ୪୦ତମ ଜାତୀୟ ଟିମ୍ ଚେସ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶା ମହିଳା ଓ ପୁରୁଷ ଦଳ ବିଜୟୀ ହୋଇଛି। ଏଥିରେ ଓଡ଼ିଶାର ଗୋଟିଏ ମହିଳା ଓ ୨ଟି ପୁରୁଷ ଦଳ ଅଂଶଗ୍ରହଣ କରିଛନ୍ତି। ନାଲ୍‌କୋରେ କାର୍ଯ୍ୟରତ ଅପରାଜିତା ଗୋଚ୍ଛିକାରଙ୍କ ନେତୃତ୍ୱାଧୀନ ମହିଳା ଦଳରେ ସ୍ୱାରକୀ ମହାନ୍ତି, ନବନୀତା ପଟ୍ଟନାୟକ ଓ ଲୋପାମୁଦ୍ରା ରାଉତରାୟ ସ୍ଥାନ ପାଇଛନ୍ତି। ଓଡ଼ିଶା ପୁରୁଷ 'ଏ' ଦଳରେ ସିଦ୍ଧାନ୍ତ ମହାପାତ୍ର, ଉତ୍କଳ ରଞ୍ଜନ ସାହୁ, ବୈଭବ ମିଶ୍ର ଓ ରାଜେଶ ନାୟକ ଥିବାବେଳେ 'ବି' ଦଳରେ ଅଂଶୁମାନ ସାମଲ, ନିଲ୍ସୁ ପଟ୍ଟନାୟକ, ସୁସୋଭିତ ଦାସ ଓ ଆଶୁତୋଷ ମହାନ୍ତି ରହିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶା ମହିଳା ଦଳ ଗୁଜରାଟକୁ ୩-୦ରେ, ପୁରୁଷ 'ଏ' ଦଳ ମହାରାଷ୍ଟ୍ରକୁ ୪-୦ ଓ 'ବି' ଦଳ ଗୁଜରାଟକୁ ୨.୫-୧.୫ ପଏଣ୍ଟରେ ପରାସ୍ତ କରିଛି।

## ସର୍ବଭାରତୀୟ ଟେନିସ: ଦେବାଶିଷ ରନର୍ସଅପ୍

**ଭୁବନେଶ୍ୱର, ୮।୨ (କ୍ରୀଡ଼ା ପ୍ରତିନିଧି):** କୋଲକାତାର ସାଉଥ୍ କ୍ଲବରେ ଶନିବାର ଶେଷ ହୋଇଥିବା ସର୍ବଭାରତୀୟ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଓ ଡବଲ୍ସରେ ଓଡ଼ିଶାର ଦେବାଶିଷ ସାହୁ ରନର୍ସଅପ୍ ହୋଇଛନ୍ତି। ସିଙ୍ଗଲ୍ସ ଫାଇନାଲରେ ସେ ଏସିଆର ନମ୍ବରଓ୍ୱାନ ର୍ୟାଙ୍କ୍‌ପ୍ରାପ୍ତ ରୁଶିଲ ଖୋସାଲଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରିଛନ୍ତି। ସେହିପରି ଡବଲ୍ସରେ ଜାସନ ମାଇକେଲ ଡେଭିଡଙ୍କୁ ସାଥିକରି ଖେଳିଥିବା ଦେବାଶିଷ ୩-୬, ୫-୭ ସେଟ୍‌ରେ ରୁଶିଲ ଓ ମନନ ନାଥ ଯୋଡ଼ିଙ୍କଠାରୁ ପରାଜିତ ହୋଇଛନ୍ତି। ଫରହାନ ଟେନିସ ଏକାଡେମୀରେ ପ୍ରଶିକ୍ଷଣପ୍ରାପ୍ତ ଦେବାଶିଷ ପ୍ରଥମ ଓଡ଼ିଶା ଖେଳାଳିଭାବେ କୋଲକାତାରେ ଅନୁଷ୍ଠିତ ୱିମ୍ବେଲଡନ ଜୁନିୟର ଟେନିସ ଇଭେଣ୍ଟର ଯୋଗ୍ୟତା ପର୍ଯ୍ୟାୟ ଖେଳିବାକୁ ମନୋନୀତ ହୋଇଥିଲେ।

## ଲେନିନ-ଲିଙ୍ଗରାଜ ଯୋଡ଼ି ଚାମ୍ପିୟନ

**ଭୁବନେଶ୍ୱର, ୮।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ୟୁନିଟ୍-୧ ଇନ୍‌ଡୋର ହଲ୍‌ରେ ଭୁବନେଶ୍ୱର ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମ ମିଡିଆ କପ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲେନିନ ମଲ୍ଲିକ ଓ ଲିଙ୍ଗରାଜ ଲେଙ୍କାଙ୍କ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଏହି ଯୋଡ଼ି ଫାଇନାଲରେ ୨-୦ସେଟ୍‌ରେ ସି.ଏସ୍. ବାବୁ ଓ ପି.କେ. ପାତ୍ର ଯୋଡ଼ିଙ୍କୁ ହରାଇ ଦେଇଥିଲେ। ସେମିଫାଇନାଲରେ ଲେନିନ ଓ ଲିଙ୍ଗରାଜ ଯୋଡ଼ି ବି.କେ. ସାହୁ ଓ ସି.କେ. ନାୟକଙ୍କୁ ହରାଇ ଦେଇଥିବାବେଳେ ସି.ଏସ୍. ଦାସ ଓ ନିର୍ଦ୍ଦେଶ କୁମାରଙ୍କୁ ପରାସ୍ତ କରି ସି.ଏସ୍. ବାବୁ ଓ ପି.କେ. ପାତ୍ର ଯୋଡ଼ି ଫାଇନାଲକୁ ଉନ୍ନୀତ ହୋଇଥିଲେ। ଟୁର୍ନାମେଣ୍ଟରେ ଗଣମାଧ୍ୟମର ୪୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ବରିଷ୍ଠ ଜର୍ନାଲିଷ୍ଟ କେ. ରବି ଓ ମନୋରଞ୍ଜନ ମିଶ୍ର ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଟୁର୍ନାମେଣ୍ଟ ଶେଷରେ ଚାମ୍ପିୟନ ଓ ରନର୍ସଅପ୍ ଯୋଡ଼ିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କୁ ମେମେଣ୍ଟୋ ପ୍ରଦାନ କରାଯାଇଥିଲା। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଜର୍ନାଲିଷ୍ଟ ଭକ୍ତ ତ୍ରିପାଠୀ, ଭୁବନେଶ୍ୱର ଜିଲା ବ୍ୟାଡ୍‌ମିଣ୍ଟନ ସଂଘର ସଭାପତି ଚଣ୍ଡୀ ପ୍ରସାଦ ଦାସ, ସମ୍ପାଦକ ସନ୍ତୋଷ ଚୌଧୁରୀ, ବିବେକାନନ୍ଦ ମିଶ୍ର ଓ ବିକ୍ରମ କେଶରୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମନୋଜ କୁମାର, ରଶ୍ମିକାନ୍ତ ଭୂୟାଁ, ଡି. ଶୁଭକାନ୍ତ ମହାନ୍ତି, ନଇମୁଦ୍ଦିନ ଖାନ୍, ଜ୍ଞାନ ଚାନ୍ଦ, ଅଜିତ ମହାନ୍ତି ଓ ରଶ୍ମି ମ୍ୟାଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ଶକ୍ତି ରଞ୍ଜନ ସ୍ୱାଇଁ, ଯୁଗ୍ମ ସମ୍ପାଦକ ଦୀପ୍ତି ପ୍ରକାଶ ସୁବୁଦ୍ଧି, କୋଷାଧ୍ୟକ୍ଷ ଶ୍ରୀମନ୍ତ ମିଶ୍ର, ସତୀର୍ଥ ନାୟକ ଓ ପୃଥ୍ୱୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ମିଡିଆ କପ୍ ପରିଚାଳନା କରିଥିଲେ।




ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ଫେବୃୟାରୀ ୯/୨୦୨୦ Sambalpur, Sunday, February 9 / 2020

## ସଂକ୍ଷେପରେ

### ନାବାଳକ ଗାଡ଼ି ଚାଳକଙ୍କୁ ୪୨,୫୦୦ ଟଙ୍କା ଜରିମାନା

**ଭଦ୍ରକ ଅଫିସ, ୮।୨:** ନୂଆ ମୋଟର ଯାନ ଆଇନ ଲାଗୁ ହେବା ପରେ ବେପରୁଆ ଗାଡ଼ି ଚାଳନା ଉପରେ ରୋକ ଲଗାଯାଇଛି। ହେଲ୍‌ମେଟ ନ ପିନ୍ଧି ବାଇକ୍ ଚଲାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର ଓ ରଙ୍ଗରୁଟ୍‌ରେ ଯିବା ଆଦି ଉପରେ କଟକଣା ରହିଛି। ଡ୍ରାଇଭିଂ ଲାଇସେନ୍ସ କିମ୍ବା ଗାଡ଼ିର କାଗଜପତ୍ର ଠିକ୍ ନ ଥିଲେ ଚାଳକଙ୍କୁ ଜରିମାନା ଦେବାକୁ ପଡ଼ିବ। ସେହିପରି ୧୮ ବର୍ଷରୁ କମ୍ ବୟସର ପିଲା ଗାଡ଼ି ଚଲାଇ ପାରିବେ ନାହିଁ। ଏହି ପରିପ୍ରେକ୍ଷୀରେ ଶନିବାର ଜଣେ ନାବାଳକଙ୍କୁ ବାଇକ୍ ଚାଳନା ମହଙ୍ଗା ପଡ଼ିଛି। ନାବାଳକ ଜଣଙ୍କ ବାଇକ୍ ଚଲାଉଥିବାବେଳେ ଭଦ୍ରକ ଆର୍‌ଟିଓ ହାବୁଡ଼ରେ ପଡ଼ିଥିଲେ। ନାବାଳକ ୪୨,୫୦୦ ଟଙ୍କା ଜରିମାନା ଦେବାକୁ ଆର୍‌ଟିଓଙ୍କ ପକ୍ଷରୁ ରସିଦ୍ କଟାଯାଇଛି। ସୂଚନା ଅନୁଯାୟୀ, ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାଣୀଗଡ଼ିଆ ନିକଟରେ ନାବାଳକ ବାଇକ୍ ଚଲାଇ ଯାଉଥିବାବେଳେ ଜିଲା ପରିବହନ ଅଧିକାରୀ ତାଙ୍କୁ ଅଟକାଇଥିଲେ। ଗାଡ଼ିର କାଗଜପତ୍ର, ଆବଶ୍ୟକ ଡ୍ରାଇଭିଂ ଲାଇସେନ୍ସ ନ ଥିବା କାରଣରୁ ଏହି ଜରିମାନା ଦେବାକୁ ରସିଦ୍ କଟାଯାଇଥିଲା। ଚାଳକ କୌଣସି ଜରିମାନା ଦେଇନାହାନ୍ତି। ତେବେ ଏହି ଘଟଣା ପରେ ନାବାଳକ ଗାଡ଼ି ଚାଳକଙ୍କ ମନରେ ଛନକା ପଶିଛି।

# ମାନବବାଦ କ୍ଷେତ୍ରରେ ଭୀମଭୋଇ ଉଜ୍ଜ୍ୱଳ ଜ୍ୟୋତିଷ୍କ

**ସୋନପୁର, ୮।୨(ନି.ପ୍ର.)**



ମାଘମେଳା ବିଶେଷାଙ୍କ ମହିମାକୁ ଅତିଥି ବୃନ୍ଦ ଉନ୍ମୋଚନ କରୁଛନ୍ତି।

### ସମାଧି ପୀଠରେ ମାଘମେଳା ସମାରୋହ

ସନ୍ଥ କବି ଭୀମଭୋଇ ଧର୍ମ, ସଂସ୍କୃତି, ସାହିତ୍ୟ ଓ ମାନବବାଦ କ୍ଷେତ୍ରରେ ଏକ ମହାନ ଏବଂ ଉଜ୍ଜ୍ୱଳମୟ ଜ୍ୟୋତିଷ୍କ। ତାଙ୍କ ଦର୍ଶନ ଏବଂ ଜ୍ଞାନାଲୋକ ସମସ୍ତ ମାନବଜାତିକୁ ପଥ ପ୍ରଦର୍ଶନ କରୁଛି। ସମାଜ ଓ ସାମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା। ଭାରତୀୟ ସାହିତ୍ୟରେ ସେ ଏକ ସ୍ୱତନ୍ତ୍ର ଆସନର ଅଧିକାରୀ। ପ୍ରଚଣ୍ଡ ମାନବବାଦୀ ଏହି ଦୃଷ୍ଟିହୀନ କବି ଜଗତର ଉଦ୍ଧାର ପାଇଁ ନିଜକୁ ନର୍କରେ ନକ୍ଷେପ କରିବାକୁ ପ୍ରସ୍ତୁତ ଥିଲେ। ତାଙ୍କ ଅମୂଲ୍ୟ ରଚନାରେ ଓଡିଆ ଭାଷା ଓ ସାହିତ୍ୟ ଋଦ୍ଧିମନ୍ତ ହୋଇଛି ବୋଲି ସୁବର୍ଣ୍ଣପୁର ଜିଲା ଖଲିଆପାଲିଠାରେ ଥିବା ସନ୍ଥକବି ଭୀମଭୋଇଙ୍କ ସିଦ୍ଧି, ସାଧନା ଓ ସମାଧି ପୀଠରେ ଶନିବାର ଅନୁଷ୍ଠିତ ସାରସ୍ୱତ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଏହି ମତବ୍ୟକ୍ତ କରିଛନ୍ତି।

ଜିଲାପାଳ ତଥା ସମାଧି ପୀଠ ଟ୍ରଷ୍ଟ ଅଧ୍ୟକ୍ଷ ମୋନିଷା ବାନାର୍ଜୀଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ସନ୍ଥ କବି କେବଳ କବି ନଥିଲେ, ସେ ଥିଲେ ଜଣେ ବିପ୍ଲବୀ ଓ ସମାଜ ସଂସ୍କାରକ। ତାଙ୍କର ମୂଳ ଲକ୍ଷ୍ୟ ଥିଲା ଆଧ୍ୟାତ୍ମିକତା। ତାଙ୍କ କବିତାକୁ ସେ ଶବ୍ଦର ବିଳାସରେ ପରିପୂର୍ଣ୍ଣ କରି ନଥିଲେ। ସମାଜ ଓ ସାମାଜିକ ବ୍ୟବସ୍ଥାକୁ ତ୍ରୁଟିମୁକ୍ତ କରିବା ପାଇଁ ତାଙ୍କର ସମସ୍ତ ରଚନା ଅଭିପ୍ରେତ ଥିଲା। ଖଲିଆପାଲି ପୀଠ ଆମ ଜିଲାର ଗର୍ବ ଓ ଗୌରବ। ଏହି ଅବସରରେ ଶ୍ରଦ୍ଧାଳୁଙ୍କ ବସିବା ପାଇଁ ଛାତ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ପୂଜାରୀ ଘୋଷଣା କରିଥିଲେ। ଜିଲାପାଳ ବାନାର୍ଜୀ ତାଙ୍କ ବକ୍ତବ୍ୟରେ ଭୀମଭୋଇଙ୍କ ବାଣୀ ଦେଶର ଲୋକ ସଭା ପରିସର ଓ ଜାତିସଂଘର କାନ୍ଥରେ ଶୋଭା ପାଉଛି। ତେଣୁ ଭୀମଭୋଇଙ୍କ ପାଇଁ ଏହି ମାଟି ପବିତ୍ର ହୋଇଛି ବୋଲି କହିଥିଲେ। ଏସ୍‌ପି ଦେବୀ ପ୍ରସାଦ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୀମଭୋଇ ଅହିଂସାର ପୂଜାରୀ ଥିଲେ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥିଭାବେ ଯୋଗଦାନ କରି ସନ୍ଥ କବି ସମାଜରେ ପ୍ରଚଳିତ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ସ୍ମୃତି ଚିନ୍ତାମଣି ଏହିଠାରେ ରଚନା କରିଥିଲେ ବୋଲି କହିଥିଲେ। ସୋନପୁର ଉପଜିଲାପାଳ ତଥା ସମାଧି ପୀଠ ଟ୍ରଷ୍ଟର ଉପାଧ୍ୟକ୍ଷ ବଳରାମ ମଲ୍ଲିକ, ଶିକ୍ଷାବିତ୍ ବ୍ରଜମୋହନ ଦାନୀ ମଞ୍ଚାସୀନ ଥିଲେ। ପ୍ରଫେସର ଡ. ସନ୍ତୋଷ କୁମାର ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭୀମଭୋଇଙ୍କ ଆବିର୍ଭାବ ପୃଥିବୀରେ ଏକ ନବ ଜାଗରଣ ଆଣିଥିଲା। ସେ ଜୀବନର ଶେଷ ୨୦ ବର୍ଷ ଖଲିଆପାଲିଠାରେ ବିତାଇ ତାଙ୍କର ଶ୍ରେଷ୍ଠ ସାହିତ୍ୟ କୃତି ସବୁ ରଚନା କରିଥିଲେ। ସେ ସମସାମୟିକ ସମାଜର ଧର୍ମାନ୍ଧତା ବିରୋଧରେ କବିତା ମାଧ୍ୟମରେ ସ୍ୱର ଉତ୍ତୋଳନ କରିଥିଲେ ବୋଲି କହିଥିଲେ। ଭୀମଭୋଇ ସମାଧି ପୀଠ ଟ୍ରଷ୍ଟର ତତ୍ତ୍ୱାବଧାରକ ଛତ୍ରଧାରୀ ଅଗ୍ରୱାଲ କବିଙ୍କ ଅନନ୍ୟ କାବ୍ୟ ସୃଷ୍ଟି ସମ୍ପର୍କରେ ମତ ରଖିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଚଳିତ ବର୍ଷ ସକାଶେ ଡ. ସନ୍ତୋଷ କୁମାର ରଥଙ୍କୁ ଭୀମଭୋଇ ସ୍ମୃତି ସମ୍ମାନ, ବାବା ଓଁକାର ଦାସଙ୍କୁ ଭୀମଭୋଇ ମହିମା ସମ୍ମାନ, ବଲାଙ୍ଗୀରର ଡ. ଘାସିରାମ ମିଶ୍ରଙ୍କୁ ଭୀମଭୋଇ କଳା ସମ୍ମାନ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଯୁଗଳ କିଶୋର ମେହେରଙ୍କୁ ଭୀମଭୋଇ ସାହିତ୍ୟ ସମ୍ମାନ ଓ ଡ. ଅନିରୁଦ୍ଧ କୁରୁକୁରିଆଙ୍କୁ ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ସାମାଜିକକର୍ମୀ ଗୋରେଖନାଥ ସାହୁ ସଭା ସଂଯୋଜନା କରିଥିଲେ। ଟ୍ରଷ୍ଟର ବରିଷ୍ଠ ସଭ୍ୟ ବ୍ୟୋମକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାଘ ମେଳା ବିଶେଷାଙ୍କ ମହିମାକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଗତ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ମାଘ ମେଳା ରବିବାର ପର୍ଯ୍ୟନ୍ତ ଚାଲିବ। ପରମ୍ପରା ମତେ ଶନିବାର ଅପରାହ୍ଣରେ ମନ୍ଦିରର ଦ୍ୱାର ଉନ୍ମୁକ୍ତ ହୋଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଧାଡିବାନ୍ଧି ସମାଧି ମନ୍ଦିରକୁ ଦର୍ଶନ କରୁଛନ୍ତି। ମେଳା ଅବସରରେ ସମାଧି ପୀଠ ଦୁଇ ଦିନ ପାଇଁ ଶ୍ରଦ୍ଧାଳୁଙ୍କ ସକାଶେ ଖୋଲା ରହିବ। କବିଙ୍କ ପାଦୁକା ଓ ସମାଧିଙ୍କୁ ଦର୍ଶନ କରି ଭକ୍ତ ନିଜକୁ ଧନ୍ୟ ମନେ କରୁଛନ୍ତି।

## ନବଦମ୍ପତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ନବରଙ୍ଗପୁର/ଉମରକୋଟ,୮।୨(ବି.ପ୍ର/ଡି.ଏନ.ଏ)**

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ସୀମାନ୍ତ ଦଣ୍ଡସରା ଗେଟାଗୁଡା ସାହିର ଏକ ଜମିରେ ଥିବା ଅସ୍ଥାୟୀ କୁଡିଆ ଭିତରୁ ଝୁଲନ୍ତା ଅବସ୍ଥାରେ ନବଦମ୍ପତିଙ୍କ ମୃତଦେହ ଶନିବାର ଉଦ୍ଧାର କରାଯାଇଛି। ମୃତ ଦମ୍ପତି ହେଲେ ନିତ୍ୟାନନ୍ଦ ଭତ୍ରା ଓ ତାଙ୍କ ସ୍ତ୍ରୀ ରୀନା ଗଣ୍ଡ। ସେମାନେ ଏକ ବର୍ଷ ହେଲା ପ୍ରେମବିବାହ କରିଥିଲେ। ଗେଟାଗୁଡା ଗ୍ରାମର ଦଶମତ ଭତ୍ରାଙ୍କ ସାନପୁଅ ନିତ୍ୟାନନ୍ଦ ଓ ବୋହୂ ରୀନା ଶୁକ୍ରବାର ରାତିରେ ଘରେ ଖାଇ ସାରିବା ପରେ ଶୋଇବାକୁ ଯାଇଥିଲେ। ଶନିବାର ସକାଳେ ନିତ୍ୟା ଓ ରୀନାଙ୍କୁ ପରିବାର ଲୋକ ଘରେ ପାଇ ନ ଥିଲେ। ଇଟା ତିଆରି କରିବାକୁ ଜମିକୁ ଯାଇଥିବେ ବୋଲି ପରିବାର ଲୋକ ଭାବିଥିଲେ। ପୁଅ ଓ ବୋହୂଙ୍କ ନିମନ୍ତେ ମା' ଜୟନ୍ତୀ ଜମିକୁ ଚା' ଧରି ଯାଇଥିଲେ। କିନ୍ତୁ ଜମିରେ ଥିବା ଅସ୍ଥାୟୀ କୁଡିଆରେ ୨ ଜଣଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଘରେ ଜଣାଇଥିଲେ। ଖବର ପାଇ ଆଇଆଇସି ଉମେଶ ଚନ୍ଦ୍ର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ମୃତ୍ୟୁର କାରଣ ଜଣାପଡି ନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି।


ଗୁରୁକୁଳ ଆଶ୍ରମରେ ମନ୍ତ୍ରୀଙ୍କ ସହ ଅତିଥିବୃନ୍ଦ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ରାଷ୍ଟ୍ର ଗଠନ ପାଇଁ ଗୁରୁକୁଳର ଆବଶ୍ୟକତା ରହିଛି: କେନ୍ଦ୍ରମନ୍ତ୍ରୀ

**ନୂଆପଡା ଅଫିସ,୮।୨**

### ଗୁରୁକୁଳ ଆଶ୍ରମ ଆମ ସେନାର ବାର୍ଷିକ ଉତ୍ସବ

ପ୍ରାଚୀନକାଳରୁ ଗୁରୁକୁଳ ଶିକ୍ଷା ପାଇଁ ସ୍ୱତନ୍ତ୍ର ସ୍ଥାନ ଅକ୍ତିଆର କରି ରଖିଛି। ଉତ୍ତମ ରାଷ୍ଟ୍ର ଗଠନ କରିବାକୁ ଉତ୍ତମ ଚରିତ୍ର ନିର୍ମାଣ କରିବା ଜରୁରୀ। ଚରିତ୍ର ନ ଥିଲେ ସବୁ ଅସାର। ତେଣୁ ଏକ ଉତ୍ତମ ରାଷ୍ଟ୍ର ଗଠନ ପାଇଁ ଗୁରୁକୁଳର ଆବଶ୍ୟକତା ରହିଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ କୁମାର ଷଡଙ୍ଗୀ କହିଛନ୍ତି। ସ୍ଥାନୀୟ ଆମସେନାସ୍ଥିତ ଗୁରୁକୁଳ ଆଶ୍ରମର ୫୨ତମ ବାର୍ଷିକ ଉତ୍ସବରେ ଯୋଗଦେଇ ମନ୍ତ୍ରୀ ଏହା କହିଥିଲେ। ଶନିବାର ପୂର୍ବାହ୍ଣ ୧୧ଟାରେ ଆଶ୍ରମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଆଶ୍ରମ ମୁଖ୍ୟ ଧର୍ମାନନ୍ଦ ସରସ୍ୱତୀ ଅଧ୍ୟକ୍ଷତା କରିଥିବାବେଳେ ମନ୍ତ୍ରୀ ମୁଖ୍ୟଅତିଥି, କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା, ସ୍ୱାମୀ ଆର୍ଯ୍ୟ ବେଶଜୀ, ହରିଭୂମି ସମ୍ପାଦକ ଡ. ହିମାଂଶୁଜୀ, ସତ୍ୟବ୍ରତଜୀ, ସୋମଦେବ ଶାସ୍ତ୍ରୀ, କ୍ୟାପଟେନ ଅଭିମନ୍ୟୁ ଜୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଆଶ୍ରମ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏମ୍‌ପି ପଣ୍ଡା ପଶ୍ଚିମ ଓଡ଼ିଶାର ଏହା ଏକ ଦେବୋଭୂମି। ଏଭଳି ପବିତ୍ର ଆଶ୍ରମ ନିର୍ମାଣ କରି ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ପ୍ରୟାସ ଚଳାଇଥିବାରୁ ଧନ୍ୟବାଦ ଦେଇଥିଲେ। ଏଭଳି ପବିତ୍ର କାମ ପାଇଁ ନିଜକୁ ଉତ୍ସର୍ଗୀକୃତ ସେବା କରିବା ବିଧେୟ ବୋଲି କହିଥିଲେ। ହରିଭୂମି ସମ୍ପାଦକ ଡ.ହିମାଂଶୁ ଜୀ କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତକୁ ତପସ୍ୱୀଙ୍କ ଗସ୍ତ ବୋଲି କହିଥିଲେ। ମନ୍ତ୍ରୀ ଷଡଙ୍ଗୀ ପ୍ରାଚୀନ ଶିକ୍ଷା ପଦ୍ଧତି ଏବଂ ଏବର ଶିକ୍ଷା ପ୍ରଣାଳୀ, ମାର୍ଗ ଉପରେ ବିଷଦ ଭାବେ ବିଶ୍ଳେଷଣ କରିଥିଲେ। ଦେଶର ଭିତ୍ତିଭୂମି ହେଉଛି ଗୁରୁକୁଳ। ଜ୍ଞାନ ଓ ସାଧନାର ପବିତ୍ର ପୀଠ ହେଉଛି ଗୁରୁକୁଳ ବୋଲି କହିଥିଲେ। ଏହି ଅବସରରେ ଆଶ୍ରମ ପକ୍ଷରୁ ମନ୍ତ୍ରୀଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଆଶ୍ରମର ବ୍ରତାନନ୍ଦ ସରସ୍ୱତୀ, କୁଞ୍ଜ ଦେବ ମନୀଷୀ, ବିଶିକେଶନ ଶାସ୍ତ୍ରୀ ପ୍ରମୁଖ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ମନ୍ତ୍ରୀ ରାୟପୁର ଏୟାରଷ୍ଟ୍ରିପରୁ ଗାଡି ଯୋଗେ ଖରିଆରରୋଡ ଦେଇ ଆମସେନାରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମ ସାରି ନୂଆପଡା ମିନିଷ୍ଟାଡିୟମରେ ଆୟୋଜିତ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ସ୍ଥାନୀୟ ଆରଏସଏସ କାର୍ଯ୍ୟାଳୟ ପରିଦର୍ଶନ କରି କିଛି କାର୍ଯ୍ୟକର୍ତ୍ତାଙ୍କ ସହ ମିଶି ଆଲୋଚନା କରିଥିଲେ।

## ବଡ଼ରମା ରେଞ୍ଜରେ ମାଈ ହାତୀର ମୃତ୍ୟୁ

**ଜମନକିରା,୮।୨(ଡି.ଏନ୍.ଏ.):** ସମ୍ବଲପୁର ଜିଲା ଜମନ୍‌କିରା ବ୍ଲକ ବାମରା ବନ୍ୟ ପ୍ରାଣୀ ବନାଞ୍ଚଳ ଅନ୍ତର୍ଗତ ବଡ଼ରମା ରେଞ୍ଜ ପଥୁରିଆରେ ଶନିବାର ଏକ ମାଈ ହାତୀର ମୃତ୍ୟୁ ଘଟିଛି। ବନ ବିଭାଗ ହାତୀର ବ୍ୟବଚ୍ଛେଦ କରାଇ ମାଟିରେ ପୋତି ଦେଇଛି। ବନ ବିଭାଗ ପକ୍ଷରୁ ସୂଚନା ମୁତାବକ, କିଛି ଦିନ ହେଲା ଏକ ମାଈ ହାତୀ ଛୁଆ ସହ ବଡ଼ରମା ପଥୁରିଆ ଜଙ୍ଗଲ ପାଖାପାଖି ଅଞ୍ଚଳରେ ବୁଲାବୁଲି କରୁଥିଲା। ଏହା ଦେଖି ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ଏନେଇ ଶୁକ୍ରବାର ବଡ଼ରମା ବନ ବିଭାଗ ପକ୍ଷରୁ ଜମନକିରା ପ୍ରାଣୀ ଚିକିତ୍ସକ ଡା. ସାରଦାପ୍ରସନ୍ନ ସିଂ ବରିହାଙ୍କୁ ନେଇ ହାତୀର ଚିକିତ୍ସା କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ ପାଖରେ ଛୁଆ ହାତୀର ଅବସ୍ଥିତି ଯୋଗୁ ଚିକିତ୍ସା ହୋଇପାରି ନ ଥିଲା। ଶନିବାର ବନ କର୍ମଚାରୀ ହାତୀର ଚିକିତ୍ସା ନେଇ ପହଞ୍ଚିଥିବା ବେଳେ ହାତୀଟି ମରି ପଡିଥିବା ଦେଖିବାକୁ ପାଇଥିଲେ। ବନ ବିଭାଗ ପକ୍ଷରୁ ଡାକ୍ତରୀ ଟିମ୍ ସହାୟତାରେ ହାତୀର ବ୍ୟବଚ୍ଛେଦ କରାଇ ପୋତି ଦିଆଯାଇଥିଲା। ହାତୀର ବୟସ ୫୦ରୁ ୬୦ ବର୍ଷ ଭିତରେ ହୋଇଥିବା ବେଳେ ବାର୍ଦ୍ଧକ୍ୟ ଯୋଗୁ ହାତୀର ମୃତ୍ୟୁ ହୋଇଥିବା ବାମରା ଡିଏଫ୍‌ଓ ନୃସିଂହଚରଣ ମିଶ୍ର ପ୍ରକାଶ କରିଛନ୍ତି। ଘଟଣାସ୍ଥଳରେ ଏସିଏଫ୍ ଯଦୁମଣି କେର୍କେଟା, ରେଞ୍ଜର ରିସ୍ମା ଜାମୁଡାଳିଆଙ୍କ ସହ ଫରେଷ୍ଟର, ଫରେଷ୍ଟଗାର୍ଡ଼, ବିଟ ଗାର୍ଡ଼ ପ୍ରମୁଖ ଉପସ୍ଥିତ ଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ମହିଳାଙ୍କୁ ବଳାତ୍କାର

**ଧର୍ମଗଡ,୮।୨(ଡି.ଏନ.ଏ.)**

ଆଇନଗତ ସହାୟତା ଯୋଗାଇ ଦେବା ନାଁରେ ଜଣେ ମହିଳାଙ୍କୁ ଖରାପ ଆଚରଣ କରିବା ଓ ତାଙ୍କ ସହ ଅଶ୍ଳୀଳ କଥା ହେବା ନେଇ ଜୟପାଟଣା ଅଞ୍ଚଳର ଜଣେ ଓକିଲଙ୍କ ନାଁରେ ଅଭିଯୋଗ ହେବା ଚର୍ଚ୍ଚା ନ ଥମୁଣୁ ଏବେ ଧର୍ମଗଡ ଅଞ୍ଚଳରେ ଅନୁରୂପ ଏକ ଅଭିଯୋଗ ସାମ୍ନାକୁ ଆସିଛି। ଏଥର ଓକିଲଙ୍କ ବଦଳରେ ଓକିଲଙ୍କ ପାଖରେ କାମ କରୁଥିବା ମୁନସିଙ୍କ ନାଁରେ ଜଣେ ମହିଳା ମହକିଲ ବଳାତ୍କାର ଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନାନୁଯାୟୀ, ଧର୍ମଗଡ ଥାନା ଅଞ୍ଚଳର ଜଣେ ଯୁବତୀ ଗତ ୬ ବର୍ଷ ତଳେ କୋକସରା ଥାନା ଅନ୍ତର୍ଗତ ଏକ ଗ୍ରାମରେ ବିବାହ କରିଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ମହିଳା ଜଣକ କୋର୍ଟରେ ଭରଣ ପୋଷଣ ନେଇ ଏକ ମାମଲା ଦାଏର କରିଥିଲେ। ଇତି ମଧ୍ୟରେ ମାମଲା ପରିଚାଳନା କରୁଥିବା ଓକିଲଙ୍କ ମୁନସି ସାମନ୍ତ ନାଏକଙ୍କ ସହ ମହିଳାଙ୍କ ପ୍ରେମ ସମ୍ପର୍କ ବଢ଼ିଥିଲା। ଗତ ୫ ତାରିଖରେ ମହିଳଙ୍କୁ ମୁନସି ବିବାହ କରିବାକୁ ଡାକି ନେଇଥିଲେ ଏବଂ ଦୁଇ ଦିନ ବିଭିନ୍ନ ସ୍ଥାନରେ ରଖି ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ବିବାହ କଥାକୁ ସମ୍ପୂର୍ଣ୍ଣ ଏଡାଇ ଯାଇଥିଲେ। ପୀଡିତାଙ୍କ ବୟାନ ଅନୁଯାୟୀ ସାମନ୍ତ ତାଙ୍କୁ ଧର୍ମଗଡର ଏକ ହୋଟେଲରେ ମଧ୍ୟ ଗୋଟିଏ ରାତି ରଖିଥିଲେ। ଭଉଣୀ ଘରେ ନ ଥିବା ଜାଣି ତାଙ୍କ ଭାଇ ଧର୍ମଗଡ ଥାନାରେ ଏକ ନିଖୋଜ ମାମଲା ଦାଏର କରିଥିଲେ। ଅଭିଯୋଗ ଅନୁଯାୟୀ ସାମନ୍ତ ୭ ତାରିଖ ସକାଳେ ତାଙ୍କୁ ଏକ ବାଇକ୍‌ରେ ଆଣି ଗାଁ ପାଖ ଛକରେ ଛାଡି ଦେଇ ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସକାଳେ ଯୁବତୀ ଜଣକ ଘରେ ପହଞ୍ଚିଥିଲେ। ପରିବାରଲୋକ ତାଙ୍କୁ ନିଖୋଜ ହେବା କାରଣ ସମ୍ପର୍କରେ ପଚାରିଥିଲେ। ପୀଡିତାଙ୍କଠାରୁ ସବୁ ଘଟଣା ଶୁଣିବା ପରେ ଏ ନେଇ ଧର୍ମଗଡ ଥାନାରେ ଏତଲା ଦିଆଯାଇଥିଲା।












Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ



### ବୁରୋମୁଣ୍ଡା ହାଇସ୍କୁଲରେ ପୁରସ୍କାର ବିତରଣ ଉତ୍ସବ

**ଲୋଇସିଂହା, ୮।୨(ଡି.ଏନ.ଏ.):** ଲୋଇସିଂହା ବ୍ଲକ ବୁରୋମୁଣ୍ଡା ହାଇସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଧାନଶିକ୍ଷକ ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ସରପଞ୍ଚ ପଦ୍ମାଳୟା ବାଗ, ପରିଚାଳନା ସମିତି ସଭାପତି ପୁରୁଷୋତ୍ତମ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ୨୦୧୯-୧୦ଶିକ୍ଷା ବର୍ଷରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗୀତାରେ ଭାଗନେଇଥିବା ୨ଜଣ ଛାତ୍ରୀ ଏବଂ ଜାତୀୟସ୍ତରରେ ସ୍କୁଲବଲ ବ୍ୟାଡମିଣ୍ଟନ ପ୍ରତିଯୋଗୀତାରେ ଭାଗନେଇଥିବା ଛାତ୍ର ଜ୍ଞାନରଞ୍ଜନ ନାଏକଙ୍କୁ ସ୍କୁଲ ତରଫରୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବଜେଟ୍ ଅନୁଦାନକୁ ସ୍ୱାଗତ, ମନ୍ଥର କାମକୁ ନେଇ ଉଦ୍‌ବେଗ

- ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ
- ଜିଲା ରେଳ ଉପଭୋକ୍ତା ସଂଘର ପ୍ରତିକ୍ରିୟା

**ବଲାଙ୍ଗୀର ଅଫିସ, ୮।୨**

ଚଳିତ ରେଳ ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ୫୨୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି। ଏହି ବହୁପ୍ରତୀକ୍ଷିତ ରେଳପଥ ନିର୍ମାଣ ପାଇଁ ଚଳିତ ବଜେଟ୍‌ରେ ଏଭଳି ଆର୍ଥିକ ଅନୁଦାନ ବ୍ୟବସ୍ଥାକୁ ବଲାଙ୍ଗୀର ଜିଲା ରେଳ ଉପଭୋକ୍ତ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି । ଏଥିଯୋଗୁଁ ସଂଘ ସଦସ୍ୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ମାତ୍ର ଏହି ରେଳପଥ ନିର୍ମାଣ କାମ ଖୁବ୍ ମନ୍ଥର ଗତିରେ ଚାଲିଥିବାରୁ ସଂଘ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ରେଳପଥ ନିର୍ମାଣ ପାଇଁ ବଜେଟ୍‌ରେ ଅର୍ଥ ବରାଦ ହେଉଥିଲେ ଏହାର ନିର୍ମାଣ କାମ ଆଶାନୁରୂପକ ଅଗ୍ରଗତି ହୋଇପାରୁ ନ ଥିବା କୁହାଯାଇଛି । ରେଳ ବିଭାଗ ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରାଯାଇଛି । ପୂର୍ବଓଡିଶାର ଖୋର୍ଦ୍ଧାଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ଦୀର୍ଘ ୬୦କିମି ରେଳପଥ ନିର୍ମାଣ କାମ ସରିଥିଲେ ମଧ ପଶ୍ଚିମ ଓଡିଶାର ବଲାଙ୍ଗୀରଠାରୁ ବିଚ୍ଛୁପାଲି ପର୍ଯ୍ୟନ୍ତ ମାତ୍ର ୧୮ କିଲୋମିଟର ରେଳପଥ ନିର୍ମାଣ ହେବା ବାସ୍ତବିକ ପରିତାପର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଚଳିତବର୍ଷ ଶେଷସୁଦ୍ଧା ଏହି ବଜେଟ୍ ଅନୁଦାନରେ ସୋନପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାମ ଶୀଘ୍ର ସମାପ୍ତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ସଂଘ ସଭାପତି ଧର୍ମବ୍ରତ ରଥ, ଉପସଭାପତି ପର୍ଶୁରାମ ନାୟକ, ସମ୍ପାଦକ ଗୋପବନ୍ଧୁ ପୁରୋହିତ ଓ ସହସମ୍ପାଦକ ପ୍ରଭାକର ମିଶ୍ର ପ୍ରେସବିଜ୍ଞପ୍ତିରେ ଏହା ଜଣାଇଛନ୍ତି।

# ମାଷ୍ଟରମାଇଣ୍ଡ ସମେତ ୭ ଗିରଫ

## କୁଡ଼ାସିଂହା ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ

- ବୋଲେରୋ, ଅଟୋରିକ୍ସା, ବାଇକ୍ ସହ ୬୮ ହଜାର ଟଙ୍କା ଜବତ
- ନୟାଗଡରୁ ଡକାୟତଙ୍କୁ ଡାକି ଆଣିଥିଲେ ମାଷ୍ଟରମାଇଣ୍ଡ ମୁହୁରିଆ
- ମୁଖ୍ୟ ଡକାୟତଙ୍କ ସହ ସହଯୋଗୀ ଫେରାର
- ଲୁଟି ନେଇଥିବା ୩୦ ଭରି ସୁନାର ପତ୍ତା ମିଳିନାହିଁ

**ବଲାଙ୍ଗୀର ଅଫିସ, ୮।୨**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହା ଗାଁର ବ୍ୟବସାୟୀ ଉଜ୍ୱଳ ସାହୁଙ୍କ ଘରେ ଗତ ଜାନୁୟାରୀ ୨୩ ତାରିଖ ରାତିରେ ସଂଘଟିତ ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ । ଏହି ଘଟଣାରେ ମୁହୁରୀ ବଜାଉଥିବା ଜଣେ ମାଷ୍ଟରମାଇଣ୍ଡ ସମେତ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଦେଓଗାଁ ଥାନା ଅର୍ଡା ଗ୍ରାମର ମାଷ୍ଟରମାଇଣ୍ଡ ଲକ୍ଷ୍ମଣ ସୁନା (୫୫) ଓ ତାଙ୍କ ପୁଅ ମିଥୁନ୍ ସୁନା (୨୨), ସିଆଲଯୋର ଗ୍ରାମର ଘୁଣ୍ଟୁ ବାରକ (୨୮), ତୁଷରା ଥାନା ସିରଜାପାଲି ଗ୍ରାମର ରାଜୁ ମହାନନ୍ଦ (୩୮), ନୟଗଡ ଜିଲା ଓଡଗାଁ ଥାନା ଭାଦିକୀଳା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାରଣା (୩୮), ନୟାଗଡ ଜିଲା ଫତେଗଡ ଥାନା ବାଲିଆପଟା ଗ୍ରାମର ପ୍ରଭାତ କୁମାର ନାୟକ (୫୦) ଓ ବହଦା ଗ୍ରାମର ହଲୁରି ସ୍ୱାଇଁ (୩୧) ରହିଛନ୍ତି । ସେମାନଙ୍କଠାରୁ ଡକାୟତିରେ ବ୍ୟବହୃତ ଏକ ବୋଲେରୋ (ଓଡି୦୨କେ ୬୧୩୬), ଏକ ଅଟୋରିକ୍ସା (ଓଡି୦୩କ୍ୟୁ ୩୭୧୧), ଏକ ବାଇକ୍ (ଓଆର୦୩ଏ ୮୯୩୨), ୪ଟି ମୋବାଇଲ ଫୋନ୍ ସହ ୬୮ ହଜାର ୫ ଶହ ଟଙ୍କା ଜବତ୍ କରାଯାଇଛି । ସ୍ଥାନୀୟ ସଦର ଥାନାରେ ଖବରଦାତା ସମ୍ମିଳନୀ କରି ଅତିରିକ୍ତ ଏସ୍‌ପି ମନୋରଞ୍ଜନ ପ୍ରଧାନ ଓ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି।

ଗତ ୨୩ ତାରିଖ ରାତି ପ୍ରାୟ ୧୧ଟାରେ ୧୫ ଜଣ ଅପରିଚିତ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଧରି କୁଡାସିଂହା ଗ୍ରାମର ବ୍ୟବସାୟୀ ସାହୁଙ୍କ ଘର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ବ୍ୟବସାୟୀ ସାହୁଙ୍କ ସ୍ତ୍ରୀ, ଝିଅ ଓ ପୁତୁରାକୁ ମାଡ ମାରିଥିଲେ। ଏହାପରେ ପ୍ରାୟ ୩୦ ଭରି ସୁନା ଅଳଙ୍କାର, ୪ରୁ ୫ ଲକ୍ଷ ନଗଦ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ଦେଓଗାଁ ଥାନାରେ ଏକ ମାମଲା (ନଂ.୧୯/୨୦) ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ସମୟରେ ଦେଓଗାଁ ଥାନା ଅନ୍ତର୍ଗତ ଅର୍ଡା ଗ୍ରାମର ଲକ୍ଷ୍ମଣ ସୁନା ନାମକ ଜଣେ ମୁହୁରିଆ ଏହି ସଶସ୍ତ୍ର ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡିଥିଲା। ଉଜ୍ୱଳ ସାହୁ ଏହି ଅଞ୍ଚଳର ଜଣେ ଧନୀ ବ୍ୟବସାୟୀ ହୋଇଥିବାରୁ ଲକ୍ଷ୍ମଣ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ମିଶି ବ୍ୟବସାୟୀ ସାହୁଙ୍କ ଘରେ ଡକାୟତି ଯୋଜନା କରିଥିଲେ । ଡକାୟତି ପାଇଁ ନୟାଗଡ ଅଞ୍ଚଳରୁ ଡକାୟତ ଦଳ ଡାକି ଆଣି ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଲକ୍ଷ୍ମଣ ତାଙ୍କ ସହଯୋଗୀ ଘୁଣ୍ଟୁ ବାରିକ ଓ ରାଜୁ ମହାନନ୍ଦ ସହ ମିଶି ନୟାଗଡ ଅଞ୍ଚଳର ପ୍ରଭାତ ନାୟକ, ପୂର୍ଣ୍ଣ ମହାରଣା ଓ ଅନ୍ୟମାନଙ୍କ ସହ ଯୋଗାଯୋଗ କରି ଯୋଜନା ସମ୍ପର୍କରେ ଜଣାଇଥିଲେ । ଜାନୁୟାରୀ ୨୨ ତାରିଖ ଦିନ ସମସ୍ତ ଅଭିଯୁକ୍ତ ବଲାଙ୍ଗୀରରେ ଏକାଠି ହୋଇଥିଲେ । ଏହାପରେ ଭୀମଡୁଙ୍ଗୁରିକୁ ଯାଇ ଭୋଜି କରିଥିଲେ । ଲକ୍ଷ୍ମଣ ଓ ତାଙ୍କ ପୁଅ ମିଥୁନ୍ ସୁନା ଅଟୋରିକ୍ସାରେ ଡକାୟତମାନଙ୍କୁ ନେଇ କୁଡାସିହା ଉଜ୍ୱଳ ସାହୁଙ୍କ ଘର ଚିହ୍ନେଇ ଦେଇଥିଲେ । ସେହି ରାତିରେ ସେମାନେ ଅର୍ଡା ସ୍କୁଲରେ ଶୋଇଥିଲେ । ପରଦିନ ଅର୍ଥାତ ୨୩ ତାରିଖ ରାତି ପ୍ରାୟ ୧୧ଟାରେ ଲକ୍ଷ୍ମଣ ସୁନା ତାଙ୍କର ଏକ ବନ୍ଧୁକ (ଏୟାରଗନ୍) ନେଇ ଏକ ବୋଲେରୋ ଗାଡି, ଅଟୋରିକ୍ସା ଓ ଏକ ବାଇକ୍‌ରେ ପ୍ରାୟ ୧୫ ଜଣ ଅଭିଯୁକ୍ତଙ୍କୁ ଧରି କୁଡାସିଂହା ସାହୁଙ୍କ ଘରେ ପହଞ୍ଚିଥିଲେ । ଏହାପରେ ସାହୁଙ୍କ ଘରେ ସଶସ୍ତ୍ର ଡକାୟତି କରିବା ସହ ଗାଁରେ ଆତଙ୍କ ସୃଷ୍ଟି କରିଥିଲେ । ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରି ପ୍ରଥମେ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ଅର୍ଡା ଗ୍ରାମର ମୁହୁରିଆ ଲକ୍ଷ୍ମଣ ସୁନା, ତାଙ୍କ ପୁଅ ମିଥୁନ ଓ ସହଯୋଗୀ ଘୁଣ୍ଟୁ, ରାଜୁଙ୍କୁ ଗିରଫ କରିଥିଲେ । ଏହାପରେ ନାୟଗଡ ଯାଇ ଅନ୍ୟ ୩ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର, ପ୍ରଭାତ ଓ ହଲୁରୀଙ୍କୁ ଗିରଫ କରିଥିଲେ । ତେବେ ଏହି ଡକାୟତି ଗ୍ୟାଙ୍ଗର ମୁଖ୍ୟ ନୟାଗଡ ଓଡଗାଁ ଅଞ୍ଚଳର ସତ୍ୟବାନ୍ ମହାରଣାଙ୍କ ସହ ଅନ୍ୟମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି । ନଗଦ ଟଙ୍କାକୁ ଭାଗବଣ୍ଟା କରିଥିବାବେଳେ ସୁନାକୁ ନେଇ ଡକାୟତମାନେ ଫେରାର ଥିବା କୁହାଯାଇଛି । ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତମାନେ ଗିରଫ ହେବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଏହି ଖବରଦାତା ସମ୍ମିଳନୀରେ ସଦର ଥାନା ଆଇଆଇସି ତୋଫାନ୍ ବାଗ ଓ ଦେଓଗାଁ ଥାନାଧିକାରୀ ରଞ୍ଜନ ବରିହା ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି।

### ଖପ୍ରାଖୋଲରେ ଅଦିନିଆ ବର୍ଷା, କୋହଲା ପାଗ

**ଖପ୍ରାଖୋଲ, ୮।୨(ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଏବଂ କୋହଲା ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ତିନି ଦିନ ଧରି କୋହଲା ପାଗ, ଝିପି ଝିପି ବର୍ଷା ଓ କୁହୁଡି ଯୋଗୁଁ ଲୋକେ ପଦାକୁ ବାହାରି ପାରୁ ନାହାନ୍ତି। ରାସ୍ତାଘାଟ ଖାଁ ଖାଁ ଲାଗୁଥିବାବେଳେ ଦୋକାନ ବଜାର ଖାଲି ଖାଲି ଲାଗୁଛି। ଅଦିନିଆଁ ବର୍ଷା ଯୋଗୁ ପରିବା ଓ ଡାଲି ଜାତୀୟ ଚାଷ ପ୍ରଭାବିତ ହେବା ସମ୍ଭାବନା ଦେଖାଦେଇଛି । ଧାନ ଅମଳ ସରିଥିଲେ ବି ବିକ୍ରି ପାଇଁ ମଣ୍ଡିରେ ଧାନ ରଖିଥିବା ଚାଷୀ ହଟହଟାର ସମ୍ମୁଖୀନ ହୋଇଛନ୍ତି। ଧଣ୍ଡାମୁଣ୍ଡା ଧାନ ମଣ୍ଡିରେ ପ୍ରାୟ ୩ ଶହ ବସ୍ତା ଧାନ ମଣ୍ଡି ବାହାରେ ଥିବାବେଳେ ପଲିଥିନ ଢାଙ୍କି ରଖାଯାଇଛି। ସେହିପରି ଖପ୍ରାଖୋଲ କୃଷି ସମବାୟ ସମିତି ବଡଗୁର୍ଜିଭଟା ଅସ୍ଥାୟୀ ଧାନ ମଣ୍ଡିରେ ମଧ୍ୟ ତାରପୋଲିନ୍ ଘୋଡା ଅସ୍ଥାୟୀ ଗୋଦାମରେ ୫ ଶହରୁ ଉର୍ଦ୍ଧ୍ୱ ଧାନ ବସ୍ତା ରହିଛି । ସରକାରୀ ସୂଚନା ଅନୁସାରେ ଖପ୍ରାଖୋଲ ବ୍ଲକରେ ତିନି ଦିନରେ ୪୦ ମିମି ବର୍ଷା ହୋଇଛି । ଏ ନେଇ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କୁ ପଚାରିବାରୁ କୋହଲା ପାଗ ଆଗକୁ ରହିଲେ ଚାଷ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି। ସେହିପରି ମଣ୍ଡି ବାହାରେ ଧାନ ରହିବାକୁ ନେଇ ଧଣ୍ଡାମୁଣ୍ଡା କୃଷି ସମବାୟ ସମିତି ସମ୍ପାଦକ ବଂଶୀଧର ପଧାନଙ୍କୁ ପଚାରିବାରୁ ଚାଷୀଙ୍କ ଧାନ ଗୋଦାମ ଭିତରେ ରଖାଯାଇଥିବା ବେଳେ କେତେକଙ୍କ ଧାନ ବାହାରେ ରହିଛି । ତାହା ଯେପରି ବର୍ଷାରେ ନ ଭିଜିବ ସେଥିପାଇଁ ତାରପୋଲିନ୍ ଘୋଡାଇ ରଖାଯାଇଛି ବୋଲି କହିଛନ୍ତି।

# କୋହଲା ପାଗ ସାଙ୍ଗକୁ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

- ବଲାଙ୍ଗୀରରେ ୩୩ ମିଲିମିଟର ବର୍ଷା ରେକର୍ଡ
- ଭିଜିଗଲା ଚାଷୀଙ୍କ ଧାନ
- ପ୍ରତିଶ୍ରୁତି ପୂରଣରେ ମନ୍ତ୍ରୀ ବିଫଳ: କୃଷକ ମହାସଂଘ

**ବଲାଙ୍ଗୀର ଅଫିସ, ୮।୨**

ଗତ ୩ ଦିନରୁ ଉର୍ଦ୍ଧ୍ୱ ହେଲା କୋହଳା ପାଗ ଓ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଶନିବାର ବଲାଙ୍ଗୀରରେ ସର୍ବାଧିକ ୩୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଜିଲାର ଖାପ୍ରାଖୋଲରେ ୨୬ ମିମି, ପୁଇଁତଲା ଓ ପାଟଣାଗଡରେ ୨୫ ମିମି, ତୁରେକେଲାରେ ୨୧ ମିମି ଓ ଦେଓଗାଁ ଠାରେ ୧୮ ମିମି ବର୍ଷା ରେକର୍ଡ କରାଯାଇଛି । ଶୁକ୍ରବାର ରାତିରୁ ଶନିବାର ଦିନତମାମ ବର୍ଷା ଜାରି ରହିବା ଫଳରେ ଲୋକେ ଘରୁ ବାହାରି ପାରିନଥିଲେ । କୋହଳା ପାଗ ଓ ବର୍ଷା ଯୋଗୁଁ ସହର ଆଜି ଖାଁ ଖାଁ ଲାଗିଥିଲା । ଏଭଳି ଅସ୍ୱାଭାବିକ ପାଗ ଓ ବର୍ଷା ଯୋଗୁଁ ଚାଷୀମାନେ ପ୍ରଭାବିତ ହୋଇଥିବା ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା ଅଭିଯୋଗ କରିଛନ୍ତି । ଡା ପରିଚ୍ଛା କହିଛନ୍ତି ଯେ, ଚଳିତ ଋତୁରେ ବଲାଙ୍ଗୀର ଜିଲାରେ ପ୍ରଚୁର ଧାନ ଅମଳ ହୋଇଥିଲା । ଚାଷୀମାନେ ବେଶ୍ କିଛି ଲାଭ ପାଇବେ ବୋଲି ଆଶା ରହିଥିଲେ । ମାତ୍ର ରାଜ୍ୟ ସରକାରଙ୍କ ଭୁଲ ଧାନକିଣା ନୀତି ଯୋଗୁଁ ବହୁ ଚାଷୀ ଲାଭ ପାଇବା ବଦଳରେ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଚଳିତ ଖରିଫ୍ ଧାନକିଣା ବିଳମ୍ବରେ ଆରମ୍ଭ ହୋଇଥିଲା । ଚାଷୀଙ୍କୁ ଟୋକନ୍ ଇସ୍ୟୁ ଓ ମଣ୍ଡିରେ ଟାର୍ଗେଡ ପ୍ରଦାନରେ ଅବ୍ୟବସ୍ଥା କାରଣରୁ ବହୁ ଚାଷୀ ସରକାରୀ ମଣ୍ଡରେ ଧାନ ବିକ୍ରି କରି ନ ପାରି ଦଲାଲ ହାତକୁ କମ୍ ଦରରେ ଧାନ ଟେକି ଦେଇଥିଲେ । ଟୋକନ ଓ ଟାର୍ଗେଟ ଅବ୍ୟବସ୍ଥା କାରଣରୁ ଏବଂ ମିଲର୍ସମାନଙ୍କ ମନମୁଖୀ ଧାନ ଉଠାଣ ନୀତି ଯୋଗୁଁ ଚଳିତବର୍ଷ ଚାଷୀ ସବୁଠୁ ବେଶୀ ହଇରାଣ ହରକତ ହୋଇଥିବା ପରିଚ୍ଛା ଅଭିଯୋଗ କରିଛନ୍ତି । ଏବେ ଟୋକନ ନଥିବାରୁ ଓ ମଣ୍ଡିକୁ ଟାର୍ଗେଟ ମିଳୁନଥିବାରୁ ବହୁ ପ୍ରକୃତ ଚାଷୀ ଧାନକୁ ବିକ୍ରୟ ଉଦ୍ଦେଶ୍ୟରେ ମଣ୍ଡିକୁ ଆଣି ରଖିଛନ୍ତି। ଗତ ୩ ଦିନ ହେଲା କୋହଳା ପାଗ ଓ ବର୍ଷା କାରଣରୁ ଜିଲାର ବହୁ ଚାଷୀଙ୍କ ଧାନ ଭିଜିଯାଇଛି । ଯେଉଁ ମଣ୍ଡିରେ ଗୋଦାମ ଘର ନାହିଁ ସେଠାରେ ଚାଷୀମାନେ ମଣ୍ଡି ସମ୍ମୁଖ ଖୋଲା ଆକାଶ ତଳେ ଧାନ ରଖିଥିଲେ। ଏବେ ଅସ୍ୱାଭାବିକ ବର୍ଷାକୁ ଆଖି ଆଗରେ ରଖି ପ୍ୟାକ୍ସ କର୍ମଚାରୀମାନେ ମଣ୍ଡିରେ ଥିବା ଧାନ ଉପରେ ପଲିଥିନ୍ ଢ଼ାଙ୍କି ଥିଲେ ମଧ ବହୁ ସ୍ଥାନରେ ଚାଷୀଙ୍କ ଧାନ ଭିଜିଥିବା ଡା ପରିଚ୍ଛା ସୂଚନା ଦେଇଛନ୍ତି। କିଛି ସ୍ଥାନରେ ଖୋଦ୍ ଚାଷୀ ବିକ୍ରି ଉଦ୍ଦେଶ୍ୟରେ ରଖିଥିବା ଧାନକୁ ମଧ ପଲିଥିନ୍ ଘୋଡାଇ ରଖିଛି । ସଦର ବ୍ଲକ୍ ଅନ୍ତର୍ଗତ ବିଡିଘାଟ ପ୍ୟାକ୍ସରେ ଖୋଲା ଆକାଶ ତଳେ ରହିଥିବା ଧାନ ଉପରେ ପଲିଥିନ୍ ଢ଼ାଙ୍କିଥିଲେ ମଧ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ସେ ଜଣାଇଛନ୍ତି । ସେହିପରି ଅନ୍ୟ କେତେକ ସ୍ଥାନରୁ ଏଭଳି କ୍ଷୟକ୍ଷତି ସୂଚନା ମିଳିଛି ବୋଲି ସେ କହିଛନ୍ତି । ଦୁଇଦିନ ତଳେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବଲାଙ୍ଗୀର ଗସ୍ତରେ ଆସି ଜିଲାର ଧାନ ସଂଗ୍ରହକୁ ନେଇ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକ ଚାଲିଥିବାବେଳେ ଜିଲା କୃଷକ ମହାସଂଘର ଚାଷୀମାନେ ଧସେଇ ପଶିଥିଲେ। ଏହାପରେ ମନ୍ତ୍ରୀଙ୍କ ସହ ସେଠାରେ ଆଲୋଚନା କରିଥିଲେ। ଜିଲାର ପ୍ରକୃତ ଚାଷୀଙ୍କ ଠାରୁ ଧାନ କିଣାଯିବ ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ବର୍ଷାରେ ଚାଷୀଙ୍କ ଧାନ ଭିଜି ଯାଇଥିବାବେଳେ ମନ୍ତ୍ରୀ କିଭଳି ବ୍ୟବସ୍ଥା କରିଛନ୍ତି ବୋଲି ପରିଚ୍ଛା ପ୍ରଶ୍ନ କରି ଜିଲାର ଚାଷୀଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଉଛି ବୋଲି କହିଥିଲେ । ଚାଷୀଙ୍କ ସ୍ୱାସ୍ଥ୍ୟ ରକ୍ଷାରେ ମନ୍ତ୍ରୀ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏବେ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କ ସର୍ଭେ କରାଯାଇ ତାଙ୍କୁ ତୁରନ୍ତ ଉଚିତ୍ କ୍ଷତିପୂରଣ ଦେବାକୁ ଡା ପରିଚ୍ଛା ଦାବି କରିଛନ୍ତି ।



ବିଡିଘାଟ ମଣ୍ଡି ସମ୍ମୁଖ ଖୋଲା ଆକାଶ ତଳେ ଥିବା ଧାନକୁ ପଲିଥିନ ଘୋଡା ଯାଇଛି ।

### ଗୋଟିଏ ରାତିରେ ୩ ଦୋକାନରୁ ଚୋରି

**ଦେଓଗାଁ, ୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ପଞ୍ଚାୟତ ମୁଖ୍ୟାଳୟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସାହୁ କମ୍ପ୍ଲେକ୍ସରୁ ଶୁକ୍ରବାର ବିଳମ୍ବିତ ରାତିରେ ୩ଟି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳକୁ ଦେଓଗାଁ ଥାନାଧିକାରୀ ରଞ୍ଜନ ବରିହା ଘଟଣାସ୍ଥଳ ପରିଦର୍ଶନ କରି ତନାଘନା ଚଳାଇଛନ୍ତି। ଏ ନେଇ ୩ଟି ପୃଥକ ମାମଲା ରୁଜୁ ହୋଇଛି। ସାହୁ କମ୍ପ୍ଲେକ୍ସରେ ଥିବା ସୁରେନ୍ଦ୍ର କୁମାର ପୁଟେଲଙ୍କ ଗ୍ୟାରେଜର ଶର୍ଟର କାଟି ଚାରିଚକିଆ ଗାଡିର ପାର୍ଟ୍ସ, ମୋବିଲ ଓ ମରାମତି ସାମଗ୍ରୀ ଚୋରୀ ହୋଇଛି। ସଞ୍ଜୀବ କୁମାର ସାହୁଙ୍କ ଦୋକାନରୁ ଟଙ୍କାପର୍ସ ଚୋରି କରିଥିବା ଜଣାପଡିଛି । ସେହିପରି କଲେଜ ଛକଠାରେ ରମେଶ ରଣାଙ୍କ ଟାୟାର ଦୋକାନର ତାଲା କାଟି ୭୩ଟି ଚାରିଚକିଆ ଓ ଦୁଇଚକିଆ ଟାୟାର ଓ ୩୫ଟି ଲେଙ୍ଗୁଟି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଦେଓଗାଁ ବଣିକ ସଂଘ ଉକ୍ତ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଗାଁରେ ଶନିବାର ଏକ ବୈଠକ କରିଥିଲା। ଚୋରିକୁ ଦମନ କରିବା ପାଇଁ ମିଳିତ ଉଦ୍ୟମ କରିବାକୁ ସ୍ଥିର କରିଛି । ଶତାଧିକ କର୍ମକର୍ତ୍ତା ତଥା ଗ୍ରାମବାସୀ ଦେଓଗାଁ ଥାନାଧିକାରୀଙ୍କୁ ସାକ୍ଷାତ୍ କରି ଆଜକୁ ୭ବର୍ଷ ହେଲାଗାଁରେ କୌଣସି ଚୋରି ଅଭିଯୋଗ ହୋଇ ନ ଥିବା ବେଳେ ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବା ଅଭିଯୋଗ କରିଥିଲେ । ଅଜିଠାରୁ ରାତିରେ ପୋଲିସ ତରଫରୁ ପାଟ୍ରୋଲିଂକୁ କଡାକଡି କରିବାକୁ ସେମାନେ ଦାବି କରିଥିଲେ। ଚୋରଙ୍କୁ କମ୍ ଦିନମଧରେ ଧରିବାକୁ ଦାବି କରିଥିଲେ । ପରେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ନୀନା ଛତ୍ରୀୟାଙ୍କ ସହ ଆଲୋଚନା କରି ଗାଁରେ ଷ୍ଟ୍ରୀଟଲାଇଟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହ ପ୍ରତିଛକରେ ସିସି କ୍ୟାମେରା ଲଗାଇବାକୁ ବଣିକ ସଂଘର ଆଶିଷ କୁମାର ସାହୁ, ଅଚ୍ୟୁତ ସାହୁ, ରାଜେଶ ଅଗ୍ରୱାଲ, ବବଲୁ ଅଗ୍ରୱାଲ, ଅଶୋକ କୁମାର ବେହେରା, ସୁରେଶ ଅଗ୍ରୱାଲ, ରାଜ କୁମାର ବାରିକ, ବସନ୍ତ ଅଗ୍ରୱାଲ, ଖେତୁ ବେହେରା, ସଞ୍ଜୀବ କୁମାର ସାହୁ ଓ କର୍ମକର୍ତ୍ତା ଦାବି କରିଥିଲେ।



ବଣିକ ସଂଘ କର୍ମକର୍ତ୍ତାମାନେ ଥାନାଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରୁଛନ୍ତି ।

# ‘ଶିକ୍ଷା ସହିତ ସଂସ୍କାରର ଆବଶ୍ୟକତା ରହିଛି’

**ଲାଠୋର, ୮।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇନ୍ଦ୍ରମଣି ପାଣିଗ୍ରାହୀଙ୍କ ଅଧକ୍ଷତାରେ ହୋଇଥିବା ଉକ୍ତ ଉତ୍ସବରେ ପାଟଣାଗଡ ବିଧାୟକ ସରୋଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଲାଠୋର ରେଞ୍ଜର ପ୍ରଭାତୀ ସେଠ, ପ୍ରତିଷ୍ଠାତା ସଭାପତି ସୁବାଷ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଖପ୍ରାଖୋଲ ହରିଶଙ୍କର ମହାବିଦ୍ୟାଳୟ ଅଧାପକ ବଳଭଦ୍ର ଦାସ ଯୋଗଦେଇ ଅଧ୍ୟୟନ ସହିତ ସଂସ୍କାର ଛାତ୍ରୀଛାତ୍ରମାନଙ୍କ ପାଇଁ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ। ଅନୁଷ୍ଠାନ ସହ ସମ୍ପାଦକ ସଦାନନ୍ଦ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଥମେ ଓଡିଶୀ ନୃତ୍ୟ ସହ ଯୋଗାଶନ ଓ ପିରାମିଡ ଏବଂ ଅନ୍ୟାୟ ଉପରେ ଆଧାରିତ ପ୍ରତିଶୋଧ ନାଟକ ଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା ଆଚାର୍ଯ୍ୟ ସିମିତ ସାହୁ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି କୁଞ୍ଜବିହାରୀ ସରାଫ।



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

# ମହିଳାଙ୍କୁ ବଳାତ୍କାର କରି ଓଏସ୍ଏପି ସିପାହି ଗିରଫ

## ପୂର୍ବରୁ ମଧ ଗିରଫ ସହ ନିଲମ୍ବିତ ହୋଇଥିଲେ

**ଭୁବନେଶ୍ୱର, ୮।୨(ବ୍ୟୁରୋ)**

ବଳାତ୍କାର ଓ ପ୍ରତାରଣା ଅଭିଯୋଗରେ ନୟାପଲୀ ଥାନା ପୋଲିସ ଶନିବାର ଆଉଜଣେ ପୋଲିସ କର୍ମଚାରୀକୁ ଗିରଫ କରିଛି। ସେ ହେଲେ କୋରାପୁଟସ୍ଥିତ ତୃତୀୟ ଓଏସ୍ଏପି ବାଟାଲିୟନର ସିପାହି ରାଜକିଶୋର ଭୋଇ (୨୯)। ତାଙ୍କ ଘର ବଲାଙ୍ଗୀର ଜିଲା ଆମ୍ରପଲ୍ଲୀ ଗ୍ରାମରେ। ପୋଲିସ ତାଙ୍କ ବିରୋଧରେ ଆଇପିସି ଦଫା ୪୫୦, ୩୭୬, ୫୦୬ରେ କେସ୍ ନଂ.୬୪୮/୨୦୨୦ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ମହିଳା ଜଣକ ନୟାପଲୀ ଥାନା ଅଞ୍ଚଳରେ ପରିବାର ସହ ରହୁଥିବାବେଳେ ତାଙ୍କର ଏକ ପିଲା ଅଛନ୍ତି। ୨୦୧୨ରେ ଇନ୍ସ୍ୟୁରାନ୍ସ କରାଇବା ପାଇଁ ସେ ଭୁବନେଶ୍ୱରସ୍ଥିତ ଓଏସ୍ଏପି ବାଟାଲିୟନକୁ ଯାଇଥିବାବେଳେ ରାଜକିଶୋରଙ୍କ ସହ ପରିଚିତ ହୋଇଥିଲା। ରାଜକିଶୋର ଉକ୍ତ ମହିଳାଙ୍କୁ ଭଲପାଇବା ସହ ଫୋନ୍ କରି କଥା ହେଉଥିଲେ। ହେଲେ ସ୍ୱାମୀଙ୍କ ତାଗିଦ୍ ପରେ ମହଳା ଜଣକ ଆଉ ରାଜକିଶୋରଙ୍କ ଫୋନ୍ ଉଠାଇ ନ ଥିଲେ। ସେହିବର୍ଷ ମାର୍ଚ୍ଚ ମାସରେ ଉକ୍ତ ମହିଳା ଇନ୍ସ୍ୟୁରାନ୍ସ କାର୍ଯ୍ୟରେ ଯାଉଥିବାବେଳେ ଶହୀଦନଗର ଥାନା ଅଞ୍ଚଳରେ ରାଜକିଶୋର ତାଙ୍କୁ ଅସଦାଚରଣ କରିଥିଲେ। ଏନେଇ ମହିଳାଙ୍କ ଅଭିଯୋଗକ୍ରମେ ଶହୀଦନଗର ଥାନା ପୋଲିସ ଅଭିଯୁକ୍ତ ରାଜକିଶୋରଙ୍କୁ ଗିରଫ କରିଥିଲା। ଏହାପରେ ତାଙ୍କୁ ପୋଲିସ ଚାକିରିରୁ ନିଲମ୍ବନ କରାଯାଇଥିଲା। ଜେଲରୁ ଆସିବା ପରେ ସେ ପୁଣି ଚାକିରିରେ ଯୋଗଦେଇଥିଲେ। ହେଲେ ତାଙ୍କର ରଙ୍ଗିଲା ନିଶା ଛାଡ଼ି ନ ଥିଲା। ସେ ପୁଣି ଉକ୍ତ ମହିଳାଙ୍କ ପଛରେ ଲାଗି ପଡ଼ିଥିଲେ। ଘରେ କେହି ନ ଥିବାବେଳେ ରାଜକିଶୋର ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିଲେ। ପରେ ପୀଡିତା ମହିଳା ଗତବର୍ଷ ଡିସେମ୍ବର ୧୨ରେ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଥିବାବେଳେ ଗିରଫ ଭୟରେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଶୁକ୍ରବାର ରାତିରେ ସେ ନୟାପଲ୍ଲୀ ଆଇଆର୍‌ସି ଭିଲେଜ ନିକଟରେ ଥିବା ନେଇ ପୋଲିସ ଖବର ପାଇବା ପରେ ସେଠାରେ ଚଢ଼ାଉ କରି ରାଜକିଶୋରଙ୍କୁ ଗିରଫ କରିଛି।

ପ୍ରକାଶଯୋଗ୍ୟ, ଡେରାଡୁନର ଜଣେ ଯୁବତୀଙ୍କୁ ଭୁବନେଶ୍ୱରରେ ବଳାତ୍କାର କରିବା ଅଭିଯୋଗରେ ଗତ ୩ ତାରିଖରେ ନୟାପଲ୍ଲୀ ପୋଲିସ ସିଆର୍‌ପିଏଫ୍‌ର ଜଣେ ଯବାନକୁ ଗିରଫ କରିଥିବାବେଳେ ଗତ ୪ ତାରିଖରେ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ବଳାତ୍କାର କରିବା ଘଟଣାରେ ଏସ୍ଏସ୍‌ବିର ଜଣେ କନ୍‌ଷ୍ଟେବଳ ଗିରଫ ହୋଇଥିଲେ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସଂକ୍ଷେପରେ

### କୃଷକ ଉପଦେଷ୍ଟା କମିଟିର ବୈଠକ

ଅମରପାଲି,୮।୨ (ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ବ୍ଲକ କୃଷକ ଉପଦେଷ୍ଟା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ଆଲୋକ କୁମାର ଦେହୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ସଭା ପରିଚାଳନା କରିଥିଲେ । ବିଟିଟି କନଭେନର କାଳିନ୍ଦୀ ପରିଡା, ଡ. ସୁବ୍ରତ କୁମାର ପୁରୋହିତ, ବିଟିଏମ ଜିତେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଆତ୍ମାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ଅଭିନବ ଯନ୍ତ୍ରପାତି ପୁରସ୍କାର ପାଇଁ ଫେବୃୟାରୀ ୧୫ ତାରିଖରେ ଆବେଦନ ପାଇଁ ଶେଷ ତାରିଖ ଥିବା ସୂଚନା ଦିଆଯାଇଥିଲା । ଏହା ସହିତ ଆସନ୍ତା ୧୦ ତାରିଖରେ ସୁବଳୟାଠାରେ ବିଶ୍ୱ ଡାଲି ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା । ଜଳ ପରିଚାଳନା, କୃଷି ଓ ଜୀବିକା ସମ୍ପର୍କିତ ୩ ଦିନିଆ ତାଲିମ ଆସନ୍ତା ୧୧, ୧୨ ଓ ୧୩ ତାରିଖରେ କରାଯିବା ସହିତ ବାର୍ଷିକ କୃଷି ଓ ଆନୁସଙ୍ଗିକ କୃଷି କାର୍ଯ୍ୟଖସଡା ପ୍ରସ୍ତୁତିରେ ଅଦାଚାଷ, ହଳଦୀ ଚାଷ, ଛତୁ ଚାଷ, ଜିଆଖତ ପ୍ରକଳ୍ପକୁ ଗୁରୁତ୍ୱ ଦେବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନାରେ ସଭ୍ୟା ସୁପ୍ରଭା ଦାନୀ, ସଂଯୁକ୍ତା ବିଶି, ପ୍ରଭାସିନୀ ପଣ୍ଡା, ପ୍ରଣବ ପଧାନ, ସତ୍ୟପ୍ରକାଶ ସାହୁ, ଗୋପାଳ ଦାଶ, ଶ୍ୟାମ ନନ୍ଦ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

### ଦୁର୍ଘଟଣାରେ ଜଣେ ମୃତ

କେନ୍ଦୁଝର, ୮।୨(ସ୍ୱ.ପ୍ର.)- ପଣ୍ଡାପଡା ଥାନା ଦେଓବନ୍ଧ ଛକରେ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଶିଶୁ ଗୁରୁତର ହୋଇଛନ୍ତି। ମୃତକ ହେଲେ ହରିଚନ୍ଦନପୁର ବ୍ଲକ ଆଟପୁର ଗ୍ରାମର ରତ୍ନାକର ପ୍ରଧାନ। ପୁତୁରାଙ୍କ ସହ କାରରେ କେନ୍ଦୁଝରରୁ ଘରକୁ ଫେରୁଥିବା ବେଳେ ଦେଓବନ୍ଧ ଛକ ନିକଟରେ କାର ଭାରସାମ୍ୟ ହରାଇ ଓଲଟି ପଡିଥିଲା।

# ପିଏମ୍ଏୱାଇରେ ୩୮୯ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

ସୋନପୁର,୮।୨(ନି.ପ୍ର.)

ସୁବର୍ଣ୍ଣପୁର ପୌରାଞ୍ଚଳ ଅନ୍ତର୍ଗତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀମାନଙ୍କୁ ଶନିବାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ଏହି ଅବସରରେ ସଂସ୍କୃତି ଭବନ ପରିସରରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗର ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ମୋଟ ୩୮୯ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ସରକାରୀ ଜମିରେ ଘର କରି ରହିଥିବା ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନରେ ପଟ୍ଟା ମିଳିବା ପରେ ଆବାସ ଯୋଜନାରେ ଘର ମିଳିବ ବୋଲି ମନ୍ତ୍ରୀ ପୂଜାରୀ ପ୍ରତିଶ୍ରୁତି ଦେଇଥିଲେ।



ମନ୍ତ୍ରୀ ନିରଞ୍ଜନ ପୂଜାରୀ ଜଣେ ମହିଳାଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରୁଛନ୍ତି।

ସେହିପରି ମହାନଦୀରେ ଦ୍ୱିତୀୟ ସେତୁ ନିର୍ମାଣ ଓ ଖଇରମାଳଠାରେ ବ୍ୟାରେଜ୍ ନିର୍ମାଣ ପାଇଁ ସେ ଉଦ୍ୟମ କରୁଥିବା ସୂଚନା ଦେଇଥିଲେ। ବ୍ୟାରେଜ୍ ନିର୍ମାଣ ହେଲେ ସହରର ପର୍ଯ୍ୟଟନ ସ୍ଥଳୀର ବିକାଶ ହୋଇପାରିବ ବୋଲି ମନ୍ତ୍ରୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ପିଡି ଡୁଡା ଶରତ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ପୌରାଧ୍ୟକ୍ଷା ସିମନ୍ତିନୀ ନାଏକ, ପୌର ନିର୍ବାହୀ ଅଧିକାରୀ ଜଗଦୀଶ ଚନ୍ଦ୍ର ମହାନନ୍ଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱଚ୍ଛ ଭାରତ ଯୋଜନାରେ କାର୍ଯ୍ୟ କରୁଥିବା ସ୍ୱଚ୍ଛ ସାଥୀ ଓ ସୁପରଭାଇଜରଙ୍କୁ ମନ୍ତ୍ରୀ ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରିଥିଲେ। ଶିବରାମ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ମ୍ୟୁନିସିପାଲିଟି ଏମ୍ଇ ଇଂ ଯଯାତି ପ୍ରଧାନ, ସହକାରୀ ଯନ୍ତ୍ରୀ ଇଂ ଦେବାଶିଷ ଭୂୟାଁ, କନିଷ୍ଠ ଯନ୍ତ୍ରୀ ଇଂ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ, କାହ୍ନୁ ଚରଣ ସ୍ୱାଇଁ, ହିସାବ ରକ୍ଷକ ବ୍ରଜରାଜ ପ୍ରଧାନ ଓ ସୁନିତା ବାରିକ୍ ସହଯୋଗ କରିଥିଲେ ।

### ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ଅମରପାଲି, ୮।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମ ଫାଣ୍ଡି ଅନ୍ତର୍ଗତ ଦାଦରପାଲି- ସୁରଧାପାଲି ମଝିରେ ଥିବା ଭୁଗନାଳ ନିକଟରୁ ଶନିବାର ସନ୍ଧ୍ୟାରେ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। ଜନ୍ମହେଲା ପରେ ଶିଶୁକୁ କେହି ନାଳକୁ କେହି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ମୃତଦେହ ନିକଟରେ ଏକ ଚଦର, ବ୍ୟାଗ ଓ ବସ୍ତା ମଧ ପଡିଛି। ଅବୈଧ ସମ୍ପର୍କରୁ ଜନ୍ମ ନେଇଥିବାରୁ କେହି ଲୋକଲଜ୍ଜାରେ ଶିଶୁକୁ ଫିଙ୍ଗି ଦେଇଥିବା ଲୋକେ ଚର୍ଚ୍ଚା କରୁଛନ୍ତି। ବୀରମହାରାଜପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶିଶୁପୁତ୍ରର ମୃତଦେହ ଉଦ୍ଧାର କରିଛି। ଏହା ଅଞ୍ଚଳରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।



ଲୋକଅଦାଲତରେ ଯୋଗଦେଇଥିବା ଅଧିକାରୀ ଓ କର୍ମଚାରୀ ।

# ବୀରମହାରାଜପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଅମରପାଲି, ୮।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସ୍ଥିତ ବରିଷ୍ଠ ଦେୱାନୀ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକଅଦାଲତରେ ବରିଷ୍ଠ ଦେୱାନୀ ଜଜ୍ ଅବକାଶ ଚୌଧୁରୀ, ଏସଡିଜେଏମ ବବିତା ଦାଶ, ଆଇନଜୀବୀ ବିଷ୍ଣୁଚରଣ ପଣ୍ଡା, ବୀରମହାରାଜପୁର ଶାଖା ଭାରତୀୟ ଷ୍ଟେଟ ବ୍ୟାଙ୍କର ଫିଲ୍ଡ ଅଫିସର ଦେବାଶିଷ ଭଞ୍ଜନାଗର ପ୍ରମୁଖ ଯୋଗଦେଇ ବିଭିନ୍ନ ମାମଲାର ସମାଧାନ କରିଥିଲେ । ୩ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମାମଲାର ସମାଧାନ କରି ଋଣ ବାବଦରେ ବାକିଥିବା ପ୍ରାୟ ୫ଲକ୍ଷ ୩୩ ହଜାର ୯୯୦ ଟଙ୍କା ଅସୁଲି କରାଯାଇଥିଲା । ଲୋକ ଅଦାଲତକୁ ମାନସରଞ୍ଜନ ପଣ୍ଡା, ଇଭାରାଣୀ ମହାପାତ୍ର, ଜଗନ୍ନାଥ ପ୍ରଧାନ, ସୁବ୍ରତ କୁମାର ନାଏକ, ସଞ୍ଜିବ କୁମାର ବାରିକ, ପଞ୍ଚାନନ ପୁଟେଲ, ସୁଶିଲ କୁମାର ବେହେରା, ରଞ୍ଜନ କୁମାର ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ନାମମଣ୍ଡପ, ଯଜ୍ଞମଣ୍ଡପ ପ୍ରତିଷ୍ଠା

ଅମରପାଲି, ୮।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲିଠାରେ ନବନିର୍ମିତ ନାମମଣ୍ଡପ ଓ ଯଜ୍ଞ ମଣ୍ଡପ ପ୍ରତିଷ୍ଠା ସହିତ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିପାଇଁ ଗୁରୁବାର କଳସଯାତ୍ରା କରାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ଶୁକ୍ରବାର ସକାଳୁ ନାମାରମ୍ଭ ହୋଇଥିଲା। ଏଥିରେ ଅମରପାଲି, ବହଳପଦର, ଗୌଡଗାଡ, ଗୁଦଗୁଦା, ଲମ୍ବଦିଦାଦର, କଦଳୀପାଲି, ଚିଙ୍ଗିରାନାଲି, କୁଆଖୋଲ, ମୁଣ୍ଡାପଡା, କେଶଲଗା ଆଦି ଗ୍ରାମର ସଂକୀର୍ତ୍ତନ୍ୟ ଦଳ ସଂକୀର୍ତ୍ତନ ପରିବେଷଣ କରିଥିଲେ। ମଧ୍ୟାହ୍ନରେ ପୂଜାର୍ଚ୍ଚନା, ହୋମ, ଘୃତଯଜ୍ଞ ଆଦି ପୂଜାପାଠ ପରେ ଉଭୟ ନାମମଣ୍ଡପ ଓ ଯଜ୍ଞମଣ୍ଡପ ଉପରେ କଳସ ସ୍ଥାପନ ସହିତ ପ୍ରତିଷ୍ଠା କରାଯାଇଥିଲା। ସମସ୍ତ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ନପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶନିବାର ନଗରକିର୍ତ୍ତନ୍ୟ ସହ ପୂର୍ଣ୍ଣାହୂତି ପଡିଥିଲା। ଘନଶ୍ୟାମ ପଣ୍ଡା ପୂଜକ ଭାବେ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ବିଦ୍ୟାଧର ସାହୁ । ନାମଯଜ୍ଞ କମିଟି ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ପ୍ରମୋଦ କୁମାର ପଧାନଙ୍କ ସମେତ କମିଟିର ସଭ୍ୟ ଭବାନୀଶଙ୍କର ସାହୁ, ମଣ୍ଟୁ ପ୍ରଧାନ, ସୁଶୀଲ ସାହୁ, କେଶବ ସାହୁ, ନବୀନ ବିଶି, ବସନ୍ତ କୁମାର ସାହୁ, ଶମ୍ଭୁ ସାହୁ, ବହଳପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଶିକ୍ଷାବିତ କହ୍ନେଇଚରଣ ପଧାନ, ପ୍ରାଣବନ୍ଧୁ ସାହୁ, ନଟବର ରଣା, ବିଷ୍ଣୁଚରଣ ଧଳ, ଶ୍ୟାମ ସୁନ୍ଦର ସେଠୀ, ବରୁଣ ନାଏକ, ପ୍ରଫୁଲ୍ଲ ସାହୁ, ଜ୍ଞାନରଞ୍ଜନ ସାହୁ, ଜୟପ୍ରକାଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।



ନାମମଣ୍ଡପ ଉପରେ କଳସ ସ୍ଥାପନ କରାଯାଉଛି।

# ବିକାଶ କାର୍ଯ୍ୟରେ ମନ୍ଥରତା, ଆନ୍ଦୋଳନ କରିବ ଭାଜପା

ସୋନପୁର,୮।୨(ନି.ପ୍ର.)

ସୁବର୍ଣ୍ଣପୁର ଜିଲାରେ ଉନ୍ନୟନ ମୂଳକକାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁ ନାହିଁ। ଜମି ଅଧିଗ୍ରହଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଗତ ୫ ମାସ ଧରି ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ଜମି ଅଧିଗ୍ରହଣ କାର୍ଯ୍ୟ ବନ୍ଦ ରହିଛି। ଜମି ଅଧିଗ୍ରହଣ ଅଧିକାରୀ ପଦ ଦୀର୍ଘ ଦିନ ହେଲା ଖାଲି ପଡିବାରୁ ଜମି ହରାଇଥିବା କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ ମିଳିପାରୁ ନାହିଁ। ବର୍ଷ ବର୍ଷ ଧରି ଜମି ଅଧିଗ୍ରହଣ କାର୍ଯ୍ୟ ସରୁ ନ ଥିବାରୁ ରେଳ ବଜେଟ୍‌ରେ ପର୍ଯ୍ୟାପ୍ତ ବ୍ୟୟ ବରାଦ୍ ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ବି କାର୍ଯ୍ୟ ଆଗେଇ ପାରୁ ନାହିଁ ବୋଲି ସୁବର୍ଣ୍ଣପୁର ଜିଲା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଜିଲା ସଭାପତି ପ୍ରମୋଦ କୁମାର ମହାପାତ୍ର ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଅନୁଯାୟୀ ରାଜ୍ୟ ସରକାର ମାଗଣାରେ ଜମି ଯୋଗାଇବା କଥା । ମାତ୍ର ରାଜ୍ୟ ସରକାର ଜାଣିଶୁଣି ପ୍ରକଳ୍ପ କାର୍ଯ୍ୟ ବିଳମ୍ବ କରୁଛନ୍ତି । ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ। ୨୦୨୧ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ସରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ସେହିପରି ଜିଲାରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ସଭାପତି ମହାପାତ୍ର ଅଭିଯୋଗ କରିଛନ୍ତି। ପ୍ରଶାସନ, ରାଜନେତା ଓ ମିଲର୍ସଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି । ସରକାର ଚାଷୀଙ୍କ ଧାନ କିଣୁ ନାହାନ୍ତି । ବିଭିନ୍ନ ମଣ୍ଡିରେ ଧାନ ପଡିରହିଛି । ଅଦିନିଆ ବର୍ଷାରେ ଧାନ ଭିଜୁଛି । ଅଣ୍ଡର ରେଟରେ ଧାନ ବିକିବାକୁ ଚାଷୀଙ୍କୁ ବାଧ କରାଯାଉଛି। ନଦୀ, ନାଳ ବହୁଳ ଜିଲାର ପାଣି ସମୁଦ୍ରକୁ ବହିଯାଉଛି। ହେଲେ ଚାଷୀଙ୍କ ଜମିକୁ ଜଳସେଚନ ପାଇଁ ପଦକ୍ଷେପ ନିଆଯାଉ ନାହିଁ। ୨୦ ବର୍ଷର ନବୀନ ସରକାରଙ୍କ ଶାସନ ସମୟରେ ଜିଲାରେ ଶୀତଳ ଭଣ୍ଡାର ଓ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହୋଇପାରି ନାହିଁ। ଏପରିକ ପର୍ଯ୍ୟଟନ କ୍ଷେତ୍ରଗୁଡିକର ବିକାଶ ହୋଇପାରି ନାହିଁ। ଏହି ସବୁ ସମସ୍ୟା ଓ ବିକାଶ ମୂଳକ କାର୍ଯ୍ୟରେ ମନ୍ଥରତାକୁ ନେଇ ଭାଜପା ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରାକ୍ତନ ଜିଲା ସଭାପତି ବଳଦେବ ପ୍ରସାଦ ବେଦ୍‌ବାକ କହିଥିଲେ, ଚାଷୀଙ୍କୁ ଟୋକନ୍ ମିଳୁ ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି । ଶୀତ କାକରରେ ମଣ୍ଡିରେ ଧାନ ବସ୍ତାକୁ ଜଗି ରହିଛନ୍ତି। ଏଥିପ୍ରତି ସରକାରଙ୍କର ଦୃଷ୍ଟି ନାହିଁ। ସେହିପରି ବିଜୁ ପକ୍କାଘର ଯୋଜନା ପାଇଁ ରାଜ୍ୟ ସରକାର ଚଳିତ ବଜେଟ୍‌ରେ ଟଙ୍କା ଟିଏ ବ୍ୟୟ ବରାଦ୍ କରିନାହାନ୍ତି। ସୁବର୍ଣ୍ଣପୁର ଜିଲାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା କାର୍ଯ୍ୟାଦେଶରେ ବିଜୁ ପକ୍କାଘରର ଲୋଗୋ ରହୁଥିବା ବେଦ୍‌ବାକ ଅଭିଯୋଗ କରିଛନ୍ତି। ଏଭଳି ଚଞ୍ଚକତା ବିରୋଧରେ ଦଳ ଆଇନର ଆଶ୍ରୟ ନେବ ବୋଲି ସେ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ବରିଷ୍ଠ ନେତା ଅଶୋକ କୁମାର ପୂଜାରୀ ଓ ଇଂ ରଘୁନାଥ ଜଗଦଲା ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ଥିଲେ।



ଭାଜପା ନେତୃବୃନ୍ଦ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

# ରାଜ୍ୟ ଯୁବ ଡୁମାଳ ସମାବେଶ ଉଦ୍‌ଘାଟିତ

ଅମରପାଲି, ୮।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରଠାରେ ପ୍ରଥମ ରାଜ୍ୟସ୍ତରୀୟ ଯୁବ ଡୁମାଳ ସମାବେଶ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଯୁବ ଡୁମାଳ ପରିଷଦ ଅଧ୍ୟକ୍ଷ ସମିତି ମହାକୁରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଡୁମାଳ ପରିଷଦର ଉପଦେଷ୍ଟା ଦେବାର୍ଚ୍ଚନ ଚାଉଳିଆ, ରାଜ୍ୟ ଯୁବ ଡୁମାଳ ପରିଷଦ ଉପସଭାପତି କୃତ୍ତିବାସ ପଲିଆ, ରାଜ୍ୟ ମହିଳା ଡୁମାଳ ମୋର୍ଚ୍ଚା ସଭାନେତ୍ରୀ ହେମବତୀ କରନ, ଆମେ ଡୁମାଳ ପତ୍ରିକାର ମୁଖ୍ୟ ସମ୍ପାଦକ ହରିଶଙ୍କର ବେହେରା, ସହସମ୍ପାଦକ ହୀରା ମହାକୁର, ରେଢ଼ାଖୋଲ ଡୁମାଳ ସମାଜ ସଭାପତି ଗୌରିଶଙ୍କର ପାତ୍ର, ଅଧ୍ୟାପକ କିଶୋର ମହାକୁର, ନନ୍ଦ କିଶୋର ମହାକୁର, ସୁଧିର ମହାକୁର ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଡୁମାଳ ଜାତିର ଐତିହ୍ୟ ଓ ଯୁବ ଡୁମାଳ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ମୀନକେତନ ମହାକୁର ସଭା ପରିଚାଳନା କରିଥିଲେ। ତ୍ରିପୁରାରୀ ମହାକୁର ସ୍ୱାଗତ ଭାଷଣ ପ୍ରଦାନ ଓ ତ୍ରିନାଥ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଡୁମାଳ ସମାଜର ସ୍ମରଣିକା ଜାଗୃତି ଉନ୍ମୋଚିତ କରାଯାଇଥିଲା। ପ୍ରାରମ୍ଭରେ ୧୦୮ ମହିଳାଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା । ମାଁ ମାହେଶ୍ୱରୀଙ୍କ ଚଳନ୍ତି ପ୍ରତିମା ସହ ବିଶାଳ ଶୋଭାଯାତ୍ରାରେ ଢ଼ୋଲ, ନିଶାନ, ମହୁରୀ, ଶଙ୍ଖ ଘଣ୍ଟ ବାଦ୍ୟ ସହ ମାହେଶ୍ୱରୀ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର, ବୌଦ୍ଧ, ବଲାଙ୍ଗୀର, ବରଗଡ ଆଦି ଜିଲାର ସହସ୍ରାଧିକ ଡୁମାଳ ଜାତିର ଯୁବକ ଓ କର୍ମକର୍ତ୍ତା ଯୋଗଦେଇଥିଲେ ।



ଉଦ୍‌ଘାଟନୀ ଉତ୍ସବରେ ସ୍ମରଣିକା ଜାଗୃତିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

### ଶ୍ରୀରାମ ମହାବିଦ୍ୟାଳୟରେ ଓଡିଆ ସଂପାନ

ଡୁଙ୍ଗୁରିପାଲି, ୮।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ରାମପୁରସ୍ଥିତ ଶ୍ରୀରାମ ମହାବିଦ୍ୟାଳୟ ଓଡିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓଡିଆ ଭାଷାର ଉନ୍ମେଷ ଓ ବିକାଶ ଶୀର୍ଷକ ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଭାପତିତ୍ୱରେ ହୋଇଥିବା ଉକ୍ତ ଆଲୋଚନାରେ ଅଧ୍ୟାପକ ଅଶ୍ୱିନୀ କୁମାର ପର୍ଡିଆ, ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ, ଅଧ୍ୟାପକ ଟିକେଚାନ୍ଦ ବାଗ, ଅଧ୍ୟାପିକା ପିଙ୍କି କର ଅଂଶଗ୍ରହଣ କରିଥିଲେ । ତୃତୀୟ ବର୍ଷ ଛାତ୍ରୀ ଅମିଷା ପଧାନ ଓ ଦ୍ୱିତୀୟ ବର୍ଷ ଛାତ୍ରୀ ନିକିତା ପଧାନ ସନ୍ଦର୍ଭ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନାଚକ୍ରରେ ବିଭାଗର ସମସ୍ତ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ ।

## ସେଲ୍‌ଫି କର୍ଣ୍ଣର




ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ।
ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସମୀର



ଶୁଚିକାନ୍ତ



ନିର୍ମଳ



ଜ୍ଞାନ



ବିଶ୍ୱଜିତ୍



ଯୁଧିଷ୍ଠିର



ଏନ.କେ ପଟେଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୯ ଫେବୃୟାରୀ, ୨୦୨୦



ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘାତ - ଏମାନେ
ଚନ୍ଦ୍ର-ସୂର୍ଯ୍ୟ ଥିବାଯାଏ ନରକ ଭୋଗ କରନ୍ତି।
-ମହାକବି କାଳିଦାସ



## ସଂକ୍ଷେପରେ



### ବୁରୋମୁଣ୍ଡା ହାଇସ୍କୁଲରେ ପୁରସ୍କାର ବିତରଣ ଉତ୍ସବ

**ଲୋଇସିଂହା, ୮।୨(ଡି.ଏନ.ଏ.):** ଲୋଇସିଂହା ବ୍ଲକ ବୁରୋମୁଣ୍ଡା ହାଇସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପ୍ରଧାନଶିକ୍ଷକ ଗିରିଶ ପଟେଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ସରପଞ୍ଚ ପଦ୍ମାଳୟା ବାଗ, ପରିଚାଳନା ସମିତି ସଭାପତି ପୁରୁଷୋତ୍ତମ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବାର୍ଷିକ କ୍ରୀଡାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ୨୦୧୯-୨୦ଶିକ୍ଷା ବର୍ଷରେ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗୀତାରେ ଭାଗନେଇଥିବା ୨ଜଣ ଛାତ୍ରୀ ଏବଂ ଜାତୀୟସ୍ତରରେ ସ୍କୁଲବଲ ବ୍ୟାଡମିଣ୍ଟନ ପ୍ରତିଯୋଗୀତାରେ ଭାଗନେଇଥିବା ଛାତ୍ର ଜ୍ଞାନରଞ୍ଜନ ନାଏକଙ୍କୁ ସ୍କୁଲ ତରଫରୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ପୁରସ୍କାର ବିତରଣ ଉତ୍ସବ ପରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହକାରୀ ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ବଜେଟ୍ ଅନୁଦାନକୁ ସ୍ୱାଗତ, ମନ୍ଥର କାମକୁ ନେଇ ଉଦ୍‌ବେଗ

- ଖୋର୍ଦ୍ଧା-ବଲାଙ୍ଗୀର ରେଳପ୍ରକଳ୍ପ
- ଜିଲା ରେଳ ଉପଭୋକ୍ତା ସଂଘର ପ୍ରତିକ୍ରିୟା

**ବଲାଙ୍ଗୀର ଅଫିସ, ୮।୨**

ଚଳିତ ରେଳ ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ୫୨୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ମଞ୍ଜୁର କରାଯାଇଛି । ଏହି ବହୁପ୍ରତୀକ୍ଷିତ ରେଳପଥ ନିର୍ମାଣ ପାଇଁ ଚଳିତ ବଜେଟ୍‌ରେ ଏଭଳି ଆର୍ଥିକ ଅନୁଦାନ ବ୍ୟବସ୍ଥାକୁ ବଲାଙ୍ଗୀର ଜିଲା ରେଳ ଉପଭୋକ୍ତ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି । ଏଥିଯୋଗୁଁ ସଂଘ ସଦସ୍ୟମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି । ମାତ୍ର ଏହି ରେଳପଥ ନିର୍ମାଣ କାମ ଖୁବ୍ ମନ୍ଥର ଗତିରେ ଚାଲିଥିବାରୁ ସଂଘ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯାଇଛି। ରେଳପଥ ନିର୍ମାଣ ପାଇଁ ବଜେଟ୍‌ରେ ଅର୍ଥ ବରାଦ ହେଉଥିଲେ ଏହାର ନିର୍ମାଣ କାମ ଆଶାନୁରୂପକ ଅଗ୍ରଗତି ହୋଇପାରୁ ନ ଥିବା କୁହାଯାଇଛି । ରେଳ ବିଭାଗ ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରାଯାଇଛି । ପୂର୍ବଓଡିଶାର ଖୋର୍ଦ୍ଧାଠାରୁ ଦଶପଲ୍ଲା ପର୍ଯ୍ୟନ୍ତ ଦୀର୍ଘ ୬୦କିମି ରେଳପଥ ନିର୍ମାଣ କାମ ସରିଥିଲେ ମଧ ପଶ୍ଚିମ ଓଡିଶାର ବଲାଙ୍ଗୀରଠାରୁ ବିଛୁପାଲି ପର୍ଯ୍ୟନ୍ତ ମାତ୍ର ୧୮ କିଲୋମିଟର ରେଳପଥ ନିର୍ମାଣ ହେବା ବାସ୍ତବିକ ପରିତାପର ବିଷୟ ବୋଲି ସଂଘ ପକ୍ଷରୁ କୁହାଯାଇଛି । ଚଳିତବର୍ଷ ଶେଷସୁଦ୍ଧା ଏହି ବଜେଟ୍ ଅନୁଦାନରେ ସୋନପୁର ପର୍ଯ୍ୟନ୍ତ ରେଳପଥ ନିର୍ମାଣ କାମ ଶୀଘ୍ର ସମାପ୍ତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି । ସଂଘ ସଭାପତି ଧର୍ମବ୍ରତ ରଥ, ଉପସଭାପତି ପର୍ଶୁରାମ ନାୟକ, ସମ୍ପାଦକ ଗୋପବନ୍ଧୁ ପୁରୋହିତ ଓ ସହସମ୍ପାଦକ ପ୍ରଭାକର ମିଶ୍ର ପ୍ରେସବିଜ୍ଞପ୍ତିରେ ଏହା ଜଣାଇଛନ୍ତି।

# ମାଷ୍ଟରମାଇଣ୍ଡ ସମେତ ୭ ଗିରଫ

## କୁଡ଼ାସିଂହା ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ

- ବୋଲେରୋ, ଅଟୋରିକ୍ସା, ବାଇକ୍ ସହ ୬୮ ହଜାର ଟଙ୍କା ଜବତ
- ନୟାଗଡରୁ ଡକାୟତଙ୍କୁ ଡାକି ଆଣିଥିଲେ ମାଷ୍ଟରମାଇଣ୍ଡ ମୁହୁରିଆ
- ମୁଖ୍ୟ ଡକାୟତଙ୍କ ସହ ସହଯୋଗୀ ଫେରାର
- ଲୁଟି ନେଇଥିବା ୩୦ ଭରି ସୁନାର ପତ୍ତା ମିଳିନାହିଁ

**ବଲାଙ୍ଗୀର ଅଫିସ, ୮।୨**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ କୁଡାସିଂହା ଗାଁର ବ୍ୟବସାୟୀ ଉଜ୍ଜ୍ୱଳ ସାହୁଙ୍କ ଘରେ ଗତ ଜାନୁୟାରୀ ୨୩ ତାରିଖ ରାତିରେ ସଂଘଟିତ ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାଶ କରିଛି ବଲାଙ୍ଗୀର ପୋଲିସ । ଏହି ଘଟଣାରେ ମୁହୁରୀ ବଜାଉଥିବା ଜଣେ ମାଷ୍ଟରମାଇଣ୍ଡ ସମେତ ୭ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଦେଓଗାଁ ଥାନା ଅର୍ଡା ଗ୍ରାମର ମାଷ୍ଟରମାଇଣ୍ଡ ଲକ୍ଷ୍ମଣ ସୁନା (୫୫) ଓ ତାଙ୍କ ପୁଅ ମିଥୁନ୍ ସୁନା (୨୨), ସିଆଲଯୋର ଗ୍ରାମର ଘୁଣ୍ଟୁ ବାରକ (୨୮), ତୁଷରା ଥାନା ସିରଜାପାଲି ଗ୍ରାମର ରାଜୁ ମହାନନ୍ଦ (୩୮), ନାୟଗଡ ଜିଲା ଓଡଗାଁ ଥାନା ଭାଦିକୀଲା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାରଣା (୩୮), ନୟାଗଡ ଜିଲା ଫତେଗଡ ଥାନା ବାଲିଆପଟା ଗ୍ରାମର ପ୍ରଭାତ କୁମାର ନାୟକ (୫୦) ଓ ବହଦା ଗ୍ରାମର ହଲୁରି ସ୍ୱାଇଁ (୩୧) ରହିଛନ୍ତି। ସେମାନଙ୍କଠାରୁ ଡକାୟତିରେ ବ୍ୟବହୃତ ଏକ ବୋଲେରୋ (ଓଡି୦୨କେ ୬୧୩୬), ଏକ ଅଟୋରିକ୍ସା (ଓଡି୦୩କ୍ୟୁ ୩୭୧୧), ଏକ ବାଇକ୍ (ଓଆର୦୩ଏ ୮୯୩୨), ୪ଟି ମୋବାଇଲ ଫୋନ୍ ସହ ୬୮ ହଜାର ୫ ଶହ ଟଙ୍କା ଜବତ୍ କରାଯାଇଛି। ସ୍ଥାନୀୟ ସଦର ଥାନାରେ ଖବରଦାତା ସମ୍ମିଳନୀ କରି ଅତିରିକ୍ତ ଏସ୍‌ପି ମନୋରଞ୍ଜନ ପ୍ରଧାନ ଓ ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ପୋଲିସ ଅଭିଯୁକ୍ତଙ୍କୁ ହାଜର କରିଛି।

ଗତ ୨୩ ତାରିଖ ରାତି ପ୍ରାୟ ୧୧ଟାରେ ୧୫ ଜଣ ଅପରିଚିତ ବ୍ୟକ୍ତି ଅସ୍ତ୍ରଶସ୍ତ୍ର ଧରି କୁଡାସିଂହା ଗ୍ରାମର ବ୍ୟବସାୟୀ ସାହୁଙ୍କ ଘର କବାଟ ଭାଙ୍ଗି ଭିତରକୁ ପଶିଥିଲେ। ବ୍ୟବସାୟୀ ସାହୁଙ୍କ ସ୍ତ୍ରୀ, ଝିଅ ଓ ପୁତୁରାକୁ ମାଡ ମାରିଥିଲେ। ଏହାପରେ ପ୍ରାୟ ୩୦ ଭରି ସୁନା ଅଳଙ୍କାର, ୪ରୁ ୫ ଲକ୍ଷ ନଗଦ ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ଦେଓଗାଁ ଥାନାରେ ଏକ ମାମଲା (ନଂ.୧୯/୨୦) ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଥିଲା। ତଦନ୍ତ ସମୟରେ ଦେଓଗାଁ ଥାନା ଅନ୍ତର୍ଗତ ଅର୍ଡା ଗ୍ରାମର ଲକ୍ଷ୍ମଣ ସୁନା ନାମକ ଜଣେ ମୁହୁରିଆ ଏହି ସଶସ୍ତ୍ର ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡିଥିଲା। ଉଜ୍ଜ୍ୱଳ ସାହୁ ଏହି ଅଞ୍ଚଳର ଜଣେ ଧନୀ ବ୍ୟବସାୟୀ ହୋଇଥିବାରୁ ଲକ୍ଷ୍ମଣ ତାଙ୍କର ଜଣେ ସମ୍ପର୍କୀୟଙ୍କ ସହ ମିଶି ବ୍ୟବସାୟୀ ସାହୁଙ୍କ ଘରେ ଡକାୟତି ଯୋଜନା କରିଥିଲେ । ଡକାୟତି ପାଇଁ ନୟାଗଡ ଅଞ୍ଚଳରୁ ଡକାୟତ ଦଳ ଡାକି ଆଣି ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଲକ୍ଷ୍ମଣ ତାଙ୍କ ସହଯୋଗୀ ଘୁଣ୍ଟୁ ବାରିକ ଓ ରାଜୁ ମହାନନ୍ଦ ସହ ମିଶି ନୟାଗଡ ଅଞ୍ଚଳର ପ୍ରଭାତ ନାୟକ, ପୂର୍ଣ୍ଣ ମହାରଣା ଓ ଅନ୍ୟମାନଙ୍କ ସହ ଯୋଗାଯୋଗ କରି ଯୋଜନା ସମ୍ପର୍କରେ ଜଣାଇଥିଲେ । ଜାନୁୟାରୀ ୨୨ ତାରିଖ ଦିନ ସମସ୍ତ ଅଭିଯୁକ୍ତ ବଲାଙ୍ଗୀରରେ ଏକାଠି ହୋଇଥିଲେ। ଏହାପରେ ଭୀମଡୁଙ୍ଗୁରିକୁ ଯାଇ ଭୋଜି କରିଥିଲେ । ଲକ୍ଷ୍ମଣ ଓ ତାଙ୍କ ପୁଅ ମିଥୁନ୍ ସୁନା ଅଟୋରିକ୍ସାରେ ଡକାୟତମାନଙ୍କୁ ନେଇ କୁଡାସିହା ଉଜ୍ଜ୍ୱଳ ସାହୁଙ୍କ ଘର ଚିହ୍ନେଇ ଦେଇଥିଲେ । ସେହି ରାତିରେ ସେମାନେ ଅର୍ଡା ସ୍କୁଲରେ ଶୋଇଥିଲେ । ପରଦିନ ଅର୍ଥାତ ୨୩ ତାରିଖ ରାତି ପ୍ରାୟ ୧୧ଟାରେ ଲକ୍ଷ୍ମଣ ସୁନା ତାଙ୍କର ଏକ ବନ୍ଧୁକ (ଏୟାରଗନ୍) ନେଇ ଏକ ବୋଲେରୋ ଗାଡି, ଅଟୋରିକ୍ସା ଓ ଏକ ବାଇକ୍‌ରେ ପ୍ରାୟ ୧୫ ଜଣ ଅଭିଯୁକ୍ତଙ୍କୁ ଧରି କୁଡାସିଂହା ସାହୁଙ୍କ ଘରେ ପହଞ୍ଚିଥିଲେ। ଏହାପରେ ସାହୁଙ୍କ ଘରେ ସଶସ୍ତ୍ର ଡକାୟତି କରିବା ସହ ଗାଁରେ ଆତଙ୍କ ସୃଷ୍ଟି କରିଥିଲେ । ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରି ପ୍ରଥମେ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ ଅର୍ଡା ଗ୍ରାମର ମୁହୁରିଆ ଲକ୍ଷ୍ମଣ ସୁନା, ତାଙ୍କ ପୁଅ ମିଥୁନ ଓ ସହଯୋଗୀ ଘୁଣ୍ଟୁ, ରାଜୁଙ୍କୁ ଗିରଫ କରିଥିଲେ । ଏହାପରେ ନାୟଗଡ ଯାଇ ଅନ୍ୟ ୩ ଅଭିଯୁକ୍ତ ପୂର୍ଣ୍ଣଚନ୍ଦ୍ର, ପ୍ରଭାତ ଓ ହଲୁରୀଙ୍କୁ ଗିରଫ କରିଥିଲେ । ତେବେ ଏହି ଡକାୟତି ଗ୍ୟାଙ୍ଗର ମୁଖ୍ୟ ନୟାଗଡ ଓଡଗାଁ ଅଞ୍ଚଳର ସତ୍ୟବାନ୍ ମହାରଣାଙ୍କ ସହ ଅନ୍ୟମାନେ ଫେରାର ଥିବା ପୋଲିସ ସୂଚନା ଦେଇଛି । ନଗଦ ଟଙ୍କାକୁ ଭାଗବଣ୍ଟା କରିଥିବାବେଳେ ସୁନାକୁ ନେଇ ଡକାୟତମାନେ ଫେରାର ଥିବା କୁହାଯାଇଛି । ଖୁବ୍‌ଶୀଘ୍ର ଫେରାର ଅଭିଯୁକ୍ତମାନେ ଗିରଫ ହେବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ଏହି ଖବରଦାତା ସମ୍ମିଳନୀରେ ସଦର ଥାନା ଆଇଆଇସି ତୋଫାନ୍ ବାଗ ଓ ଦେଓଗାଁ ଥାନାଧିକାରୀ ରଞ୍ଜନ ବରିହା ଉପସ୍ଥିତ ଥିଲେ।

### ଖପ୍ରାଖୋଲରେ ଅଦିନିଆ ବର୍ଷା, କୋହଲା ପାଗ

**ଖପ୍ରାଖୋଲ, ୮।୨(ଡି.ଏନ.ଏ)**

ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଅଦିନିଆ ବର୍ଷା ଏବଂ କୋହଲା ପାଗ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ତିନି ଦିନ ଧରି କୋହଲା ପାଗ, ଝିପି ଝିପି ବର୍ଷା ଓ କୁହୁଡି ଯୋଗୁଁ ଲୋକେ ପଦାକୁ ବାହାରି ପାରୁ ନାହାନ୍ତି। ରାସ୍ତାଘାଟ ଖାଁ ଖାଁ ଲାଗୁଥିବାବେଳେ ଦୋକାନ ବଜାର ଖାଲି ଖାଲି ଲାଗୁଛି଼। ଅଦିନିଆଁ ବର୍ଷା ଯୋଗୁ ପରିବା ଓ ଡାଲି ଜାତୀୟ ଚାଷ ପ୍ରଭାବିତ ହେବା ସମ୍ଭାବନା ଦେଖାଦେଇଛି। ଧାନ ଅମଳ ସରିଥିଲେ ବି ବିକ୍ରି ପାଇଁ ମଣ୍ଡିରେ ଧାନ ରଖିଥିବା ଚାଷୀ ହଟହଟାର ସମ୍ମୁଖୀନ ହୋଇଛନ୍ତି। ଧଣ୍ଡାମୁଣ୍ଡା ଧାନ ମଣ୍ଡିରେ ପ୍ରାୟ ୩ ଶହ ବସ୍ତା ଧାନ ମଣ୍ଡି ବାହାରେ ଥିବାବେଳେ ପଲିଥିନ ଢାଙ୍କି ରଖାଯାଇଛି। ସେହିପରି ଖପ୍ରାଖୋଲ କୃଷି ସମବାୟ ସମିତି ବଡଗୁର୍ଜିଭଟା ଅସ୍ଥାୟୀ ଧାନ ମଣ୍ଡିରେ ମଧ୍ୟ ତାରପୋଲିନ୍ ଘୋଡା ଅସ୍ଥାୟୀ ଗୋଦାମରେ ୫ ଶହରୁ ଊର୍ଦ୍ଧ୍ୱ ଧାନ ବସ୍ତା ରହିଛି । ସରକାରୀ ସୂଚନା ଅନୁସାରେ ଖପ୍ରାଖୋଲ ବ୍ଲକରେ ତିନି ଦିନରେ ୪୦ ମିମି ବର୍ଷା ହୋଇଛି। ଏ ନେଇ ସହକାରୀ କୃଷି ଅଧିକାରୀ ସୁଜିତ କୁମାର ଭୋଇଙ୍କୁ ପଚାରିବାରୁ କୋହଳା ପାଗ ଆଗକୁ ରହିଲେ ଚାଷ ପ୍ରଭାବିତ ହେବାର ସମ୍ଭାବନା ରହିଛି ବୋଲି କହିଛନ୍ତି। ସେହିପରି ମଣ୍ଡି ବାହାରେ ଧାନ ରହିବାକୁ ନେଇ ଧଣ୍ଡାମୁଣ୍ଡା କୃଷି ସମବାୟ ସମିତି ସମ୍ପାଦକ ବଂଶୀଧର ପଧାନଙ୍କୁ ପଚାରିବାରୁ ଚାଷୀଙ୍କ ଧାନ ଗୋଦାମ ଭିତରେ ରଖାଯାଇଥିବା ବେଳେ କେତେକଙ୍କ ଧାନ ବାହାରେ ରହିଛି। ତାହା ଯେପରି ବର୍ଷାରେ ନ ଭିଜିବ ସେଥିପାଇଁ ତାରପୋଲିନ୍ ଘୋଡାଇ ରଖାଯାଇଛି ବୋଲି କହିଛନ୍ତି।

# କୋହଲା ପାଗ ସାଙ୍ଗକୁ ବର୍ଷା, ଜନଜୀବନ ଅସ୍ତବ୍ୟସ୍ତ

- ବଲାଙ୍ଗୀରରେ ୩୩ ମିଲିମିଟର ବର୍ଷା ରେକର୍ଡ
- ଭିଜିଗଲା ଚାଷୀଙ୍କ ଧାନ
- ପ୍ରତିଶ୍ରୁତି ପୂରଣରେ ମନ୍ତ୍ରୀ ବିଫଳ: କୃଷକ ମହାସଂଘ

**ବଲାଙ୍ଗୀର ଅଫିସ, ୮।୨**

ଗତ ୩ ଦିନରୁ ଉର୍ଦ୍ଧ୍ୱ ହେଲା କୋହଳା ପାଗ ଓ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଶନିବାର ବଲାଙ୍ଗୀରରେ ସର୍ବାଧିକ ୩୩ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି ଜିଲାର ଖାପ୍ରାଖୋଲରେ ୨୬ ମିମି, ପୁଇଁତଲା ଓ ପାଟଣାଗଡରେ ୨୫ ମିମି, ତୁରେକେଲାରେ ୨୧ ମିମି ଓ ଦେଓଗାଁ ଠାରେ ୧୮ ମିମି ବର୍ଷା ରେକର୍ଡ କରାଯାଇଛି । ଶୁକ୍ରବାର ରାତିରୁ ଶନିବାର ଦିନତମାମ ବର୍ଷା ଜାରି ରହିବା ଫଳରେ ଲୋକେ ଘରୁ ବାହାରି ପାରିନଥିଲେ । କୋହଳା ପାଗ ଓ ବର୍ଷା ଯୋଗୁଁ ସହର ଆଜି ଖାଁ ଖାଁ ଲାଗିଥିଲା । ଏଭଳି ଅସ୍ୱାଭାବିକ ପାଗ ଓ ବର୍ଷା ଯୋଗୁଁ ଚାଷୀମାନେ ପ୍ରଭାବିତ ହୋଇଥିବା ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା ଅଭିଯୋଗ କରିଛନ୍ତି । ଡା ପରିଚ୍ଛା କହିଛନ୍ତି ଯେ, ଚଳିତ ଋତୁରେ ବଲାଙ୍ଗୀର ଜିଲାରେ ପ୍ରଚୁର ଧାନ ଅମଳ ହୋଇଥିଲା। ଚାଷୀମାନେ ବେଶ୍ କିଛି ଲାଭ ପାଇବେ ବୋଲି ଆଶା ରହିଥିଲେ । ମାତ୍ର ରାଜ୍ୟ ସରକାରଙ୍କ ଭୁଲ ଧାନକିଣା ନୀତି ଯୋଗୁଁ ବହୁ ଚାଷୀ ଲାଭ ପାଇବା ବଦଳରେ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଚଳିତ ଖରିଫ୍ ଧାନକିଣା ବିଳମ୍ବରେ ଆରମ୍ଭ ହୋଇଥିଲା । ଚାଷୀଙ୍କୁ ଟୋକନ୍ ଇସ୍ୟୁ ଓ ମଣ୍ଡିରେ ଟାର୍ଗେଟ ପ୍ରଦାନରେ ଅବ୍ୟବସ୍ଥା କାରଣରୁ ବହୁ ଚାଷୀ ସରକାରୀ ମଣ୍ଡରେ ଧାନ ବିକ୍ରି କରି ନ ପାରି ଦଲାଲ ହାତକୁ କମ୍ ଦରରେ ଧାନ ଟେକି ଦେଇଥିଲେ । ଟୋକନ ଓ ଟାର୍ଗେଟ ଅବ୍ୟବସ୍ଥା କାରଣରୁ ଏବଂ ମିଲର୍ସମାନଙ୍କ ମନମୁଖୀ ଧାନ ଉଠାଣ ନୀତି ଯୋଗୁଁ ଚଳିତବର୍ଷ ଚାଷୀ ସବୁଠୁ ବେଶୀ ହଇରାଣ ହରକତ ହୋଇଥିବା ପରିଚ୍ଛା ଅଭିଯୋଗ କରିଛନ୍ତି । ଏବେ ଟୋକନ ନଥିବାରୁ ଓ ମଣ୍ଡିକୁ ଟାର୍ଗେଟ ମିଳୁନଥିବାରୁ ବହୁ ପ୍ରକୃତ ଚାଷୀ ଧାନକୁ ବିକ୍ରୟ ଉଦ୍ଦେଶ୍ୟରେ ମଣ୍ଡିକୁ ଆଣି ରଖିଛନ୍ତି। ଗତ ୩ ଦିନ ହେଲା କୋହଳା ପାଗ ଓ ବର୍ଷା କାରଣରୁ ଜିଲାର ବହୁ ଚାଷୀଙ୍କ ଧାନ ଭିଜିଯାଇଛି । ଯେଉଁ ମଣ୍ଡିରେ ଗୋଦାମ ଘର ନାହିଁ ସେଠାରେ ଚାଷୀମାନେ ମଣ୍ଡି ସମ୍ମୁଖ ଖୋଲା ଆକାଶ ତଳେ ଧାନ ରଖିଥିଲେ। ଏବେ ଅସ୍ୱାଭାବିକ ବର୍ଷାକୁ ଆଖି ଆଗରେ ରଖି ପ୍ୟାକ୍ସ କର୍ମଚାରୀମାନେ ମଣ୍ଡିରେ ଥିବା ଧାନ ଉପରେ ପଲିଥିନ୍ ଢ଼ାଙ୍କି ଥିଲେ ମଧ ବହୁ ସ୍ଥାନରେ ଚାଷୀଙ୍କ ଧାନ ଭିଜିଥିବା ଡା ପରିଚ୍ଛା ସୂଚନା ଦେଇଛନ୍ତି। କିଛି ସ୍ଥାନରେ ଖୋଦ୍ ଚାଷୀ ବିକ୍ରି ଉଦ୍ଦେଶ୍ୟରେ ରଖିଥିବା ଧାନକୁ ମଧ ପଲିଥିନ୍ ଘୋଡାଇ ରଖିଛି। ସଦର ବ୍ଲକ୍ ଅନ୍ତର୍ଗତ ବିଡିଘାଟ ପ୍ୟାକ୍ସରେ ଖୋଲା ଆକାଶ ତଳେ ରହିଥିବା ଧାନ ଉପରେ ପଲିଥିନ୍ ଢ଼ାଙ୍କିଥିଲେ ମଧ ଚାଷୀଙ୍କ ଧାନ ବର୍ଷାରେ ଭିଜି ନଷ୍ଟ ହୋଇଥିବା ସେ ଜଣାଇଛନ୍ତି । ସେହିପରି ଅନ୍ୟ କେତେକ ସ୍ଥାନରୁ ଏଭଳି କ୍ଷୟକ୍ଷତି ସୂଚନା ମିଳିଛି ବୋଲି ସେ କହିଛନ୍ତି । ଦୁଇଦିନ ତଳେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବଲାଙ୍ଗୀର ଗସ୍ତରେ ଆସି ଜିଲାର ଧାନ ସଂଗ୍ରହକୁ ନେଇ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକ ଚାଲିଥିବାବେଳେ ଜିଲା କୃଷକ ମହାସଂଘର ଚାଷୀମାନେ ଧସେଇ ପଶିଥିଲେ। ଏହାପରେ ମନ୍ତ୍ରୀଙ୍କ ସହ ସେଠାରେ ଆଲୋଚନା କରିଥିଲେ। ଜିଲାର ପ୍ରକୃତ ଚାଷୀଙ୍କ ଠାରୁ ଧାନ କିଣାଯିବ ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ବର୍ଷାରେ ଚାଷୀଙ୍କ ଧାନ ଭିଜି ଯାଇଥିବାବେଳେ ମନ୍ତ୍ରୀ କିଭଳି ବ୍ୟବସ୍ଥା କରିଛନ୍ତି ବୋଲି ପରିଚ୍ଛା ପ୍ରଶ୍ନ କରି ଜିଲାର ଚାଷୀଙ୍କୁ ଜାଣିଶୁଣି ହଇରାଣ ହରକତ କରାଯାଉଛି ବୋଲି କହିଥିଲେ । ଚାଷୀଙ୍କ ସ୍ୱାର୍ଥ ରକ୍ଷାରେ ମନ୍ତ୍ରୀ ବିଫଳ ହୋଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ଏବେ ଜିଲାର କ୍ଷତିଗ୍ରସ୍ତ ଚାଷୀଙ୍କ ସର୍ଭେ କରାଯାଇ ତାଙ୍କୁ ତୁରନ୍ତ ଉଚିତ୍ କ୍ଷତିପୂରଣ ଦେବାକୁ ଡା ପରିଚ୍ଛା ଦାବି କରିଛନ୍ତି।



ବିଡିଘାଟ ମଣ୍ଡି ସମ୍ମୁଖ ଖୋଲା ଆକାଶ ତଳେ ଥିବା ଧାନକୁ ପଲିଥିନ ଘୋଡା ଯାଇଛି।



ବଣିକ ସଂଘ କର୍ମକର୍ତ୍ତାମାନେ ଥାନାଧିକାରୀଙ୍କୁ ସାକ୍ଷାତ କରି ଆଲୋଚନା କରୁଛନ୍ତି।

### ଗୋଟିଏ ରାତିରେ ୩ ଦୋକାନରୁ ଚୋରି

**ଦେଓଗାଁ, ୮।୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ପଞ୍ଚାୟତ ମୁଖ୍ୟାଳୟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସାହୁ କମ୍ପ୍ଲେକ୍ସରୁ ଶୁକ୍ରବାର ବିଳମ୍ବିତ ରାତିରେ ୩ଟି ଦୋକାନରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ଘଟଣାସ୍ଥଳକୁ ଦେଓଗାଁ ଥାନାଧିକାରୀ ରଞ୍ଜନ ବରିହା ଘଟଣାସ୍ଥଳ ପରିଦର୍ଶନ କରି ତନାଘନା ଚଳାଇଛନ୍ତି। ଏ ନେଇ ୩ଟି ପୃଥକ ମାମଲା ରୁଜୁ ହୋଇଛି। ସାହୁ କମ୍ପ୍ଲେକ୍ସରେ ଥିବା ସୁରେନ୍ଦ୍ର କୁମାର ପୁଟେଲଙ୍କ ଗ୍ୟାରେଜର ଶର୍ଟର କାଟି ଚାରିଚକିଆ ଗାଡିର ପାର୍ଟ୍ସ, ମୋବିଲ ଓ ମରାମତି ସାମଗ୍ରୀ ଚୋରୀ ହୋଇଛି। ସଞ୍ଜୀବ କୁମାର ସାହୁଙ୍କ ଦୋକାନରୁ ଟଙ୍କାପର୍ସ ଚୋରି କରିଥିବା ଜଣାପଡିଛି । ସେହିପରି କଲେଜ ଛକଠାରେ ରମେଶ ରଣାଙ୍କ ଟାୟାର ଦୋକାନର ତାଲା କାଟି ୭୩ଟି ଚାରିଚକିଆ ଓ ଦୁଇଚକିଆ ଟାୟାର ଓ ୩୫ଟି ଲେଙ୍ଗୁଟି ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଦେଓଗାଁ ବଣିକ ସଂଘ ଉକ୍ତ ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଗାଁରେ ଶନିବାର ଏକ ବୈଠକ କରିଥିଲା। ଚୋରିକୁ ଦମନ କରିବା ପାଇଁ ମିଳିତ ଉଦ୍ୟମ କରିବାକୁ ସ୍ଥିର କରିଛି । ଶତାଧିକ କର୍ମକର୍ତ୍ତା ତଥା ଗ୍ରାମବାସୀ ଦେଓଗାଁ ଥାନାଧିକାରୀଙ୍କୁ ସାକ୍ଷାତ୍ କରି ଆଜକୁ ୭ବର୍ଷ ହେଲାଗାଁରେ କୌଣସି ଚୋରି ଅଭିଯୋଗ ହୋଇ ନ ଥିବା ବେଳେ ଏହି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବା ଅଭିଯୋଗ କରିଥିଲେ । ଅଜିଠାରୁ ରାତିରେ ପୋଲିସ ତରଫରୁ ପାଟ୍ରୋଲିଂକୁ କଡାକଡି କରିବାକୁ ସେମାନେ ଦାବି କରିଥିଲେ। ଚୋରଙ୍କୁ କମ୍ ଦିନମଧରେ ଧରିବାକୁ ଦାବି କରିଥିଲେ । ପରେ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ନୀନା ଛତ୍ରିୟାଙ୍କ ସହ ଆଲୋଚନା କରି ଗାଁରେ ଷ୍ଟ୍ରୀଟଲାଇଟ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ସହ ପ୍ରତିଛକରେ ସିସି କ୍ୟାମେରା ଲଗାଇବାକୁ ବଣିକ ସଂଘର ଆଶିଷ କୁମାର ସାହୁ, ଅଚ୍ୟୁତ ସାହୁ, ରାଜେଶ ଅଗ୍ରୱାଲ, ବବଲୁ ଅଗ୍ରୱାଲ, ଅଶୋକ କୁମାର ବେହେରା, ସୁରେଶ ଅଗ୍ରୱାଲ, ରାଜ କୁମାର ବାରିକ, ବସନ୍ତ ଅଗ୍ରୱାଲ, ଖେଡୁ ବେହେରା, ସଞ୍ଜୀବ କୁମାର ସାହୁ ଓ କର୍ମକର୍ତ୍ତା ଦାବି କରିଥିଲେ।

# କାମରେ ଲାଗୁନି ହରିଶଙ୍କରର ରାଜସ୍ୱ ବଙ୍ଗଳା

**ଖପ୍ରାଖୋଲ, ୮।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରେ ରହିଛି ରାଜସ୍ୱ ବିଭାଗର ଏକ ବଙ୍ଗଳା । ଆଠ ବର୍ଷ ହେଲା ବଙ୍ଗଳା ରକ୍ଷଣାବେକ୍ଷଣ ଅଭାବରୁ ଭୂତ କୋଠି ପାଲଟିଛି। ଏ ନେଇ ଚାରି ମାସ ତଳେ ଗଣମାଧ୍ୟମରେ ଖବର ପ୍ରସାରଣ ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି ଏ ନେଇ ଦୃଷ୍ଟି ପଡୁନି। ପ୍ରାୟ ୪୦ ବର୍ଷ ତଳେ ଏହି ବଙ୍ଗଳା ନିର୍ମାଣ ହୋଇଥିଲା। ପର୍ଯ୍ୟଟକମାନେ ମଧ୍ୟ ଏହି ବଙ୍ଗଳାରେ ରହିବାର ସୁଯୋଗ ଥିଲା । ବଙ୍ଗଳାର ରକ୍ଷଣାବେକ୍ଷଣ ରାଜସ୍ୱ ବିଭାଗ କରିଆସୁଥିବାବେଳେ ଜଣେ କର୍ମଚାରୀ ଏଠାରେ କାମ କରୁଥିଲେ । ହେଲେ ପ୍ରାୟ ୮ ବର୍ଷ ହେଲା ବଙ୍ଗଳା ବନ୍ଦ ପଡିଛଇ, ଚାରିଆଡେ ଅନାବନା ଘାସଲତା ମାଡି ଯାଇଛି । ବଙ୍ଗଳାର ତଳ ଟାଇଲ ହୋଇଥିବାବେଳେ କାନ୍ଥଗୁଡିକ ମଧ୍ୟ ଭଲ ରହିଛି । କେବଳ ବିଜୁଳି ଓ ପାଇଖାନା କାମ ହେଲେ ବ୍ୟବହାର ଉପଯୋଗୀ ହୋଇପାରିବ । ହେଲେ ବିଭାଗୀୟ ଉଦାସୀନତା ଯୋଗୁଁ ବର୍ଷ ବର୍ଷ ଧରି ଅବହେଳିତ ହୋଇ ପଡିରହିଛି। ଏ ନେଇ ଖପ୍ରାଖୋଲ ତହସିଲଦାର ନିରଞ୍ଜନ ନାଏକଙ୍କୁ ପଚାରିବାରୁ ବଙ୍ଗଳାର ମରାମତି ପାଇଁ ଗ୍ରାମ ଉନ୍ନୟନ ବିଭାଗକୁ ଲେଖାଯାଇଥିବା ପ୍ରକାଶ କରିଛନ୍ତି। ଏ ନେଇ ଗ୍ରାମ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଅଜୟକୁମାରସାହୁଙ୍କୁପଚାରିବାରୁବଙ୍ଗଳାର ମରାମତି ପାଇଁ ଆର୍ଥିକ ଅନୁଦାନ ସକାଶେ ଅନୁମତି ମଗାଯାଇଛି। ଅନୁଦାନ ମିଳିଲା ପରେ ବଙ୍ଗଳା ମରାମତି ସହ କାର୍ଯ୍ୟକ୍ଷମ ହୋଇପାରିବ ବୋଲି କହିଛନ୍ତି।



ଅବ୍ୟବହୃତ ହୋଇ ପଡି ରହିଥିବା ରାଜସ୍ୱ ବଙ୍ଗଳା।

# ‘ଶିକ୍ଷା ସହିତ ସଂସ୍କାରର ଆବଶ୍ୟକତା ରହିଛି’

**ଲାଠୋର, ୮।୨ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇନ୍ଦ୍ରମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉକ୍ତ ଉତ୍ସବରେ ପାଟଣାଗଡ ବିଧାୟକ ସରୋଜ ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଲାଠୋର ରେଞ୍ଜର ପ୍ରଭାତୀ ସେଠ, ପ୍ରତିଷ୍ଠାତା ସଭାପତି ସୁବାଷ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଖପ୍ରାଖୋଲ ହରିଶଙ୍କର ମହାବିଦ୍ୟାଳୟ ଅଧ୍ୟାପକ ବଳଭଦ୍ର ଦାସ ଯୋଗଦେଇ ଅଧ୍ୟୟନ ସହିତ ସଂସ୍କାର ଛାତ୍ରୀଛାତ୍ରମାନଙ୍କ ପାଇଁ ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶିବ ପ୍ରସାଦ ବାରିକ। ଅନୁଷ୍ଠାନ ସହ ସମ୍ପାଦକ ସଦାନନ୍ଦ ବେହେରା ବାର୍ଷିକ ବିବରଣୀ ପଠନ କରିଥିଲେ। ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଥମେ ଓଡିଶୀ ନୃତ୍ୟ ସହ ଯୋଗାଶନ ଓ ପିରାମିଡ ଏବଂ ଅନ୍ୟାୟ ଉପରେ ଆଧାରିତ ପ୍ରତିଶୋଧ ନାଟକ ଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ମଞ୍ଚ ପରିଚାଳନା ଆଚାର୍ଯ୍ୟ ସିମିତ ସାହୁ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି କୁଞ୍ଜବିହାରୀ ସରାଫ।



ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ରାସ୍ତାକଡ଼ରୁ ମଦ ଦୋକାନ ସ୍ଥାନାନ୍ତର ପାଇଁ ଦାବି

**ନୂଆପଡ଼ା ଅଫିସ,୮।୨:** ନୂଆପଡା ଜିଲା ସଦର ମହକୁମା ହେତୁ ଗହଳି ସାଙ୍ଗକୁ ବିଭିନ୍ନ ଶିକ୍ଷାନୁଷ୍ଠାନ ସଂଖ୍ୟା ବଢ଼ିବାରେ ଲାଗିଛି । ଏଭଳି ସ୍ଥିତିରେ ସହର ମଧ୍ୟରେ ଦେଶୀ ହେଉକି ବିଦେଶୀ ମଦ ଦୋକାନ ସବୁ ରାସ୍ତା କଡରେ ରହିଥିବାରୁ ଏହା ବହୁ କ୍ଷେତ୍ରରେ କୁପ୍ରଭାବ ପକାଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବିଶେଷ କରି ଜିଲାର ପ୍ରସିଦ୍ଧ ଶୈବ ପୀଠ ପତୋରା ଯିବା ରାସ୍ତା ଯେଉଁ ଗଳିରେ ବହୁ କ୍ଲିନିକ ସବୁ ରହିଛି । ଏଠାରେ ବହୁ ଦାବି ସତ୍ତ୍ୱେ ଏକ ବିଦେଶୀ ମଦ ଦୋକାନ ରହିଛି । ଏହିଭଳି ନୂଆପଡା ବରଗଡ ରାସ୍ତାରେ ମଧ୍ୟ ମଦ ଦୋକାନ ରାସ୍ତାକୁ ଲାଗି ରହିଛି। ବହୁ ସମୟରେ ଏଠାରେ ଗାଡି ମଟର ଜମି ରହୁଥିବାରୁ ସାଧାରଣ ଜୀବନକୁ ବ୍ୟାହତ କରିଥାଏ। ଏହି ରାସ୍ତା ଦେଇ ବହୁ ସମୟରେ ସ୍କୁଲ, କଲେଜ ଛାତ୍ରୀଛାତ୍ର ମଧ୍ୟ ଯିବା ଆସିବା କରିଥାନ୍ତି । ଏହାକୁ ଦୃଷ୍ଟିରେ ରଖି ମଦ ଦୋକାନଗୁଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସାଧାରଣରେ ଦାବି ହେଉଛି।

# ଡାକ୍ତରଙ୍କ ଅବହେଳା ଗରିବଙ୍କୁ କାଳ

■ ଚିମୁଟା ବାଜିବାରୁ ଶିଶୁ ଗୁରୁତର

■ ଚିକିତ୍ସା ପରେ ବି ଠିକ ହୋଇପାରୁନାହିଁ

**ନୂଆପଡ଼ା ଅଫିସ/ବରଗାଁ, ୮।୨ (ଡି.ଏନ.ଏ.)**

ଗରିବ ଗୁରୁବାଙ୍କୁ ମୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ଥିବାବେଳେ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରୁଥିବା ଅଧିକାରୀଙ୍କ ଅବହେଳା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି। ଏହି ଜିଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ବରଗାଁର ଜଣେ ମା' ଶିଶୁ ଜନ୍ମ କରିବା ସମୟରେ ସମ୍ପୃକ୍ତ ଡାକ୍ତରଙ୍କ ଅବହେଳା ଯୋଗୁ ଶିଶୁଟି ଜନ୍ମ ହେବା ପରେ ଗୁରୁତର ହୋଇପଡିଛନ୍ତି । ତାଙ୍କୁ ବହୁ ଦୂରଦୂରାନ୍ତକୁ ନେଇ ଚିକିତ୍ସା କରିଥିଲେ ମଧ୍ୟ ଠିକ ହୋଇ ନ ଥିବା ଅଭିଯୋଗ ହୋଇଛି ।

ପ୍ରକାଶ ଯେ, ବରଗାଁର ସୁଶାନ୍ତ କୁମାର ଭୋଇଙ୍କ ପତ୍ନୀଙ୍କ ଗର୍ଭଯନ୍ତ୍ରଣା ହେବା ପରେ ଗତ ଜାନୁୟାରୀ ୧୩ ତାରିଖରେ ସିନାପାଲି ଡାକ୍ତରଖାନାକୁ ନେଇଥିଲେ । ସେଠାରେ ଡାକ୍ତର ପ୍ରାଥମିକ ପରୀକ୍ଷା ପରେ ଭର୍ତ୍ତି କରିଥିଲେ।



ଆହତ ଶିଶୁଙ୍କୁ ଦଳିତ ଅଧିକାର ମଞ୍ଚ କର୍ମକର୍ତ୍ତା ଭେଟୁଛନ୍ତି ।

ଶିଶୁଟି ଜନ୍ମ ହେବା ସମୟରେ ଦୁଇ ଜଣ ନିର୍ଦ୍ଦିଷ୍ଟ ନର୍ସ ସାହାଯ୍ୟ କରିଥିଲେ। ସେହି ସମୟରେ ତାଙ୍କର ଚିମୁଟା କୁଆଡେ ମୁଣ୍ଡ ଏବଂ ଆଖିରେ ବାଜି ଯାଇଥିଲା। ଫଳରେ ନବଜାତ ଶିଶୁ ମୁର୍ଚ୍ଛା ହୋଇ କାନ୍ଦି ପାରି ନ ଥିଲେ । ପରିସ୍ଥିତି ଅସମ୍ଭାଳ ହେବାରୁ ଡାକ୍ତର ଜଣକ ଖଡିଆଳ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିଲେ। ହେଲେ ସେଠାରେ ମଧ୍ୟ ଶିଶୁଙ୍କ ଅବସ୍ଥା ଠିକ ନ ହେବାରୁ ପରେ ନୂଆପଡା, ବୁର୍ଲା ଏବଂ ଶେଷରେ କଟକ ବଡମେଡିକାଲକୁ ନେଇ ଚିକିତ୍ସା କରିଥିଲେ । ଚିକତ୍ସା କରିବାକୁ ଘରର ସବୁ ଆସବାବ ବିକ୍ରି କରି ମଧ୍ୟ ସଫଳ ହୋଇ ନ ଥିଲେ । ଶେଷରେ କିଂକର୍ତ୍ତବ୍ୟ ବିମୂଢ଼ ହୋଇ ଫେରିଆସିଛନ୍ତି। ଗୋଟିଏ ପଟେ ଡାକ୍ତରଙ୍କ ଟିକିଏ ଅବହେଳା ଯୋଗୁ ଏକ ଗରିବ ପରିବାରକୁ ହଇରାଣ ହେବାକୁ ପଡୁଛି। ନବଜାତ ଶିଶୁ ଜଣକ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏହି ଖବର ପାଇ ଜିଲା ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି ଗାଁକୁ ଯାଇ ଶିଶୁଙ୍କ ଅବସ୍ଥା ଦେଖିଛନ୍ତ। ଏ ବିଷୟରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟଙ୍କୁ ଭେଟି ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହା ରପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ପରିବାରକୁ ଚିକିତ୍ସା ଖର୍ଚ୍ଚ ଯୋଗାଇ ଦେବା ସହ ସମ୍ପୃକ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରିଛନ୍ତି। ଏ ବିଷୟରେ ସମ୍ପୃକ୍ତ ଡାକ୍ତରଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ମେଣ୍ଢୋଟାଲ ହାଇସ୍କୁଲର ବାର୍ଷିକୋତ୍ସବ

**ନୂଆପଡା ଅଫିସ, ୮।୨**

ସ୍ଥାନୀୟ ମେଣ୍ଢୋଟାଲ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଖେମ ଦାସ ସଭାପତିତ୍ୱ କରିଥିବାବେଳେ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର ମୁଖ୍ୟଅତିଥି, ବ୍ଲକ ଶିକ୍ଷାଧିକାରୀ ଡ.ରେଶମ ଲାଲ ନାଏକ ବିଶିଷ୍ଟ ଅତିଥି, ପ୍ରବୋଧ କୁମାର ହୋତା ମୁଖ୍ୟବକ୍ତା, ସ୍ଥାନୀୟ ଥାନାଧିକାରୀ ତପନ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିବାବେଳେ ଅତିଥିମାନେ ବିଦ୍ୟାଳୟ ଖୁବ କମ ଦିନ ମଧ୍ୟରେ ସବୁ ଦିଗରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ଜିଲା ତଥା ରାଜ୍ୟସ୍ତରରେ ନାଁ କରିଥିବାରୁ ଶିକ୍ଷକମାନଙ୍କୁ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ବିଭିନ୍ନ ଦିଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀଛାତ୍ରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ବିନା ସୂଚନା ଫଳକରେ ଚାଲିଛେ ରାସ୍ତା ମରାମତି

**କୋକସରା, ୮।୨ (ଡି.ଏନ୍.ଏ.)**

**ପୂର୍ତ୍ତ ବିଭାଗର ଅଜବ୍ ନୀତି**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଛକରୁ ଲଦୁଗାଁ ଦେଇ ବାନେର ଯାଇଥିବାର ରାସ୍ତାଟା ପୂର୍ତ୍ତ ବିଭାଗ ଅଧୀନରେ ରହିଛେ। ଇ ରାସ୍ତାଟା ଫିବଛର ମରାମତି କରାଯାଉଥିଲେ ବି ଦିନାକେତେ ଉତାରୁ ଖରାପ ହେଇଯାଉଥିବାର ଅଂଚଳବାସୀ ଅଭିଯୋଗ କରିଛନ୍। ସୂଚନା ଅନ୍ସାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ମୋଟେର-ଲଦୁଗାଁ ଭାୟା ବାନେର ରାସ୍ତା ରହିଥିଲା। ହେଲେ ଏଭେ ରାସ୍ତାଟା ପୂର୍ତ୍ତ ବିଭାଗ ଅଧୀନକେ ଆସିଛେ। ଲୋକ୍ ଭାବିଥିଲେ ଏଥରକ ରାସ୍ତାର ଅବସ୍ତା ସୁଧ୍ରିଯିବା। ହେଲେ ପୂର୍ତ୍ତ ବିଭାଗ ଇ ରାସ୍ତା ମରାମତି ନାଁରେ ଠିକାଦାର ପୁଷା କାମ୍ କରୁଥିବାର ଅଂଚଳବାସୀ ଅଭିଯୋଗ କରିଛନ୍। ଗଲା ମାସେ ତଲେ ମୋଟେରରୁ ଲଦୁଗାଁ ଆର ଲଦୁଗାଁନୁ ରେଙ୍ଗାଲପାଲି ତକ୍ ପୋଟଲିଂ ମରାମତି ହେଇଥିଲା। ହେଲେ ରେଙ୍ଗାଲପାଲିରୁ ବାନେର ତକ୍ ରାସ୍ତାର ଅବସ୍ତା ଠିକ୍ ନାଁଇଁ। ଲଦୁଗାଁ ଶିବ ମନ୍ଦିର ପାସେ ଉଚା ପୁଲିଆ ତିଆରି, କମଳନଦୀ ପୁଲିଆର ମରାମତି, ରେଙ୍ଗାଲପାଲି ପୁଲିଆର ମରାମତି, ବିମଳା କେନାଲ ପୁଲିଆର ଛଡ଼ ଦିଶି ବିପଦ୍ ଅବସ୍ତାରେ ରହିଛେ। ଇ ସବୁର ମରାମତି ନାଇଁ କରାଯାଇ କରି ମୋଟେର ଛକରୁ ୬ କି.ମି. ତକ୍ ପିଚୁ କାମ ଚାଲିଛେ। ହେଲେ କେହେନ୍ସି ଜାଗାରେ ସୂଚନା ଫଳକ ନାଇଁ ଲାଗି। ଏନ୍ତାଥି ରାସ୍ତା କେତେ ଟଁକାରେ କାମ୍ ହେଉଛେ, କେଭେ ସରବା ଇ ସବୁ ଜାନି ନାଇଁ ପାରବାର। ଇଆଡ଼େ ରାସ୍ତା ଯଦି ପିଚୁ କରବାର ଥିଲା ତ ପୋଟଲିଂ କାଏଁଯେ କରାଯାଉଥିଲା। ଯେନ୍ ରାସ୍ତାର ମରାମତି ନିହାତି ଦରକାର ଅଛେ ସେଟା ନାଇଁକରି କରି ଠିକାଦାରକେ ସୁହାଲା ଲେଖେଁ କାମ୍ ବିନା ସୂଚନା ଫଳକରେ କରାଯାଉଛେ ବଲି ଅଂଚଳବାସୀ ଅଭିଯୋଗ କରିଛନ୍। ଇ ବାବ୍ଦେ ମତାମତ ଲାଗି ଜୁନାଗଡ଼ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କର ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ବି ମତାମତ ନାଇଁ ମିଲିପାରି। ବିଭାଗୀୟ ଉଚ କତ୍ତୃପକ୍ଷ ଇ ଦିଗେ ଦୁରୁଷ୍ଟି ଦେଇ ମୋଟେର-ଲଦୁଗାଁ ଭାୟା ବାନେର ଯାଇଥିବାର ରାସ୍ତାକେ ପୂରା ତିଆର କରବାକେ ଅଂଚଳବାସୀ ଦାବି କରିଛନ୍।



ବିଭାଗ ତରଫୁ ବିନା ସୂଚନା ଫଳକରେ ଚାଲିଥିବାର ରାସ୍ତା କାମ୍।





ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ସହ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ଏବଂ ଅନ୍ୟମାନେ।

# କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଖଡିଆଳ/କୋମନା,୮।୨ (ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଭାଜପା ପକ୍ଷରୁ ଶନିବାର ଖଡିଆଳ ଶ୍ରୀଜି ମଣ୍ଡପଠାରେ କେନ୍ଦ୍ରୀୟମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା କରାଯାଇଛି । ଆୟୋଜିତ ସଭାରେ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ଜିଲା ସଭାପତି ସୁବ୍ରତ ଠାକୁର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଖଡିଆଳ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତି, ନିମାଇଁଚରଣ ତାଣ୍ଡି, ଅତିନ୍ଦ୍ର ସିଂ ମଲ୍ଲିକ, ହୋମସିଂ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ତ୍ରୀ ଖଡିଆଳ ଜନସାଧାରଣଙ୍କୁ ସମ୍ବୋଧନ କରି ଖଡିଆଳ ଏକ ଅବହେଳିତ ଅଞ୍ଚଳ ହୋଇଥିବା ବେଳେ ଦେଶକୁ ଖାଦ୍ୟ ଯୋଗାଉଛି ଏବଂ ଗୃହପାଳିତ ପ୍ରାଣୀ ମଧ ଖାଦ୍ୟ ଯୋଗାଇ ନିଜେ ଭୋକିଲା ରହୁଛନ୍ତି । ଧାନର ବିକ୍ରି ସମସ୍ୟା ସାଙ୍ଗକୁ ଉପଯୁକ୍ତ ସମୟରେ ମଣ୍ଡି ଖୋଲିବା ପାଇଁ ଜିଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଖଡିଆଳ ବିକାଶ ମଞ୍ଚ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ତପନ ଦାଶ, ଅଜିତ ପଣ୍ଡା କଣ୍ଟାବାଞ୍ଜିଠାରୁ ନବରଙ୍ଗପୁର ଭାୟା ରାଜଖଡିଆଳକୁ ରେଳପଥ ନିର୍ମାଣ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସନୀଲ ନାଗ, ବିକାଶ ସିଙ୍ଘଲ, ଅଜୟ ସେବକ, ମୋହନ ଭୋଇ ପ୍ରଥମେ ମନ୍ତ୍ରୀଙ୍କୁ ଆଜାଦ ଚୌକଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ମଞ୍ଚକୁ ପାଛୋଟି ନେଇଥିଲେ । ସୂଚନାଯୋଗ୍ୟ ଯେ, କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କ ଖଡିଆଳ ଗସ୍ତ ସମୟରେ ସିଏଏ, ଏନଆରସି ବିରୋଧରେ ଦଳିତ ଅଧିକାର ମଞ୍ଚ ପକ୍ଷରୁ ଶହ ଶହ କର୍ମୀ ବିରୋଧ ପ୍ରଦର୍ଶନ କରିଥିଲେ । ଖଡିଆଳ ପୋଲିସ ବିରୋଧ ପ୍ରଦର୍ଶନକାରୀଙ୍କୁ ଗିରଫ କରିଥିଲେ । ସେହିପରି କୋମନା ବସଷ୍ଟାଣ୍ଡରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀଙ୍କୁ ମଣ୍ଡଳ ଭାଜପା ପକ୍ଷରୁ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ ଜଣାଇଛନ୍ତି। ଗ୍ରସ୍ତ ବେଳେ କେନ୍ଦ୍ରମନ୍ତ୍ରୀଙ୍କ ସହ କଳାହାଣ୍ଡି ଏମପି ବସନ୍ତ ପଣ୍ଡାଙ୍କୁ ମଧ୍ୟ ସ୍ୱାଗତ ଜଣାଯାଇଛି। ଏହାପରେ ମନ୍ତ୍ରୀ କାର୍ଯ୍ୟକର୍ତ୍ତାଙ୍କ ସହ ବିଭିନ୍ନ ବିଷୟରେ କଥାବାର୍ତ୍ତା କରି କେନ୍ଦ୍ରୀୟ ଯୋଜନାଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପରାମର୍ଶ ଦେଇ ଖଡିଆଳ ଗ୍ରସ୍ତରେ ବାହାରିଥିଲେ। ଏଥିରେ ପାତାଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁରଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ବିମଳ ଯୋଷୀ, ପ୍ରବୀଣ ଭୋଇ,ଚୋକ ଦାସ, ମନିଜର ଆର୍ଯ୍ୟ, ଅଭିନନ୍ଦନ ପଣ୍ଡା, କରୁଣା ହୋତା, ରାଜ ଭୋଇ, କୈଳାସ ତାଣ୍ଡି, ତୁଳସ ପଟେଲ, ଦୀପକ ପଣ୍ଡା, ସରୋଜ ମଲ୍ଲିକ, ଗୋପବନ୍ଧୁ ସୁନାନୀ, ବୁଲକୁ ପଣ୍ଡା, ଅନୁକୁଳ ପାଣିଗ୍ରାହୀ, ଭୁପିନ ନିଆଁଲ ପ୍ରମୁଖ ଉପସ୍ଥିତ ଥିଲେ।

# ପହଞ୍ଚିଲା ଯବାନଙ୍କ ମରଶରୀର

**ବସ୍ତା, ୮।୨(ଡି.ଏନ.ଏ.)**

ସେନା ବାହିନୀରେ ପୁଅକୁ ଚାକିରି ମିଳିଥିବା ଖବର ଶୁଣି ଅଭାବୀ ପରିବାରରେ ଆସିଥିଲା ଖୁସିର ଲହରୀ। ମା'ବାପାଙ୍କ ଗୋଡ଼ ତଳେ ଖୁସିରେ ତଳେ ଲାଗୁ ନ ଥିଲା। ସମୟ ଆସିବା ପରେ ପୁଅ ଟ୍ରେନିଂରେ ଗଲା। ମାତ୍ର ଦୁଇମାସ ପରେ ହଠାତ୍ ପୁଅର ଆତ୍ମହତ୍ୟା ଖବର ସତେଯେପରି ପରିବାର ଉପରେ ଦୁଃଖର ପାହାଡ଼ ଖସିପଡ଼ିଲା। ଏଭଳି ଖବରକୁ ସହଜରେ ଗ୍ରହଣ କରିପାରି ନ ଥିଲେ ପରିବାରବର୍ଗ ଓ ଆତ୍ମୀୟ ସ୍ୱଜନ। ଆସିଲାନି ପୁଅ, ଆସିଲା ତାଙ୍କ ମୃତଦେହ। ବାଲେଶ୍ୱର ଜିଲା ବସ୍ତା ବ୍ଲକ ପାଉଁଶକୁଲି ପଞ୍ଚାୟତ ବେଗୁନିଆ ଗ୍ରାମରେ ମରମଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ପିତାମ୍ବର ବେହେରା ଚାଷ କାମ ସହିତ ଅନ୍ୟଦିନରେ ସେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ତାଙ୍କର ଦୁଇ ପୁଅ। ବଡ଼ପୁଅ ରାମଚନ୍ଦ୍ର ବେହେରା ଯୁକ୍ତ ୩ କଳାରେ ପଢୁଥିବା ବେଳେ ଆର୍ମିରେ ନିଯୁକ୍ତି ମିଳିଥିଲା। ପୁଅ ଦେଶ ସେବା କରିବ ଭାବି ରାମଚନ୍ଦ୍ରଙ୍କ ମା' ବାସନ୍ତୀ ଓ ବାପା ପିତାମ୍ବର ଗର୍ବ ଅନୁଭବ କରିଥିଲେ। ସେ ମହାରାଷ୍ଟ୍ରର ନାଗପୁର କମ୍ପ୍ଟି ଆର୍ମି କ୍ୟାମ୍ପରେ ଟ୍ରେନିଂ ନେଉଥିଲେ। ସପ୍ତାହର ପ୍ରତ୍ୟେକ ରବିବାର ସେ ଘର ଲୋକଙ୍କ ସହ କଥା ହୋଇଥାଆନ୍ତି। ଗତ ଶୁକ୍ରବାର ପୂର୍ବାହ୍ନ ୭ଟାରେ ଆର୍ମି ଟ୍ରେନିଂ କ୍ୟାମ୍ପରୁ ଖବର ଆସିଥିଲା, ରାମଚନ୍ଦ୍ର ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସମ୍ପୂର୍ଣ ଗାଁରେ ନୀରବତା ଛାଇଯାଇଥିଲା। ଗତ ୨ ତାରିଖରେ ରବିବାର ସେ ଶେଷଥର ପାଇଁ ଘରଲୋକଙ୍କ ସହ କଥା ହୋଇଥିଲେ। ଟ୍ରେନିଂ କ୍ୟାମ୍ପରେ କଷ୍ଟ ହେଉଥିବା କଥା ରାମଚନ୍ଦ୍ର ତାଙ୍କ ବାପାଙ୍କୁ କହିଥିଲେ। ମାତ୍ର ତାଙ୍କ ବାପା ତାଙ୍କୁ ବୁଝାଇ ଦେଇଥିଲେ। ଏହା ଥିଲା ରାମଚନ୍ଦ୍ରଙ୍କ ତାଙ୍କ ପରିବାର ସହିତ ଶେଷ କଥା। ଶନିବାର ସନ୍ଧ୍ୟାରେ ରାମଚନ୍ଦ୍ରଙ୍କ ମୃତଦେହ ତାଙ୍କ ବାସଭବନରେ ପହଞ୍ଚିଥିଲା। ଖବରପାଇ ସ୍ଥାନୀୟ ନେତୃବୃନ୍ଦ, ବୁଦ୍ଧିଜୀବୀ, ସମାଜସେବୀ ପହଞ୍ଚି ରାମଚନ୍ଦ୍ରଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ।



ରାମଚନ୍ଦ୍ର ବେହେରା (ଫାଇଲ୍ ଫଟୋ)

**ଗାଁରେ ଶୋକାକୁଳ ପରିବେଶ**

# ଜଳିଗଲା ଘର, ୪ ଗାଈ ଜୀବନ୍ତ ଦଗ୍ଧ

**ଜଳେଶ୍ୱର, ୮।୨ (ସ୍ୱ.ପ୍ର.)**

ବାଲେଶ୍ୱର ଜିଲାର ରାଇବଣିଆ ଅଞ୍ଚଳରେ ହାତୀ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ବାଣରେ ନିଆଁ ଲଗାଇ ହାତୀ ଘଉଡ଼ାଇବା ପାଇଁ ଉଦ୍ୟମ କରାଯାଉଥିବା ବେଳେ ନିଆଁ ଏକ ଘର ଉପରେ ପଡିଯାଇଥିଲା। ଘରଟି ସମ୍ପୂର୍ଣ୍ଣ ଜଳିଯିବାରୁ ତା' ଭିତରେ ବନ୍ଧା ହୋଇଥିବା ୪ ଗାଈ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଶୁକ୍ରବାର ରାତିରେ ଶିମିଳିପାଳର ୧୩ଟି ହାତୀ ରଙ୍ଗାମାଟିଆ ଜଙ୍ଗଲରୁ ଯାଇ କୁମୁଟିଆ ଗାଁରେ ବ୍ୟାପକ କ୍ଷତି ଘଟାଇଛନ୍ତି। କୁମୁଟିଆ ଜଙ୍ଗଲ ନିକଟରେ କେତେକ ଆଦିବାସୀ ଲୋକ ଗୃହ ନିର୍ମାଣ କରି ରହିଥିଲେ। ରାତିରେ ହାତୀଗୁଡ଼ିକ ଏହି ଘର ନିକଟକୁ ଯାଇ କିଛି ସମୟ ରହିଥିଲେ। ତେଣୁ ଗ୍ରାମବାସୀ ଓ ବନକର୍ମଚାରୀ ହାତୀ ଘଉଡ଼ାଇବା ପାଇଁ କିଛି ବାଣ ବ୍ୟବହାର କରିଥିଲେ। ଏହି ବାଣ ନିଆଁ ଜଗ ସିଂଙ୍କ ଘର ଉପରେ ପଡିଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ଘରେ କେହି ରହୁ ନ ଥିବାବେଳେ ୪ଟି ଗାଈ ବନ୍ଧା ହୋଇଥିବାରୁ ସେଗୁଡ଼ିକ ପୋଡି ପାଉଁଶ ହୋଇଯାଇଛନ୍ତି ବୋଲି ଜଗା ସିଂ ପ୍ରକାଶ କରିଛି। ଏ ସମ୍ପର୍କରେ ରେଞ୍ଜର ସରୋଜ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ହାତୀ ଘଉଡ଼ାଇବା ବେଳେ କେତେକ ଗ୍ରାମବାସୀ ଓ ବନକର୍ମଚାରୀ ଘଟଣାସ୍ଥଳର ଅଳ୍ପ ଦୂରରେ ଥଣ୍ଡା ଯୋଗୁ ନିଆଁ ପୋଉଥିଲେ। ମଧ୍ୟରାତ୍ରିରେ ବନକର୍ମଚାରୀମାନେ ଫେରି ଆସିଥିବା ବେଳେ ଭୋର ସମୟରେ ଜଗା ସିଂଙ୍କ ଘରେ ନିଆଁ ଲାଗିଯାଇଥିଲା।

# ଗହଳି ବଢୁଛି, ଟ୍ରାଫିକ ପୋଷ୍ଟ ଦାବି

**ନୂଆପଡା ଅଫିସ,୮।୨**

ଜିଲା ସଦର ମହକୁମା ହେବାଠାରୁ ନୂଆପଡା ସହରରେ ଜନଗହଳି ଦିନକୁ ଦିନ ବୃଦ୍ଧି ପାଉଛ। ଗୋଟିଏ ପଟେ ଜାତୀୟ ରାଜପଥ ୩୫୩ ଏବଂ ଅନ୍ୟପଟେ ବିଜୁ ଏକ୍ସପ୍ରେସ ଆସି ସଂଲଗ୍ନ କରୁଛି। ବିଶେଷ କରି ସ୍ଥାନୀୟ ଏକତା ଛକ ନିକଟରେ ଗହଳି ବଢି ଚାଲିଛି । ବିଭିନ୍ନ ସମୟରେ ଏଠାରେ ଦୁର୍ଘଟଣାମାନ ମଧ୍ୟ ଘଟୁଛି। ଏଭଳି ସ୍ଥିତିରେ ପୋଲିସ ପ୍ରଶାସନ ତରଫରୁ ଜଣେ ଦ୍ୱିଜଣ ଟ୍ରାଫିକ ପୋଲିସଙ୍କୁ ଛିଡା କରାଯାଇଛି। ହେଲେ ଏହା ଯଥେଷ୍ଟ ହେଉନାହିଁ । ଏମାନେ କେବଳ ରାସ୍ତାର ଗୋଟିଏ କଡରେ ରହି କିଛି ଇଙ୍ଗିତ କରୁଛନ୍ତି । ଏହାକୁ ବିଶେଷ ସ୍ଥଳରେ ଗାଡି ଚାଳକମାନେ ମଧ୍ୟ ଖାତିର ନ କରି ଚାଲିଯାଉଛନ୍ତି। ଏଥିପାଇଁ ଛକ ମଝିରେ ଏକ ପୋଷ୍ଟ ନିର୍ମାଣ କରି ଟ୍ରାଫିକ ପୋଲିସଙ୍କୁ ଅବସ୍ଥାପିତ କରାଗଲେ ବହୁ ଦୁର୍ଘଟଣାକୁ ଏଡାଇ ଦିଆଯାଇ ପାରିବୋଲି ଚର୍ଚ୍ଚା ହେଉଛି ।

# ପ୍ରଶାସନର ଦୃଷ୍ଟି ପଡୁନାହିଁ, ଭଙ୍ଗା ଘର ଭରସା

**ନୂଆପଡା ଅଫିସ,୮।୨**

**ଯୋର୍‌ଯାର ମୂଳକ ତା'ର**

ସରକାର ୨୦୨୦ ସୁଦ୍ଧା ସମସ୍ତଙ୍କୁ ପକ୍କା ଘର ଯୋଗାଇ ଦେବାକୁ ସ୍ଥିର କରିଛନ୍ତି। ଏଥିପାଇଁ ବ୍ୟାପକ ଯୋଜନା ପ୍ରସ୍ତୁତି ହେଉଛି। ହେଲେ ଗ୍ରାମ୍ୟସ୍ତରରେ ଯୋର୍‌ଯାର ମୂଳକ ତାର ନୀତିରେ ଥିଲାବାଲାଙ୍କ ନାମ ଘର ତାଲିକାଭୁକ୍ତ ହେଉଥିବାବେଳେ ଗରିବ ଖଟିଖିଆ ଲୋକ ଏଥିରୁ ବାଦ ପଡିଥିବା ଦେଖାଯାଉଛି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୂଆପଡ଼ା ଜିଲା କୋମନାବ୍ଲକ ଲଖନା ଗ୍ରାମପଞ୍ଚାୟତ ସଦର ଗାଁରେ। ଏହି ଗାଁର ଭରତ ରାଓଙ୍କ ପରିବାର ଆଜକୁ ଦୁଇ ତିନିପିଢି ହେବ ଘର କରି ରହି ଆସିଥିଲେ। ସମୟ କ୍ରମେ ଏହା ଭାଙ୍ଗି ପଡିଲାଣି। ଏଥିରେ ପରିବାରର ଭରତ ତାଙ୍କ ସ୍ତ୍ରୀ ଏବଂ ମାଆ ଘରେ ରହୁଛନ୍ତି । ସମସ୍ତ କୋଠରୀ ଛାତ ଭାଙ୍ଗି ପଡିଥିବାବେଳେ ମାତ୍ର ଗୋଟିଏ କୋଠାରୀରେ ରହୁଥିବା ଦେଖାଯାଇଛି । ଖରା ବର୍ଷା କାଳ ହୋଇଥାଏ। ଗରିବ ପରିବାର ଲୋକ। ଜମିବାଡି ବୋଲି କିଛି ନ ଥିବାବେଳେ ନିତି ପରଘରେ କାମ କଲେ ଦ୍ୱିଓଳି ଚୂଲି ଜଳିଥାଏ । ଗର ଟିକକ ପାଇଁ ବାରମ୍ବାର ପଞ୍ଚାୟତ ଦ୍ୱାରସ୍ଥ ହୋଇଛନ୍ତି। ସବୁ ବାବୁମାନେ ଘର ହୋଇଯିବ ବୋଲି ମିଛ ପ୍ରତିଶ୍ରୁତି ଦେଉଥିବା ସେ ଅଭିଯୋଗ କରିଛନ୍ତି। ଏଥର ବି ପଞ୍ଚାୟତରେ ଶତାଧିକ ଲୋକଙ୍କ ନାଁରେ ଘର କାମ ଆସିଛି। ଏପରିକି ଥିଲାବାଲା ଲୋକଙ୍କ ନାଁରେ। ପୁଣି ଗୋଟିଏ ପରିବାରରେ ଦୁଇ ତିନିଟି ଘର କାର୍ଯ୍ୟାଦେଶ ଆସିଥିବାର ନଜିର ରହିଛି। ଏହା ଉପରେ ଜିଲା କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବା ଜରୁରୀ ହୋଇପଡିଛି। ଭରତ ରାଓଙ୍କ ପରିବାର ଏକ ଉଦାହରଣ ମାତ୍ର । ଏଭଳି ବହୁ ଖଟିଖିଆ ପଡି ରହିଛନ୍ତି । ଏମାନଙ୍କ ଫାଇଲ ଚାପି ହୋଇ ରହିଯାଇଛି । ଏହା ଉପରେ ପ୍ରଶାସନ ହସ୍ତକ୍ଷେପ କଲେ ବହୁ ପରିବାର ସାମିଲ ହୋଇ ପାରିବେ ବୋଲି ମାନବାଧିକାର କର୍ମୀ ଦେବେନ୍ଦ୍ର ବାଗ ଦାବି କରିଛନ୍ତି ।



ଭଙ୍ଗା କୁଡିଆ ସମ୍ମୁଖରେ ଭରତ ରାଓଙ୍କ ପରିବାର ଲୋକ।





ଅଲ୍ ଓଡିଶା ଇପିଏଫ୍ ପେନ୍‌ସନ ଆସୋସିଏଶନ୍ କଳାହାଣ୍ଡି ଶାଖା ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ।

# ଇପିଏଫ୍ ପେନସନ ଆସୋସିଏଶନ୍‌ର ଦାବିପତ୍ର

**ଭବାନୀପାଟଣା,୮।୨ (ଡି.ଏନ.ଏ.)**

ଶନିବାର ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର ଆସୋସିଏଶନ୍ କଳାହାଣ୍ଡି ଶାଖା ପକ୍ଷରୁ ୩ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। କଳାହାଣ୍ଡି ଶାଖା ସଭାପତି ବୈଦ୍ୟନାଥ ଦାସ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ ଓ ଜଗତସିଂହପୁର ଜିଲା ସଭାପତି କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ଇପିଏଫ୍ ପେନ୍‌ସନ୍ ଭୋଗୀମାନେ ସ୍ଥାନୀୟ ମାଣିକେଶ୍ୱରୀ ହାଇସ୍କୁଲ ଛକଠାରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ।

୩ ଦଫା ଦାବି ସମ୍ବଳିତ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ହେଲା ମାସିକ ସର୍ବନିମ୍ନ ପେନ୍‌ସନ୍ ୯ ହଜାର ଟଙ୍କା ଏବଂ ଏଥିସହ ମହଙ୍ଗା ଭତ୍ତା, ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଚ୍ଚ ପେନ୍‌ସନ୍ ପ୍ରଦାନ ଓ ମାଗଣା ସ୍ୱାସ୍ଥ୍ୟସେବା ସୁବିଧା, ଇପିଏଫ୍ ପେନସନଧାରୀଙ୍କୁ କେନ୍ଦ୍ର ସରକାର ପେନସନ୍ଧାରୀ ହାରରେ ମେଡିକାଲ ଏଲାଉନ୍ସ ଆଦି ଦାବି ରହିଛି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



# ମାଟ୍ରିକ ପରୀକ୍ଷା ନେଇ ଚିନ୍ତାରେ ଛାତ୍ରୀଛାତ୍ର

କର୍ଲାମୁଣ୍ଡା, ୮।୨ (ଡି.ଏନ.ଏ.)

ସରକାର ସମସ୍ତ ପଞ୍ଚାୟତରେ ଗୋଟିଏ ଲେଖାଁ ହାଇସ୍କୁଲ ଖୋଲିବା ନିଷ୍ପତ୍ତି ନେଇଥିଲେ। ଯେଉଁ ପଞ୍ଚାୟତରେ ହାଇସ୍କୁଲ ନ ଥିଲା ସେହି ପଞ୍ଚାୟତରେ ଉନ୍ନିତ ହାଇସ୍କୁଲ ଖୋଲିଥିଲେ। ଆବଶ୍ୟକ ମୁତାବକ ଶିକ୍ଷକ ନିଯୁକ୍ତି ହୋଇ ନ ଥିବାରୁ ଶିକ୍ଷାଦାନ ବ୍ୟବସ୍ଥା ଭୁଷୁଡିବାକୁ ବସିଲାଣି। ଏଭଳି ପରିସ୍ଥିତି କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରଠାରୁ ୪ କି.ମି. ଦୂରରେ ଥିବା ସର୍ଗୁଲ ମାଲପଡା ଉନ୍ନୀତ ହାଇସ୍କୁଲରେ ଦେଖିବାକୁ ମିଳିଛି। ଏହି ପଞ୍ଚାୟତରେ ୨୦୦୮ରେ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ହାଇସ୍କୁଲ କରାଯାଇ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟବସ୍ଥା ହୋଇଥିଲା। ବର୍ତ୍ତମାନ ଏହି ସ୍କୁଲରେ ପ୍ରଥମରୁ ଦଶମ ଶ୍ରେଣୀ ପାଇଁ ୧୪୯ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟରୁ ଛାତ୍ରୀ ୯୧ ଥିବା ବେଳେ ଛାତ୍ର ସଂଖ୍ୟା ୫୮ ରହିଛି।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ମୋଟ ୧୩୧ ଛାତ୍ରୀଛାତ୍ର ପାଇଁ ଇନଚାର୍ଜ ପ୍ରଧାନ ଶିକ୍ଷକ ରୁପାଧର କୁମାର, ସହଶିକ୍ଷକ ସୁର୍ଦଶନ ସାହୁ, ମାଖୁନୁରାମ ଭୋଇ, ଭବାନୀ ଶଙ୍କର ସାହୁ ମୋଟ ୪ ଜଣ ଶିକ୍ଷକ ରହିଛନ୍ତି । ନବମ ଓ ଦଶମ ଶ୍ରେଣୀର ୧୮ ଜଣ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ କଳା ଶିକ୍ଷକ ଅନ୍ତର୍ଯ୍ୟାମୀ ପଧାନ ଓ ସଂସ୍କୃତ ଶିକ୍ଷକ ଚେତନ ସିଂ ଭୋଇ ୨ ଜଣ ରହିଛନ୍ତି। ଫଳରେ ନବମ ଦଶମ ଶ୍ରେଣୀ ପାଠପଢ଼ା ଠିକ୍ ସମୟରେ ସାରିବା ଅସମ୍ଭବ ହୋଇପଡିଛି। ଆଗାମୀ ଦିନରେ ହେବାକୁ ଥିବା ମାଟ୍ରିକ ପରୀକ୍ଷାକୁ କିଭଳି ସାମ୍ନା କରିବେ ସେ ନେଇ ଛାତ୍ରୀଛାତ୍ରମାନେ ଚିନ୍ତାରେ ଥିବା ବେଳେ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷକ ସମସ୍ୟା ନେଇ ଅଭିଭାବକ ଓ ଗ୍ରାମବାସୀ ଅନେକ ଥର ଜିଲା ଶିକ୍ଷା ବିଭାଗର ଦୃଷ୍ଟି ଆର୍କଷଣ କରୁଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ସମିତି ସଭ୍ୟ ଯଶୋବନ୍ତ ସାହୁ ପ୍ରକାଶ କରିଛନ୍ତି।




## ସେମାନେ କୁହନ୍ତି...



ପଞ୍ଚାୟତ ସମିତି ବୈଠକରେ ଶିକ୍ଷକ ନିଯୁକ୍ତି ନେଇ ଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ, କୌଣସି ସୁଫଳ ମିଳୁନାହିଁ। ନବମ, ଦଶମ ଶ୍ରେଣୀ ପାଠପଢ଼ା ଠିକ୍ ସମୟରେ ସାରିବା ଆଶାଙ୍କା ଦେଖାଦେଇଛି।

-ଯଶୋବନ୍ତ ସାହୁ, ସ.ମାଲପଡା ସମିତି ସଭ୍ୟ



ଦୀର୍ଘ ଦିନରୁ ଶିକ୍ଷକ ପଦବୀ ପୂରୁଣ ପାଇଁ ଗ୍ରାମବାସୀ ଦାବି କରୁଥିଲେ ହେଁ କେହି ଶୁଣୁନାହାନ୍ତି। କଳା ଶିକ୍ଷକ ଏବଂ ସଂସ୍କୃତ ୨ ଜଣ ଶିକ୍ଷକରେ କିଭଳି ଅନ୍ୟ ସବୁ ବିଷୟରେ ପାଠପଢ଼ା ହେଉଥିବ ଏଥିରୁ ଅନୁମେୟ ।

-ବିକ୍ରମ ସାହୁ, ସାମାଜିକ କର୍ମୀ



ମାଟ୍ରିକ ବୋର୍ଡ ପରୀକ୍ଷା ନିକଟତର ହେଲାଣି ତଥାପି ଶିକ୍ଷକ ନିଯୁକ୍ତି ଦିଆଯାଇନାହିଁ। ଅନେକ ଥର ଅଭିଯୋଗ କଲେ ମଧ କେହି ଶୁଣୁ ନାହାନ୍ତି। ଆଗକୁ ମାଟ୍ରିକ ପରୀକ୍ଷା ଥିବାରୁ ପିଲାଙ୍କ ଭବିଷ୍ୟତ ନେଇ ଚିନ୍ତାରେ ପଡ଼ିଛୁ ।

-ବାଲ୍ମିକି ଛତ୍ରିଆ, ଗ୍ରାମବାସୀ

## ୨ ଶିକ୍ଷକରେ ଚାଲିଛି ପାଠପଢ଼ା



ବ୍ଲକ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ।

# ନକଲି ଶିକ୍ଷକ ଗିରଫ ପରେ ଅଞ୍ଚଳରେ ଆଲୋଡନ

କର୍ଲାମୁଣ୍ଡା,୮।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗଜବାହାଲସ୍ଥିତ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟର ଜଣେ ଶିକ୍ଷକ ନକଲି ଶିକ୍ଷାଗତ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଅଭିଯୋଗରେ ଗିରଫ ହୋଇଛନ୍ତି । ଏହି ଘଟଣା ଏବେ କର୍ଲାମୁଣ୍ଡା ବ୍ଲକରେ ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟ ନକଲିଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି। ଗିରଫ ଶିକ୍ଷକ ଜଣକ ହେଲେ ରୋହିତ ନାଗ (୩୦), ତାଙ୍କ ଘର ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଧୂମାପାଲି ଗାଁରେ। ଗତ କିଛିଦିନ ତଳେ ନାଗଙ୍କ ବିପକ୍ଷରେ ନକଲି ମାର୍କସିଟ ଓ ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଅଭିଯୋଗ ଆସିଥିଲା। କର୍ଲାମୁଣ୍ଡା ଶିକ୍ଷାଧିକାରୀ ଆଲୁମାଲୁ ଭୀମରାଜ ଗଜବାହାଲ ହାଇସ୍କୁଲକୁ ଯାଇ ତଦନ୍ତ କରିବା ସହ ସମ୍ପୃକ୍ତ ଶିକ୍ଷକଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ ଅଫିସକୁ ମଧ୍ୟ ଡାକି ପଚରାଉଚୁରା କରିଥିଲେ। ସେତେବେଳେ ସମ୍ପୃକ୍ତ ଶିକ୍ଷକ ନିଜେ ଦାଖଲ କରିଥିବା ପ୍ରମାଣପତ୍ର ଅସଲି ବୋଲି ଦାବି କରି ନିଜେ ଅସଲି ପ୍ରମାଣପତ୍ର ଦାଖଲ କରିବେ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଜିଲା ଶିକ୍ଷାଧିକାରୀ ତଦନ୍ତ ରିପୋର୍ଟ ପାଇ ଉକ୍ତ ଶିକ୍ଷକଙ୍କ ବିରୋଧରେ ଭବାନୀପାଟଣା ଟାଉନ ଥାନାରେ ଏତଲା ଦେଇଥିଲେ। ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜିଲା କାରାଗାରକୁ ପଠାଇ ଦେଇଛି। ଅନ୍ୟପଟେ ଏହି ବ୍ଲକରେ ନକଲି ଶିକ୍ଷକଙ୍କ ସଂଖ୍ୟା ଅଧିକ ରହିଥିଲେ ହେଁ ଶିକ୍ଷା ବିଭାଗ ତଦନ୍ତରେ ଶୀଥିଳତା ଦେଖାଉଥିବା ଅଭିଯୋଗ ହେଉଛି। ଏହା ବ୍ୟତୀତ ଦିବ୍ୟାଙ୍ଗ ପ୍ରମାଣପତ୍ର ଓ ଜାଲ ଜାତିଗତ ପ୍ରମାଣପତ୍ର କରି ଶିକ୍ଷକ ଚାକିରୀ ହାତେଇ ଥିବା ବ୍ୟକ୍ତିମାନଙ୍କୁ କଡାକଡି ତଦନ୍ତ ସହିତ କାର୍ଯ୍ୟାନୁଷ୍ଠାନ କରାଯିବାକୁ ଦାବି ହେଉଛି।

## ସଂକ୍ଷେପରେ



### ସର୍ବଭାରତୀୟ ଟପ୍ପର ସାଇନାଙ୍କୁ ଜୁନାଗଡ଼ରେ ସମ୍ବର୍ଦ୍ଧନା

**ଜୁନାଗଡ଼, ୮।୨ (ଡି.ଏନ.ଏ.):** ଗତ ସୋମବାର ସର୍ବଭାରତୀୟ ଚାର୍ଟେର୍ଡ ଏକାଉଣ୍ଟେଣ୍ଟ ଫାଉଣ୍ଡେସନ ପରୀକ୍ଷାରେ କଳାହାଣ୍ଡିର ଝିଅ ସାଇନା ଅଗ୍ରୱାଲ ଟପ୍ପର ହୋଇଥିଲେ। ଏହାକୁ ନେଇ ଜିଲାର ପ୍ରତ୍ୟେକ ବର୍ଗଙ୍କ ମଧରେ ଖୁସିର ଲହରି ଖେଳିଯାଇଥିଲା। ସେ ୪ ଶହ ମାର୍କ ମଧରୁ ୩୬୫ ମାର୍କ ରଖି ସର୍ବଭାରତରେ ୧ ନଂ. ର୍ୟାଙ୍କରେ ରହିଥିଲେ। ସାଇନା କଳାହାଣ୍ଡି ଜିଲା ଜୁନାଗଡ ସହରର ସୁନୀଲ ଅଗ୍ରୱାଲ ଓ ରୀନା ଅଗ୍ରୱାଲଙ୍କ ଝିଅ। ତାଙ୍କର ଏହି ସଫଳତା ପାଇଁ ଶନିବାର ସ୍ଥାନୀୟ ମିତ୍ତଲ ପରିବାର ପକ୍ଷରୁ ଜୁନାଗଡ ସହର ଅଗ୍ରସେନ ଭବନଠାରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାଇନାଙ୍କୁ ସହରର ବିଭିନ୍ନ ସଙ୍ଗଠନ, ଖବରଦାତା ସଂଘ, ମାରୱାଡି ଯୁବା ମଞ୍ଚ ଓ ମହିଳା ସମିତି ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାମାଜିକ କର୍ମୀ ସୁଖବିନ୍ଦର ସିଂହ ମଞ୍ଚ ପରିଚାଳନା କରିଥିଲେ।



### ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ

**କଲମପୁର, ୮।୨ (ଡି.ଏନ.ଏ.):** କଳାହାଣ୍ଡି ଜିଲା କଲମପୁ ର ବ୍ଲକ ନୂଆଗାଁ ରତାଲୁପଡା ବାଗ ପରିବାର ଆନୁକୂଲ୍ୟରେ ଚାଲିଥିବା ଅଷ୍ଟପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି । ଏଥିପାଇଁ ଗୁରୁବାର ଅପରାହ୍ନରେ ବାଗ ପରିବାର ମହିଳାମାନେ ନୂଆଗାଁ କୁମ୍ଭ ବନ୍ଧଠାରୁ ପାଣି ଆଣି ପୂଜାମଣ୍ଡପରେ ସ୍ଥାପନ କରିଥିଲେ । ଶୁକ୍ରବାର ସକାଳ ୭ଟାରେ ନାମଯଜ୍ଞ ଆରମ୍ଭ କରି ଶନିବାର ସକାଳ ୭ଟାରେ ପୂର୍ଣ୍ଣାହୁତି କରାଯାଇଥିଲା। ପୂଜକ ପୁର ଦାସ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ କୈଳାସ ବାଗ ଓ କାଳିନ୍ଦ୍ରୀ ବାଗ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ଅଷ୍ଟପ୍ରହର ନାମଯଜ୍ଞରେ ୭ଟି ଦଳ ଭାଗ ନେଇଥିବା ବେଳେ ବାଲସିର ଝିଅ ସଂକିର୍ତ୍ତନ ମଣ୍ଡଳି ମୁଖ୍ୟଆକର୍ଷଣ ଥିଲା। କୋକସରା ଚିଲଗୁଡାର ଘଣ୍ଟ ଦଳ ଉପସ୍ଥିତ ହୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶନିବାର ସକାଳ ୧୦ଟାରେ ଦହିହାଣ୍ଡି ଭଗ୍ନ ସମୟରେ ନୁଆଗାଁ ସଂକିର୍ତ୍ତନ ମଣ୍ଡଳୀ ଏବଂ ଘଣ୍ଟ ଦଳ ନଗର ପରିକ୍ରମା ସମୟରେ ସହଯୋଗ କରିଥିଲେ। ଅଷ୍ଟ ପ୍ରହର ନାମଯଜ୍ଞରେ କମିଟି ନରହରି ବାଗ, ବିଜୟ ବାଗ, ସୁଦାମ ବାଗ, ଲାଲ ବାଗ, ରଶ୍ମିରଞ୍ଜନ ବାଗ, ଉମାକାନ୍ତ ମାଝି, ପର୍ଶୁ ସାହୁ, ରାଜୁ ବେମାଲ, ଗୋକୁଳ ଚନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ।

# ମରଣଯନ୍ତା ପାଲଟିଛି ଥନଟ-ଧର୍ମଗଡ଼ ରାସ୍ତା

ପର୍ଲା, ୮।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ନିକଟବର୍ତ୍ତୀ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତ ଥନଟ-ଧର୍ମଗଡକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଧର୍ମଗଡଠାରୁ ମାତ୍ର ୨ କି.ମି. ଦୂର ରାସ୍ତା ପାରି ହେବାକୁ ୨ରୁ ୩ ଘଣ୍ଟା ସମୟ ଲାଗୁଛି। ଧର୍ମଗଡ ସହର ଅତି ନିକଟରେ ଥିଲେ ମଧ ବିଭାଗର ନଜର ପଡୁ ନ ଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାସ୍ତା ମଝିରେ ଗଭୀର ଗର୍ତ୍ତ ସୃଷ୍ଟି ହେବା ସାଙ୍ଗକୁ ମେଟାଲ ଉପାଡି ହୋଇ ପଡିଥିବା ବେଳେ ଲୋକେ ବିପଦ ଭାବେ ଯାତାୟାତ କରୁଛନ୍ତି। ଦୀର୍ଘ ୫ ବର୍ଷ ହେଲା ରାସ୍ତା ଅବସ୍ଥା ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ଉପଜିଲାପାଳ, ବିଡିଓ ଏବଂ ରାଜ ନେତାଙ୍କ ଦୃଷ୍ଟିକୁ ଆଣିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଗାଁଠାରୁ ସହର ସଂଯୋଗ ଲକ୍ଷ୍ୟ ନେଇ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଏବଂ ଆମ ଗାଁ ଆମ ବିକାଶ ନାରା ଦେଉଥିବା ବେଳେ ବାସ୍ତବିକତାକୁ ଅନୁଧ୍ୟାନ କଲେ ଯୋଜନା ପ୍ରହସନ ପାଲଟିଥିବା ଜଣାପଡୁଛି। ଏହି ରାସ୍ତା ଦେଇ କୌଣସି ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯିବା କଷ୍ଟକର ହୋଇପଡିଛି। ଯୁଦ୍ଧକାଳୀନସ୍ଥିତିରେ ରାସ୍ତା ଉନ୍ନତିକରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ସୁରଥ ତାଣ୍ଡି, ଅରବିନ୍ଦ ବାଗ, ନିମାନ୍ତ ସୁନାନୀ, ପଦ୍ମ ତାଣ୍ଡି, ଟୋକେଶ୍ୱର ମଙ୍ଗରାଜ, ଲକ୍ଷମନ ସୁନାନୀ, ବଡ ବାଗ, ଗଜଜୀବନ ସୁନାନୀ ପ୍ରମୁଖ ପ୍ରକାଶ କରିଛନ୍ତି । ଏ ନେଇ ଧର୍ମଗଡ ବିଡିଓ ଗୋପାଳକୃଷ୍ଣ ମିଶ୍ରଙ୍କୁ ପଚାରିବାରୁ ଏହା ସେ ଜାଣି ନ ଥିବା କହିଥିବା ବେଳେ ଆସିଷ୍ଟାଣ୍ଡ ଇଞ୍ଜିନିୟର ଏ ବିଷୟ ବୁଝି କହି ପାରିବି ବୋଲି ପ୍ରକାଶ କରିଥିଲେ ।



ବିପଦସଙ୍କୁଳ ହୋଇପଡ଼ିଥିବା ଥନଟ-ଧର୍ମଗଡ଼ ରାସ୍ତା।

# ବ୍ଲକସ୍ତରୀୟ ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

ଜୁନାଗଡ଼/କଲମପୁର, ୮।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଦେପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶନିବାର ବ୍ଲକସ୍ତରୀୟ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀୟା ମନ୍ତ୍ରଣାଳୟ, ନେହେରୁ ଯୁବକେନ୍ଦ୍ର କଳାହାଣ୍ଡି ଓ ଦେପୁର ନିତାଇ ଗୌରବ କ୍ଲବ ମିଳିତ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ସଂଯୋଜକ ପ୍ରସନ୍ନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏଏମ୍ ମହାବିଦ୍ୟାଳୟ ଅଧାପକ ବିଭୁତି ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଲେଖାପାଳ ଦ୍ୱିତୀୟା ବନଛୋର, ପୂର୍ବତନ ସେନା କର୍ମଚାରୀ ଶ୍ୟାମ ସୁନ୍ଦର ପଣ୍ଡା, ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ପଣ୍ଡା, ମଳୟ ପ୍ରହରାଜ, ସାମାଜିକ କର୍ମୀ ଶେଷଦେବ ପାତ୍ର, ପ୍ରଦ୍ୟୁମ୍ନ ମାଝି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ଜୌତିପ୍ରକାଶ ବାରିକ, ରୋହିତ ବାରିକ, ମୁକେଶ ପାତ୍ର, ଉତ୍ତମ ପ୍ରସାଦ ଦୁର୍ଗା, ସ୍ୱେଚ୍ଛାସେବୀ ଧରିତ୍ରୀ ନାଏକ, ହିମାନ ନାଏକ, ମୁକେଶ ରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।




ଯୁବ ସଂସଦ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

## ପ୍ରାଣୀ ଚିକିତ୍ସାଳୟ ପୁନଃ କାର୍ଯ୍ୟକ୍ଷମ ପାଇଁ ଦାବି

ଭବାନୀପାଟଣା, ୮।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ମୂଷାନାଳଠାରେ ଭଗ୍ନ ଅବସ୍ଥାରେ ପଡି ରହିଥିବା ପ୍ରାଣୀ ଚିକିତ୍ସାଳୟକୁ ପୁନର୍ବାର ଚାଲୁ ରଖିବା ପାଇଁ ମୂଷାନାଳ ଗ୍ରାମବାସୀ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ପ୍ରାୟ ୧୫ ବର୍ଷ ହେବ ଏହି ଚିକିତ୍ସାଳୟ ଭଗ୍ନ ଅବସ୍ଥାରେ ପଡିରହିଛି। ଏହି ଚିକିତ୍ସାଳୟରୁ ଅଞ୍ଚଳର ୮ଟି ପଞ୍ଚାୟତ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗ୍ରାମର ଗୃହପାଳିତ ପ୍ରାଣୀ ଚିକିତ୍ସା ପାଉଥିଲେ। ବର୍ତ୍ତମାନ ଏହା ବନ୍ଦ ହୋଇଥିବାରୁ ଲୋକେ ପ୍ରାଣୀଙ୍କ ଚିକିତ୍ସା ପାଇଁ ୩୦ କି.ମି. ଦୂର ଲାଞ୍ଜିଗଡ ଚିକିତ୍ସାଳୟକୁ ନେବାରୁ ପଡୁଛି। ଯାହାଦ୍ୱାରା ପ୍ରାଥମିକ ଚିକିତ୍ସା ଅଭାବରୁ ଶହଶହ ଗୃହ ପାଳିତ ପ୍ରାଣୀ ମୃତ୍ୟୁ ହେଉଥିବା ଯୁବ ସାମାଜିକ କର୍ମୀ ଧର୍ମେନ୍ଦ୍ର ପଣ୍ଡା କହିଛନ୍ତି। ଗତ ୨୭ ତାରିଖରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀଙ୍କୁ ପ୍ରାଣୀ ଚିକିତ୍ସାଳୟକୁ ପୁନର୍ବାର ଚାଲୁ କରିବା ପାଇଁ ଅନୁରୋଧ କରିଛନ୍ତି। ଏହା ପୂର୍ବରୁ ୮ ଟି ପଞ୍ଚାୟତ ଲୋକେ ଗତ ଡିସେମ୍ବର ୨୩ ତାରିଖରେ ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। ଏଥିପ୍ରତି ଜିଲାପାଳ ଶୀଘ୍ର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ଗୋଷ୍ଠୀ ଜଙ୍ଗଲ ସମ୍ବଳର ସଂରକ୍ଷଣ, ପରିଚାଳନା ସମ୍ପର୍କିତ କର୍ମଶାଳା

ଭବାନୀପାଟଣା, ୮।୨ (ଡି.ଏନ.ଏ.)

ଜିଲା ଯୋଜନା ଓ ପରିସଂଖ୍ୟାନ କାର୍ଯ୍ୟାଳୟର ସଭାଗୃହରେ ଗୋଷ୍ଠୀ ଜଙ୍ଗଲ ସମ୍ବଳର ସଂରକ୍ଷଣ ଓ ପରିଚାଳନା ସମ୍ପର୍କୀତ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସେବାନୀକେତନ ସଂସ୍ଥା ଦ୍ୱାରା ଆୟୋଜିତ କର୍ମଶାଳାରେ କଳାହାଣ୍ଡି ଜିଲାରେ ବର୍ତ୍ତମାନ ସୁଦ୍ଧା ଜଙ୍ଗଲ ଅଧିକାର ଆଇନ ୨୦୦୬ ପ୍ରାବଧାନ ଅନୁସାରେ ମାତ୍ର ୨୪୯ଟି ଗ୍ରାମକୁ ଗୋଷ୍ଠୀ ଜଙ୍ଗଲ ଅଧିକାରୀ ସିକୃତି ନେଇଥିବା ବେଳେ ଏକ ହଜାରରୁ ଉର୍ଦ୍ଧ୍ୱ ଗ୍ରାମ ଗୋଷ୍ଠୀ ଜଙ୍ଗଲ ଅଧିକାରୀକୁ ସିକୃତି ପାଇବା ପାଇଁ ଯୋଗ୍ୟ ଗ୍ରାମ ଥିବା ସମ୍ପର୍କରେ ସଂସ୍ଥାର ସମ୍ପାଦକ ଦାଶରଥି ବେହେରା ପ୍ରକାଶ କରିଥିଲେ। ଗ୍ରାମସଭାରେ ଉପସ୍ଥିତ ଥିବା ପ୍ରତିନିଧିମାନେ ସଂରକ୍ଷଣ ଓ ପରିଚାଳନା କରିବା ସମୟରେ ଆସୁଥିବା ସମସ୍ୟାଗୁଡିକୁ ଜଣାଇଥିଲେ। ଏହି ପରିଚାଳନା ମାଧମରେ ଲକ୍ଷାଧିକ ଟଙ୍କା ଆୟ କରି ଆଦିବାସୀ ଓ ବନବାସୀମାନେ ଜୀବିକା ନିର୍ବାହ କରି ଆସୁଥିବା ସମ୍ପର୍କରେ ମଦନପୁର ରାମପୁର ବ୍ଲକ ବାରବନ୍ଧା ଗ୍ରାମପଞ୍ଚାୟତ ଗ୍ରାମ ଗୋଷ୍ଠୀମାନେ ମତପ୍ରକାଶ କରିଥିଲେ। ଗୋଷ୍ଠୀ ଜଙ୍ଗଲ ଅଧିକାର ସ୍ୱୀକୃତିପତ୍ର ତଥା ଗୋଷ୍ଠୀ ଜଙ୍ଗଲ ଅଞ୍ଚଳର କ୍ଷେତ୍ର ଫଳ ସଂଖ୍ୟା ଭୁଲ ରହିଥିବା ବିଷୟ ଆଲୋଚନା ହୋଇଥିଲା। ଏଥିପ୍ରତି ପ୍ରଶାସନ ସ୍ତରରେ ତୁରନ୍ତ ପଦକ୍ଷେପ ନେବା ସହିତ ପୁନର୍ବାର ସୀମା ନିର୍ଦ୍ଧାରଣ କରିବାକୁ ଦାବି କରାଯାଇଛି। ଏଥିରେ ଯୋଗଦେଇଥିବା ଅନ୍ୟତମ ଅତିଥି ଜିଲା ମଙ୍ଗଳ ଅଧିକାରୀ ବୁଦ୍ଧଦେବ ପଣ୍ଡା ପ୍ରକାଶ କରିଥିଲେ ଯେ, ଗ୍ରାମସଭାସ୍ଥରରେ ଗୋଷ୍ଠୀ ଜଙ୍ଗଲ ସମ୍ବଳର ସଂରକ୍ଷଣ ଓ ପରିଚାଳନା ବିଭାଗର ଯୋଜନାଗୁଡିକୁ କାର୍ଯ୍ୟକାରୀ କରିବା ସହାୟକ ହେବ। ଉତ୍ତରବନଖଣ୍ଡ ଏସିଏଫ୍ ମଳୟରଞ୍ଜନ କାଲୋ ପ୍ରକାଶ କରିଥିଲେ ଯେ, ଜଙ୍ଗଲ ସଂରକ୍ଷଣ ଓ ପରିଚାଳନା ସମୟରେ ଜଙ୍ଗଲ ବିଭାଗର ଅଧିକାରୀମାନଙ୍କୁ ସାମିଲ କରିବା ଜରୁରି ଅଟେ। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି ଭୁବନେଶ୍ୱର ପକ୍ଷରୁ ପ୍ରଦୀପ କୁମାର ମହାନ୍ତି ଜଙ୍ଗଲ ଅଧିକାର ଆଇନ ଅନୁସାରେ ଗୋଷ୍ଠୀ ସମ୍ବଳ ସଂରକ୍ଷଣ ପରିଚାଳନା ପାଇଁ ଗ୍ରାମ ସଭାର ରହିଥିବା ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି କର୍ମଶାଳାରେ ଜିଲାର ୧୦ଟି ବ୍ଲକରୁ ୬୦ ଜଣ ଗ୍ରାମସଭା ପ୍ରତିନିଧି ଓ ଜଙ୍ଗଲ ସଂରକ୍ଷଣ ଓ ପରିଚାଳନା ଉପରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନମାନେ ଅଂଶ ଗ୍ରହଣ କରିଥିଲେ।

# ୪ ବ୍ଲକରେ ମୋବାଇଲ ଟାୱାର ପ୍ରତିଷ୍ଠା ପାଇଁ ଜିଲାପାଳଙ୍କ ଚିଠି

ଭବାନୀପାଟଣା,୮।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍, ଏଆରଟେଲ ଏବଂ ଜିଓ ମୋବାଇଲ ଟାୱାର ପ୍ରତିଷ୍ଠା କରିବା ପାଇଁ ମୋବାଇଲ ସୁବିଧା ଯୋଗାଇ ଦେବା ପାଇଁ କଳାହଣ୍ଡି ଜିଲାପାଳ ଡ. ଗାଭିଲ ପରାଗ ହର୍ଷଦ ସମ୍ପୃକ୍ତ ମୋବାଇଲ କମ୍ପାନୀର ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି । ଜିଲାପାଳ ଡ. ଗାଭିଲ ପରାଗ ହର୍ଷଦ ବିଏସ୍‌ଏନ୍‌ଏଲ୍ ଭବାନୀପାଟଣାସ୍ଥିତ ଟିଡିଏମ୍, ଏଆରଟେଲ ଭବାନୀପାଟଣାସ୍ଥିତ ଆଞ୍ଚଳିକ ଶାଖା ପରିଚାଳକ ଏବଂ ଜିଓର ଭବାନୀପାଟଣାସ୍ଥିତ ସେଣ୍ଟର ମ୍ୟାନେଜରଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ, କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର, ଲାଞ୍ଜିଗଡ, ଭବାନୀପାଟଣା, ଜୟପାଟଣା ବ୍ଲକର ଥିବା ବିଭିନ୍ନ ଦୁର୍ଗମ ଅଞ୍ଚଳରେ ବିଭିନ୍ନ ସମୟରେ ଦେଖାଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ, ସ୍ୱାସ୍ଥ୍ୟ ସମସ୍ୟା, ବନ୍ୟା, ବାତ୍ୟା ଓ ଦୁର୍ଘଟଣା ଏବଂ ମାଓବାଦୀ ଗତିବିଧି ସହିତ ଆଇନଶୃଙ୍ଖଳା ସମସ୍ୟା ସବୁବେଳେ ରହିଛି। ଉପରୋକ୍ତ ସମସ୍ୟାର ସମାଧାନ କରିବାରେ ସମସ୍ୟା ସୃଷ୍ଟି ହେବା ସହିତ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଛି। ଥୁଆମୂଳ ରାମପୁର ବ୍ଲକ ନାକରୁଣ୍ଡି, ସିନ୍ଧିପଦର, ପାଢେପଦର, ଥୁଆମୂଳ, ବାଗଡିଆନୀ, କିଆପଦର, ଏନ୍, ପୋଡାପଦର, ବିରୋକୋର୍ଟ, ତଲଝାପି, ସିଲେଟ, ତଲନାଗି, ଟଲମାପଦର, କାଣିଗୁମା, ମାଲିଗାଁରେ ପ୍ରତିଷ୍ଠା କରିବା ପାଇଁ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ଅନୁରୋଧ କରିଥିଲେ। ସେହିପରି ଲାଞ୍ଜିଗଡ ବ୍ଲକ ପାହାଡପଦର, ଭୁର୍ଟିଗଡ, ମାଲିଜୁବାଙ୍ଗ, ତ୍ରିଲୋଚନପୁର, କାନକୁଟୁ, ବନ୍ଦପାରି, କୁମ୍ଭାଲ, ପୋଖରୀବନ୍ଧ, ବେନଗାଁ ଏବଂ ଜୟପାଟଣା ବ୍ଲକ ସାହୁଗୁଡା, ହରିହରପୁର, ସିନ୍ଧିକାଗୁଡ ପ୍ରତିଷ୍ଠା କରିବା ପାଇଁ ଅନୁରୋଧ କରିଥିଲେ। ଭବାନୀପାଟଣା ବ୍ଲକ ଚାଞ୍ଚେର ଓ ଜୁଗସାଇପାଟଣା ଅଞ୍ଚଳରେ ବିଏସ୍‌ଏନ୍‌ଏଲ୍, ଏଆରଟେଲ ଏବଂ ଜିଓ ମୋବାଇଲ ଟାୱାର ପ୍ରତିଷ୍ଠା କରିବା ପାଇଁ ବିଧାୟକ ଦିଶାରୀ ଅନୁରୋଧ କରିଥିଲେ।

# ପୋଲ କାମ ଅଧାପନ୍ତରିଆ, ଡଙ୍ଗା ହିଁ ସାହାଭରସା

ଭବାନୀପାଟଣା, ୮।୨ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ବଡଚେରଗାଁ ଅଞ୍ଚଳର ଲୋକେ ଆଜି ବି ଦୈନନ୍ଦିନ କାର୍ଯ୍ୟ ପାଇଁ ଦେଶୀ ଡଙ୍ଗା ଉପରେ ଭରସା କରୁଛନ୍ତି। ଏହି ଅଞ୍ଚଳର ବଡଚେରଗାଁ, ଉଛୁଲା, ଚହକା, ନୂଆଗାଁ, ପଞ୍ଚାୟତର ହଜାର ହଜାର ଜନସାଧାରଣ ସ୍ୱାସ୍ଥ୍ୟ ହେଉ ଅବା ନିତିଦିନିଆ କାମ ପାଇଁ ଜିଲା ସଦର ମହକୁମା ଭବାନୀପାଟଣା ଉପରେ ନିର୍ଭର କରନ୍ତି। କିନ୍ତୁ ଗରଗାବ ନିକଟରେ ଥିବା ଚିରସ୍ରୋତା ତେଲ ନଦୀ ମୁଖ୍ୟ ବାଧକ ସାଜୁଛି। ଗରଗାବ ନିକଟରେ ଏକ ଦେଶୀ ଡଙ୍ଗାରେ ଲୋକେ ଏହି ନଦୀ ପାରି କରିଥାନ୍ତି। ଉକ୍ତ ଡଙ୍ଗାଟି ବହୁ ପୁରୁଣା ହୋଇଥିଲେ ମଧ ଅନ୍ୟ ଉପାୟ ନାହିଁ। ଅନ୍ୟ ରାସ୍ତା ଦେଇ ଗଲେ ୫୦ କି.ମି. ରାସ୍ତା ଅଧିକ ବୁଲି ଯିବାକୁ ପଡିଥାଏ। ତେଣୁ ଲୋକେ ଏହି ଡଙ୍ଗା ଉପରେ ହିଁ ନିର୍ଭର କରିଥାନ୍ତି। ବର୍ଷା ଦିନେ ଉକ୍ତ ଡଙ୍ଗାରେ ନଦୀ ପାରି ହେବା ବହୁ କଷ୍ଟ। ତିନିବର୍ଷ ତଳୁ ବିଜୁ ସେତୁ ଯୋଜନାରେ ଗରଗାବ ନିକଟରେ ଏକ ପୋଲ ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ କାମ ଅତି ମନ୍ଥରଗତିରେ ଚାଲିଥିବାରୁ ତାହା କେବେ ସରିବ ବୋଲି ଲୋକେ ଆଶଙ୍କା ପ୍ରକାଶ କରୁଛନ୍ତି। ଏ ନେଇ ଗୃହମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ରଙ୍କ ମତାମତ ନିଆଯିବାରୁ ପୋଲ ନିର୍ମାଣ କାମ ଏକ ଲମ୍ବା ପ୍ରକ୍ରିୟା, କାମ ଜାରି ରହିଛି ବୋଲି କହିଛନ୍ତି।



ଜୀବନକୁ ବାଜି ଲଗାଇ ନଦୀ ପାରି ହେଉଛନ୍ତି ଲୋକେ।



ମାନବ ସମାଜର ମଙ୍ଗଳ ପାଇଁ ଯିଏ କିଛି ନା କିଛି କରିଛି, ସେ ନିଶ୍ଚୟ ପୁରସ୍କାର ପାଇଛି।
- ବୁକର ଟି. ୱାଶିଂଟନ



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସମୀର



ସୂର୍ଯ୍ୟକାନ୍ତ



ନିର୍ମଳ



ଜ୍ଞାନ



ବିଶ୍ୱଜିତ୍



ଯୁଧିଷ୍ଠିର



ଏନ.କେ ପଟେଲ

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ୧୪ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କାମ ସରୁନି

## ୭ ବର୍ଷ ପରେ ବି ନିଆଯାଉନି ପଦକ୍ଷେପ

ଲୋଇସିଂହା, ୮।୨(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକକୁ ଆସୁଥିବା କେନ୍ଦ୍ର ଓ ରାଜ୍ୟ ସରକାରର ବିଭିନ୍ନ ଯୋଜନାର ଅର୍ଥ ଠିକ୍ ସମୟରେ ଖର୍ଚ୍ଚ ହେଉନାହିଁ । ଗୋଟିଏ ପ୍ରକଳ୍ପ ସାରିବାକୁ ବ୍ଲକ ପ୍ରଶାସନକୁ ବର୍ଷବର୍ଷ ଲାଗି ଯାଉଛି । ଯୋଜନାର ସୁଫଳ ଜନସାଧାରଣ ପାଇ ପାରୁ ନାହାନ୍ତି। ୨୦୧୩-୧୪ ଆର୍ଥିକ ବର୍ଷରୁ ବ୍ଲକରେ ନିର୍ମାଣାଧୀନ କେତେକ ଅଙ୍ଗନୱାଡି କେନ୍ଦ୍ର ଏହାର ଜ୍ୱଳନ୍ତ ଉଦାହରଣ ।

ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଅଧୀନରେ ଲୋଇସିଂହା, ଯୋଗୀସର୍ଡା, ବୁଢୀପଦର, କନ୍ଦାଜୁରୀ, କୁଶଙ୍ଗ, ବାଦିମୁଣ୍ଡା, କୁଶମେଲ, ରତାଖଣ୍ଡି, ଗଡଶଙ୍କର ଡୁଙ୍ଗରିପାଲି ପ୍ରଭୃତି ୯ଟି ସେକ୍ଟର ଅଧୀନରେ ୧୫୬ ଅଙ୍ଗନୱଡି କେନ୍ଦ୍ର ରହିଛି । ୦ରୁ ୬ବର୍ଷର ୭୩୬୬ ଶିଶୁ ରହିଛନ୍ତି । ସେଥିରୁ ୧୬୦୫ ଝିଅ, ୧୫୫୨ ପୁଅ ଏପରି ମୋଟ ୩୧୫୭ ଶିଶୁ ପ୍ରାକ ଶିକ୍ଷା ଗ୍ରହଣ କରୁଛନ୍ତି। ୦ ରୁ ୬ ମାସର ୭୦୫ ଶିଶୁ ଓ ୬୭୨ ଗର୍ଭବତୀ ମହିଳା ଅଙ୍ଗନୱାଡି କେନ୍ଦ୍ର ଜରିଆରେ ସରକାରୀ ସୁବିଧା ହାସଲ କରୁଛନ୍ତି। ଏହାବ୍ୟତୀତ ଅଙ୍ଗନୱାଡି କେନ୍ଦ୍ରରେ କର୍ମୀମାନଙ୍କ ଜରିଆରେ ସରକାରଙ୍କ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ କରାଯାଉଛି । ବ୍ଲକର ୧୮୫ କେନ୍ଦ୍ର ମଧ୍ୟରୁ ୧୫୬ର ନିଜସ୍ୱ ଗୃହ ରହିଛି । ସେଥିରୁ ୬ଟି କେନ୍ଦ୍ର ଅବସ୍ଥା ଶୋଚନୀୟ ହୋଇ ପଡିଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ । ଅପରପକ୍ଷେ ବ୍ଲକ ପ୍ରଶାସନ ପକ୍ଷରୁ ୧୪ଟି କେନ୍ଦ୍ର ଏମଜିଏନଆରଇଜିଏସ ସମେତ ବିଭିନ୍ନ ଯୋଜନାରେ କାମ ହାତକୁ ନିଆଯାଇଛି । ୨୦୧୭-୧୮ ଆର୍ଥିକ ବର୍ଷରେ ଗୁର୍ଜିଭଟା (୧) ଓ କୁଶଙ୍ଗ(୨) କେନ୍ଦ୍ର ନିର୍ମାଣଧୀନ ରହିଛି । ସେହିପରି ୨୦୧୬-୧୭ ଆର୍ଥିକ ବର୍ଷରେ ଉପରବାହାଲ(୨) କେନ୍ଦ୍ର, ୨୦୧୫-୧୬ ଆର୍ଥିକ ବର୍ଷରେ ଉପରବାହାଲ ପଞ୍ଚାୟତର ଭୋଇପାଲି, ରେଙ୍ଗାଲି ପଞ୍ଚାୟତର କପିଲବାହାଲ ଓ ଝାରମୁଣ୍ଡା ପଞ୍ଚାୟତର ମନଂସାପାଲି କେନ୍ଦ୍ର କାମ ସରିବା ନା ନେଉନାହିଁ । ୨୦୧୧-୧୨ ଅର୍ଥିକ ବର୍ଷରେ କୁଶମେଲ ପଞ୍ଚାୟତ ଫଟାବାହଲ କେନ୍ଦ୍ର ପାଇଁ ଅନୁଦାନ ଯୋଗାଇ ଦିଆଯାଇଛି । ହେଲେ ଜମି ଅଭାବରୁ କେନ୍ଦ୍ର ନିର୍ମାଣ ହୋଇ ପାରୁ ନାହିଁ। ତହସିଲ କର୍ତ୍ତୃପକ୍ଷ ଜମି ଯୋଇବାରେ ମଧ୍ୟ ବିଫଳ ହୋଇଥିବା ଜଣାଯାଇଛି । ୨୦୧୩-୧୪ ଆର୍ଥିକ ବର୍ଷରେ ୫ଟି କେନ୍ଦ୍ର ପାଇଁ ଅନୁଦାନ ଯୋଗାଇ ଦିଆଯାଇଥିଲା। ସେଥିରୁ କୁମିଆପାଲି ଓ ଅନ୍ତପାଲି କେନ୍ଦ୍ର ଛାତ ଲେବୁଲ ପର୍ଯ୍ୟନ୍ତ ହୋଇ ପଡି ରହିଛି । ପୋଡମୁଣ୍ଡର ନିହ ମାଟିରେ ମିଶି ଯାଇଥିବା ସିଡିପିଓ ପ୍ରଜ୍ଞା ବାରିକ କହିଛନ୍ତି। ସେହିବର୍ଷ ବୁଢୀପଦର ପଞ୍ଚାୟତର ପିପଲିପାଲି ଓ ଝାରମୁଣ୍ଡା ପଞ୍ଚାୟତର ଆମ୍ବପାଲିକୁ ଆଦର୍ଶ କେନ୍ଦ୍ର ପାଇଁ ସାଢେ ୭ ଲକ୍ଷ ଅନୁଦାନ ମିଳିଥିଲା । କେନ୍ଦ୍ରର ଶିଶୁଙ୍କ ବ୍ୟବହାର ପାଇଁ ପାଇଖାନା, କେନ୍ଦ୍ର ସୌନ୍ଦର୍ଯ୍ୟକରଣ, ବିଦ୍ୟୁତିକରଣ ଓ ନଳକୂପ ଖୋଳା ଅଦ୍ୟାବଧି ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । କେନ୍ଦ୍ର ଅଭାବରୁ କର୍ମୀଙ୍କ ଘରେ ଶିଶୁ ପାଠ ପଢୁଛନ୍ତି। ଏ ସମ୍ପର୍କରେ ସିଡିପିଓ ବାରିକ କହନ୍ତି ୭ରୁ ୮ ବର୍ଷହେଲା ୧୪ଟି କେନ୍ଦ୍ରର ନିର୍ମାଣ କାମ ସରୁନାହିଁ। କେତେକ ନିର୍ମାଣାଧୀନ ଅବସ୍ଥାରେ ଶୋଚନୀୟ ହୋଇ ପଡିଗଲାଣି । ପ୍ରତି ମାସିକ ବୈଠକରେ ବିଡିଓ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା ସୁଫଳ ମିଳୁ ନ ଥିବା କହିଥିଲେ । ଏ ନେଇ ବିଡିଓ ରାମଚନ୍ଦ୍ର ଖାର୍ଡିଆଙ୍କୁ ପଚାରିବାରୁ ଯେଉଁସବୁ କେନ୍ଦ୍ରର ନିର୍ମାଣ କାମ ସରି ପାରୁନାହିଁ ସେଠାରେ ଦାୟିତ୍ୱରେ ଯନ୍ତ୍ରୀମାନଙ୍କ ସହ ଆଲୋଚନା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



କାର୍ଯ୍ୟକ୍ଷମ ହୋଇ ନ ଥିବା ପିପିଲିପାଲି ଆଦର୍ଶ ଅଙ୍ଗନୱାଡି କେନ୍ଦ୍ର।

## କୃଷକ ଉପଦେଷ୍ଟା କମିଟିର ବୈଠକ

ଅମରପାଲି,୮।୨ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ବ୍ଲକ କୃଷକ ଉପଦେଷ୍ଟା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ଆଲୋକ କୁମାର ଦେହୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସହକାରୀ ବୈଷୟିକ ପରିଚାଳକ ମୀନକେତନ ମହାକୁର ସଭା ପରିଚାଳନା କରିଥିଲେ । ବିଟିଟି କନଭେନର କାଳିନ୍ଦୀ ପରିଡା, ଡ. ସୁବ୍ରତ କୁମାର ପୁରୋହିତ, ବିଟିଏମ ଜିତେନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଆତ୍ମାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ଅଭିନବ ଯନ୍ତ୍ରପାତି ପୁରସ୍କାର ପାଇଁ ଫେବୃୟାରୀ ୧୫ ତାରିଖରେ ଆବେଦନ ପାଇଁ ଶେଷ ତାରିଖ ଥିବା ସୂଚନା ଦିଆଯାଇଥିଲା । ଏହା ସହିତ ଆସନ୍ତା ୧୦ ତାରିଖରେ ସୁବଳୟାଠାରେ ବିଶ୍ୱ ଡାଲି ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା । ଜଳ ପରିଚାଳନା, କୃଷି ଓ ଜୀବିକା ସମ୍ପର୍କିତ ୩ ଦିନିଆ ତାଲିମ ଆସନ୍ତା ୧୧, ୧୨ ଓ ୧୩ ତାରିଖରେ କରାଯିବା ସହିତ ବାର୍ଷିକ କୃଷି ଓ ଆନୁସଙ୍ଗିକ କୃଷି କାର୍ଯ୍ୟଖସଡା ପ୍ରସ୍ତୁତିରେ ଅଦାଚାଷ, ହଳଦୀ ଚାଷ, ଛତୁ ଚାଷ, ଜିଆଖତ ପ୍ରକଳ୍ପକୁ ଗୁରୁତ୍ୱ ଦେବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା ।





ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିମାନେ।

# ଶିକ୍ଷା ସହ ସ୍ୱଚ୍ଛତା ଉପରେ ଧ୍ୟାନ ଦିଅନ୍ତୁ ବିଦ୍ୟାର୍ଥୀ

**ପାଟଣେଶ୍ୱରୀ ହାଇସ୍କୁଲର ବାର୍ଷିକ ଉତ୍ସବ**

ମୁରିବାହାଲ, ୮।୨ (ଡି.ଏନ.ଏ)

ମୁରିବାହାଲ ବ୍ଲକ ଲେବଡା ପାଟଣେଶ୍ୱରୀ ହାଇସ୍କୁଲର ୩୬ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଦେବରାଜ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, ଲେବଡା ସରପଞ୍ଚ ହେମସାଗର ସାହୁ, ସମିତି ସଭ୍ୟ ଜିତେନ ହାତୀ, ବ୍ଲକ ଖବରଦାତା ସଂଘ ସଭାପତି ଭଗବାନ ମହାନ୍ତି, ଜିଲା ଓଷ୍ଟା ସଂଘ ଉପସଭାପତି ପ୍ରଦୀପ କୁମାର ପଟେଲ, ସିଆରସିସି ସେବାନନ୍ଦ ବୁଡେକ ଓ ପୂର୍ବତନ ସରପଞ୍ଚ ଜଗଦୀଶ ବେହେରା ପ୍ରମୁଖ ମଞ୍ଚାସୀନ ଥଇଲେ। ମୁଖ୍ୟବକ୍ତାଭାବେ ଟିଟିଲାଗଡ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ଦାସ ଯୋଗଦେଇ ଶିକ୍ଷା ଲାଗ ସହ ବିଦ୍ୟାର୍ଥୀମାନେ ସମାଜ ସଂସ୍କାର, ମାନବିକତା, ପରିବେଶ ଓ ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ପୂର୍ବରୁ କରାଯାଇଥିବା ବାର୍ଷିକ କ୍ରୀଡାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ରଞ୍ଜିତା ନାଗ ବାର୍ଷିକ ବିବରଣୀ ପଠନ ସହ ମୁରିବାହାଲ ବ୍ଲକର ୨୩ଟି ହାଇସ୍କୁଲରୁ ଗତ ମାଟ୍ରିକ ପରୀକ୍ଷାରେ ୧୩୨ରୁ ୧୩୦ ଜଣ ବିଦ୍ୟାର୍ଥୀ ପାସ୍ କରି ଶ୍ରେଷ୍ଠ ପୁରସ୍କାର ମିଳିଥିବା ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଗଜାନନ୍ଦ ମହାନନ୍ଦ ସଂଯୋଜନା କରିଥିଲେ। ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆୟୁର୍ବେଦ କଲେଜ ହସ୍‌ପିଟାଲରେ ସ୍ୱର୍ଣ୍ଣପ୍ରାସନ କାର୍ଯ୍ୟକ୍ରମ

ବଲାଙ୍ଗୀର ଅଫିସ, ୮।୨

ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ଚିକିତ୍ସାଳୟ ଏବଂ ଶାରଦେଶ୍ୱରୀ ଆୟୁର୍ବେଦ ଚିକିତ୍ସାଳୟରେ ଶନିବାର ତୃତୀୟ ସ୍ୱର୍ଣ୍ଣପ୍ରାଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବଲାଙ୍ଗୀର ସହରର ବିଭିନ୍ନ ପଡା ଓ ସ୍କୁଲର ଜନ୍ମରୁ ୧୬ ବର୍ଷ ବୟସ୍କ ପିଲାଙ୍କୁ ମାଗଣାରେ ସ୍ୱର୍ଣ୍ଣ ପ୍ରାଶନ କରାଯାଇଥିଲା । ସକାଳ ୮ ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ୪ହଜାରରୁ ଊର୍ଦ୍ଧ୍ୱ ଶିଶୁ, କିଶୋର ଓ ପିଲାଙ୍କୁ ସ୍ୱର୍ଣ୍ଣପ୍ରାଶନ ବୁନ୍ଦା ସେବନ କରାଯାଇଥିଲା । ଏହି ସ୍ୱର୍ଣ୍ଣପ୍ରଶାନ ବୁନ୍ଦା ଶିଶୁମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି, ଶାରୀରିକ ଓ ବୌଦ୍ଧିକ ବିକାଶରେ ବେଶ୍ ସହାୟକ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ଆୟୁର୍ବେଦ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ଅରୁଣ କୁମାର ଦାସ ପ୍ରଥମେ ଛୋଟ ପିଲାଙ୍କୁ ବୁନ୍ଦା ଖୁଆଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଓ ହସ୍‌ପିଟାଲର ସମସ୍ତ ପ୍ରାଧ୍ୟାପକ, ଅଧ୍ୟାପକ, ଫିଜିଓ ଓ ହାଉସମ୍ୟାନସିପ୍‌ଙ୍କ ସହ ସମସ୍ତ ଛାତ୍ରୀଛାତ୍ର ଓ କର୍ମକର୍ତ୍ତା ସହଯୋଗ କରିଥିଲେ । ବଲାଙ୍ଗୀର ଆୟୁର୍ବେଦ କଲେଜ ଓ ଡାବର ଇଣ୍ଡିଆର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ସକାଳ ୮ରୁ ୧୨ଟା ପର୍ଯ୍ୟନ୍ତ ସ୍ୱର୍ଣ୍ଣପ୍ରାଶନ ବୁନ୍ଦା କାର୍ଯ୍ୟକ୍ରମ ଚାଲିବ ବୋଲି ଆୟୁର୍ବେଦ କଲେଜ ପକ୍ଷରୁ ସୂଚନା ଦିଆଯାଇଛି ।



ସରକାରୀ ଆୟୁର୍ବେଦିକ କଲେଜରେ ଅନୁଷ୍ଠିତ ସ୍ୱର୍ଣ୍ଣ ପ୍ରାସନ କାର୍ଯ୍ୟକ୍ରମ ।

# ସ୍ଥିତି ପରଖିଲା ଜିଲା ଶିଶୁ ମଙ୍ଗଳ ୟୁନିଟ, ସିଡବ୍ଲୁସି ଟିମ୍

**ନିଖୋଜ ଶିଶୁର ଅସ୍ଥିକଙ୍କାଳ ଉଦ୍ଧାର ଘଟଣା**

ଦେଓଗାଁ, ୮।୨(ଡି.ଏନ.ଏ.)

ଦେଓଗାଁ ଥାନା ସିଲେଟକାନୀରେ ଏକ ୧୧ବର୍ଷର ଶିଶୁ ୧୪ ଦିନ ନିଖୋଜ ପରେ ଗାଁ ନିକଟସ୍ଥ ନଦୀପଠାରୁ ପୋଲିସ ଅସ୍ଥି କଙ୍କାଳ ଉଦ୍ଧାର କରିଥିଲା। ଶୁକ୍ରବାର ସନ୍ଧ୍ୟାରେ ଜିଲା ଶିଶୁ ମଙ୍ଗଳ ୟୁନିଟ ଓ ସିଡବ୍ଲୁସିର ଏକ ଦଳ ଗାଁକୁ ଯାଇ ନିଖୋଜ ଶିଶୁ ବାବୁଲାଲର ପରିବାର ସହ ଆଲୋଚନା କରିଛନ୍ତି। ମୃତ ଶିଶୁର ବାପା ଉଗ୍ରସେନ ବଗର୍ତ୍ତି ଓ ତାଙ୍କ ସହ ଇଟାଭାଟିରେ କାମ କରୁଥିବା ଦାସ ବାରିକଙ୍କ ସହ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ତଦନ୍ତ ଅବସରରେ ମୃତ ଶିଶୁର ବାପା ଉଗ୍ରସେନ ତାଙ୍କ ସହ କାହାରି ଶତ୍ରୁତା ନ ଥିବା କହିଥିଲେ। ତେବେ ଗାଁର ଜନୈକ ବ୍ୟକ୍ତି ଶିଶୁ ନିଖୋଜର କିଛିଦିନ ତଳେ ହଣ୍ଡା(ଗୁପ୍ତଧନ) ପାଇଁ ତାନ୍ତ୍ରିକ ଡାକୁଥିବାରୁ ସେଥିପ୍ରତି ତାଙ୍କର ସନ୍ଦେହ ରହିଥିବା ପ୍ରକାଶ କରିଥିଲେ । ଉକ୍ତ ଟିମରେ ଜିଲା ଶିଶୁ ମଙ୍ଗଳ ୟୁନିଟର ଅଧିକାରୀ ଲକ୍ଷ୍ମୀ ସିଂ, ସିଡବ୍ଲୁସି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ଶିଶୁ ସୁରକ୍ଷା ଅଧିକାରୀ ଭଗବତୀ ଗୁରୁ, ସାମାଜିକ କର୍ମୀ ଅରୁଣ ଖୁଆସ, ବିଦ୍ୟୁତଲତା ଖମାରୀ, ଦେଓଗାଁ ଥାନା ଏସଆଇ କିଶୋର ଚନ୍ଦ୍ର ପତି, ବଡବନ୍ଧ ସରପଞ୍ଚ ଧ୍ରୁବଳେ ରାଉତ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ତଦନ୍ତରେ ସହଯୋଗ କରିଥିଲେ। ଅନ୍ୟପକ୍ଷେ ତୁରନ୍ତ ଅଭିଯୁକ୍ତଙ୍କୁ ଖୋଜି ବାହାର କରିବାକୁ ଯାଦବ ସମାଜ ଦାବି କରିଛି। ଏଦିଗରେ ଅବହେଳା କଲେ ଆଗାମୀ ଦିନରେ ଥାନା ଘେରାଉ ସହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ଅମରପାଲି, ୮।୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମ ଫାଣ୍ଡି ଅନ୍ତର୍ଗତ ଦାଦରପାଲି- ସୁରଧାପାଲି ମଝିରେ ଥିବା ଭୁଗନାଳ ନିକଟରୁ ଶନିବାର ସନ୍ଧ୍ୟାରେ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। ଜନ୍ମହେଲା ପରେ ଶିଶୁକୁ କେହି ନାଳକୁ କେହି ଫିଙ୍ଗି ଦେଇଥିବା ଅନୁମନେ କରାଯାଉଛି। ମୃତଦେହ ନିକଟରେ ଏକ ଚଦର, ବ୍ୟାଗ ଓ ବସ୍ତା ମଧ ପଡିଛି।

# ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୋହିଲା

ଦେଓଗାଁ, ୮।୨(ଡି.ଏନ.ଏ.)

**ପାଟଖଣ୍ଡା ମହୋତ୍ସବର ତୃତୀୟ ସନ୍ଧ୍ୟା**

- ସୋନପୁରର ପଏଁରୀ, ବୌଦ୍ଧ ଖଡଙ୍ଗ ମହୋତ୍ସବ କମିଟି ସମ୍ବର୍ଦ୍ଧିତ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ମିନି ଷ୍ଟାଡିୟମରେ ଚାଲିଥିବା ୧୦ ମ ପାଟଖଣ୍ଡା ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା । ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଶ୍ରମ ଓ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ତଥା ବଲାଙ୍ଗୀର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ସୁଶାନ୍ତ ସିଂ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ଯୋଗଦେଇ ବଲାଙ୍ଗୀର ଜିଲାରେ କଳା ଓ ସଂସ୍କୃତିର ଉତ୍କର୍ଷତା ରହିଛି ବୋଲି କହିଥିଲେ । ଜିଲା ପରିଷଦ ସଭ୍ୟ ସୁଶୀଲ କୁମାର ଚାନ୍ଦ, ବ୍ଲକ ଅଧ୍ୟକ୍ଷା ରୀନା ମେହେର, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ କୁମାର ମେହେର, ଜମିଦାର ଦୁର୍ଗା ପ୍ରସାଦ ସିଂଦେଓ, ପ୍ରମୋଦ କୁମାର ବହିଦାର, କରୁଣାକର ମେହେର. ସମ୍ପାଦକ କୈଳାସ କର୍ତ୍ତି ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସୋନପୁରର ପଏଁରୀ ଓ ବୌଦ୍ଧ ଜିଲାର ଖଡଙ୍ଗ ମହୋତ୍ସବ କମିଟିକୁ ପାଟଖଣ୍ଡା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । କମିଟି ଉପସଭାପତି ଉମା ଶଙ୍କର ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବରଗଡରୁ କଳାକାର ଅତିଥିଭାବେ ଯୋଗଦଇଥିବା ହାସ୍ୟକବି ସଚ୍ଚି ପଣ୍ଡା, ରଞ୍ଜିତ ପଧାନ ଓ ମୁନିରାମ କୁମାର ପ୍ରମୁଖ ହାସ୍ୟ କବିତା ପଠନ କରିଥିଲେ । ମଧୁସୂଦନ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଦ୍ୱିତୀୟ ଦିବସର ସାଂସ୍କୃତିକ ସନ୍ଧ୍ୟାରେ ପ୍ରଥମେ ଗଞ୍ଜାମ ଭଞ୍ଜନଗରର ପଶୁ ନୃତ୍ୟ, ପରେ ସୋନପୁରର ପଏଁରୀ, ପୁରୀର ଗୋଟିପୁଅ ଓ ନବରଙ୍ଗପୁରର ଢେମସା କଳା ପରିଷଦ ଦ୍ୱାରା ପାରମ୍ପରିକ ନୃତ୍ୟ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କ ମନ ଛୁଇଁଥିଲା । ଅପରାହ୍ନରେ ସୁନ୍ଦରମଣି ଦଣ୍ଡସେନା ଓ ଉପେନ୍ଦ୍ର ଥନାପତିଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ କଳାକାରଙ୍କୁ ନେଇ ପରଭା, ଏକକ ଓ ରସରକେଲି ନୃତ୍ୟ ପରିବେଶିତ ହୋଇଥିଲା । ମହୋତ୍ସବ ଅବସରରେ ପ୍ରତ୍ୟହ ସାଂସ୍କୃତିକ ସଭାପ୍ରାରମ୍ଭରେ ରବିନ୍ଦ୍ର କୁମାର ସାହୁ ଓ ସାଥିଙ୍କ ଦ୍ୱାରା ରାବଣ ଦରବାର ଅନୁଷ୍ଠିତ ହେଉଥିଲା ।



ପାଟଖଣ୍ଡା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ସୋନପୁରର ପଏଁରୀ ଅନୁଷ୍ଠାନକୁ ପାଟଖଣ୍ଡା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି ।

ଧରିତ୍ରୀ DHARITRI
ସମ୍ବଲପୁର, ରବିବାର, ୯ ଫେବୃୟାରୀ, ୨୦୨୦



ଯିଏ ତୁମ ଆସିବା ବାଟରେ କଣ୍ଟା ପକାଇଛି, ତୁମେ ତାଙ୍କ ଆସିବା ବାଟରେ ଫୁଲ ବିଛାଅ।
-ସନ୍ଥ କବୀର ଦାସ



## ସଂକ୍ଷେପରେ...

### ୧୧ କେଭି ବିଦ୍ୟୁତ୍ ସ୍ପର୍ଶରେ ଯୁବକଙ୍କ ମୃତ୍ୟୁ

କୁଆଁରମୁଣ୍ଡା,୮।୨(ଡି.ଏନ.ଏ.) ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ତେଲିପୋଷ ଗ୍ରାମର କିଷାନପଡ଼ାର ଜଣେ ଯୁବକଙ୍କ ୧୧ କେଭି ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ମନୋଜ କିଷାନ(୨୬)। ଖବରପାଇ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। କୌଣସି କାରଣ ନ ଥାଇ ମନୋଜ ନିଜ ଗ୍ରାମ ତେଲିପୋଷ ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ୍ ଟାୱାର ଉପରକୁ ଗତ ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଚଢ଼ୁଥିଲେ। ଏହି ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ତଳକୁ ଛିଟିକି ପଡିବା ସହ ତାଙ୍କର ଦେହର ଅର୍ଦ୍ଧାଧିକ ଅଂଶ ପୋଡ଼ିଯାଇଥିଲା। ସଙ୍ଗେସଙ୍ଗେ ସ୍ଥାନୀୟ ଲୋକେ ତାଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରୁ ଡାକ୍ତର ତାଙ୍କୁ ସମ୍ବଲପୁରସ୍ଥିତ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ପରେ ରାଉରକେଲା ଇସ୍ପାତ ଜେନେରାଲ ହସପିଟାଲକୁ ପଠାଇଦେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ମୃତ୍ୟୁ ଘଟିଛି।

# ଦୁର୍ଦ୍ଦଶାରେ ୫୦ହଜାର ଜନସାଧାରଣ

ଟେନ୍‌ସା, ୮।୨ (ଡି.ଏନ.ଏ)

- ଦୁଇଦିନ ହେଲା ଟେନ୍‌ସା କଲେଇପୋଷ ରାସ୍ତା ଜାମ
- ବ୍ୟବସାୟ ବନ୍ଦ, ଦୈନନ୍ଦିନ ଜରୁରୀ ସାମଗ୍ରୀ ମିଳୁନି
- ରୋଗୀ ଯାଇପାରୁନାହାନ୍ତି ଡାକ୍ତରଖାନା
- କାଳହେଲା ବରସୁଆଁ ପୋଲ, ଉଭୟ ପାର୍ଶ୍ୱରେ ୧୦ ହଜାର ଟ୍ରକ
- ଜଙ୍ଗଲ ମଧ୍ୟରେ ଭୋକ ଉପାସରେ ଡ୍ରାଇଭର ହେଲପର

ଦୁଇ ଦିନ ହେଲା ଲଗାଣ ବର୍ଷା ଯୋଗୁ ପୂର୍ତ୍ତବିଭାଗ ପକ୍ଷରୁ ନିର୍ମାଣ କରାଯାଇଥିବା ସୁନ୍ଦରଗଡ଼ ଜିଲା କୋଇଡ଼ାର ବରସୁଆଁ ନୂଆପୋଲର ଉଭୟ ପାର୍ଶ୍ୱ ଶୋଚନୀୟ ହୋଇଛି। ଫଳରେ ଗାଡ଼ିମୋଟର ଦୁଇଦିନ ଧରି ଜାମ ରହିଛି। ଅଞ୍ଚଳର ୫୦ ହଜାର ଜନସାଧାରଣ ଦୁଃଖଦୁର୍ଦ୍ଦଶା ଭୋଗ କରୁଛନ୍ତି। ପୋଲର ଉଭୟ ପଟରେ ନୂଆକରି ମାଟି ପକାଯାଇଛି। ପୂର୍ତ୍ତ ବିଭାଗର ଖାମଖିଆଲି କାମ ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଦୁଇ ଦିନ ହେଲା ଉଭୟ ପାର୍ଶ୍ୱରେ ୧୦ହଜାରରୁ ଊର୍ଦ୍ଧ୍ୱ ଗାଡି ଛିଡା ହୋଇଛି। ଗାଡିର ଡ୍ରାଇଭର ହେଲପର ଦୁଇ ଦିନ ହେଲା ଜଙ୍ଗଲ ମଧ୍ୟରେ ଗାଡି ଛାଡି ଯାଇ ପାରୁନାହାନ୍ତି। ଭୋକ ଉପାସରେ ଦୟନୀୟ ଅବସ୍ଥାରେ ପଡିରହିଛନ୍ତି। କୌଣସି ପ୍ରଶାସନିକ ଅଧିକାରୀ କି ପୂର୍ତ୍ତବିଭାଗ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ପରିସ୍ଥିତି ଭୟାବହ ହୋଇପଡିଛି। କୌଣସି ଗାଡି ଚଳାଚଳ କରିପାରୁନାହିଁ। ଯାତ୍ରୀବାହି ବସଠାରୁ ଆରମ୍ଭ କରି ଦୁଇ ଚକିଆ, ଚାରିଚକିଆ ଯାନ ମଧ୍ୟ ଯାମରେ ଫଶି ରହିଛି।



ବରସୁଆଁ ପୋଲ ପାର୍ଶ୍ୱ ଶୋଚନୀୟ ହୋଇଥିବାରୁ ଗାଡ଼ିଗୁଡିକ ଅଟକି ରହିଛି।

ଏହି ରାସ୍ତା ଉପରେ ନିର୍ଭର କରୁଥିବା କୋଇଡା, ଲହୁଣୀପଡା ବ୍ଲକର ୫୦ ହଜାର ଜନସାଧାରଣ ଅସୁବିଧା ଭୋଗ କରୁଛନ୍ତି। ରାସ୍ତା ଦୁଇ ଦିନ ଜାମ ଯୋଗୁ ବେପାର ବାଣିଜ୍ୟଠାରୁ ଆରମ୍ଭ କରି ସାମଗ୍ରୀ ପରିବହନ ବନ୍ଦ ରହିଛି। ଅଞ୍ଚଳର ଲୋକେ ଦୈନନ୍ଦିନ ଜରୁରୀ ସାମଗ୍ରୀ ପାଇ ପାରୁନାହାନ୍ତି । ରୋଗୀ ବଣାଇ, ଲହୁଣୀପଡା, ରାଉରକେଲା ଯାଇପାରୁନାହାନ୍ତି। ଜିଲା ଖଣିଜ ପାଣ୍ଠି ସହାୟତରେ ପୂର୍ତ୍ତବିଭାଗ ଦାୟିତ୍ୱରେ ଉକ୍ତ ପୋଲ ନିର୍ମାଣ ପାଇଁ ଠିକାଦାର ନିଯୁକ୍ତି କରାଯାଇଥିଲା। ପୋଲ ନିର୍ମାଣ ପରେ ଉଭୟ ପାର୍ଶ୍ୱରେ ଯେଉଁ ମାଟି ଢଳା ହେଲା ତାହା ଠିକ ଭାବେ କାମ କରାଗଲା ନାହିଁ । କି ପଥର କ୍ୱାରି ହେଲା ନାହିଁ । ବର୍ଷା ହେବା ଯୋଗୁ ମାଟି ଧସିକିବା ସହ ତଳକୁ ଦବି ଗଲା । ଏଥିରେ ମୋରମ ଢାଳି ରାସ୍ତାକୁ ଠିକ କରିବା କଥା । ତାହା ନ ହେବା ଯୋଗୁ ଗତ ଦୁଇ ଦିନ ହେଲା ରାସ୍ତା ଜାମ ରହିଛି । କେବେ ଜାମ ହଟିବ ତାହା ଜଣାନାହିଁ। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ବରସୁଆଁ, ଟେନ୍‌ସାବାସୀ ଦାବି କରିଛନ୍ତି।

### ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଲହୁଣୀପଡା, ୮।୨ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ମହୁଲପଦା ଥାନା ଅନ୍ତର୍ଗତ ତସଡା ଗ୍ରାମର ଜଣେ ଯୁବକଙ୍କ ମୃତଦେହ ଗଛରେ ଝୁଲୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ ତସଡା ଗ୍ରାମର ବେଣୁ ଦେହୁରୀ (୨୨)। ସେ ବନ୍ଦାଭୁଇଁ ଗ୍ରାମକୁ ଦେବୀ ପୂଜା ଦେଖିବାକୁ ଯାଇଥିଲେ। ଶୁକ୍ରବାର ମଧ୍ୟାହ୍ନ ୧୨ଟାବେଳେ ତାଙ୍କର ମୃତଦେହ ବନ୍ଦାଭୂଇଁ ଜଙ୍ଗଲ ନିକଟରେ ଏକ ଗଛରେ ଗାମୁଛା ବନ୍ଧହୋଇ ଝୁଲୁଥିବା ଏବଂ ପାଖରେ ପେଣ୍ଟ ଚପଲ ପଡିଥିବା ଲୋକମାନେ ଦେଖିଥିଲେ। ମହୁଲପଦା ଥାନାକୁ ଖବର ଦେଇଥିଲେ। ଖବରପାଇ ମହୁଲପଦା ଥାନା ଅଧିକାରୀ ରାଜେଶ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିବା ଜଣାପଡିଛି । ମହୁଲପଦା ଥାନା ଅଧିକାରୀ ନାୟକଙ୍କ କହିବା ଅନୁସାରେ ଯୁବକଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ହୋଇଛି। ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ସୂଚନା ଦେଇଛନ୍ତି।

## ବିଜୁ ଯୁବ ବାହିନୀ ପକ୍ଷରୁ ଗାଁ ଅଲିମ୍ପିକ

ବଡ଼ଗାଁ, ୮।୨ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଶନିବାର ବଡଗାଁ ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ଗାଁ ଅଲମ୍ପିକ ଅନୁଷ୍ଠିତ ହୋଇଛି। ଏଥିରେ କ୍ୟାରମ, ପୁଚି, ଖପରିଡିଆଁ ଖେଳ ପ୍ରତିଯୋଗିତା ହୋଇଥିଲା। କ୍ୟାରମରେ ରଞ୍ଜିତ ମଇଲ, ପୁଚିରେ ଅଞ୍ଜଳି ମାଝୀ ପ୍ରଥମ, ରିମା ମଇଲ ଦ୍ୱିତୀୟ, ଜୁଲି ସୋରେଙ୍ଗ ତୃତୀୟ, ଖପରିଡିଆଁରେ ମନିଷା ସାମାଟ ପ୍ରଥମ, ଦୀପା ବାଗେ ଦ୍ୱିତୀୟ ଓ ରେଖା ବାଗେ ତୃତୀୟ ସ୍ଥାନ ପାଇଥିଲେ। ଏହି କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ବଡଗାଁ ପଞ୍ଚାୟତ ଯୁବ ବାହିନୀର ସଭାପତି ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଯୁବ ବାହିନୀର ସଦସ୍ୟ ଦୀପକ ବାଗେ, ରଞ୍ଜିତ ମଇଲ, କିରନ ହାସଦା, ମହେଶ ସାମାଟ, ବିଜୟ ଖଡିଆ, ସାଗର ସାମାଟ ସହଯୋଗ କରିଥିଲେ ।



କୃତୀ ପ୍ରତିଯୋଗୀଙ୍କ ଗହଣରେ ଅତିଥି।




ରାଜଗାଙ୍ଗପୁରରେ ଜିଲ୍ଲାସ୍ତରୀୟ କ୍ରୀଡ଼ାଶିକ୍ଷକ ସମ୍ମିଳନୀ ଓ କର୍ମଶାଳାରେ ମଞ୍ଚାସୀନ ଅତିଥି।

## ଜିଲାସ୍ତରୀୟ କ୍ରୀଡ଼ା ଶିକ୍ଷକ ସମ୍ମିଳନୀ, କର୍ମଶାଳା

ସୁନ୍ଦରଗଡ଼, ୮।୨ (ଡି.ଏନ୍.ଏ.) -ରାଜଗାଙ୍ଗପୁର ରାଷ୍ଟ୍ରୀୟ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ କ୍ରୀଡାଶିକ୍ଷକ ସମ୍ମିଳନୀ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲାର ୨୧୦ଜଣ କ୍ରୀଡା ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ରାଜଗାଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସରିତା ସରୋନିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ପରେ ରାଷ୍ଟ୍ରୀୟ ବିଦ୍ୟାଳୟର ଛାତ୍ରୀଛାତ୍ର ସସ୍ମିତା ମିଶ୍ର ଓ ରଞ୍ଜିତ କୁମାର ପଣ୍ଡାଙ୍କ ସହଯୋଗରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ନୀରିକ୍ଷକା ସଂଯୁକ୍ତା ବହିଦାର ସୁନ୍ଦରଗଡର କ୍ରୀଡା ଐତିହ୍ୟ ସମ୍ପର୍କରେ ଆଲୋଚନା କରି ଛାତ୍ରୀଛାତ୍ରମାନେ କିଭଳି ଉନ୍ନତମାନର କ୍ରୀଡା ପ୍ରଦର୍ଶନ କରିବେ ସେ ଦିଗରେ କ୍ରୀଡା ଶିକ୍ଷୟିତ୍ରୀ, ଶିକ୍ଷକ ଉପଯୁକ୍ତ ପ୍ରଶିକ୍ଷଣ ଓ ଉତ୍ସାହ ପ୍ରଦାନ କରିବା ଦିଗରେ ଯତ୍ନବାନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ୧୨ଜଣ ଅବସରପ୍ରାପ୍ତ କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଫୁଲ୍ଲ କୁମାର ସାହୁ ଓ ପ୍ରଫୁଲ୍ଲ କୁମାର ନାୟକ ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ।

## ୯ରୁ ମହିଳା, ପୁରୁଷ ଖେଳାଳି ନାମ ପଞ୍ଜୀକରଣ

### ଏସ୍‌ଡିସି ଫୁଟବଲ କପ୍ -୨୦୨୦

ସୁନ୍ଦରଗଡ, ୮।୨ (ଡି.ଏନ୍.ଏ)

ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ହେବା ପରେ ପ୍ରଥମ ଥର ପାଇଁ ଓଡିଶା ଫୁଟବଲ ଆସୋସିଏଶନ ସହ ମିଳିତ ଭାବରେ ୯ଟି ଜିଲାକୁ ନେଇ ଏସଡିସି ଫୁଟବଲ କପ୍ -୨୦୨୦ ଉଭୟ ମହିଳା ଓ ପୁରୁଷ ବର୍ଗରେ ଆୟୋଜିତ ହେବାକୁ ଯାଉଛି। ଆସନ୍ତା ୨୪ରୁ ୨୮ ତାରିଖ ଯାଏ ମୟୁରଭଞ୍ଜ ଓ କନ୍ଧମାଳ ଠାରେ ଲିଗ ପର୍ଯ୍ୟାୟ ମ୍ୟାଚ ଅନୁଷ୍ଠିତ ହେବ। ମାର୍ଚ୍ଚ ୨ରେ ସେମିଫାଇନାଲ ମ୍ୟାଚ ଗୁଡିକ ସୁନ୍ଦରଗଡ ଓ କେନ୍ଦୁଝରଠାରେ ଅନୁଷ୍ଠିତ ହେବ। ମାର୍ଚ୍ଚ ୫ରେ ଫାଇନାଲ ମ୍ୟାଚ ଭୁବନେଶ୍ୱର ଠାରେ ହେବା ପାଇଁ ସ୍ଥିରିକୃତ ହୋଇଛି। ଫୁଟବଲ ଆସୋସିଏଶନ ଓଡିଶା ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଓଡିଶାରୁ ସୁନ୍ଦରଗଡ ଜିଲା କ୍ରୀଡା ସଂସଦକୁ ଆଦିବାସୀ ମହିଳା ଓପୁରୁଷ ଜିଲା ଫୁଟବଲ ଦଳ ପଠାଇବା ପାଇଁ ନିର୍ଦ୍ଦେଶ ଆସିଛି । ଏହି ନିର୍ଦ୍ଦେଶ ଅନୁଯାୟୀ ଜିଲା କ୍ରୀଡା ସଂସଦ ଫେବୃୟାରୀ ୯ରୁ ଆଦିବାସୀ ମହିଳା ଓ ପୁରୁଷ ଫୁଟବଲ ଖେଳାଳିମାନଙ୍କ ନାମ ପଞ୍ଜିକରଣ ଆରମ୍ଭ ହେବ। ନାମ ପଞ୍ଜିକରଣ କରିବାକୁ ଇଚ୍ଛୁକ ଖେଳାଳିମାନଙ୍କ ଜନ୍ମ ୧୯୮୫ ଜାନୁୟାରୀ ପହିଲାରୁ ୨୦୦୩ ଜାନୁୟାରୀ ପହିଲା ମଧ୍ୟରେ ହେବା ଆବଶ୍ୟକ । ଇଚ୍ଛୁକ ଖେଳାଳିମାନେ ନିଜର ଜନ୍ମ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର, ଆଧାର କାର୍ଡ, ୨ଟି ପାସପୋର୍ଟ ସାଇଜ ଫଟୋ ସାଙ୍ଗରେ ଧରି ଆସିବାକୁ କୁହାଯାଇଛି। ୯ରୁ ୧୩ ପର୍ଯ୍ୟନ୍ତ ଏହି ପଞ୍ଜିକରଣ ହେବ। ନାମ ପଞ୍ଜିକରଣ କରିଥିବା ପୁରୁଷ ଖେଳାଳିଙ୍କୁ ନେଇ ୧୪ରେ ଓ ୧୬ରେ ମହିଳା ଖେଳାଳି ମାନଙ୍କର ଚୟନ ପ୍ରକ୍ରିୟା ଆରମ୍ଭ ହେବ। ଶ୍ରେଷ୍ଠ ମନୋନୀତ ଖେଳାଳିଙ୍କୁ ନେଇ ସୁନ୍ଦରଗଡ ଜିଲା ଦଳ ଗଠନ ହେବ। ନାମ ପଞ୍ଜିକରଣ କରିବା ପାଇଁ ଇଚ୍ଛୁକ ଖେଳାଳିମାନେ ସବିଶେଷ ବିବରଣୀ ଜାଣିବା ପାଇଁ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ ଓ ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳଙ୍କ ସହିତ ଯୋଗାଯୋଗ କରିବା ପାଇଁ ଶନିବାର କ୍ରୀଡା ସଂସଦ ତରଫରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ।

## ଛାତ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

### ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ

ବେଦବ୍ୟାସ, ୮।୨ (ଡି.ଏନ.ଏ)

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ବ୍ୟାସପୀଠ ବେଦବ୍ୟାସ ସ୍ଥିତ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ଶନିବାର ଛାତ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି । ପ୍ରଶିକ୍ଷଣ ଶିବିରକୁ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଉମାକାନ୍ତ ପଣ୍ଡା ଓ ମୁଖ୍ୟଅତିଥି ବିଶିଷ୍ଟ କୃଷିବିତ ପ୍ରେମାନନ୍ଦ ମହାପାତ୍ର ପ୍ରଥମେ ପ୍ରଦୀପ ପ୍ରଜ୍ଜଳନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ବକ୍ତବ୍ୟ ମାଧ୍ୟମରେ ଉତ୍ତମ ସ୍ୱାସ୍ଥ୍ୟ ହେଉଛି ଶିକ୍ଷା ପାଇଁ ଅପରିହାର୍ଯ୍ୟ। ତେଣୁ ରିଆକ୍ଟ ଅନୁସାରେ ଦିଆଯାଉଥିବା ଆତ୍ମସୁରକ୍ଷା ଛାତ୍ରୀମାନଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ବୋଲି କହିଥିଲେ । ପ୍ରଶିକ୍ଷିକା ଜୟା କୁମାରୀ ସିଂ ଓ ତେଜସ୍ୱିନୀ ଷଡଙ୍ଗୀଙ୍କ ନେତୃତ୍ୱରେ ଉପସ୍ଥିତ ପ୍ରାୟ ୬୦ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. ପରମେଶ୍ୱର ଶତପଥି, ଡ. କାଳୀକିଙ୍କର ପଣ୍ଡା, ଡ. କେଦାରନାଥ ପାଢ଼ୀ, ଅଧ୍ୟାପିକା ଶ୍ୟାମାମଳା ଦାସ, ପ୍ରିତିରେଖା ମିଶ୍ର, ସନ୍ତୋଷ କୁମାର ଲେଙ୍କା ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ସହଯୋଗ କରିଥିଲେ । ଏହି ପ୍ରଶିକ୍ଷଣ ଶିବିର ୨ ଦିନ ଧରି ଚାଲିବ । ଶେଷରେ ଅଧ୍ୟାପକ ପରମେଶ୍ୱର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।



ଛାତ୍ରୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ତଦନ୍ତ କଲେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ

ନୂଆଗାଁ, ୮।୨ (ଡି.ଏନ.ଏ)

- ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଚିକିତ୍ସାରେ ଡାକ୍ତରଙ୍କ ଅବହେଳା ପ୍ରସଙ୍ଗ
- ଡାକ୍ତରଙ୍କ ମନମୁଖି କାର୍ଯ୍ୟ, ପୁରୁଣା କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ ଉଠିଲା

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଚିକିତ୍ସାରେ ଡାକ୍ତରଙ୍କ ଅବହେଳା ପ୍ରସଙ୍ଗରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମ୍‌ଓ) ଶନିବାର ତଦନ୍ତ କରିଛନ୍ତି। ଡାକ୍ତରଙ୍କ ମନମୁଖି କାର୍ଯ୍ୟ, ପୁରୁଣା କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳା ନେଇ ଲୋକେ ଅଭିଯୋଗ କରିଥିଲେ। ଗୁରୁବାର ହାତୀବାରି ଥାନା ଟିସ୍କୋ ସ୍ଥିତ ପରିତ୍ୟକ୍ତ ଚୁନପଥର ଖଣିରେ ଗଚ୍ଛିତ ଥିବା ଚିପ୍ସ ଗୁଣ୍ଡକୁ ଏକ ଟ୍ରାକ୍ଟରରେ ଭର୍ତ୍ତି କରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଚିପ୍ସ ଅତଡା ଖସି ହାତୀବାରି ମୁଣ୍ଡାଟୋଲି ଅଞ୍ଚଳର ସଦାନନ୍ଦ ସୁରିନ ଓ ଅରବିନ୍ଦ ଲୁଗୁନ ଗୁରୁତର ହୋଇପଡିଥିଲେ। ସେମାନଙ୍କୁ ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ମୁଖ୍ୟଡାକ୍ତର ବସନ୍ତ ଆନସେଲାନ ଟପ୍ପୋ ଉପସ୍ଥିତ ନ ଥିବାରୁ ଏବଂ ଦୀର୍ଘ ୨ ରୁ ୩ ଘଣ୍ଟା ପରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚି ନ ଥିବାରୁ ସେଠାରେ ସଦାନନ୍ଦଙ୍କ ମୃତ୍ୟୁ ଘଟିଥିବା ଗାଁ ଲୋକେ ଅଭିଯୋଗ କରିଥିଲେ। ଏପରିକି ସମ୍ପୃକ୍ତ ମୁଖ୍ୟ ଡାକ୍ତର ସ୍ୱାସ୍ଥ୍ୟକେନ୍ଦ୍ରକୁ ମାସରେ ୨ ରୁ ୪ ଦିନ ଆସିବା, ନିଜ ମନଇଚ୍ଛା କାର୍ଯ୍ୟକରିବା, ତାଙ୍କ ଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରରେ କେତେଜଣ କର୍ମଚାରୀ କାର୍ଯ୍ୟରେ ଅବହେଳା କରିବା ଭଳି ଅନେକ ଅଭିଯୋଗ ପୂର୍ବରୁ ହିଁ ହୋଇଆସୁଥିଲା। ହେଲେ ବିଭାଗୀୟ ପଦାଧିକାରୀମାନେ ସମ୍ପୂର୍ଣ୍ଣ ନିରବ ଦ୍ରଷ୍ଟା ସାଜିଥିଲେ। କିନ୍ତୁ ଗୁରୁବାର ଦିନର ଘଟଣା ସମ୍ପୃକ୍ତ ଡାକ୍ତରଙ୍କୁ ମହଙ୍ଗା ପଡିଥିଲା। ଦୀର୍ଘ ଦିନର ଅସନ୍ତୋଷ ସେହିଦିନ ଲୋକମାନଙ୍କ ମଧ୍ୟରେ ବିସ୍ଫୋରକ ରୂପ ନେଇଥିଲା। ଦୀର୍ଘ ୫ ଘଣ୍ଟା ଧରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା । ଏପରିକି ସ୍ଥାନୀୟ ପୋଲିସକୁ ମଧ୍ୟ ନାକେଦମ ହେବାକୁ ପଡିଥିଲା। ପରେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ମଧ୍ୟ ଘଟଣାରେ ହସ୍ତକ୍ଷେପ କରିଥିଲେ। ସିଡିଏମଓ ଡା. ଟପ୍ପୋଙ୍କୁ ତୁରନ୍ତ ହାତୀବାରିରୁ ବଦଳି କରିବାକୁ କହିଥିଲେ। ଏହି ଘଟଣା ପରେ ଶନିବାର ସୁନ୍ଦରଗଡ ଜିଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ଏସ.କେ ମିଶ୍ର ହାତୀବାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚି ଘଟଣାର ତଦନ୍ତ କରିଥିବା ଜଣାପଡିଛି। ସିଡିଏମଓ ମିଶ୍ରଙ୍କୁ ହାତୀବାରି ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ଓ ନୂଆଗାଁ ବ୍ଲକ ବିଜେଡି ସଭାପତି ଦିଗାମ୍ବର ଦାସ ସାକ୍ଷାତ କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ବିଭିନ୍ନ ଅବ୍ୟବସ୍ଥା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ବିଶେଷକରି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଓ ପାରିପାର୍ଶିକ ସମସ୍ୟା ତ ଅନେକ ରହିଛି ହେଲେ ଏଠାରେ ଦୀର୍ଘ ବର୍ଷରୁ ଯେଉଁ ଡାକ୍ତରଙ୍କୁ ମୁଖ୍ୟ ଚିକିତ୍ସାଧିକାରୀଭାବରେ ନିଯୁକ୍ତି ଦିଆଯାଇଛି ତାଙ୍କର କାର୍ଯ୍ୟଶୈଳୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁଧାରି ପାରୁନାହିଁ। ବରଂ ସମ୍ପୃକ୍ତ ମୁଖ୍ୟ ଡାକ୍ତରମାନେ କିଛି ପୁରୁଣା କର୍ମଚାରୀଙ୍କ ହାତବାରିସି ପାଲଟି ଯାଉଛନ୍ତି। ସେହିଭଳି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ତାଙ୍କ ପାଇଁ କ୍ୱାର୍ଟର୍ସ ଥିବା ସତ୍ତ୍ୱେ ସେମାନେ ରାଉରକେଲାରୁ ନିଜ ମନଇଚ୍ଛା ଯାଆସ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ହେଲା କି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର କିଛି ପୁରୁଣା କର୍ମଚାରୀ ଓ ନର୍ସ ଦୀର୍ଘ ବର୍ଷରୁ ଏଠାରେ ନିଜର ଆସ୍ଥାଜମାଇ ବସିଛନ୍ତି। ସରକାରଙ୍କ ବଦଳି ନିୟମ ତାଙ୍କ ପାଇଁ ଲାଗୁନାହିଁ। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନୂଆଗାଁ ବ୍ଲକର ହାରାହାରି ୮ଟି ପଞ୍ଚାୟତର ୫୦ ହଜାର ଲୋକେ ପ୍ରତ୍ୟେକ୍ଷ ଭାବେ ନିର୍ଭର କରୁଥିବା ବେଳେ ଉକ୍ତ ଅଞ୍ଚଳ ଏକ ମ୍ୟାଲେରିଆ ପ୍ରବଣ ଅଞ୍ଚଳ। ହେଲେ ଏଠାରେ ନିଯୁକ୍ତ ଥିବା କେତେଜଣ ମ୍ୟାଲେରିଆ ସୁପରଭାଇଜର ଓ ସ୍ୱାସ୍ଥ୍ୟକର୍ମୀ ନିଜ କାର୍ଯ୍ୟକୁ ନ ଯାଇ ହାତୀବାରି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆସ୍ଥାଜମାଇ ବସିଛନ୍ତି। ଯେ କୌଣସି ମୁଖ୍ୟ ଡାକ୍ତର ଆସିଲେ ତାଙ୍କୁ ମାଲିସ କରି ସରକାରଙ୍କ ଦରମା ଠିକ ନେଉଛନ୍ତି। ତେବେ ଏଭଳି ସମସ୍ୟା ନେଇ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ଜଣାପଡିଛି। ହେଲେ ସିଡିଏମ୍‌ଓ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଆଗାମୀ ଦିନରେ ଜଣାପଡ଼ିବ।



ଜିଲା ମୁଖ୍ୟ ଚିକିତ୍ସାଧିକାରୀ ହାତୀବାରି ସ୍ୱାସ୍ଥ୍ୟକେନ୍ଦ୍ରକୁ ତଦନ୍ତ ଲାଗି ଆସିଛନ୍ତି।



ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଯାଏ।
- ଉତ୍କଳଗୌରବ ମଧୁସୂଦନ ଦାସ



## ସେଲ୍ଫି କର୍ଣ୍ଣର



ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ସମୀର



ସୂଚିକାନ୍ତ



ନିର୍ମଳ



ଜ୍ଞାନ



ବିଶ୍ୱଜିତ୍



ଯୁଧିଷ୍ଠିର



ଏନ.କେ ପଟେଲ

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ**
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗ

## ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

**ଝାରସୁଗୁଡ଼ା ଅଫିସ,୮।୨**

ଝାରସୁଗୁଡ଼ା ଜିଲା ରାଜପୁର ଗ୍ରାମର ପୂଜା ପ୍ରଧାନ ୪ ବର୍ଷ ତଳେ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆପେଣ୍ଡିକ୍ସ ଅପରେଶନ କରାଇଥିଲେ। ହେଲେ ଅପରେଶନ ହୋଇଥିବା ସ୍ଥାନଟି ଠିକ୍ ଭାବେ ମିଶୁ ନ ଥିବା ବେଳେ ଉକ୍ତସ୍ଥାନରୁ ରକ୍ତ ସ୍ରାବ ହେଉଛି। ଏନେଇ ପରିବାର ଲୋକେ ବାରମ୍ବାର ପୂଜାଙ୍କୁ ହସ୍ପିଟାଲ ଆଣି ଡାକ୍ତରଙ୍କୁ ଦେଖାଇଛନ୍ତି। ହେଲେ ଚିକିତ୍ସାରେ ଅବହେଳା ଯୋଗୁ ଅପରେଶନ ଭଲ ହେଉ ନ ଥିବା ପୂଜାଙ୍କ ମା' ଯଶୋଦା ଶୁକ୍ରବାର ଅଭିଯୋଗ କରିଛନ୍ତି। ଶୁକ୍ରବାର ପୂଜାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଛି। ଏପରି କି ପୁଣି ପୂଜାଙ୍କୁ ଅସ୍ତ୍ରୋପଚାର କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଚିକିତ୍ସା କରୁଥିବା ଡାକ୍ତର ତାଙ୍କୁ ଅନ୍ୟତ୍ର ନେବାକୁ ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲେ। ହେଲେ ପୂଜାଙ୍କୁ ଠିକ୍ କରିବା ପରେ ହିଁ ଯିବେ ବୋଲି ପୂଜାଙ୍କ ମା' ଯଶୋଦା ଜିଦ ଧରି ଚିକିତ୍ସାଳୟରେ ବସି ରହିଥିଲେ। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କୁ ଅବଗତ କରାଇଥିଲେ। ପରେ ମନ୍ତ୍ରୀ ଦାସ ପୂଜାଙ୍କୁ ସମସ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଦାସ ଗଣମାଧ୍ୟମକୁ କହିଛନ୍ତି।



ଝାରସୁଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ପୂଜା ଓ ତାଙ୍କ ସମ୍ପର୍କୀୟ।

# ସାମାଜିକ ଗଣମାଧ୍ୟମରେ ଉତ୍ତର ରଖିବେ ସମବାୟ ମନ୍ତ୍ରୀ ୧୩ରେ ଲାଇଭ୍

**ଭୁବନେଶ୍ୱର,୮।୨(ବ୍ୟୁରୋ)**

ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଚଳିତ ମାସ ୧୩ ତାରିଖ(ଗୁରୁବାର) ଅପରାହ୍ନ ୪ଟାରେ ସାମାଜିକ ଗଣମାଧ୍ୟମରେ ଲାଇଭ୍ (ସିଧାପ୍ରସାରଣ)ରେ ଆସିବେ। ବିଭାଗ ସମ୍ବନ୍ଧୀୟ ବିଭିନ୍ନ ପ୍ରଶ୍ନର ସେ ଉତ୍ତର ରଖିବେ, ତାଙ୍କ ଟୁଇଟର/ଫେସବୁକ୍‌ରେ ଏହାର ସିଧାପ୍ରସାରଣ କରାଯିବ। ଯେଉଁମାନେ ତାଙ୍କୁ କୌଣସି ପ୍ରସଙ୍ଗରେ ପ୍ରଶ୍ନ କରିବାକୁ ଚାହାଁନ୍ତି, ୧୧ ତାରିଖ ପୂର୍ବରୁ ପ୍ରଶ୍ନ ପଠାଇବା ସହ ଟୁଇଟ୍ କରିବାକୁ ଅନୁରୋଧ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫-ଟି କାର୍ଯ୍ୟକ୍ରମକୁ ଆଉ ଗୋଟିଏ ପାଦ ଆଗକୁ ନେବାକୁ ଏପରି ପ୍ରୟାସ କରାଯାଉଛି।

# ଭଗବାନ ପୃଷେଠ ହାଇସ୍କୁଲର ବାର୍ଷିକୋତ୍ସବ




ଭଗବାନ ପୃଷେଷ୍ଠ ହାଇସ୍କୁଲର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଲଖନପୁର, ୮।୨(ଡି.ଏନ.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ ଗୁଡିଆଲି ଭଗବାନ ପୃଷେଠ ହାଇସ୍କୁଲ୍, ଏମ୍‌ଇ ସ୍କୁଲ ଓ ଆଶ୍ରମ ସ୍କୁଲର ୩୪ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ବସନ୍ତ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥିଭାବେ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଖୀଣ୍ଡା ହାଇସ୍କୁଲ୍ ଶିକ୍ଷକ ଡ. ଗୌରୀଦାସ ପ୍ରଧାନ, ସମ୍ମାନିତ ଅତିଥିଭାବେ ସରପଞ୍ଚ ଚିତ୍ରସେନ ଧୁରୁଆ, ବିଶ୍ୱନାଥ ନାୟକ ଓ ରବିନ୍ଦ୍ର ପୃଷେଠ ମଞ୍ଚାସୀନ ଥିଲେ। ଶିକ୍ଷକ ଦେବାଶିଷ ସାହୁ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ଅନ୍ତର୍ଯ୍ୟାମୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିମଧ୍ୟରେ ପ୍ରଧାନଶିକ୍ଷକ ମିଶ୍ର ସ୍କୁଲର ବିଭିନ୍ନ ସମସ୍ୟା ସମ୍ପର୍କରେ ମୁଖ୍ୟଅତିଥି ବିଧାୟକ ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଗୁଡିକ ମଧ୍ୟରେ ଛାତ୍ରୀଛାତ୍ରଙ୍କ ଖେଳିବା ପାଇଁ ମିନି ଷ୍ଟାଡିୟମ୍, ପରିଶ୍ରାଗାର, ପେଣ୍ଡାଲ୍ ସୌନ୍ଦର୍ଯ୍ୟକରଣ ଅନ୍ତର୍ଭୁକ୍ତ। ଏହାର ସମାଧାନ ଦିଗରେ ଦୃଷ୍ଟି ଦିଆଯିବ ବୋଲି ମହାନ୍ତି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗୀତାରେ କୃତ କାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନେ ଓଡିଶୀ ନୃତ୍ୟ, ସ୍ୱଚ୍ଛ ଭାରତ, ରାଧେକୃଷ୍ଣ, ଶିବ ତାଣ୍ଡବ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶ କରିଥିଲେ। ଲିଙ୍ଗରାଜ ବିଶ୍ୱାଳ ନିର୍ଦ୍ଦେଶନା ଦେଇଥିଲେ। ସ୍କୁଲ୍‌ର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅଭିଭାବକମାନେ ସହଯୋଗ କରିଥିଲେ। ଶିକ୍ଷକ ଅକ୍ଷୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଡ଼ି ଧକ୍କାରେ ହରିଣ ମୃତ

**ଝାରସୁଗୁଡା ଅଫିସ,୮।୨**

ଝାରସୁଗୁଡା ଜିଲା ବୁର୍ଖାମୁଣ୍ଡାରୁ କାତିକେଲା ରାସ୍ତାର ମେଟାକାନି ମନ୍ଦିର ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ହରିଣର ମୃତ୍ୟୁ ଘଟିଛି। ବନ ବିଭାଗ ଶନିବାର ହରିଣର ମୃତଦେହକୁ ଉଦ୍ଧାର କରିଥିଲା। ପରେ ବନ ବିଭାଗ ମୃତ ହରିଣରକୁ ଜିଲା ପ୍ରାଣୀ ଚିକିତ୍ସାଳୟକୁ ଆଣି ବ୍ୟବଚ୍ଛେଦ କରାଇଥିଲା। ବ୍ୟବଚ୍ଛେଦ ପରେ ବନ ବିଭାଗ ହରିଣକୁ ପୋତି ଦେଇଛି। ଏନେଇ ବନାଞ୍ଚଳ ଅଧିକାରୀ ରାମଚନ୍ଦ୍ର ବେହେରାଙ୍କୁ ପଚାରିବାରୁ କାତିକେଲା ଜଙ୍ଗଲରୁ ହରିଣଟି ରାସ୍ତା ପାରି ହେଉଥିବା ବେଳେ ଏକ ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିବା ଅନୁମାନ କରାଯାଉଛି। ଏନେଇ ବନ ବିଭାଗ ଘଟଣାର ଅଧିକ ତଦନ୍ତ ଚଳାଇଥିବା ସେ କହିଛନ୍ତି।



ହରିଣର ବ୍ୟବଚ୍ଛେଦ ପରେ ବନ ବିଭାଗ ପକ୍ଷରୁ ପୋତି ଦିଆଯାଉଛି।

# ସୁବର୍ଣ୍ଣଗ୍ରାହୀ ମନ୍ଦିର ବାର୍ଷିକ ଉତ୍ସବ

**ଲଇକେରା,୮।୨(ଡି.ଏନ.ଏ.):** ଝାରସୁଗୁଡା ଜିଲା ଲଇକେରାସ୍ଥିତ ଶୌଣ୍ଡିକ ସମାଜର ସୁବର୍ଣ୍ଣଗ୍ରାହୀ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ କଳସ ଶୋଭାଯାତ୍ରା ସହ ଅଧିବାସ କାର୍ଯ୍ୟ ହୋଇଥିଲା। ଶନିବାର ପୂଜା ସହ ହୋମ କାର୍ଯ୍ୟ ହୋଇଥିଲା। ପରେ କମିଟି ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଝାରସୁଗଡ଼ା, ଲଇକେରା, କୋଲାବିରା ଓ କିର୍ମିରା ଶୌଣ୍ଡିକ ସମାଜର କର୍ମକର୍ତ୍ତା ଯୋଗଦେଇ ଥିଲେ।

# ବାବୁସାନ ଶ୍ରେଷ୍ଠ ଅଭିନେତା, ଭୂମିକା ଶ୍ରେଷ୍ଠ ଅଭିନେତ୍ରୀ

**ପୁରୀ ଅଫିସ, ୮।୨:** ୱିନିଂ ଏବଂ ସ୍ପୋର୍ଟିଂ କ୍ଲବ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଗୋଲ୍ଡେନ ବିଚ୍‌ରେ ଦୁଇଦିନିଆ ୧୫ତମ ଓଡ଼ିଆ ଫିଲ୍ମ ଓ ଟିଭି ଆୱାର୍ଡ ଶୋ' ଟାଇମ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମିଷ୍ଟର ମଜ୍‌ନୁ ଚଳଚ୍ଚିତ୍ର ଲାଗି ବାବୁସାନ୍ ଶ୍ରେଷ୍ଠ ଅଭିନେତା, ନାୟକର ନାଁ ଦେବଦାସ ଚଳଚ୍ଚିତ୍ର ପାଇଁ ଭୂମିକା ଶ୍ରେଷ୍ଠ ଅଭିନେତ୍ରୀ ଟାଇଟଲ ହାସଲ କରିଛନ୍ତି। ଶ୍ରୀତମ ଦାସ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା (ଗୋଲମାଲ ଲଭ୍) ଏବଂ ପ୍ରତିଭା ପଣ୍ଡା ପାର୍ଶ୍ୱ ଅଭିନେତ୍ରୀ (ପ୍ରେମ ପାଇଁ ମହାଭାରତ), ପ୍ରେମାନନ୍ଦ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ (ଅଜବ ସଞ୍ଜୁର ଗଜବ ଲଭ୍), ସୁଧାକର ବସନ୍ତ ଶ୍ରେଷ୍ଠ କୋରିଓଗ୍ରାଫର (ବୋବାଲ ଟୋକା), କଣ୍ଠଶିଳ୍ପୀ ସତ୍ୟଜିତ ଏବଂ ଅନ୍ତରା ଚକ୍ରବର୍ତ୍ତୀ ଶ୍ରେଷ୍ଠ ସଙ୍ଗୀତ, ଅସିତ ପତି ଶ୍ରେଷ୍ଠ ଖଳ ଅଭିନେତା (ଅଜବ ସଞ୍ଜୁର ଗଜବ ଲଭ୍) ଅଶୋକ ପତି ଶ୍ରେଷ୍ଠ ନିର୍ଦ୍ଦେଶକ (ମିଷ୍ଟର ସଞ୍ଜୁ) ଏବଂ ଶ୍ରେଷ୍ଠ ଫିଲ୍ମ ଭାବେ ତରଙ୍ଗ ସିନେ ପ୍ରଡକ୍ସନ ପ୍ରାୟୋଜିତ ମିଷ୍ଟର ସଞ୍ଜୁ ପୁରସ୍କୃତ ହୋଇଛନ୍ତି। ଫିଲ୍ମ 'ବାଳ' ଲାଗି ସମୀର ଶତପଥୀ ଶ୍ରେଷ୍ଠ ନବାଗତ ଏବଂ ସାୟଲ (ତାଲ୍ ଟିକେ ଦୁଷ୍ଟ ହେବା) ଶ୍ରେଷ୍ଠ ନବାଗତ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ଦେବୀଦତ୍ତ ମହାନ୍ତି (ତାଲ୍ ଟିକେ ଦୁଷ୍ଟ ହେବା) ଶ୍ରେଷ୍ଠ ସଂଳାପ ଲେଖକ, ସଞ୍ଜୟ ମହାକୁଡ଼ ଶ୍ରେଷ୍ଠ ସଂଳାପ, ସୁଶାନ୍ତ ମଣି ଚଳଚ୍ଚିତ୍ର ନିମ୍‌କୀ ଲାଗି ଶ୍ରେଷ୍ଠ ସମ୍ପାଦକ, ବାପା ତମେ ଭାରି ଦୁଷ୍ଟ ଚଳଚ୍ଚିତ୍ର ଲାଗି ଶ୍ରେଷ୍ଠ ହାସ୍ୟ ଅଭିନେତା ଭାବେ ପ୍ରଦ୍ୟୁମ୍ନ ଲେଙ୍କା ଏବଂ ଶ୍ରେଷ୍ଠ ଫିଲ୍ମ ସାମ୍ବାଦିକ ଭାବେ ଆଦିକନ୍ଦ ରାଉତଙ୍କୁ ସମ୍ମାନିତ କରାଯାଇଥିଲା।

# ପ୍ରଥା ଦାୟରେ ଏବେ ବି ବଳି ପଡୁଛନ୍ତି ବାଳିକା

**ପବନ ପାଣିଗ୍ରାହୀ**
**ଜୟପୁର,୮।୨**

## ଅପୁନି ବାଲ୍ୟ ବିବାହ ଧାରା

- ପ୍ରଶାସନ ପାଖରେ ପ୍ରଭାବୀ ଯୋଜନା ନାହିଁ
- ସଭାସମିତିରେ ସୀମିତ ରହିଛି ସଚେତନତା

ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲାରେ ଏବେ ବି ବାଲ୍ୟ ବିବାହ ପ୍ରଥା ପ୍ରଚଳିତ ରହିଛି। ପ୍ରଶାସନ ପକ୍ଷରୁ ବାରମ୍ବାର ବାଲ୍ୟ ବିବାହ ରୋକାଯିବା ଘଟଣା ଦର୍ଶାଉଛି ଯେ ଏଯାବତ୍ ଏହି ପ୍ରଥା ଲୋପ ପାଇନାହିଁ। ନିରକ୍ଷରତା ଓ ସଚେତନତାର ଅଭାବ ସହ ପରମ୍ପରାକୁ ଆବୋରି ବସିବା ଯୋଗୁ ଏବେ ବି ବଳି ପଡୁଛନ୍ତି ବାଳିକା। ବାଲ୍ୟ ବିବାହ ବିରୋଧରେ ପ୍ରଶାସନର ସଚେତନତା କେବଳ ଜିଲାସ୍ତରୀୟ ସଭାସମିତି, ସମୀକ୍ଷା ବୈଠକରେ ସୀମିତ ରହିଥିବା ବେଳେ ତୃଣମୂଳ ସ୍ତରରେ ଏହାର ପ୍ରକୃତ ପ୍ରଭାବ ପଡୁନାହିଁ। ଚାଇଲ୍ଡ ଲାଇନ ବିଭାଗ ସହଯୋଗ ନ କଲେ ଏହାକୁ ରୋକିବା ଦିଗରେ ସଫଳତା ନେଇ ଆଶଙ୍କା ପ୍ରକାଶ ପାଇଛି।

ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରି, ରାୟଗଡ଼ା, ନବରଙ୍ଗପୁର ଓ କୋରାପୁଟ ଜିଲାରେ ୬୦ ପ୍ରତିଶତରୁ ଅଧିକ ଆଦିବାସୀ ଲୋକ ରହୁଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବହୁ ପ୍ରଚଳିତ ପରମ୍ପରା ସହ ଦାରିଦ୍ର୍ୟତା ଯୋଗୁ କମ୍ ବୟସରେ ଝିଅମାନେ ବିବାହ କରିଥାନ୍ତି। ବାଲ୍ୟ ବିବାହ ଓ କମ୍ ବୟସରେ ମାତୃତ୍ୱ ଲାଭ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥିବା ବେଳେ ଏହା ସାଂସାରିକ ଭବିଷ୍ୟତ ଗଢ଼ିବାରେ ଏକ ବାଧକ ଭାବେ ରହିଆସିଛି। ଯେଉଁ ସମୟରେ କିଶୋରୀମାନେ ବିଦ୍ୟାଳୟରେ ପାଠ ପଢ଼ିବା କଥା, ସେହି ସମୟରେ ବିବାହ ସେମାନଙ୍କ ଭବିଷ୍ୟତକୁ ଅନିଶ୍ଚିତତା ଭିତରକୁ ଠେଲିଦିଏ। ଆଦିବାସୀ ଝିଅ ୧୨ରୁ ୧୩ ବର୍ଷ ବୟସରେ ବିବାହ କରୁଛନ୍ତି। ଅଳ୍ପ ବୟସରେ ଗର୍ଭଧାରଣ କରି ପ୍ରସବକାଳୀନ ମୃତ୍ୟୁମୁଖରେ ପଡୁଛନ୍ତି। ପରିସଂଖ୍ୟାନ ଅନୁଯାୟୀ, ବାଲ୍ୟବିବାହ କ୍ଷେତ୍ରରେ ରାଜ୍ୟରେ ମାଲକାନଗିରି ଜିଲା ପ୍ରଥମ ଓ କୋରାପୁଟ ଜିଲା ଚତୁର୍ଥ ସ୍ଥାନରେ ରହିଛି। ନିରକ୍ଷରତା ଓ ସଚେତନତାର ଅଭାବ ଯୋଗୁ ବାଲ୍ୟ ବିବାହ ପ୍ରଥା ଆଶାନୁରୂପ ଭାବେ ବନ୍ଦ ହୋଇପାରି ନ ଥିବା ୟୁନିସେଫ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଯାଇଛି। ସରକାର ଏ ଦିଗରେ ପ୍ରଭାବୀ ପଦକ୍ଷେପ ନେଉନାହାନ୍ତି। ଏ ସମ୍ପର୍କରେ ଆଇସିଡିଏସ୍ ପ୍ରୋଗ୍ରାମ ଅଫିସର ସ୍ୱର୍ଣ୍ଣଭା ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲ୍ୟ ବିବାହ ରୋକିବା ପାଇଁ ଜିଲାପାଳଙ୍କଠାରୁ ଆରମ୍ଭ କରି ସମସ୍ତଙ୍କ ଉଦ୍ୟମ ଜାରି ରହିଛି।

### ୨୦୧୯-୨୦ରେ କୋରାପୁଟ ଜିଲାରେ ଅଟକିଛି ୪୯ ବାଲ୍ୟ ବିବାହ

୨୦୧୯-୨୦ରେ ଜିଲାରେ ୪୯ଟି ବାଲ୍ୟ ବିବାହ ରୋକିଥିଲା କୋରାପୁଟ ପ୍ରଶାସନ। ଗତ ଜାନୁଆରୀ ୧୮ରେ ବୈପାରିଗୁଡ଼ା ଥାନା ଲିମା ଗ୍ରାମରେ ବାଲ୍ୟ ବିବାହ ରୋକାଯାଇଥିଲା। ୩୦ ଜାନୁଆରୀରେ ଗୋଟିଏ ଦିନରେ ୫ଟି ବାଲ୍ୟ ବିବାହ ବନ୍ଦ କରିବାରେ ସଫଳ ହୋଇଥିଲା ପ୍ରଶାସନ। ବୈପାରିଗୁଡ଼ା ବ୍ଲକ ଦଣ୍ଡାବାଡ଼ି, ଟିପାକୁର, କୋଲାର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏହି ବିବାହ ହେବାର ଥିଲା। ଦଣ୍ଡାବାଡ଼ି ଛତାଆମରେ ୨ ଜଣ ନାବାଳିକା, କୋଲାର ଜି. ମାଳିଗୁଡ଼ାରେ ଜଣେ ନାବାଳକ, ଟିପାକୁର ଓ କେନ୍ଦୁକୁଣ୍ଡରେ ୨ ଜଣ ନାବାଳିକାଙ୍କ ବିବାହ ରୋକାଯାଇଥିଲା। ଫେବୃଆରୀ ୫ରେ ଲକ୍ଷ୍ମୀପୁର ଓ ୬ରେ କୋଟପାଡ଼ ଓ ଲକ୍ଷ୍ମୀପୁରରେ ବାଲ୍ୟ ବିବାହରେ ହସ୍ତକ୍ଷେପ କରି ଅଟକାଇଥିଲା ପ୍ରଶାସନ।

## ଫଟୋରେ ଖବର



ଝାରସୁଗୁଡ଼ା ଜିଲା କୋଲାବିରା ଅଙ୍ଗନୱାଡି କେନ୍ଦ୍ର-୧ ନିକଟରେ ଥିବା ଏକ ଶୁଖିଲା ଗଛର ଡାଳ ଭାଙ୍ଗି ଅଙ୍ଗନୱାଡି କେନ୍ଦ୍ର ଗେଟ ସମ୍ମୁଖରେ ପଡିଛି। ହେଲେ ଏଥିରେ କାହାରି କୌଣସି କ୍ଷତି ଘଟିନାହିଁ।



ଯେଉଁ ଲୋକ ନିଜକୁ ଆୟତ୍ତରେ ରଖି ପାରିଛି ସିଏ ହିଁ ସବୁଠାରୁ ଶକ୍ତିଶାଳୀ।
- ସେନେକା

## ସଂକ୍ଷେପରେ...

### ବଣାଇ ଅଞ୍ଚଳରେ ଦନ୍ତାହାତୀର ଉପଦ୍ରବ, ଭୟଭୀତ ଗ୍ରାମବାସୀ

ବଣାଇ, ୮।୨(ସ୍ୱ.ପ୍ର.)

ବଣାଇ ବ୍ଲକ ଅଞ୍ଚଳରେ ଦନ୍ତାହାତୀର ଉପଦ୍ରବ ଯୋଗୁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ଅଛନ୍ତି। ବ୍ଲକର ତଳିତା ଗ୍ରାମଠାରେ ଗୋଟିଏ ଦନ୍ତାହାତୀ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଥିବା ବେଳେ ଗ୍ରାମବାସୀଙ୍କ ବାସଗୃହ ଭାଙ୍ଗି ଦେଉଥିବାରୁ ସେମାନେ ଚିନ୍ତିତ ଅବସ୍ଥାରେ ରହିଥିବା ଜଣାପଡ଼ିଛି। ଗ୍ରାମଲୋକେ ରାତିରେ ଶୋଇଥିବା ବେଳେ ମଧ୍ୟରାତ୍ରରେ ଦନ୍ତାହାତୀ ହଠାତ ଗ୍ରାମ ମଧ୍ୟରେ ପ୍ରବେଶକରି ଧାନ ଖାଇଦେବା ସହ ଗ୍ରାମର ବାଣୀପାଣି ନାଏକ, ପ୍ରତାପ ଲୁହୁରା, କଲୁଣୀ ଲୁହୁରା ଏବଂ ଗୋମତୀ ଲୁହୁରାଙ୍କ ବାସଗୃହ ଭାଙ୍ଗି ଦେଇଛି। ସେହିପରି ସେଠାରେ ଥିବା ଏକ ବାଇକକୁ କଚାଡି ଭାଙ୍ଗି ଦେଇଥିବା ବେଳେ କଳକା ଫସଲ ଖାଇଦେଇଛି। ପରିବାର ଲୋକେ ଏ ବିଷୟରେ ଗ୍ରାମବାସୀଙ୍କୁ ଖବର କରିବା ପରେ ଗ୍ରାମବାସୀ ବାଣ ଫୁଟାଇ ହାତୀ ବଜାର ନିକଟସ୍ଥ ଧରଣୀଧରପାଲି ଜଙ୍ଗଲକୁ ଘଉଡାଇ ଦେଇଥିଲେ। ତେବେ ସ୍ଥାନୀୟ ବନବିଭାଗ ଗ୍ରାମବାସୀଙ୍କ ଏହି କ୍ଷୟକ୍ଷତି ପରିମାଣର ସାହାଯ୍ୟ ବହୁତ କମ ଅର୍ଥପ୍ରଦାନ କରୁଥିବାରୁ ତାକୁ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ବନବିଭାଗ ପକ୍ଷରୁ ଏଥିପ୍ରତି ଦୃଷ୍ଟି ନଦେଲେ ଗ୍ରାମବାସୀ ବାଧ୍ୟ ହୋଇ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି। ହାତୀକୁ ଘଉଡ଼ାଇବାକୁ ବନବିଭାଗ ପଦକ୍ଷେପ ଗ୍ରହଣ ସହ କ୍ଷୟକ୍ଷତି ପରିମାଣ ରାଶି ଅଧିକ ଦେବାକୁ ଲୋକେ ଦାବି କରିଛନ୍ତି। ନଚେତ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# କୁଣ୍ଡୁକେଲା ଗ୍ରାମରେ ଭକ୍ତିମୟ ପରିବେଶ





କୁଣ୍ଡୁକେଲା ଗ୍ରାମରେ ଅନୁଷ୍ଠିତ ଜଗା ବଡଦେଓ ପୂଜନୋତ୍ସବରେ ଶ୍ରଦ୍ଧାଳୁ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ଇବ୍ ନଦୀରୁ ପୂଜାର୍ଚ୍ଚନା କରି ଜଳ ଆଣୁଛନ୍ତି। କୁଣ୍ଡୁକେଲା କଲ୍ୟାଣ ମଣ୍ଡପରେ ଜଗାବଡଦେଓଙ୍କ ପୂଜାର୍ଚ୍ଚନା କରୁଛନ୍ତି।

**ମହିଳାଙ୍କ କଳସ ଶୋଭାଯାତ୍ରା, ଜଗାବଡ଼ଦେଓ ପୂଜନୋତ୍ସବ ପାଳିତ**

ସୁନ୍ଦରଗଡ଼, ୮।୨ (ଡି.ଏନ୍.ଏ)

ସଦର ବ୍ଲକ ଅନ୍ତର୍ଗତ କୁଣ୍ଡୁକେଲା ଗ୍ରାମକଲ୍ୟାଣ ମଣ୍ଡପଠାରେ ଶ୍ରୀଶ୍ରୀ ଜଗା ବଡଦେଓଙ୍କ ପୂଜନୋତ୍ସବ ବୁଧବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଶତାଧିକ ମହିଳା, ପୁରୁଷ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା ପରେ ଏହି ପୂଜା ଅନୁଷ୍ଠିତ ହୋଇଥିଲା। ଏହି ପୂଜାରେ କର୍ତ୍ତା ଭାବେ ଭୀମସେନ ନାଏକ କାର୍ଯ୍ୟ ତୁଲାଇଥିଲେ। କମିଟିର ସଭାପତି ଧ୍ରୁବଚରଣ ପ୍ରଧାନ, ସମ୍ପାଦକ ଜୈକାଶ ଚନ୍ଦ୍ର କୁମରା, କୋଷାଧ୍ୟକ୍ଷ ପ୍ରସୁନ୍ନ ନାଏକ ଓ ଗ୍ରାମ ସଭାପତି ଇନ୍ଦ୍ରଜିତ ନାଏକ ଓ କମିଟିର ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ସମସ୍ତ କାର୍ଯ୍ୟ ସୁଚାରୁରୂପେ ପରିଚାଳନାରେ ସହଯୋଗ କରିଥିଲେ। ରାତିରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭାରେ ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

### ଝିପି ଝିପି ବର୍ଷା ସାଙ୍ଗକୁ କୋହଲା ପାଗ, ଜନଜୀବନ ପ୍ରଭାବିତ

ସୁନ୍ଦରଗଡ଼,୮।୨ (ଡି.ଏନ୍.ଏ)

ଗତ ୨ଦିନ ହେବ ଝିପି ଝିପି ବର୍ଷା ଓ କୋହଲା ପାଗ ଯୋଗୁ ଏଠାରେ ଜନଜୀବନ ପ୍ରଭାବିତ ହୋଇଛି। କୋହଲା ପାଗ ସାଙ୍ଗକୁ କାଲୁଆ ପବନ ଦେହ ଥରାଇଦେଉଛି। ଏଭଳି ପ୍ରତିକୂଳ ପାଗ ଲାଗି ରହିବା ଯୋଗୁ ରବି ଫସଲ ଓ ପନିପରିବା ଚାଷ ମଧ୍ୟ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଚାଷୀ ପନିପରିବା ବିକ୍ରୟ ସହ ଧାନମଣ୍ଡିକୁ ଧାନ ବିକ୍ରୟ ପାଇଁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି। ଏଭଳି ପାଗ ଯୋଗୁ ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟ ଗୁଡିକରେ ମଧ୍ୟ ଉପସ୍ଥାନ ସଂଖ୍ୟା କମ୍ ଦେଖିବାକୁ ମିଳିଛି। ବିଶେଷ କରି ଚା ଦୋକାନ ଗୁଡିକରେ ଲୋକଙ୍କ ଭିଡ ଜମୁଥିବା ବେଳେ ଗରମ ପୋଷାକ ସାଙ୍ଗକୁ ବର୍ଷାତି ମଧ୍ୟ ବ୍ୟବହାର କରୁଛନ୍ତି।

## କୃଷକ ଉପଦେଷ୍ଟା କମିଟିର ବୈଠକ

ଅମରପାଲି,୮।୨ (ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ବ୍ଲକ କୃଷକ ଉପଦେଷ୍ଟା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ଆଲୋକ କୁମାର ଦେହୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସହକାରୀ ବୈଷୟିକ ପରିଚାଳକ ମାନକେତନ ମହାକୁର ସଭା ପରିଚାଳନା କରିଥିଲେ। ବିଟିଟି ଜନଜେନର କାଳିନ୍ଦୀ ପରିଡା, ଡ. ସୁବ୍ରତ କୁମାର ପୁରୋହିତ, ବିଡିଏମ ଜିତେନ୍ଦ୍ର ନେହେର ପ୍ରମୁଖ ଯୋଗଦେଇ ଆତ୍ମାର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ଅଭିନବ ଯନ୍ତ୍ରପାତି ପୁରସ୍କାର ପାଇଁ ଫେବ୍ରୁୟାରୀ ୧୫ ତାରିଖରେ ଆବେଦନ ପାଇଁ ଶେଷ ତାରିଖ ଥିବା ସୂଚନା ଦିଆଯାଇଥିଲା। ଏହା ସହିତ ଆସନ୍ତା ୧୦ ତାରିଖରେ ସୁବଳୟାଠାରେ ବିଶ୍ୱ ଡାଲି ଦିବସ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା। ଜଳ ପରିଚାଳନା, କୃଷି ଓ ଜୈବିକା ସମ୍ପର୍କିତ ୩ ଦିନିଆ ତାଲିମ ଆସନ୍ତା ୧୧, ୧୨ ଓ ୧୩ ତାରିଖରେ କରାଯିବା ସହିତ ବାର୍ଷିକ କୃଷି ଓ ଆନୁସଙ୍ଗିକ କୃଷି କାର୍ଯ୍ୟାକ୍ରମସୂଚୀ ପ୍ରସ୍ତୁତିରେ ଅଦାବାଷ, ହଳଦୀ ଚାଷ, ଇକ୍ଷୁ ଚାଷ, ଛିଆଳିଆ ପ୍ରକଳ୍ପକୁ ଗୁରୁତ୍ୱ ଦେବା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା।

## ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

ଅମରପାଲି, ୮।୨ (ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଠେଙ୍ଗୋ ଡ୍ୟାମ ଫାଣ୍ଡି ଅନ୍ତର୍ଗତ ଦାଦରପାଲି- ସୁରଧାପାଲି ମଝିରେ ଥିବା ଭୁତନାଳ ନିକଟରୁ ଶନିବାର ସନ୍ଧ୍ୟାରେ ଏକ ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଛି। ଜନ୍ମହେଲା ପରେ ଶିଶୁକୁ କେହି ନାଳକୁ କେହି ଫିଙ୍ଗି ଦେଇଥିବା ଅନୁମାନେ କରାଯାଉଛି। ମୃତଦେହ ନିକଟରେ ଏକ ଚଦର, ବ୍ୟାଗ ଓ ବସ୍ତ୍ର ମଧ୍ୟ ପଡ଼ିଛି।

# କାମଧନ୍ଦା ଅଭାବୁ ବଢ଼ୁଛେ ଦାଦନ ସମସିଆ

କାମଟିକ୍ରା, ୮।୨ (ଡି.ଏନ୍.ଏ.)

କେନ୍ଦ୍ର ଆଉ ରାଏଜ୍ ଉଭଏ ସରକାର ଗରିବ୍ ଦୁଖି, ଖଟିଖିଆମାନଁକ ଲାଗି ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍। ସେମାନେ କେନ୍ଦେଥେଇ ନିଜର ଅଁଚଲରେ କାମ୍‌ଧନ୍ଦା ପାଇପାରବେ ସେଥିର ବେବସ୍ଥା କରୁଛନ୍। ହେଲେ ଅନେକ ଜାଗାରେ ସରକାରଙ୍କର ଇ ମହତ୍ ଯୋଜନାର ଲାଭ୍ ହକ୍‌ଦାର ହିତାଧିକାରୀମାନକର ପାସ୍‌କେ ପୁହୁଁଚି ନାଇଁପାରବାର। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଲୋକସଭା ମଣ୍ଡଳୀ ଅଧୀନ ଅତାବିରା ନିରବାଚନ ମଣ୍ଡଳୀରେ।

ସୂଚନା ଅନୁସାରେ ଅତାବିରା ନିରବାଚନ ମଣ୍ଡଳୀର ଅନେକ ଗାଁରେ ସରକାରଙ୍କର ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଆମ ଗାଁ ଆମ ବିକାଶ ଯୋଜନା ବାବଦନା ହେଇଛେ। ଏନ୍ତାଥି ଇ ନିରବାଚନ ମଣ୍ଡଳୀ ଅଧୀନ ଗୁର୍ଖାପାଲି, ଝରାପାଲି, କୁସନପୁରି, ବର୍କଟ, ମସ୍କେଲ, ପଡ୍ରାପାଲି, ଗୁରୁନ୍, ବାଦୀ ଲେଖେଁ ଗାଁମାନକେ ଲୋକ୍ କାମ୍‌ଧନ୍ଦା ଅଭାବୁ ପେଟ୍‌ପାଟନା ଲାଗି ଦାଦନ ଖଟି ଯାଉଛନ୍। ହେଲେ ଦାଦନ ଶ୍ରମିକ ଘରକେ ଫିରବା କି ନାଇଁ ତାର କିଛି ଠିକ୍‌ନା ନାଇଁ। ଦାଦନ ଶ୍ରମିକ ଘଟନା ଦେଖିବାକେ ମିଳୁଲା ଭେଟେନ ବ୍ଲକ କୁସନପୁରି ଗାଁରେ। ଇ ଗାଁର ମେଙ୍ଗରାଜ ଗୁନ୍ନା(୫୦) ଆନ୍ଧ୍ରପ୍ରଦେଶ ବିଶାଖାପାଟଣା ଚଦାବରମ ଗୁଟେ ଇଟାଭାଟିଥି କାମ୍ କରୁଥିଲା। ସେଠାନେ ତାକର ବିଡ଼ିଆ ଖରାପ ହେଲା। ହେଲେ ଭାଟି ମାଲିକ ତାକର ଉଷୋକଷା ନାଇଁ କଲାରୁ ସେଠାନେ ତାକର ମୃତ୍ୟୁ ହେଇଥିଲା। ଇ ଅଁଚଲରୁ ପାଖାପାଖି ସବୁ ଘରୁ ଦଶେ ଜୁଆନ୍ ଲୋକେଁ ଦାଦନ ଖଟି ଯାଉଛନ୍। ଅଁଚଲରେ ଏନ୍ତା ବି କେତେ ପରିବାର ଅଛନ୍ ଯେନ୍‌ମାନେ କୁଗୁମାଏସିଆ ଦାଦନ ଖଟିଯାଉଛନ୍। ସେମାନକର ଘରେ ବଛର ବଛର ହେଲା ଆଏଜ୍ ବି ତାଲା ପଡ଼ିଛେ। ଇଥାଡ଼େ କେନ୍ଦ୍ର ଆଉ ରାଏଜ୍ ସରକାର ଦାଦନ ସମସିଆ ସଂଗେ ଯୁଝିବାର ଲାଗି ଯୋଜନା ଉପରେ ଯୋଜନା ତିଆର କରି କୋଟି କୋଟି ଟଁକା ଖରଚ୍ କରୁଛନ୍। ଗାଁଲିଲ, ଗରିବ୍ ଦୁଖିକର ବିକାଶ କଥା କରୁଛନ୍। ଗାଁଟିର ବିକାଶ ତ ଅଲଗ କଥା, ଦାଦନ ସମସିଆରୁ ପଦିକ ଜୁଖାପଡୁଛେ ଯେ ସରକାରଙ୍କର ଯୋଜନା ହକ୍‌ଦାର ହିତାଧିକାରୀଙ୍କର ପାସେ ପୁହୁଁଚି ନାଇଁପାରବାର। ଗାଁର ବିକାଶ ସେଦିନ ହେବା, ଯେନ୍‌ଦିନ ଗାଁର ଗରିବ୍ ଦୁଖି ପଦିନ କାମ୍ ପାଏବେ। ସବୁଦିନ ପଏସା ରୁଜଗାର କରବାର ସୁଯୋଗ ପାଏବେ।

# ସାଂସ୍କୃତିକ କାର୍ଯ୍ୟକ୍ରମରେ କମ୍ପିଲା ମଞ୍ଚ

ବୌଦ୍ଧ/ବାଉଁଶୁଣୀ,୮।୨(ସ୍ୱପ୍ର)





ଲୋକ ମହୋତ୍ସବରେ ସମ୍ମାନିତ ପ୍ରତିଭା।

**ବାଉଁଶୁଣୀ ଲୋକ ମହୋତ୍ସବ ଚତୁର୍ଥ ସନ୍ଧ୍ୟା**

ବାଉଁଶୁଣୀ ଠାରେ ଆୟୋଜିତ ବିତୀୟ ଲୋକ ମହୋତ୍ସବର ଶନିବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ସନ୍ଧ୍ୟାରେ ସାମ୍ବାଦିକ ଉମାକାନ୍ତ ମହାକୁଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମାଜସେବୀ ତଥା ନାଟ୍ୟକାର ନାରାୟଣ ଦେହୁରୀ ମୁଖ୍ୟଅତିଥି ଓ ବାଉଁଶୁଣୀ ଅଗ୍ନିଶମ ଅଧିକାରୀ ଏସ. କେ. ପଜନାୟକ, ଥାନାଧିକାରୀ ରାମ ସୁବ୍ରମଣ୍ୟ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀର ତୁଷୁରାର କୃଷ୍ଣପ୍ରିୟା କଳାପରିଷଦ ପକ୍ଷରୁ ଘୁଡୁକା ନାଚ, ପୁରୀର ଗୋଟି ପୁଅ, ବୌଦ୍ଧ ପ୍ରଣାମ ଅନୁସାନର ଓଡିଶୀ ନୃତ୍ୟ, ଖାଇଁରେ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ପଞ୍ଚସଖୀ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ ହୋଇଥିଲା। ମେଘୁଆ ପାଗ ସତ୍ତ୍ୱେ ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଦର୍ଶକମାନେ ମହୋତ୍ସବରେ ୭୦ରୁ ଉର୍ଦ୍ଧ୍ୱ ଷ୍ଟଲରେ ଘରକରଣା ସାମଗ୍ରୀ ଓ ମିନା ବଜାରରୁ ବିଭିନ୍ନ ସମାଗ୍ରୀ କିଣାବିକା କରିବା ସହ ଓ ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ। ଚକ୍ରଧର ମେହେର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଶ୍ୱନୀବାଳା ମେହେର ସାଂସ୍କୃତିକ ମଞ୍ଚ ପରିଚାଳନା କରିଥିଲେ।

## ଡବ୍ଲ୍ୟୁଓଡିସିର ୫ ଲକ୍ଷ ଟଙ୍କା ବରବାଦ

**କନ୍ଧମାଳ ମିନି ଷ୍ଟାଡିୟମ ପାଚେରି ଭାଙ୍ଗିବା ଘଟଣା**

କନ୍ଧମାଳ,୮।୨(ଡି.ଏନ୍.ଏ)

ବୌଦ୍ଧ ଜିଲ୍ଲା କନ୍ଧମାଳ ମିନି ଷ୍ଟାଡିୟମର ପାଚେରି ଭୁସୁଡିବା ପରେ ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି)ର ୫ଲକ୍ଷ ଟଙ୍କା ପାଣିରେ ପଡ଼ିଛି। ଏ ନେଇ ଅଭିଯୋଗ ହେବା ପରେ ପ୍ରଶାସନିକ ତଦନ୍ତ ହୋଇଛି। ମାତ୍ର ଦୀର୍ଘ ୫ ମାସ ହେବ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଭଲିବଲ ଓ ଫୁଟବଲ ଖେଳ ପାଇଁ ବୌଦ୍ଧ ଜିଲ୍ଲା କନ୍ଧମାଳର ନାଁ କରିଛି। କନ୍ଧମାଳର ବହୁ ଖେଳାଳି ରାଜ୍ୟସ୍ତରରେ ଖେଳିଛନ୍ତି। ତେବେ ଏହି ଅଞ୍ଚଳର ଏକମାତ୍ର ଖେଳ ପଡିଆ ଭାବେ ମିନି ଷ୍ଟାଡିୟମ ଖେଳାଳିଙ୍କ ଆଶାକୁ କେତେକାଂଶରେ ପୂରଣ କରୁଛି। ଏହି ମିନି ଷ୍ଟାଡିୟମରେ ଖେଳ ପାଇଁ ସେମିତି କିଛି ଆନୁସଙ୍ଗିକ ସୁବିଧା ନ ଥିବା ବେଳେ ୨୦୧୭-୧୮ ଆର୍ଥିକ ବର୍ଷରେ ପଶ୍ଚିମ ଓଡିଶା ବିକାଶ ପରିଷଦର ୫ ଲକ୍ଷ ଟଙ୍କା ଅନୁଦାନରୁ ଏହାର ପାଚେରୀ କିୟଦଂଶ ନିର୍ମାଣ ହୋଇଥିଲା। କାମର ଦେଢ଼ବର୍ଷ ନ ପୂରୁଣୁ ଗତ ସେପ୍ଟେମ୍ବର ମାସରେ ଏହି ନବ ନିର୍ମିତ ପାଚେରୀ ଭୁସୁଡି ପଡ଼ିଥିଲା। ଏ ନେଇ ପ୍ରଶାସନ ଠାରେ ଭିଜିଲାନ୍ସ ଠାରେ ଅଭିଯୋଗ ହେବା ପରେ ଡିଆରଡିଏ ନିର୍ଦ୍ଦେଶ ଯନ୍ତ୍ରୀ ଘଟଣାର ତଦନ୍ତ କରିଥିଲେ। ବର୍ତ୍ତମାନ ସୁଦ୍ଧା ନାଳିଫିଡା ତଳେ ବନ୍ଧା ହୋଇ ରହିଛି। ଏ ନେଇ ଭିଜିଲାନ୍ସ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଡିଆରଡିଏର ଏକଜିକ୍ୟୁଟିଭ ଇଞ୍ଜିନିୟର ଜ୍ଞାନଦା ପ୍ରସାଦ ସାହୁଙ୍କୁ ପଚାରିବାରୁ ସେ କହିଲେ, ମୁଁ ଘଟଣାର ତଦନ୍ତ କରି ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କୁ ରିପୋର୍ଟ ଦେଇସାରିଛି। ତେବେ କଣ କାର୍ଯ୍ୟାନୁଷ୍ଠାନ ହୋଇଛି, ଜାଣିନାହିଁ।

## ଦଶମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

# ଭାଗ ନେଲେ ୩୦ ଯୋଡି ଖେଳାଳି

ବୌଦ୍ଧ,୮।୨(ସ୍ୱ.ପ୍ର)

ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଇନଡୋର ଷ୍ଟାଡିୟମ ଠାରେ ଶନିବାର ଦଶମ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସନ୍ଧ୍ୟାରେ ବୌଦ୍ଧ ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ସାମାଜିକ କର୍ମୀ ସଞ୍ଜୀବ କୁମାର ଅଗ୍ରୱାଲା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ରାଜ୍ୟର ୭ଟି ଜିଲ୍ଲାରୁ ୩୦ ଯୋଡି ବଛାବଛା ଖେଳାଳି ଅଂଶଗ୍ରହଣ କରିଛନ୍ତି। ବୌଦ୍ଧ ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କୁଳିୟସ ସିକର ମହାକୁଲ, ସମ୍ପାଦକ ହୃଦାନନ୍ଦ ମିଶ୍ର ଓ ସଙ୍ଗଠନ ସମ୍ପାଦକ ସୁନ୍ଦର ପ୍ରକାଶ ଅଗ୍ରୱାଲାଙ୍କ ନେତୃତ୍ୱରେ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଉପସଭାପତି ପ୍ରଦୋଷ କୁମାର ମହାରଣା, କାର୍ଯ୍ୟକାରୀ ସଦସ୍ୟ ବିଷ୍ଣୁପ୍ରସାଦ ପଣ୍ଡା, ବଦ୍ରିନାରାୟଣ ମିଶ୍ର, ଆଲୋକ ରଥ, ବିଶ୍ୱେଶ ଅଗ୍ରୱାଲା, ଜିତେନ୍ଦ୍ର ସରାଫ, ପରେଶ ବେହେରା, ଗଣେଶ ମହାପାତ୍ର, ହେମନ୍ତ ତ୍ରିପାଠି, ଶେଖ ସାହାଜାହାନ, ଶିବାନନ୍ଦ ସାହୁ ଓ ଉପଦେଷ୍ଟା ଶ୍ରୀନିବାସ ଦାନୀ, ଧର୍ମେଶ ନାୟକ, ଚନ୍ଦ୍ର ମହାରଣା ଓ ଲୟୋଧର ପୁରୋହିତ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି। ଏହି ଟୁର୍ନାମେଣ୍ଟ ରବିବାର ଉଦଯାପିତ ହେବ।





ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

# ଭବାନୀ ଶଙ୍କର ପୃଷ୍ଟି ମିଷ୍ଟର ବରଗଡ଼ ମନୋନିତ

**ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଉଦଯାପିତ**

ବରଗଡ଼ ଅଫିସ୍,୮।୨

ବରଗଡ଼ ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଶନିବାର ଜିଲାସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ (ବଡି ବିଲଡ଼ିଂ) ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସୌଖୀନ କଳାକାର ସଂଘ ପରିସରରେ ହୋଇଥିବା ଏହି ପ୍ରତିଯୋଗିତାକୁ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପ୍ରତିଯୋଗିତାରେ ମେନ୍ସ ଫିଟନେସରେ ଲକ୍ଷ୍ମଣ ପ୍ରସାଦ ପଣ୍ଡା ପ୍ରଥମ, ଅଭିଷେକ ସିଂ ଦ୍ୱିତୀୟ, ଶୁଭମ ଅଗ୍ରୱାଲ ତୃତୀୟ ସ୍ଥାନ ଅଧିକାର କରିଥିଲେ। ୬୦କି.ଗ୍ରା ବର୍ଗରେ ଟିକେଲାଲ ବାଗ ପ୍ରଥମ, ଦେବବ୍ରତ ସାହୁ ଦ୍ୱିତୀୟ, ହରି ଭୋଇ ତୃତୀୟ ହୋଇଥିଲେ। ସେହିପରି ୬୦ କି.ଗ୍ରାରୁ ଉର୍ଦ୍ଧ୍ୱ ବର୍ଗରେ ଭବାନୀ ଶଙ୍କର ପୃଷ୍ଟି ପ୍ରଥମ, ଆନନ୍ଦ ପଟ୍ଟନାୟକ ଦ୍ୱିତୀୟ ଏବଂ ଦିବ୍ୟଜ୍ୟୋତି ଷଡ଼ଙ୍ଗୀ ତୃତୀୟ ହୋଇଥିଲେ। ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଭବାନୀ ଶଙ୍କର ପୃଷ୍ଟି ମିଷ୍ଟର ବରଗଡ଼ ଆଖ୍ୟା ଅର୍ଜନ କରିଥିଲେ। ଆର୍ତ୍ତତ୍ରାଣ ପ୍ରଧାନ, ତୋଲାମଣି ନେହେରୁ, ସନ୍ତୋଷ ବିଶୋୟୀ ବିଚାରକ ଭାବେ ଯୋଗ ଦେଇଥିଲେ। ନନ୍ଦ କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଲକ୍ଷ୍ମୀନାରାୟଣ ମିଶ୍ର, ସୁଜିତ ମହାନ୍ତି, ଆଶିଷ ତ୍ରିପାଠୀ ସହଯୋଗ କରିଥିଲେ। ଜିଲା କ୍ରୀଡ଼ା ସଂସଦର ସମ୍ପାଦକ କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ବରଗଡ଼ ବିଧାୟକ ଆଚାର୍ଯ୍ୟ ମୁଖ୍ୟଅତିଥି, ଓଡ଼ିଶା ଏକ୍ସପ୍ରାଇଜେସର ମୁଖ୍ୟ ଚନ୍ଦ୍ରଶେଖର ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଉଟଡୋର ସମ୍ପାଦକ ସୁରେଶ ଦାଶ, କୋଷାଧ୍ୟକ୍ଷ ଶୁଭାଂଶୁ ଶେଖର ମହାପାତ୍ର, ହକି ସମ୍ପାଦକ ଶ୍ୟାମ ସୁନ୍ଦର ଅବଦବର ପ୍ରମୁଖ ଉପସ୍ଥିତ ଥିଲେ।





ଅତିଥିମାନେ ପୁରସ୍କାର ବିତରଣ କରୁଛନ୍ତି।



ଏ ସଂସାରରେ ପ୍ରେମ ଆଉ ବନ୍ଧୁତା ଅଛି ବୋଲି ଦେବତାମାନେ ମଧ ନର ଦେହ ଧାରଣ କରି ଜନ୍ମଗ୍ରହଣ କରିବାକୁ ବ୍ୟାକୁଳତା ପ୍ରକାଶ କରିଥାନ୍ତି।

- ଜର୍ଜ ଇଲିଅଟ



## ସଂକ୍ଷେପରେ

### ଷ୍ଟିଲ ସିଟିରେ କୋହଲା ପାଗ

ରାଉରକେଲା ଅଫିସ, ୮।୨: ଗତ ୨ଦିନ ହେବ କାହଲା ପାଗ ଯୋଗୁ ଷ୍ଟିଲ ସିଟିରେ ଜନଜୀବନ ପ୍ରଭାବିତ ହୋଇଛି । ସହରରେ ରାସ୍ତାଘାଟରେ ଭିଡ଼ କମ ରହୁଛି। ନିରାଶ୍ରୟ ଲୋକେ ଥଣ୍ଡାରେ ନାନା ହଇରାଣ ହେଉଛନ୍ତି। ବସ୍ତି ଅଞ୍ଚଳରେ ଲୋକେ ନିଆଁ ଜାଳୁଥିବା ଦେଖିବାକୁ ମିଳିଛି। ଏଭଳି ପାଗ ଯୋଗୁ ସ୍କୁଲ, କଲେଜ ଓ ସରକାରୀ କାର୍ଯ୍ୟାଳୟ ଗୁଡିକରେ ମଧ୍ୟ ଉପସ୍ଥାନ ସଂଖ୍ୟା କମ୍ ରହୁଛି। କେତେକ ସ୍ଥାନରେ ଲୋକେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ମଧ୍ୟ ଖବର ମିଳିଛି।

### ଆଦିବାସୀଙ୍କ ଜମି ଉପରେ ବେଆଇନ୍ ରାସ୍ତା ନିର୍ମାଣ ନେଇ ଜିଲାପାଳଙ୍କଠାରେ ଅଭିଯୋଗ

ସୁନ୍ଦରଗଡ଼, ୮।୨ (ଡି.ଏନ୍.ଏ) : ସୁନ୍ଦରଗଡ ଜିଲା ସବଡେଗା ବ୍ଲକ ଅନ୍ତର୍ଗତ କରମଡିହି ନିକଟବର୍ତ୍ତୀ ଗିଲକୁଦର ଗ୍ରାମରେ ଅଧିକାଂଶ ଆଦିବାସୀ ଶ୍ରେଣୀର ଲୋକେ ବସବାସ କରନ୍ତି। ଏହି ଗ୍ରାମବାସୀଙ୍କ ଚାଷ ଜମିରେ କିଛି ନିର୍ମାଣକାରୀ ଠିକା ସଂସ୍ଥା ବେଆଇନ୍ ଭାବେ ରାସ୍ତା ନିର୍ମାଣ କରି ସେହି ରାସ୍ତା ଦେଇ ଇବ୍ ନଦୀରୁ ବାଲି ଚାଲାଣ କରୁଛନ୍ତି। ଏଥିଯୋଗୁ ଚାଷ ଜମି ନଷ୍ଟ ହେଉଥିବା ନେଇ ଗ୍ରାମର ଏକ ପ୍ରତିନିଧି ଦଳ ଶନିବାର ଜିଲାପାଳଙ୍କୁ ସାକ୍ଷାତ କରି ଏଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଯୁବ ସଂଘ ପକ୍ଷରୁ ଧାରଣା

ରାଉରକେଲା ଅଫିସ, ୮।୨




ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସଭାପତି ରାଉରକେଲା ରେଳଷ୍ଟେଶନ ସମ୍ମୁଖରେ ଧାରଣା ଦେଇଛନ୍ତି।

## ଉତ୍ତର ଓଡ଼ିଶାକୁ ରେଳ ସଂଯୋଗ ପ୍ରସଙ୍ଗ

- ଦାବି ଉପସ୍ଥାପନ କରିବାରେ ନିର୍ବାଚିତ ପ୍ରତିନିଧି ବିଫଳ

ସ୍ୱାଧୀନତାର ୭୦ବର୍ଷ ପରେ ବି ଉତ୍ତର ଓଡ଼ିଶାବାସୀ ରାଉରକେଲାକୁ ରେଳ ସୁବିଧା ପାଇଲେ ନାହିଁ। କେନ୍ଦ୍ରରେ ସରକାର ବଦଳୁଛି। ବିଭାଗୀୟ ମନ୍ତ୍ରୀ ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଏହାକୁ କେହି ପାଳନ କରିବାକୁ ଆନ୍ତରିକତା ଦେଖାଉ ନାହାଁନ୍ତି। ଏଭଳି ଘଟଣାର ପ୍ରତିବାଦ କରି ଅଖିଳ ଭାରତ ଯୁବ ସଂଘ ରାଜ୍ୟ ସଭାପତି ତଥା ଆଇନଜୀବୀ ସଦାନନ୍ଦ ସାହୁଙ୍କ ନେତୃତ୍ୱରେ ଶନିବାର ରାଉରକେଲା ରେଳଷ୍ଟେସନ ସମ୍ମୁଖରେ ଦିନିକିଆ ଧାରଣା ଦିଆଯାଇଥିଲା। ଏହି ଅବସରରେ ସାହୁ ନିଜ ପ୍ରତିକ୍ରିୟା ବ୍ୟକ୍ତ କରି କହିଥିଲେ, ଇତି ମଧ୍ୟରେ ଷ୍ଟିଲ ସିଟିକୁ ମହାନଗର ଓ ସ୍ମାର୍ଟ ସିଟି ଘୋଷଣା କରାଯାଇଛି। ସହରବାସୀଙ୍କୁ ସବୁପ୍ରକାର ସୁବିଧା ସୁଯୋଗ ମିଳିବ ବୋଲି ଡିଣ୍ଡିମ ପିଟା ଯାଉଛି। ହେଲେ ବାସ୍ତବ କ୍ଷେତ୍ରରେ ଏହାର ସାମାନ୍ୟତମ ଆଭାସ ମଧ୍ଯ ମିଳୁନି। ଏହି ଅଞ୍ଚଳରେ ବସବାସ କରୁଥିବା ଉତ୍ତର ଓଡ଼ିଶାର ପାଖାପାଖି ୩ଲକ୍ଷ ଲୋକଙ୍କ ପାଇଁ ରେଳ ସୁବିଧା ହୋଇ ପାରିନି। ଭଦ୍ରକକୁ ଏକ ଇଣ୍ଟରସିଟି ଚଳାଚଳ ନେଇ ଦୀର୍ଘ ଦିନର ଦାବିକୁ ସରକାର ଅବହେଳା କରି ଚାଲିଛନ୍ତି। ଏ ସହରକୁ ବିମାନ ସେବା ସହ ଦେଶର ଅନ୍ୟ ରାଜ୍ୟ ଓ ଉପାନ୍ତ ଅଞ୍ଚଳକୁ ରେଳ ସୁବିଧା ରହିଥିଲେ ମଧ୍ଯ ଉତ୍ତର ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଫଳରେ ଏଠା ଅଞ୍ଚଳବାସୀଙ୍କ ଯାତାୟତ ନେଇ ସମସ୍ୟା ଲାଗି ରହିଛି। ଏନେଇ ବିଭିନ୍ନ ସମୟରେ ନିର୍ବାଚିତ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏମାନେ ଦାବି ଉପସ୍ଥାପନ କରିବାରେ ବିଫଳ ହୋଇଛନ୍ତି। ବିଭିନ୍ନ ସଂଘ, ସଙ୍ଗଠନ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ରାଜ୍ୟରୁ କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଇଥିବା ନିର୍ବାଚିତ ପ୍ରତିନିଧି ମୁହଁରେ ତୁଣ୍ଡି ବାନ୍ଧି ବସିଛନ୍ତି। ଏମିତି ଅବସ୍ଥାରେ ଗତ ରେଳ ବଜେଟରେ ଉତ୍ତର ଓଡିଶାକୁ ରେଳ ଚଳାଚଳ ନେଇ ବ୍ୟବସ୍ଥା କରା ନ ଯିବା ଦୁଃଖ ଏବଂ ପରିତାପର ବିଷୟ ବୋଲି ସାହୁ କହିଥିଲେ। ଏହା ବ୍ୟତୀତ ତାଳଚେର ବିମଳାଗଡ ରେଳ ଲାଇନ ଅଧୁରା ପଡିରହିଛି। ରାଉରକେଲା ରେଳ ଷ୍ଟେଶନ ବିକାଶ ନେଇ କର୍ତ୍ତୃପକ୍ଷଙ୍କ ଆଗ୍ରହ ନାହିଁ। ଏଠାରୁ ବିଭିନ୍ନ ଅଞ୍ଚଳକୁ ଚଳାଚଳ କରୁଥିବା ରେଳ ବଗି ଅବସ୍ଥା ମଧ୍ଯ ଶୋଚନୀୟ। ଏପରି ଅବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କ ନିରବତା ପଶ୍ଚିମ ଓଡିଶାବାସୀଙ୍କୁ ଶକ୍ତ ଆଘାତ ଦେଇଛି। ଅତି କମରେ ରାଉରକେଲା ରେଳ ଷ୍ଟେଶନର ଉନ୍ନତିକରଣ ସହ ବେଆଇନ ପାର୍କିଂ ଫି ବନ୍ଦ କରାଯିବା ଓ ଭଦ୍ରକକୁ ରାଉରକେଲାରୁ ଏକ ଇଣ୍ଟରସିଟି ଚଳାଚଳ ପାଇଁ ପଦକ୍ଷେପ ନେବାକୁ ସାହୁ ଦୃଢ ଦାବି କରିଥିଲେ। ଯୁବ ସଂଘ ରାଜ୍ୟ ସଭାପତିଙ୍କ ଧାରଣାକୁ ସମର୍ଥନ କରି ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଏଆଇଟିୟୁସି ଜିଲା ସଭାପତି ପଶୁପତିନାଥ ଚାଟାର୍ଜୀ, ଏସୟୁସିଆଇ ନେତା ବିଷ୍ଣୁ ପଣ୍ଡା, ଏଆଇୱାଇଏଫ ନେତା ପୁଷ୍ପଲତା ସା, ରାଉରକେଲା ଡେଭଲପମେଣ୍ଟ କମିଟି ଅଧକ୍ଷ ଶୁଭ ପଟ୍ଟନାୟକ ପ୍ରମୁଖ ଧାରଣା ସ୍ଥଳରେ ଉପସ୍ଥିତ ଥିଲେ।

# ବିବାହ ପ୍ରତିଶ୍ରୁତି ଦେଇ ନାବାଳିକାଙ୍କୁ ପ୍ରତାରଣା, ଯୁବକ ଗିରଫ

ରାଉରକେଲା ଅଫିସ,୮।୨

ନାବାଳିକାକୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ଉଦିତନଗର ଥାନା ପୋଲିସ ମାଲଗୋଦାମ ଖଟାଲ ବସ୍ତି ଅଞ୍ଚଳର ଜଣେ ଯୁବକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନାଁ ରାଜୁ ଯାଦବ(୨୨)। ନାବାଳିକାଙ୍କୁ ଶନିବାର ଡାକ୍ତରୀ ମାଇନା କରାଯାଇଛି। ସୂଚନାନୁସାରେ ବିବାହ ନ କରି ନାବାଳିକାଙ୍କୁ ସ୍ତ୍ରୀ ଭାବେ ଘରେ ରଖିଥିବା ଯୁବକଙ୍କୁ ନାବାଳିକା ପରିବାର ବିବାହ ପାଇଁ ଚାପ ସୃଷ୍ଟି କରିଥିଲେ। ଏହାକୁ ଯୁବକ କର୍ଣ୍ଣପାତ ନ କରି ଓଲଟା ଧମକଚମକ ଦେଉଥିଲେ। ଏମିତି ଅବସ୍ଥାରେ ପରିବାର ପକ୍ଷରୁ ନାବାଳିକାଙ୍କ ଉଦ୍ଧାର ନେଇ ଚେଷ୍ଟା ବିଫଳ ହୋଇଥିଲା। ଶେଷରେ ଥାନା ଦ୍ୱାରସ୍ଥ ହୋଇଥିଲେ ନାବାଳିକାଙ୍କ ସମ୍ପର୍କୀୟ। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଏଲ୍‌ଜେପି ଶ୍ରମିକ ସେଲ ସମ୍ପାଦକ ହେଲେ ବୀରେନ୍ଦ୍ର

ରାଉରକେଲା ଅଫିସ, ୮।୨

ବିଶିଷ୍ଟ ସମାଜସେବୀ ତଥା ଶିକ୍ଷାବିତ ଡ. ବୀରେନ୍ଦ୍ର କୁମାର ବାଗ ଲୋକ ଜନଶକ୍ତି ପାର୍ଟି ଶ୍ରମିକ ସେଲର ଜାତୀୟ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ଦିଲ୍ଲୀ ସ୍ଥିତ ଖାଦ୍ୟ ଓ ଖାଉଟି ବିଭାଗ କ୍ୟାବିନେଟ ମନ୍ତ୍ରୀ ରାମବିଳାସ ପାଶୱାନ୍, ଲୋକ ଜନଶକ୍ତି ପାର୍ଟି ରାଷ୍ଟ୍ରୀୟ ଉପସଭାପତି ରାମଜୀ ସିଂ ବାଗଙ୍କୁ ଏହି ପଦ ଲାଗି ମନୋନୀତ କରିବା ସହ ନୂତନ ଦାୟିତ୍ୱ ପ୍ରଦାନ କରିଛନ୍ତି। ବାଗ ନୂତନ ଦାୟିତ୍ୱ ଗ୍ରହଣ କଲା ପରେ ଶ୍ରମିକଙ୍କ ନ୍ୟାୟ ଅଧିକାର ପାଇଁ ଲଢେଇ କରିବା ସହ ଓଡିଶାରେ ସଙ୍ଗଠନର ବିକାଶ ନେଇ କାମ କରିବେ ବୋଲି କହିଛନ୍ତି। ଏ ଅବସରରେ ଦଳର ଅଧ୍ୟକ୍ଷ ରାମବିଳାସ ପାଶୱାନ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଲୋକ ଜନଶକ୍ତି ପାର୍ଟି ଓଡିଶା ଲେବର ସେଲ ଅଧକ୍ଷ ନିରଞ୍ଜନ ନାୟକ ଓ କର୍ମକର୍ତ୍ତା ଦୁର୍ଯ୍ୟୋଧନ ନାୟକ ଡ. ବାଗଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇବା ସହ ତାଙ୍କ ନେତୃତ୍ୱରେ ଦଳ ସଫଳତା ହାସଲ କରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।

# ବ୍ୟଙ୍ଗାତ୍ମକ କଥା, କବିତା ଅଧିକ ସୃଷ୍ଟିହେବା ଦରକାର

ରାଉରକେଲା ଅଫିସ, ୮।୨




ଆଦର୍ଶ ପାଠାଗାର ପ୍ରୟୋଜିତ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

## ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା

ଆଦର୍ଶ ପାଠାଗାର ପ୍ରୟୋଜିତ ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଉଦ୍‌ଘାଟକ ଭାବେ ଏସ୍‌ଓଏସ ଭିଲେଜର ବରିଷ୍ଠ କର୍ମକର୍ତ୍ତା ବିଜୟଲକ୍ଷ୍ମୀ ତ୍ରିପାଠୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମ୍ବଲପୁର ଡିଭିଜନର ମହା ଡାକପାଳ ଲଲାଟେନ୍ଦୁ ପ୍ରଧାନ ଯୋଗ ଦେଇଥିଲେ। ପାଠାଗାର ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ସହଯୋଗ କରିଥିଲେ। ଏହି ଅବସରରେ ସୁର ସଙ୍ଗମର ଗୁରୁ ଗୌରାଙ୍ଗ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର ଛାତ୍ରୀଛାତ୍ର ଭାଓଲିନ ବାଦନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟଙ୍ଗକବି ଆସର ଅନୁଷ୍ଠିତ ହୋଇଥିଲା। ଆଦର୍ଶ ପାଠାଗାର କାର୍ଯ୍ୟକାରୀ ସଭାପତି ଜୀବନବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଅଧ୍ୟକ୍ଷ ଡ. ବନମାଳୀ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସଭାପତିତ୍ୱ କରିଥିଲେ ଶିକ୍ଷାବିତ୍ ରାଧାକାନ୍ତ ମହାରଣା। ରଶ୍ମିପ୍ରଭାର ସାଧାରଣ ସମ୍ପାଦକ ମନୋଜ ନନ୍ଦ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ସଦସ୍ୟ ବ୍ରଜବିହାରୀ ଦାଶ ଓ କବୟିତ୍ରୀ ସୁସ୍ମିତା ମହାପାତ୍ର ଅନ୍ୟତମ ଅତିଥି ରୂପେ ଯୋଗ ଦେଇଥିଲେ।

ଅତିଥିମାନେ ତାଙ୍କ ବକ୍ତବ୍ୟରେ ବ୍ୟଙ୍ଗ କବିତା ସମ୍ପର୍କରେ ମତ ରଖି କହିଲେ ଯେ, ବ୍ୟଙ୍ଗାତ୍ମକ କଥା କେବଳ ମନକୁ ହାଲୁକା କରେ ନାହିଁ ବରଂ ଏହାର ପରିପ୍ରକାଶ ପରିସ୍ଥିତିକୁ ଗମ୍ଭୀର ପରିବେଶରୁ ବାହାରକୁ ଆଣିଥାଏ। ମନ ଓ ଶରୀରକୁ ସୁସ୍ଥ ରଖିବା ପାଇଁ ଏହାର ପ୍ରୟୋଗ ମଧ୍ୟ ଜରୁରୀ। ତେଣୁ ବ୍ୟଙ୍ଗାତ୍ମକ କଥା ବା କବିତା ଅଧିକରୁ ଅଧିକ ସୃଷ୍ଟି ହେବା ଦରକାର। ତୃତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବକୁ ସଂଯୋଜନା କରିଥିଲେ ସୁସ୍ମିତା ମହାପାତ୍ର ଓ ବ୍ୟଙ୍ଗଭାରତୀ ବ୍ରଜବିହାରୀ ଦାଶ। କବିତା ପାଠ କରିଥିଲେ ସର୍ବଶ୍ରୀ ପୁଲିନ୍ ବିହାରୀ ରାଉତରାୟ, ନିକିତା ରାଉତ, କାଜଲ ପ୍ରସାଦ, ଶ୍ରାବଣୀ ବୋଷ, ଅରବିନ୍ଦ ଭୋଇ, ପ୍ରକାଶ ସେଠୀ, କୁଞ୍ଜବିହାରୀ ରାଉତ, ଶ୍ୱେତ କୁମାର ବେହେରା, ମଧୁସ୍ମିତା ମହାରଣା, ବ୍ରଜେନ୍ଦ୍ର ଦାଶ, ରଶ୍ମିରମଣ ନନ୍ଦ, ଶରତ ସୂତାର, ବନଲତା ମିଶ୍ର, ସୁରେନ୍ଦ୍ର ପାଢୀ, କଳ୍ପନା ନନ୍ଦ, ବିଜୟିନୀ ଜେନା, ସୁମିତ୍ରା ମିଶ୍ର, ସବିତା ବସ୍ତିଆ, ମମତା ଜେନା,ଅଦ୍ୱୈତ ପ୍ରସାଦ ବିଶାଳ, ଦିପ୍ତୀ ବେହେରା, ଉପେନ୍ଦ୍ର ବସ୍ତିଆ, ରବିନ୍ଦ୍ରନାଥ ସୂତାର ପ୍ରମୁଖ । ଶେଷରେ ସମ୍ପାଦନା ମଣ୍ଡଳୀର ସଦସ୍ୟା କଳ୍ପନା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାଠାଗାରର ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଚନ୍ଦ୍ରଶେଖର ଶତପଥୀ, ବାଉରୀ ବନ୍ଧୁ ସାହୁ, ଶରତ ରାଉତ, ବିଜୟ ପାତ୍ର, ଜ୍ଞାନେନ୍ଦ୍ର ଦାସ, ମନୋଜ ପଣ୍ଡା, ପ୍ରଦୀପ ପଟ୍ଟନାୟକ, ଜ୍ୟୋତିରଞ୍ଜନ ମହାପାତ୍ର, ଡ. ବସନ୍ତ ଦାଶ, ଅମରେନ୍ଦ୍ର କୁମାର ପାଢୀ ଓ ଅଶୋକ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି ଥନଟ-ଧର୍ମଗଡ଼ ରାସ୍ତା

ପର୍ଲା, ୮।୨ (ଡି.ଏନ.ଏ.)



ବିପଦସଙ୍କୁଳ ହୋଇପଡ଼ିଥିବା ଥନଟ-ଧର୍ମଗଡ଼ ରାସ୍ତା।

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ନିକଟବର୍ତ୍ତୀ ବ୍ରାହ୍ମଣଛେଣ୍ଡିଆ ପଞ୍ଚାୟତ ଥନଟ-ଧର୍ମଗଡକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟିଛି। ଧର୍ମଗଡଠାରୁ ମାତ୍ର ୨ କି.ମି. ଦୂର ରାସ୍ତା ପାରି ହେବାକୁ ୨ରୁ ୩ ଘଣ୍ଟା ସମୟ ଲାଗୁଛି। ଧର୍ମଗଡ ସହର ଅତି ନିକଟରେ ଥିଲେ ମଧ ବିଭାଗର ନଜର ପଡୁ ନ ଥିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାସ୍ତା ମଝିରେ ଗଭୀର ଗର୍ତ୍ତ ସୃଷ୍ଟି ହେବା ସାଙ୍ଗକୁ ମେଟାଲ ଉପାଡି ହୋଇ ପଡିଥିବା ବେଳେ ଲୋକେ ବିପଦ ଭାବେ ଯାତାୟାତ କରୁଛନ୍ତି। ଦୀର୍ଘ ୫ ବର୍ଷ ହେଲା ରାସ୍ତା ଅବସ୍ଥା ଏଭଳି ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ଉପଜିଲାପାଳ, ବିଡିଓ ଏବଂ ରାଜ ନେତାଙ୍କ ଦୃଷ୍ଟିକୁ ଆଣିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଗାଁଠାରୁ ସହର ସଂଯୋଗ ଲକ୍ଷ୍ୟ ନେଇ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଏବଂ ଆମ ଗାଁ ଆମ ବିକାଶ ନାରା ଦେଉଥିବା ବେଳେ ବାସ୍ତବିକତାକୁ ଅନୁଧ୍ୟାନ କଲେ ଯୋଜନା ପ୍ରହସନ ପାଲଟିଥିବା ଜଣାପଡୁଛି। ଏହି ରାସ୍ତା ଦେଇ କୌଣସି ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯିବା କଷ୍ଟକର ହୋଇପଡିଛି। ଯୁଦ୍ଧକାଳୀନସ୍ଥିତିରେ ରାସ୍ତା ଉନ୍ନତିକରଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ସୁରଥ ତାଣ୍ଡି, ଅରବିନ୍ଦ ବାଗ, ନିମାନ୍ତ ସୁନାନୀ, ପଦ୍ମୁ ତାଣ୍ଡି, ଟୋକେଶ୍ୱର ମଙ୍ଗରାଜ, ଲକ୍ଷମନ ସୁନାନୀ, ବଡ ବାଗ, ଗଜଜୀବନ ସୁନାନୀ ପ୍ରମୁଖ ପ୍ରକାଶ କରିଛନ୍ତି । ଏ ନେଇ ଧର୍ମଗଡ ବିଡିଓ ଗୋପାଳକୃଷ୍ଣ ମିଶ୍ରଙ୍କୁ ପଚାରିବାରୁ ଏହା ସେ ଜାଣି ନ ଥିବା କହିଥିବା ବେଳେ ଆସିଷ୍ଟାଣ୍ଟ ଇଞ୍ଜିନିୟର ଏ ବିଷୟ ବୁଝି କହି ପାରିବି ବୋଲି ପ୍ରକାଶ କରିଥିଲେ ।




ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ଜାତୀୟ କୃମିନାଶକ ଦିବସ ପାଳିତ

ରାଉରକେଲା ଅଫିସ, ୮।୨

ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ସମ୍ମିଳନୀ କକ୍ଷ ଠାରେ ନିଗମ ଆୟୁକ୍ତ ଦିବ୍ୟଜ୍ୟୋତି ପରିଡାଙ୍କ ଅକ୍ଷତାରେ ଜାତୀୟ କୃମିନାଶକ ଦିବସ ଓ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ-୨୦୨୦ ନିମନ୍ତେ ଶନିବାର ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ବୈଠକରେ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସିଡିପିଓ, ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ, ନୋଡାଲ ଅଧିକାରୀ, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅଧିକାରୀ ଡା. ପୁଷ୍ପାମିତ୍ର ମିଶ୍ର, ଡିଷ୍ଟ୍ରିକ୍ଟ ଲେପର୍ସି ଅଫିସର ଇନଚାର୍ଜ, ରାଉରକେଲା ଜାତୀୟ ଜୀବିକା ମିଶନ ଓ ଅନ୍ୟ ଅଧିକାର ଉପସ୍ଥିତ ଥିଲେ। ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଜାତୀୟ କୃମିନାଶକ ଦିବସ ଆସନ୍ତା ୧୦ ଓ ୧୭ ଫେବୃୟାରୀରେ ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା। ଉପରୋକ୍ତ ଦିନମାନଙ୍କରେ ୧-୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ କୃମିନାଶକ ବଟିକା ପ୍ରଦାନ କରାଯିବ। ଏହା ସ୍କୁଲ, କଲେଜ ଓ ଅଙ୍ଗନୱାଡି କେନ୍ଦ୍ରମାନଙ୍କ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ଖୁଆଯିବ। ଯାହା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ପ୍ରତ୍ୟେକ ପିଲାଙ୍କୁ କୃମିମୁକ୍ତ କରିବା ସହ ଶାରୀରିକ ଓ ମାନସିକ ସ୍ତରରେ ଦୃଢ କରିବା ଲକ୍ଷ୍ୟ ରଖାଯାଇଛି। ୧ରୁ ୧୯ ବର୍ଷ ବୟସର ସମୁଦାୟ ୨୯ ହଜାର ୪୩ ଜଣ ପିଲାଙ୍କୁ ଏହି କୃମିନାଶକ ବଟିକା ଖୁଆ ଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି କାର୍ଯ୍ୟକ୍ରମ ସମୁଦାୟ ୩୦୫ଟି ସରକାରୀ ଓ ବେସରକାରୀ ବିଦ୍ୟାଳୟ ସମେତ ମହାବିଦ୍ୟାଳୟ, ବୈଷୟିକ ଅନୁଷ୍ଠାନରେ ଅଧ୍ୟୟନରତ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ବଟିକା ଖୁଆଯିବ। ୩୯୦ ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ପହଞ୍ଚାଯିବ। ସେହିପରି କୁଷ୍ଠ ରୋଗ ଚିହ୍ନଟିକରଣ ଅଭିଯାନ ଆସନ୍ତା ୧୪ ଫେବୃୟାରୀ ଠାରୁ ୨୪ ଫେବୃୟାରୀ ପର୍ଯ୍ୟନ୍ତ ଚାଲୁରହିବା ରାଉରକେଲାର ଜନସଂଖ୍ୟା ୫ ଲକ୍ଷରୁ ଊର୍ଦ୍ଧ୍ୱ । ବସ୍ତି ଓ ଅଣବସ୍ତି ମିଶି ୧ ଲକ୍ଷ ୩ ହଜାର ୩୨୪ ଘର ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ପରିଦର୍ଶନ କରାଯାଇ ସମସ୍ତ ଜନସାଧାରଣଙ୍କୁ ଚିହ୍ନଟ କରାଯିବ। ଏଥିପାଇଁ ସମୁଦାୟ ୨୨୬ଟି ଦଳ ଗଠନ କରାଯାଇଛି। ଯେଉଁ ଦଳରେ ଆଶା ଓ ଅଙ୍ଗନୱାଡି କର୍ମୀ ସର୍ଚ୍ଚ ଟିମ ହିସାବରେ କାର୍ଯ୍ୟ ସମ୍ପାଦନ କରିବେ । ଏହି କାର୍ଯ୍ୟକ୍ରମରେ ରାଉରକେଲା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ, ବିଜେଡି ଯୁବବାହିନୀ, ଆରଏମସି ପ୍ରୋଜେକ୍ଟ ଅଫିସର ଏବଂ ଏନୟୁଏଚଏମ ପ୍ରୋଗ୍ରାମ ମ୍ୟାନେଜର ନିକୁଞ୍ଜ ରଞ୍ଜନ ପ୍ରତିହାରୀ, ଷ୍ଟେଟ ଏପିଏମ ପ୍ରସାଦ ମହାପାତ୍ର, ଏପିଏମ ସ୍ମିତା ସ୍ୱାଗତିକା ବିଶ୍ୱାଳ ଓ ରାଜେଶ ପଟେଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# 'ବରିଷ୍ଠ ନାଗରିକ ଆତ୍ମସମ୍ମାନ ସହ ବଞ୍ଚିବା ଦରକାର'

ରାଉରକେଲା ଅଫିସ, ୮।୨

ବରିଷ୍ଠ ନାଗରିକ କାହା ଦୟାର ପାତ୍ର ନୁହଁନ୍ତି। ସେମାନଙ୍କର ସମାଜରେ ସ୍ୱାଭିମାନ ସହ ବଞ୍ଚିବାର ଅଧିକାର ରହିଛି। ଆତ୍ମସମ୍ମାନ ସହ ବଞ୍ଚିବାର କଳା ଶିଖିଲେ ସବୁ ଠିକ ହୋଇଯିବ ବୋଲି ଛେଣ୍ଡ କଲୋନୀ ସିନିୟର ସିଟିଜେନ ଆସୋସିଏଶନର ୪ର୍ଥ ବାର୍ଷିକୋତ୍ସବରେ ଯୋଗ ଦେଇଥିବା ବକ୍ତା ଏଭଳି ମତ ପ୍ରକାଶ କରିଛନ୍ତି। ଡ. ମୁନିଲାଲ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ବାସନ୍ତୀ ପାଠାଗାର ସଭାପତି ଇଂ ପ୍ରତାପ ରାୟ ଏଭଳି ମତ ପ୍ରକାଶ କରିଥିଲେ। ସେ କହିଥିଲେ ବରିଷ୍ଠ ନାଗରିକ ଦୈନ୍ୟଦିନ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ଆମେ ଦୃଷ୍ଟି ଦେବା ଆବଶ୍ୟକ। ସରକାରୀ ସ୍ତରରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ସୁବିଧା ସୁଯୋଗ କିପରି ଉପଲବ୍ଧ ହୋଇ ପାରିବ ସେନେଇ ଆଲୋଚନା କରିଥିଲେ। ମଣିଷ ଜୀବନର ୪ଟି ଅବସ୍ଥା ବାଲ୍ୟ, କୈଶୋର, ଯୌବନ ଓ ପରେ ବୃଦ୍ଧାବସ୍ଥା ଆସେ। ପ୍ରତ୍ୟକ କ୍ଷେତ୍ରରେ ସଚେତନତା ଲୋଡା। ସମାଜ, ପରିବାର ଉପରେ ନିର୍ଭର କରୁଥିବା ମଣିଷ ଅବସ୍ଥାର ପୁଙ୍ଖାନୁପୁଙ୍ଖ ତର୍ଜମା ହେବା ଆବଶ୍ୟକ। ବିଶେଷକରି ବୃଦ୍ଧାବସ୍ଥା ନେଇ ଆମକୁ ଅଧିକ ସମ୍ବେଦନଶୀଳ ହେବାକୁ ପଡିବ ବୋଲି ରାୟ କହିଥିଲେ। ଏହି ସମୟରେ ଶରୀରର ଅଧିକ ଯତ୍ନ ନିଆଯିବା ସହ ଆର୍ଥିକ, ମାନସିକ ଓ ଅଧ୍ୟାତ୍ମିକ ଦିଗ ପ୍ରତି ପରିବାର ଓ ସମାଜକୁ ସଚେତନ ହେବାକୁ ପଡିବ। ଏହା ସମ୍ଭବ ହେଲେ ବରିଷ୍ଠ ନାଗରିକଙ୍କ ଜୀବନ ଆନନ୍ଦମୟ ହୋଇ ପାରିବ ବୋଲି ସେ ମତ ପ୍ରକାଶ କେରିଥିଲେ। ସମ୍ମାନିତ ଅତିଥି ସ୍ନେହୀ ମହିଳା ସମିତି ସଭାନେତ୍ରୀ ସବିତା ସାହୁ କହିଥିଲେ ବରିଷ୍ଠ ନାଗରିକଙ୍କ ପାଇଁ ଯଥା ସମ୍ଭବ କଲ୍ୟାଣକାରୀ ଯୋଜନା ପ୍ରଚଳନ କରାଯିବା ଆବଶ୍ୟକ। ଅନ୍ୟତମ ଅତିଥି ଇଂ ନବଘନ ସାହୁ କହିଥିଲେ, ଯୋଗ, ପ୍ରଣାୟମ ବଳରେ ବରିଷ୍ଠ ନାଗରିକ ସୁସ୍ଥ ଜୀବନର ଅଧିକାରୀ ହୋଇ ପାରିବେ। ଡାକ୍ତର ଗୋକୁଳାନନ୍ଦ ସାହୁ କହିଥିଲେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଓ ନସହଯୋଗ ନେଇ ପରିବାର ପକ୍ଷରୁ ଯତ୍ନ ନିଆଯିବା ଆବଶ୍ୟକ । ଅତ୍ୟତମ ଅତିଥି ମହେନ୍ଦ୍ର ସାହୁ ନିଜ ବକ୍ତବ୍ୟରେ କହିଥିଲେ ବରିଷ୍ଟ ନାଗରିକ ହେଉଛନ୍ତି ସମାଜର ଅମୂଲ୍ୟ ସମ୍ପତି। ସେମାନଙ୍କ ଦୁଃଖସୁଖ ପ୍ରତି ସର୍ବଦା ପ୍ରାଥମିକତା ପ୍ରଦାନ କରାଯିବା ଆବଶ୍ୟକ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରିଷ୍ଠ ନାଗରିକ ଏନ.ଏନ ପଣ୍ଡାଙ୍କୁ ତୁଷାରକାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇ ଥିଲା। ଆସୋସିଏଶନ ସାଧାରଣ ସମ୍ପାଦକ ଗିରିଜା ଗୋସ୍ୱାମୀ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସନ୍ତୋଷ ସେନାପତି, ପ୍ରଭାକର ସାହୁ, ଗଜେନ୍ଦ୍ର ସାହାଣୀ, ବାସୁଦେବ ପାତ୍ର, ଦେବେନ୍ଦ୍ର ପାଣିଗ୍ରାହୀ, ହରେକୃଷ୍ଣ ପାଢି, ଗଜେନ୍ଦ୍ର ବାରିକ, ଜି.କେ ରାୟ, ଭଗବାନ ସତପଥି, ଆରଏନ ସାହୁ, ହରିହର ନାୟକ, ପିଏନ ପ୍ରସାଦ, ଏମସି ରଥ, ଜେଏମ କର, ମାଥିଆସ ଲାକ୍ରା ଓ ଶକ୍ତିଧର ପତି ପ୍ରମୁଖ ଉପସ୍ଥିତ ଥିଲେ।



ସିନିୟର ସିଟିଜେନ ଆସୋସିଏଶନର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।